# ମାଟିରୁ ଆକାଶ

ଡକ୍ଟର ସୁବାସିନୀ ଲେଙ୍କା


**ମାଟିରୁ ଆକାଶ**

*ଲେଖିକା*

**ଡକ୍ଟର ସୁବାସିନୀ ଲେଙ୍କା**

ସ୍ୱାତୀ ଭବନ, ଷ୍ଟେସନ ବଜାର, କଟକ - ୭୫୩୦୦୩

ଫୋନ୍ : ୦୬୭୧ - ୨୫୪୭୫୨୩

*ପ୍ରକାଶକ* : **ସତ୍ୟବ୍ରତ ପ୍ରକାଶନୀ**
**ଟାଉନ ହଲ୍ ରୋଡ୍, କଟକ - ୭୫୩୦୦୯**

*ପ୍ରକାଶ କାଳ* : **ଅକ୍ଷୟ ତୃତୀୟା, ୨୦୧୧**

*ପ୍ରଚ୍ଛଦ* : **ଶ୍ରୀ ବିଜୟ ପ୍ରଧାନ**

*ମୁଦ୍ରଣ* : **ସତ୍ୟବ୍ରତ ଅଫ୍‌ସେଟ୍**
ଟାଉନ ହଲ୍ ରୋଡ୍, କଟକ - ୭୫୩୦୦୯

*ମୂଲ୍ୟ* : **୧୧୦ ଟଙ୍କା ମାତ୍ର**

**MATIRU AKASH**

*Writer :*
**Dr. Subasini Lenka**
Swati Bhawan
Station Bazar, Cuttack - 753003
Phone : 0671 - 2547523

*Publisher :*
**Satyabrata Prakasani**
Town Hall Road, Cuttack - 753009

*First Edition :*
**Akshaya Trutiya, 2011**

*Artist :*
**Bijay Pradhan**

*Printed at :*
**Satyabrata Offset**
Town Hall Road, Cuttack - 753009

Price : **Rs. 110.00**

# ଅଗ୍ରଲେଖ

## ମାଟିରୁ ଆକାଶ :
## ମମତା ଓ ଅନୁସନ୍ଧିତ୍ସାର ମର୍ମଲିପି

ମଣିଷ ଏଇ ମାଟିରେ ଜନ୍ମ ନିଏ, ବଡ଼ ହୁଏ, ଜ୍ଞାନୀ ହୁଏ, ବିଜ୍ଞାନୀ ହୁଏ। ଆକାଶରେ ଉଡ଼େ। ଦେଶ ବିଦେଶ ଭ୍ରମଣ କରେ। କେତେ କେତେ ଅନୁଭୂତି ଅର୍ଜନ କରେ। ତନ୍ମୟ ହୁଏ। ଆତ୍ମବିଭୋର ହୁଏ। ଅନେକ ଭୁଲିଯାଆନ୍ତି ଅନୁଭୂତିକୁ। ଅଳ୍ପ କିଛି ନିଜର ମାନସପଟରେ ସାଇତି ରଖନ୍ତି। ନିରୋଳା ମୁହୂର୍ତ୍ତରେ ସେସବୁ ଦୃଶ୍ୟ ଫୁଟି ଉଠେ। ସେତେବେଳେ ସେ ଧ୍ୟାନ ଗମ୍ଭୀର ହୋଇ ବସିଯାଏ। ସେହିସବୁ ଅନୁଭୂତିକୁ ସେ ରୂପ ଦେଇ ବସେ କାଗଜ କଲମରେ। ତାହା ହୁଏ ଭ୍ରମଣ କାହାଣୀ। କିଏ କହେ ଭ୍ରମଣ ବୃତ୍ତାନ୍ତ, କିଏ କହେ ଭ୍ରମଣ ଚରିତ। କିଏ ମଧ୍ୟ କହେ ଭ୍ରମଣ ସାହିତ୍ୟ, ଆଉ କିଏ କହେ ପର୍ଯ୍ୟଟନ ସାହିତ୍ୟ। କିନ୍ତୁ ଏପରି ରଚନା ଭିତରେ ଥାଏ କେତେ କେତେ କାହାଣୀ। ତାହା କଳ୍ପନା ନୁହେଁ; ବାସ୍ତବ, ଅନୁଭବସିଦ୍ଧ ଜୀବନ୍ତ କାହାଣୀ। କେତେ ଜଣା ଓ ଅଜଣା ଚରିତ୍ରମାନେ ଆସି ଯାଆନ୍ତି, ଯେଉଁମାନଙ୍କ ସହିତ ସେ ମିଶିଥାଏ, ବୁଲିଥାଏ। ପୁଣି ଆସିଯାଏ କେତେ କେତେ ସ୍ଥାନ, କେତେ କେତେ ଅନୁଷ୍ଠାନ, କେତେ କେତେ ଧର୍ମପୀଠ, କେତେ ନଦୀ, ହ୍ରଦ, ପାହାଡ଼ ପର୍ବତ। ସର୍ବୋପରି ଆସିଯାଏ ନାନା ଦେଶ, ନାନା ସ୍ଥାନ ଲୋକ ଚରିତ୍ର। ଲେଖକଙ୍କ ରୁଚି, ମାର୍ଗ ଓ ଚିନ୍ତନକୁ ନେଇ ତାହା ଭିନ୍ନ ଭିନ୍ନ ରୂପ ପରିଗ୍ରହଣ କରେ। ଯିଏ କବି ବା ସାହିତ୍ୟିକ ସିଏ ବିଶେଷ ଭାବରେ ଦେଖେ ଭ୍ରମଣ କରୁଥିବା ଦେଶର ବା ସ୍ଥାନର କଳା, ସାହିତ୍ୟ, ସଂସ୍କୃତିକୁ। ଯିଏ ଐତିହାସିକ, ସିଏ ଦେଖେ ସେହି ସେହି ସ୍ଥାନର ଇତିହାସକୁ, ପ୍ରତ୍ନତତ୍ତ୍ୱକୁ। ଯିଏ ରାଜନୀତିକ ବ୍ୟକ୍ତି, ସିଏ ଗୁରୁତ୍ୱ ଦିଏ ରାଜନୀତିକ ପରିସ୍ଥିତିକୁ। ଯିଏ ଶିକ୍ଷକ, ସେ ଦେଖେ



ଶିକ୍ଷାକୁ। ଡ. ସୁବାସିନୀ ଲେଙ୍କା ଜଣେ ବିଜ୍ଞାନୀ। ରସାୟନବିତ୍ ସେ। ନିରଳସ ଗବେଷଣା ତାଙ୍କ ସ୍ୱଧର୍ମ। ବୃତ୍ତିରେ ସେ ବିଜ୍ଞାନୀ। ପ୍ରବୃତ୍ତିରେ ଆଧ୍ୟାତ୍ମିକତାବାଦୀ। ବିଜ୍ଞାନ ଓ ଆଧ୍ୟାତ୍ମିକତା ତାଙ୍କ ଭିତରେ ବିରୋଧ ସୃଷ୍ଟି କରିବା ନାହିଁ। ବରଂ ଏହି ଦୁଇଟି ଗୋଟିଏ ଭାବ ବିନ୍ଦୁରେ ମିଳିଯାଇଛି। ଆଧ୍ୟାତ୍ମିକତା ତାଙ୍କୁ ବିନୀତ କରିଛି, ନମ୍ର କରିଛି, ଜାତି ବର୍ଣ୍ଣ ଧର୍ମ ନିର୍ବିଶେଷରେ ସମସ୍ତଙ୍କୁ ଭଲ ପାଇବାକୁ ଶିଖାଇଛି। ଦେଶ ଓ ବିଦେଶ ତେଣୁ ତାଙ୍କ ଭିତରେ ହୋଇଯାଇଛି ଏକାତ୍ମ। ତାଙ୍କ ଭ୍ରମଣ କାହାଣୀ ତେଣୁ ହୋଇଯାଇଛି ତାଙ୍କ ଆତ୍ମ ଚରିତର ଖଣ୍ଡ ଖଣ୍ଡ କାହାଣୀର ମନ୍ମୟ ସମାହାର।

ଓଡ଼ିଆ ସାହିତ୍ୟରେ ଭ୍ରମଣ କାହାଣୀ ଊନବିଂଶ ଶତାବ୍ଦୀର ଶେଷ ଭାଗରୁ ଆରମ୍ଭ ହୋଇଛି। ବିଂଶ ଶତାବ୍ଦୀର ପ୍ରଥମାର୍ଦ୍ଧରେ ଉଚ୍ଚଶିକ୍ଷା ପାଇଁ ତଥା କାର୍ଯ୍ୟ ଉପଲକ୍ଷେ କିଛି ବ୍ୟକ୍ତି ବିଦେଶ ଯାଇଛନ୍ତି। ସେମାନେ ଲେଖିଛନ୍ତି ଭ୍ରମଣ କାହାଣୀ। କେତେ ମଧ୍ୟ ଭାରତବର୍ଷର ନାନା ସ୍ଥାନ ଭ୍ରମଣ କରି ଲେଖିଛନ୍ତି ଭ୍ରମଣ ଚରିତ। ସ୍ୱାଧୀନତା ଲାଭ ପରଠାରୁ ବହୁ ବ୍ୟକ୍ତି ବିଦେଶ ଯାଇଛନ୍ତି। ସେମାନଙ୍କ ମଧ୍ୟରୁ କେତେଜଣ ଲେଖିଛନ୍ତି ଭ୍ରମଣ କାହାଣୀ। ଭ୍ରମଣ କାହାଣୀ ନିରସ ତଥ୍ୟର ବର୍ଣ୍ଣନା ହୋଇଗଲେ ତାହା ସାହିତ୍ୟ କୋଟୀକୁ ସ୍ପର୍ଶ କରିପାରେ ନାହିଁ। ତଥ୍ୟ ସହିତ ମନ ମଧ୍ୟ ମିଶିଗଲେ ତାହା ରସବନ୍ତ ହୁଏ, ପ୍ରାଣବନ୍ତ ହୁଏ। ପାଠକ ତାକୁ ପଢ଼ିଲା ବେଳେ ତା'ର ମନେ ହୁଏ ସତେ ଯେମିତି ସେ ତା'ର କଳ୍ପନା ନେତ୍ରରେ ଦେଖୁଛି ନାନା ଦୃଶ୍ୟ, ନାନା ଘଟଣା ଓ ନାନା ଚରିତ୍ର। ଗଲି ଅଇଲି ଯାହା ଦେଖିଲି ତାହା ଲେଖିଲି – ଏହି ନ୍ୟାୟରେ ସେ ଲେଖେ ନାହିଁ। ସେ ଲେଖେ ପ୍ରାଣର ପ୍ରେରଣାରେ। କଳ୍ପନା ରସରେ ତାକୁ ରସସିକ୍ତ କରେ। ସତ୍ୟକୁ କିନ୍ତୁ ଲଂଘନ କରେ ନାହିଁ। ଡକ୍ଟର ଲେଙ୍କା ତାହାହିଁ କରିଛନ୍ତି। ପ୍ରଥମ ଭାଗରେ ଅଛି ଭାରତ ଭ୍ରମଣର କାହାଣୀ। ହିମାଳୟଠାରୁ କୁମାରିକା ପର୍ଯ୍ୟନ୍ତ, ଦ୍ୱାରକାଠାରୁ ପୁରୀ ପର୍ଯ୍ୟନ୍ତ ନାନା ସ୍ଥାନ, ନାନା ଲୋକଚରିତ୍ର, ନାନା ପ୍ରାକୃତିକ ଦୃଶ୍ୟ ଫୁଟି ଉଠିଛି ଏହି ଭାଗରେ। ଦ୍ୱିତୀୟ ଭାଗ ବିଦେଶ ସମ୍ପର୍କରେ। ଆମେରିକାଠାରୁ ଇଂଲଣ୍ଡ, ଫ୍ରାନ୍‌ସ, ଜର୍ମାନ, ଜାପାନ ଆଦି ନାନା ଦେଶର ବେଶ୍ ମର୍ମସ୍ପର୍ଶୀ ଅନୁଭୂତି ଏହି ଭାଗରେ ବର୍ଣ୍ଣିତ।

ଡକ୍ଟର ଲେଙ୍କା କହନ୍ତି – 'ଘଟଣା ଦୁର୍ଘଟଣାକୁ ନେଇ ସମୟ ଆଗେଇ ଚାଲେ ତା' ରାସ୍ତାରେ। ସମୟ ସହିତ ଯୁଦ୍ଧ କରି ମାନସିକ ସ୍ଥିତାବସ୍ଥା ବଜାୟ ରଖିବାକୁ ଚାହେଁ ମଣିଷ। ସେଥିପାଇଁ ସେ ଖୋଜେ କେତେ ବାଟ। ସହଜରେ ଅବାଟ ତ ମିଳେ ଅନେକ, ହେଲେ ଠିକ୍ ବାଟ ପାଇବା କଷ୍ଟକର। ସେଥିପାଇଁ ସ୍ୱପ୍ନ ଦେଖିବାକୁ ପଡ଼େ।' ଡକ୍ଟର ଲେଙ୍କା ସ୍ୱପ୍ନ ଦେଖିଛନ୍ତି ଦୁନିଆକୁ ଦେଖିବା ପାଇଁ। ଅଥଚ ପାରିବାରିକ ଓ ସାଂସାରିକ ଜଂଜାଳ ଭିତରେ ସ୍ୱପ୍ନକୁ ସାକାର କରିବା ପାଇଁ ବିବ୍ରତ ହୋଇଛନ୍ତି। ତାଙ୍କୁ ମିଳିଯାଇଛି ଜଣେ ଉଦାର ହୃଦୟ ସ୍ୱାମୀ। ତାଙ୍କର ପ୍ରେରଣା ତାଙ୍କୁ ଆଗେଇ ନେଇଛି। ତାଙ୍କ ଭିତରେ ଥିବା ପାରିବାରିକ ଐତିହ୍ୟର ସଂସ୍କାର, ପିତାମାତା, ଜେଜେ ବାପା, ଜେଜେ ମା', ଶିକ୍ଷକ, କଲେଜ ଓ ବିଶ୍ୱବିଦ୍ୟାଳୟର ପ୍ରଫେସର, ମାର୍ଗ ନିର୍ଦ୍ଦେଶକ, ବନ୍ଧୁବାନ୍ଧବ ସମସ୍ତଙ୍କର ସ୍ନେହଶ୍ରଦ୍ଧା ଓ ପ୍ରେରଣା ତାଙ୍କୁ ଆଗେଇ ନେଇଛି ଲକ୍ଷ୍ୟ ପଥରେ। ତାଙ୍କର ଅଭିବ୍ୟକ୍ତି – 'ସର୍ବଦା ମନକୁ ଭାରାକ୍ରାନ୍ତ କରିବା ହେଉଛି ଅଭିଶପ୍ତ ଜୀବନର ପରିଚୟ। ବେଳେ ବେଳେ ତିକ୍ତତା ଭିତରୁ ବାହାରି ଆସି ଦୁନିଆର ରଙ୍ଗ ବେରଙ୍ଗ ରୂପ ଉପରେ ଟିକିଏ ଆଖି ପକାଇବା ହେଉଛି ବୁଦ୍ଧିମାନର କାମ। ଏଥିରେ ହୁଏ ମାନସିକ ତଥା ଶାରୀରିକ ଅଭିବୃଦ୍ଧି। ନିଜ ଦୁଆର ବନ୍ଧ ସେପଟରେ କି ସୁନ୍ଦର ପୃଥିବୀ ଅଛି, ତା' ଉପରେ ଟିକିଏ ଆଖି ବୁଲାଇ ଆଣିଲେ ମିଳିଥାଏ ଆତ୍ମତୃପ୍ତି। ଏହାର ସ୍ୱାଦ, ଯିଏ ନଚାଖିଛି ସେ ସଂସାର ମଧ୍ୟରେ ପେଷି ହୋଇଯାଏ। ଏହି କାରଣରୁ ଦେଶ ବିଦେଶକୁ ଯାଇ ନିଜର ମାନସିକ ଶକ୍ତିକୁ ପ୍ରସାରିତ କରିପାରିଲେ ମଣିଷ ଜୀବନକୁ ତଥା ଲୋକଚରିତ୍ରକୁ ଅନୁଧ୍ୟାନ କରିବାର ସୁଯୋଗ ପାଏ। ଡକ୍ଟର ଲେଙ୍କା ଈଶ୍ୱରପ୍ରେମୀ। ତେଣୁ ସେ ବୈଜ୍ଞାନିକ ଗବେଷଣାକୁ ଗୁରୁତ୍ୱ ଦେଇଥିଲେ ମଧ୍ୟ ଈଶ୍ୱର ବିଶ୍ୱାସକୁ ଜୀବନର ଆଧାର କରିନେଇଛନ୍ତି। ସେ ଈଶ୍ୱରଙ୍କୁ ଖୋଜିଛନ୍ତି ମନ୍ଦିରରେ, ଗୀର୍ଜାରେ, ମସ୍ଜିଦରେ। ସାରା ଦୁନିଆର ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଦେଖିଛନ୍ତି। ଏସବୁ ଅନୁଭୂତିକୁ ସେ ଜୀବନ୍ତ ଭାବରେ ଫୁଟାଇଛନ୍ତି। ଏଥିରେ ମାଟି ଓ ଆକାଶ ଯେପରି ହୋଇଯାଇଛି ଯୁଗଳ ବିଗ୍ରହ।

ନିଜ ଦେଶ ଭାରତରେ ନାନା ସ୍ଥାନ ବୁଲିଛନ୍ତି। ପୁରୀର ଜଗନ୍ନାଥ ମନ୍ଦିର ଓ ସ୍ୱୟଂ ଜଗନ୍ନାଥ ତାଙ୍କୁ ଭକ୍ତି ବିଭୋର କରିଛି। ଜଗନ୍ନାଥଙ୍କ ଭିତର ଦେଇ ସେ



ଉପଲବ୍ଧି କରିଛନ୍ତି ଓଡ଼ିଆ ଜାତିର ଆଇଡେଣ୍ଟି। ପୁରୀର ଲୋକନାଥ ମନ୍ଦିର, ଶଙ୍କରାଚାର୍ଯ୍ୟଙ୍କ ପ୍ରତିଷ୍ଠିତ ଗୋବର୍ଦ୍ଧନ ମଠ, ସମୁଦ୍ର ବେଳାଭୂମି, କୋଣାର୍କ ମନ୍ଦିର, ଧଉଳିଗିରିର ବୌଦ୍ଧ ସ୍ତୁପ, ଖଣ୍ଡଗିରିର ଜୈନ ଗୁମ୍ଫା, ରତ୍ନଗିରି, ଉଦୟଗିରି, ଲଳିତଗିରି, କାକଟପୁର ମଙ୍ଗଳା, ରାଜକନିକାର ଅଭୟାରଣ୍ୟ, ଜୟଦେବଙ୍କ ଜନ୍ମସ୍ଥାନ କେନ୍ଦୁବିଲ୍ୱ ଇତ୍ୟାଦି ସହିତ ଭାରତବର୍ଷର ବୈଷ୍ଣବ ଦେବୀ, ବଦ୍ରୀନାଥ, ଋଷୀକେଶ, ହରିଦ୍ୱାର, ମସୌରୀ, ଡେରାଡୁନ, ଆଜମୀରର ପୁଷ୍କର ତୀର୍ଥ, ଦ୍ୱାରକା, ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ, ଯୋଶୀମଠ, ରାମେଶ୍ୱର, ଉଟି, କନ୍ୟାକୁମାରୀ, ପଣ୍ଡିଚେରୀ, କାଞ୍ଚିପୁରମ୍, ପ୍ରଶାନ୍ତିନିଳୟ, ପ୍ରଭାସ ତୀର୍ଥ, ମାଉଣ୍ଟ ଆବୁ, ଅକ୍ଷରଧାମ, ସୋମନାଥ, ଶିରିଡ଼ି ସାଇ, ନାସିକ, ବନାରସ, ଅଯୋଧ୍ୟା, ଆହ୍ଲାବାଦ, ଚିତ୍ରକୂଟ, ସୀମାଚଳ, ସ୍ୱର୍ଣ୍ଣମନ୍ଦିର, ସିମଲା, ବୈଦ୍ୟନାଥ, ଠାକୁର ଅନୁକୂଳଚନ୍ଦ୍ର ଆଶ୍ରମ, ଉଜ୍ଜୟିନୀ, ମହାକାଳେଶ୍ୱର, ଓଁକାରେଶ୍ୱର, ଗୌହାଟୀ, ଶିଲଂ, ଡିଗବୋଇ ଆଦି ସହିତ ବିଭିନ୍ନ ପ୍ରଦେଶର ନାନା ଦର୍ଶନୀୟ ସ୍ଥାନ ସେ ଭ୍ରମଣ କରି ଯେଉଁ ଅନୁଭୂତି ଲାଭ କରିଛନ୍ତି ତାହାକୁ ବର୍ଣ୍ଣନା କରି ଆପଣାର ଦର୍ଶନେଚ୍ଛା ଓ ଭ୍ରମଣେଚ୍ଛାକୁ ପୂର୍ଣ୍ଣ କରିଛନ୍ତି।

ଏହାପରେ ଜାପାନ ଯାଇଛନ୍ତି ଗବେଷଣା କରିବା ପାଇଁ। ସେଠାରେ ସେ ଜାପାନର ନାନା ସ୍ଥାନକୁ ଯାଇ ଜାପାନୀ ବିଦ୍ୱାନ, ବିଜ୍ଞାନୀ ଓ ସାଧାରଣ ଲୋକଙ୍କ ସହିତ ମିଶି ସେମାନଙ୍କର ମହାନୁଭବତାର ପରିଚୟ ପାଇଛନ୍ତି। ସର୍ବତ୍ର ସେ ଈଶ୍ୱରଙ୍କ ଅଦୃଶ୍ୟ ଆଶୀର୍ବାଦ ଲାଭ କରିଛନ୍ତି। ସେଠିକାର ଐତିହାସିକ ବୌଦ୍ଧ କୀର୍ତ୍ତି ଦେଖି ବିମୋହିତ ହୋଇଛନ୍ତି। ସେ ପୁଣି ଆମେରିକା ଯାଇଛନ୍ତି ବିଜ୍ଞାନ ସମ୍ପର୍କିତ ଏକ ଆନ୍ତର୍ଜାତିକ ସେମିନାରରେ ଭାଗ ନେବା ପାଇଁ। ଆମେରିକାରେ ମଧ୍ୟ ସେ ପାଇଛନ୍ତି ଭବ୍ୟ ସମ୍ବର୍ଦ୍ଧନା। ସେଠି ମଧ୍ୟ ସେ ଭୁଲି ନାହାନ୍ତି ଈଶ୍ୱରଙ୍କୁ। ଆମେରିକାର ନାନା ସ୍ଥାନ ଦେଖିଛନ୍ତି। କେତେ ଭାରତୀୟ ତଥା ଓଡ଼ିଶାର ବନ୍ଧୁମାନଙ୍କ ସାନ୍ନିଧ୍ୟ ଲାଭ କରିଛନ୍ତି। ଆମେରିକାର ବିଦ୍ୱାନମାନଙ୍କର ଶ୍ରଦ୍ଧା ଅନୁଭବ କରିଛନ୍ତି। ସେ ପୁଣି ଫ୍ରାନ୍ସ ଓ ଇଂଲଣ୍ଡ ଯାଇଛନ୍ତି। ନେପାଳର କାଠମାଣ୍ଡୁ ଯାଇଛନ୍ତି। ୟୁରୋପ ଓ ଏସିଆର ନାନା ଦେଶକୁ ଯାଇଛନ୍ତି। ଇଟାଲୀର ରୋମ ସହର ତାଙ୍କୁ ଦେଇଛି ଗଭୀର ଆନନ୍ଦ। ସମଗ୍ର ପୃଥିବୀ ପରିକ୍ରମା କରିସାରିଲାପରେ ମଧ୍ୟ ତାଙ୍କର

ଭ୍ରମଣରେ ତୃପ୍ତି ଆସିଲା ନାହିଁ। ଅବସର ପରେ ତାଙ୍କ ସ୍ୱାମୀ ଓ ବନ୍ଧୁମାନଙ୍କ ସହିତ ପୁନଶ୍ଚ ଭାରତ ଭ୍ରମଣରେ ଯାଇଛନ୍ତି। ଏଥର ମଧ୍ୟ ଦେଖିଛନ୍ତି ନାନା ତୀର୍ଥ ସ୍ଥାନ ଓ ଦର୍ଶନୀୟ ସ୍ଥାନ।

ଦୀର୍ଘ ଭ୍ରମଣ କାଳର ଅନୁଭୂତିକୁ ନେଇ ସେ ରଚନା କରିଛନ୍ତି 'ମାଟିରୁ ଆକାଶ'। ଏହା ତାଙ୍କ ମନ ଓ ହୃଦୟର ସରଳ ପରିପ୍ରକାଶ। ଏହା ଅକୃତ୍ରିମ। କେଉଁଠି ନିଜକୁ ପ୍ରଚାର କରିବାର ମନୋଭାବ ନାହିଁ। ବିଭିନ୍ନ ସ୍ଥାନର ବର୍ଣ୍ଣନା ଯଥାସମ୍ଭବ ସଂକ୍ଷିପ୍ତ ହୋଇଥିଲେ ମଧ୍ୟ ଏହି ପୁସ୍ତକଟି ସମଗ୍ର ପୃଥିବୀ ସମ୍ପର୍କରେ ପାଠକମାନଙ୍କୁ ଏକ ସ୍ଥୂଳ ଜ୍ଞାନ ଦେଇପାରିବ ବୋଲି ମୋର ଆଶା ଓ ବିଶ୍ୱାସ। ବିଶେଷତଃ ଜଣେ ବିଜ୍ଞାନୀଙ୍କ ପକ୍ଷରେ ଈଶ୍ୱର ବିଶ୍ୱାସ ଯେ କେତେ ମହତ୍ତ୍ୱପୂର୍ଣ୍ଣ ତାହା ମଧ୍ୟ ସୂଚିତ ହୋଇଛି ନାନା ପ୍ରସଙ୍ଗରେ। ଏହି ପୁସ୍ତକର ବହୁଳ ପ୍ରସାର କାମନା କରୁଛି ଓ ଡକ୍ଟର ଲେଙ୍କା ଯେ ଆହୁରି କିଛି ଲେଖି ଓଡ଼ିଆ ସାରସ୍ୱତ ଭଣ୍ଡାରକୁ ଋଦ୍ଧିମନ୍ତ କରିବେ, ଏହି ଆଶା ରଖି ରହୁଛି।

**ବୈଷ୍ଣବ ଚରଣ ସାମଲ**
ଅବସରପ୍ରାପ୍ତ ପ୍ରଫେସର, ବିଶ୍ୱଭାରତୀ
ଶାନ୍ତିନିକେତନ



# ପ୍ରାକ୍ କଥନ

ଦୁନିଆକୁ ଦେଖିଥିଲି କେଉଁ ଏକ ମାଟି କାନ୍ଥ ଲେସା ଅନ୍ଧାରିଆ ନିଭୃତ କୋଠରିରେ। ଏକମାତ୍ର ଅଲିଅଳି ଝିଅ ହୋଇ ବାପା ଦାଦାଙ୍କ କୋଳରେ କଟାଇଥିଲି ଶୈଶବ। କିଶୋରୀ ମନ ମୋର ବୁଝି ନଥିଲା ଏ ଦୁନିଆଟା ଏତେ ବଡ଼। ଅନେକ ଦେବାକୁ ଅଛି ଏ ଦୁନିଆକୁ - ମିଳିବବି ଅନେକ ଏଠାରୁ। ଗାଁର ଗ୍ରାମଦେବତୀ ମା' ପରମ ବୈଷ୍ଣବୀ ଓ ଦୁଆର ମୁହଁରେ ବୃନ୍ଦାବତୀ ହିଁ ଥିଲେ ମୋର ଆରାଧ୍ୟ ଦେବୀ। ଓଷାବାରରେ ପୂଜା କରୁଥିଲି ମନ ଦେଇ, କିନ୍ତୁ ମାଗୁନଥିଲି କିଛି। ବୋଉଠୁ ଶିଖୁଥିଲି ଘରର ସଣ୍ଟୁଣା। ପାଚିଲା ଧାନକ୍ଷେତ, ବୁଡ଼ିଯାଉଥିବା ସୂର୍ଯ୍ୟ ମୋତେ ବେଳେ ବେଳେ ପ୍ରକୃତି ଆଡ଼କୁ ଟାଣି ନେଉଥିଲେ। କିଶୋରୀ ଅବସ୍ଥାରେ ଏସବୁର ବର୍ଣ୍ଣନା ମୋର ଥିଲା ରଚନା ଖାତାରେ। ମନଦେଇ ପାଠ ପଢ଼ିବାକୁ ମୋ ବାପାଙ୍କର ଥିଲା ପ୍ରେରଣା। ପାଠ ପଢ଼ିଲେ କ'ଣ ହୋଇପାରିବି ସେ ସବୁର ସ୍ୱପ୍ନ ମୁଁ ଦେଖୁନଥିଲି। ଗାଁର ନିଛାଟିଆ ରାସ୍ତାରେ ଏତେବାଟ ଯାଇ ପାଠପଢ଼ାର ସପକ୍ଷରେ ନଥିଲା ମୋ ବୋଉ। ବାପା ଓ ଜେଜେମା'ଙ୍କ ପ୍ରେରଣା, ଦାଦା ଖୁଡ଼ୀଙ୍କର ଶ୍ରଦ୍ଧା ପାଠ ପଢ଼ାର ବାଟକୁ ସଫା କରି କରି ଯାଇଥିଲା। ଅନେକ ଜିନିଷ ଜାଣିବା, ଶିଖିବା ଓ କହିବା ପାଇଁ ମନମୋର ବଳିଥିଲା କିଶୋରୀ ଅବସ୍ଥାରୁ। କର୍ତ୍ତବ୍ୟ ପଥରେ ଠିକ୍ କରି ଚାଲିବା ମୁଁ ଶିଖିଥିଲି ପିଲାଦିନରୁ। ସୌଖୀନ୍ ଜୀବନ ଯାପନ କରିବାର ସ୍ୱାଦ ମୁଁ ଚାଖିନଥିଲି। କେବଳ ପାଠ ପଢ଼ାଥିଲା ମୋ ଜୀବନର ଏକମାତ୍ର କର୍ତ୍ତବ୍ୟ।

କୌଣସିମତେ ବାହାରି ଆସିଲି ଉଚ୍ଚପାଠ ପଢ଼ାର ହଁ ନାହିଁ ଦୁନିଆରୁ। କଲେଜରେ ପାଦ ଦେଲି ସତ କିନ୍ତୁ ପ୍ରେରଣା ପାଇଲିନି ଶୁଭେଚ୍ଛୁଙ୍କଠାରୁ। ପାଠ

ପଢ଼ାର ଉଦ୍ଦୀପନା ଥମି ଥମି ଆସିଲାଭଳି ଲାଗିଲା । ହଠାତ୍ ମୋ ଜୀବନ ପଥ ଟିକିଏ ଆଲୋକିତ ହୋଇ ଉଠିଲା ମୋର ଶୁଭେଚ୍ଛୁ ତଥା କଲେଜ ଅଧ୍ୟାପିକା ଡକ୍ଟର ବି.ଭି. ଅଳକାଙ୍କ ଦ୍ୱାରା ଏବଂ ଲିଭି ଲିଭି ଆସୁଥିବା ମୋ ଜୀବନ ଦୀପିକା ପ୍ରଜ୍ୱଳିତ ହୋଇଥିଲା ମୋ ପୂଜ୍ୟ ଗୁରୁ ପ୍ରଫେସର ଡକ୍ଟର ପଦ୍ମଲୋଚନ ନାୟକଙ୍କ ଦ୍ୱାରା । ସେ ଥିଲେ ମୋର ଶୁଭେଚ୍ଛୁ, ଏବଂ ପ୍ରତ୍ୟେକ କ୍ଷେତ୍ରରେ ପାଦେ ପାଦେ ମୋର ଗାଇଡ଼ । ଠିକ୍ ରାସ୍ତାରେ ସେ ଆଗେଇ ନେଲେ ମୋତେ । ଦୁନିଆର କୌଣସି ଜିନିଷ ମୋତେ ଆକର୍ଷିତ କରିପାରିଲାନି । ବହୁତ ପଢ଼ିଲି, ଭଲ କଲେଜରେ ଚାକିରି କଲି, ଉନ୍ନତମାନର ଗବେଷଣା କଲି, ଅନେକ ପ୍ରବନ୍ଧ ଓ ସମୀକ୍ଷା ଛପାଇଲି ଦେଶରେ ଓ ବିଦେଶରେ । ଉଚ୍ଚମାନର ଗବେଷଣା କରିବା ପାଇଁ ଜାପାନ ଓ ଆମେରିକା ଯିବାର ସୁଯୋଗ ପାଇଲି । ଜ୍ଞାନ ଆହରଣ କଲି ସେ ଦେଶରେ - କିଛି ବିତରଣ ମଧ୍ୟ କଲି ସେଠାରେ । କେଉଁଠୁ ଆସି କେଉଁଠି ପହଞ୍ଚିଗଲି ବୋଲି ମନରେ ଆସିନି ଗର୍ବ କି ଅହଙ୍କାର । ସବୁ ସେ ପରମେଶ୍ୱରଙ୍କ କୃପା ଓ ଇଚ୍ଛା ବୋଲି ଧରି ନେଇଛି ଜୀବନରେ ।

ପିଲାଦିନରୁ ଦିଅଁ ଦେବତାଙ୍କ ଉପାସକ ଥିଲି ମୁଁ । ଅଳ୍ପ ହେଲେ ବି ମନଦେଇ ପୂଜିବା ଥିଲା ମୋର ବ୍ରତ । ସଂସାରୀ ହୋଇଗଲା ପରେ ବିଭିନ୍ନ ସ୍ଥାନର ଦେବାଦେବୀଙ୍କୁ ଦର୍ଶନ କରିବାର ଯଥେଷ୍ଟ ସୁଯୋଗ ମୋତେ ମିଳି ନଥିଲା । ପ୍ରକୃତି କୋଳରେ ମୁଣ୍ଡ ଟିକିଏ ଗୁଞ୍ଜି ଦେବା ପାଇଁ ମନଟା ମୋର ଛଟପଟ ହୋଇ ଯାଉଥିଲା । ବିଦେଶରେ ବୁଲିଥିଲି ଅନେକ ସ୍ଥାନରେ । ଏକା ଏକା ଦର୍ଶନୀୟ ସ୍ଥାନ ଦେଖିହୁଏ କିନ୍ତୁ ଉପଭୋଗ କରି ହୁଏନି । ସମୟର ଚକ ଘୂରି ଚାଲିଲା । ସେହି ଚକରେ ବସି ମୁଁ ବି ଘୂରିଲି । ଘୂରୁ ଘୂରୁ ସମ୍ପର୍କରେ ଆସିଲି ମୋ ଶିକ୍ଷକ ଡକ୍ଟର ପ୍ରଭାତ କୁମାର ମିଶ୍ର ଓ ତାଙ୍କ ସହଧର୍ମିଣୀ ଡଲିନାନୀଙ୍କ ସହିତ । ବିଭିନ୍ନ ସ୍ଥାନରେ ବୁଲିବା ଓ ଦେବାଦେବୀ ଦର୍ଶନ କରିବାର ରୁଚି ତାଙ୍କର ଉନ୍ନତ । ଚାକିରିରୁ ଅବସର ନେଲାପରେ ମୋ ସ୍ୱାମୀ ଇଞ୍ଜିନିୟର ଧୀରେନ୍ଦ୍ର କୁମାର ବିଶ୍ୱାଳ ମୋ ସହିତ ସାମିଲ ହେଲେ । ଉପଯୁକ୍ତ ପାଣି ପବନ, ସୂର୍ଯ୍ୟକିରଣରେ ସୁର୍‌ଖୁର୍‌ରେ ମଞ୍ଜିରୁ ଗଜା ସୃଷ୍ଟି ହେଲାଭଳି ଏମାନଙ୍କ ସହଯୋଗରେ ମୋ ମନରେ ଥିବା



ଭ୍ରମଣ କରିବାର ନିଶା ତୀବ୍ରରୁ ତୀବ୍ରତର ହେଲା । ଦେଶ ବିଦେଶରେ ବୁଲିବାରେ ଓ ଦେବାଦେବୀ ଦର୍ଶନରେ ମୁଁ ପାଇଲି ପ୍ରଚୁର ଆନନ୍ଦ । ଜୀବନକୁ ଉପଭୋଗ କରିବାର ସୁନ୍ଦର ରାସ୍ତାଟିଏ ମିଳିଗଲା ।

ମୋ ପିଲାମାନଙ୍କଠାରୁ ଆରମ୍ଭ କରି ଶୁଭେଚ୍ଛୁମାନଙ୍କ ପର୍ଯ୍ୟନ୍ତ ସମସ୍ତଙ୍କର ଇଚ୍ଛା ଥିଲା ଭ୍ରମଣ କାହାଣୀଟିଏ ମୁଁ ଲେଖେ । କିଛି ସମୟ ପାଇଁ ଶାରୀରିକ ଓ ପାରିବାରିକ ଅସୁସ୍ଥତା ମୋ କଲମକୁ ଶିଥିଳ କରିଦେଲା । ପରବର୍ତ୍ତୀ ସମୟରେ ମନରେ ସାଇତା ମୋର ଅନେକ ଅନୁଭୂତି ମୋ କଲମକୁ ଅସ୍ଥିର କଲା । ମାଟି କାଦୁଅରେ ବଢ଼ିବା ଠାରୁ ଆରମ୍ଭ କରି ଆକାଶରେ ଉଡ଼ିବା ପର୍ଯ୍ୟନ୍ତ, ଗ୍ରାମ ଦେବତୀଙ୍କ ଠାରୁ ଆରମ୍ଭ କରି ଚାରିଧାମ ଓ ଜ୍ୟୋତିର୍ଲିଙ୍ଗ ଦର୍ଶନ ପର୍ଯ୍ୟନ୍ତ ଦେଖିଥିବା ସବୁ ସ୍ଥାନର ସଂକ୍ଷିପ୍ତ ବର୍ଣ୍ଣନା ଏବଂ ବିଭିନ୍ନ ଶୈଳନିବାସର ଶୀତଳ ଅନୁଭୂତିକୁ ନେଇ ଜନ୍ମ ନେଲା ମୋର ଭ୍ରମଣ କାହାଣୀ **"ମାଟିରୁ ଆକାଶ"** । ମୋ ସ୍ୱାମୀ, ପୁଅ, ବୋହୂ ଓ ଝିଅ, ଜ୍ୱାଇଁଙ୍କର ଯଥେଷ୍ଟ ଅବଦାନ ରହିଛି ଏ ପୁସ୍ତକରେ । ପାଠକମାନେ ଏ ପୁସ୍ତକର ବିଷୟବସ୍ତୁକୁ ଯଦି କିଛି ମାତ୍ର ହୃଦୟଙ୍ଗମ କରିବେ, ଏଥିରୁ କିଛି ଟିକିଏ ଜାଣିବେ ଓ କିଛି ଟିକିଏ ଶିଖିବେ ତେବେ ମୋ ଲେଖା ସାର୍ଥକ ହେବ ।

***ଲେଖିକା***

| | |
|---|---|
| ୩ | ମୋ ଦେଶ ଭାରତରେ ଭ୍ରମଣ ଓ ଦେବାଦେବୀ ଦର୍ଶନ |
| ୫୫ | ଜାପାନର ଅପାସୋରା ଅନୁଭୂତି |
| ୯୩ | ଆମେରିକାରେ କିଛିଦିନ |
| ୧୨୪ | କାଠମାଣ୍ଡୁ ଯାତ୍ରା |
| ୧୩୦ | ୟୁରୋପ ଓ ଏସିଆ ଭ୍ରମଣ |

ଘଟଣା ଦୁର୍ଘଟଣାକୁ ନେଇ ସମୟ ଆଗେଇ ଚାଲେ ତା' ରାସ୍ତାରେ । ସମୟ ସହିତ ଯୁଦ୍ଧ କରି ମାନସିକ ସ୍ଥିତାବସ୍ଥା ବଜାୟ ରଖିବାକୁ ଚାହେଁ ମଣିଷ । ସେଥିପାଇଁ ସେ ଖୋଜେ କେତେ ବାଟ । ସହଜରେ ଅବାଟ ତ ମିଳେ ଅନେକ, ହେଲେ ଠିକ୍ ବାଟ ପାଇବା କଷ୍ଟକର । ସେଥିପାଇଁ ସ୍ୱପ୍ନ ଦେଖିବାକୁ ପଡ଼େ । ରାତ୍ରୀ ସ୍ୱପ୍ନ ନିଦକୁ ତା' ଭିତରେ ଆପଣେଇ ନିଏ । ସ୍ୱପ୍ନରେ ପାର୍ଥିବ ଦୁନିଆକୁ ଭୁଲିଯାଏ ମଣିଷ । ସୁନେଲି ଦୁନିଆରେ ମଜ୍ଜିଯାଏ ସେ କିଛି ସମୟ । କିନ୍ତୁ ଦିବା ସ୍ୱପ୍ନ ତାକୁ ପ୍ରକୃତ ବାଟ ଦେଖାଏ । ମସ୍ତିଷ୍କକୁ କରେ କ୍ଷୀପ୍ର । ସୁନେଲି ସ୍ୱପ୍ନକୁ ସାକାର କରିବା ପାଇଁ ପାଇଯାଏ ଖୋରାକ । ସେଥିରେ ଗଢ଼ି ଉଠେ ବନ୍ଧୁତା, ଗଢ଼ି ଉଠେ ସଦ୍‌ଭାବ, ଗଢ଼ି ଉଠେ ସୁନାର ସଂସାର, ଗଢ଼ି ଉଠେ ଦୁନିଆ, ଗଢ଼ି ଉଠେ ସମାଜ । ମଣିଷ ଅସହାୟ ହୋଇ ପଡ଼େନି ଦୁର୍ଦ୍ଦିନରେ ।

ଜଞ୍ଜାଳତ ଜୀବନର ଏକ ଶୁଭ ଆଗମନୀ । ସେ ମଣିଷକୁ ଦିଏ ଶୁଭ କାର୍ଯ୍ୟର ସମ୍ବାଦ । ତାକୁ ଆପଣାର କରି ନେଲେ ଆଗକୁ ଆଗେଇବାରେ କିଛି ଅସୁବିଧା ହୁଏନି । ପ୍ରତ୍ୟେକ ମହାମନୀଷୀ ଜଞ୍ଜାଳ ଭିତରେ ସମାଜକୁ ଦେଇଛନ୍ତି ତାଙ୍କର ଅମୂଲ୍ୟ ଅବଦାନ । କେତେ ସାଧୁସନ୍ଥ କଷ୍ଟ ଭିତରେ ପାଇଛନ୍ତି ଈଶ୍ୱରଙ୍କୁ । ଜନ୍ମରୁ କିଏ ବଡ଼ କିମ୍ବା କିଏ ସାନ ହୁଏନି । ତା'ର କର୍ମ ହିଁ ତାକୁ କରେ ବଡ଼ ଆଉ କେତେବେଳେ କରେ ସାନ । ନିଜର କର୍ମ ନିଷ୍ଠତା, ଉତ୍ସର୍ଗ, ପରିଶ୍ରମ ତାକୁ ଶୀର୍ଷରେ ପହଞ୍ଚାଏ, ଯେଉଁଠି ପାଇଯାଏ ସେ ତା'ର ସାର୍ଥକତା ।

ସର୍ବଦା ମନକୁ ଭାରାକ୍ରାନ୍ତ କରିବା ହେଉଛି ଅଭିଶପ୍ତ ଜୀବନର ପରିଚୟ । ବେଳେ ବେଳେ ତିକ୍ତତା ଭିତରୁ ବାହାରିଆସି ଦୁନିଆର ରଙ୍ଗ ବେରଙ୍ଗ ରୂପ ଉପରେ ଟିକିଏ ଆଖି ପକାଇବା ହେଉଛି ବୁଦ୍ଧିମାନର କାମ । ଏଥିରେ ହୁଏ ମାନସିକ ତଥା ଶାରିରୀକ ଅଭିବୃଦ୍ଧି । ନିଜ ଦୁଆର ବନ୍ଧର ସେପଟରେ କି ସୁନ୍ଦର ପୃଥିବୀ ଅଛି, ତା' ଉପରେ ଟିକିଏ ଆଖି ବୁଲାଇ ଆଣିଲେ ମିଳିଥାଏ ଆତ୍ମତୃପ୍ତି ।



ଏହାର ସ୍ୱାଦ ଯିଏ ନଚାଖିଛି ସେ ସଂସାର ମଧ୍ୟରେ ପେଷି ହୋଇଯାଏ । ସେଥିପାଇଁ ବେଳେ ବେଳେ ଦେଶ ବିଦେଶ ଭ୍ରମଣ ଦେଇଥାଏ ଅପାର ଆନନ୍ଦ, ବଞ୍ଚିବାର ରାହା, ଜୀବନକୁ ତନ୍ନ ତନ୍ନ କରି ଚିହ୍ନିବାର ସୁଯୋଗ, ମଣିଷ ମଣିଷ ଭିତରେ ଦେଶ ଦେଶ ଭିତରେ ଥିବା ପାର୍ଥକ୍ୟର ସମୀକ୍ଷା କରିବା ପାଇଁ ପ୍ରକୃଷ୍ଟ ଉପାଦାନ ।

ଈଶ୍ୱରଙ୍କ ସୃଷ୍ଟିରେ ସବୁଠାରୁ ଦୁର୍ଲ୍ଲଭ ଜନ୍ମ ହେଉଛି ମଣିଷ ଜନ୍ମ । ଏତେ ବଡ଼ ବରଦାନ ପାଇ ଆମେ ଯେତେବେଳେ ସୃଷ୍ଟି ହୋଇଛୁ ତା'ର ସଦୁପଯୋଗ କରିବା ଉଚିତ୍ । ଯେମିତି ସେମିତି ଜୀବନଟାକୁ କଟାଇ ଦେଲେ ପଶୁପକ୍ଷୀ ଓ ଆମ ଭିତରେ ତଫାତ୍ ରହିଲା କେଉଁଠି । ପିଲାଦିନରୁ ଏ ସବୁ କଥା ମୋ' ମନ ଭିତରେ ଗୁମୁରୁ ଥିଲା । ଖୁବ୍ ବେଶୀ ନ ହେଲେବି ମୋ ଗୁରୁଜନମାନଙ୍କର କିଛି କିଛି ପ୍ରେରଣା ମୋତେ ଆଗେଇ ନେଇଥିଲା । ସେଥିରୁ ଜନ୍ମ ହୋଇଥିଲା ମୋର ବୈଜ୍ଞାନିକ ଚିନ୍ତାଧାରା, ଈଶ୍ୱର ଭକ୍ତି, ପ୍ରକୃତି ପ୍ରତି ପ୍ରେମ ଓ ସମାଜ ସେବା । ଦୁଃଖ, କଷ୍ଟ, ଜଞ୍ଜାଳ, ଶାରୀରିକ ଅସୁସ୍ଥତା ମୋତେ ଜାବୁଡ଼ି ଧରି ପାରିଲାନି । ତା' ଭିତରୁ ମୁକୁଳାଇ ଆଣି ମୋ' ଚିନ୍ତାଧାରାକୁ ସାକାର କରିବାରେ ଲାଗିଗଲି । ଜୀବନର ମୁଖ୍ୟ ଭୂମିକାକୁ ଭୁଲିନି । ସଂସାରୀ ମୁଁ – ସଂସାରକୁ ଛାଡ଼ିବି କେମିତି ? ତା'ରି ଭିତରେ ମୋ ବିଜ୍ଞାନୀ ମନକୁ ଅଳସୁଆ କରିନି । ଦେଶ ବିଦେଶରେ ବୈଜ୍ଞାନିକ ଚିନ୍ତାଧାରାକୁ ରୂପାୟିତ କରିଛି । ଏଥିରେ ପାଇଛି ଅଜସ୍ର ଆନନ୍ଦ ଓ ଦେଶ ବିଦେଶରେ ଭ୍ରମଣ କରିବାର ସୁଯୋଗ । ଈଶ୍ୱର ପ୍ରେମୀ ମୁଁ । ତାଙ୍କୁ ଖୋଜିଛି କେତେ ମନ୍ଦିରରେ, କେତେ ମସ୍‌ଜିଦ୍‌ରେ ଆଉ କେତେ ଗିର୍ଜାରେ । ତାଙ୍କ ଦର୍ଶନରେ ବିଭୋର ହୋଇଛି, ସମର୍ପଣ କରିଛି ନିଜକୁ ତାଙ୍କ ପାଦ ପଦ୍ମରେ । ସୌନ୍ଦର୍ଯ୍ୟ ପିପାସୁ ସାଜି ଦେଖିଛି ରଙ୍ଗିନ ଦୁନିଆକୁ ଦେଶରେ, ବିଦେଶରେ । ମସ୍ତିସ୍କକୁ ବିଶ୍ରାମ ଦେଇଛି ଶାନ୍ତ, ନିର୍ମଳ, ବାଦଲ ଘେରା ପାହାଡ଼ିଆ ସ୍ଥାନରେ । ଯାହା ମୁଁ ଲେଖିଛି ତାହା ମୋର ଅପାସୋରା ଅନୁଭୂତି । ଗାଁର କାଦୁଅ ମାଟିରୁ ଯାଇ ଆକାଶରେ ଉଡ଼ିବା ପର୍ଯ୍ୟନ୍ତ ମୋ' ଅଭୁଲା ଦିନର କାହାଣୀ ଏ ପୁସ୍ତକରେ ଲିପିବଦ୍ଧ କରିଛି ।

# ମୋ ଦେଶ ଭାରତରେ ଭ୍ରମଣ ଓ ଦେବାଦେବୀ ଦର୍ଶନ

ମୋ ଦେଶ ଭାରତ ଦେବାଦେବୀ ଧର୍ମପୀଠରେ ପରିପୂର୍ଣ୍ଣ, ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୁର ଓ ନଦୀ ସମୁଦ୍ର ଇତ୍ୟାଦି ଜଳସମ୍ପଦରେ ଧନୀ। ଏକଥା ଅସ୍ୱୀକାର କରିବ କେଉଁ ଭାରତୀୟ। ମନ ଓ ରୁଚି ନଥାଏ ଅନେକଙ୍କର, ସମୟ ନଥାଏ କାହାର କାହାର, ଧନ ମଧ୍ୟ ନଥାଏ ବହୁ ଭାରତୀୟଙ୍କର। ସେଥିପାଇଁ ସେମାନେ ବିଭିନ୍ନ ସ୍ଥାନରେ ଭ୍ରମଣ କରିବାର ପରମ ସୌଭାଗ୍ୟରୁ ବଂଚିତ ହୁଅନ୍ତି। ଈଶ୍ୱରଙ୍କ କୃପାଲାଭ କରିଛି ମୁଁ। ଅନେକ ସ୍ଥାନ ଦେଖିଛି ମୁଁ ନିଜ ଦେଶରେ। କେତେବେଳେ ଦିଅଁଙ୍କ ପୀଠରେ ପହଞ୍ଚିଛି ଧୂପ, ଦୀପ, ପୁଷ୍ପ ଧରି, କେତେବେଳେ ପ୍ରକୃତିର ସୌନ୍ଦର୍ଯ୍ୟଭରା ଦୃଶ୍ୟରେ ବିମୋହିତ ହୋଇଛି, ଆଉ କେତେବେଳେ ନଦୀ ଝରଣାର କଳକଳ ନାଦ ସୃଷ୍ଟି କରିଛି ମୋ ମନରେ ପୁଲକିତ ସ୍ପନ୍ଦନ, ଆଉ କେତେବେଳେ ସମୁଦ୍ରର ଭୀମ ଗର୍ଜନରେ ଶୀତେଇ ଉଠିଛି ମୋ ଶରୀର। ଯାହାସବୁ ଅନୁଭୂତି ସାଇତିଛି ଦିନ ଦିନ ଧରି ତାକୁ ରୂପ ଦେବାକୁ ଆଗେଇଛି ମୋ ଲେଖନୀ।

ପୁରୀରେ ଅମୃତମୟ ଜଗନ୍ନାଥ, ଦ୍ୱାରକାରେ ଲୀଳାମୟ କୃଷ୍ଣ, ଦ୍ୱାରିକାଧୀଶ୍, ରାମେଶ୍ୱରରେ ସତ୍ୟ ଶିବ ସୁନ୍ଦର ରାମେଶ୍ୱର, ବଦ୍ରୀନାଥଧାମରେ ପ୍ରଭୁ ବଦ୍ରୀନାରାୟଣ ହେଲେ ଚାରି ଧାମର ଦେବତା। ପାହାଡ଼ ପର୍ବତ, ନଦୀ ସମୁଦ୍ର ଓ ସମତଳ ରାସ୍ତା ଅତିକ୍ରମ କରିବାକୁ ପଡ଼ିଥାଏ ଏହି ଦିଅଁ ଦେବତାଙ୍କ ଦର୍ଶନ ପାଇଁ। ଈଶ୍ୱର ମୋତେ ଏ ସବୁ ସ୍ଥାନ ଦର୍ଶନ କରିବାପାଇଁ ବଂଚିତ କରି ନାହାନ୍ତି। କେତୋଟି ଧାମକୁ ଏକାଧିକ ଥର ଯିବାର ସୁଯୋଗ ମୋତେ ମିଳିଛି। ଧନ୍ୟ ହୋଇଯାଇଛି ମୋ ଜୀବନ।



## ଜଗନ୍ନାଥ ଧାମ, ଓଡ଼ିଶାର ଦେବାଦେବୀ ଓ ଦର୍ଶନୀୟ ସ୍ଥାନ

ଶ୍ରୀ ଜଗନ୍ନାଥଙ୍କ ମନ୍ଦିର ଓଡ଼ିଶାର ପୁରୀରେ ଅବସ୍ଥିତ। ଏହାର ଉଚ୍ଚତା ୬୫ ମିଟର। ଏହାକୁ ନିର୍ମାଣ କରିଥିଲେ ରାଜା ଚୋଡ଼ଗଙ୍ଗ ଦେବ ଓ ରାଜା ତୃତୀୟ ଅନଙ୍ଗଭୀମ ଦେବ। ଏହା ପ୍ରାୟ ଏକ ହଜାର ବର୍ଷ ତଳର ମନ୍ଦିର। ପ୍ରତିମାସ ମୁଁ, ମୋ ସ୍ୱାମୀ ଇଞ୍ଜିନିୟର ଧୀରେନ୍ଦ୍ର କୁମାର ବିଶ୍ୱାଳ, ମୋ ଶିକ୍ଷକ ଡକ୍ଟର ପ୍ରଭାତ କୁମାର ମିଶ୍ର ଓ ତାଙ୍କ ସ୍ତ୍ରୀ ଡଲିନାନୀ ଆମେ ଚାରିଜଣ ପୁରୀ ଯାଉ ଜଗନ୍ନାଥଙ୍କ ଦର୍ଶନ ପାଇଁ। ମାସଟିଏ ଆରମ୍ଭ ହେଲେ ତାଙ୍କ ମୁହଁ ନ ଦେଖିବାଯାଏ ମନଟା ଛଟପଟ ହେଉଥାଏ। ଭକ୍ତମାନଙ୍କର ଗହଳି ଓ ଠେଲା ପେଲା ଭିତରେ ତାଙ୍କର ସେ ବିସ୍ଫାରିତ ଚକ୍ଷୁ ସହ ମୋ ଚକ୍ଷୁ ମିଶିଗଲେ ଦୁଇଧାର ଲୁହ ବୋହି ଆସେ। କୋହ ପରେ କୋହ ସହ ଦୁଃଖକୁ ତାଙ୍କ ପାଖରେ ଅଜାଡ଼ି ଦିଏ ଆଉ ତାଙ୍କଠାରୁ ଦମ୍ଭ ଓ ସାହସ ଆଣି ସାଇତି ଦିଏ ମୋ ଅନ୍ତର ଭିତରେ। ତାହା ହିଁ ମୋର ଧନମାନ ସବୁକିଛି। ତାଙ୍କ ରଥର ମାହାତ୍ମ୍ୟ ଅନେକ। ବଡ଼ ଭାଇ ବଳଭଦ୍ର ବସନ୍ତି ନାଲି ଓ ନୀଳ ରଙ୍ଗର ତାଳଧ୍ୱଜ ରଥରେ, ଜଗନ୍ନାଥ ବସନ୍ତି ନାଲି ହଳଦିଆ ରଙ୍ଗର ନନ୍ଦିଘୋଷ ରଥରେ ଏବଂ ଭଉଣୀ ସୁଭଦ୍ରା ବସନ୍ତି ନାଲି ଓ କଳା ରଙ୍ଗର ଦର୍ପଦଳନ ରଥରେ। ଦେଶ ବିଦେଶର କେଉଁ କୋଣ ଅନୁକୋଣରୁ ଲକ୍ଷ ଲକ୍ଷ ଭକ୍ତ ଛୁଟି ଆସନ୍ତି ରଥାରୂଢ଼ ଦିଅଁ ଦର୍ଶନ ପାଇଁ। ପ୍ରତିବର୍ଷ ଅକ୍ଷୟ ତୃତୀୟାଠାରୁ ରଥ ନିର୍ମାଣ କାର୍ଯ୍ୟ ଆରମ୍ଭ ହୁଏ। ଇନ୍ଦ୍ରଦ୍ୟୁମ୍ନ ରାଜା ସ୍ୱପ୍ନାଦେଶ ହୋଇ ସମୁଦ୍ରରେ ଭାସୁଥିବା ଦାରୁ ଆଣି ତିଆରି କରାଇଥିଲେ ଏହି ତିନି ମୂର୍ତ୍ତି। ତିଆରି କରିବାର ଦାୟିତ୍ୱ ନେଇଥିବା ବଢ଼େଇର ନିର୍ଦ୍ଦେଶ ଥିଲା ଦିଅଁ ତିଆରି ନସରିବା ଯାଏ ଦୁଆର ଖୋଲା ହେବ ନାହିଁ। ସେ ନିର୍ଜଳା ହୋଇ କାଠ କାମ କରିବେ। କିଛି ଦିନ ପରେ ତିଆରିର ଶବ୍ଦ ନଶୁଭିଲାରୁ ଅଘଟଣର ଆଶଙ୍କା କରି କବାଟ ଖୋଲି ଦିଆଯାଇଥିବାରୁ ଦିଅଁ ଅଧାଗଢ଼ା ଅବସ୍ଥାରେ ରହିଗଲେ। ହାତ ପାଦ ନଥାଇ ମଧ୍ୟ ଜଗନ୍ନାଥଙ୍କର ସୌମ୍ୟକାନ୍ତ ମୁଖ ମଣ୍ଡଳକୁ ଚାହିଁଦେଲେ ଭକ୍ତଙ୍କର ପେଟ ପୁରିଯାଏ। ତାଙ୍କ ଚକାଚକା ଆଖି, ତାଙ୍କ ନାକ ଚଣା, ନାଲି ଅଧର, ତାଙ୍କ ବଡ଼ ଦାଣ୍ଡ, ତାଙ୍କ ନୀଳଚକ୍ର, ପତିତପାବନ ବାନା, ତାଙ୍କ ବାଇଶି ପାହାଚ, ମହମହ ବାସୁଥିବା

ଅବଢ଼ା, ତାଙ୍କ ରଥ, ଗୁଣ୍ଡିଚା ଯାତ୍ରା ଓ ବାହୁଡ଼ା ଯାତ୍ରା ସବୁ ମୋର ଆପଣାର। ରଥ ଦଉଡ଼ି ଧରି ରଥ ଟାଣିଲେ କୋଟି ଜନ୍ମର ପାପ କ୍ଷୟ ହୋଇଯାଏ। ଅନେକଥର ମୋତେ ଏ ସୁଯୋଗ ଦେଇଛନ୍ତି ପ୍ରଭୁ। ରଥ ଉପରେ ଚଢ଼ି ତାଙ୍କ ଶ୍ରୀଅଙ୍ଗକୁ ଜାବୁଡ଼ି ଧରି ନିଜକୁ ସମର୍ପଣ କରିଛି ଅନେକଥର। ପହଣ୍ଡି ବିଜେର ଶୋଭା ଖୁବ୍ ଚମତ୍କାର। ତିନିଦିଅଁ ଟାହିଆ (ମୁକୁଟ) ଦୋହଲାଇ ସାଙ୍ଗରେ ସୁଦର୍ଶନଙ୍କୁ ନେଇ ଦେଉଳରୁ ବାହାରନ୍ତି ଏବଂ ଲକ୍ଷ ଲକ୍ଷ ଜନତାଙ୍କୁ ଦର୍ଶନ ଦେଇ ରଥାରୂଢ଼ ହୁଅନ୍ତି। ବିରାଟ ଜନଗହଳି ଭିତରେ ଏ ଦୃଶ୍ୟ ମୁଁ ଦେଖିଛି ମୋ ପିଲା ଓ ସ୍ୱାମୀଙ୍କ ସହିତ। ତିନି କିଲୋମିଟର ଦୂରସ୍ଥ ନିଜ ଜନ୍ମସ୍ଥାନ ଗୁଣ୍ଡିଚା ନଗରକୁ ଯା'ନ୍ତି ରଥରେ, ସାଙ୍ଗରେ ଥାଏ ତାଙ୍କ ପେଡ଼ି ପୁଟୁଳି ଯେଉଁଥିରେ ଥାଏ ନିତ୍ୟ ନୈମିତିକ ବ୍ୟବହାରିକ ସାମଗ୍ରୀ। ସତେ ଯେମିତି ପ୍ରଭୁ ନିଜେ ହୋଇଯା'ନ୍ତି ମାନବ। ଜାତି ଧର୍ମ ନିର୍ବିଶେଷରେ ସବୁ ଲୋକ ତାଙ୍କୁ ଦର୍ଶନ କରିଥା'ନ୍ତି ବଡ଼ ଦାଣ୍ଡରେ, ରଥରେ ଚଢ଼ି ଆଲିଙ୍ଗନ କରିବାର ସୁଯୋଗ ପାଆନ୍ତି ସମସ୍ତେ। କେଡ଼େ ଦୟାଳୁ ସେ। ଲୋକଙ୍କର ଘଣ୍ଟ ମୃଦଙ୍ଗର ତାଳେ ତାଳେ ନୃତ୍ୟ ଓ ଭକ୍ତର ଆନନ୍ଦ ଧ୍ୱନୀରେ କମ୍ପିଉଠେ ବଡ଼ଦାଣ୍ଡ। ରଥରୁ ଓହ୍ଲାଇ ନିଜ ଜନ୍ମସ୍ଥାନରେ ରହନ୍ତି ତିନିଦିଅଁ। ସେଠାରେ ଭକ୍ତଙ୍କର ଗହଳି ଜମେ। ଅନେକ ଥର ଗୁଣ୍ଡିଚା ନଗରରେ ପ୍ରଭୁଙ୍କ ଦର୍ଶନ ପାଇଛି। ପୁଣି ଫେରି ଆସନ୍ତି ବଡ଼ ଦେଉଳକୁ ବାହୁଡ଼ା ଦିନ। ବଡ଼ ଦେଉଳକୁ ପ୍ରବେଶ କରିବା ପୂର୍ବରୁ ଦେଉଳ ସମ୍ମୁଖରେ ହୁଏ ସୁନାବେଶ। ଧନରେ କୁବେର ସେ। କିଏ ମାପିବ ତାଙ୍କ ସ୍ୱର୍ଣ୍ଣ ଅଳଙ୍କାର। ସୁନାବେଶ ଦେଖିଛି ମୁଁ ଅନେକ ଥର। ରଥ ଯାତ୍ରା ଆରମ୍ଭ ହେବା ପୂର୍ବରୁ ପୁରୀ ରାଜା କରନ୍ତି ଛେରାପହଁରା। ସେ ପହଁରା ମଧ୍ୟ ସୁନାରେ ତିଆରି। ମା' ଲକ୍ଷ୍ମୀ ହେଉଛନ୍ତି ସ୍ୱୟଂ ଶ୍ରୀରାଧା। ଅଭିମାନିନୀ ରାଧାଙ୍କର ଚରମ ପରିପ୍ରକାଶ ହୁଏ ହେରାପଞ୍ଚମୀଦିନ ଶରଧା ବାଲିରେ। ଏହି ତିଥିରେ ପାଦଦେଇଛି ମୁଁ ଶରଧା ବାଲିରେ ଅନେକ ଥର।

ଯେଉଁ ବର୍ଷ ଆଷାଢ଼ ମାସ ଦୁଇଥର ପଡ଼େ ସେ ବର୍ଷ ଦିଅଁଙ୍କର ନବକଳେବର ହୁଏ। ମନ୍ଦିର ପଛରେ ଥିବା କୋଇଲି ବୈକୁଣ୍ଠରେ ଦିଅଁକୁ ମାଟିତଳେ ପୋତାଯାଏ। ନୂଆ ଦିଅଁ ତିଆରି ହୁଅନ୍ତି ନିମ୍ବ କାଠରେ। ସ୍ୱପ୍ନାଦେଶ ହୋଇଥାଏ ସେ ନିମ୍ବ ଗଛ କେଉଁଠି ଅଛି। ଥରେ ସେହି ଗଛ ଦେଖିବାର ସୌଭାଗ୍ୟ ମୋତେ ମିଳିଥିଲା। ଏହି ଶତାବ୍ଦୀରେ ୧୯୯୬, ୧୯୭୭, ୧୯୬୯, ୧୯୫୦ ଓ ୧୯୩୧ ମସିହାରେ ନବକଳେବର ହୋଇଥିଲା। ଏହା ପ୍ରାୟ ୮ ରୁ ୧୯ ବର୍ଷ ବ୍ୟବଧାନରେ ପଡ଼ିଥାଏ।



ପୁରୀ ମନ୍ଦିର ବେଢ଼ା ଖୁବ୍ ପ୍ରଶସ୍ତ। ଏହି ବେଢ଼ା ଭିତରେ କାଶୀ ବିଶ୍ୱନାଥ, ସତ୍ୟ ନାରାୟଣ, ବଟ ଗଣେଶ, ବଟ ଜଗନ୍ନାଥ, ବଟ ନାରାୟଣ, ବିମଳା, କମଳା, କାଞ୍ଚି ଗଣେଶ, ଲକ୍ଷ୍ମୀ, ବେଢ଼ାକାଳୀ, ଲକ୍ଷ୍ମୀ ନାରାୟଣ ଓ ଅନେକ ଶିବ ମନ୍ଦିର ଅଛି। ସଭିଙ୍କ ଦର୍ଶନ ମୋତେ ମିଳିଛି ଅନେକଥର। ଆନନ୍ଦ ବଜାରରେ ଅନେକଥର ଅବଢ଼ା ଖାଇ ଆତ୍ମ ସନ୍ତୋଷ ଲାଭ କରିଛି ମୁଁ।

ଆଦି ଶଙ୍କରାଚାର୍ଯ୍ୟ ତିଆରି କରିଥିବା ଚାରିଟି ମଠ ଭିତରୁ ଏଠାରେ ଥିବା ଗୋବର୍ଦ୍ଧନ ମଠ ଅନ୍ୟତମ। ଯେଉଁଠାରେ ସେ ମଠ ତିଆରି କରିଥିଲେ ସେ ସ୍ଥାନ କିମ୍ବା ଆଖପାଖ ସ୍ଥାନ "ଧାମ" ରୂପେ ବିଖ୍ୟାତ। ଏହି ମଠରେ ପବିତ୍ରତାକୁ ଉପଲବ୍ଧି କରିଛି ମୁଁ ଅନେକ ଥର।

ଶ୍ରୀମନ୍ଦିରର ଚୂଡ଼ାଦେଶରେ ବିଦ୍ୟମାନ ନୀଳଚକ୍ର ଯାହାର ଉଚ୍ଚତା ୧୧ ଫୁଟ ୮ ଇଞ୍ଚ ଏବଂ ବ୍ୟାସ ୭ ଫୁଟ ୬ ଇଞ୍ଚ। ଏଥିରେ ଥାଏ ୧ ଫୁଟ ୧୧ ଇଞ୍ଚ ଦୈର୍ଘ୍ୟ ବିଶିଷ୍ଟ ୮ଟି ଅର। ଏହି ନୀଳଚକ୍ର ଶ୍ରୀମନ୍ଦିରର ଶୀର୍ଷଦେଶରୁ ସାରା ଜଗତକୁ ମହାପ୍ରଭୁଙ୍କ ବାର୍ତ୍ତା ଶୁଣାଇ ଥାଏ। ମନ୍ଦିର ଦେହରେ ଥିବା ପାହାଚ ଗୋଟିକ ପରେ ଗୋଟିଏ ଅତିକ୍ରମ କରି ସେବକ ଉଠେ ଚୂଡ଼ାଦେଶକୁ। ଶହ ଶହ ଭକ୍ତଙ୍କର ଅପଲକ ଦୃଷ୍ଟି ଥାଏ ସେବକ ଉପରେ। ଖୁବ୍ ସନ୍ତର୍ପଣରେ ସେ ଉଠେ ଚୂଡ଼ାଦେଶକୁ ପତିତପାବନ ବାନା ବାନ୍ଧିବା ପାଇଁ। କେତେ ଭକ୍ତି ଥାଏ ତା' ମନରେ। ଯେତେବେଳେ ମନ୍ଦିର ଶୀର୍ଷରେ ଫର ଫର ହୋଇ ନେତ ଉଡ଼େ ଭକ୍ତମାନଙ୍କର ହରିବୋଲ ଓ ହୁଳହୁଳିରେ ମନ୍ଦିର ବେଢ଼ା ପ୍ରକମ୍ପିତ ହୁଏ। ଏମିତି ଦୃଶ୍ୟ ଦେଖାଇଛନ୍ତି ମୋତେ ମୋ ପ୍ରଭୁ ଜଗନ୍ନାଥ ଅନେକ ଥର। ଥରେ ମନ୍ଦିର ଚୂଡ଼ାଦେଶରେ ନେତ ବାନ୍ଧି ପିଲାମାନଙ୍କ ସହିତ ପରମ ତୃପ୍ତି ଲାଭ କରିଛି ମୁଁ।

ପୁରୀ ସମୁଦ୍ର (ବଙ୍ଗୋପସାଗର) ପାଇଁ ଯାତ୍ରୀମାନଙ୍କର ଥାଏ ଖୁବ୍ ଆକର୍ଷଣ। ଏହାର କୂଳ ଖୁବ୍ ପ୍ରଶସ୍ତ। ଏଠାରେ ସୂର୍ଯ୍ୟୋଦୟ ଏବଂ ସୂର୍ଯ୍ୟାସ୍ତ ଦେଖିବାକୁ ଖୁବ୍

ମନୋହର । ଲକ୍ଷ ଲକ୍ଷ ଲୋକମାନେ ସ୍ନାନ କରନ୍ତି ଏହି ସମୁଦ୍ରରେ । ସମୁଦ୍ର କୂଳେ କୂଳେ ଅନେକ ମନ୍ଦିର ଭିତରେ ସୁନାର ଗୌରାଙ୍ଗ ମନ୍ଦିର ଶ୍ରେଷ୍ଠ । ଏ ମନ୍ଦିର ମୁଁ ଦର୍ଶନ କରିଛି । ବଡ଼ ଦେଉଳରୁ ଅଳ୍ପ ଦୂରରେ ଶ୍ରୀଲୋକନାଥଙ୍କ ମନ୍ଦିର । ସତ୍ୟ ଶିବ ସୁନ୍ଦରର ପ୍ରତୀକ ହର ହର ମହାଦେବ ସେଠାରେ ପୂଜା ପାଆନ୍ତି । ସର୍ବଦା ସେ ଥାଆନ୍ତି ଜଳ ଭିତରେ । ବର୍ଷରେ ଥରେ ପଙ୍କ ଉଦ୍ଧାର ହେଲେ ଦିଅଁଙ୍କୁ ଭକ୍ତମାନେ ଦେଖିପାରନ୍ତି । ଲକ୍ଷ ଲକ୍ଷ ଲୋକଙ୍କର ଗହଳି ହୁଏ ସେଠାରେ ଶିବରାତ୍ରୀରେ । ବହୁତ ଥର ଶ୍ରୀଲୋକନାଥଙ୍କର ଦର୍ଶନ ମିଳିଛି ମୋତେ ।

ବହୁତ ପିଲାଦିନର କଥା । ବୋଧହୁଏ ତାହା ଥିଲା ମୋର ପ୍ରଥମ ତୀର୍ଥସ୍ଥାନ ପୁରୀ ଦର୍ଶନ । ଜେଜେମା ଓ ବାପାଙ୍କ ସାଙ୍ଗରେ ମୁଁ ଯାଇଥିଲି ପୁରୀ । ବେଶୀ କିଛି ମନେ ନାହିଁ । ଏତିକି ମନେ ଅଛି ବଡ଼ଦାଣ୍ଡରେ ବାପାଙ୍କ ହାତଛଡ଼ା ହୋଇଗଲି । ନିଜ ଲୋକଙ୍କୁ ନଦେଖି ଛିଡ଼ା ହୋଇ କାନ୍ଦୁଥିବାର ଦେଖି ଦୋକାନିଟିଏ ମୋତେ ନେଇ ତା' ଦୋକାନରେ ବସାଇଥିଲା ଓ ଚିନାବାଦାମ ଖାଇବାକୁ ଦେଇଥିଲା । ମୋ ବାପା ଖୋଜି ଖୋଜି ମୋତେ ଆସି ଦେଖିଲେ ମୁଁ ଦୋକାନରେ ବସି ବାଦାମ ଚୋପା ଛଡ଼ାଇ ଖାଉଛି । ସେତେବେଳେ ବୋଧହୁଏ ସୂଚନା କେନ୍ଦ୍ରର ବ୍ୟବସ୍ଥା ନଥିଲା ଏବଂ ଲୋକମାନେ ଖୁବ୍ ସଙ୍କୋଚ ଥିଲେ । ଜଗନ୍ନାଥ ହିଁ ମୋତେ ଠିକ୍ ଆଶ୍ରୟସ୍ଥଳରେ ପହଞ୍ଚାଇ ଥିଲେ ବୋଲି ମୁଁ ଏବେ ଭାବୁଛି ।

ପ୍ରାୟ ଅଧିକାଂଶ ସମୟରେ ପୁରୀ ଯିବା ବାଟରେ ବୀରନରସିଂହପୁରରେ ମୁଁ ଦର୍ଶନ କରିଛି ବାବା ନୀଳକଣ୍ଠଙ୍କୁ, କିଛି ଦୂରରେ ଥିବା ଶିଉଳି ମହାବୀରଙ୍କୁ ଏବଂ ବାଟରେ ମା' ଦକ୍ଷିଣ କାଳୀଙ୍କୁ । ଦକ୍ଷିଣ କାଳୀଙ୍କ ପାଖରେ ଜଳୁଥିବା ଅଖଣ୍ଡ ଦୀପରେ ଘିଅ ଢାଳି ପ୍ରତିଥର ମା'ଙ୍କର ଶରଣାପନ୍ନ ହୋଇଥାଏ ମୁଁ । ମନ୍ଦିରର ସହର ଭୁବନେଶ୍ୱରରେ ବାବା ଲିଙ୍ଗରାଜ ବିଦ୍ୟମାନ । ବେଲପତ୍ର ଚଢ଼ାଇ ଧୂପଦୀପ ଦେଇ ଅନେକଥର ପୂଜା କରିଛି । ଏହି ମନ୍ଦିରରେ ହରି ଓ ହର ଉଭୟ ପୂଜିତ । ମା' ପାର୍ବତୀ, ବୀର ହନୁମାନ, ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ମଧ୍ୟ ସେଠାରେ ବିରାଜମାନ । ନନ୍ଦୀଙ୍କ ଦର୍ଶନ ମିଳେ ବେଢ଼ା ଭିତରେ ।



ବେଳେ ବେଳେ ଜଗନ୍ନାଥ ଧାମକୁ ଯିବା ବାଟରେ କୋଣାର୍କ ଦେଇ ଯିବାର ସୁବିଧା ମୋତେ ମିଳିଛି । କୋଣାର୍କ ମନ୍ଦିରକୁ 'ବ୍ଲାକ୍ ପାଗୋଡ଼ା' କୁହାଯାଏ । ଏହା ନିର୍ମିତ ହୋଇଥିଲା ତ୍ରୟୋଦଶ ଶତାବ୍ଦୀରେ । ଏହାର ନାମ ମଧ୍ୟ ସୂର୍ଯ୍ୟମନ୍ଦିର । ମନ୍ଦିର ଅବଶେଷ ହୋଇଯାଇଛି କନ୍ତୁ ମୁଖଶାଳା ଧରି ରଖିଛି ଅନେକ କଳା, ସଂସ୍କୃତି । ୧୨ ଶହ ବଢ଼େଇ ୧୨ ବର୍ଷ ଲାଗି ଏହି ମନ୍ଦିର ତିଆରି କରିଥିଲେ । ଶେଷରେ ଚୂଳ ମାରିଥିଲା ବିଷ୍ଣୁ ମହାରଣା ପୁଅ ଧର୍ମପଦ । ୧୨ଶହ ବଢ଼େଇଙ୍କ ଜୀବନ ରକ୍ଷା ପାଇଁ ସୂର୍ଯ୍ୟୋଦୟ ପୂର୍ବରୁ ସମୁଦ୍ରକୁ ଝାସ ଦେଇଥିଲା ଧରମା । ୭ଟି ଘୋଡ଼ା ଟାଣୁଥିବା ରଥର ଆକୃତି ଦୃଶ୍ୟମାନ ହୁଏ ଏ ମନ୍ଦିରରେ । ମନ୍ଦିର କାନ୍ଥରେ ଖୋଦିତ ହୋଇଥିବା ଅନେକ ନର୍ତ୍ତକୀଙ୍କ ମୂର୍ତ୍ତି, ହାତୀ ଘୋଡ଼ାଙ୍କ ମୂର୍ତ୍ତି, ଶିଷ୍ୟଙ୍କୁ ଶିକ୍ଷା ଦେଉଥିବା ଗୁରୁ, ମୁନୀଋଷି ଇତ୍ୟାଦିଙ୍କ ମୂର୍ତ୍ତି ଆକୃଷ୍ଟ କରେ ଦର୍ଶକଙ୍କୁ । କୋଣାର୍କ ମନ୍ଦିର ଦର୍ଶନ କରିଛି ଅନେକ ଥର ମୋ ପରିବାର ଓ ବନ୍ଧୁମାନଙ୍କ ସହିତ । ରୋଟାରୀ ପ୍ରୋଗ୍ରାମରେ ଗୋଟିଏ ଜ୍ୟୋସ୍ନା ବିଧୌତ ସନ୍ଧ୍ୟାରେ ଖୋଲା ଗ୍ୟାଲେରୀରେ ବସି ସାଂସ୍କୃତିକ କାର୍ଯ୍ୟକ୍ରମ ମନଭରି ଉପଭୋଗ କରିଛି କୋଣାର୍କରେ । ମାଘ ସପ୍ତମୀରେ ଚନ୍ଦ୍ରଭାଗା ମେଳା ଦେଖିଛି ମୁଁ ମୋ ସ୍ୱାମୀଙ୍କ ସହିତ ।

ପୁରୀ ଯିବା ବାଟରେ ଦୃଶ୍ୟମାନ ହୁଏ ଧଉଳିଗିରିର ଶାନ୍ତିସ୍ତୁପ । ଏହି ସ୍ତୁପ ଦୟାନଦୀ କୂଳରେ ଅବସ୍ଥିତ । କଳିଙ୍ଗ ଯୁଦ୍ଧ ପରେ ଏହି ନଦୀ କଳିଙ୍ଗ ସେନାଙ୍କ ରକ୍ତରେ ଲାଲ ହେବାର ଦେଖି ଯୁଦ୍ଧରତ ସମ୍ରାଟ ଅଶୋକଙ୍କ ମନରେ ବିରାଟ ପରିବର୍ତ୍ତନ ଘଟିଥିଲା । ସେ ଚଣ୍ଡାଶୋକରୁ ଧର୍ମାଶୋକରେ ପରିବର୍ତ୍ତିତ ହୋଇଥିଲେ । ସେଠାରେ ସେ ବୁଦ୍ଧଧର୍ମରେ ଦୀକ୍ଷିତ ହୋଇ ବୌଦ୍ଧଧର୍ମ ପ୍ରଚାର କରିଥିଲେ । ଏହି ଧର୍ମପୀଠ ଜାପାନୀ ବୁଦ୍ଧ ସଙ୍ଘଦ୍ୱାରା ନିର୍ମିତ । ଏଠାରେ ବୁଦ୍ଧଦେବଙ୍କର ମୂର୍ତ୍ତି ପୂଜା ପାଉଛନ୍ତି । ଏହି ପାହାଡ଼ ଉପରେ ଗୋଟିଏ ଶିବ ମନ୍ଦିର ମଧ୍ୟ ନିର୍ମାଣ କରାଯାଇଛି । ଧଉଳିଗିରିରେ ଶାନ୍ତି ସ୍ତୁପ ଓ ଶିବ ମନ୍ଦିର ମୁଁ ଅନେକ ଥର ଦର୍ଶନ କରିଛି ।

ଓଡ଼ିଶା ଥିଲା ଅନେକ ଧର୍ମର ଭିତ୍ତି ଭୂମି । ତା'ର ନିଦର୍ଶନ ମିଳେ ଭୁବନେଶ୍ୱରର ଖଣ୍ଡଗିରି ଓ ଉଦୟଗିରିରୁ । ଏଠାରେ ସମ୍ରାଟ ଖାରବେଳ ଜୈନ

ସନ୍ନ୍ୟାସୀମାନଙ୍କ ପାଇଁ ପାହାଡ଼ ଭିତରେ ଗୁମ୍ଫାମାନ ତିଆରି କରିଥିଲେ। ଏମାନଙ୍କ ମଧ୍ୟରେ ହାତୀ ଗୁମ୍ଫା ଥିଲା ତାଙ୍କର ଶ୍ରେଷ୍ଠକୃତୀ। ଏଠାରେ ପଥର ଉପରେ ପାଲି ଭାଷାରେ ଜୈନ ଧର୍ମ ତତ୍ତ୍ୱ ଲିପିବଦ୍ଧ ହୋଇଅଛି। ମୋ ପିଲାମାନଙ୍କୁ ଦେଖାଇବା ପାଇଁ ଏହି ସ୍ଥାନକୁ ବାରମ୍ବାର ମୁଁ ଯାଇଛି।

କେନ୍ଦ୍ରାପଡ଼ାର ଅନତିଦୂରରେ ରତ୍ନଗିରି, ଉଦୟଗିରି ଓ ଲଳିତଗିରି ପାହାଡ଼ ଅବସ୍ଥିତ। ଏଠାରେ ପୁରାତନ ବୌଦ୍ଧଧର୍ମର କୀର୍ତ୍ତି ଦୃଶ୍ୟମାନ ହୁଏ। ଚୀନ୍‌ର ପରିବ୍ରାଜକ ହୁଏନ୍‌ସାଂ ଭାରତ ଭ୍ରମଣ ସମୟରେ ଏଠାରେ ପୁରାତନ ପୁଷ୍ପଗିରି ବୌଦ୍ଧ ବିଶ୍ୱବିଦ୍ୟାଳୟ ଠାବ କରିଥିଲେ। ସମୟକ୍ରମେ ଏହି କୀର୍ତ୍ତିଗୁଡ଼ିକ ମାଟି ତଳେ ରହିଯାଇଥିଲା। ତାହା ଖନନ କରି ବର୍ତ୍ତମାନ ଅନେକ ବୁଦ୍ଧ ମୁର୍ତ୍ତି ଓ ସେ ସମୟର କଳା ଭାସ୍କର୍ଯ୍ୟ ଲୋକଲୋଚନକୁ ଅଣାଯାଉଅଛି। ମୁମ୍ବାଇର UDCT ର ପ୍ରଫେସର ଏଚ୍.ଟି. ଲୋଖାଣ୍ଡେଙ୍କୁ ଓଡ଼ିଶାର ଏହି କୀର୍ତ୍ତିମୟ ସ୍ଥାନ ଦେଖାଇବା ପାଇଁ ମୋ ଗବେଷଣା ଛାତ୍ରମାନଙ୍କ ସହିତ ମୁଁ ଏହି ସ୍ଥାନକୁ ଯାଇଥିଲି।

ରାଜକନିକା ଥିଲା ମୋ ସ୍ୱାମୀଙ୍କର ଚାକିରି କ୍ଷେତ୍ର। ପିଲାମାନଙ୍କୁ ନେଇ ଯାଇଥିଲି କନିକା ରାଜାଙ୍କର ରାଜପ୍ରାସାଦ ଦେଖିବା ପାଇଁ। ରାଜ ପ୍ରାସାଦରେ ବିଶେଷ ଚାକଚକ୍ୟ ନଥିଲେ ବି ସେଠାରେ ଥିବା ଆସବାସପତ୍ର ରାଜା ରାଜୁଡ଼ାଙ୍କ ରାଜକୀୟ ଢଙ୍ଗର ସୂଚନା ଦେଉଥିଲା। ତା’ପରେ ଜୁଆରିଆ ନଈରେ ଆମେ ଯାଇଥିଲୁ ଲଞ୍ଚରେ ଭିତର କନିକା। ଭିତର କନିକାରେ କୁମ୍ଭୀର ଚାଷ ଓ ସେଠାକାର ପ୍ରାକୃତିକ ପରିବେଶ ଅନୁଧ୍ୟାନ କରିବା ପାଇଁ ମନ ଥାଏ ମୋର। ସେଦିନର ରୋମାଞ୍ଚକର ଅନୁଭୂତି ଭୁଲିବାର ନୁହଁ। ଲଞ୍ଚ ଭିତରେ ରନ୍ଧା ହେଲା। ଖୁସିରେ ସମସ୍ତେ ଖାଇସାରି ପହଞ୍ଚିଲୁ ଭିତର କନିକା ଜଙ୍ଗଲରେ। ସେଠାରେ ଥିବା ବଙ୍ଗଳାରେ କିଛି ସମୟ କଟାଇଲୁ। ହରିଣ, ଠେକୁଆମାନେ ନିର୍ଭୟରେ ବୁଲାବୁଲି କରୁଥିବାର ଦେଖିଲୁ। ପ୍ରକୃତରେ ଭିତରକନିକା ହେଉଛି ଅଭୟାରଣ୍ୟ। ଶହ ଶହ ଛୋଟବଡ଼ କୁମ୍ଭୀର ପାଣିକୁଣ୍ଡ ଭିତରେ ଦେଖି ପିଲାମାନେ ଆନନ୍ଦିତ ହେଉଥାଆନ୍ତି। ସୂର୍ଯ୍ୟାସ୍ତ ପୂର୍ବରୁ ଆମେ ଛାଡ଼ିଲୁ ଭିତର କନିକା ଜଙ୍ଗଲ। ଲଞ୍ଚ ଚାଲିଲା କନିକା ଅଭିମୁଖେ। ନଈର ଧାରେ ଧାରେ ହେନ୍ତାଳ ଗଛର ଘଞ୍ଚ ଜଙ୍ଗଲ। ତା’ ଭିତରକୁ ପଶି ଯାଇଥାଏ ଜୁଆର ପାଣି। ଜଙ୍ଗଲ ଦେଖି



ଦେଖି ଆମେ ଆଗକୁ ଆଗକୁ ଯାଉଥାଉ। ପାଣିରେ କୁମ୍ଭୀର ବା ଅନ୍ୟ ଜନ୍ତୁ ଥିବା କଥା ଆମ ମନକୁ ଆସୁ ନଥାଏ। ହଠାତ୍ ଆମ ଲଞ୍ଚର ଗତି ଧୀର ହୋଇଗଲା। ନଈ କୂଳସ୍ଥ ଜଙ୍ଗଲରୁ ଜଳ ଅପସରି ଆସିଲା ନଈ ଭିତରକୁ। କୂଳ ହୋଇଗଲା ଜଳ ଶୂନ୍ୟ। ବିରାଟ ବିରାଟ କୁମ୍ଭୀର ନଈ କୂଳରେ କାଦୁଅରେ ଶୋଇଥିବାର ଆମେ ଦେଖିଲୁ। ଡରରେ ଆମେ ସମସ୍ତେ ଥରହର। ଲଞ୍ଚ ସାମନ୍ୟ ଟଳିଥାଏ ଗୋଟିଏ ଦିଗକୁ। ଆମେ ସେଠାରେ ସ୍ଥିର। ପ୍ରଭୁଙ୍କୁ ସ୍ମରଣା କରିବା ଛଡ଼ା ଅନ୍ୟ ବାଟ ନଥାଏ ଆମର। କ୍ରମଶଃ ସନ୍ଧ୍ୟା ହୋଇଗଲା। ଆମେ ଚୁପ୍‌ଚାପ୍ ଲଞ୍ଚରେ ବସିଥାଉ। ରାତି ଏକ ଘଡ଼ିରେ ତିଥି ଅନୁସାରେ ଚନ୍ଦ୍ର ଉଦୟ ହେଲା। ସମୁଦ୍ର ଭଟ୍ଟାର ଅବସାନ ଘଟିଲା। ଜୁଆର ପାଣି ପଶି ଆସିଲା ନଈକୁ। ମାଟି ଛୁଇଁଥିବା ଲଞ୍ଚ ହଲିବାକୁ ଆରମ୍ଭ କଲା ଓ ପରେ ପରେ ଜଳପତନ ବଢ଼ିବାରୁ ଜଳରେ ଏହା ଭାସିଲା। ଆମର ଟିକିଏ ସାହସ ହେଲା। ଲଞ୍ଚରେ ଆମେ ପୁଣି ଫେରି ଆସିଲୁ ରାଜକନିକା।

ସମସ୍ତ ମାୟା ବନ୍ଧନରୁ ଉର୍ଦ୍ଧ୍ୱରେ ଥିଲେ ଉତ୍କଳର ଆଧ୍ୟାତ୍ମିକ ପଞ୍ଚସଖା ମହାପୁରୁଷ ଜଗନ୍ନାଥ ଦାସ, ଯଶୋବନ୍ତ ଦାସ, ଶିଶୁ ଅନନ୍ତ ଦାସ, ବଳରାମ ଦାସ ଓ ଶ୍ରୀ ଶ୍ରୀ ଅଚ୍ୟୁତାନନ୍ଦ ଦାସ। ଶ୍ରୀ ଶ୍ରୀ ଅଚ୍ୟୁତାନନ୍ଦ ଦାସ ଥିଲେ ଈଶ୍ୱରଙ୍କର ତ୍ରୟୋଦଶ ଜନ୍ମର ଅବତାର। ତାଙ୍କ ରଚିତ ଭବିଷ୍ୟତ ମାଳିକା ଆଜି ସତ୍ୟରେ ପରିଣତ ହେଉଛି। ସେ ପ୍ରଭୁ ବଳଭଦ୍ର ରୂପରେ ଚିତ୍ରୋତ୍ପଳା ନଦୀ କୂଳରେ ଥିବା ପଦ୍ମବନ ପୀଠ (ନେମାଳ ଗାଦି)ରେ ପୂଜିତ। ସେ ଗାଦି ଦର୍ଶନ କରିବାର ଭାଗ୍ୟ ମୋତେ ଯୁଟିଛି। ଧନ୍ୟ ହୋଇଛି ମୋ ଜୀବନ।

ଗତ ଚୈତ୍ରମାସରେ ଦର୍ଶନ କରିଥିଲି ମା’ କାକଟପୁର ମଙ୍ଗଳାଙ୍କୁ। ଏହା ପୂର୍ବରୁ ଏକାଧିକଥର ଦର୍ଶନ କରିଛି ମା’ଙ୍କୁ। ମା’ଙ୍କ ଦର୍ଶନ ମୋତେ ଦେଇଥାଏ ଅନେକ ସାହସ ଓ ଭରସା। ମା’ ହେଉଛନ୍ତି ଜଗଦ୍‌ଜନନୀ, ତ୍ରାଣକର୍ତ୍ତ୍ରୀ। ମା’ ଭକ୍ତର ଦୁଃଖ ସୁଖ ବୁଝିବା ପାଇଁ ରାତିରେ ନିଜ ଗାଦି ଛାଡ଼ି ଚାଲି ଆସନ୍ତି ବାହାରକୁ। କିଛି ସମୟ ପାଇଁ ବିଶ୍ରାମ ନିଅନ୍ତି ଆଉ ଏକ ପ୍ରସ୍ତର ନିର୍ମିତ ଆସନରେ। ନିଜ

ଶକ୍ତିରେ ସେ ନିଜେ ଶକ୍ତିମୟୀ । ପ୍ରତ୍ୟେକ ଦିନ ରାତିରେ ପ୍ରସ୍ତର ଉପରେ ବସି ସେ ପ୍ରସ୍ତର ଖଣ୍ଡକୁ ଗାଡୁଆ କରି ଦେବାର ନିଦର୍ଶନ ମିଳେ ସେ ମନ୍ଦିରରେ ।

କାକଟପୁର ମଙ୍ଗଳାଙ୍କ ପାଖରୁ ଫେରିବା ବାଟରେ ଯାଇଥିଲି କେନ୍ଦୁବିଲ୍ୱ ଗ୍ରାମକୁ । ପ୍ରାଚୀ ନଦୀ କୂଳରେ ଜୟଦେବଙ୍କର ଜନ୍ମସ୍ଥଳୀ ଏହି ଗ୍ରାମଟି । ମାନବ ଶରୀରରେ ଜନ୍ମ ହୋଇ ମଧ ଲୀଳାମୟ ଶ୍ରୀକୃଷ୍ଣଙ୍କୁ ତାଙ୍କ ଅଗାଢ଼ ଭକ୍ତିରେ ଟାଣି ଆଣି ପାରିଥିଲେ ଜୟଦେବ ନିଜ ପାଖକୁ । ସେଠାରେ ସେ ରଚନା କରିଥିଲେ ଭକ୍ତିମୟ "ଗୀତ ଗୋବିନ୍ଦ" । ଗୀତ ଗୋବିନ୍ଦ ଲେଖୁ ଲେଖୁ ଗୋଟିଏ ପଦରେ କୃଷ୍ଣ ରାଧାଙ୍କର ପାଦ ଧରିବା ବର୍ଣ୍ଣନାକୁ ସ୍ଥାନ ଦେବାପାଇଁ ସେ ଭାବିଲେ । କିନ୍ତୁ ଏତେ ବଡ଼ ଧୃଷ୍ଟତା ସେ କେମିତି କରିବେ ? ରାଧା ତ ଜଣେ ସ୍ତ୍ରୀ, କୃଷ୍ଣ ଯିଏ ହେଉଛନ୍ତି ବିନ୍ଦୁଠାରୁ ସିନ୍ଧୁ ପର୍ଯ୍ୟନ୍ତ ବ୍ୟାପ୍ତ, ଜଗତ କର୍ତ୍ତା, ଷୋହଳ କଳାରେ ପରିପୂର୍ଣ୍ଣ, ମାଧୁର୍ଯ୍ୟରେ ଭରପୁର ସେ ପୁଣି କେମିତି ରାଧାଙ୍କ ପାଦ ଧରିବେ ? ଏହି ସବୁ ଦୁଶ୍ଚିନ୍ତା ତାଙ୍କୁ ଘାରିଥିଲା । ସେ ପଦଟିକୁ ଲେଖି ନପାରି ସ୍ତ୍ରୀ ପଦ୍ମାବତୀଙ୍କୁ କହି ପ୍ରାଚୀ ନଦୀକୁ ସ୍ନାନ କରିବା ପାଇଁ ଚାଲିଗଲେ । ଭକ୍ତର ମନକଥାକୁ ଭଗବାନ ଜାଣି ପାରନ୍ତି । ଜୟଦେବଙ୍କର ଗୀତଗୋବିନ୍ଦ ଲେଖିବାର ପ୍ରଗାଢ଼ ନିଷ୍ଠା ଓ ଭକ୍ତିକୁ କେମିତି ଏଡ଼ାଇ ଦେଇଥାଆନ୍ତେ ଶ୍ରୀକୃଷ୍ଣ । ତାଙ୍କ ଅନୁପସ୍ଥିତିରେ ଜୟଦେବଙ୍କ ବେଶ ଧରି ପହଞ୍ଚିଲେ ସେ ପଦ୍ମାବତୀଙ୍କ ପାଖରେ । ତାଳପତ୍ରରେ ଅଧା ଲେଖା ଗୀତ ଗୋବିନ୍ଦରେ ଜୟଦେବଙ୍କ ମନର ଭାବନାକୁ ରୂପ ଦେଇ ଲେଖିଦେଲେ ପଦଟିଏ "ଦେହୀ ପଦ ପଲ୍ଲବ ମୁଦାରମ୍" । ସ୍ନାନ କରି ଆସିଥିବାରୁ ପଦ୍ମାବତୀ ତାଙ୍କୁ ଭୋଜନ ବାଢ଼ିଦେଲେ । ପରମ ତୃପ୍ତିରେ କୃଷ୍ଣ ଭୋଜନ କରିଥିଲେ । ଏହାପରେ ପଦ୍ମାବତୀ ଦେଖିଲେ ପ୍ରକୃତ ଜୟଦେବ ସ୍ନାନ ସାରି ଫେରୁଛନ୍ତି । ସେ ହତ୍‌ବାକ୍ ହୋଇଗଲେ । ଜୟଦେବ ଜାଣିଲେ ତାଙ୍କ ମନର ଭାବନାକୁ କବିତାରେ ରୂପଦେଇ ଚାଲିଯାଇଛନ୍ତି କେହି ଜଣେ । ସେ ହେଉଛନ୍ତି ଲୀଳାମୟ ଶ୍ରୀକୃଷ୍ଣ । ଜୟଦେବ ଭାବରେ ବିଭୋଳିତ ହୋଇ ଯାଇଥିଲେ । ସେ ଯେଉଁ ସ୍ଥାନରେ ଗୀତ ଗୋବିନ୍ଦ ରଚନା କରିଥିଲେ, ୨୫ ଏକର ବିଶିଷ୍ଟ ସେହି ସ୍ଥାନଟି ଜୟଦେବ ପୀଠ ନାମରେ ଆଜି ଦର୍ଶକମାନଙ୍କୁ ଆକୃଷ୍ଟ କରୁଛି । ଏଠାରେ ଅନେକ କୁଞ୍ଜ କରାଯାଇଛି । ସେହି କୁଞ୍ଜରେ ଗୀତ ଗୋବିନ୍ଦର ସ୍ୱର ଝଙ୍କୃତ ହେଉଛି ।



ପ୍ରଭୁ ଜଗନ୍ନାଥଙ୍କ କରୁଣା ଅନେକ । ତାଙ୍କରି କୃପାରୁ ବେଳେ ବେଳେ ମୋ ପରିବାର ସହ ଆଉ କେତେବେଳେ ବନ୍ଧୁମାନଙ୍କ ସହ ଓଡ଼ିଶାରେ ଅନେକ ଦେବାଦେବୀଙ୍କ ସ୍ଥାନରେ ଓ ଦର୍ଶନୀୟ ସ୍ଥାନରେ ପହଞ୍ଚି ପାରିଛି । ଭଦ୍ରକର ଆଖଣ୍ଡଳମଣି ମୋର ଆରାଧ୍ୟ ଦେବତା । ପିଲାଦିନରୁ ବହୁବାର ଦର୍ଶନ କରିଛି ବାବାଙ୍କୁ । ତା'ଛଡ଼ା ଭଦ୍ରକର ଭଦ୍ରକାଳୀ, ଧାମରାରେ ଧାମରେଇ, ରେମୁଣାରେ କ୍ଷୀରଚୋରା ଗୋପୀନାଥ, ନୀଳଗିରିରେ ପଞ୍ଚଲିଙ୍ଗେଶ୍ୱର, ଯାଜପୁରରେ ବିରଜା, ଝଙ୍କଡ଼ରେ ଶାରଳା, ଘଟଗାଁ ତାରିଣୀ, ଖିଚିଙ୍ଗ୍‌ରେ କିଚକେଶ୍ୱରୀ, ବାରିପଦାରେ ମା' ଅମ୍ବିକା, ବରଗଡ଼ରେ ନୃସିଂହନାଥ, ସମ୍ବଲପୁରରେ ମା' ସମଲେଇ, ବାଲୁଗାଁରେ ଭଗବତୀ, ରମ୍ଭା ନିକଟରେ ନାରାୟଣୀ, ବରହମପୁରରେ ବୁଢ଼ୀ ଠାକୁରାଣୀ, ଛିନ୍ନମସ୍ତା ଭୈରବୀ, ତାରା ତାରିଣୀ, ଉଗ୍ରତାରା, କଣ୍ଟିଲୋରେ ନୀଳମାଧବ, ନୟାଗଡ଼ରେ ଲଡୁବାବା, ରଘୁନାଥଜିଉ, ବାଙ୍କିରେ ଚର୍ଚ୍ଚିକା, ବଡ଼ମ୍ବାରେ ଭଟ୍ଟାରିକା, ଖୋର୍ଦ୍ଧାରେ ବରୁଣେଇ, ଚିଲିକାରେ କାଳିଜାଇ, ଚଣ୍ଡୀଖୋଲ ଆଶ୍ରମ, ମହାବିନାୟକ, କଟକ ଚଣ୍ଡୀ, ଗଡ଼ଚଣ୍ଡୀ, ସିରିଡ଼ିବାବାଙ୍କ ମନ୍ଦିର, ପଞ୍ଚମୁଖୀ ହନୁମାନ, ଗଡ଼ଗଡ଼ିଆ ଶିବ ମନ୍ଦିର, କେନ୍ଦ୍ରାପଡ଼ାରେ ବଳଦେବଜିଉ ମନ୍ଦିର, ଛତିଆରେ ଛତିଆବଟ, କପିଳାସରେ ଶିବମନ୍ଦିର ଓ ସିରିଡ଼ି ସାଇ ବାବାଙ୍କ ମନ୍ଦିର, ଧବଳେଶ୍ୱର ମନ୍ଦିର, ଗୋରେଖ ନାଥ, ବାଟ ମଙ୍ଗଳା, ଭୁଆଷୁଣୀ ଠାକୁରାଣୀ, ବ୍ରହ୍ମଗିରିରେ ଅଲାର ନାଥ, କୋଣାର୍କ ନିକଟରେ ରାମଚଣ୍ଡୀ, ବ୍ରହ୍ମଗିରି ନିକଟରେ ବାଲି ହରଚଣ୍ଡୀଙ୍କ ମନ୍ଦିର ଇତ୍ୟାଦି ଦର୍ଶନ ସହିତ ପାରାଦ୍ୱୀପ ବନ୍ଦର, ଚିଲିକା, ସାତପଡ଼ାରେ ଡଲ୍‌ଫିନ୍, ପୁରୀ ସମୁଦ୍ର କୂଳ, ଗୋପାଳପୁର ସମୁଦ୍ର କୂଳ, ଚାନ୍ଦିପୁର ସମୁଦ୍ର କୂଳ, ପ୍ରାକୃତିକ ସୌନ୍ଦର୍ଯ୍ୟଭରା ସପ୍ତଶଯ୍ୟା ଓ ଜଳ ପ୍ରପାତ ସାନଘାଗରା ଇତ୍ୟାଦି ସ୍ଥାନ ଭ୍ରମଣ ଆଣି ଦେଇଛି ମୋ ଜୀବନର ଏକ ସାର୍ଥକତା ।

## ବୈଷ୍ଣବ ଦେବୀ, ଜୟପୁର, ଆଜମୀର୍ ପୁଷ୍କର ତୀର୍ଥ

ଭାରତର ଅନେକ ସ୍ଥାନ ବୁଲିବା ପାଇଁ ଈଶ୍ୱର ମୋତେ ଦେଇଥିଲେ ଆଶୀର୍ବାଦ । ଯାହା ମୁଁ ଆଶା କରିନଥିଲି ତାହାଠାରୁ ଅଧିକ ପାଇଥିଲି । ସାଙ୍ଗ ହୋଇ ଖୋଲାମନରେ ବୁଲିବାର ସୁଯୋଗ ମୋତେ ମିଳି ନଥିଲା । ମୋ ସ୍ୱାମୀ

ଥିଲେ ଚାକିରିରେ ବ୍ୟସ୍ତ । ମୋ ସାଙ୍ଗରେ ବୁଲିବାର ସୁଯୋଗ ତାଙ୍କର ନଥିଲା । ଦୁଇଜଣଯାକ ଚାକିରିରୁ ଅବସର ନେଲାପରେ ଆମ ସାଙ୍ଗରେ ମିଶିଲେ ମୋ ଶିକ୍ଷକ ଡକ୍ଟର ପ୍ରଭାତ କୁମାର ମିଶ୍ର ଓ ତାଙ୍କ ପତ୍ନୀ ଡଲି ନାନୀ । ସେମାନେ ବୁଲାବୁଲି କରି ଜୀବନଟାକୁ ଉପଭୋଗ କରିବା ଶିଖିଛନ୍ତି । ସେ ଦୁଇଜଣଙ୍କ ସହିତ ବୁଲିଲୁ ଅନେକ ସ୍ଥାନ । ପ୍ରତ୍ୟେକ ଭ୍ରମଣ ସହିତ ଆମର ଥାଏ ଶୈଳନିବାସ ରହଣି ଓ ପ୍ରକୃତି କୋଳରେ କିଛି ସମୟ ବିତାଇବାର ନିଶା । ଅନେକଥର ଚାହିଁଥିଲେ ମଧ୍ୟ ସେ ଦୁଇଜଣ ଯାଇ ପାରିନଥିଲେ ମା' ବୈଷ୍ଣବ ଦେବୀଙ୍କ ପାଖକୁ । ମା'ଙ୍କର ଦର୍ଶନ ଆମ ସହିତ ହେଉ ଏହା ହୁଏତ ମା' ଚାହୁଁଥିଲେ । ଆମ ଚାରିଜଣଙ୍କର ପ୍ରଥମ ଯାତ୍ରା ଥିଲା ବୈଷ୍ଣବ ଦେବୀଙ୍କ ପାଖକୁ । ଏହି ହିନ୍ଦୁ ମନ୍ଦିର ଜାମୁ କାଶ୍ମୀର ପ୍ରଦେଶରେ ୫ ୨ ୦ ୦ ଫୁଟ ପାହାଡ଼ ଉପରେ ଅବସ୍ଥିତ । ସେଠାରେ ଦର୍ଶନ କରିବା ପରେ ଆମେ କିଛି ଦିନ ରହିଥିଲୁ ଶୈଳନିବାସ ଡେଲ୍‌ହାଉସୀରେ । ତା'ପରେ ଜୟପୁର, ଆଜମୀର, ପୁଷ୍କର ତୀର୍ଥ ହୋଇ ଫେରିଥିଲୁ କଟକ ।

ପ୍ରଥମେ ଦିଲ୍ଲୀରୁ ଟ୍ରେନରେ ଯାଇ ପହଞ୍ଚିଥିଲୁ ଜାମୁରେ । ଜାମୁରୁ ବସ୍ ଯୋଗେ ଥିଲା ଆମର ଯାତ୍ରା କଟରାକୁ । କଟରା ପାହାଡ଼ ତଳର ଏକ ସହର । ଏଠାରୁ ଲୋକମାନେ ୧ ୪ କି.ମି. ପାହାଡ଼ ଉପରକୁ ଚାଲି ଚାଲି ବା ପନି ଉପରେ ବସି ବା ହାନ୍ଦୋଳରେ ଯା'ନ୍ତି ମା ବୈଷ୍ଣବ ଦେବୀଙ୍କ ପାଖକୁ । ଆମେ ଚାରିଜଣ ପନିରେ ବସି ଅଙ୍କାବଙ୍କା ପାହାଡ଼ିଆ ରାସ୍ତାରେ ଯାଇଥିଲୁ ଉପରକୁ । ପିଠୁ ଆମ ଜିନିଷପତ୍ର ପିଠିରେ ଲଦି ଅନ୍ୟ ରାସ୍ତାରେ ଉଠିଥିଲା ଉପରକୁ । ମୋ ପନି ଚାଲିଥାଏ ସବୁଠାରୁ ଆଗରେ । ପଛରେ ଥା'ନ୍ତି ତିନିଜଣ । ପନିରେ ବସି, ପାହାଡ଼ର ଶୋଭାମୟ ଦୃଶ୍ୟ ଅନୁଭବ କରି କରି ଉପରକୁ ଉଠିବାର ଶିହରଣ ଏବେ ବି ମୋ ଶରୀରରେ ମୁଁ ଅନୁଭବ କରେ । କି ରୋମାଞ୍ଚକର ଥିଲା ସେ ଯାତ୍ରା । ମା' ଯେମିତି ମୋତେ ଶକ୍ତି ଓ ଉଦ୍ଦୀପନା ଦେଉଥାନ୍ତି ସେମିତି ମୋର ମନେ ହେଉଥାଏ । ବେଳେ ବେଳେ ପନି ପାହାଡ଼ ରାସ୍ତାର ଧାରକୁ ଚାଲିଗଲେ ମୋ ସ୍ୱାମୀ ଡରରେ ଚିତ୍କାର କରୁଥାଆନ୍ତି । ବାଟ ସାରା ଆବାଳ ବୃଦ୍ଧବନିତା "ଜୟ ମାତାଦୀ, ଜୟ ମାତାଦୀ" କହି କହି ମୁଣ୍ଡରେ ନାଲି ଚୁନ୍‌ରି ବାନ୍ଧି ଓ ହାତରେ ବାଡ଼ି ଧରି ଉଠୁଥାଆନ୍ତି ଉପରକୁ । ସେ ଦୃଶ୍ୟ ଯେ ନ ଦେଖିଛି ସେ ଏହା ଅନୁଭବ କରି ପାରିବନି ।



ବାଟରେ ଜଳ ଦିଆଯାଉଥାଏ ଯାତ୍ରୀମାନଙ୍କୁ । ଠାଏ ଠାଏ ଥାଏ ବିଶ୍ରାମସ୍ଥଳୀ ଓ କିଛି ଦୋକାନ । ପାହାଡ଼ ଉପରେ ଆମର ରହିବାର ବ୍ୟବସ୍ଥା ଆମେ କରିଥିଲୁ ପୂର୍ବରୁ । ଖୁବ୍ ଶୀତ ଥାଏ ଉପରେ । ଭଡ଼ାରେ କମ୍ବଳ ମିଳୁଥାଏ । ରାତିରେ ହେଲା ଆମର ସ୍ପେଶାଲ ଦର୍ଶନ । ଛୋଟ ଧାଡ଼ିରେ ଗୁମ୍ଫା ଭିତରେ ନଇଁ ନଇଁ ଯାଇ ମା'ଙ୍କୁ ଓ ତିନି ପିଣ୍ଡ ମହାକାଳୀ, ମହାଲକ୍ଷ୍ମୀ ଓ ମହା ସରସ୍ୱତୀଙ୍କୁ ଦର୍ଶନ କଲୁ । ମା' ଭବାନୀ ଜଗଦ୍‌ଜନନୀ ଖୁବ୍ ପ୍ରତ୍ୟକ୍ଷ ଦେବୀ ।

ବର୍ଣ୍ଣିତ ଅଛି, କିଶୋର ଅବସ୍ଥାରୁ ଜଣା ପଡୁଥିଲା ଯେ ମା' ଦେବୀଙ୍କର ଅବତାର ନେଇ ଜନ୍ମ ହୋଇଛନ୍ତି । ଏହାଶୁଣି ବାବା ଭୈରବନାଥ ତାଙ୍କୁ ତ୍ରିକୂଟ ପର୍ବତରେ ଖୋଜୁଥିଲେ । ତାଙ୍କଠାରୁ ରକ୍ଷା ପାଇବା ପାଇଁ ଦେବୀ ଭୂମି ଉପରେ ଶର ନିକ୍ଷେପ କଲେ । ସେଠାରୁ ଜଳ ନିର୍ଗତ ହୋଇ ନଦୀ ସୃଷ୍ଟି ହେଲା । ବାଣରୁ ଏହି ନଦୀ ସୃଷ୍ଟି ହୋଇଥିବାରୁ ଏହାର ନାମ "ବାଣ ଗଙ୍ଗା" । ଏହି ନଦୀକୂଳରେ ମା'ଙ୍କର ପାଦ ଚିହ୍ନ "ଚରଣ ପାଦୁକା" ନାମରେ ପୂଜା ପାଉଛି । ଏହାପରେ ମା' ଧ୍ୟାନରତ ହୋଇ ଗୋଟିଏ ଗୁମ୍ଫାରେ ତପସ୍ୟା କଲେ, ଯାହାର ନାମ ଅର୍ଦ୍ଧକୁମାରୀ । ବୈଷ୍ଣବଦେବୀଙ୍କ ପାଖକୁ ଜିବା ବାଟରେ ଏହି ଗୁମ୍ଫା ପଡ଼େ । ଭକ୍ତମାନେ ଏହା ଭିତରେ ପଶି ଅନ୍ୟପଟେ କଷ୍ଟେମଷ୍ଟେ ବାହାରନ୍ତି ।  ଭୈରବନାଥ ତାଙ୍କ ତପସ୍ୟା ଭଙ୍ଗ କରି ତାଙ୍କୁ ମାରିବାକୁ ଚେଷ୍ଟା କଲାରୁ ମା' କାଳୀ ରୂପ ଧାରଣ କରି ଏତେ ଜୋରରେ ତାଙ୍କ ପଛରେ ଗୋଡ଼ାଇଲେ ଯେ ଭୈରବନାଥଙ୍କ ମସ୍ତିଷ୍କର ଖପୁରୀ ଭୈରବ ଘାଟୀ ପାଖରେ ପଡ଼ି ଯାଇଥିଲା । ଭୈରବନାଥ ମା'ଙ୍କୁ କ୍ଷମା ମାଗିଲେ । ସେତେବେଳେ ମା' ତାଙ୍କୁ କହିଥିଲେ, "ଯାତ୍ରାର ପୂର୍ଣ୍ଣତା ପାଇଁ ପ୍ରତ୍ୟେକ ଯାତ୍ରୀ ମୋ ଦର୍ଶନ ପରେ ତୁମକୁ ଦର୍ଶନ କରିବେ ।" ମା' ସେଠାରେ ତିନିଟି ପିଣ୍ଡରେ ବିଭକ୍ତ ହୋଇଗଲେ । ଆଜିଯାଏ ସେହି ତିନିଟି ପିଣ୍ଡ ମହା କାଳୀ, ମହା ଲକ୍ଷ୍ମୀ ଓ ମହା ସରସ୍ୱତୀ ନାମରେ ପୂଜା ଯାଉଛନ୍ତି ବୈଷ୍ଣବ ଦେବୀଙ୍କ ପୀଠରେ ।

ତା'ପର ଦିନ ସକାଳେ ଯାଇଥିଲୁ ଗୋଟିଏ ଗଭୀର ସ୍ଥାନକୁ । ଯେଉଁଠାରେ  ଝରଣାରୁ ପାଣି ଆସୁଥାଏ ଏବଂ ସେଠାରେ ଦେବଦେବ ମହାଦେବଙ୍କ ଦିଅଁ ପୂଜା ପାଉଥାଆନ୍ତି ।

ବୈଷ୍ଣବ ଦେବୀଙ୍କଠାରୁ ଫେରି ପଠାନ୍‌କୋର୍ଟ ଦେଇ ଆମେ ଗଲୁ ହିମାଚଳ ପ୍ରଦେଶର ଶୈଳ ନିବାସ ଡେଲ୍‌ହାଉସୀକୁ। ବେଶୀ ଉପରକୁ ନ ଯାଇ ଆମେ ପାହାଡ଼ର ମଝାମଝିରେ ଘର ନେଲୁ। ସେଠାରେ ଭସା ବାଦଲ ଆମ ମୁହଁରେ ବାଜି ଯାଉଥାଏ। ଏହା ଥିଲା ଖୁବ୍ ଆକର୍ଷଣୀୟ ସ୍ଥାନ ଓ ଅପାସୋରା ଅନୁଭୂତି। ସେଠାରେ ଘରଭଳି ରନ୍ଧା ତରକାରି ଓ ଫୁଲକା ଖିଆ ଆମର ଏଯାଏ ମନେ ଅଛି। ଡେଲ୍‌ହାଉସୀରେ ପ୍ରବଳ ଥଣ୍ଡା ଲାଗୁଥାଏ। ଶେଯ ଓଦାଳିଆ ଲାଗୁଥାଏ। ଡେଲ୍‌ହାଉସୀଠାରେ ଦୁଇଦିନ ରହିଲା ପରେ ଯାଇଥିଲୁ ଚମ୍ବା। ବାଟରେ ପଡ଼ିଥିଲା ଏକ ଘାସ ଗାଲିଚା ପରା ହେଲା ପରି ସୁନ୍ଦର ସ୍ଥାନଟିଏ। ମିନି ସୁଇଜରଲ୍ୟାଣ୍ଡ ବୋଲି ସେ ସ୍ଥାନ ନାମିତ। ହିମାଚଳିଆନ୍ ଡ୍ରେସ୍ ପିନ୍ଧି ଫଟୋ ଉଠାଇଲି ସେଠାରେ। ଚମ୍ବା ସହରରେ ବୁଲିବା ସମୟରେ ଗୋଟିଏ ମନ୍ଦିର ଆମର ଦୃଷ୍ଟି ଗୋଚର ହୋଇଥିଲା।

ତା'ପରେ ଦିଲ୍ଲୀ ଦେଇ ଆମେ ଗଲୁ ଜୟପୁର, ଆଜମୀର୍ ଓ ପୁଷ୍କର ତୀର୍ଥ। ଜୟପୁର ରାଜସ୍ଥାନର ରାଜଧାନୀ। ଏଠାରେ ସବୁ ଦର୍ଶନୀୟ ସ୍ତମ୍ଭ ଓ ରାଜ ପ୍ରାସାଦଗୁଡ଼ିକ ଗୋଲାପି ପଥରରେ ତିଆରି ହୋଇଥିବାରୁ ଏହାକୁ Pink City ବା ଗୋଲାପି ନଗର କୁହାଯାଏ। ଏଠାରେ ଦେଖିଲୁ ହାୱା ମହଲ। ଏହା ଜୟପୁର ରାଜ ପ୍ରାସାଦ ପାଖରେ ନିର୍ମିତ। ଏହା ରାଜପୁତ ଶାସନ ବେଳେ ସବୁଠାରୁ ଅଧିକ କଳା ସଂପର୍ଣ୍ଣ ଥିଲା। ସେତେବେଳେ ରାଜ ବଂଶୀୟ ସ୍ତ୍ରୀ ଲୋକମାନେ ବାହାରକୁ ଯାଇପାରୁ ନଥିଲେ। ଏହି ମହଲରେ ଥିବା ଛୋଟ ଛୋଟ ଝରକା ବାଟେ ସେମାନେ ଶୋଭାଯାତ୍ରା ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଦେଖୁଥିଲେ। ଏହାର ଛାତରେ ସୁନ୍ଦର କାରୁକାର୍ଯ୍ୟ ହୋଇଛି। ଏହି ମହଲରେ ଆଜିଯାଏ ଅନେକ ଛୋଟ ଛୋଟ ଝରକା ରହିଛି। ଏହାପରେ ଦୂରରୁ ଦେଖିଲୁ ଜଲ୍ ମହଲ। ପାଣି ଭିତରେ ଗୋଟିଏ ମହଲ ଦିଶୁଥାଏ। ତା' ଭିତରକୁ ଯାଇ ନଥିଲୁ। ଜୟପୁରରେ ସୁନ୍ଦର ସୁନ୍ଦର ଫୁଲ ବଗିଚା ଅଛି। ଏହାପରେ ଦେଖିଲୁ ଯନ୍ତରମନ୍ତର। ଏହା ୧୭୨୮ ମସିହାରେ ନିର୍ମାଣ କରାଯାଇଥିଲା। ଏଠାରେ ବିଭିନ୍ନ ଗାଣିତିକ ସୂତ୍ରର ନମୁନା ଅଛି। ଜୟପୁର



ମ୍ୟୁଜିୟମ ଆଉ ଗୋଟିଏ ଦର୍ଶନୀୟ ସ୍ଥାନ। ଏଠାରେ ଜୟପୁରୀ ଗହଣା, ଉଦୟପୁର, ଜୟପୁର ଓ କୋଟାର ପେଣ୍ଟିଂ ରହିଛି। ରାଜ ବଂଶର କାଠ ସାମଗ୍ରୀ, ଧାତୁରେ ତିଆରି ଜିନିଷ, ପୁରାତନ ପର୍ବପର୍ବାଣୀର ପୋଷାକ ଇତ୍ୟାଦି ରଖାଯାଇଛି ଏଠାରେ।

କେବଳ ଯେ ହିନ୍ଦୁ ମନ୍ଦିର ଦର୍ଶନ ଆମର ନିଶା ଥିଲା ତାହା ନୁହଁ। ବାଟରେ ଯାଇଥିଲୁ ଆଜମୀର। ତାହା ମୁସଲମାନମାନଙ୍କର ଧର୍ମପୀଠ। ସେଠାରେ ଖାଜା ବାବାଙ୍କ କବର ଉପରେ ଚଦର ଚଢ଼ାଇଲେ ମନସ୍କାମନା ପୂର୍ଣ୍ଣ ହୁଏ ବୋଲି ଲୋକମାନଙ୍କର ବିଶ୍ୱାସ। ଅନେକ ମୁସଲମାନ ଭାଇ ସେଠାରେ ଚଦର ଚଢ଼ାଉଥିବାର ଓ କୋରାନ୍ ପଢୁଥିବାର ଦେଖିଲୁ।

ପୁଷ୍କର ତୀର୍ଥରେ ବ୍ରହ୍ମାଙ୍କ ମନ୍ଦିର ଦର୍ଶନ କରିଥିଲୁ। ଭାରତରେ ବ୍ରହ୍ମାଙ୍କ ମନ୍ଦିର ବିରଳ। ପୁଷ୍କର ତୀର୍ଥରେ ବିରାଟ ଜଳ ଭଣ୍ଡାର ଅଛି। ଏଠାରେ ପିତୃ ପୁରୁଷଙ୍କୁ ତର୍ପଣ କରି ଫେରି ଆସିଥିଲୁ ଦିଲ୍ଲୀ। ଆମର ୪ ଜଣିଆ ପ୍ରଥମ ଯାତ୍ରା ଥିଲା ଅପାସୋରା ଏବଂ ଅନୁଭୂତିମୟ।

## ବଦ୍ରୀନାଥ ଧାମ, ଋଷିକେଶ, ହରିଦ୍ୱାର, ମସୌରୀ, ଡେରାଡୁନ୍

ଗୋଟିଏ ଗ୍ରୀଷ୍ମାବକାଶରେ ଯାଇଥିଲୁ ବଦ୍ରୀନାଥ, ହରିଦ୍ୱାର, ଋଷିକେଶ, ମସୌରୀ ଓ ଡେରାଡୁନ୍। ପ୍ରଭୁ ତୁମ ଖେଳା ଲୀଳା ସ୍ଥଳର ମହାତ୍ମ ବର୍ଣ୍ଣନା କରିବା ପାଇଁ ମୁଁ ଏକ ହୀନ ଅକିଞ୍ଚନ। ବଦ୍ରୀନାଥ ଧାମରେ ବଦ୍ରୀନାରାୟଣ ନାମରେ ତୁମେ ବିଦିତ। କେତେ ମୁନିଋଷି, ଜ୍ଞାନୀମାନଙ୍କୁ ଆକୃଷ୍ଟ କରିଛ ନିଜ ପୀଠକୁ। ସଂସାରର ସବୁ ମାୟା ବନ୍ଧନକୁ ଖଣ୍ଡନ କରି ତୁମରି ପାଦତଳେ ଶରଣାଗତ ପ୍ରଭୁ କେତେ ନରନାରୀ। ତୁମ ଭିତରେ ଲୀନ ହେବାପାଇଁ କେତେ ତପସ୍ୟା, କେତେ ବିନମ୍ର ପ୍ରାର୍ଥନା। ତୁମ ଦର୍ଶନ ପାଇଁ କେତେ ଆକୁଳ ବିନତି। ତୁମେ ଇଚ୍ଛାମୟ ପ୍ରଭୁ, ତୁମ କରୁଣା ଲାଭ କରି ଧନ୍ୟ ହୁଏ ତୁମ ଭକ୍ତ। ଭକ୍ତ ମୁଁ ନୁହଁ। ମନ ପ୍ରାଣ ଢାଳି ଭକ୍ତି କରି ପାରେନି ମୁଁ। ତଥାପି ତୁମକୁ ମୁଁ ଆପଣାର ଭାବେ। ନିଜ ଭିତରେ ମୁଁ ତୁମକୁ ବାରବାର ଦେଖେ। ହେଲେ ମନଟା ବୁଝେନି। କେଉଁ ଦିନ ଦର୍ଶନ କରିବି ମୋ ପ୍ରଭୁ ବଦ୍ରିନାଥଙ୍କୁ। ମୋର ପ୍ରଗାଢ଼ ବିଶ୍ୱାସ ଥିଲା, ସେ ଦିନେ ନା

ଦିନେ ଦୁର୍ଗମ ଗିରିପଥ ଦେଇ ନେଇଯିବେ ତାଙ୍କ ପାଖକୁ । ଜୀବନରେ ବଦ୍ରୀନାଥ ଦର୍ଶନ ଥିଲା ଖୁବ୍ ରୋମାଞ୍ଚକର । ଜୁନ୍ ୨ ତାରିଖ ୧୯୯୮ ମସିହାରେ ଆମର ଯାତ୍ରା ଆରମ୍ଭ ହେଲା ପୁରୁଷୋତ୍ତମ ଏକ୍ସପ୍ରେସରେ । ୪ ତାରିଖ ପ୍ରଭାତରେ ପହଞ୍ଚିଲୁ ଦିଲ୍ଲୀ ଷ୍ଟେସନରେ । ଦିଲ୍ଲୀରୁ ହରିଦ୍ୱାର ପ୍ରାୟ ୨୦୦ କି.ମି. । ବାୟୁମଣ୍ଡଳ ଉତ୍ତପ୍ତ ଥିଲେ ମଧ୍ୟ ସୁବାସିତ ଜଳଭିଜା ରୁମାଲର ସ୍ପର୍ଶ ମନ ଓ ଦେହକୁ ସୁଶୀତଳ କରୁଥିଲା । ଦିନ ୨ଟାରେ ପହଞ୍ଚିଲୁ ହରିଦ୍ୱାରରେ । ସହରର କୋଳାହଳରୁ ଦୂରେଇ ଯାଇ ଭେଲ୍‌ଗେଷ୍ଟ ହାଉସ ଦଣ୍ଡାୟମାନ ଥିଲା ଅନତିଦୂରରେ । ଗେଷ୍ଟ ହାଉସରେ ମନଭରି ସ୍ନାନଟିଏ ହେବା ପରେ ତୃପ୍ତିକର ଭୋଜନଟିଏ ମଧ୍ୟ ହେଲା । ତା'ପରେ PRO ମିଷ୍ଟର ଶର୍ମାଙ୍କସହ ଭେଲ୍ କାର୍‌ରେ ଯାତ୍ରା କଲୁ ଗଙ୍ଗା ନଦୀ କୂଳକୁ । ସେଦିନ ଥିଲା ଗଙ୍ଗା ମାତାଙ୍କର ଜନ୍ମ ଦିନ – ଦଶହରା ପର୍ବ । ଧାଇଁ ଆସିଥାନ୍ତି ଶହ ଶହ ନରନାରୀ ଗଙ୍ଗାମାତା କୋଳରେ କିଛି ସମୟ ପାଇଁ ଶରୀରକୁ ଲୋଟାଇ ଦେବାପାଇଁ, ପାପ ଧୋଇଗଲା ବୋଲି ମନକୁ ବୁଝାଇବା ପାଇଁ । ମା ଗଙ୍ଗାର ଏସବୁକୁ ଧ୍ୟାନ ନଥାଏ ସେଠାରେ । ସେ କ୍ଷୀପ୍ର ଗତିରେ ଆଗକୁ ଧାଇଁଥାଏ । ତା'ର ସମ୍ମୁଖୀନ ହୋଇ ବାଧା ପାଉଥାଏ ମଣିଷ, ହେଲେ ଓହରି ଯାଉନଥାଏ । ଶକ୍ତ ଜଞ୍ଜିର ଧରି ପୁଣି ମା'ର କୋଳାଗ୍ରତ ହେଉଥାଏ । ଯେତେ ହତାଦର କରି ଫୋପାଡ଼ି ଦେଲେ ବି ମା' ମୁଁ ତୋତେ ଛାଡ଼ିବିନି ଆହୁରି ହାବୁଡ଼ି ଧରିବି ତୋ କୋଳକୁ । ଭକ୍ତ ମନରେ ଏ ଆତ୍ମ ଚିତ୍କାର । ଖୁବ୍ ମନମୁଗ୍ଧକର ସ୍ନାନଟିଏ ହେଲା ଗଙ୍ଗା ଜଳରେ । କିଛି ସମୟ ପାଇଁ ଭୁଲିଗଲୁ ଆମେ ସବୁ ଅର୍ଦ୍ଧ ଉଲଗ୍ନ । ମା ପାଖରେ ତା' ସନ୍ତାନର ଲାଜ କ'ଣ ? ସୂର୍ଯ୍ୟାସ୍ତ ହେଲା ୭ଟା ୨୦ ମିନିଟ୍‌ରେ । ଅନ୍ୟ ପାର୍ଶ୍ୱରେ ଥିବା ସମସ୍ତ ମନ୍ଦିର ପାଖରେ ଦୃଶ୍ୟମାନ ହେଲା ସୁଦୀର୍ଘ ଆଳତିର ଶିଖା । ପ୍ରତ୍ୟେକ ମନ୍ଦିରର ଆଳତି ଅଣାଯାଇ ଗଙ୍ଗାମାତାଙ୍କର ଆଳତି ଚାଲିଲା । ପବିତ୍ର ଉଚ୍ଛ୍ୱାସ ସୃଷ୍ଟି ହେଲା ମନରେ । ସେ ସମୟରେ ଗୋଟିଏ ବାଳକ ଅସାବଧାନତାରୁ ଭାସି ଯାଉଥିଲାବେଳେ ଅଳ୍ପକେ ରକ୍ଷା ପାଇଯିବା ଏକ ବିସ୍ମୟକର ଘଟଣା । ଖୋଲା ଆକାଶ ତଳେ ନଦୀକୂଳରେ ହଜାର ହଜାର ନରନାରୀଙ୍କର ଅପଲକ ଦୃଷ୍ଟି ମଧ୍ୟରେ ଗଙ୍ଗାମାତାଙ୍କ ଆଳତି ଖୁବ୍ ମନମୁଗ୍ଧକର ଓ ହୃଦୟସ୍ପର୍ଶୀ ଥିଲା । ଗଙ୍ଗାମାତାଙ୍କର



ଭଜନକୀର୍ତ୍ତନ ମଧ୍ୟ ହେଉଥାଏ ଆଳତି ସହିତ । ଡାଲା ଭଳି ପତ୍ରରେ ବଡ଼ ବଡ଼ ଠୁଙ୍ଗାରେ ଫୁଲ ରଖି ତା'ଉପରେ ଛୋଟ ଛୋଟ ଦୀପ ରଖି ଭକ୍ତମାନେ ଗଙ୍ଗାମାତାଙ୍କୁ ଆଳତି କରୁଥିବାର ଦେଖିଲୁ । ଆଳତି ପରେ ଠୁଙ୍ଗାରେ ଦୀପ ରଖି ଗଙ୍ଗା ନଦୀରେ ଭସାଇ ଦେଉଥାଆନ୍ତି ସେମାନେ । ସାରା ନଦୀ ପ୍ରଜ୍ୱଳିତ ଦୀପରେ ସଜା ହେଲା ଭଳି ଲାଗୁଥାଏ । ପରିବେଶଟି ଥାଏ ଖୁବ୍ ପବିତ୍ର । ଭକ୍ତି ଭାବରେ ଆମେ ଥାଉଁ ବିଭୋର ।

୫ ତାରିଖ ସକାଳ ୬ଟାରେ ବଦ୍ରୀନାଥ ଧାମକୁ ଆମ ଯାତ୍ରା ଆରମ୍ଭ ହେଲା ସଞ୍ଜୁ ନାମକ ଡ୍ରାଇଭର ଚଲାଉଥିବା ଗୋଟିଏ ଟ୍ୟାକ୍ସିରେ । ସମସ୍ତ ରାସ୍ତା ଥିଲା ଅଙ୍କା ବଙ୍କା ଘାଟ୍ ରାସ୍ତା । ଗୋଟିକ ପରେ ଗୋଟିଏ ପର୍ବତ ଅତିକ୍ରମ କରିବାକୁ ପଡୁଥାଏ । ବାଟରେ ଅନେକ ପ୍ରୟାଗ ସ୍ଥାନ ପଡ଼ିଲା । ପ୍ରଥମେ ପଡ଼ିଲା ଦେବ ପ୍ରୟାଗ । ସେଠାରେ ଶ୍ରୀରାମଚନ୍ଦ୍ରଙ୍କ ମୂର୍ତ୍ତି ଦର୍ଶନ ହେଲା । ତା'ପରେ ପଡ଼ିଲା ରୁଦ୍ର ପୟାଗ । ସେଠାରେ ମଧ୍ୟାହ୍ନ ଭୋଜନ କରି ଆଗେଇଲୁ ଆଗକୁ । କ୍ରମଶଃ ବିଷ୍ଣୁ ପ୍ରୟାଗ, କର୍ଣ୍ଣ ପ୍ରୟାଗ, ନନ୍ଦ ପ୍ରୟାଗ ଅତିକ୍ରମ କଲୁ । ବିଭିନ୍ନ ସ୍ଥାନରୁ ଆସୁଥିବା ବନ୍ଧୁମାନଙ୍କର ମିଳନ ଖୁବ୍ ଆନନ୍ଦଦାୟକ ହେଲାଭଳି ବିଭିନ୍ନ ଦିଗରୁ ବିଭିନ୍ନ ନାମ ଧରି ଆସୁଥିବା ନଦୀଗୁଡ଼ିକର ମଧୁର ମିଳନ ହୁଏ ପ୍ରୟାଗ ଠାରେ । ହିମାଳୟର ବୁକୁ ବିଦାରଣ କରି ଗଙ୍ଗାମାତା ପୃଥିବୀକୁ ଡେଇଁ ପଡ଼ିଛି । ତା'ପରେ ସେ କେଉଁଠି ହୋଇଛି ମନ୍ଦାକିନୀ, କେଉଁଠି ଭାଗୀରଥୀ ତ କେଉଁଠି ଅଳକା ନନ୍ଦା । ବିଭିନ୍ନ ନାମଧାରି ଗଙ୍ଗାର କୂଳେ କୂଳେ ସହରମାନ ଗଢ଼ି ଉଠିଛି । ସେମାନଙ୍କ ମଧ୍ୟରେ ଶ୍ରୀନଗର, ପିପଲ୍‌କୋଠି, ଯୋଶୀମଠ ସହର ଇତ୍ୟାଦି ପ୍ରସିଦ୍ଧ ସହର । ହରିଦ୍ୱାର ଠାରୁ ବଦ୍ରୀନାଥ ପ୍ରାୟ ୩୫୦ କି.ମି. ଏବଂ ଏହା ସମୁଦ୍ର ପତନଠାରୁ ୧୦,୩୦୦ ଫୁଟ ଉଚ୍ଚରେ । ଗଙ୍ଗାନଦୀ କୂଳେ କୂଳେ ତା'ର ବିଭିନ୍ନ ରୂପ ଦର୍ଶନ କରି କରି ଆଗକୁ ଆଗକୁ ଆମକୁ ନେଇ ଚାଲିଥାଏ ଟ୍ୟାକ୍ସି । କେଉଁଠି ଗଙ୍ଗା ସଂକୁଚିତ ତ କେଉଁଠି ବିସ୍ତାରିତ । କେଉଁଠି ଶାନ୍ତ ତ କେଉଁଠି ଭୟଙ୍କରୀ ରୂପ ନେଇ ବହି ଚାଲିଛି ତଳକୁ । କେଉଁଠି ପାହାଡ଼ ଫଟାଇ ଝରଣା ବହି ଆସୁଛି ତ କେଉଁଠି ସେ ଚିପି ଯାଇଛି ଦୁଇ ପାର୍ଶ୍ୱ ନିଷ୍ଠୁର ପାହାଡ଼ ମଝିରେ । ଛାଟିପିଟି ଧର୍ଷଣରୁ ରକ୍ଷା ପାଇବା

ପାଇଁ ଚେଷ୍ଟାକଲାଭଳି ଚେଷ୍ଟା କରିଛି କଳ କଳ ନାଦିନୀ ଝରଣା । ସ୍ଥାନେ ସ୍ଥାନେ ବରଫ ତରଳି ଗୁମ୍ଫା ସୃଷ୍ଟି ହୋଇଛି । ବାଟରେ ରାସ୍ତା ଧାରରେ ଶଙ୍କଟ ମୋଚନ ବୀର ହନୁମାନଙ୍କର ମନ୍ଦିର 'ହନୁମାନ ଚଟି' ନାମରେ ପ୍ରସିଦ୍ଧ । ରାସ୍ତା ଚଉଡ଼ା ଓ ଖୁବ୍ ଭଲ ହେଲେ ମଧ୍ୟ ଖୁବ୍ ବିପଦ ସଙ୍କୁଳ, କାରଣ ଘନ ଘନ ତୀକ୍ଷ୍ଣ ବାଙ୍କ ।

ଯୋଶୀମଠରେ ପହଞ୍ଚିଲୁ ସନ୍ଧ୍ୟା ୬ଟାରେ । ଯୋଶୀମଠ ଠାରୁ ବଦ୍ରୀନାଥ ଧାମ ୪୪ କି.ମି. । ସେଠାରୁ one way traffic । ସନ୍ଧ୍ୟା ହେଲେ ଗେଟ୍ ବନ୍ଦ । ତେଣୁ ସନ୍ଧ୍ୟା ହେଲେ ଯୋଶୀମଠ ଅତିକ୍ରମ କରିବା ନିଷେଧ । ଯୋଶୀମଠରେ ଗଡ଼ୱାଲ ନିଗମର ଗୋଟିଏ ହୋଟେଲରେ ରହିଲୁ । ଜ୍ୟୋତ୍ସ୍ନା ବିଧୌତ ନିଚ୍ଛା ପାହାଡ଼ଟିଏ ଥାଏ ପାଖରେ । ତା'ଉପରେ ଥିବା ମନ୍ଦିରରୁ ଭାସି ଆସୁଥାଏ ଭଜନ କୀର୍ତ୍ତନ । ମନ୍ଦିର ପାର୍ଶ୍ୱରେ ମହାବୀର ହନୁମାନ ଜଗୁଆଳି ସ୍ୱରୂପ ଯୋଡ଼ ହସ୍ତରେ ଉପବେଶନ କରିଥାଆନ୍ତି । ମହାପୁରୁଷ ଶଙ୍କରାଚାର୍ଯ୍ୟଙ୍କ ଚାରିଟି ମଠମାନଙ୍କ ମଧ୍ୟରୁ ବହୁ ପୁରାତନ ବୟୋଜ୍ୟେଷ୍ଠ ମଠ ଏଠାରେ ଅବସ୍ଥିତ । ଗୋଟିଏ ତୁତ୍ ବୃକ୍ଷ ଏଠାରେ ଥିବାର ଆମେ ଦେଖିଲୁ । ବୃକ୍ଷ ମଧ୍ୟରେ ଥାଏ ଏକ ପ୍ରକାଣ୍ଡକାୟ କୋଟର । ବୃକ୍ଷ ପାର୍ଶ୍ୱରେ ଏକ ସୁନ୍ଦର ଗୁମ୍ଫା । ଜଗଦ୍‌ଗୁରୁ ଆଦି ଶଙ୍କରାଚାର୍ଯ୍ୟ ଏହି ଗୁମ୍ଫାରେ ଧ୍ୟାନରତ ରହୁଥିଲେ । ଏକ ହଜାରରୁ ଅଧିକ ବର୍ଷ ତଳେ ସେ ୧୨ ବର୍ଷ ବୟସରେ ଯୋଶୀମଠ ଆଗମନ କରି ଏହି ଗୁମ୍ଫାରେ ଅବସ୍ଥାନ କରିବା ସମୟରେ ଗୀତା ଉପନିଷଦ ଆଦି ଗ୍ରନ୍ଥମାନ ରଚନା କରିଥିଲେ ଓ ତପସ୍ୟା କରୁଥିଲେ । ଗୁମ୍ଫା ଭିତରେ ଶିବଲିଙ୍ଗ ସ୍ଥାପିତ । ନିରବତା ରକ୍ଷା କରି ଗୁମ୍ଫା ମଧ୍ୟରେ କିଛି ସମୟ ଅତିବାହିତ କରନ୍ତି ଯାତ୍ରୀମାନେ । ଏହି ଗୁମ୍ଫାରେ ଆଦିଶଙ୍କରାଚାର୍ଯ୍ୟ ସିଦ୍ଧି ପ୍ରାପ୍ତ ହୋଇଥିଲେ ଓ ବୌଦ୍ଧଧର୍ମ ଲୋପ କରି ସନାତନ ଧର୍ମ ପ୍ରଚାରରେ ନିଜକୁ ନିୟୋଜିତ କରିଥିଲେ । ସେ ହିଁ ସ୍ୱପ୍ନାଦୃତ ହୋଇ ବଦ୍ରୀବିଶାଳଙ୍କୁ ସ୍ଥାପନ କରିଥିଲେ ପ୍ରଥମେ ଗୋଟିଏ ଗୁମ୍ଫାରେ । ଯୋଶୀମଠରେ ଶଙ୍କରାଚାର୍ଯ୍ୟଙ୍କ ମୂର୍ତ୍ତି ଓ କଠଉ ପୂଜିତ ।

ତା'ପରଦିନ ସକାଳେ ଟ୍ୟାକ୍ସିରେ ବସିବା ପୂର୍ବରୁ ନୃସିଂହ ଭଗବାନଙ୍କ ମନ୍ଦିର ଦର୍ଶନ କଲୁ । ଶୁଣାଯାଏ, ନୃସିଂହ ଭଗବାନଙ୍କର ଗୋଟିଏ ବାହୁ ଧୀରେ



ଧୀରେ କ୍ଷୀଣ ହୋଇଯାଉଛି । ଯେତେବେଳେ ହସ୍ତଟି ଶୂନ୍ୟ ହୋଇଯିବ ସେତେବେଳେ ବିଷ୍ଣୁ ପ୍ରୟାଗଠାରେ ବିଦ୍ୟମାନ ଜୟ ବିଜୟ ପର୍ବତ ଦ୍ୱୟ ଭୁଷୁଡ଼ି ପଡ଼ି ବଦ୍ରୀନାଥ ଧାମକୁ ଥିବା ପଥ ଅଗମ୍ୟ ହୋଇଯିବ ଓ ଶ୍ରୀ ବଦ୍ରୀବିଶାଳ ଯୋଶୀମଠ ଠାରୁ ୧୫ କି.ମି. ଦୂରରେ ଥିବା ତପୋବନଠାରେ ପ୍ରକଟ ହେବେ ଓ ସେଠାରେ ପୂଜା ପାଇବେ । ଶୀତ ଋତୁରେ ଦୀପାବଳୀଠାରୁ ଅକ୍ଷୟ ତୃତୀୟା ପର୍ଯ୍ୟନ୍ତ ତୁଷାରପାତ ଯୋଗୁଁ ଯୋଶୀମଠ ଠାରୁ ବଦ୍ରୀନାଥ ଧାମ ପର୍ଯ୍ୟନ୍ତ ରାସ୍ତା ବନ୍ଦ ରହେ । ଏହି ସମୟରେ ବଦ୍ରୀବିଶାଳଙ୍କର ଚଳନ୍ତି ପ୍ରତିମା ନୃସିଂହ ମନ୍ଦିରରେ ପୂଜା ପାଆନ୍ତି । କିନ୍ତୁ ବଦ୍ରୀନାଥଙ୍କ ମନ୍ଦିରରେ ଅଖଣ୍ଡ ଦୀପ ୬ ମାସ ଧରି ଜଳୁଥାଏ । ସେଠାକାର ଦୋକାନ ବଜାର, ଲଜିଂ ଇତ୍ୟାଦି ବନ୍ଦ ଥାଏ । ପଣ୍ଡା ପଡ଼ିହାରୀ, ଲୋକବାକ ଚାଲିଆସନ୍ତି ଯୋଶୀମଠକୁ ।

ଯୋଶୀମଠରୁ ବଦ୍ରୀନାଥ ଯିବା ପାଇଁ ପାହାଡ଼ କଟା ହୋଇ ରାସ୍ତା ତିଆରି ହୋଇଛି । ପାହାଡ଼ ଭିତରେ ପଥର ଛାତ ତଳେ ଚାଲିଥାଏ ଆମ ଟ୍ୟାକ୍ସି । "ପଥର ଖସିବାର ଭୟ ଅଛି, ମାଟି ଧସିବାର ଭୟ ଅଛି" ଲେଖାଯାଇଥାଏ ଅନେକ ସ୍ଥାନରେ । ରାସ୍ତାସାରା ବଡ଼ ବଡ଼ ଝରଣା, ଠାଏ ଠାଏ ପାହାଡ଼ ସାରା ବରଫ ଭର୍ତ୍ତି ହୋଇଥାଏ । ଶଙ୍କାକୁଳ ଥାଏ ମନ, ହେଲେ ଦୃଶ୍ୟ ଥାଏ ମନୋରମ ।

ସକାଳ ୬ଟା ୩୦ ମିନିଟ୍‌ରେ ଯୋଶୀମଠରୁ ବାହାରି ଆମେ ୯ଟା ୩୦ ମିନିଟ୍‌ରେ ପହଞ୍ଚିଲୁ ବଦ୍ରୀନାଥ ଧାମରେ । ଉତ୍ତରାଖଣ୍ଡ ପ୍ରଦେଶରେ ପ୍ରବାହିତ ହେଉଥିବା ଅଳକାନନ୍ଦା ନଦୀ ତଟସ୍ଥ ଗଡ଼ୱାଲ ପର୍ବତରେ ଏହି ଧାମ ଅବସ୍ଥିତ । କିମ୍ବଦନ୍ତୀରୁ ଜଣାଯାଏ ଯେ, ପ୍ରଭୁ ବଦ୍ରୀନାରାୟଣଙ୍କର ଶାଳଗ୍ରାମ ପଥର ମୂର୍ତ୍ତି ଅଳକାନନ୍ଦା ନଦୀରୁ ମିଳିଥିଲା । ପ୍ରଥମେ ଏହା ତପ୍ତକୁଣ୍ଡ ନିକଟରେ ଗୋଟିଏ ଗୁମ୍ଫାରେ ରଖାଯାଇଥିଲା । ଷୋଡ଼ଶ ଶତାବ୍ଦୀରେ ଗଡ଼ୱାଲ ରାଜା ମନ୍ଦିରରେ ସ୍ଥାପନା କରିଥିଲେ । ଅଳକାନନ୍ଦା ବା ବିଷ୍ଣୁଗଙ୍ଗା ତଟରେ ଏହି ମନ୍ଦିର ଅଧ କିଲୋମିଟର ଆୟତନ ବିଶିଷ୍ଟ ଏକ ଉପତ୍ୟକାରେ ଅବସ୍ଥିତ ।

ବଦ୍ରୀନାଥ ଧାମ ନର ଏବଂ ନାରାୟଣ ନାମକ ଦୁଇଟି ପର୍ବତମାଳା ମଝିରେ ଅବସ୍ଥିତ । ଆଗରୁ ଏହି ସ୍ଥାନ ବଣରେ ଫଳୁଥିବା କୋଳି ଗଛଦ୍ୱାରା ଆଚ୍ଛାଦିତ

ଥିଲା । ତା'ର ନାମ "ବଦ୍ରି ବଣ" ରଖାଯାଇଥିଲା । କାରଣ "Forest of berries" ର ଅର୍ଥ "ବଦ୍ରି ବଣ" । ତେଣୁ ଏଠାରେ ପୂଜା ପାଉଥିବା ନାରାୟଣଙ୍କୁ ବଦ୍ରୀନାରାୟଣ କୁହାଯାଏ । ରୋଗରେ ପୀଡ଼ିତ ଲୋକମାନଙ୍କୁ ରୋଗମୁକ୍ତ କରିବା ପାଇଁ ଗଙ୍ଗାମାତା ଅବତରଣ କରିବାକୁ ଚାହିଁବାରୁ ତାଙ୍କ ଅବତରଣ ଶକ୍ତିକୁ ପୃଥିବୀ ସହ୍ୟ କରିବାକୁ ଅକ୍ଷମତା ପ୍ରକାଶ କଲା । ତେଣୁ ଗଙ୍ଗାମାତା ୧୨ଟି ଛୋଟ ଛୋଟ ନଦୀରେ ବିଭକ୍ତ ହୋଇଗଲେ । ଅଳକାନନ୍ଦା ଏମାନଙ୍କ ମଧ୍ୟରେ ଅନ୍ୟତମ ।

ଏହି ଉପତ୍ୟକା ବରଫାଚ୍ଛନ୍ନ ପର୍ବତଦ୍ୱାରା ବେଷ୍ଟିତ । ଏହି ଧାମରେ ପହଞ୍ଚି ଗୋଟିଏ ଛୋଟିଆ ଧାଡ଼ିରେ ଯାଇ ମନଭରି ଦର୍ଶନ କଲୁ ପ୍ରଭୁଙ୍କୁ । ବିଗ୍ରହଟି ଖୁବ୍ ଛୋଟ, ମୁଣ୍ଡରେ ଥାଏ ସ୍ୱର୍ଣ୍ଣ ମୁକୁଟ, ଗଳାରେ ଥାଏ ନବରତ୍ନ ହାର, ମସ୍ତକରେ ଚନ୍ଦନ ପ୍ରଲେପ । ଯୋଗାସନରେ ଉପବିଷ୍ଟ ପ୍ରଭୁଙ୍କର ମୁଖଟି ଥାଏ ଚନ୍ଦନରେ ପୂର୍ଣ୍ଣମାତ୍ରାରେ ଲୁକାୟିତ । ମନେ ହେଲା, ପ୍ରଭୁଙ୍କୁ ନିଜ ମନ ଭିତରେ ଉପଲବ୍ଧି କରିବା ପାଇଁ ଏବଂ ଦିବ୍ୟଚକ୍ଷୁରେ ଦର୍ଶନ କରିବା ପାଇଁ ଏ ସବୁର ବ୍ୟବସ୍ଥା ହୋଇଛି । ପ୍ରଭୁଙ୍କ ଡାହାଣରେ ରୂପାରେ ନିର୍ମିତ ଗରୁଡ଼ ଓ ପିତଳରେ ନିର୍ମିତ କୁବେରଙ୍କ ମୂର୍ତ୍ତି ଏବଂ ବାମରେ ଉଦ୍ଧବ, ନାରଦ ଓ ନରନାରାୟଣଙ୍କ ମୂର୍ତ୍ତି ଅବସ୍ଥାପିତ । ଦିଅଁଙ୍କ ପଛପଟେ ଉର୍ଦ୍ଧ୍ୱ ଭାଗରେ ରୂପାନିର୍ମିତ ସୁଦର୍ଶନ ଚକ୍ର ଦେଖାଯାଉଥାଏ । ବେଢ଼ା ଭିତରେ ମନ୍ଦିରର ପାର୍ଶ୍ୱରେ ଲକ୍ଷ୍ମୀଙ୍କ ମନ୍ଦିର, ହନୁମାନଙ୍କ ମନ୍ଦିର ଏବଂ ଶଙ୍କରାଚାର୍ଯ୍ୟ ଓ ତାଙ୍କ ଶିଷ୍ୟଙ୍କ ମୂର୍ତ୍ତି ଦର୍ଶନ କଲୁ । ମଧ୍ୟାହ୍ନ ଭୋଜନ ପରେ ତପ୍ତ କୁଣ୍ଡରେ ସ୍ନାନ କଲୁ ସମସ୍ତେ । ଭଗବାନଙ୍କର ବିଚିତ୍ର ସୃଷ୍ଟି ସେଠାରେ । ନଦୀ ଓ ଝରଣାରେ ଶୀତଳ ଜଳଧାରା ପ୍ରବାହିତ ହେଉଥିଲାବେଳେ ଗୋଟିଏ କୁଣ୍ଡରେ ଥାଏ ସଲ୍‌ଫର୍ ଗନ୍ଧ ଯୁକ୍ତ ଉତପ୍ତ ଜଳ । ଏହି କୁଣ୍ଡରେ ସ୍ନାନ କଲେ ଚର୍ମରୋଗ ଦୂର ହୁଏ । ସ୍ନାନ ପରେ ୪ କି.ମି. ଦୂରରେ ଥିବା ମାନା ଗ୍ରାମରେ ବୁଲାବୁଲି କରିବାକୁ ଗଲୁ । ଛୋଟ ଛୋଟ ଛୁମ୍ପୁଡ଼ି ଘର ମାଟି, ପଥରରେ ନିର୍ମିତ । ଏକ ଫୁଟିଆ ଝରକା ଓ ନୁଆଁଣିଆ ଦୁଆର । ତାହାରି ଭିତରେ ଗ୍ରାମବାସୀଙ୍କର କୁଟୀର ଶିଳ୍ପ ସଂସ୍ଥା ଗଢ଼ି ଉଠିଛି । ସୁନ୍ଦର ସୁନ୍ଦର ଗାଲିଚା ତିଆରିରେ ସେମାନେ



ବ୍ୟସ୍ତ । ଏହି ଗ୍ରାମଟି ଚୀନ୍ ଓ ଭାରତସୀମାରେ ଅବସ୍ଥିତ । ଶୀତ ଋତୁରେ ଦୁଆର ଝରକା ପଥର, ମାଟି ଢେଲା ଦ୍ୱାରା ବନ୍ଦକରି ମାନା ଗ୍ରାମବାସୀ ଚାଲି ଯାଆନ୍ତି ଯୋଶୀମଠକୁ । ଅନତିଦୂରରେ ମିଲିଟାରୀ ଛାଉଣି, ଭୀମକୁଣ୍ଡ ଜଳ ପ୍ରପାତ ଦର୍ଶନୀୟ ସ୍ଥାନ । ବର୍ଣ୍ଣିତ ଅଛି ଭୀମ ସେହି ସ୍ଥାନରେ ସ୍ୱର୍ଗାରୋହଣ କରିଥିଲେ । ସନ୍ଧ୍ୟାରେ ଦୁଇଜଣ ବ୍ୟକ୍ତିଙ୍କ ପାଇଁ ୭୫ ଟଙ୍କା ଦେଇ କର୍ପୁର ଆଳତି ଦର୍ଶନ କଲୁ ପ୍ରଭୁ ବଦ୍ରୀନାଥଙ୍କର ।

ତା'ପରଦିନ ସକାଳର ସୂର୍ଯ୍ୟକିରଣ ପଡ଼ିଲା ଗିରି ଶିଖରରେ । କାଚକାନ୍ଥ ମଧ୍ୟଦେଇ ବରଫାବୃତ୍ତ ପର୍ବତ ଶିଖରରେ ପତିତ ସୂର୍ଯ୍ୟରଶ୍ମୀ ସୌନ୍ଦର୍ଯ୍ୟ ଥିଲା ଖୁବ୍ ମନୋହର । ଏସବୁ ଉପଭୋଗ କରି ଛାଡ଼ିଲୁ ବଦ୍ରୀନାଥ ଧାମ । ବିଶ୍ୱର ଅନ୍ୟ ଏକ ରୂପ ଦର୍ଶନର ଅଭିଳାଷର ହେଲା ସମାପ୍ତି । ସହର, ବଜାର, ବିରାଟ ଅଟ୍ଟାଳିକା, ଚାକଚକ୍ୟ ଗୋଟିଏ ଦିଗରେ, ପ୍ରାକୃତିକ ସୌନ୍ଦର୍ଯ୍ୟ ଓ ବିଭିଷିକାର ଦୃଶ୍ୟ ଅନ୍ୟ ଦିଗରେ । ଏହି ହିମାଳୟ ପର୍ବତମାଳା ଦିନେ ଥିଲା ମୁନି ଋଷିମାନଙ୍କର ତପସ୍ୟାର ସ୍ଥଳ । ଆଶ୍ଚର୍ଯ୍ୟ ଲାଗୁଥିଲା, ଏ ଦୁର୍ଗମ ପଥ କେମିତି ସେମାନେ ଅତିକ୍ରମ କରି ପାରୁଥିଲେ । ଫଳ ମୂଳ ଖାଇ ଶାନ୍ତ ପ୍ରକୃତି କୋଳରେ ଈଶ୍ୱର ସାନିଧ୍ୟରେ ମଜ୍ଜି ରହୁଥିଲେ । ଏହି ଦୁର୍ଗମ ପର୍ବତ ଭେଦ କରି କେମିତି ଦିନେ ଗୋରା ସାହେବମାନେ ସୁଡ଼ଙ୍ଗ ଦେଇ ଭାରତକୁ ପ୍ରବେଶ କରି ପାରୁଥିଲେ । ମନ ଭିତରେ ଥାଏ ଅନେକ ପ୍ରଶ୍ନ । ହରିଦ୍ୱାରରେ ପହଞ୍ଚିଲୁ ସନ୍ଧ୍ୟା ୭ଟାରେ ।

ତା'ପରଦିନ ସକାଳେ ରୋପ୍ ୱେରେ ପ୍ରସିଦ୍ଧ ମନସା ଦେବୀଙ୍କ ଦର୍ଶନ ପାଇଁ ପାହାଡ଼ ଉପରକୁ ଗଲୁ । ଦେବୀଙ୍କ ଦର୍ଶନ ଭଲରେ ହେଲା । ବେଢ଼ା ଭିତରେ ଲକ୍ଷ୍ମୀ, ଗଣେଶ ମୂର୍ତ୍ତି ଦର୍ଶନ କରି ଫେରିଲୁ ଗଙ୍ଗାନଦୀ କୂଳକୁ । ଶହ ଶହ ନରନାରୀ ସ୍ନାନ କରୁଥାଆନ୍ତି ଗଙ୍ଗା ନଦୀରେ । ନଦୀ କୂଳରେ ଥିବା ମନ୍ଦିରରେ ଜୀବନ୍ତ ଭଳି ଦିଶୁଥିବା ଅନେକ ମାର୍ବଲ ପଥରରେ ନିର୍ମିତ ଦେବାଦେବୀଙ୍କ ମୂର୍ତ୍ତି ଦେଖିଲୁ । ମଧ୍ୟାହ୍ନ ଭୋଜନ ପରେ ବିକ୍ରମ ଅଟୋରେ ଗଲୁ ଋଷିକେଶ ଶିବାନନ୍ଦ ଆଶ୍ରମକୁ । ହରିଦ୍ୱାରଠାରୁ ଏହା ୨୪ କି.ମି. ଦୂର । Life Devine Society ତରଫରୁ ଆମକୁ

ମିଳିଥିଲା Family qrs.। ଉପରଓଳି ଗଙ୍ଗାନଦୀ ନୌକାରେ ପାରହୋଇ ସେପଟରେ ଅନେକ ମନ୍ଦିର ଦର୍ଶନ କଲୁ। ଅନେକ ଦେବାଦେବୀଙ୍କଠାରୁ ଆରମ୍ଭ କରି ସ୍ୱାଧୀନତା ସଂଗ୍ରାମୀଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ମୂର୍ତ୍ତି ସେଠାରେ ରଖାଯାଇଛି। ସନ୍ଧ୍ୟା ପୂର୍ବରୁ ରାମଝୋଲା ଦେଇ ପୁଣି ଫେରି ଆସିଲୁ ଆମ ଆଶ୍ରମ କ୍ୱାଟରସ୍‌କୁ। ରାତିରେ ଶିବାନନ୍ଦ ଆଶ୍ରମରେ ପ୍ରବଚନ ଶୁଣିଲୁ ଓ ପ୍ରସାଦ ଖାଇଲୁ। ତା'ପରଦିନ ସକାଳେ ମାଙ୍କଡ଼ମାନଙ୍କର ଗତିବିଧି ଥିଲା ଖୁବ୍ ଉପଭୋଗ୍ୟ।

ସକାଳ ୮ଟାରେ ବାହାରିଲୁ ଶୈଳନିବାସ ମସୌରୀ ଅଭିମୁଖେ। ଋଷିକେଶରୁ ମସୌରୀ ୭୦ କି.ମି.। ଟ୍ୟାକ୍ସିରେ ଲାଗିଲା ଦୁଇ ଘଣ୍ଟା। ଗଡ଼ୱାଲ ନିଗମର ଗେଷ୍ଟହାଉସରେ ହେଲା ଆମର ରହଣି। ରୁମ୍‌ଗୁଡ଼ିକ ପାହାଡ଼ ଆଡ଼କୁ ମୁହାଁଇ ଥାଆନ୍ତି। ସ୍ଥାନେ ସ୍ଥାନେ ଘନ ବାଦଲ ଭାସମାନ ଥାଏ। ଶହ ଶହ ଯାତ୍ରୀ ପିଲାଛୁଆଙ୍କୁ ଧରି ବୁଲୁଥାଆନ୍ତି। ଛୋଟ ଛୋଟ ପିଲାମାନେ ଘୋଡ଼ା ପିଠିରେ ବସି ଆନନ୍ଦ ଉପଭୋଗ କରୁଥାଆନ୍ତି। ସବୁ ଜିନିଷ ବୁହା ହେଉଥାଏ ପିଠୁ ସାହାଯ୍ୟରେ। ଛୋଟିଆ ଜାଗାଟିଏ। ବେଶ୍ ଲୋକାରଣ୍ୟ, କିଛି ସମୟ ସିମେଣ୍ଟ ବେଞ୍ଚରେ ବସି ଭସା ବାଦଲର ଗତି, ଶୀତୁଆ ଶୀତୁଆ ପବନର ଶିହରଣ ଓ ପୁରୁଣା ଅନୁଭୂତିର ରୋମନ୍ଥନ ଇତ୍ୟାଦି ଉପଭୋଗ କଲି। ଆମ ରୁମ୍ ପାଖରେ ଅନ୍ୟ ୪ଜଣ ବନ୍ଧୁ ଥିଲେ ଲାଫିଙ୍ଗ୍ କ୍ଲବର ସଭ୍ୟ। ମନଇଚ୍ଛା ସେମାନେ ହସୁଥାଆନ୍ତି ଏବଂ ବୁଲୁଥାଆନ୍ତି ଭାରତ ସାରା। ଈଶ୍ୱର ତୁମ ସୃଷ୍ଟି କି ବିଚିତ୍ର। କାହାର ହୃଦୟ ବଗିଚା ଫୁଲ ଫଳରେ ଭରପୁର ତ କାହା ହୃଦୟ ଏକ ଶୁଷ୍କ ମରୁଭୂମି। ମଧ୍ୟାହ୍ନ ଭୋଜନ ପରେ ହାତକୁ ହାତଧରି ସ୍ତ୍ରୀ ପୁରୁଷ ଓ ଶିଶୁମାନେ ଗାଧୋଉଥିବା ଗୋଟିଏ ଝରଣା ଦେଖି ସେମାନଙ୍କ ସହିତ ନିଜକୁ ମିଶାଇ ଦେବାକୁ ଇଚ୍ଛା ହେଉଥାଏ।

ଜୁନ୍ ମାସ ୧୨ ତାରିଖ ଦିନ ୧୨ଟାରେ ବାହାରି ୩୦ କି.ମି. ଦୂରସ୍ଥ ଡେରାଡୁନ୍ ସହରରେ ପହଞ୍ଚିଲୁ। ବାଟରେ ଶିବ ମୂର୍ତ୍ତି ରଟକେଶ୍ୱରଙ୍କୁ ଏକ ବିରାଟ ମନ୍ଦିରରେ ଦର୍ଶନ କଲୁ। ଡେରାଡୁନ୍‌ରେ ସିରିଡ଼ି ସାଇଙ୍କ ମନ୍ଦିର, ପରମ ହଂସଙ୍କ ମନ୍ଦିର, forest academy, army academy, ଝରଣା ସେପଟେ ସନ୍ତୋଷୀ ମା'ଙ୍କ ମନ୍ଦିର, ଏପଟେ ଭଦ୍ରକାଳୀଙ୍କ ମନ୍ଦିର ଓ ସହରସାରା ଲିଚୁକୋଳିଭରା ଗଛ ଦେଖିଲା ପରେ ରାତି ୧୦ଟାରେ ମସୌରୀ ଏକ୍ସପ୍ରେସରେ ଦିଲ୍ଲୀକୁ ଫେରିଲୁ। ଦିଲ୍ଲୀରୁ ଆସି କଟକରେ ପହଞ୍ଚିଲୁ ୧୪ ତାରିଖ ସକାଳେ। କିଛି ଦିନର ଗୋଟିଏ ପରିବାର ଦୁଇଭାଗ ହୋଇଗଲା, କିନ୍ତୁ ସ୍ମୃତିଗୁଡ଼ିକ ଭାଗ ଭାଗ ହେଲେ ନାହିଁ।



## ରାମେଶ୍ୱର ଧାମ, ଉଟି, କୋଡ଼ାଇକେନାଲ୍, ମୀନାକ୍ଷୀ ମନ୍ଦିର, କନ୍ୟାକୁମାରୀ, ତିରୁପତି, ପଣ୍ଡିଚେରୀ, କାଞ୍ଚିପୁରମ୍

ଏଥର ଆମ ଭ୍ରମଣ ଥିଲା ଭାରତର ଦକ୍ଷିଣକୁ। ଏକାଥରେ ଶୈଳନିବାସ ଉଟି, କୋଡ଼ାଇକେନାଲ, ମଦୁରାଇରେ ପ୍ରସିଦ୍ଧ ମୀନାକ୍ଷୀ ମନ୍ଦିର, ରାମେଶ୍ୱରରେ ଶ୍ରୀରାମନାଥ ସ୍ୱାମୀ ମନ୍ଦିର, ତିରୁମଲ୍ଲାରେ ତିରୁମଲ୍ଲା ଭେଙ୍କଟେଶ୍ୱର, କାଞ୍ଚିପୁରମରେ କାମାକ୍ଷା ମନ୍ଦିର ଓ ପଣ୍ଡିଚେରୀରେ ଶ୍ରୀ ଅରବିନ୍ଦ ଆଶ୍ରମ ଓ ମାତୃ ମନ୍ଦିର ଦେଖିବା ପାଇଁ ମନସ୍ଥ କରିଥିଲୁ ଆମେ। ୨୦୦୨ ମସିହା ମେ ୨୬ ତାରିଖରେ ଆରମ୍ଭ ହେଲା ଆମ ଯାତ୍ରା। ଚେନାଇ ଷ୍ଟେସନରେ ଦେଖାକଲୁ ପ୍ରଭାତ ସାରଙ୍କ ବନ୍ଧୁ ଶ୍ରୀ ଏସ୍.ଗଣେଶନଙ୍କୁ। ସେ ଥିଲେ ତାମିଲନାଡୁ କ୍ରିକେଟ ଆସୋସିଏସନ୍‌ର ଭାଇସ୍ ପ୍ରେସିଡ଼େଣ୍ଟ। ତାଙ୍କ ସୁବନ୍ଦୋବସ୍ତ ଯୋଗୁଁ ଆମେ ଖୁବ୍ ସୁବିଧାରେ ଓ ଆଶାତୀତ ଆତିଥ୍ୟରେ ସାରା ଦକ୍ଷିଣ ଭାରତ ବୁଲି ଆସିଲୁ।

ଚେନାଇରୁ ଟ୍ରେନ୍‌ରେ କୋଇମ୍ବାଟୁର୍ ଅଭିମୁଖେ ଆରମ୍ଭ ହେଲା ଆମର ଯାତ୍ରା। କୋଇମ୍ବାଟୁର୍ ଷ୍ଟେସନରେ ପହଞ୍ଚି ଗୋଟିଏ ଟ୍ୟାକ୍ସିରେ ଉଟି ଗଲୁ ପ୍ରଥମେ। କୋଇମ୍ବାଟୁର୍‌ରୁ ୫୦ କି.ମି. ସମତଳ ରାସ୍ତା ଅତିକ୍ରମ କଲାପରେ ନୀଳଗିରି ହିଲ୍ ସ୍ୱାଗତ କଲା ଆମକୁ। ଉଟିକୁ ଯିବା ରାସ୍ତା କଡ଼ରେ ଲମ୍ବା ଲମ୍ବା ଗୁଆଗଛ ଓ ନଡ଼ିଆ ଗଛ ଆମର ଦୃଷ୍ଟିଗୋଚର ହେଉଥାଏ। କୋଇମ୍ବାଟୁର୍ ଛାଡ଼ିଲାପରେ ରାସ୍ତା ଦୁଇପାର୍ଶ୍ୱରେ ଶହ ଶହ ନବ ପଲ୍ଲବିତ ତେନ୍ତୁଳି ଗଛ ଧାଡ଼ି ବାନ୍ଧି ଥିବାର ଦେଖିଥିଲୁ। ବାଟରେ Black Thunder Park ଦୃଶ୍ୟମାନ ହେଲା।

ଉଟିରେ ପହଞ୍ଚି ରହିଲୁ Tamilnadu Guest Houseରେ। ଏହା ଥିଲା ଯୋଧପୁର ରାଜାଙ୍କର ପୁରାତନ ରାଜପ୍ରାସାଦ। ରୁମ୍‌ଗୁଡ଼ିକର ନାମକରଣ ହୋଇଛି

ରାଣୀ ମହଲ, ରାଜା ମହଲ ଇତ୍ୟାଦି। ରାଜା ଉଆସରୁ ରାଣୀ ଉଆସକୁ ଯିବାପାଇଁ ସୁଡ଼ଙ୍ଗ ରହିଛି। ସିଂହ, ବାଘଙ୍କ ମୁଣ୍ଡ ଓ କାଠ କାମରେ ସଜ୍ଜିତ ଗେଷ୍ଟ ହାଉସ। ରାଜବାଟି ଚତୁଃପାର୍ଶ୍ୱରେ ଫୁଲର ସମ୍ଭାର। ସାମନାରେ ସୁନ୍ଦର ଲନ୍‌ଟିଏ। ପାଖରେ ଗୋଲାପର ହସ, ଗେଟ୍ ପର୍ଯ୍ୟନ୍ତ ଲମ୍ବି ଯାଇଛି ଡାଲିଆ, ସେବତୀ, ସାଲ୍‌ଭିଆ, କସ୍‌ମସ୍ ଓ ଅନ୍ୟାନ୍ୟ ଫୁଲର ସହର। ରୁମ୍‌ରୁ ଚାହିଁଲେ ଦିଶୁଥାଏ ଘନ ବାଦଲ ଘେରା ନୀଳଗିରି ପାହାଡ଼। ଉଟିର ପରିବେଶ ସୁରକ୍ଷିତ। "Say no to plastics", Do'nt carry plastics bags" ସ୍ଥାନେ ସ୍ଥାନେ ପଢ଼ିବାକୁ ମିଳୁଥାଏ। ସହର ସାରା ପ୍ଲାଷ୍ଟିକ ଗୋଟାଇବାକୁ ଟ୍ରକ ବୁଲୁଥାଏ।

ବର୍ଷାରାଣୀର ରାଗ। ପାହାଡ଼ରେ ତା'ର ରୁମ୍ ଝୁମ୍ ନୃତ୍ୟ ନଦେଖି ଆମର ବୁଲିବାକୁ ବାହାରି ଯିବାଟା ସେ ବୋଧ ହୁଏ ସହି ପାରିଲାନି। ହଠାତ୍ ଅସରାଏ ବର୍ଷା ହୋଇଗଲା। ବର୍ଷାପରେ ଗଲୁ ବୋଟାନିକାଲ୍ ଗାଡ଼େନକୁ। ଫୁଲ କୁଣ୍ଡରେ ନିର୍ମିତ ପିରାମିଡ଼ ଓ ଗ୍ଲାସ ହାଉସ୍‌ରେ ସୁସଜ୍ଜିତ ଫୁଲ ଦେଖିସାରି ଗୋଲାପ ବଗିଚା ଦେଖିବାକୁ ଗଲୁ। ବିଭିନ୍ନ ରଙ୍ଗ, ବିଭିନ୍ନ ପ୍ରକାର ଗୋଲାପ ଏବଂ ବିଭିନ୍ନ ଆକାରର ଗୋଲାପ ଦେଖି ଆମେ ବିଭୋର ହୋଇଗଲୁ। ତା'ପରେ ୧୦ କି.ମି. ଦୂରସ୍ଥ ଡୋଡ଼ାପେଟା ଯାହାର ଉଚ୍ଚତା ସମୁଦ୍ର ପତନରୁ ୨୬୩୪ ମିଟର ଉଚ୍ଚରେ ଏବଂ ଦକ୍ଷିଣ ଭାରତର ଉଚ୍ଚତମ ସ୍ଥାନ ଦେଖିବାକୁ ଗଲୁ। ତା'ପରଦିନ ଯାଇଥିଲୁ ୨୦ କି.ମି. ଦୂରସ୍ଥ ପାଇକାରା ଦେଖିବାକୁ। ଏଠାରେ ଥିଲା ଗୋଟିଏ ସୁନ୍ଦର ହ୍ରଦ ଏବଂ ମନୋରମ ଥିଲା ନୌକା ବିହାର। ଫେରିବା ବାଟରେ ମଧୁମଲାଇ ପଡ଼ିଲା। ଏଲିଫାଣ୍ଟ ସଫାରି ଉପଭୋଗ କରି ଫେରିଲୁ ଉଟିକୁ। ବାଟରେ କୁହୁଡ଼ି ଯୋଗୁଁ ରାସ୍ତା ଦିଶୁନଥାଏ। ଏଠାରେ ଥିବା ପାହାଡ଼କୁ fog hill କହନ୍ତି। ତା'ପରଦିନ ଫେରି ଆସିଲୁ କୋଇମ୍ବାଟୁର। ବାଟରେ ପଡ଼ିଲା coonor ସହର। coonor ଆକର୍ଷଣ ହେଉଛି Sim's Park। ଏହି ପାର୍କର ପ୍ରବେଶ ଦ୍ୱାର ପାଖରେ ବିଭିନ୍ନ ପରିବା ଓ ଫଳରେ ସଜ୍ଜିତ ପିରାମିଡ୍ ଓ ପ୍ରବେଶ ଦ୍ୱାରରେ ଫଳ ସଜ୍ଜିତ ଗେଟ୍, ବଗିଚାରେ ଅନେକ ଫୁଲ ଦେଖିଲୁ। କୋଇମ୍ବାଟୁରରେ ପହଞ୍ଚି ରାତି ୧୦ଟାରେ ମିଟର ଗେଜ ଟ୍ରେନରେ ଯାତ୍ରା କଲୁ ଧର୍ମପୀଠ ରାମେଶ୍ୱର ଅଭିମୁଖେ।



ରାମେଶ୍ୱର ଦକ୍ଷିଣ ଭାରତର ଶେଷ ସୀମାରେ ଥିବା ଏକ ଉପଦ୍ୱୀପରେ ଅବସ୍ଥିତ। କିମ୍ବଦନ୍ତୀ ଅଛି ଏହିଠାରେ ପ୍ରଭୁ ରାମଚନ୍ଦ୍ର ଲଙ୍କାକୁ ଯିବା ପାଇଁ ଭାରତ ମହାସାଗରରେ ସେତୁ ନିର୍ମାଣ କରିଥିଲେ। ଏଠାରେ ଥିବା ରାମନାଥ ସ୍ୱାମୀ ମନ୍ଦିରରେ ବାବା ଶମ୍ଭୁନାଥଙ୍କର ଲିଙ୍ଗ ପୂଜା ପାଆନ୍ତି। ରାବଣ ସହିତ ଯୁଦ୍ଧ କଲାପରେ ରାମଚନ୍ଦ୍ର ମହାପ୍ରଭୁ ଏହିଠାରେ ଦେବଦେବ ମହାଦେବଙ୍କୁ ପୂଜା କରିଥିଲେ। ସେ ଦେବତାଙ୍କ ଉଦ୍ଦେଶ୍ୟରେ ଏହି ସ୍ଥାନ ଉତ୍ସର୍ଗ କରିଥିଲେ ବୋଲି ଲୋକମାନଙ୍କର ବିଶ୍ୱାସ ଅଛି। ହିନ୍ଦୁ ଧର୍ମାବଲମ୍ବୀମାନଙ୍କର ବିଶ୍ୱାସ ଯେ ରାମେଶ୍ୱର ମନ୍ଦିର ଦର୍ଶନ ନକଲେ ବନାରସରେ ଥିବା କାଶୀବିଶ୍ୱନାଥ ମନ୍ଦିରର ଦର୍ଶନ ସାର୍ଥକ ହୁଏ ନାହିଁ। ଏଠାରେ ପୂଜା ପାଉଥିବା ଶିବଲିଙ୍ଗର ନାମ ଶ୍ରୀରାମନାଥ ସ୍ୱାମୀ (ରାମେଶ୍ୱରାୟ) ତାମିଲନାଡୁର ଶ୍ରେଷ୍ଠ ଦେବତା। ଏହା ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ମଧ୍ୟରେ ଅନ୍ୟତମ ଏବଂ ଚାରିଧାମ ଭିତରେ ଏକ ବିଶିଷ୍ଟ ଧାମ। ଶଙ୍କରାଚାର୍ଯ୍ୟ ତାମିଲନାଡୁରେ ଥିବା କାଞ୍ଚିପୁରରେ ଗୋଟିଏ ମଠ ତିଆରି କରିଥିଲେ। ତାଙ୍କ ଅନୁସାରେ ରାମେଶ୍ୱର ଧାମ ହେଉଛି ଚାରିଧାମ ଭିତରେ ଏକ ପବିତ୍ର ଧାମ। ଏହି ମନ୍ଦିରର ବେଢ଼ା ଖୁବ୍ ପ୍ରଶସ୍ତ। ଏହାର ଲମ୍ବ ପ୍ରାୟ ୧୨୨୦ ମିଟର। ଏହି ବେଢ଼ା ଭିତରେ ଅନେକ ପଥରରେ ଖୋଦେଇ କଳା ଭାସ୍କର୍ଯ୍ୟ ସମ୍ପୂର୍ଣ୍ଣ ସ୍ତମ୍ଭ ଦେଖିବାକୁ ମିଳେ। ମନ୍ଦିରର ତୃତୀୟ ବାରଣ୍ଡା ପୃଥିବୀରେ ଥିବା ଯେକୌଣସି ମନ୍ଦିର ବାରଣ୍ଡାଠାରୁ ଦୀର୍ଘତମ। ସମୁଦ୍ର ଭିତରେ ଥିବା ରେଲ ଲାଇନ ଉପରେ ମିଟର ଗେଜ୍ ଟ୍ରେନ୍‌ରେ ରାମେଶ୍ୱର ଧାମକୁ ଯାଉଥିବା ସମୟରେ ମୋ ମନକୁ ଅନେକ କଥା ଆସୁଥାଏ। ଏତେବଡ଼ ସମୁଦ୍ରରେ ବନ୍ଧ ବାନ୍ଧି କେତେ କଷ୍ଟ ସହି ମହାପ୍ରଭୁ ରାମଚନ୍ଦ୍ର ଏହିଠାରୁ ଲଙ୍କା ଯାତ୍ରା କରିଥିଲେ। ପୁରୁଷ ପାଇଁ ସ୍ତ୍ରୀଟି ଯେ କେତେ ମାତ୍ରାରେ ଲୋଡ଼ା ତାହାର ଜ୍ୱଳନ୍ତ ଉଦାହରଣ ଦେଇଛନ୍ତି ପ୍ରଭୁ ରାମଚନ୍ଦ୍ର। ମନ୍ଦିର ଭିତରେ ସ୍ପେଶାଲ ଦର୍ଶନ ମିଳିଲା ଶମ୍ଭୁନାଥଙ୍କର। ଦିଅଁଙ୍କର ଛଡ଼ା ଫୁଲହାର ପିନ୍ଧି ମିନତି କରିଥିଲି ତାଙ୍କୁ ମନରେ ଟିକିଏ ଶାନ୍ତି ପାଇଁ। ଏହାପରେ ବେଢ଼ାଭିତରେ ନଟରାଜ, ଏକଲକ୍ଷ ରୁଦ୍ରାକ୍ଷରେ ସଜ୍ଜା ହୋଇଥିବା ସର୍ପ ଓ ମୂର୍ତ୍ତି, ହନୁମାନ, ପାର୍ବତୀ ଇତ୍ୟାଦି ଦର୍ଶନ କରି ରାମପାଦ ଦର୍ଶନ କରିବାକୁ ଯାଇଥିଲୁ। ରାମଚନ୍ଦ୍ର ସେହି ସ୍ଥାନରୁ ଲଙ୍କାକୁ ଲକ୍ଷ୍ୟକରି ସେଠାକୁ

ଯିବା ପାଇଁ ମନସ୍ଥ କରିଥିଲେ । ତାଙ୍କ ପାଦ ସେଠାରେ ପୂଜା ପାଉଛି । ରାମଚନ୍ଦ୍ର ସେତୁ ବାନ୍ଧିବା ସମୟରେ ସବୁ ପଥର ପାଣିରେ ବୁଡ଼ି ନଯାଇ ଭାସୁଥିଲା ବୋଲି ସେ ସେତୁ ବାନ୍ଧିବାକୁ ସମର୍ଥ ହୋଇଥିଲେ । ତାହାର ନମୁନା ସଦୃଶ ସେଠାରେ ଗୋଟିଏ ଛୋଟ ପଥର ପାଣିରେ ଭାସମାନ ଅବସ୍ଥାରେ ଥିବାର ଦର୍ଶକମାନେ ଦେଖିବା ପାଇଁ ରଖାଯାଇଛି । ଚାରିଧାମ ଦର୍ଶନ କରିବାର ଅଭିଳାଷ କିଛିମାତ୍ରାରେ ପୂରଣ ହୋଇଗଲା ବନ୍ଧୁମାନଙ୍କ ସାଥୀରେ । ଏ ଏକ ଅପୂର୍ବ ସମ୍ପର୍କ । ଏହା ପୂର୍ବରୁ ମୁଁ ଓ ମୋ ସ୍ୱାମୀ ଥରେ ଯାଇଥିଲୁ ରାମେଶ୍ୱର ମୋ ସାଙ୍ଗ ଇନ୍ଦୁ ଓ ତା' ସ୍ୱାମୀ ସଲିଲ୍ କୁମାର ଦତ୍ତଙ୍କ ସହିତ । ଦେବତାମାନଙ୍କ ନାମରେ ନାମିତ ଅନେକ କୂଅ ମନ୍ଦିର ବେଢ଼ା ଭିତରେ ଦେଖିଥିଲୁ । ଏହା ରାମେଶ୍ୱର ମନ୍ଦିରର ଏକ ବିଶେଷତ୍ୱ । ଏହି କୂଅ ପାଣିରେ ଗାଧୋଇଲେ ମହାପୂର୍ଣ୍ଣ ହୁଏ ବୋଲି ଲୋକମାନଙ୍କର ବିଶ୍ୱାସ । ମୋ ସ୍ୱାମୀ ଓ ଦତ୍ତବାବୁ ପ୍ରତ୍ୟେକ କୂଅ ପାଣିରେ ଗାଧୋଇ ଥିଲେ ସେଥର ।

ଏହାପରେ ଆମେ ବାହାରିଲୁ ମଦୁରାଇରେ ଥିବା ମୀନାକ୍ଷୀ ଦେବୀଙ୍କ ଦର୍ଶନ ପାଇଁ । ସନ୍ଧ୍ୟାରେ ମଦୁରାଇରେ ପହଞ୍ଚି ବିଶ୍ରାମ ନେଲୁ । ତା'ପରଦିନ ସକାଳ ୮ଟାରେ ପଶିଲୁ ମନ୍ଦିରରେ । ମୀନାକ୍ଷୀ ମନ୍ଦିରରେ ମା ପାର୍ବତୀ ପୂଜା ପାଉଛନ୍ତି । ଏହି ମନ୍ଦିରର ମୁଖଶାଳାର ଉଚ୍ଚତା ଭାରତର ଯେକୌଣସି ମନ୍ଦିରର ମୁଖଶାଳା ଉଚ୍ଚତା ଠାରୁ ବେଶୀ । ମନ୍ଦିରର ବେଢ଼ା ମଧ୍ୟ ଖୁବ୍ ପ୍ରଶସ୍ତ । ମୁଖଶାଳା କାନ୍ଥରେ ରଙ୍ଗିନ ମୂର୍ତ୍ତିମାନ ସ୍ଥାପିତ ହୋଇ ଏହାର ଶୋଭା ବର୍ଦ୍ଧନ କରୁଛନ୍ତି । ମନ୍ଦିରର ଚୂଳଭାଗ ସୁବର୍ଣ୍ଣରେ ନିର୍ମିତ । ମନ୍ଦିରର ବେଢ଼ା ଭିତରେ ଗଣେଶ, କାର୍ତ୍ତିକ, ଲକ୍ଷ୍ମୀ, ନାରାୟଣ, ଦୁର୍ଗା, ଭୈରବୀ, ଶନି, ଶିବ ପାର୍ବତୀ ବିବାହ ମୂର୍ତ୍ତିମାନ ଦର୍ଶନ କଲୁ । ମନ୍ଦିର ଭିତରେ ଗୋଟିଏ ସ୍ଥାନକୁ ଶିବ ପ୍ରତିଦିନ ପାର୍ବତୀଙ୍କୁ ଦେଖାକରିବାକୁ ଆସିବାର ବ୍ୟବସ୍ଥା କରାଯାଇଛି । ସ୍ତ୍ରୀର ସାନିଧ୍ୟ ଯେ ସ୍ୱାମୀ ପାଇଁ ଲୋଡ଼ା ଏହି ନିଦର୍ଶନ ଦିଏ ମୀନାକ୍ଷୀ ମନ୍ଦିର । ହିନ୍ଦୁମାନଙ୍କ ବ୍ୟତୀତ ଅନ୍ୟମାନଙ୍କୁ ଏହି ମନ୍ଦିରରେ ପ୍ରବେଶ କରିବାକୁ ଦିଆଯାଏ ନାହିଁ । କିନ୍ତୁ ପଦ୍ମପୋଖରୀ ଦେଖିବାପାଇଁ ସମସ୍ତଙ୍କୁ ଅନୁମତି ଦିଆଯାଏ । ପୁରାତନ କାଳରେ କବିମାନେ ସେଠାରେ ବସି କବିତାର



ମାନ ନିର୍ଣ୍ଣୟ କରୁଥିଲେ । ଯେଉଁ କବିତାର ପାଣ୍ଡୁଲିପି ପଦ୍ମପୋଖରୀ ପାଣିରେ ବୁଡ଼ିଯାଉଥିଲା ସେ କବିତା ନିମ୍ନମାନର ବୋଲି ସେମାନେ ବିବେଚନା କରୁଥିଲେ । ଯେଉଁ କବିତାର ପାଣ୍ଡୁଲିପି ଭାସୁଥିଲା ତାହା ଉଚ୍ଚମାନର ବୋଲି ଧରା ଯାଉଥିଲା ।

ତା'ପରଦିନ ଆମର ଯାତ୍ରା ଥାଏ ମଦୁରାଇରୁ ୧୧୬ କି.ମି. ଦୂରସ୍ଥ କୋଡ଼ାଇକେନାଲ ଶୈଳ ନିବାସକୁ । ୬୮ କି.ମି. ସମତଳ ଓ ୪୮ କି.ମି. ପାହାଡ଼ିଆ ରାସ୍ତା ଅତିକ୍ରମ କରି କୋଡ଼ାଇକେନାଲରେ ପହଞ୍ଚିଲୁ ଦିନ ଗୋଟାଏରେ । ଏଠାରେ ଗୋଟିଏ ରାଜକୀୟ ଗେଷ୍ଟ ହାଉସ୍‌ରେ ବନ୍ଦୋବସ୍ତ କରିଥିଲେ ଶ୍ରୀ ଗଣେଶନ୍ । ଏହା ଶେଖ୍ ଅବଦୁଲ୍ଲା କୋହିନୂର ଗେଷ୍ଟ ହାଉସ । ଏହି ନାମକରଣ ପଛରେ ରହିଛି ଏକ ଇତିହାସ । ଶେଖ ଅବଦୁଲ୍ଲା ନେହେରୁଙ୍କର ପ୍ରିୟ ବନ୍ଧୁ ଥାଇ ମଧ୍ୟ ଭାରତ ସ୍ୱାଧୀନ ହେବାପରେ ବିଶ୍ୱାସଘାତକତା କରି କାଶ୍ମୀରକୁ ପାକିସ୍ଥାନ ସହିତ ମିଶାଇବାର ଷଡ଼ଯନ୍ତ୍ର କରିଥିବାରୁ ନେହେରୁ ଏଠାରେ ତାଙ୍କୁ ଗୃହବନ୍ଦୀ କରି ରଖିଥିଲେ । ସେତେବେଳେ ଏହାର ନାମ ଥିଲା କୋହିନୂର ଗେଷ୍ଟ ହାଉସ । ପରବର୍ତ୍ତୀ କାଳରେ ତାଙ୍କ ପୁତ୍ର ଜାମୁ କାଶ୍ମୀରର ମୁଖ୍ୟ ମନ୍ତ୍ରୀ ଫାରୁକ୍ ଅବ୍‌ଦୁଲ୍ଲା ତାଙ୍କ ବାପାଙ୍କ ନାମରେ ଏହି ଗେଷ୍ଟ ହାଉସକୁ ନାମିତ କଲେ । ଏଠାରେ Pillar Park ଏବଂ ସୁଇସାଇଡ଼ାଲ ପାର୍କ (green velly) ଆକର୍ଷଣୀୟ ସ୍ଥାନ । ସୁଇସାଇଡ଼ାଲ୍ ପାର୍କରେ ବାଦଲ ଅପସରି ଗଲାପରେ ଆମ ଦୃଷ୍ଟି ଗୋଚର ହେଉଥାଏ ଟିଖ ସମତଳ ଓ କିଛି ଦୂରରେ ଛୋଟ ଛୋଟ ପାହାଡ଼ । ଚାରିଆଡ଼େ ଖାଲି ଫୁଲ । ଏହି ଶୈଳ ନିବାସଟି ଥିଲା ପ୍ରକୃତିକୁ ଉପଭୋଗ କରିବାର ସ୍ଥାନ । ଏଠାରେ କୋକର୍‌ସ ୱାକ ମଧ୍ୟ ଆକର୍ଷଣୀୟ । ସାମନାରେ ପାହାଡ଼ଗୁଡ଼ିକ ବାରମ୍ବାର ଘନ କୁହୁଡ଼ିରେ ଲୁଚି ଯାଇ ପୁଣି କୁହୁଡ଼ି ଅପସରି ଗଲେ ଦୃଶ୍ୟମାନ ହେଉଥାନ୍ତି । ଫୁଟ୍‌ପାଥରେ ଶହ ଶହ ସ୍ତ୍ରୀ ପୁରୁଷ ପିଲାମାନଙ୍କୁ ଧରି ଚାଲୁଥାଆନ୍ତି ଓ ପାହାଡ଼ର ଲୁଚକାଳିକୁ ଉପଭୋଗ କରୁଥାଆନ୍ତି । ଏହାପରେ କାର୍ତ୍ତିକ ମନ୍ଦିରରେ ଦିଅଁଙ୍କୁ ଦର୍ଶନ କଲୁ ଓ କୁରୁଞ୍ଜି ଗଛ ଦେଖିଲୁ । ୧୨ ବର୍ଷରେ ଥରେ ଏହି ଗଛରେ ଫୁଲ ଫୁଟେ ।

ତା'ପରଦିନ ସକାଳେ ଗଲୁ "Archieve Musium" କୁ । ଏଠାରେ ବିଭିନ୍ନ ପ୍ରକାର ପ୍ରଜାପତି, ଝିଣ୍ଟିକା, ଛୋଟ ଛୋଟ ଚଢ଼େଇ ଓ ବିଭିନ୍ନ ପ୍ରକାର କୋବ୍ରାର

ଚମଡ଼ା ଦେଖିସାରି ଲେକ୍ କୂଳସ୍ଥ "ସାଇ ସ୍ମୃତି" ଦେଖିବାକୁ ଗଲୁ । ଗ୍ରୀଷ୍ମ ଋତୁରେ ସତ୍ୟସାଇ ବାବା ଏଠାରେ ରହନ୍ତି । କୋଡ଼ାଇକେନାଲ ଛାଡ଼ିଲା ପରେ ବାଟରେ ଲାଲ କଦଳୀ ଖାଇବାକୁ ମିଳିଲା । ତା'ପରେ ଡିଣ୍ଡିଗୁଲ୍ ଦେଇ ପହଞ୍ଚିଲୁ ଭିଲ୍ଲିପୁରମ୍ ଷ୍ଟେସନରେ । ଭିଲ୍ଲିପୁରମ୍‌ରୁ ପଣ୍ଡିଚେରୀ ୪ ୦ କି.ମି. ।

ପଣ୍ଡିଚେରୀ ମୁଁ ଯାଇଛି ଅନେକ ଥର । ମୋ ବଡ଼ ପୁଅ ପୁପୁ ୧ ମାସ ୨ ୦ ଦିନର ହେଲାବେଳେ ଶ୍ରୀମା'ଙ୍କ ସ୍ପେଶାଲ ଅନୁମତି ନେଇ ତାଙ୍କୁ ମୁଁ, ମୋ ପୁଅ, ମୋ ଶାଶୁ ଓ ସ୍ୱାମୀ ଦର୍ଶନ କରିଥିଲୁ । ମା'ଙ୍କ ବାଲ୍‌କୋନି ଦର୍ଶନ ପାଇଛି ଅନେକ ଥର । ସେଣ୍ଟିନାରି ବର୍ଷ ପୁପୁ ଓ ମୋ ସ୍ୱାମୀଙ୍କ ସହିତ ସେଠାକୁ ମଧ୍ୟ ଯାଇଥିଲି । ଆଶ୍ରମର ଅଳ୍ପଦୂରରେ ଥିବା ସମୁଦ୍ର କୂଳରେ ବୁଲିବାର ଅନେକଥର ସୁଯୋଗ ପାଇଛି । କୂଳରେ ଥିବା ଗାନ୍ଧିଙ୍କ ମୂର୍ତ୍ତି ଦେଖିଛି, ସେଠାରେ ଥିବା ବଗିଚାରେ ବୁଲିଛି ପ୍ରତିଥର । ଆଶ୍ରମ ଦ୍ୱାରା ପରିଚାଳିତ ପ୍ରତ୍ୟେକ ସଂସ୍ଥା ବୁଲି ବୁଲି ଦେଖିଛି । ଅଳ୍ପ ଟଙ୍କା ଦେଇ ଦିନ ସାରା ଆଶ୍ରମରେ ଖାଇବାକୁ ପାଇଛି ସାତ୍ୱିକ ଭୋଜନ । କି ପଣ୍ଡିତ କି ମୂର୍ଖ, କି ଧନୀ କି ଗରିବ ସମସ୍ତେ ସ୍ୱଇଚ୍ଛାରେ କାମ କରନ୍ତି ଆଶ୍ରମରେ । ଆଶ୍ରମ ପ୍ରସ୍ତୁତ ସମସ୍ତ ଖାଦ୍ୟ ପଦାର୍ଥ ଦିଆଯାଏ ଭକ୍ତମାନଙ୍କୁ । ଶ୍ରୀମାଙ୍କ ସମାଧି ପାଖରେ ଧ୍ୟାନ ରତ ହୋଇଛି ଅନେକ ଥର ।

ଶ୍ରୀମା ପ୍ୟାରିସ୍ ସହରରେ ଜନ୍ମ ହୋଇଥିଲେ ୧ ୮ ୭ ୮ ମସିହା ଫେବୃୟାରୀ ୨ ୧ ତାରିଖରେ । ପିଲାଦିନରୁ ସେ ଥିଲେ ଦିବ୍ୟଜନନୀ । ସେ ସ୍ୱପ୍ନରେ ଅନେକ ଗୁରୁମାନଙ୍କୁ ଦେଖୁଥିଲେ । ସେମାନଙ୍କ ମଧ୍ୟରୁ ଜଣଙ୍କ ସାଙ୍ଗରେ ତାଙ୍କର ଆଧ୍ୟାତ୍ମିକ ଘନିଷ୍ଠତା ସ୍ପଷ୍ଟତର ହେଲା । ସେତେବେଳେ ସେ ଭାରତର ଦର୍ଶନ ତତ୍ତ୍ୱ ଓ ଧର୍ମ ଶାସ୍ତ୍ର ସମ୍ବନ୍ଧରେ ଖୁବ୍ କମ୍ ଜାଣିଥିଲେ । ସେତିକିବେଳୁ ସେ ତାଙ୍କୁ ନିଜେ ନିଜେ କୃଷ୍ଣ ବୋଲି ଡାକିଲେ ଏବଂ ମନେ ମନେ ଜାଣି ପାରିଲେ ଯେ ଭାରତରେ ତାଙ୍କ ସାଙ୍ଗରେ ସାକ୍ଷାତ ହେବ ଏବଂ ତାଙ୍କ ସହିତ ମିଳିତ ହୋଇ ଦିବ୍ୟକର୍ମ ସାଧନ କରିବାକୁ ହେବ । ତେଣୁ ଭାରତକୁ ନିଜର ମାତୃଭୂମି ଭାବି ୧ ୯ ୧ ୪ ମସିହାରେ ଭାରତରେ ପହଞ୍ଚିଲେ ଓ ପଣ୍ଡିଚେରୀରେ ସ୍ୱପ୍ନର କୃଷ୍ଣ ଶ୍ରୀ ଅରବିନ୍ଦଙ୍କ ସହିତ ମିଶି



ଆଶ୍ରମ କଲେ । ପ୍ରତ୍ୟେକ ବ୍ୟକ୍ତିଙ୍କର ଆତ୍ମାର ଶୁଦ୍ଧି ପାଇଁ ଦୁଇଜଣ ମିଶି ଶିକ୍ଷା ଦେଉଥିଲେ । ଅତିମାନସ ଶକ୍ତିକୁ ପୃଥିବୀ ପୃଷ୍ଠରେ ଅବତରଣ କରାଇବା ଥିଲା ସେମାନଙ୍କର ମୁଖ୍ୟ ଉଦ୍ଦେଶ୍ୟ ।

ଆଶ୍ରମର ଅଳ୍ପ ଦୂରରେ ଅବସ୍ଥିତ ଅରୋଭିଲ୍ । ସ୍ୱପ୍ନାକୃତ ହୋଇ ସେଠାରେ ଗୋଟିଏ ମାତୃ ମନ୍ଦିର ତିଆରି କରିବା ପାଇଁ ନିର୍ଦ୍ଦେଶ ପାଇଥିଲେ ମା' । ଏହି ମନ୍ଦିର ପଦ୍ମଫୁଲ ଆକୃତି ସଦୃଶ୍ୟ । ମାତୃ ମନ୍ଦିର ଉପରକୁ ଯିବାର ଦୁଇଥର ସୁଯୋଗ ପାଇଥିଲି ଆଗରୁ । ପୃଥିବୀର ବିଭିନ୍ନ ଦେଶର ଲୋକମାନେ ନିଜ ପରିବାର ଧରି ସେଠାରେ ରହି ନିଜର ଶ୍ରମ ବିନିଯୋଗ କରି ଅରୋଭିଲ୍ ତିଆରିରେ ଲାଗିପଡ଼ିଛନ୍ତି । ୧ ୯ ୬ ୮ ମସିହା ଫେବୃୟାରୀ ୨ ୮ ତାରିଖ ଦିନ ୧ ୨ ୦ଟି ଦେଶର ପ୍ରତିନିଧିଙ୍କ ଉପସ୍ଥିତିରେ ଅରୋଭିଲ୍‌ର ଆରମ୍ଭ ହୋଇଥିଲା । ଏକ ସୁନ୍ଦର ପୃଥିବୀ ଗାଢ଼ିବା ଓ ମଣିଷ ମଣିଷ ଭିତରେ ସଦିଚ୍ଛା ସୃଷ୍ଟି କରିବା ଅରୋଭିଲ ସ୍ଥାପନାର ଉଦ୍ଦେଶ୍ୟ । ହଜାର ହଜାର ଲୋକ ବସି ପାରିଲା ଭଳି ଗ୍ୟାଲେରୀ ସେଠାରେ ତିଆରି ହୋଇଛି । ଗୋଟିଏ କୋଣରେ ଗୋଟିଏ ଗମ୍ବୁଜରେ ସବୁ ଦେଶର ମାଟି ରଖାଯାଇଛି । ଅରୋଭିଲ୍ ଛାଡ଼ିଲାପରେ ଆମ ଟ୍ୟାକ୍ସି ବଙ୍ଗୋପସାଗର କୂଳେ କୂଳେ ଚାଲିଲା । ସେଠାରୁ ଫେରିଲାବେଳେ ବାଟରେ ପଡ଼ିଲା ମହାବଳୀପୁରମ୍ । ମହାବଳୀପୁରମ୍‌ରେ ସମୁଦ୍ର କୂଳ ଅନ୍ୟ ସମୁଦ୍ର କୂଳ ଠାରୁ ଭିନ୍ନ । ବାଲି ବଦଳରେ କୂଳରେ ଅଛି ଅନେକ ପଥର । ଅନେକ ସିନେମା ସୁଟିଂ ହୁଏ ସେଠାରେ । ସେଠାରେ ଗୋଟିଏ ପ୍ରସ୍ତର ପାଚେରିରେ ଅନେକ ମୂର୍ତ୍ତି ଖୋଦିତ ହୋଇଛି । ଏଠାରେ ସପ୍ତମ ଶତାବ୍ଦୀରେ ନିର୍ମିତ ଅନେକ ପଥର ଖୋଦିତ ମୂର୍ତ୍ତି ଓ ମନ୍ଦିର ଦେଖିବାକୁ ପାଇଥିଲୁ । ମହାବଳୀ ପୁରମ୍ ଦର୍ଶନ କଲାପରେ ଆମେ ପହଞ୍ଚିଲୁ ଚେନାଇରେ ।

ତା'ପରଦିନ ପ୍ରଭୁ ତିରୁପତିଙ୍କୁ ଦର୍ଶନ କରିବାକୁ ଗଲୁ ବସ୍‌ରେ । ସ୍ପେଶାଲ ଦର୍ଶନ ମିଳିଥିଲା ଆମକୁ । ତିରୁମଲ୍ଲା ଭେଙ୍କଟେଶ୍ୱର ମନ୍ଦିର ଗୋଟିଏ ହିନ୍ଦୁ ମନ୍ଦିର । ଏଠାରେ ପ୍ରଭୁ ଭେଙ୍କଟେଶ୍ୱର ରୂପରେ ବିଦ୍ୟମାନ ଶ୍ରୀବିଷ୍ଣୁ । ଆନ୍ଧ୍ର ପ୍ରଦେଶର ଚିତ୍ତୋର ଜିଲ୍ଲାରେ ଏହା ଏକ ପ୍ରସିଦ୍ଧ ମନ୍ଦିର । ତିରୁମଲ୍ଲା ଯିବା ବାଟରେ ଥିବା

୭ଟି ପର୍ବତ ମଧ୍ୟରୁ ତିରୁମଲ୍ଲା ପର୍ବତ ଉପରେ ଏହି ମନ୍ଦିର ଅବସ୍ଥିତ। ଭେଙ୍କଟେଶ୍ୱରଙ୍କର ଅନ୍ୟନାମ ବାଲାଜୀ, ବିଷ୍ଣୁ, ଗୋବିନ୍ଦ ଏବଂ ଶ୍ରୀନିବାସ। ପ୍ରଭୁ ଭେଙ୍କଟେଶ୍ୱର ସବୁଠାରୁ ଧନୀ ଦେବତା। ଭକ୍ତମାନେ ଟଙ୍କା, ସୁନା, ରୂପା ହୁଣ୍ଡିରେ ଦାନ କରିଥାଆନ୍ତି। ଏହି ମନ୍ଦିର ସୁନା ଛାଉଣୀରେ ତିଆରି। ତିରୁପତିରେ ଶହ ଶହ ଯାତ୍ରୀ ଲଣ୍ଡା ହୁଅନ୍ତି। ସେଠାକାର ଲଡୁ ପ୍ରସାଦ ଖୁବ୍ ପ୍ରସିଦ୍ଧ। ତିରୁପତିରେ ମଧ୍ୟାହ୍ନ ଭୋଜନ ପରେ ବାହାରି ପହଞ୍ଚିଲୁ ଚେନାଇରେ।

ତା'ପରଦିନ ଚେନାଇରୁ ୭୪ କି.ମି. ଦୂରରେ ଥିବା କାଞ୍ଚିପୁରମ୍ ଗଲୁ। କାଞ୍ଚିପୁରମ୍‌ରେ କାମାକ୍ଷାଦେବୀଙ୍କ ମନ୍ଦିର। ସିଲ୍କଶାଢ଼ୀ ପାଇଁ କାଞ୍ଚିପୁରମ୍ ପ୍ରସିଦ୍ଧ। କାଞ୍ଚିପୁରମ୍ ଶଙ୍କରାଚାର୍ଯ୍ୟଙ୍କର ଚାରିପୀଠ ମଧ୍ୟରୁ ଗୋଟିଏ ଧର୍ମପୀଠ। ପୁରୁଷ ଲୋକମାନେ ସାର୍ଟ ନପିନ୍ଧି ମା'ଙ୍କୁ ଦର୍ଶନ କରନ୍ତି। ବେଦମନ୍ତ୍ର ଗାୟତ୍ରୀ ମନ୍ତ୍ର ଉଚ୍ଚାରଣ ମାଧ୍ୟମରେ ମା'ଙ୍କର ଅଭିଷେକ ଖୁବ୍ ଭଲ ଲାଗିଲା ସେଦିନ। ମା' ଲକ୍ଷ୍ମୀ ନିଜର ସୌନ୍ଦର୍ଯ୍ୟ ପାଇଁ ଗର୍ବ କରିଥିବାରୁ ଅଭିଶାପ ପାଇ ଅସୁନ୍ଦରୀ ଅବସ୍ଥାରେ ମନ୍ଦିର ବେଢ଼ାର ଏକ ପାର୍ଶ୍ୱରେ ପ୍ରତିଷ୍ଠିତା। ଭକ୍ତମାନେ ସିନ୍ଦୁର ତାଙ୍କ ଦେହରେ ବୋଳି ଦିଅନ୍ତି। ଦେବୀ ନିଜର ପୂର୍ବ ସୌନ୍ଦର୍ଯ୍ୟ ଫେରି ପାଇ ମନ୍ଦିରର ଅନ୍ୟ ପାର୍ଶ୍ୱରେ ଶୋଭିତ ହୁଅନ୍ତି ବୋଲି ଶୁଣିବାକୁ ପାଇଲୁ। ଫେରନ୍ତା ବାଟରେ golden sea beachରେ ଆଖି ବୁଲାଇ ଆଣିଲୁ। ଚେନାଇର ମେରିନା sea beach ଆଗରୁ ଦେଖିଥିଲି। ସେମିନାର ଟକ୍ ଦେବା ପାଇଁ ଥରେ Central Leather Instituteକୁ ଯାଇଥିଲି। ସେ ସମୟରେ ଚେନାଇ ପାଖରେ ଥିବା ଗୋଟିଏ snake park ଓ ମହାବଳୀପୁରମ୍ ଦେଖିଥିଲି। ରାତିରେ ଶ୍ରୀଗଣେଶନ୍ ଗୋଟିଏ ହୋଟେଲରେ ରାତ୍ରୀଭୋଜନରେ ଆମକୁ ଆପ୍ୟାୟିତ କରି ବିଦାୟ ଦେଇଥିଲେ।

ପ୍ରଥମ ଥର ମୋ ସ୍ୱାମୀ ଓ ଝିଅ ସହିତ ଦକ୍ଷିଣ ଭାରତ ଭ୍ରମଣ କଲାବେଳେ କନ୍ୟାକୁମାରୀ ଯାଇଥିଲି। ଏଠାରେ ବଙ୍ଗୋପ ସାଗର, ଆରବ ସାଗର ଓ ଭାରତ ମହାସାଗର ମିଳିତ ହୋଇଛନ୍ତି। ଏଠାରେ ସୂର୍ଯ୍ୟୋଦୟ ଓ ସୂର୍ଯ୍ୟାସ୍ତ ସମୟର ଦୃଶ୍ୟ ଖୁବ୍ ମନୋହର। ଭାରତର ଏହା ଗୋଟିଏ ସ୍ଥାନ ଯେଉଁଠାରେ ପୂର୍ଣ୍ଣମୀଦିନ ସୂର୍ଯ୍ୟାସ୍ତ



ଓ ଚନ୍ଦ୍ର ଉଦୟ ଏକ ସମୟରେ ହୁଏ। ସମୁଦ୍ର ପାଖରେ ମନ୍ଦିରରେ ଥାଆନ୍ତି ଦେବୀ କନ୍ୟା କୁମାରୀ। ପୁରାଣରେ ବର୍ଣ୍ଣିତ ଅଛି ଯେ, ଦେବୀ ପାର୍ବତୀ ଶିବଙ୍କୁ ବିବାହ କରିବା ପାଇଁ ଏଠାରେ କଠୋର ତପସ୍ୟା କରିଥିଲେ। ଏହି ସୌନ୍ଦର୍ଯ୍ୟମୟୀ ନାକରେ ହୀରା ଖଚିତ ନୋଥ ପିନ୍ଧିଛନ୍ତି। ଆମେ ଏହି ମନ୍ଦିର ଦର୍ଶନ ପରେ ଯାଇଥିଲୁ ବିବେକାନନ୍ଦ ମେମୋରିଆଲ ରକ୍‌କୁ। ଏହି ରକ୍ ଭାରତ ମହାସାଗର ଭିତରେ ଭାରତର ଶେଷ ସୀମାରେ ଅବସ୍ଥିତ। ଏହି ରକ୍ ଉପରେ ସ୍ୱାମୀ ବିବେକାନନ୍ଦ ଗଭୀର ଧ୍ୟାନରେ ମଗ୍ନ ରହି ଅନେକ ପ୍ରତିଭାରେ ଶକ୍ତିଶାଳୀ ହୋଇଥିଲେ। ଏଠାରେ ସ୍ୱାମୀ ବିବେକାନନ୍ଦଙ୍କର ମୂର୍ତ୍ତି ସ୍ଥାପନ କରାଯାଇଛି। ଲଞ୍ଚରେ ଦର୍ଶକମାନେ ଏହି ରକ୍‌କୁ ଯାଆନ୍ତି।

ବନ୍ଧୁମାନଙ୍କ ସହିତ ଦକ୍ଷିଣ ଭାରତ ଭ୍ରମଣ ସ୍ମୃତି ବହୁଳ ଓ ଉପଭୋଗ୍ୟ ଥିଲା। ସବୁ ସ୍ଥାନ ଭ୍ରମଣ ଓ ସବୁ ମନ୍ଦିର ଦର୍ଶନ ଖୁବ୍ ସୁରଖୁରରେ ହୋଇଥିଲା। ତେଣୁ ଖୁବ୍ ଆନନ୍ଦରେ ଫେରିଥିଲୁ ଆମ ସହର କଟକକୁ।

## ଦ୍ୱାରକା ଧାମ, ପ୍ରଭାସ ତୀର୍ଥ, ମାଉଣ୍ଟ ଆବୁ, ଅକ୍ଷର ଧାମ, ସୋମନାଥ

ଏଥର ଆମ ଯାତ୍ରା ଥିଲା ଦ୍ୱାରକା, ପୋରବନ୍ଦର, ପ୍ରଭାସ ତୀର୍ଥ, ମାଉଣ୍ଟଆବୁ, ଅକ୍ଷର ଧାମରେ ସ୍ୱାମୀ ନାରାୟଣ ମନ୍ଦିର, ସୋମନାଥ ମନ୍ଦିର, ଗାନ୍ଧୀ ନଗର, ଅହମଦାବାଦ, ସୁରଟକୁ। ପ୍ରଥମେ ଗୁରୁରାଟ ରାଜକୋର୍ଟରେ ପହଞ୍ଚି ପ୍ରଭାତ ସାର୍‌ଙ୍କ ଜନୈକ ବନ୍ଧୁଙ୍କ ସାହାଯ୍ୟରେ ଯାତ୍ରା କଲୁ ଦ୍ୱାରକାକୁ।

ଦ୍ୱାରକା ଧାମ ଚତୁର୍ଧାମ ମଧ୍ୟରେ ଅନ୍ୟତମ। ଭାରତର ପଶ୍ଚିମରେ ଥିବା ଗୁଜୁରାଟ ପ୍ରଦେଶରେ ଆରବ ସାଗର କୂଳରେ ଏହା ଅବସ୍ଥିତ। ଗୋମତୀ ନଦୀ କଚ୍ଛ ପାଖରେ ଯେଉଁଠାରେ ମିଶିଛି ତା' ଅନତିଦୂରରେ ଦ୍ୱାରକା ସହର ଅବସ୍ଥିତ। ପୁରାଣ ବର୍ଣ୍ଣନା ଅନୁସାରେ ଦ୍ୱାରକା ଥିଲା ଶ୍ରୀକୃଷ୍ଣଙ୍କର ବାସସ୍ଥାନ। ଏହି ତୀର୍ଥସ୍ଥାନ ମୁଁ ଦୁଇଥର ଦର୍ଶନ କରିଛି। ପ୍ରଥମ ଥର ୧୯୯୪ ମସିହାରେ ଯାଇଥିଲି ମୋ ସ୍ୱାମୀ, ଝିଅ ଓ ସହକର୍ମୀ ଡକ୍ଟର ସୁଧାଂସୁ ଶେଖର ତ୍ରିପାଠୀଙ୍କ ପରିବାର ସହିତ। ସେ ଭ୍ରମଣଟି ଥିଲା ଖୁବ୍ ଉପଭୋଗ୍ୟ। ପୁନାରେ ପଲିମର – ୯୪ କନ୍‌ଫେରେନ୍ସରେ

ମୋ ଗବେଷଣାତ୍ମକ ପ୍ରବନ୍ଧ ପାଠ କରିବା ପରେ ମୁଁ ଆମ ସହଯାତ୍ରୀଙ୍କ ସହିତ ଯୋଗ ଦେଇଥିଲି ଅହମଦାବାଦରେ । ସେଠାରେ ଆମ ରହଣି ଥିଲା ସୁଖକର । ଗୋଟିଏ ଟ୍ୟାକ୍ସିରେ ବୁଲିଲୁ ସାରା ଗୁଜୁରାଟ । ରାତି ୧୦ଟାରେ ବାହାରି ଦ୍ୱାରକାରେ ପହଞ୍ଚିଲୁ ବଡ଼ି ସକାଳେ । ସାଙ୍ଗରେ ପିଲାମାନେ ଅନ୍ତାକ୍ଷରୀ କରି ଗୀତ ଗାଇ ଗାଇ ରାତିଟି ହସ ଖୁସିରେ କଟାଇଲେ । ଟିକିଏ ବି କଷ୍ଟ ଲାଗିଲାନି । ପ୍ରଥମେ ଦ୍ୱାରକାରେ ଦର୍ଶନ କଲୁ ଶ୍ରୀକୃଷ୍ଣ ମନ୍ଦିର । ଏଠାରେ ଶ୍ରୀକୃଷ୍ଣଙ୍କର କଳା ମୂର୍ତ୍ତି ପୂଜିତ । ପୂଜାପାଠ ସାରି ଗଲୁ ଭେଟ୍‌ଦ୍ୱାରକା ଯେଉଁଠାରେ ଶ୍ରୀକୃଷ୍ଣ ଓ ତାଙ୍କ ପ୍ରିୟ ସଖା ସୁଦାମାଙ୍କର ଭେଟ ହୋଇଥିଲା । ପ୍ରାୟ ୩ କିଲୋମିଟର ବସରେ ଗଲାପରେ ଲଞ୍ଚରେ ଯିବାକୁ ପଡ଼ିଲା । ଲଞ୍ଚରେ ଗଲାବେଳେ ପାରାଭଳି ଏକ ଜାତୀୟ ଶହ ଶହ ଧଳା ପକ୍ଷୀ ଆମ ଲଞ୍ଚ ପାଖରେ ଉଡୁଥିବାର ଦେଖିଲୁ । ଫଟୋ ଉଠାଇଲୁ ଅନେକ । ପ୍ରାୟ ଅଧଘଣ୍ଟା ଭିତରେ ପହଞ୍ଚିଲୁ ଭେଟ୍‌ଦ୍ୱାରକାରେ । ଭେଟ୍‌ଦ୍ୱାରକାରେ ମାଟି ଧୂଳିର ରାସ୍ତା ଥିଲା ଅନେକ । ସେଠାରେ ଶ୍ରୀକୃଷ୍ଣଙ୍କର ପ୍ରାସାଦ କାଳକ୍ରମେ ସମୁଦ୍ର ଗର୍ଭର ପାଣି ତଳେ ରହି ଯାଇଛି ବୋଲି ପ୍ରତ୍ନତତ୍ତ୍ୱବିତ୍‌ମାନେ କହନ୍ତି । ପାଣି ଭିତରୁ ପ୍ରାସାଦର ଭଗ୍ନାବଶେଷ ଉଦ୍ଧାର କରିବା ପାଇଁ ସରକାର ଚେଷ୍ଟା କରୁଛନ୍ତି । ଭେଟ୍‌ଦ୍ୱାରକାରେ ଶ୍ରୀକୃଷ୍ଣଙ୍କ ମନ୍ଦିର ଦର୍ଶନ କଲୁ । କୃଷ୍ଣଙ୍କ ରଙ୍ଗ ଥିଲା କଳା । ସେ ସ୍ଥାନର ଉନ୍ନତି ବେଶୀ ହେଲାଭଳି ଲାଗିଲା ନାହିଁ । ଯାହାହେଉ ଶ୍ରୀକୃଷ୍ଣଙ୍କ ବାସସ୍ଥଳରେ ଆମେ ପାଦ ପକାଇ ନିଜକୁ ଧନ୍ୟ ମନେକଲୁ । ଦ୍ୱାପର ଯୁଗରେ ଆବିର୍ଭାବ ହୋଇଥିବା ଶ୍ରୀକୃଷ୍ଣ ସେଠାରେ କିପରି ବସବାସ କରି ରହିଥିବେ, କେମିତି ସେ ବାଲ୍ୟବନ୍ଧୁ ସୁଦାମା ସହିତ ଦିନ କାଟିଥିବେ ଏମିତି କେତେ ଭାବନା ଆସିଥିଲା ମୋ ମନକୁ । ସେଠାରୁ ଫେରିଆସିଥିଲୁ ଦ୍ୱାରକା ସହରକୁ । ଆସିବା ବାଟରେ ଅନ୍ୟ ଏକ ଜ୍ୟୋର୍ତିଲିଙ୍ଗ ଶ୍ରୀନାଗେଶ୍ୱରଙ୍କୁ ଦର୍ଶନ କରିଥିଲୁ । ତାଙ୍କ ମନ୍ଦିରର ରକ୍ଷଣାବେକ୍ଷଣ କରାଯାଉ ନଥିବାର ଲକ୍ଷ୍ୟ କଲୁ । ସନ୍ଧ୍ୟା ହୋଇ ଆସୁଥିଲା । ସନ୍ଧ୍ୟାରେ ବସ୍‌ରେ ଯିବା ବାଟରେ ପଡ଼ିଲା ପୋରବନ୍ଦର, ମହାତ୍ମା ଗାନ୍ଧିଙ୍କର ଜନ୍ମସ୍ଥାନ । ଗାନ୍ଧିଜୀଙ୍କ ନିଜ ଗୃହ, ଗୃହ ପାଖରେ ଥିବା ଗାନ୍ଧି ସ୍ମାରକୀ ଭବନ



ଦେଖିସାରିଲା ପରେ ବାଟରେ ଦେଖିଲୁ ମୀରାବାଈଙ୍କର ବାସସ୍ଥାନ । ଏହାପରେ ଫେରି ଆସିଲୁ ଅହମଦାବାଦ ।

ଅହମଦାବାଦ ଫେରିବା ବାଟରେ ଗିର୍‌ପାର୍କରେ ସିଂହ ବାହାରେ ବୁଲୁଥିବାର ଦେଖିଥିଲୁ । ଦ୍ୱିତୀୟ ଥର ଚାରି ବନ୍ଧୁ ଭ୍ରମଣ କଲାବେଳେ ଆମ ଯାତ୍ରା ପଥ ଥିଲା ଭିନ୍ନ । ଆମେ ଗାନ୍ଧିଜୀଙ୍କ ବାସସ୍ଥାନ ବୁଲି ସାରିଲା ପରେ ପ୍ରଭାସ ତୀର୍ଥରେ ପହଞ୍ଚିଲୁ । ପୁରାଣ ବର୍ଣ୍ଣନା ଅନୁସାରେ ଶ୍ରୀକୃଷ୍ଣ ଶୟନ ଅବସ୍ଥାରେ ପାଦ ହଲାଉଥିଲେ । ତାଙ୍କ ପାଦକୁ ହରିଣ କାନ ଭାବି ଜରା ଶବର ଶରାଘାତ କରିବାରୁ ଭଗବାନ କୃଷ୍ଣ ସେଠାରେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ । ଏହି ସ୍ଥାନର ମାହାତ୍ମ୍ୟ ଥିବାରୁ ସେଠାକୁ ଅନେକ ତୀର୍ଥ ଯାତ୍ରୀ ଯାଆନ୍ତି ।

ତା'ପରେ ଦର୍ଶନ କରିଥିଲୁ ସୋମନାଥ ମନ୍ଦିର । ସୌରାଷ୍ଟ୍ରର ଜୁନାଗଡ଼ ଜିଲ୍ଲାରେ ଥିବା ଦେବ ଦେବ ମହାଦେବ ଜ୍ୟୋର୍ତିଲିଙ୍ଗ ଭାବରେ ସୋମନାଥ ମନ୍ଦିରରେ ପୂଜିତ । ମନ୍ଦିରଟି ଦେଖିବାକୁ ଖୁବ୍ ସୁନ୍ଦର । ଏହା ସମୁଦ୍ର କୂଳରେ ଅବସ୍ଥିତ । ମନ୍ଦିର ପାଖରେ ଛିଡ଼ା ହୋଇ ସମୁଦ୍ର ଲହଡ଼ିକୁ ଉପଭୋଗ କରିହୁଏ । ମନ୍ଦିରର ଆଲୋକ ସଜ୍ଜା ମନ ମୁଗ୍ଧକର । ଏହି ମନ୍ଦିର ନିର୍ମାଣ ପୂର୍ବରୁ ଯେଉଁ ମନ୍ଦିରରେ ପ୍ରଥମେ ଜ୍ୟୋତିର୍ଲିଙ୍ଗ ପୂଜା ପାଉଥିଲେ ତାକୁ ମଧ୍ୟ ଦର୍ଶନ କରିଥିଲୁ । ଏହି ପୁରାତନ ମନ୍ଦିର ମୋଗଲ ସମ୍ରାଟ ମେହେମୁଦ ଗଜନୀ, ସୁଲତାନ ଆଲ୍ଲାଉଦ୍ଦିନ, ମିଜାଫର ସାହ (୧), ମେହେମୁଦ, ଆଓରଙ୍ଗଜେବ ଇତ୍ୟାଦିଙ୍କ ଦ୍ୱାରା ୬ ଥର ଭଙ୍ଗାହୋଇ ନିର୍ମିତ ହୋଇଥିଲା । ବର୍ତ୍ତମାନର ମନ୍ଦିର ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଦ୍ୱାରା ନିର୍ମିତ ହୋଇଛି । ଏହି ମନ୍ଦିରର ଏକ ପୌରାଣିକ ବର୍ଣ୍ଣନା ଅଛି । Moon God ସୋମ, ଦକ୍ଷଙ୍କର ସମସ୍ତ ଝିଅଙ୍କୁ ବିବାହ କରିଥିଲେ ମଧ୍ୟ ଗୋଟିଏ ମାତ୍ର ଝିଅକୁ ଭଲ ପାଉଥିଲେ । ଅନ୍ୟ ଝିଅମାନେ ପିତା ଦକ୍ଷଙ୍କ ପାଖରେ ଆପତ୍ତି କଲାରୁ ଦକ୍ଷ ସୋମଙ୍କୁ ଅଭିଶାପ ଦେଇଥିଲେ । ସୋମ ଶିବଙ୍କୁ ପ୍ରାର୍ଥନା କରି ଆଂଶିକ ଅଭିଶାପରୁ ମୁକ୍ତ ହେଲେ । ସେ ସମ୍ପୂର୍ଣ୍ଣ ଅଭିଶାପମୁକ୍ତ ହେବା ପର୍ଯ୍ୟନ୍ତ ଶିବ ସେଠାରେ ରହିବେ ବୋଲି ସ୍ଥିର କଲେ ଓ ସେଠାରେ ଜ୍ୟୋତିର୍ଲିଙ୍ଗ ସୋମନାଥ ଭାବରେ

ପୂଜା ପାଇଲେ । ସମୁଦ୍ର କୂଳରେ ସନ୍ଧ୍ୟାରେ ଲାଇଟ୍ ଏଣ୍ଡ ସାଉଣ୍ଡ ସୋ ଥିଲା ଖୁବ୍ ଚମତ୍କାର ।

ସୋମନାଥ ମନ୍ଦିର ଦର୍ଶନ ପରେ ଆମେ ଯାଇଥିଲୁ ମାଉଣ୍ଟ ଆବୁ । କଟକର କଲେଜଛକରେ ଥିବା ପ୍ରଜାପତି ବ୍ରହ୍ମକୁମାରୀଙ୍କ ସଂସ୍ଥାରେ ଅନେକ Class attend କରିବାଠାରୁ ଆମ ମନରେ ଥିଲା ଦିନେ ନା ଦିନେ ଆମେ ଯିବୁ ମାଉଣ୍ଟ ଆବୁ । ତାହାଛଡ଼ା ଅଧିକାଂଶ ଭ୍ରମଣ ପୋଗ୍ରାମରେ ଆମର ଥାଏ hill station (ଶୈଳ ନିବାସ) । ମାଉଣ୍ଟ ଆବୁ ଗୋଟିଏ ଶୈଳ ନିବାସ ଏବଂ ଏଠାକାର ପ୍ରଧାନ ଆକର୍ଷଣ ହେଲା ପ୍ରଜାପତି ବ୍ରହ୍ମକୁମାରୀଙ୍କ ପ୍ରଧାନ ଆଶ୍ରମ । ଗୋଟିଏ ବିରାଟ ହଲରେ ତାଙ୍କର ସଭାସମିତି ଓ କନ୍‌ଫେରେନ୍ସ ହୁଏ । ହଜାର ହଜାର ଭକ୍ତ ଏଠାରେ ବସିବା ପାଇଁ ବନ୍ଦୋବସ୍ତ ଅଛି । ସେଠାରେ ଥିବା ପ୍ରଜାପତି ବ୍ରହ୍ମକୁମାରୀଙ୍କ ଆଶ୍ରମ, ତାଙ୍କର ଆଧାତ୍ମିକ ସଂଗ୍ରାହଳୟ, ବିଶ୍ୱବିଦ୍ୟାଳୟ, ଫୁଲ ଫଳର ବଗିଚା, ପୋଲିସ୍ ଟ୍ରେନିଂ ସେଣ୍ଟର ଇତ୍ୟାଦି ବୁଲି ବୁଲି ଦେଖି ସାରିଲା ପରେ ଗୋଟିଏ ବଡ଼ ହ୍ରଦ ପାଖରେ କିଛି ସମୟ କଟାଇଲୁ । ସନ୍ଧ୍ୟାରେ ଗୋଟିଏ ଆଶ୍ଚର୍ଯ୍ୟଜନକ ସୋ ଦେଖିଲୁ । ଜୀବନ୍ତ ମଣିଷ ମୂର୍ତ୍ତିଭଳି ଦିଶୁଥାଆନ୍ତି ସେ ସୋରେ । ସବୁଦିନ ଯାତ୍ରାର ଶେଷ ହୁଏ ତାସ ଖେଳରେ । ସେଠାରେ ଥିଲା ପବିତ୍ର ବାତାବରଣ । ତେଣୁ ଦୁଇଦିନ ସେ ଶୈଳ ନିବାସରେ ରହିଲା ପରେ ଆମ ଯାତ୍ରା ଥିଲା ଅହମଦାବାଦ ଅଭିମୁଖେ । ଦୀର୍ଘ ସମୟ ବସ୍‌ରେ ଗଲାପରେ ପହଞ୍ଚିଲୁ ଅହମଦାବାଦରେ । ମୋ ପୁଅ ପୁପୁ ଆମକୁ ପାଛୋଟି ନେଲା ତା ବନ୍ଧୁ ଘରକୁ । ସେଠାରେ ରାତିରେ ରହି ତା'ପରଦିନ ଗଲୁ ୨୫ କି.ମି. ଦୂରରେ ଥିବା ଗୁଜରାଟର ରାଜଧାନୀ ଗାନ୍ଧିନଗରକୁ ।

ଗାନ୍ଧିନଗରରେ ସ୍ୱାମୀ ନାରାୟଣ ମନ୍ଦିର ପ୍ରତିଷ୍ଠିତ । ଏହି ସ୍ଥାନରେ ଅନ୍ୟନାମ ଅକ୍ଷରଧାମ । ଯୁଗାନ୍ତକାରୀ ସନ୍ଥ ସ୍ୱାମୀନାରାୟଣଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ପାଇଁ ଏହି ମନ୍ଦିର ସ୍ଥାପନା କରାଯାଇଛି ଦେଶ ବିଦେଶରେ । ଭାରତରେ ଗାନ୍ଧି ନଗର ଓ ଦିଲ୍ଲୀରେ ଏହି ମନ୍ଦିର ସ୍ଥାପିତ । ଲଣ୍ଡନରେ ମଧ୍ୟ ଭାରତୀୟମାନେ ଏହି ମନ୍ଦିର ସ୍ଥାପନା କରିଛନ୍ତି । ଏ ତିନି ସ୍ଥାନରେ ସ୍ୱାମୀ ନାରାୟଣ ମନ୍ଦିର ଦର୍ଶନ



କରିବାର ଭାଗ୍ୟ ମୋତେ ଜୁଟିଛି । ସ୍ୱାମୀ ନାରାୟଣ ଜନ୍ମ ହୋଇଥିଲେ ୧୭୮୧ ମସିହାରେ ଏବଂ ତାଙ୍କର ତିରୋଧାନ ହୋଇଥିଲା ୧୮୩୦ ମସିହାରେ । ଏହି ଧାମ ୨୩ ଏକର ଜମି ଉପରେ ପ୍ରତିଷ୍ଠିତ । ଗୋଲାପି ପ୍ରସ୍ତରରେ ନିର୍ମିତ ଅକ୍ଷରଧାମ ମନୁମେଣ୍ଟ । ଏହାକୁ ତିଆରି କରିବାକୁ ୬ ବର୍ଷ ଲାଗିଥିଲା । ଏହାର ଉଚ୍ଚତା ୧୦୮ ଫୁଟ, ଲମ୍ବ ୨୪୦ ଫୁଟ, ଓସାର ୧୩୧ ଫୁଟ, ଏହି ଧାମ ୧୯୯୨ରେ ଉନ୍ମୁକ୍ତ ହୋଇଥିଲା ଦର୍ଶକମାନଙ୍କ ପାଇଁ । ଏଠାରେ ଥିବା ହଲ୍‌ରେ ଥିବା ସୁନା ପ୍ଲେଟ୍‌ରେ ନିର୍ମିତ ୩ ଫୁଟ ଉଚ୍ଚର ସ୍ୱାମୀ ନାରାୟଣଙ୍କ ମୂର୍ତ୍ତି ଅନେକ ଦର୍ଶକଙ୍କୁ ଆକୃଷ୍ଟ କରେ । ସ୍ୱାମୀ ନାରାୟଣଙ୍କ ବ୍ୟତୀତ ସେଠାରେ ତାଙ୍କ ବାମରେ ଗୁଣାତିତାନନ୍ଦ ସ୍ୱାମୀ ଓ ଦକ୍ଷିଣ ପଟେ ଗୋପାଳାନନ୍ଦ ସ୍ୱାମୀଙ୍କର ମୂର୍ତ୍ତି ରହିଛି । ସେମାନେ ସ୍ୱାମୀନାରାୟଣଙ୍କ ପରବର୍ତ୍ତିକାଳରେ ତାଙ୍କର ଭଗବତ୍ ସତ୍ତାର ପ୍ରତିପାଦନ କରିଥିଲେ । ଏହି ହଲ୍‌ରେ ଅନେକ ମାର୍ବଲ ନିର୍ମିତ ମୂର୍ତ୍ତି ମଧ୍ୟ ରଖାଯାଇଛି । ସେହି ହଲର କାରୁକାର୍ଯ୍ୟ ଖୁବ୍ ମନମୁଗ୍ଧକର । ଅକ୍ଷରଧାମରେ ଥିବା ୯୭ଟି କଳା ଭାସ୍କର୍ଯ୍ୟ ପରିପୂର୍ଣ୍ଣ ସ୍ତମ୍ଭ, ୨୨୦ଟି ପଥର ନିର୍ମିତ ବିମ, ୫୭ଟି ପଥର ନିର୍ମିତ ଝରକା, ୧୭ଟି ଗମ୍ବୁଜ, ୮ଟି କଳା ବିମଣ୍ଡିତ ବାଲକୋନି ଆମଭଳି ଅନେକ ଦର୍ଶକମାନଙ୍କୁ ଆକର୍ଷିତ କରାଏ । ସବୁ ପ୍ରସ୍ତରରେ କାରୁକାର୍ଯ୍ୟ ଖୋଦିତ ହୋଇଛି । ଅକ୍ଷରଧାମର ତଳ ମହଲାରେ ସ୍ୱାମୀ ନାରାୟଣଙ୍କ ସମୟର ଅନେକ ଜିନିଷ ଏବଂ ତାଙ୍କର ବ୍ୟାବାହାରିକ ଜିନିଷ ସୁରକ୍ଷିତ ହୋଇଛି । ପୃଥିବୀ ପୃଷ୍ଠରେ ଭଗବାନ ମଣିଷ ରୂପରେ ଜନ୍ମ ନେବାର ଦୃଷ୍ଟାନ୍ତ ଏହି ମ୍ୟୁଜିୟମରୁ ମିଳେ । ସ୍ୱାମୀ ନାରାୟଣଙ୍କ ଜୀବନୀ ଉପରେ ଗୋଟିଏ ସୋ ମଧ୍ୟ ଦେଖାଯାଏ ସେଠାରେ । ନିଜ ଆନନ୍ଦ କିପରି ମଣିଷ ନିଜେ ସୃଷ୍ଟି କରିପାରେ ତା'ର ଶିକ୍ଷା ମିଳେ ଏହି ସୋ'ରୁ । ବାଲ୍ୟାବସ୍ଥାରୁ ନିଜ ଗୃହ ଛାଡ଼ି ସ୍ୱାମୀ ନାରାୟଣ ଜଙ୍ଗଲକୁ ଚାଲି ଯାଇଥିଲେ ବୋଲି ସୋ'ରୁ ଜଣା ଯାଏ । ଏହି ଧାମକୁ ୫ଟି ଭାଗରେ ବିଭକ୍ତ କରାଯାଇଛି । ସେଗୁଡ଼ିକ ହେଲା –

**(୧) ସାହାଜାନନ୍ଦ :** ଏଠାରେ ଭିଡ଼ିଓ ସୋ'ରେ ଅଷ୍ଟାଦଶ ଶତାବ୍ଦୀରେ ଭାରତର ଇତିହାସ, ବିଶ୍ୱର ମୂଳତତ୍ତ୍ୱ, ଈଶ୍ୱରଙ୍କ ଅବତାର, ସ୍ୱାମୀନାରାୟଣ ଜଙ୍ଗଲ,

ଉପତ୍ୟକା ଓ ପାହାଡ଼ରେ ବୁଲୁଥିବାର ଦୃଶ୍ୟ, ଗାଁ ପରିବେଶରେ ବରଗଛ ମୂଳରେ ଶିଷ୍ୟମାନଙ୍କ ସହିତ ଗୁରୁ, ଗୋଟିଏ ପ୍ରାର୍ଥନା ହଲ, ପ୍ରେମ ଓ ଶାନ୍ତି ଉପରେ ବକ୍ତୃତା ଦେଉଥିବା ସ୍ୱାମୀଜୀ ଏବଂ ପ୍ରାୟ ୫୦୦ ସାଧୁ ଇତ୍ୟାଦି ଦେଖିବାର ସୁଯୋଗ ପାଆନ୍ତି ଦର୍ଶକମାନେ ।

**(୨) ସତ୍-ଚିତ୍-ଆନନ୍ଦ :** ଏହି ଅଡ଼ିଟୋରିୟମରେ ଆଧ୍ୟାତ୍ମିକ ବାଣୀ ମଲ୍ଟିମିଡ଼ିଆ ଦ୍ୱାରା ପରିବେଷଣ କରାଯାଏ ।

**(୩) ନିତ୍ୟାନନ୍ଦ :** ଉପନିଷଦରେ ବର୍ଣ୍ଣିତ ଅନେକ ପ୍ରାଜ୍ଞ ବ୍ୟକ୍ତି, ଅଶୋକ ବାଟୀକା, ଦୁର୍ଯ୍ୟୋଧନଙ୍କ ରାଜ ପ୍ରାସାଦରେ ଦ୍ରୌପଦୀଙ୍କର ବସ୍ତ୍ରହରଣ ଆଦି ଭାରତୀୟ ସଂସ୍କୃତିରେ ଅନ୍ତର୍ନିହିତ ଚିରନ୍ତନ ସତ୍ୟତା ଦର୍ଶାଯାଇଛି ଏଠାରେ ।

**(୪) ନିଜାନନ୍ଦ :** ଏଠାରେ ବିଭିନ୍ନ ଧର୍ମର ଲିପି, ଦର୍ଶନୀୟ ସ୍ଥାନ, ହିନ୍ଦୁ, ମୁସଲମାନ ଖ୍ରୀଷ୍ଟିଆନ, ଜୈନ, ବୁଦ୍ଧ, ଶିଖ୍ ଧର୍ମର ପ୍ରାର୍ଥନା ଇତ୍ୟାଦି ଜାଣିବାକୁ ମିଳେ ।

**(୫) ପ୍ରେମାନନ୍ଦ :** ଏହି ଏରିଆରେ ଭାରତର ବିଶିଷ୍ଟ କବି ତୁଳସୀଦାସ, ସୁରଦାସ, କବିର, ଜୟଦେବ, ତୁକାରାମ, ମୀରାବାଈ ଏବଂ ପ୍ରେମାନନ୍ଦଙ୍କ ସଙ୍ଗୀତ ଶୁଣିବାକୁ ମିଳିଥିଲା ଆମକୁ ।

ସ୍ୱାମୀ ନାରାୟଣ ମନ୍ଦିର ଦର୍ଶନ କରି ସାରିବା ପରେ ଆମେ ସୁରତ ଅଭିମୁଖେ ଯାତ୍ରା କଲୁ । ବାଟରେ ଆନନ୍ଦ ସହରରେ ପ୍ରଭାତ ସାରଙ୍କ ଭଣଜା ପାଖରେ କିଛି ସମୟ କଟାଇଥିଲୁ । ସୁରତରେ ପୁପୁ, ବୋହୂ ପୂଜା ଓ ନାତି ସାର୍ଥକ ସହିତ ଗୋଟିଏ ଦିନ କଟାଇ କଟକ ଫେରି ଆସିଲୁ । ପୂର୍ବରୁ ଥରେ ସୁରତ ଯାଇଥିଲି । ସଫାସୁତୁରା ରାସ୍ତା, ରାସ୍ତା କଡ଼ରେ ଲୁଗା ଗାଣ୍ଠି, ବ୍ରିଜ ଉପରେ ତିନରର ଭିଡ଼, ତାପ୍ତୀ ନଦୀ କୂଳସ୍ଥ ମନ୍ଦିର ମୋତେ ଖୁବ୍ ଆକର୍ଷିତ କରିଥିଲା ।

ମୋର ପ୍ରଥମଥର ଯାତ୍ରା ସମୟରେ ଅହମଦାବାଦରେ ଅନେକ ମନ୍ଦିର, ଗାନ୍ଧିଜୀଙ୍କ ଆଶ୍ରମ ଇତ୍ୟାଦି ଦେଖି ସାରିଲା ପରେ ମୁଁ ମୋ ସ୍ୱାମୀ, ମୋ ଝିଅ



ମାମୁନୀ ଓ ଅନ୍ୟମାନଙ୍କ ସହିତ ଉଦୟପୁର ଯାଇଥିଲି । ଉଦୟପୁର ରାଜସ୍ଥାନରେ ଅବସ୍ଥିତ । ଅନେକ ହ୍ରଦ, ଲେକ୍‌ପ୍ୟାଲେସ, ବଗିଚା ଏବଂ ସୁସଜ୍ଜିତ ପର୍ବ ପର୍ବାଣୀ ପାଇଁ ଉଦୟପୁର ପ୍ରସିଦ୍ଧ । ଲେକ୍ ପ୍ୟାଲେସ ୧୭୫୪ ମସିହାରେ ନିର୍ମିତ ହୋଇଥିଲା । ଏହା ମାର୍ବଲରେ ନିର୍ମିତ ଏବଂ ଗୋଟିଏ ଦ୍ୱୀପରେ ଅବସ୍ଥିତ । ସିଟି ପ୍ୟାଲେସ ମଧ୍ୟ ମାର୍ବଲରେ ତିଆରି । ଏହା ଗୋଟିଏ ସୁନ୍ଦର ମହଲ । ଏହି ମହଲରେ ଅନେକ ସ୍ତମ୍ଭ ଓ ବାଲକୋନି ଅଛି । ଲେକ୍ ଏବଂ ସହର ଏଠାରୁ ଦୃଶ୍ୟମାନ ହୁଏ । ଜଗ୍ ମନ୍ଦିର ଆଉ ଗୋଟିଏ ମନ୍ଦିର । ଏହା ଗୋଟିଏ ଦ୍ୱୀପରେ ନିର୍ମିତ । ଏଠାରେ କାରୁକାର୍ଯ୍ୟ ସମ୍ପର୍ଣ୍ଣ ହସ୍ତୀ ଓ ଛତ୍ରୀ ଦେଖିବାକୁ ମିଳିଥିଲା । ଉଦୟପୁରର ଅନେକ ଭାସ୍କର୍ଯ୍ୟପୂର୍ଣ୍ଣ ଚାରୁକଳା ଦେଖିସାରି ଅହମଦାବାଦ ଦେଇ ଆମେ ଫେରିଆସିଥିଲୁ ନିଜ ସହର କଟକକୁ ।

## ସତ୍ୟସାଇ, ସିରିଡ଼ି ସାଇ, ଶନି ସିଙ୍ଗାପୁର, ନାସିକ (ତ୍ର୍ୟମ୍ବକେଶ୍ୱର)

ଜାନୁୟାରୀ ୨୦୦୦ ମସିହାରେ ଶ୍ରୀ ସତ୍ୟସାଇ, ଶ୍ରୀ ସିରିଡ଼ି ସାଇ, ଶନି ସିଙ୍ଗାପୁରରେ ଶନିଦେବ, ନାସିକରେ ଜ୍ୟୋତିର୍ଲିଙ୍ଗ ଶ୍ରୀ ତ୍ର୍ୟମ୍ବକେଶ୍ୱରଙ୍କ ଦର୍ଶନ କରିଥିଲୁ ।

ଆମର ଯାତ୍ରା ଆରମ୍ଭ ହୋଇଥିଲା ଜାନୁୟାରୀ ମାସ ୧ ତାରିଖରେ ଫାଲକ୍‌ନାମା ଏକ୍ସପ୍ରେସରେ । ହାଇଦ୍ରାବାଦରେ ପହଞ୍ଚି ମୋ ସମୁଦି ଘରେ ରହି ସନ୍ଧ୍ୟାରେ ଦର୍ଶନ କରିଥିଲୁ ଲକ୍ଷ୍ମୀ ନାରାୟଣଙ୍କୁ ବିର୍ଲା ଟେମ୍ପଲ୍‌ରେ । ମାର୍ବଲରେ ନିର୍ମିତ ମନ୍ଦିରଟି ଖୁବ୍ ଭଲ ଲାଗିଥିଲା ଆମକୁ । କଲିକତା, ଦିଲ୍ଲୀରେ ବିର୍ଲା ଟେମ୍ପଲ୍ ଦେଖିଛି ମୁଁ । ସବୁ ସ୍ଥାନରେ ମନ୍ଦିରର ଗଠନ ସମାନ । ସନ୍ଧ୍ୟାରେ ଗଲୁ ପୁଟ୍ଟପର୍ତ୍ତି । ଟ୍ରେନରୁ ଓହ୍ଲାଇ ଧର୍ମାବରମ୍‌ରେ ୱେଟିଂ ରୁମ୍‌ରେ ନିତ୍ୟକ୍ରମ ସାରି ବସ୍‌ରେ ଗଲୁ ପୁଟ୍ଟପର୍ତ୍ତି । ମୋ ବାପା ଥିଲେ ସାଇବାବାଙ୍କର ପରମ ଭକ୍ତ । ପ୍ରତିବର୍ଷ ଅନେକ ଭକ୍ତଙ୍କୁ ନେଇ କର ସେବା ପାଇଁ ସେ ଯାଉଥିଲେ ପୁଟ୍ଟପର୍ତ୍ତି । ପୁଟ୍ଟପର୍ତ୍ତି ଆଶ୍ରମଟି ଥିଲା ଖୁବ୍ ପରିଷ୍କାର । ପ୍ରଭାତରେ ଭଜନ ମଣ୍ଡଳୀ ଭଜନ କରି କରି ଆଶ୍ରମର ପରିବେଶକୁ ଅମୃତମୟ କରିଦେଉଥିଲେ । ପ୍ରଶାନ୍ତି ମନ୍ଦିର ଗ୍ରାନାଇଟ୍‌ରେ ନିର୍ମାଣ

କରାଯାଇଛି । ଏଠାରେ ପ୍ରତିଦିନ ଭଜନ ହୁଏ । ଏହି ମନ୍ଦିରରେ ଥିବା ହଲ୍‌ରେ ପ୍ରାୟ ୨୦ ହଜାର ଭକ୍ତ ବସି ପାରିବାର ବନ୍ଦୋବସ୍ତ ଅଛି । ସାଇବାବାଙ୍କ ଆଶ୍ରମର ନାମ ପ୍ରଶାନ୍ତିନିଳୟମ୍ । ଆମେ ଯେଉଁଦିନ ଯାଇଥିଲୁ ବାବା ସେଦିନ ତିନିଥର ଦର୍ଶନ ଦେଇଥିଲେ । କେଡ଼େ ଭାଗ୍ୟବାନ ଆମେ । ବାବା ମନ୍ଦିରରୁ ବାହାରି ହଲ୍ ଭିତରେ ଦର୍ଶକମାନଙ୍କ ଭିତରେ ବୁଲନ୍ତି । ଭକ୍ତମାନେ ନିରବରେ ବସିଥାଆନ୍ତି । କମଳା ରଙ୍ଗର ଗାଉନ୍ ତାଙ୍କ ପାଦ ତଳେ ଲୋଟୁଥାଏ । କେହି କେହି ଭକ୍ତ ବାବାଙ୍କ ହାତକୁ ଚିଠି ବଢ଼ାଇ ଦେଉଥାନ୍ତି । ନିଜ ଦୁଃଖକୁ ବାବାଙ୍କୁ ସମର୍ପଣ କରିଦେଇ ସେମାନେ ହେଉଥାଆନ୍ତି ଆଶ୍ୱସ୍ତ । ଆଶ୍ରମର ପ୍ରବେଶଦ୍ୱାରରେ ଦେଖିଲୁ ଗଣେଶ ମନ୍ଦିର । ପ୍ରତିଦିନ ଏଠାରେ ପ୍ରାର୍ଥନା କରାଯାଏ, ତାହା ଦ୍ୱାରା ଭକ୍ତ ପାଏ ସୁରକ୍ଷା, ସଫଳତା ଏବଂ ଧୀଶକ୍ତି । ଗଣେଶ ମନ୍ଦିର ପରେ ଦକ୍ଷିଣ ଦିଗରେ ଦେଖିଲୁ ସୁବ୍ରମଣ୍ୟଙ୍କ ମନ୍ଦିର । ଦେବତାମାନଙ୍କର ସେନାଦଳର ସେ ପ୍ରଧାନ ସେନା । ସେ କରିଥାନ୍ତି ସୁରକ୍ଷା । ଏଠାରେ ଗାୟତ୍ରୀ ଦେବୀଙ୍କ ମନ୍ଦିର ମଧ୍ୟ ଅଛି । ପଞ୍ଚମୁଖୀ ଦଶଭୂଜା ମା’ ଗାୟତ୍ରୀ ପଦ୍ମ ଫୁଲ ଉପରେ ବସି ଥାଆନ୍ତି । ଏହା ୧୯୯୮ ମସିହାରେ ପ୍ରତିଷ୍ଠିତ । ତାଙ୍କ ମଧ୍ୟରେ ଜ୍ଞାନ, ଧୀଶକ୍ତି ଓ ସୁରକ୍ଷାର ଶକ୍ତି ନିହିତ । ପ୍ରଧାନ ଆଶ୍ରମରେ କିଛି ସମୟ ବିତାଇ ବାବାଙ୍କର ଦର୍ଶନ ଲାଭ କରିବାପରେ ଆଶ୍ରମ ଆଖପାଖ ବୁଲି ଦେଖିଲୁ । ଆଶ୍ରମ ପାଖାପାଖିରେ ସର୍ବଧର୍ମ ସ୍ତୁପ ବା ପୃଥିବୀର ସମସ୍ତ ଧର୍ମର ସ୍ତୁପ ରହିଛି । ଏହି ସ୍ତୁପର ପ୍ରତ୍ୟେକ ଅଂଶ ଗୋଟିଏ ଗୋଟିଏ ଗୁଣର ପ୍ରତୀକ । ଆଶ୍ରମ ବାହାରେ ଫୁଲ ବଗିଚା ଦେଖିଲୁ । ବାବାଙ୍କ ଦ୍ୱାରା ନିର୍ମିତ ସ୍କୁଲ, କଲେଜ, ୟୁନିଭରସିଟ୍‌ରେ ହଜାର ହଜାର ଛାତ୍ର ଛାତ୍ରୀ ପଢ଼ନ୍ତି । ତାଙ୍କ ହସ୍‌ପିଟାଲ ଦୀନଦୁଃଖୀଙ୍କ ସେବାରେ ଅନବରତ ନିୟୋଜିତ । ତାଙ୍କର ମ୍ୟୁଜିୟମ ଏକ ଦର୍ଶନୀୟ ସ୍ଥାନ । ବାବାଙ୍କ ଚଉକି ସୁନାରେ ତିଆରି । ସତ୍ୟସାଇ ବାବାଙ୍କ ଦର୍ଶନ ପରେ ଆମ ଯାତ୍ରା ଥିଲା ସିରିଡ଼ିକୁ ।

ସିରିଡ଼ି ଯିବା ବାଟରେ ପଡ଼ିଥିଲା ଶନିସିଙ୍ଗାପୁର । ସେଠାରେ ଶନିଦେବ ପୂଜା ପାଉଛନ୍ତି । କେବଳ ପୁରୁଷ ଲୋକମାନେ ସେଠାରେ ଗେରୁଆ ରଙ୍ଗର ଲୁଙ୍ଗି ଭଡ଼ାରେ ଆଣି ପିନ୍ଧନ୍ତି । ଦେହ ଥାଏ ଖୋଲା । ଶନି ମୂର୍ତ୍ତି ଉପରେ ତୈଳ ଢାଳି ପୂଜା କରନ୍ତି ସେମାନେ । ସ୍ତ୍ରୀ ଲୋକମାନେ ପୂଜାରୁ ବଂଚିତ ହୁଅନ୍ତି । ସେଠାରେ



ଶନିଙ୍କର ପ୍ରଭାବ ଅନେକ । ଶନିଙ୍କ ଡରରେ ସେଠାରେ କେହି ଚୋରି କରନ୍ତି ନାହିଁ । ସେଥିପାଇଁ କୋଠାଘର ଠାରୁ ଆରମ୍ଭ କରି ଚାଳଘର ପର୍ଯ୍ୟନ୍ତ କାହାରି ଘରେ କବାଟ ଝରକା ନଥାଏ । ମୋ ସ୍ୱାମୀ ଓ ପ୍ରଭାତ ସାର ଗେରୁଆ ଲୁଙ୍ଗି ପିନ୍ଧି ଶନିଦେବଙ୍କ ଉପରେ ତେଲ ଢାଳି ପୂଜା କରିଥିଲେ ।

ଏହା ପରେ ସିରିଡ଼ି ସାଇ ପୀଠକୁ ଯାଇଥିଲୁ । ଏଠାରେ ହିନ୍ଦୁ ମୁସଲମାନ ଏକାଠି ପୂଜା, ଆଳତି ଓ ଭଜନ କରନ୍ତି । ବାବାଙ୍କ ମୂର୍ତ୍ତୀ ସାମନାରେ ଥାଏ ତାଙ୍କ କବର । ହିନ୍ଦୁମାନେ ବାବାଙ୍କୁ ଚଦର ପ୍ରଦାନ କରନ୍ତି । ମୁସଲମାନମାନେ କବରରେ ଚଦର ଚଢ଼ାନ୍ତି । ୧୮୫୮ ମସିହାରେ ବାବା ଆସିଥିଲେ ସିରିଡ଼ି । ଆଣ୍ଠୁ ପର୍ଯ୍ୟନ୍ତ ଆଚ୍ଛାଦିତ ଥିବା ପୋଷାକ ଏବଂ ମୁଣ୍ଡରେ କପଡ଼ାର ଓଢ଼ଣୀ ତାଙ୍କର ପ୍ରତିଦିନର ପୋଷାକ । ସେ ଉଭୟ ହିନ୍ଦୁ ଓ ମୁସଲମାନଙ୍କର ଦେବତା । ତାଙ୍କ ବେଢ଼ା ଭିତରେ ଥିବା ନିମ୍ବ ଗଛ ମୂଳରେ ସେ ଧ୍ୟାନରତ ରହୁଥିଲେ । କିଛି ସମୟ ସେହି ଗଛ ପାଖରେ କଟାଇଲୁ । ଏଠାରେ ଦିନରାତି ଅଗ୍ନୀର ଧୁନି ପ୍ରଜ୍ୱଳିତ ହେଉଥାଏ । ଦର୍ଶକମାନେ ସେଠାରୁ ବିଦାୟ ନେବାବେଳେ କିଛି ଉଧି (ବିଭୂତି) ସାଙ୍ଗରେ ନିଅନ୍ତି ।

ଆମେ ଶୟନ ଆଳତି ଦେଖିବାର ସୁଯୋଗ ପାଇଥିଲୁ । ବାବାଙ୍କ ଆଶୀର୍ବାଦରୁ ଦର୍ଶନ କରିବାର ଧାଡ଼ି ଥାଏ ଖୁବ୍ ଛୋଟ । ୩ / ୪ ଥର ଲେଖାଏଁ ଧାଡ଼ିରେ ଆସି ମୁଁ ଦର୍ଶନ କଲି । କେତେ ଯେ ଶାନ୍ତି ମୁଁ ସେଠାରେ ପାଇଛି ତାହା ବର୍ଣ୍ଣନା କରିବା କଷ୍ଟକର । ଢେଙ୍କାନାଳରେ ସାଇ ସିରିଡ଼ିଙ୍କୁ ଦର୍ଶନ କରିଛି । ପ୍ରତିଦିନ ପ୍ରାତଃ ଭ୍ରମଣବେଳେ ସିରିଡ଼ି ବାବାଙ୍କୁ ଦର୍ଶନ କରିବାର ସୁଯୋଗ ପାଏ ମୋ ସହରର କଲେଜଛକରେ । କେତେବେଳେ ସେ ମଶାରି ଭିତରେ ଥାଆନ୍ତି ଶୟନ ରତ, କେତେବେଳେ ଲହୁଣି ମରା ଯାଉଥାଏ ଦେହରେ ବା କେତେବେଳେ ସ୍ନାନ କରୁଥାଆନ୍ତି କ୍ଷୀରରେ । ବାବାଙ୍କର ପ୍ରିୟ ଗୋଲାପ ଫୁଲ । ସିରିଡ଼ିରେ ଗୋଲାପ ଫୁଲ ଖୁବ୍ ଶସ୍ତା ।

ଏହାପରେ ଆମେ ଯାଇଥିଲୁ ନାସିକ । ନାସିକରେ ମୁକ୍ତି ଧାମରେ ରହିଥିଲୁ ଚାରିଜଣ । ଏହି ଧାମଟି ଆମର ଜଣେ ବନ୍ଧୁଙ୍କର ବାପାଙ୍କ ଦ୍ୱାରା ପରିଚାଳିତ ।

ମନ୍ଦିର ବେଢ଼ାଟି ଖୁବ୍ ଭଲ ଲାଗିଥିଲା । ସେଠାରେ ଦ୍ୱାଦଶ ଜ୍ୟୋର୍ତିଲିଙ୍ଗ ସ୍ଥାନ ପାଇଛନ୍ତି । ତା'ପରେ ଯାଇଥିଲୁ ଜ୍ୟୋତିର୍ଲିଙ୍ଗ ତ୍ର୍ୟମ୍ବକେଶ୍ୱରଙ୍କ ଦର୍ଶନ କରିବା ପାଇଁ । ନାସିକରେ ଗୋଦାବରୀ ନଦୀ କୂଳରେ ଥିବା ଏକ ପୁରାତନ ମନ୍ଦିରରେ ବାବା ଅଧିଷ୍ଠିତ । ଦର୍ଶନ ଖୁବ୍ ଭଲରେ ହୋଇଥିଲା । ଏହି ମନ୍ଦିରରେ ଅଇନା ଖଞ୍ଜା ଯାଇଥିଲା । ତେଣୁ ଭକ୍ତମାନେ ଦିଅଁଙ୍କ ପାଖକୁ ନଯାଇ ପାରିଲେ ମଧ୍ୟ ପୂଜା ଅର୍ଚ୍ଚନା ଅଇନାରେ ଦେଖି ପାରୁଥିଲେ ।

ତ୍ର୍ୟମ୍ବେକେଶ୍ୱର ଦର୍ଶନ ପରେ ଆମେ ଫେରି ଆସିଥିଲୁ ମୁକ୍ତିଧାମକୁ । ତା'ପରେ ଆମ ଯାତ୍ରା ଥିଲା ପୁନାକୁ ।

ପୁନାରେ Science Congressରେ invited talk ଦେଇସାରିବା ପରେ ସନ୍ଧ୍ୟାରେ ଡଲିନାନୀଙ୍କ ଭାଇ ରବି ସହିତ ପୁନା ସହର ବୁଲି ଦେଖିଥିଲୁ । ସେଠାରେ ଥିବା ଗଣେଶ ମନ୍ଦିର ଖୁବ୍ ପ୍ରସିଦ୍ଧ । ସବୁ ଦେଖି ସାରିଲା ପରେ ଆମେ ଫେରି ଆସିଥିଲୁ କଟକ ।

## ବନାରସ, ଆଲାହାବାଦ, ଅଯୋଧ୍ୟା, ମନଗଡ଼, ଚିତ୍ରକୂଟ

୨୦୦୧ ମସିହା ଅକ୍ଟୋବର ମାସରେ ଆମେ ଯାଇଥିଲୁ ବନାରସ, ଆଲାହାବାଦ, ଅଯୋଧ୍ୟା, ମନଗଡ଼ ଓ ଚିତ୍ରକୂଟ । ବନାରସରେ ଗଙ୍ଗାନଦୀ କୂଳରେ ଜ୍ୟୋତିର୍ଲିଙ୍ଗ କାଶୀ ବିଶ୍ୱନାଥଙ୍କୁ ଦର୍ଶନ କରିଥିଲୁ ପ୍ରଥମେ । ଏହି ମନ୍ଦିରକୁ ବହୁବାର ମୁସଲମାନମାନେ ଭାଙ୍ଗି ଦେଇ ମସଜିତ୍ ତିଆରି କରିଥିଲେ ମଧ୍ୟ ହିନ୍ଦୁ ଜୈନ ଓ ବୌଦ୍ଧ ଧର୍ମାବଲମ୍ବୀମାନଙ୍କ ସହାୟତାରୁ ଏହି ମନ୍ଦିର ରହି ପାରିଛି । ଏହି ମନ୍ଦିର ସନ୍ନିକଟରେ ମସଜିତ୍ ଗଢ଼ା ଯାଇଛି । ୧୭୭୭ ମସିହାରେ ଅହଲ୍ୟା ଦେବୀ ହୋଲକର ଏହାକୁ ତିଆରି କରିଥିଲେ । ଏଠାରେ ହିନ୍ଦୁମାନେ ଧାର୍ମିକ କର୍ମାନୁଷ୍ଠାନ କରନ୍ତି ଓ ବାବାଙ୍କର ଆଶୀର୍ବାଦ ଭୀକ୍ଷା କରନ୍ତି । ମନ୍ଦିରକୁ ପ୍ରବେଶ କରିବା ରାସ୍ତାର ଉନ୍ନତି ହୋଇ ନାହିଁ । ସେଠାରେ ପୂଜା ସାରି ଆମେ ଆସିଥିଲୁ ଗଙ୍ଗାନଦୀ କୂଳକୁ । ଗଙ୍ଗାରେ ନୌକା ବିହାର କଲାବେଳେ ହରିଶ୍ଚନ୍ଦ୍ର ଘାଟ ଆମ ଦୃଷ୍ଟିଗୋଚର



ହୋଇଥିଲା । ଏଠାରେ ଶବଦାହ ହୁଏ । ହରିଦ୍ୱାର ଭଳି ଏଠାରେ ଗଙ୍ଗା ଆଳତି ମଧ୍ୟ ହୋଇଥାଏ । ବନାରସ କଳାସ୍ଥାପତ୍ୟ, ମ୍ୟୁଜିକ୍ ଏବଂ ଶିକ୍ଷା ପାଇଁ ପ୍ରସିଦ୍ଧ । ବନାରସ ହିନ୍ଦୁ ୟୁନିଭରସିଟ୍ ବୁଲି ଦେଖିଥିଲୁ । ଏହାକୁ ୧୯୧୬ ମସିହାରେ ମଦନ ମୋହନ ମାଲବ୍ୟ ପ୍ରତିଷ୍ଠା କରିଥିଲେ । ୟୁନିଭରସିଟି ଭିତରେ ବିଶ୍ୱନାଥ ମନ୍ଦିର ଅଛି ଯେଉଁଠାରେ ଶିବଲିଙ୍ଗ ପୂଜା ପାଉଛନ୍ତି । ବନାରସ ସିଲ୍କଶାଢ଼ୀ ପାଇଁ ପ୍ରସିଦ୍ଧି ଲାଭ କରିଛି । କେତେଖଣ୍ଡ ଶାଢ଼ୀ ମଧ୍ୟ ସେଠାରୁ କିଣିଥିଲୁ । କାଶୀ ବିଶ୍ୱନାଥଙ୍କ ଦର୍ଶନ ପରେ ସାରନାଥ ଭଗବାନ ବୁଦ୍ଧ ଯେଉଁଠାରେ ପ୍ରଥମେ ଧର୍ମ ପ୍ରଚାର କରିଥିଲେ ସେହି ସ୍ଥାନକୁ ଯାଇଥିଲୁ ।

ବନାରସରୁ ଆମେ ଯାଇଥିଲୁ ଆଲାହାବାଦ । ଆଲାହାବାଦରେ ପ୍ରୟାଗଠାରେ ସଙ୍ଗମରେ ମୋ ବାପା, ଭାଇ ବାବୁ, ଦିଅର ରାଜୁ ଓ ଶ୍ୱଶୁରଙ୍କର ଅସ୍ଥି ବିସର୍ଜ୍ଜନ କରିଥିଲୁ । ସଙ୍ଗମ ପର୍ଯ୍ୟନ୍ତ ଯାଇଥିଲୁ ଡଙ୍ଗାରେ । ସଙ୍ଗମରେ ଗଙ୍ଗା, ଯମୁନା ଓ ସରସ୍ୱତୀ ନଦୀ ମିଳିତ ହୋଇଛନ୍ତି । ତେଣୁ ଏହା ଏକ ପବିତ୍ର ସ୍ଥାନ ଏବଂ ପ୍ରୟାଗ । ଡଙ୍ଗାରୁ ଓହ୍ଲାଇ ପାଣି ଭିତରେ ଅସ୍ଥି ବିସର୍ଜ୍ଜନ କରିବା ଓ ବୁଡ଼ ପକାଇବା ଏକ ଅଭୁଲା ଅନୁଭୂତି । ସଙ୍ଗମ ପାଖରେ ଆଲାହାବାଦ ଫୋର୍ଟ ଦେଖିସାରି ହନୁମାନ ମନ୍ଦିର ଦର୍ଶନ କରିଥିଲୁ । ଜବାହରଲାଲ ନେହେରୁଙ୍କ ବାସସ୍ଥାନ ଆନନ୍ଦଭବନ ବୁଲିବୁଲି ଦେଖିଥିଲୁ । ଏବେ ତାହା ଗୋଟିଏ ମ୍ୟୁଜିୟମରେ ପରିଣତ କରାଯାଇଛି । ଆଲାହାବାଦରୁ ଆମେ ଯାଇଥିଲୁ ଅଯୋଧ୍ୟା ।

ଅଯୋଧ୍ୟାରେ କନକପୁରୀ ବୁଲି ଦେଖିଲୁ । ରାମ ଜନ୍ମଭୂମି ଦେଖିବାକୁ ପ୍ରବଳ ଅଚ୍ଛା ଥାଏ । ସେ ସ୍ଥାନ ପାଇଁ ହିନ୍ଦୁ ଓ ମୁସଲମାନମାନଙ୍କ ମଧ୍ୟରେ ଗଣ୍ଡଗୋଳ ଲାଗି ରହିଛି । ରାମଚନ୍ଦ୍ର ମହାପ୍ରଭୁ ଗୋଟିଏ ଛୋଟ ମନ୍ଦିରରେ ସେଠାରେ ପୂଜା ପାଉଥିଲେ । ଅଯୋଧ୍ୟାରୁ ଫେରିଲୁ ଚିତ୍ରକୂଟ ।

ଚିତ୍ରକୂଟ ଥିଲା ପ୍ରଭୁ ରାମଚନ୍ଦ୍ରଙ୍କର ବନବାସ ସ୍ଥଳୀ । ସେଠାରେ ଜଙ୍ଗଲର ପ୍ରାକୃତିକ ଦୃଶ୍ୟ ଖୁବ୍ ସୁନ୍ଦର । ଚିତ୍ରକୂଟରେ ଗୋଟିଏ ମନ୍ଦିର ଦର୍ଶନ କରିଥିଲୁ । ସେଠାରୁ ଗଲୁ ମନଗଡ଼ । ମନଗଡ଼ରେ ରହନ୍ତି କୃପାଳଜୀ ମହାରାଜ । ସେତେବେଳେ

ଗୋଟିଏ ସୁନ୍ଦର ରାଧାକୃଷ୍ଣ ମନ୍ଦିର ତିଆରି କରୁଥାଆନ୍ତି ସେ। ମନ୍ଦିରଟି ବୁଲି ଦେଖିଲୁ। ମହାରାଜଙ୍କ ସହିତ ଦେଖାହେଲା ସନ୍ଧ୍ୟାରେ। ଆମ ଖିଆ ପିଆ କଥା ସେ ବୁଝାବୁଝି କଲେ। ତାଙ୍କ ପ୍ରବଚନ ଶୁଣିଲୁ ସନ୍ଧ୍ୟାରେ। ରାତିରେ ଆଶ୍ରମରେ ଖାଇଲୁ। ଆଶ୍ରମ ଘରେ ରହିଲୁ। ତା'ପରେ ଫେରି ଆସିଲୁ କଟକ।

## ସିମାଚଳମ୍

ଅଳ୍ପଦିନ ପାଇଁ ୨୦୦୧ ମସିହାରେ ଡିସେମ୍ବର ମାସରେ ଯାଇଥିଲୁ ବିଶାଖା ପାଟଣା (ଭାଇଜାଗ୍)। ସେଠାରେ ଶ୍ରୀ ଶ୍ରୀ ନାରାୟଣ ସିମାଚଳମ୍ ନାଥ ଅଧିଷ୍ଠିତ। ଉଚ୍ଚ ମନ୍ଦିରଟିଏ। ଶହ ଶହ ଲୋକଙ୍କର ହୋଇଥାଏ ସମାଗମ। ମନ୍ଦିରରେ ନାରାୟଣଙ୍କ ଦର୍ଶନ ସହିତ ଧୂପ, ଦୀପ ଦେଇ ପୂଜା କଲୁ। ତା'ପରେ ଗଲୁ ଗୋଟିଏ ପାର୍କରେ ବୁଲିବା ପାଇଁ। ସେହି ପାର୍କରେ ଶିବ ପାର୍ବତୀଙ୍କ ମୂର୍ତ୍ତି ଖୋଲା ପିଣ୍ଡି ଉପରେ ପ୍ରତିଷ୍ଠିତ। ସେଠାରେ ଫଟୋ ଉଠାଇଲା ପରେ ଗଲୁ Lover's Pointକୁ। ସେଠାରେ ଥିବା ଟେଲିସ୍କୋପରେ ଦୂର ପାହାଡ଼ର ମନୋରମ ଦୃଶ୍ୟ ଦେଖି ମନପୂରି ଯାଉଥାଏ। ଏହି ସ୍ଥାନଟି ପ୍ରେମିକ ପ୍ରେମିକା କିଛି ସମୟ ନିରୋଳାରେ କଟାଇବା ପାଇଁ ପ୍ରକୃଷ୍ଟ ସ୍ଥାନ। ପାର୍କରେ ବୁଲାବୁଲି କରି ସମୁଦ୍ର କୂଳରେ କିଛି ସମୟ କଟାଇଲୁ। ମାଛ ଶୁଖୁଆର ଗନ୍ଧ ଥିଲା ସମୁଦ୍ର କୂଳରେ, ହେଲେ କୂଳ ଥିଲା ଖୁବ୍ ପରିଷ୍କାର। କୂଳ ଧାରେ ଧାରେ ଚଉଡ଼ା ରାସ୍ତା। ରାସ୍ତା ପାଖେ ପାଖେ ମହାମନୀଷୀମାନଙ୍କର ମୂର୍ତ୍ତି ସ୍ଥାପନା କରାଯାଇଛି। ପୃଥିବୀର ଅନେକ ସମୁଦ୍ର କୂଳରେ ବୁଲିଛି କିନ୍ତୁ ଏମିତି ଧାଡ଼ି ଧାଡ଼ି ମୂର୍ତ୍ତି ଦେଖିନି କେଉଁଠି। ଏମିତି ଦେଖିବା ଏକ ଅନନ୍ୟ। ରାତିରେ ରହିଲୁ ଏକ ସୁନ୍ଦର ହୋଟେଲରେ। ରାତି ପାହିଲେ ଥାଏ ନୂଆବର୍ଷ ୨୦୦୨ର ଆଗମନୀ। ଧୂମଧାମରେ ନୂଆବର୍ଷ ପାଳନର ଆୟୋଜନ ଚାଲିଥାଏ ହୋଟେଲରେ। ତା'ପରଦିନ ଫେରି ଆସିଲୁ ବିଶାଖା ପାଟଣାରୁ ନିଜ ଘରକୁ।

## ସିମଲା, କୁଲୁ ମନାଲି, ଧର୍ମଶାଳା, ସ୍ୱର୍ଣ୍ଣମନ୍ଦିର

୨୦୦୫ ମସିହା ସେ ମାସ ପ୍ରବଳ ଗରମ ହେଉଥାଏ। ଗରମରୁ ଟିକିଏ ତ୍ରାହି ପାଇବା ପାଇଁ ଆମେ ମନସ୍ଥ କଲୁ ତିନିଟି ଶୈଳନିବାସ ଯଥା ସିମଲା, କୁଲୁ



ମନାଲି ଓ ଧର୍ମଶାଳାରେ କିଛି ଦିନ ରହି ଅମୃତ ସହରରେ ସ୍ୱର୍ଣ୍ଣ ମନ୍ଦିର ଦେଖି ଚଣ୍ଡୀଗଡ଼ରେ ବୁଲାବୁଲି କରି ଫେରିବୁ ଦିଲ୍ଲୀ। ତେଣୁ ମେ ୧୮ ତାରିଖ ବାହାରିଲୁ ଦିଲ୍ଲୀ – ସେଠାରୁ ଗୋଟିଏ ଟ୍ୟାକ୍ସିରେ ଗଲୁ ସିମଲା। ପୁପୁର ସାଙ୍ଗ ପାହାଡ଼ ଉପରେ ଗୋଟିଏ ହୋଟେଲର ବ୍ୟବସ୍ଥା ଆମ ପାଇଁ କରିଥିଲେ। ସିମଲା ହେଉଛି ହିମାଚଳ ପ୍ରଦେଶର ରାଜଧାନୀ। ସିମଲା ଥିଲା ବ୍ରିଟିସ ଲୋକମାନଙ୍କର ଗ୍ରୀଷ୍ମ ନିବାସ। ଏହା ହିମାଳୟର ନିମ୍ନତମ ପର୍ବତମାଳାରେ ଅବସ୍ଥିତ। ଏହି ସହର ପାଇନ, ଦେବଦାରୁ, ଓକ ଗଛ ଓ ଚିରହରିତ୍ ଉଦ୍ଭିଦ ଦ୍ୱାରା ବେଷ୍ଟିତ। ପାହାଡ଼ରେ ସହରଟି ଗଢ଼ି ଉଠିଛି। ଏହାର ଉତ୍ତରରେ ବରଫାଚ୍ଛନ୍ନ ପାହାଡ଼ ଦେଖାଯାଉଥାଏ। ଏଠାରେ ଅନେକ colonial କୋଠା, ପୁରୁଣାକାଳିଆ ଘର ଏବଂ ଲୋକମାନେ ଚାଲି ଚାଲି ଯାତାୟତ କରୁଥିବାର ଆମେ ଦେଖିଲୁ। ଗ୍ରୀଷ୍ମ ଋତୁ ହେଲେ ମଧ୍ୟ ଶୀତ ବସ୍ତ୍ରର ଆବଶ୍ୟକତା ପଡୁଥାଏ। ମୋ ପୁଅର ଜଣେ ଜଣାଶୁଣା ଲୋକର ବାପା ମା ଆମକୁ ଅନେକ ବୁଲାଇ ଦେଖାଇଲେ। ପାହାଡ଼ ଉପରେ ଥିବା ଏକ ପ୍ରସିଦ୍ଧ ହନୁମାନ ମନ୍ଦିର ଦର୍ଶନ କରାଇଲା ପରେ ନିମ୍ନ ଭାଗରେ ଥିବା ବହୁ ଦେବାଦେବୀ ମନ୍ଦିର ଦର୍ଶନ କରାଇଥିଲେ। ଯେଉଁଆଡ଼େ ଚାହିଁଲେ ଖାଲି ଲୋକମାନେ ଧାଡ଼ି ଧାଡ଼ି ଚାଲୁଥିବାର ଦେଖା ଯାଉଥାଆନ୍ତି। ମଧ୍ୟମ ଧରଣର ଥଣ୍ଡାରେ ଦୁଇଦିନ ରହି ପ୍ରବଳ ଗ୍ରୀଷ୍ମ ଦାଉରୁ ରକ୍ଷା ପାଇଗଲୁ। ଲୋକମାନେ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଚାଲି ଚାଲି ଯାଉଥାଆନ୍ତି।

ଏହାପରେ ଆମେ ଯାଇଥିଲୁ କୁଲୁ ମନାଲି। କୁଲୁରେ ବିଶେଷ କିଛି ଦେଖିବାର ନଥାଏ। ଗାଡ଼ିରେ ବସି ଆଖି ବୁଲାଇ ଆଣିଲୁ। କୁଲୁ ହାତବୁଣା ଗାଲିଚା ପାଇଁ ପ୍ରସିଦ୍ଧ। ତା'ପରେ ପହଞ୍ଚିଲୁ ମନାଲିରେ। ମନାଲି ଖୁବ୍ ଭଲ ଲାଗିଲା। ଏହା ୨୦୫୦ ମିଟର ଉଚ୍ଚରେ ପାହାଡ଼ ଉପରେ ଅବସ୍ଥିତ। ପାହାଡ଼ ଉପରେ ରହିବାର ଥିଲା ଅନେକ ମଜା। ଟ୍ୟାକ୍ସିରେ ଯାଇଥିଲୁ ଗୋଟିଏ ଗିରିପଥ ରୋତାଙ୍ଗ ଦେଖିବାକୁ। ଟ୍ରାକ୍ସିଗୁଡ଼ିକ ପିମ୍ପୁଡ଼ି ଧାର ଭଳି ରାସ୍ତାରେ ଲାଇନ୍‌ରେ ଯାଉଥାଆନ୍ତି। ସେଠାରେ ବହୁତ ଥଣ୍ଡା। ସ୍ଥାନେ ସ୍ଥାନେ ବରଫ କଟାଯାଇ ରାସ୍ତା ତିଆରି ହୋଇଥାଏ। ବାଟରୁ ଭଡ଼ାରେ ମୋଟା ଓ ଲମ୍ବା ଗରମ କୋଟ୍ ଓ ଟୋପି

ନେଇ ପିନ୍ଧିଲୁ । ପାହାଡ଼ି ସ୍ତ୍ରୀ ଲୋକମାନେ ଝୁମ୍ପୁଡ଼ି ଘରେ ଏହି ପୋଷାକ ରଖି ଭଡ଼ା ଦେଉ ଥାଆନ୍ତି । ଏହି ଡ୍ରେସ୍ ପିନ୍ଧି ଅନେକ ଫଟୋ ଉଠାଇଲୁ । ବାଟରେ ବରଫରେ ତିଆରି ବିଦେଶୀ ବାବୁ ଓ ଝିଅ ମୂର୍ତ୍ତି ରଖାଯାଇଥାଏ । ସେଠାରେ ସବୁ ଯାତ୍ରୀ ଫଟୋ ଉଠାଉ ଥାଆନ୍ତି । ଗୋଟିଏ ପାର୍ଶ୍ୱରେ ଆମେ ଥାଉ ରାସ୍ତା ଉପରେ, ଅପର ପାର୍ଶ୍ୱରେ ନଭଶ୍ଚୁମ୍ବୀ ପର୍ବତମାଳା । ସତେ ଯେମିତି ସେ ଆକାଶକୁ ଆଲିଙ୍ଗନ କରୁଛି । ସେ ସ୍ଥାନର ଦୃଶ୍ୟ ମୋର ଚୀର ସ୍ମରଣୀୟ । "ରୋତାଙ୍ଗ ଯାତ୍ରା" ଶୀର୍ଷକ କବିତାଟିଏ ଲେଖି ମୋ କବିତା ପୁସ୍ତକ "ଝରାପତ୍ରର ଶିଳାଲିପି"ରେ ପ୍ରକାଶ କଲି । ଫେରିଲାବେଳେ ଶୁଷ୍କ ବ୍ୟାସ ନଦୀରେ ବଡ଼ ବଡ଼ ବାଲିଗରଡ଼ାମାନ ଚାହିଁ ଥାଆନ୍ତି ଆମକୁ । ମନାଲିରେ ୨ ଦିନ ରହିଲା ପରେ ଆମେ ଗଲୁ ଧର୍ମଶାଳା ।

ଧର୍ମଶାଳା ଶୈଳ ନିବାସଟି ହିମାଚଳ ପ୍ରଦେଶର କାଙ୍ଗ୍ରା ଜିଲ୍ଲାରେ ଧଉଳଧର ପର୍ବତ ଉପରେ ଅବସ୍ଥିତ । ଏହା ୨୯ କିଲୋମିଟର ଏରିଆ ବିଶିଷ୍ଟ ଅଟେ । ତିବତ୍ତ ସରକାରଙ୍କ ଦ୍ୱାରା ନିର୍ବାସିତ ହୋଇ ବୌଦ୍ଧଧର୍ମ ପ୍ରଚାରକ ଦଲାଇ ଲାମା ଏଠାରେ ରହୁଥିବାରୁ ଏହି ସ୍ଥାନ ବେଶ୍ ଜଣାଶୁଣା । ୧୯୫୯ ମସିହା ଏପ୍ରିଲ ମାସରେ ଦଲାଇଲାମା ତିବତ୍ତରୁ ନିର୍ବାସିତ ହୋଇଥିବା ବ୍ୟକ୍ତିମାନଙ୍କୁ ମସୌରୀରେ ରଖିଥିଲେ । ୧୯୬୦ ମସିହାରେ ସେ ଏବଂ ତାଙ୍କ ଲୋକମାନେ ମସୌରୀରୁ ଆସି ଧର୍ମଶାଳାରେ ରହିଲେ । ଏଠାକୁ ଅନେକ ଦେଶ ବିଦେଶର ଯାତ୍ରୀ ଓ ଛାତ୍ରମାନେ ଆସନ୍ତି । ଏହା ହିମାଚଳର winter capital । ଏଠାରେ ଖଣ୍ଡିଏ ପଥରରେ ଗଢ଼ା ୧୫ଟି ସ୍ତମ୍ଭ ବିଶିଷ୍ଟ ମନ୍ଦିର ଅଛି । ଏଥିରେ ଅନେକ ପଥର ଖୋଦେଇ କାମ ହୋଇଛି । ଏହା ଅଷ୍ଟମ ଶତାବ୍ଦୀରେ ନିର୍ମିତ ହୋଇଥିଲା । ଏହି ମନ୍ଦିରରେ ରାମ, ଲକ୍ଷ୍ମଣ ଓ ସୀତାଙ୍କ ମୂର୍ତ୍ତି ଆମେ ଦର୍ଶନ କରିଥିଲୁ । ଏଠାରେ ବୁଦ୍ଧଙ୍କ ମୂର୍ତ୍ତି ଦେଖିବାକୁ ଅନେକ ଲୋକ ଆସନ୍ତି । ଏଠାରେ ଥିବା Prayer Drum ଅନ୍ୟ ଏକ ଆକର୍ଷଣ । ଏହି ସ୍ଥାନଟି ଧର୍ମ ଭାବରେ ପରିପୂର୍ଣ୍ଣ ।

ତା'ପରେ ଆମେ ଟ୍ୟାକ୍ସିରେ ଆସିଲୁ ପଞ୍ଜାବର ଅମୃତ ସହର । ଏହା ଶିଖ ଧର୍ମର ପ୍ରଧାନ ଧର୍ମପୀଠ । ଏହାର ରକ୍ଷଣାବେକ୍ଷଣ କଟକଣା ଖୁବ୍ କଡ଼ା । ପାଣି ଭିତରେ ସ୍ୱର୍ଣ୍ଣ ମନ୍ଦିର । ମନ୍ଦିର ଭିତରକୁ ଯିବା ପାଇଁ ପାଣି ଉପରେ ପୋଲ । ମନ୍ଦିର



ବାହାରେ ପ୍ରଶସ୍ତ ଖୋଲା ଚଟାଣ । ଏହି ସ୍ଥାନରେ ପଶିବା କ୍ଷଣି କି ସ୍ତ୍ରୀ କି ପୁରୁଷ ସମସ୍ତେ ମୁଣ୍ଡ ଘୋଡ଼ାଇ ଥାଆନ୍ତି । ଏଠାରେ କର ସେବା ପାଇଁ କୌଣସି ଲୋକ ପଛଘୁଞ୍ଚା ଦିଅନ୍ତି ନାହିଁ । ଲଙ୍ଗରରେ ହଜାର ହଜାର ଲୋକ ମାଗଣାରେ ଖାଆନ୍ତି, ଆମେ ମଧ୍ୟ ଲଙ୍ଗର ଖାଇଥିଲୁ । ଇଂରେଜଙ୍କ ରାଜୁତି ସମୟରେ ଡାୟାର୍‌ରଙ୍କ ବନ୍ଧୁକ ଗୁଳିରେ ହଜାର ହଜାର ଭାରତୀୟ ଟଳି ପଡ଼ିଥିଲେ ଓ କୂଅକୁ ଡେଇଁ ମରିଥିଲେ । ଜାଲିଓ୍ୱାନାବାଗର ଅନ୍ଧକୂପ ହତ୍ୟାସ୍ଥଳ ଥିଲା ଏକ ସ୍ମାରକୀ ସ୍ଥଳ । ତାକୁ ଦେଖିଲାପରେ ଇଂରେଜମାନଙ୍କ ପ୍ରତି ଘୃଣାଭାବ ଜନ୍ମିଥିଲା ଆମର । ସେଠାରେ ଭାରତ, ପାକିସ୍ଥାନର ଓ୍ୱାଘା ସୀମାନ୍ତ ରହିଛି । ଅମୃତ ସହରର ସ୍ୱର୍ଣ୍ଣ ମନ୍ଦିର ମୋ ହୃଦୟରେ ଚୀର ଜୀବନ୍ତ ।

ଅମୃତ ସହରରୁ ଆସି ରହିଲୁ ଚଣ୍ଡୀଗଡ଼ରେ । ପଞ୍ଜାବର ରାଜଧାନୀ ଚଣ୍ଡୀଗଡ଼ । ସେଠାରେ ଗୋଟିଏ କ୍ଲବରେ ପ୍ରଭାତ ସାର୍‌ଙ୍କ ବନ୍ଧୁ ଆମକୁ ରାତ୍ରି ଭୋଜନ ଦେଇଥିଲେ । ତା'ପରଦିନ ଚଣ୍ଡୀଗଡ଼ରେ ଦେଖିଲୁ ରକ୍ ଗାଡ଼େନ୍ । ବିଳାସପୁରରେ ଥିବା ରକ୍‌ଗାଡ଼େନ ଦେଖିବାର ସୌଭାଗ୍ୟ ମୋତେ ମିଳିନଥିଲା । ତା'ପରେ ଫେରିଥିଲୁ ଦିଲ୍ଲୀକୁ । ଦିଲ୍ଲୀରୁ ଆସି କଟକରେ ଖୁବ୍ ଖୁସିବାସିରେ ପହଞ୍ଚିଥିଲୁ ।

## ବୈଦ୍ୟନାଥ, ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଆଶ୍ରମ

ଦୁଇ ତିନିଦିନ ପାଇଁ ଯାଇଥିଲୁ ଜ୍ୟୋତିର୍ଲିଙ୍ଗ ବାବା ବୈଦ୍ୟନାଥଙ୍କୁ ଦର୍ଶନ କରିବା ପାଇଁ । ଏହା ଝାଡ଼ଖଣ୍ଡରେ ଦେଓଧର ପରେଲିରେ ଓ ପାଟଣାରୁ ୧୦ କିଲୋମିଟର ଦୂରରେ ଅବସ୍ଥିତ । ଏହା ଗୋଟିଏ ପ୍ରସିଦ୍ଧ ହୁନ୍ଦୁ ଧର୍ମପୀଠ । ଏହି ମନ୍ଦିରର ଉଚ୍ଚତା ୭୨ ଫୁଟ । ଏହି ମନ୍ଦିର କାନ୍ଥରେ ଓ ଛାତରେ ଅନେକ ଘଣ୍ଟି ଲଗାଯାଇଛି । କିମ୍ବଦନ୍ତୀ ଅଛି ମହାଦେବ ଶିବଙ୍କୁ ରାଜନଗରରେ ରଖିବା ପାଇଁ ଶିବ ଭକ୍ତ ରାବଣ କୈଳାସ ପର୍ବତକୁ ଯାଇଥିଲେ ଏବଂ ତାକୁ ଏହି କଥା କହିଥିଲେ । ଶିବ ଏଥିରେ ଖୁସି ହୋଇଥିଲେ ଏବଂ ଗୋଟିଏ ସର୍ତ୍ତ ରଖିଥିଲେ । ସର୍ତ୍ତ ଅନୁସାରେ ରାବଣ ଗୋଟିଏ ଜ୍ୟୋତିର୍ଲିଙ୍ଗ ନେଇ ଲଙ୍କା ଯିବାବାଟରେ ଯାତ୍ରା ବନ୍ଦ କରିବେନି କି ଲିଙ୍ଗ କେଉଁଠାରେ ରଖିବେନି । ଗୋଟିଏ ଶତୃ ଦେଶରେ ଲିଙ୍ଗ ସ୍ଥାପନା ହେବା

କଥା ଶୁଣି ଦେବତାମାନେ ଅସନ୍ତୁଷ୍ଟ ହେଲେ। ଜଳ ଦେବତା ରାବଣ ଦେହରେ ପ୍ରବେଶ କଲେ। କିଛି ବାଟ ଆସିବା ପରେ ରାବଣ ସେହି ଜଳକୁ ନିର୍ଗତ କରିବାକୁ ଚାହିଁଲେ। ଏହି ସମୟରେ ବିଷ୍ଣୁ ଗୋଟିଏ ବୃଦ୍ଧ ବ୍ରାହ୍ମଣ ବେଶରେ ସେଠାରେ ପହଞ୍ଚିଲେ। ରାବଣର ଅନୁରୋଧ ରକ୍ଷାକରି ଲିଙ୍ଗକୁ ଧରିଲେ। ରାବଣ ଫେରିଲା ପରେ ଦେଖିଲେ ଲିଙ୍ଗକୁ ଭୂମି ଉପରେ ଥୋଇଦେଇ ବ୍ରାହ୍ମଣ ଉଭାନ ହୋଇଯାଇଛନ୍ତି। ଯେତେ ଚେଷ୍ଟା କଲେ ମଧ୍ୟ ରାବଣ ଭୂମିରୁ ଲିଙ୍ଗକୁ ଉଠାଇ ପାରିଲେ ନାହିଁ। ସେହିଦିନ ଠାରୁ ସେଠାରେ ରାବଣ ପ୍ରତିଦିନ ଗଙ୍ଗାପାଣି ଅର୍ପଣ କରି ଲିଙ୍ଗକୁ ପୂଜାକଲେ। ସେହି ଲିଙ୍ଗ ବର୍ତ୍ତମାନ ଜ୍ୟୋତିର୍ଲିଙ୍ଗ ବାବା ବୈଦ୍ୟନାଥ ନାମରେ ଦେଓଧରରେ ପୂଜା ପାଉଛନ୍ତି।

ଆମେ ସାଙ୍ଗରେ ସବୁ ପୂଜା ସାମଗ୍ରୀ ଓ ୧୦୮ ବେଲପତ୍ର ନେଇ ଯାଇଥିଲୁ। ନିଜ ହାତରେ ଲିଙ୍ଗ ଉପରେ ଗଙ୍ଗାଜଳ, ଅଗୁରୁ, ମହୁ, ଦୁଧ ଇତ୍ୟାଦି ଢାଳି ପୂଜା ଅର୍ଚ୍ଚନା କଲୁ ଓ ୧୦୮ ବେଲପତ୍ର ଚଢ଼ାଇଲୁ। ପ୍ରବଳ ଭିଡ଼ ଓ ପେଲାଠେଲାରେ ମୁଁ ଅଣନିଶ୍ୱାସୀ ହୋଇ ଯାଉଥିଲି। ହେଲେ ନିଜେ ପୂଜା କରିବାର ସୁଯୋଗ ପାଇଥିବାରୁ ଅନେକ ଶାନ୍ତି ଅନୁଭବ କରୁଥାଏ। ମନ୍ଦିର ବେଢ଼ାରେ ପାର୍ବତୀ, ଗଣେଶ, ବ୍ରହ୍ମା, କାଳ ଭୈରବ, ହନୁମାନ, ମନିଷା, ସରସ୍ୱତୀ, ସୂର୍ଯ୍ୟ, ରାମ ଲକ୍ଷ୍ମଣ ସୀତା, ଗୌରୀ ଶଙ୍କର, ଲକ୍ଷ୍ମୀ ନାରାୟଣ, ଅନ୍ନପୂର୍ଣ୍ଣା, କାଳୀ, ନୀଳକଣ୍ଠ, ତାରା ଓ ନନ୍ଦୀଙ୍କ ମୂର୍ତ୍ତି ପୂଜା ପାଉଛନ୍ତି।

ଉପରଓଳି ଗଲୁ ଠାକୁର ଶ୍ରୀ ଶ୍ରୀ ଅନୁକୂଳ ଚନ୍ଦ୍ରଙ୍କ ଆଶ୍ରମ ଦେଖିବାକୁ। ତାଙ୍କର ସମାଧିସ୍ଥଳ ଦେଖିସାରିଲା ପରେ ଆଶ୍ରମର ବିରାଟ ପରିସର ଭିତରେ ବୁଲାବୁଲି କରି ଦେଖିଲୁ। ସୁନ୍ଦର ଫୁଲ ବଗିଚା, ଘର ଦ୍ୱାର, ସମାଧିସ୍ଥଳର ରକ୍ଷଣାବେକ୍ଷଣ ଖୁବ୍ ଭଲ ଥିଲା। ଏସବୁ ଦେଖି ସାରିଲାପରେ ତା'ପରଦିନ ଫେରିଆସିଲୁ କଟକ।

## ଉଜ୍ଜୟିନୀ, ମହାକାଳେଶ୍ୱର, ଇନ୍ଦୋର ଓଁକାରେଶ୍ୱର

ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ଦର୍ଶନ କରିବା ପାଇଁ ଆମ ଚାରିଜଣଙ୍କର ପ୍ରବଳ ଇଚ୍ଛା। ଦେବ ଦେବ ମହାଦେବଙ୍କର ଅଶେଷ କୃପା। ଛ'ଟି ଜ୍ୟୋର୍ତିଲିଙ୍ଗ ଦର୍ଶନ



କଲାପରେ ଠିକ୍ କଲୁ ଉଜ୍ଜୟିନୀରେ ପ୍ରତିଷ୍ଠିତ ବାବା ମହାକାଳେଶ୍ୱର ଏବଂ ବାବା ଓଁକାରେଶ୍ୱରଙ୍କୁ ଦର୍ଶନ କରିବୁ। ଏହାକୁ ମିଶାଇ ହେବ ଆଠଟି ଜ୍ୟୋତିଲିଙ୍ଗ। ମୋ ସ୍ୱାମୀ ଅସୁସ୍ଥ ଥିଲେ। ଦରାୟପୁରରେ ଆମର ରୋଟାରୀ କନ୍‌ଫେରେନ୍ସ ପଡ଼ିଲା ୨୦୦୯ ମସିହା ଡିସେମ୍ବରରେ। ବାବାଙ୍କର କି ଅପୂର୍ବ ସଂଯୋଗ। ମୋ ଛାତ୍ର ଡକ୍ଟର ଦେବେନ୍ଦ୍ର କୁମାର ରଥର ଥାଏ ନିମନ୍ତ୍ରଣ। ମଧ୍ୟପ୍ରଦେଶସ୍ଥ ଭୋପାଳ ଠାରୁ ୬୦ କିଲୋମିଟର ଦୂରରେ ସେ ଗୋଟିଏ Paper Industryରେ କାମ କରେ। ପୁରୀ-ରାୟପୁର ଟ୍ରେନରେ ବାହାରିଲୁ ଡିସେମ୍ବର ୨୧ ତାରିଖ। ରାୟପୁରରୁ ଛତିଶଗଡ଼ ଏକ୍ସପ୍ରେସ ଧରି ତା'ପରଦିନ ସକାଳେ ପହଞ୍ଚିଲୁ ଭୋପାଳରେ। ଆମ ପାଇଁ ସମସ୍ତ ସୁବନ୍ଦୋବସ୍ତ କରିଥାଏ ଦେବ। ଗାଡ଼ି ଓ ଜଣେ ସହକର୍ମୀ ଦେଇ ଆମକୁ ପଠାଇଲା ଉଜ୍ଜୟିନୀ। ଭୋପାଳରୁ ଉଜ୍ଜୟିନୀ ଲାଗିଲା ୪ ଘଣ୍ଟା। ଦେବର ବନ୍ଦୋବସ୍ତରେ ଛୋଟିଆ ଧାଡ଼ିରେ ଯାଇ ପହଞ୍ଚିଲୁ ଦେବଦେବ ମହାଦେବ ମହାକାଳେଶ୍ୱରଙ୍କ ପାଖରେ। ଲିଙ୍ଗଙ୍କ ଉଚ୍ଚତା ଓ ମୋଟେଇ ଥିଲା ଢେର ବେଶୀ। ବେଢ଼ା ଥିଲା ପ୍ରଶସ୍ତ। ଗଙ୍ଗାଜଳ, ମହୁ, ଅଗୁରୁ, ଦୁଧ ଇତ୍ୟାଦିରେ ନିଜ ହାତରେ ଦିଅଁଙ୍କୁ ସ୍ନାନ କରାଇଲା ପରେ ଫୁଲ ଓ ବେଲପତ୍ର ଦେଇ ପୂଜା କରିବାର ସୁଯୋଗ ମିଳିଗଲା। ମନ ପୁରିଗଲା ପୂଜାରେ। ମନ୍ଦିର ବେଢ଼ା ଭିତରେ ପ୍ରଭୁ ଜଗନ୍ନାଥ ବଳଭଦ୍ର ଓ ସୁଭଦ୍ରା, ବୀର ହନୁମାନ, ମା' ଲକ୍ଷ୍ମୀ, ସିଦ୍ଧି ବିନାୟକ, ନବଗ୍ରହ, ଶନିଗ୍ରହ ଇତ୍ୟାଦିଙ୍କୁ ଦର୍ଶନ କଲୁ। ତା'ପରେ ସେ ସ୍ଥାନର ଗାଇଡ୍‌ର ସହାୟତାରେ ବାହାରିଲୁ ସହର ପରିକ୍ରମା କରି ଅନ୍ୟ ଦିଅଁଙ୍କୁ ଦର୍ଶନ କରିବା ପାଇଁ। ମଙ୍ଗଳ ମନ୍ଦିରରେ ପୂଜା ସାରି ଗଡ଼ କାଳୀକା ମନ୍ଦିରରେ ଦର୍ଶନ କଲୁ ମା'ଙ୍କୁ। ତା'ପରେ ଯାଇଥିଲୁ ସନ୍ଦିପନି ଆଶ୍ରମକୁ। ତାହା ଥିଲା କୃଷ୍ଣ, ବଳରାମଙ୍କର ପାଠପଢ଼ା ସ୍ଥାନ। ଦ୍ୱାପର ଯୁଗ ଆଡ଼କୁ ଆମକୁ ନେଇଗଲା ଆଶ୍ରମ। ତା'ପରେ ଗଲୁ କାଳଭୈରବୀଙ୍କୁ ଦର୍ଶନ କରିବା ପାଇଁ। କାଳଭୈରବୀ ମଦ୍ୟପାନ କରିବା ଦେଖି ମୁଁ ସ୍ତମ୍ଭୀଭୂତ ହୋଇଗଲି। ତା'ପରେ ଆସିଲୁ ଚାରିଧାମକୁ। ପୁଣିଥରେ ଗୋଟିଏ ସ୍ଥାନରେ ଚାରିଧାମ ଦେଖିବାର ସୁଯୋଗ ମିଳିଲା ଉଜ୍ଜୟିନୀରେ। ଏହାପରେ ଆସିଲା ଆମର ଇପ୍ସିତ ବିକ୍ରମାଦିତ୍ୟ ସିଂହାସନ। ଇତିହାସ ଶ୍ରେଣୀରେ ପାଠପଢ଼ା କଥା - ବିକ୍ରମାଦିତ୍ୟଙ୍କ

ବିଷୟରେ ଶିକ୍ଷକଙ୍କ ବର୍ଣ୍ଣନା ଇତ୍ୟାଦି ମନେ ପଡ଼ିଲା । କର୍ପୁର ଉଡ଼ିଗଲା ପରେ କନା ପଡ଼ି ରହିଲା ଭଳି ବିକ୍ରମାଦିତ୍ୟ ସିଂହାସନ ସେଠାରେ ନଥିଲେ ମଧ୍ୟ ସିଂହାସନର ଭଗ୍ନାଂଶ ୪ ଖଣ୍ଡ ପଥର ସେଠାରେ ଦେଖିଲୁ । ତା'ପରେ ଗଲୁ ହରସିଦ୍ଧି ମନ୍ଦିରକୁ । ଏହି ମନ୍ଦିରରେ ମହାମାୟା, ଅଖଣ୍ଡ ଦୀପ, ବାଳ ହନୁମାନ, କର୍କଟେଶ୍ୱର ମହାଦେବ, ଚିନ୍ତାହରଣ ଗଣେଶଙ୍କୁ ଦର୍ଶନ କରି ସନ୍ଧ୍ୟାରେ ଇନ୍ଦୋର ଅଭିମୁଖରେ ଯାତ୍ରା କଲୁ । ଦେଢ଼ଘଣ୍ଟା ପରେ ଗୋଟିଏ ସୁନ୍ଦର ହୋଟେଲରେ ଇନ୍ଦୋରରେ ରହିଲୁ । ତା'ପରଦିନ ସକାଳେ ବାହାରିଲୁ ବାବା ଓଁକାରେଶ୍ୱର ଦର୍ଶନ କରିବା ପାଇଁ । ଇନ୍ଦୋରରୁ ଲାଗିଲା ଅଢ଼େଇ ଘଣ୍ଟା । ବାବା ଗୋଟିଏ ଓଁ ଆକାର ବିଶିଷ୍ଟ ପାହାଡ଼ ଉପରେ ସ୍ଥାପିତ ହୋଇଥିବାରୁ ଏହାଙ୍କ ନାମ ଓଁକାରେଶ୍ୱର । ନଈ ପାର ହୋଇ ପାହାଡ଼ ଉପରକୁ ଚଢ଼ିଲୁ । ବିଶେଷଦ୍ୱାର ଦେଇ ପ୍ରବେଶ କଲୁ ମନ୍ଦିର ଭିତରେ । କବାଟ ଖୋଲିବା ପରେ ଆମେ ଠିକ୍ ଦିଅଁଙ୍କ ସାମନାରେ । କି ସୁନ୍ଦର ଦର୍ଶନ । ପୂର୍ବଭଳି ଦିଅଁଙ୍କୁ ସ୍ନାନ କରାଇ ଫୁଲ ବେଲପତ୍ର ଚଢ଼ାଇଲୁ । ସ୍ୱାମୀ ଓ ପିଲାମାନଙ୍କର ସର୍ବ ସୁଖ ପାଇଁ ଅଭିଷେକ କଲି । ପାହାଡ଼ରୁ ଓହ୍ଲାଇ ଗଲୁ ମମଳେଶ୍ୱର ମନ୍ଦିରକୁ ମହାଦେବଙ୍କୁ ଦର୍ଶନ କରିବାକୁ । ସେ ଜ୍ୟୋତିର୍ଲିଙ୍ଗ ନହେଲେ ମଧ୍ୟ ଜ୍ୟୋତିର୍ଲିଙ୍ଗ ବୋଲି ଲେଖା ଆମ ଆଖିରେ ପଡ଼ିଲା । ମନ୍ଦିର ଭିତରେ ହେଉଥିବା ଲିଙ୍ଗଙ୍କ ସ୍ନାନ, ବେଶ, ପୂଜା, ଆଳତି ଇତ୍ୟାଦି ଦେଖିଲୁ । ପୂଜକଙ୍କ ସାହାଯ୍ୟରେ ଅଭିଷେକ କରି ଫେରିଲୁ ଇନ୍ଦୋର । ଇନ୍ଦୋରରୁ ଏରୋପ୍ଲେନରେ ଫେରିଲୁ ରାୟପୁର । ରାୟପୁରରେ ଅଗ୍ରେସନ ଭବନରେ ହେଉଥିବା ରୋଟାରୀ କନ୍‌ଫେରେନ୍ସରେ ଯୋଗ ଦେଲୁ । ଦିନସାରା ବକ୍ତୃତା ଶୁଣା, ମସ୍ ଇଣ୍ଡିଆ ଶ୍ରୀୟାଙ୍କୁ ଦେଖିବାର ମଉକା, ସନ୍ଧ୍ୟାରେ ଅଭିଜିତ୍ ଭଟ୍ଟାଚାର୍ଯ୍ୟଙ୍କର ସଙ୍ଗୀତ ପରିବେଷଣ ଇତ୍ୟାଦି ଥିଲା ଖୁବ୍ ଆମୋଦ ଦାୟକ । ତିନିଦିନ କନ୍‌ଫେରେନ୍ସରେ ଯୋଗ ଦେଲାପରେ ଫେରି ଆସିଲୁ କଟକ ।

## ଗୁଆହାଟୀ, ସିଲଂ, ଦିଗ୍‌ବୋଇ, ଡିବ୍ରୁଗଡ଼

ମା' କାମାକ୍ଷା ଦେବୀଙ୍କୁ ଦର୍ଶନ କରିବା ପାଇଁ ଆମ ଚାରିଜଣଙ୍କର ମନଥାଏ ଅନେକ ଦିନରୁ । ଆସାମରେ ଉଲ୍‌ଫାମାନଙ୍କର ଉପଦ୍ରବ ପାଇଁ ଡରି ଯାଇଥାଉ



ଟ୍ରେନରେ ଯିବା ପାଇଁ । ୨୦୧୦ ମସିହା ମାର୍ଚ୍ଚମାସରେ ଏରୋପ୍ଲେନରେ କଲିକତାରୁ ଗଲୁ ଗୁଆହାଟୀ । ଗୁଆହାଟୀ ମା' କାମାକ୍ଷା ଦେବୀଙ୍କ ପାଇଁ ପ୍ରସିଦ୍ଧ । ମା'ଙ୍କୁ ଦର୍ଶନ କରିବା ପାଇଁ ମନଟା ବ୍ୟାକୁଳ ହେଉଥାଏ । ଗୁଆହାଟୀରେ ପହଞ୍ଚି ୧୦୦ ଟଙ୍କାର ଟିକେଟ କରି ପ୍ରଥମେ ଦର୍ଶନ କଲୁ ମା'ଙ୍କୁ । ମନ୍ଦିର ଥିଲା ଖୁବ୍ ପୁରୁଣା । ଏହା ପ୍ରତିଷ୍ଠିତ ଗୋଟିଏ ଉଚ୍ଚାସ୍ଥାନରେ । ଏକ ଅନ୍ଧାରିଆ ଗଭୀର ସ୍ଥାନରେ ମା' ପୂଜା ପାଉଛନ୍ତି । ସେଠାରୁ ମା'ଙ୍କ ଗାଧୁଆ ପାଣି ସଂଗ୍ରହ କଲୁ । ମା' ରଜବତୀ ହେଲେ ଯେଉଁ ବସ୍ତ୍ର ପିନ୍ଧନ୍ତି ସେଥିରୁ ଛୋଟ ଛୋଟ କନା ପୂଜକ ଆମକୁ ଦେଲେ । ବିପଦ ଆପଦରେ ଏହାକୁ ମୁଣ୍ଡରେ ମାରି ମା'ଙ୍କୁ ସ୍ମରଣା କଲେ ସବୁ ବିପଦ ଅପସରି ଯାଏ ବୋଲି ଲୋକମାନଙ୍କର ବିଶ୍ୱାସ । ଅନେକ ଦିନର ଆକାଙ୍କ୍ଷିତ ଦେବୀଙ୍କ ଦର୍ଶନରେ ଆମ ଜୀବନ ସାର୍ଥକ ହୋଇଗଲା ବୋଲି ଭାବିଲୁ । ତା'ପରେ ଯାଇଥିଲୁ ସିଲଂ । ଏହି ସହରଟି ଗୋଟିଏ ପାହାଡ଼ ଉପରେ – କହିବାକୁ ଗଲେ ଏହା ଏକ ଶୈଳନିବାସ । ଶହ ଶହ ଯାତ୍ରୀ ପାହାଡ଼ିଆ ସ୍ଥାନରେ ପ୍ରକୃତିର ସୌନ୍ଦର୍ଯ୍ୟକୁ ଉପଭୋଗ କରୁଥାଆନ୍ତି । ବିଭିନ୍ନ ପ୍ରକାର କୋଳି ବିକ୍ରି ହେଉଥିବାର ଦେଖି ବ୍ଲୁବେରି କୋଳି କିଣି ଖାଇଲି । ଗୋଟିଏ ପାହାଡ଼ିଆ ପାହାଚରେ ବସି ଦୂରରେ ଭସାବାଦଲର ଦୃଶ୍ୟ ଦେଖି ଆମେ ଖୁବ୍ ଆନନ୍ଦିତ ହେଲୁ । ସିଲଂର ପରିବେଶ ମୋତେ ଖୁବ୍ ଭଲ ଲାଗିଲା । ତା'ପରଦିନ ଫେରି ଆସିଲୁ ଗୁଆହାଟୀ । ଏଠାରେ ନଈ ଭିତରେ ଗୋଟିଏ ପାହାଡ଼ିଆ ସ୍ଥାନରେ ପୂଜା ପାଉଥିବା ହରି ଉମାକାନ୍ତଙ୍କ ମନ୍ଦିର ଦର୍ଶନ କଲୁ । ଏଠାରେ ଗୋଟିଏ ମୂର୍ତ୍ତିରେ ଉଭୟ ଉମାକାନ୍ତ (ଶିବ) ଓ ହରି (ବିଷ୍ଣୁ) ପୂଜା ପାଉଛନ୍ତି । ତା'ପରେ ଫେରି ଆସିଲୁ ବାଲାଜୀ ମନ୍ଦିରକୁ । ସନ୍ଧ୍ୟା ହୋଇ ଯାଇଥିଲା । ମନ୍ଦିରଟି ଆଲୋକରେ ସୁସଜ୍ଜିତ ଥାଏ । ଚାରିଆଡ଼େ ମନ୍ଦିର ପରିସର ଥାଏ ଖୁବ୍ ସଫାସୁତରା । ବାଲାଜୀଙ୍କୁ ଦର୍ଶନ କରି ଲଡ୍ଡୁ କିଣି ଫେରିଲୁ ଷ୍ଟେସନକୁ । ଟ୍ରେନଯୋଗେ ଯାତ୍ରା ଆମର ଥିଲା ଆସାମର ତିନିସୁକିଆକୁ । ସେଠାରେ ଚା' ବଗିଚାର ଜଣେ ବଡ଼ ଅଫିସର ତଥା ପ୍ରଭାତ ସାର୍‌ଙ୍କ ସମ୍ପର୍କୀୟ ଭାଇ ଶ୍ରୀ ପ୍ରଫୁଲ୍ଲ କୁମାର ନନ୍ଦଙ୍କର ବାଙ୍ଗ୍‌ଲୋରେ ରହିଲୁ । ଯେଉଁଆଡ଼େ ଚାହିଁବ ଖାଲି ଚା' ବଗିଚା । ପାହାଡ଼ି ରମଣୀମାନଙ୍କର ଚା' ଗଛ ପତ୍ର ତୋଳା ଦୃଶ୍ୟ ଥିଲା ଖୁବ୍ ଚମତ୍କାର । ପାହାଡ଼ିଆ

ସ୍ଥାନଟିଏ – ତେଣୁ ମଝିରେ ମଝିରେ ବର୍ଷା । ମିଷ୍ଟର ପ୍ରଫୁଲ୍ଲ କୁମାର ନନ୍ଦ ଓ ତାଙ୍କ ସ୍ତ୍ରୀ ଡଲିର ଚମତ୍କାର ଆତିଥ୍ୟ ଓ ପ୍ରାକୃତିକ ସୌନ୍ଦର୍ଯ୍ୟ ଭୁଲିବାର ନୁହଁ । ବଙ୍ଗଲୋ ସାମନାରେ ସୁନ୍ଦର ସବୁଜ ଲନ୍, ଭଳି ଭଳି ଫୁଲ ଏବେ ବି ମୋ ଆଖି ଆଗରେ । ଦିନେ ସେ ଟା' ଫ୍ୟାକ୍ଟ୍ରି ବୁଲାଇ ଦେଖାଇଥିଲେ, ଆଉ ଦିନେ ସପିଙ୍ଗ୍ ସେଣ୍ଟର । ଆସାମୀ ଶାଢ଼ୀ କିଣିଥିଲୁ ଡଲିନାନୀ ଓ ମୁଁ । ଆଉ ଦିନେ ଯାଇଥିଲୁ ଦିଗ୍‌ବୋଇ । ଇଂରେଜମାନେ ଦିଗ୍‌ବୋଇର ଯେଉଁ ସ୍ଥାନ ଡ୍ରିଲ୍ କରି ପ୍ରଥମେ ତେଲ ବାହାର କରିଥିଲେ ସେ ସ୍ଥାନଟି ବୁଲି ଦେଖିଲୁ । ତିନିସୁକିଆରେ ୩ ଦିନ ରହି ଡିବ୍ରୁଗଡ଼କୁ ଆସିଲୁ । ବାଟରେ ଆସାମର ଗଭର୍ଣ୍ଣର ଶ୍ରୀଯୁକ୍ତ ଜାନକୀବଲ୍ଲଭ ପଟ୍ଟନାୟକଙ୍କ ଦ୍ୱାରା ନିର୍ମିତ ଜଗନ୍ନାଥ ମନ୍ଦିର ଦର୍ଶନ କରି ବ୍ରହ୍ମପୁତ୍ର ନଦୀ କୂଳରେ କିଛି ସମୟ କଟାଇଲୁ । ତା'ପରେ ଡିବ୍ରୁଗଡ଼ରୁ ଏରୋପ୍ଲେନରେ ଆସି କଲିକତାରେ ପୁପୁ ଘରେ ପହଞ୍ଚିଲୁ । କଲିକତାରେ ସନ୍ଧ୍ୟାରେ Home Town ରେ ବୁଲାବୁଲି ପରେ ଟ୍ରେନରେ ଆସିଲୁ କଟକ ।

## ମହୀଶୂର, ବାଙ୍ଗାଲୋର, ତାଜମହଲ, ଫତେପୁରସିକ୍ରି, ମଥୁରା, ବୃନ୍ଦାବନ

ବୈବାହିକ ଜୀବନର ପ୍ରଥମ ଭାଗରେ ଚାକିରି ଓ ଗବେଷଣା ଭିତରେ ମୁଁ ଖୁବ୍ ମଜି ଯାଇଥିଲି । ଭାରତରେ ବିଭିନ୍ନ ସ୍ଥାନରେ ବୁଲିବାର ଅବକାଶ ମୋର ନଥିଲା । ତଥାପି ଚାକିରି କାଳରେ ଯେଉଁ ସ୍ଥାନରେ ବୁଲିଛି ତାହା ସେମିନାରରେ ମୋର ଗବେଷଣାତ୍ମକ ପ୍ରବନ୍ଧ ପାଠ ପାଇଁ ହେଉ, ନିମନ୍ତ୍ରିତ ବକ୍ତୃତା ଦେବା ପାଇଁ ହେଉ ବା ସାଇନ୍ସ କଂଗ୍ରେସ ଅଧିବେଶନରେ ଯୋଗ ଦେବାକୁ ହେଉ । ବେଳେ ବେଳେ Ph.D. Viva କରିବାକୁ ଅନ୍ୟପ୍ରଦେଶକୁ ନିମନ୍ତ୍ରିତ ହୋଇ ଯାଇଛି । ସେଠାରେ ମଉକା ପାଇଛି ବୁଲାବୁଲି କରିବା ପାଇଁ । ଏମିତି ସବୁ ସୁଯୋଗରେ ମୁଁ ମୋ ଛାତ୍ର ଛାତ୍ରୀମାନଙ୍କ ସହିତ ଯାଇଛି ହାଇଦ୍ରାବାଦ, ଚେନାଇ, ତ୍ରିଭେନ୍ଦ୍ରମ୍, ବମ୍ବେ, ଦିଲ୍ଲୀ, ମହୀଶୂର, ବାଙ୍ଗାଲୋର, କୋଚିନ, ପୁନା, ଗୁଜୁରାଟ, ରାଞ୍ଚି, ଇତ୍ୟାଦି । କେତୋଟି ସ୍ଥାନକୁ ଏକାଧିକ ଥର ମଧ୍ୟ ଯିବାର ସୁଯୋଗ ମିଳିଛି ମୋତେ । କେତେଥର ଝିଅ ଓ ପୁଅ ଥାଆନ୍ତି ମୋ ସହିତ । ସେତେବେଳେ ଚାକିରି



ଓ ଗବେଷଣାର ବୋଝ ଥାଏ ମୁଣ୍ଡ ଉପରେ । ତଥାପି ପୁଅ ପୁପୁ ସହିତ ଯାଇଥିଲି ମହୀଶୂର ସାଇନ୍ସ କଂଗ୍ରେସରେ ପ୍ରବନ୍ଧ ପାଠ କରିବା ପାଇଁ । ମହୀଶୂର ପ୍ୟାଲେସରେ ବିରାଟ ବିରାଟ ଅଇନା, କାରୁକାର୍ଯ୍ୟ, ରାଜା ରାଣୀମାନଙ୍କର ସାମଗ୍ରୀ ଦେଖି ମୁଁ ଆଶ୍ଚର୍ଯ୍ୟ ହୋଇଯାଇଥିଲି । କାରଣ ରାଜା ମହାରାଜାମାନେ କି ସୁଖ ସ୍ୱାଚ୍ଛନ୍ଦ୍ୟରେ ରହୁଥିଲେ ସେତେବେଳେ ନ ଦେଖିଲେ କଳ୍ପନା କରି ହେବ ନାହିଁ । ବୃନ୍ଦାବନ ଗାର୍ଡ଼େନରେ Light and musicରେ ମୁଁ ବିଭୋର ହୋଇ ଯାଇଥିଲି । ଦିଲ୍ଲୀ I.I.T. ରେ ପଲିମର Conferenceରେ ବକ୍ତୃତା ଦେଇସାରି ସାନ ପୁଅ ଲିପୁ ଓ ମୋ ଗବେଷଣା ଛାତ୍ରମାନଙ୍କ ସହିତ ବୁଲି ଯାଇଥିଲି ତାଜମହଲ, ଫତେପୁର ସିକ୍ରି, ବୃନ୍ଦାବନ, ମଥୁରା । ଏସବୁ ସ୍ଥାନ ଦେଖିଥିଲି ପ୍ରଥମ ଥର ମୋ ସ୍ୱାମୀଙ୍କ ସହିତ । ଯେତେ ଦେଖିଲେ ବି ବାରବାର ଦେଖିବାକୁ ଇଚ୍ଛା ହୁଏ ଏ ଆକର୍ଷଣୀୟ ସ୍ଥାନ । ତାଜମହଲ ମୋତେ ନେଇଯାଇଥିଲା ମୋଗଲ ରାଜୁତି କାଳକୁ । ସତରେ ସ୍ତ୍ରୀ ପ୍ରତି ଥିବା ପ୍ରେମକୁ ଦର୍ଶାଇବା ପାଇଁ ସାହାଜାହାନ ଯମୁନା ନଦୀ କୂଳରେ କି ଅମର କିର୍ତ୍ତୀ ରଖିଯାଇଛନ୍ତି ଭାବିଲେ ସ୍ତ୍ରୀ ଟିଏ ହିସାବରେ ତାଙ୍କ ପାଖରେ ମୁଣ୍ଡ ନଇଁ ଯାଏ । କିନ୍ତୁ ଅପର ପକ୍ଷରେ ଭାବେ ରାଜକୋଷରୁ ପ୍ରଜାମାନଙ୍କର କେତେ ଧନ ସେ ଖର୍ଚ୍ଚ କରି ନାହାନ୍ତି ଏହି ପ୍ରେମର ସନ୍ତକ ପାଇଁ । ଫତେପୁର ସିକ୍ରିର ରଙ୍ଗିନ ମାର୍ବଲର କାରୁକାର୍ଯ୍ୟ ଦେଖିବା କଥା । କେତେ ବିଳାସ ବ୍ୟସନରେ ମୋଗଲ ରାଜାମାନେ ରହୁଥିଲେ ତାହାର ସଂକେତ ମିଳେ ଫତେପୁର ସିକ୍ରିରୁ । ମଥୁରାରେ କୃଷ୍ଣଙ୍କର ଏନ୍ତୁଡ଼ିଶାଳ, ମଥୁରା ପେଡ଼ା ମୋର ସଦା ସ୍ମରଣୀୟ । ବୃନ୍ଦାବନ ଯାଇଛି ଅନେକବାର । ଶ୍ରୀକୃଷ୍ଣଙ୍କର ମନ୍ଦିର ରାଧାରାଣୀଙ୍କର ମନ୍ଦିରରୁ ସାତ୍ତ୍ୱିକ ପ୍ରେମର ନିଦର୍ଶନ ସେଠାରେ ଉପଲବ୍ଧ ହୁଏ ।

## ବମ୍ବେ, ହାଇଦ୍ରାବାଦ, ତ୍ରିଭେନ୍ଦ୍ରମ, କୋଚିନ୍, ଦିଲ୍ଲୀ, କଲିକତା :

ବମ୍ବେରେ Univercity Department of Chemical Technology (UDCT)ରେ Conference ବେଳେ ସମୁଦ୍ର କୂଳ, ସିନେମା ଷ୍ଟାରମାନଙ୍କର ବିରାଟ ସୌଧ, ସୁନ୍ଦର ସୁନ୍ଦର ବଗିଚା ଇତ୍ୟାଦି ମୁଁ ଦେଖିଥିଲି ଝିଅ ମାମୁନୀ ଓ ମୋ ଛାତ୍ରମାନଙ୍କ ସହିତ । ଥରେ ଯାଇଥିଲି ହାଇଦ୍ରାବାଦ Indian Institute of

Chemical Technologyରେ ନିମନ୍ତ୍ରିତ ବକ୍ତୃତା ଦେବାପାଇଁ । ସେଠାରେ ଟକ୍ ଦେବାପରେ ମୁଣ୍ଡରେ ଫୁଲ ହାର ଝୁଲାଇ ସିକନ୍ଦରାବାଦ ବୁଲିବା, ହୁସେନ୍ ସାଗର ହ୍ରଦ କୂଳରେ କିଛି ସମୟ କଟାଇବା ଇତ୍ୟାଦି ସବୁଦିନ ପାଇଁ ମନେ ରହିବ ମୋର । ଏହି ହ୍ରଦ ଏସିଆ ମହାଦେଶର ଅନ୍ୟତମ କୃତ୍ରିମ ହ୍ରଦ । ୧୫୬୨ ମସିହାରେ ଏହି ହ୍ରଦ ନିର୍ମିତ ହୋଇଥିଲା । ଏହା ହାଇଦ୍ରାବାଦ ଓ ସିକନ୍ଦରାବାଦକୁ ସଂଯୋଗ କରୁଛି । ହ୍ରଦର ମଧ୍ୟଭାଗରେ ଥିବା ୧୬ ମିଟର ଉଚ୍ଚତା ଓ ୩୫୦ ଟନ୍ ଓଜନ ବିଶିଷ୍ଟ ବୁଦ୍ଧଙ୍କର ପ୍ରତିମୂର୍ତ୍ତି ଖୁବ୍ ସୁନ୍ଦର ଓ ଆକର୍ଷଣୀୟ । ହ୍ରଦ ପାଖରେ ଲୁମ୍ବିନି ଆମ୍ୟୁଜମେଣ୍ଟ ପାର୍କ ଆଉ ଗୋଟିଏ ଆକର୍ଷଣୀୟ ସ୍ଥାନ । ମାର୍ବଲରେ ନିର୍ମିତ ବିର୍ଲା ଟେମ୍ପଲ୍ ଓ ଲକ୍ଷ୍ମୀ ନାରାୟଣ ମୂର୍ତ୍ତି ସନ୍ଧ୍ୟାରେ ବୁଲି ଦେଖିଥିଲି । ସାଲାରଜଙ୍ଗ୍ ମ୍ୟୁଜିୟମରେ ବିଭିନ୍ନ ପ୍ରକାର କଳା ସମ୍ପର୍ଣ୍ଣ ଫଟୋଚିତ୍ର ଥିଲା ଖୁବ୍ ଆକର୍ଷଣୀୟ । ଚାର୍‌ମିନାର୍ ଦେଖିଥିଲି ସେଠାରେ । ବାଙ୍ଗାଲୋର ସହର, ବୈଜ୍ଞାନିକ ମ୍ୟୁଜିୟମ ଦେଖିଥିଲି ମୋ ମହୀଶୂର ଭ୍ରମଣ ସମୟରେ । ତିରୁବନ୍ତପୁରମ୍ (ତ୍ରିଭେନ୍ଦ୍ରମ୍)ରେ ପଲିମର କନ୍‌ଫେରେନ୍ସରେ ଯୋଗ ଦେଇ କୋଭାଲାମ୍ ବିଚରେ କିଛି ସମୟ କଟାଇଥିଲି । କନ୍‌ଫେରେନ୍ସ ପରେ ସମୁଦ୍ର କୂଳରେ କ୍ଷେପଣାସ୍ତ୍ର ନିକ୍ଷେପ ଦେଖାଯାଇଥିଲା ଆମକୁ । ସେଠାରୁ ଯାଇଥିଲି କନ୍ୟା କୁମାରୀ । ତିରୁବନ୍ତପୁରମ୍ ଯିବା ବାଟରେ ଗୋଟିଏ ଦିନ ରହିଥିଲି କୋଚିନରେ । କୋଚିନରେ ବିଭିନ୍ନ ଦ୍ୱୀପକୁ ନୌକାରେ ଯାଇ ବୁଲାବୁଲି କରିବା ଥିଲା ରୋମାଞ୍ଚକର । ଭାସ୍କୋଡ଼ାଗାମା ଯେଉଁଠାରେ ଭାରତରେ ପାଦ ଦେଇଥିଲେ ସେଠାରେ ଥିବା ଗିର୍ଜା ମୁଁ ଦେଖିଛି । ସେ ସ୍ଥାନକୁ ମିନି ଇଂଲଣ୍ଡ କୁହାଯାଏ । U.G.C. ପୋଗ୍ରାମରେ ଯାଇ ଦିଲ୍ଲୀର Lotus Temple ଓ ସ୍ୱାମୀ ନାରାୟଣ ମନ୍ଦିର ଦର୍ଶନ କରିଛି । ଏଠାକାର ସ୍ୱାମୀ ନାରାୟର ମନ୍ଦିର ଓ ତା'ର ପରିସର ଲଣ୍ଡନ ଓ ଗାନ୍ଧିନଗରରେ ଥିବା ମନ୍ଦିର ଠାରୁ ଢେର୍ ବଡ଼ । Lotus Templeରେ ଧ୍ୟାନ କଲେ ମନକୁ ଖୁବ୍ ଶାନ୍ତି ମିଳେ । ଦିଲ୍ଲୀରେ କୁତବ୍‌ମିନାର ଓ ଜୁମା ମସ୍‌ଜିଦ୍‌ର କିଛି ବାଟ ଉପରକୁ ସେତେବେଳେ ଯାଇ ପାରିଥିଲି । ଲାଲକିଲାରେ Sound and Light ଥିଲା ଖୁବ୍ ଉପଭୋଗ୍ୟ । ଏତଦ୍‌ବ୍ୟତୀତ ସର୍ଦ୍ଦାର ପଟେଲ ୟୁନିଭରସିଟି, ବଲ୍ଲଭ ବିଦ୍ୟାନଗର, ଗୁଜୁରାଟ ଯାଇଥିଲି Visitting Professor ଭାବରେ । ସେଠାରେ ୭ଦିନ ୟୁନିଭରସିଟ୍‌ରେ



ପଲିମର ପଢ଼ାଇ ସାରିଲା ପରେ ଆନନ୍ଦରେ ଥିବା ଅମୁଲ୍ ଫ୍ୟାକ୍ଟ୍ରି ଓ ଅନେକ ସୁନ୍ଦର ଗାର୍ଡ଼େନ ଦେଖିଥିଲି ।

କଲିକତା ବାଲେଶ୍ୱର ଜିଲ୍ଲାଠାରୁ ଅଳ୍ପ ଦୂର । ତେଣୁ ପ୍ରତିବର୍ଷ ଆମ ଗାଁରୁ ବହୁତ ଲୋକ କଲିକତାକୁ ଦୁର୍ଗାପୂଜା ଦେଖିବାକୁ ଯାଆନ୍ତି । ମୁଁ ବାପାଙ୍କ ସହିତ ଅନେକଥର ପିଲାବେଳେ କଲିକତା ଯାଇଛି ଦୁର୍ଗାପୂଜା ଦେଖିବା ପାଇଁ ଏବଂ ସେଠାରେ ଥିବା ଦର୍ଶନୀୟ ସ୍ଥାନ ଦେଖିବା ପାଇଁ । ଭିକ୍ଟୋରିଆ ମେମୋରିଆଲ କଲିକତାର ଏକ ଦର୍ଶନୀୟ ସ୍ଥାନ । ସେଠାରେ ରାଣୀ ଭିକ୍ଟୋରିଆଙ୍କର ମୂର୍ତ୍ତି, ତାଙ୍କର ବ୍ୟାବହାରିକ ପଦାର୍ଥ ଓ ଇଂରେଜମାନଙ୍କ ସମୟରେ ବ୍ୟବହୃତ ହେଉଥିବା ଅନେକ ସାମଗ୍ରୀ ରଖାଯାଇଛି । କଲିକତାରେ ମ୍ୟୁଜିୟମ ମଧ୍ୟ ଦେଖିଛି ମୁଁ ବାରମ୍ବାର । ଅନେକ ପାରମ୍ପରିକ ସାମଗ୍ରୀ ଦେଖିବାକୁ ମିଳେ ମ୍ୟୁଜିୟମରେ । ପରେଶନାଥ ମନ୍ଦିର ମଧ୍ୟ କଲିକତାରେ ପ୍ରସିଦ୍ଧ । ପରିଣତ ବୟସରେ ଏ ସବୁ ସ୍ଥାନ ବହୁଥର ଦେଖିବାର ସୌଭାଗ୍ୟ ମିଳିଛି ମୋତେ । କାଳୀଘାଟୀରେ ମା' କାଳୀଙ୍କ ମନ୍ଦିରରେ ମା'ଙ୍କୁ ଦର୍ଶନ ଓ ପୂଜା ଅର୍ଚ୍ଚନା କରିଛି ବହୁଥର । ସଂକୀର୍ଣ୍ଣ ସ୍ଥାନ ଭିତରେ ମା' ବିଦ୍ୟମାନ । ହଜାର ହଜାର ଭକ୍ତଙ୍କର ଭିଡ଼ ଜମେ ମନ୍ଦିରରେ । ସହରର ଉପକଣ୍ଠରେ ହୁଗୁଳୀ ନଦୀ କୂଳରେ ମା' ଦକ୍ଷିଣ କାଳୀ ପୂଜା ପାଉଛନ୍ତି । ଏକାଧିକବାର ଦର୍ଶନ କରିଛି ମା'ଙ୍କୁ ମୋ କଲିକତା ରହଣି ସମୟରେ । କଲିକତାରେ ଘୋଡ଼ା ଗାଡ଼ିରେ ବସିବାର ଅନୁଭୂତି ମୋର ଥିଲା ନିଆରା । ପିଲାଦିନେ କଲିକତାରେ ଚିଡ଼ିଆକାନା ଦେଖିବାରେ ପ୍ରଚୁର ଆନନ୍ଦ ଥିଲା । ସ୍ୱାମୀ ବିବେକାନନ୍ଦଙ୍କର ସ୍ମୃତି ଗାନ କରୁଛି ହୁଗୁଳୀ ନଦୀର ଅପର ପାର୍ଶ୍ୱରେ ଥିବା ବେଲୁରୀ ମଠ । ଏହି ମଠରେ ପାଦ ଦେଲେ ଜାଣିହୁଏ ସ୍ୱାମୀ ବିବେକାନନ୍ଦଙ୍କର ଗଭୀର ଜ୍ଞାନ ଓ ଗରିମା । ସେଠାରେ ରହିଛି ତାଙ୍କ ମୂର୍ତ୍ତି ଓ ହଜାର ହଜାର ପୁସ୍ତକ ଥିବା ଏକ ଲାଇବ୍ରେରୀ ।

ଆହୁରି ଅନେକ ଦେବାଦେବୀ ଧର୍ମପୀଠ, ଦର୍ଶନୀୟ ସ୍ଥାନ ଦେଖିବାର ଅଭିଳାଷ ମୁଁ ପୋଷଣ କରିଛି ମନରେ । ଏଥିପାଇଁ ସୁସ୍ଥ ଶରୀର ଓ ସୁସ୍ଥ ମାନସିକ ଅବସ୍ଥା ହିଁ ମୋର ଏକମାତ୍ର କାମ୍ୟ ।

# ଜାପାନର ଅପାସୋରା ଅନୁଭୂତି

ରେଭେନ୍ସା କଲେଜରେ ଅଧ୍ୟାପିକା ଥିବା ସମୟରେ ଜାପାନ ଯିବାର ସ୍ୱପ୍ନ ମୁଁ ଦେଖିଥିଲି । ଜୀବନରେ ସ୍ୱପ୍ନ ହିଁ କିଛି ବାଟ ଦେଖାଏ ଏବଂ ସେହି ବାଟରେ ଠିକ୍ ଭାବରେ ଚାଲିଲେ କିଛିଟା ମିଳିଯାଏ । କାଦୁଅ ମାଟିରେ ଆରମ୍ଭ ମୋର ଜୀବନ । ଆକାଶ ଛୁଇଁବା ଥିଲା ମୋର ସ୍ୱପ୍ନ । ଗବେଷଣା ଜୀବନ ମୋର ଆରମ୍ଭ ହୋଇଥିଲା ରେଭେନ୍ସା କଲେଜରେ ୧୯୭୬ ମସିହା ସେପ୍ଟେମ୍ବର ପହିଲାରେ । ଯାହା ଜୀବନରେ ପାଇବା ପାଇଁ ଇଚ୍ଛା କରିଛି ବେଳେବେଳେ ତାହା ପାଇଛି, ଆଉ କେତେବେଳେ ପାଇ ନାହିଁ । ବେଳେ ବେଳେ ଏମିତି ବଡ଼ ବଡ଼ ଜିନିଷ ଜୀବନରେ ମିଳିଛି ତାହା କେବେ ମୁଁ ଭାବି ନାହିଁ । ତାହା ଭିତରୁ ମୋର ଜାପାନ ଯାତ୍ରା ଗୋଟିଏ ଏବଂ ଅନ୍ୟଟି ଥିଲା ଉଚ୍ଚମାନର ଗବେଷଣା ପାଇଁ ଓଡ଼ିଶା ସରକାରଙ୍କଠାରୁ ସବୁଠୁ ସମ୍ମାନ ଜନକ "ସାମନ୍ତ ଚନ୍ଦ୍ରଶେଖର ସମ୍ମାନ" ପ୍ରାପ୍ତି । ଜାପାନ ମୁଁ ଯାଇ ନଥିଲି ଚିତ୍ତବିନୋଦନ ପାଇଁ । ଯାଇଥିଲି ଗବେଷଣା କରି ନିଜର, ନିଜ ବାପାମା'ଙ୍କର, ନିଜ କର୍ମକ୍ଷେତ୍ରର ଖ୍ୟାତି ଅର୍ଜନ କରିବା ପାଇଁ । ଜାପାନର ଗବେଷଣା ଖୁବ୍ ଉଚ୍ଚମାନର । ସେଠାକୁ ଯିବାକୁ ହେଲେ ଅନେକ ଗବେଷଣାତ୍ମକ ପ୍ରବନ୍ଧ ଆନ୍ତର୍ଜାତିକ ପତ୍ରିକାରେ ପ୍ରକାଶ କରିବାକୁ ପଡ଼ିଥାଏ ।

୧୯୭୬ ମସିହା ସେପ୍ଟେମ୍ବର ମାସ ପୂର୍ବରୁ ମୋ ଚାକିରି ଥାଏ କଟକର ଶୈଳବାଳା ମହିଳା କଲେଜରେ । ସେଠାରେ ନଥାଏ ଗବେଷଣାଗାର, ନଥାଆନ୍ତି ଗବେଷଣା ତତ୍ତ୍ୱାବଧାରକ, ନଥାଏ ଗବେଷଣା ପରିବେଶ ଓ ପ୍ରେରଣା । ବାହାଘର ମୋର ହୋଇଥାଏ ୧୯୭୦ ମସିହା ମେ ମାସ ଆଠ ତାରିଖରେ । ୧୯୭୧ ମସିହା ଫେବୃୟାରୀ ୨୬ ତାରିଖରେ ପ୍ରଥମ ପୁଅ ପାର୍ଥ ପ୍ରତିମ (ପୁପୁ)ର ଜନ୍ମ ।



ଦ୍ୱିତୀୟ ପୁଅ ପ୍ରାଚୀ ପ୍ରିତମ୍ (ଲିପୁ)ର ଜନ୍ମ ୧୯୭୪ ମସିହା ଅକ୍ଟୋବର ୧୧ ତାରିଖରେ । ପିଲାଙ୍କ କାମ ସହିତ ଚାକିରି କରିବାକୁ ପଡୁଥାଏ । ରେଭେନ୍ସା କଲେଜର ଖେଳ ପଡ଼ିଆର ଗୋଟିଏ କୋଣରେ ଥିବା ପାଣିଟାଙ୍କି ନିକଟସ୍ଥ ଏକ ଇଞ୍ଜିନିୟରିଂ କ୍ୱାଟର୍‌ରେ ଆମେ ରହୁଥାଉ । ପାଞ୍ଚବର୍ଷ ଅତିବାହିତ ହୋଇଗଲା ରେଭେନ୍ସା କଲେଜରୁ ଶୈଳବାଳା ମହିଳା କଲେଜକୁ ଯାଇ ଆସି ଚାକିରି କରିବାରେ । ଅନ୍ୟମାନଙ୍କଠାରୁ ପଛରେ ରହିଗଲିଣି ଭାବି ଗବେଷଣା କରିବାପାଇଁ ମୋର ପୂଜ୍ୟଗୁରୁ ଡକ୍ଟର ମହେନ୍ଦ୍ର କୁମାର ରାଉତଙ୍କୁ ଅନୁରୋଧ କଲି । ତାଙ୍କର ଉପଦେଶ ଥିଲା "ଯିଏ ତୁମର ଏମ୍.ଏସ୍‌ସି. ଥେସିସ୍‌ର ତତ୍ତ୍ୱାବଧାରକ ଥିଲେ ତାଙ୍କ ପାଖରେ ତୁମେ ଗବେଷଣା କରିବାଟା ଠିକ୍ ହେବ" । ମନଟା ମରିଗଲା । ମୋ ତତ୍ତ୍ୱାବଧାରକ ଡକ୍ଟର ପଦ୍ମଲୋଚନ ନାୟକ ତ ଜାପାନରେ ଅଛନ୍ତି । କେବେ ଫେରିବେ ସେ, କେବେ ଗବେଷଣା ଛାତ୍ରୀ ଭାବରେ ମୋତେ ନେବେ ଅନେକ ପ୍ରଶ୍ନବାଚୀ ଥାଏ ମନରେ । ମୋ ସ୍ୱାମୀଙ୍କୁ ଡାକି ସେ ସେହି ଏକା କଥା କହି ବିଦା କରିଦେଇଥିଲେ । କିଛିଦିନ ଚାଲିଗଲା । ଡକ୍ଟର ନାୟକ ଏହା ଭିତରେ ଜାପାନରୁ ଫେରି ଆସିଲେ ।

ହଠାତ୍ ଦିନେ ମୋର ଜଣେ ସାଙ୍ଗ ଶୈଳବାଳା ମହିଳା କଲେଜରେ ମୋତେ ଦେଖାକଲା ଓ ଡକ୍ଟର ନାୟକଙ୍କୁ ରେଭେନ୍ସା କଲେଜରେ ଦେଖା କରିବାକୁ ମୋତେ କହିଗଲା । କୌଣସି ଏକ କାରଣରୁ ତାଙ୍କ ଉପରେ ମୋର ଥାଏ ଅଭିମାନ । ତେଣୁ ରେଭେନ୍ସା କଲେଜକୁ ଯାଇ ତାଙ୍କୁ ଦେଖା କରିବାକୁ ଇଚ୍ଛା କଲି ନାହିଁ । କିଛିଦିନ ପରେ ସେହି ସାଙ୍ଗ ପୁନର୍ବାର ଶୈଳବାଳା ମହିଳା କଲେଜ ଆସି ଡକ୍ଟର ନାୟକଙ୍କୁ ଦେଖା କରିବା ପାଇଁ ପରାମର୍ଶ ଦେଲା । ଅଭିମାନ କିଛି ମାତ୍ରାରେ କମି ଯାଇଥାଏ । ରେଭେନ୍ସା ଯାଇ ତାଙ୍କୁ ଦେଖା କଲି । ପ୍ରଥମ ଥର ପାଇଁ ୟୁନିଭରସିଟି ଗ୍ରାଣ୍ଟସ୍ କମିଶନ (UGC) କଲେଜ ଶିକ୍ଷକଙ୍କ ଗବେଷଣା ପାଇଁ ଏକ ନୂଆ ଯୋଜନା କରିଥାଏ । ତା' ନାଁ ଥାଏ Teacher Fellowship । ମୋ ଉପର ବ୍ୟାଚରେ ପଢୁଥିବା ସନାତନ ସାହୁ UGC ଫର୍ମଟିଏ ଆଣି ଡକ୍ଟର ନାୟକଙ୍କୁ ଦେଇଥାନ୍ତି ତାଙ୍କ ତତ୍ତ୍ୱାବଧାନରେ ଗବେଷଣା କରିବା ପାଇଁ । ସେହି ଫର୍ମର ଗୋଟିଏ

କପି ମୋତେ ଦେଲେ ଡକ୍ଟର ନାୟକ। ମନ ଭିତରେ ହଁ ନାହିଁର ଲୁଚକାଳି ଖେଳୁଥାଏ। ଶେଷରେ ଭାବିଲି ଦୀର୍ଘ ପାଞ୍ଚ ବର୍ଷ ବିତିଗଲାଣି। ଏମିତି ସାଧାରଣ ଅଧ୍ୟାପିକାଟିଏ ହୋଇ ରହିଲେ ମୋ ଜୀବନ ନିରର୍ଥକ ହୋଇଯିବ। ତେଣୁ ଫର୍ମ ଆଣି ଆବେଦନ କଲି UGCକୁ। ଅଳ୍ପଦିନ ଭିତରେ UGC ମୋତେ Teacher Fellowship ମଞ୍ଜୁର କଲା। ଚିଠି ଆସି ପହଞ୍ଚିଲା ମୋ ଠିକଣାରେ। ଏ ଖବର ପାଇସାରିଥିଲେ ଡକ୍ଟର ନାୟକ। ତିନିଥର ଡକାଇ ପଠାଇଲା ପରେ ମୁଁ ଚିଠିଟି ଧରି ତାଙ୍କୁ ଦେଖା କଲି। ଏବେ ସେ ମୋତେ କହନ୍ତି, "ଚିଠି ପାଇ ତୁମେ ପରା ଚୁପ୍ ହୋଇ ରହିଯାଇଥିଲ, ନଡ଼ାକିଥିଲେ ଆସିନଥାଆନ୍ତ ଇତ୍ୟାଦି"। ପ୍ରକୃତରେ ତାଙ୍କର ସାହାଯ୍ୟ ଭୁଲିଗଲେ ମୁଁ ଈଶ୍ୱରଙ୍କ ପାଖରେ ଅପରାଧୀ ହୋଇଯିବି। ଭଦ୍ରକ କଲେଜରେ ମୋ ଶିକ୍ଷକ ଡକ୍ଟର ବି.ଭି. ଅଳକାଙ୍କ ଅନୁରୋଧରେ ଡକ୍ଟର ନାୟକ ଆଣିଥିଲେ ମୋତେ ରେଭେନ୍ସାକୁ। ରେଭେନ୍ସାରେ ମୋର ପ୍ରଥମ ଚାକିରି ହୋଇଥିଲା ତାଙ୍କରି ଚେଷ୍ଟାରୁ। ଗବେଷଣା ଜଗତରେ ସେ ହିଁ ମୋତେ ପୁରାଇଥିଲେ। ଜାପାନରେ ଗବେଷଣା କରିବାରେ ତାଙ୍କର ଅବଦାନ ପାଇଁ ମୁଁ ଚୀର କୃତଜ୍ଞ। ଯାହାହେଉ ଛୁଟି ପାଇଁ ଓଡ଼ିଶା ସରକାରଙ୍କର ଦ୍ୱାରସ୍ଥ ହୋଇ ଖୁବ୍ ହରକତ ହେଲି। କାରଣ Teacher Fellowship ବିଷୟରେ ସେକ୍ରେଟେରୀଏଟ୍‌ରେ କାହାର ବିଶେଷ ଧାରଣା ନଥାଏ। ଛୁଟି ମଞ୍ଜୁର ହେବା ପୂର୍ବରୁ ମୋର ବଦଳି ହେଲା ଏଫ୍.ଏମ୍. କଲେଜ, ବାଲେଶ୍ୱରକୁ। ସେଠାରେ ଯୋଗଦାନ କରି ସାତ ଦିନରେ ଦାୟିତ୍ୱ ମୁକ୍ତ ହୋଇ ଆସିଲି। ଛୁଟି ମଞ୍ଜୁର ହୋଇ ଯାଇଥାଏ। ଗବେଷଣା ଆରମ୍ଭ କଲି ୧୯୭୬ ମସିହା ସେପ୍ଟେମ୍ବର ପହିଲାରେ ରେଭେନ୍ସା କଲେଜର ରସାୟନ ବିଜ୍ଞାନ ବିଭାଗସ୍ଥ ରୁମ୍ ନମ୍ବର ୧୪ରେ। ଡକ୍ଟର ନାୟକ କହନ୍ତି, "ଗବେଷଣା ସେ ରୁମ୍‌ରେ ଆରମ୍ଭ ହେବା ପୂର୍ବରୁ ସେଠାରେ ଥିଲା ଦୁଇଖଣ୍ଡ ହକି ଷ୍ଟିକ୍ ଓ ୨-୪ଟି ଖାଲି ବିଅର ବୋତଲ।" ତା'ପରେ ସେ ସଜାଡ଼ି ଥିଲେ ସେ ରୁମ୍। ପଲିମରରେ ନୂଆ ନୂଆ କାମ ଆରମ୍ଭ ହୋଇଥାଏ ଓଡ଼ିଶାରେ। ମୋ ସହିତ ୫-୬ ଜଣ ପିଲା କାମ କଲେ। ଦିନ ରାତି ମୁଁ ଲାଗି ପଡ଼ିଲି ଗବେଷଣାରେ। ରବିବାର, ଛୁଟିଦିନ, ପୁନେଇ ପରବ, ଖରା ବର୍ଷା ପ୍ରତି ମୋର ଧ୍ୟାନ ନଥାଏ। ମୁଁ ପ୍ରତିଦିନ ଯାଏ ଗବେଷଣାଗାରକୁ।



ଛ'ମାସ ଭିତରେ ମୋର ପ୍ରଥମ ଗବେଷଣାତ୍ମକ ପ୍ରବନ୍ଧ ପ୍ରକାଶିତ ହେଲା ଆମେରିକାର ଏକ ବିଖ୍ୟାତ ଜର୍ଣ୍ଣାଲରେ। ରେଭେନ୍ସା କଲେଜରେ ଗବେଷଣା କରି ଅଳ୍ପଦିନ ଭିତରେ ଅନେକ ପ୍ରବନ୍ଧ ପ୍ରକାଶିତ ହେଲା ଜର୍ମାନୀ, ଇଂଲଣ୍ଡ, ଆମେରିକାର ବିଭିନ୍ନ ଆନ୍ତର୍ଜାତିକ ଜର୍ଣ୍ଣାଲରେ। ଆଶା ନରଖି ଏସବୁ ପାଇଥିଲି ମୁଁ। ଏହା ଭିତରେ ପୁଣି ମୋର ବଦଳି ହେଲା ଶୈଳବାଳା ମହିଳା କଲେଜକୁ। ପ୍ରତିଦିନ ସେଠାରେ ଅଧ୍ୟାପନା କଲାପରେ ମୁଁ ଆସୁଥିଲି ରେଭେନ୍ସା କଲେଜକୁ। ସେଠାରେ ଗବେଷଣା କାମସାରି ଘରକୁ ଫେରୁଥିଲି। ସେତେବେଳେକୁ ମୋର ଦୁଇ ପୁଅ ସହିତ ଥାଏ ଝିଅ ସ୍ୱାତୀ ସୁଚରିତା। ଜନ୍ମ ତା'ର ୧୯୭୭ ମସିହା ସେପ୍ଟେମ୍ବର ୨୭ ତାରିଖରେ। ଏତେ ସବୁ ଜଞ୍ଜାଳ ଭିତରେ ମୁଁ ଗବେଷଣାକୁ ମୁଖ୍ୟ ବୋଲି ଧରିଥାଏ। ରେଭେନ୍ସା କଲେଜରେ ଗବେଷଣା କରି ଅଳ୍ପଦିନ ଭିତରେ ଅନେକ ପ୍ରବନ୍ଧ ପ୍ରକାଶିତ ହେଲା ଜର୍ମାନୀ, ଇଂଲଣ୍ଡ, ଆମେରିକାର ବିଭିନ୍ନ ଆନ୍ତର୍ଜାତିକ ଜର୍ଣ୍ଣାଲରେ। ମୋ ଗବେଷଣା ତତ୍ତ୍ୱାବଧାରକ ଡକ୍ଟର ପଦ୍ମଲୋଚନ ନାୟକଙ୍କ ପରାମର୍ଶକ୍ରମେ Japan Society for Promotion of Science (JSPS) Fellowship ପାଇଁ ଆବେଦନ କରିପା ପାଇଁ ମନସ୍ଥ କଲି। ଡକ୍ଟର ନାୟକ ଏହା ପୂର୍ବରୁ ଏହି Fellowship ପାଇ ଜାପାନର କିଓଟୋ ୟୁନିଭରସିଟ୍‌କୁ ଯାଇଥିଲେ। ଏହାର ନିୟମ କାନୁନ ତାଙ୍କୁ ଜଣାଥିଲା। ସିଧା ସଳଖ କୌଣସି ବୈଜ୍ଞାନିକ ଅନ୍ୟ ଦେଶରୁ ଏହି Fellowship ପାଇଁ ଆବେଦନ କରିପାରିବ ନାହିଁ। ଜଣେ ଜାପାନୀ ବୈଜ୍ଞାନିକ ସେହି ବ୍ୟକ୍ତି ପାଇଁ ଆବେଦନ କରିପାରିବ। କିଓଟୋ ୟୁନିଭରସିଟିର ପ୍ରଫେସର ଇନାଗାକି ଥିଲେ ଡକ୍ଟର ନାୟକଙ୍କ ବନ୍ଧୁ। ତାଙ୍କ ଅନୁରୋଧରେ ପ୍ରଫେସର ଇନାଗାକି ମୋ ପାଇଁ JSPS ଅଫିସକୁ ଫର୍ମ ପୁରଣ କରି ପଠାଇଲେ। କିଛିଦିନ ଚାଲିଗଲା। ଡକ୍ଟର ନାୟକ ତାଙ୍କ ସହିତ ପତ୍ର ବିନିମୟ କରୁଥାଆନ୍ତି। ଦିନେ ରୁମ ନମ୍ବର ୧୪ରେ ପଶି ଦେଖିଲି ସେ କାନ୍ଦ କାନ୍ଦ ହୋଇ ବସିଛନ୍ତି। ବାରମ୍ବାର ପଚାରିଲାପରେ ସେ ଗୋଟିଏ ଲଫାପା ମୋ ହାତକୁ ବଢ଼ାଇ ଦେଲେ। ସେ ଲଫାପାରେ ଥିଲା ପ୍ରଫେସର ଇନାଗାକିଙ୍କ ଚିଠି ଓ ମୋନାଁରେ କୌଣସି ଦୁର୍ବୃତ୍ତ ଲେଖିଥିବା ଚିଠିର ଜେରକ୍ସ କପି। ମୋ ଚିଠିରେ ଲେଖାଥିଲା, "ମୁଁ ମଗଧ ୟୁନିଭରସିଟିକୁ ବଦଳି ହୋଇ ଯାଇଛି। ବର୍ତ୍ତମାନ

ଜାପାନ ଯିବା ମୋ ପକ୍ଷେ ସମ୍ଭବ ନୁହଁ।" ତେଣୁ ପ୍ରଫେସର ଇନାଗାକି JSPS ଅଫିସକୁ ଚିଠି ଦେଇ ମୋ ଫାଇଲ ବନ୍ଦ କରି ଦେଇଥିଲେ।

ଯାହାକୁ ରଖିବେ ଅନନ୍ତ, କି କରିପାରେ ବଳବନ୍ତ। ମନ ମୋର ଖୁବ୍ ଭାଙ୍ଗି ପଡ଼ିଲା। ସବୁ ଦୁଃଖକୁ ପଛକୁ ପକାଇ ଦେଇ ଗବେଷଣାରେ ଲାଗି ପଡ଼ିଲି। ତିନିଟି ପିଲାଙ୍କୁ ପାଠ ପଢ଼ାଇବା, ଘରକାମ କରିବା, କଲେଜରେ ପିଲାଙ୍କୁ ପାଠ ପଢ଼ାଇବା ପୁଣି ଗବେଷଣା କରିବା ଏଥିରେ ମୁଁ ନୟାନ୍ତ ହୋଇ ପଡୁଥାଏ। ସ୍ୱାମୀ ମୋର ଓଡ଼ିଶା ସରକାରଙ୍କ ଅଧୀନରେ ଜନସ୍ୱାସ୍ଥ୍ୟ ବିଭାଗରେ ଚାକିରିରେ ଲିପ୍ତ ଥାଆନ୍ତି। ତେଣୁ ଘର ଓ ପିଲାମାନଙ୍କ କାମରେ ସାହାଯ୍ୟ କରିପାରନ୍ତି ନାହିଁ। ତଥାପି ମନରେ ଅଦମ୍ୟ ସାହସ ଥାଏ। ଦୃଢ଼ ସଂକଳ୍ପ ନେଇ ସବୁକାମ କରିଚାଲୁଥାଏ। ଆସ୍ତେ ଆସ୍ତେ ପିଲା ବଡ଼ ହୋଇଗଲେ। ବଡ଼ ପୁଅ ମନିପାଲରେ ଇଞ୍ଜିନିୟରିଂ ପଢ଼ିଲା। ସାନପୁଅ ପଢୁଥାଏ ହାଇସ୍କୁଲର ଶେଷ ଶ୍ରେଣୀରେ। ଝିଅ ପଢୁଥାଏ ସପ୍ତମ ଶ୍ରେଣୀରେ। ଆବେଦନ କରିବାରେ ରହିଛି ମୋର ଏକ ଅନୁଭୂତି ସିଲ୍କ ଉପରେ ଅନେକ ଗବେଷଣାତ୍ମକ ପ୍ରବନ୍ଧ ମୋର ପ୍ରକାଶିତ ହୋଇ ସାରିଥାଏ ଆନ୍ତର୍ଜାତିକ ଜର୍ଣ୍ଣାଲରେ। ହଠାତ୍ ଦିନେ ଗୋଟିଏ ପ୍ୟାକେଟ ପାଇଲି ଆମେରିକାରୁ। Journal of Applied Polymer Science (JAPS)ରେ ପ୍ରକାଶିତ ହେବା ପାଇଁ ସେହି ପ୍ୟାକେଟରେ ଥିଲା ସିଲ୍କ ଉପରେ ଗୋଟିଏ ଗବେଷଣାତ୍ମକ ପ୍ରବନ୍ଧ। ରିଭ୍ୟୁ କରି ପ୍ରବନ୍ଧଟି ପ୍ରକାଶିତ ହେବାକୁ ଯୋଗ୍ୟ କି ନାଁ ଏହା ଉପରେ ମୋର ମତାମତ ଦେବା ପାଇଁ ଜର୍ଣ୍ଣାଲର ସଂପାଦକ ମୋତେ ଅନୁରୋଧ କରିଥାଆନ୍ତି। ମନ ମୋର କୁଣ୍ଢେ ମୋଟ ହୋଇଗଲା। ଆନ୍ତର୍ଜାତିକ ଜର୍ଣ୍ଣାଲର ମୁଁ ଜଣେ referee। ଏ କିଛି କମ୍ କଥା ନୁହଁ। ସେହି ଗବେଷଣା ପ୍ରବନ୍ଧର ପ୍ରଥମ ଅଥର୍ ଥିଲେ ଜଣେ ଜାପାନୀ ପ୍ରଫେସର। ଭୁଲ ଦର୍ଶାଇବା ପାଇଁ ହାତରେ ଧରି ଥାଏ ଗୋଟିଏ ପେନସିଲ୍। ପେନ୍ସିଲରେ ଜାପାନୀ ଗବେଷକ ପ୍ରଫେସର ଟେଟ୍‌ସିଓ ଆଶାକୁରାଙ୍କ ନାଁ ତଳେ ଗାରଟିଏ ଟାଣି ଦେଇଥିଲି ସେଦିନ। ଏହି ଗାରଟି ମୋ ଭାଗ୍ୟ ରେଖାକୁ ଲମ୍ବାଇ ଦେଇଥିଲା। ଠିକ୍ ଠାକ୍ କରିବା ପାଇଁ ଦର୍ଶାଇ ପ୍ରବନ୍ଧଟି ଆମେରିକାକୁ



ପଠାଇ ଦେଇଥିଲି। ଠିକ୍ ଠାକ୍ କରିବା ପାଇଁ ଜର୍ଣ୍ଣାଲର ସଂପାଦକ ପ୍ରଫେସର ଆଶାକୁରାଙ୍କ ପାଖକୁ original ପ୍ରବନ୍ଧଟି ପଠାଇ ଥିବେ ନିଶ୍ଚୟ। ଡକ୍ଟର ନାୟକଙ୍କ ନିର୍ଦ୍ଦେଶରେ ପ୍ରଫେସର ଆଶାକୁରାଙ୍କୁ ଅନୁରୋଧ କଲି ମୋର host scientist ହେବା ପାଇଁ। ଭଲ ସମୟ ମଣିଷକୁ ଅନେକ ସାହାଯ୍ୟ କରେ। ସାଙ୍ଗେ ସାଙ୍ଗେ ସେ ଫର୍ମ ପଠାଇଲେ। ମୁଁ ତାକୁ ପୁରଣ କରି ଖୁବ୍ ଶୀଘ୍ର ତାଙ୍କ ପାଖକୁ ପଠାଇଲି। ସେ ମୋ ନାଁରେ ଆବେଦନ କଲେ JSPS ଅଫିସକୁ। ଅଳ୍ପଦିନ ଭିତରେ ମୋତେ fellowship ମିଳିଗଲା। ଗବେଷଣାର ଦ୍ୱିତୀୟ ପାହାଚରେ ପାଦ ଥୋଇଲି। ପିଲାମାନେ ବଡ଼ ହୋଇ ଯାଇଥିବାରୁ ସେମାନଙ୍କୁ ଛାଡ଼ି ଯିବାରେ ମୋର କିଛି ଅସୁବିଧା ଉପୁଜିବ ନାହିଁ ବୋଲି ଭାବିଲି। ତାହାଛଡ଼ା ସେତେବେଳକୁ ଗବେଷଣା ଉପରେ ଅନେକ ଅଭିଜ୍ଞତା ହୋଇ ଯାଇଥିଲା ମୋର। ତେଣୁ ଡରିବାର ନଥିଲା। ଓଡ଼ିଶା ସରକାରଙ୍କଠାରୁ ଛୁଟି ମିଳିଗଲା ଅନେକ ଧାଁ ଧପଡ଼ ପରେ।

ମୋର ଶୁଭେଚ୍ଛୁ ତଥା ବାଲ୍ୟବନ୍ଧୁ ଇଞ୍ଜିନିୟର ଅଲେଖଚନ୍ଦ୍ର ପଲାଇ ଓ ମୋ ସ୍ୱାମୀଙ୍କ ସହିତ ଗଲି କଲିକତା। ଅଲେଖ ଓ ମୁଁ ଏକା ଗାଁର ପିଲା ଥିଲୁ। ଶୈଶବରେ ଆମର ପାଠପଢ଼ା ହୋଇଥିଲା ଗୋଟିଏ ବିଦ୍ୟାଳୟରେ। ସେ ଦିନର କଥା ମନେ ଅଛି ମୋର। ମୋ ଖୁଡ଼ୀ ଘରୁ ଆସିଥାଏ ଫେଣି, ଗଜା ମିଠେଇ ଭାର। ବାସୁଦେବପୁରରେ ବୃତ୍ତି ପରୀକ୍ଷା ଦେଉଥାଉ ମୁଁ ଓ ଅଲେଖ। ମୁଁ ନେଇଥିବା ମିଠେଇ ଲୁଚି ଲୁଚି ରହିବା ଘରର ପଛପଟେ ଖାଉଥିବା କଥା ଏବେ ବି ମୋର ମନେ ଅଛି। ପିଲାଦିନରୁ ଦୁଇଜଣ ଥିଲୁ ଦୁଇଜଣଙ୍କର ଶୁଭେଚ୍ଛୁ। ସୁଖ ଦୁଃଖରେ ଭାଗିଦାର। ମୋତେ ସାହାଯ୍ୟ କରିବା ପାଇଁ କଲିକତା ସେ ଯାଇଥିଲା ଆମ ସାଙ୍ଗରେ। ସେଠାରେ ଭିସା ମିଳିଗଲା ଖୁବ୍ ସହଜରେ। ଏଥିପାଇଁ JSPS Award ଚିଠି ମୋତେ ଅନେକ ସାହାଯ୍ୟ କଲା। ୧୯୮୯ ମସିହା ମେ ମାସ ଏକ ତାରିଖରେ କଟକ ଛାଡ଼ିଲି। ଜାପାନ ଅଭିମୁଖେ ଯାତ୍ରା ମୋର ଆରମ୍ଭ ହେଲା ରାତି ଆଠଟା ତିରିଶ ମିନିଟ୍‌ରେ ପୁରୀ ହାଓଡ଼ା ଏକ୍ସପ୍ରେସରେ। ଗାଁରୁ ମୋ ବାପା, ବୋଉ, ଦାଦା ଆସି ଥାଆନ୍ତି କଲିକତାରେ ମୋତେ ବିଦାୟ ଦେବାପାଇଁ। ମୋ ପାଇଁ ସେମାନେ କେତେ ଯେ ଗର୍ବ ଅନୁଭବ କରୁଥିଲେ ଏଥିରୁ ମୁଁ ଜାଣି ପାରୁଥିଲି।

ପ୍ରାଣୀ ବିଜ୍ଞାନ ବିଭାଗର ଅଧ୍ୟାପିକା ଓ ମୋର ଅନ୍ତରଙ୍ଗ ବନ୍ଧୁ ଇନ୍ଦୁରେଖା ଦାସ, ମୋ ଶାଶୁ, ମୋ ସ୍ୱାମୀ, ତିନି ପିଲା ସମସ୍ତେ ଗଲେ ମୋ ସାଙ୍ଗରେ। ସାଙ୍ଗ ଅଲେଖ ଓ ତା'ର ସ୍ତ୍ରୀ ଲତା ବୀରମିତ୍ରପୁରରୁ ଆସି ପହଞ୍ଚି ଥାଆନ୍ତି କଲିକତାରେ ମୋତେ ବିଦାୟ ସମ୍ବର୍ଦ୍ଧନା ଦେବାପାଇଁ। ମୋ ସାନ ଭଉଣୀ ରଜନୀ ଓ ତା' ପରିବାରର ସଦସ୍ୟମାନେ ଥାଆନ୍ତି କଲିକତାରେ। ଦୁଇ ତାରିଖ ପ୍ରାୟ ତିନିଟାବେଳେ କଲିକତାର ଦମ୍‌ଦମ୍ ଏୟାରପୋର୍ଟରେ ମୋ ବିଦାୟ ପାଇଁ ଏକ ମେଳା ହେଲାଭଳି ଲାଗୁଥାଏ। ଏମାନଙ୍କ ଗହଣରେ ମୁଁ ଭୁଲି ଯାଇଥାଏ ଜାପାନ ଯିବାରେ ଡର କ'ଣ ଅଛି। ପ୍ରଥମ କରି ଯାଉଛି ଏତେ ଦୂର, ସମସ୍ତେ ରହିଯିବେ ପଛରେ। ଏଗୁଡ଼ିକ କିଛି ମୋ ମନକୁ ଆସୁନଥାଏ। ମନରେ ଗର୍ବ ନଥାଏ, ଦୁଃଖ ବି ନଥାଏ। ବେଳେବେଳେ ଟିକିଏ କାନ୍ଦ କାନ୍ଦ ଲାଗୁଥାଏ। କାନ୍ଦି ପକାଇଲେ ମୋ ବୋଉ ଓ ଶାଶୁ ମୋ ଦୁଃଖରେ କାନ୍ଦିବେ ଏକଥା ଭାବି ମୁଁ ଲୁହକୁ ଲୁଚାଇ ଦେଇଥାଏ ଏୟାରପୋର୍ଟର ଜଣେ ସିକ୍ୟୁରିଟି ଅଫିସର ଆମର ଚିହ୍ନା ଥାଆନ୍ତି। ମୋତେ ଏୟାରପୋର୍ଟ କାଇଦା କଟକଣା ଜଣା ନଥିବାରୁ ସେ ମୋତେ ସାହାଯ୍ୟ କଲେ। ସମସ୍ତଙ୍କୁ ପ୍ରଣାମ କଲି। ମୋ ଯିବା ସମୟରେ ମୋ ବୋଉ ଓ ଶାଶୁ କାନ୍ଦୁ ଥାଆନ୍ତି। ଏକ ମୁହାଁ ହୋଇ ସାମନାକୁ ଚାଲିଲି ସିକ୍ୟୁରିଟି ଅଫିସରଙ୍କ ସହିତ। ଅନ୍ୟମାନେ ବାଲକୋନିକୁ ଗଲେ ସେଠାରେ ମୋ ଉଡ଼ାଜାହାଜ ଉଡ଼ିବାର ଆରମ୍ଭ ଦେଖିବା ପାଇଁ। ରାତି ୮ରେ ଘୋଷଣା କରାଗଲା ଫ୍ଲାଇଟ୍ ଭିତରକୁ ଯିବା ପାଇଁ। ପଛରେ କିଏ ରହିଗଲେ ସେ କଥା ନଭାବି କେମିତି ଉଡ଼ାଜାହାଜ ଚଢ଼ିବି, ଜାପାନରେ କିପରି ପହଞ୍ଚିବି ଏ ସବୁରେ ମୋ ଭାବନା ସୀମିତ ଥାଏ। JSPS ଜାପାନ ଯିବା ପାଇଁ ଟିକେଟ ପଠାଇଥାଏ। JTB (ଜାପାନ ଟ୍ରାଭେଲ ବ୍ୟୁରୋ)ରୁ ଟିକେଟ ଥାଏ Executive Class ରେ। ଦୁଇମହଲାରେ ଥାଏ ମୋ ସିଟ୍। ଅଳ୍ପ V.I.P. ସେଥିରେ ଥାଆନ୍ତି। ଝରକା ପାଖରେ ଥାଏ ମୋ ସିଟ୍। ଫ୍ଲାଇଟ୍ ଛାଡ଼ିବା ପୂର୍ବରୁ ମୋ ହାତରେ ମୁଁ ଧରିଥାଏ କିଛି କାଗଜ ଓ କଲମ। ଫ୍ଲାଇଟ୍ କିପରି ଉପରକୁ ଉଠିବ, କେମିତି ସ୍ଥିର ଗତିରେ ଉଡ଼ିବ ଏ ସବୁ ଜାଣିବାର କୌତୂହଳ ଥାଏ ମନରେ। ଅଳ୍ପ ସମୟପରେ ସୁନ୍ଦର ସୁନ୍ଦର ଝିଅମାନେ (air hostess)



ପଶିଲେ ସେ ମହଲାକୁ। Japan Air Lineର aeroplane ଉଡ଼ିଲା ଆକାଶ ମାର୍ଗରେ। କେତେ କଥା ଭାବି ଭାବି ଚାହିଁଥାଏ ବାହାରକୁ। ବାଦଲ ଉପରେ ପଡ଼ିଥାଏ ଜହ୍ନ ଆଲୁଅ। ସତେ ଯେମିତି ହିମାଳୟର ବରଫ ଶଯ୍ୟା। ଉଡ଼ାଜାହାଜ ଉଡ଼ିଲା ଭଳି ଲାଗୁନଥାଏ। ସତେ ଯେମିତି ସେ ସ୍ଥିର। ମଝିରେ ମଝିରେ ଘୋଷଣା ହେଉଥାଏ ଟାଇମ୍ ଓ ତାପମାତ୍ରା। ମୋ କଲମ ସ୍ଥିର ନଥାଏ। ପ୍ରତ୍ୟେକ ମୁହୂର୍ତ୍ତର ଅନୁଭୂତି ଓ ଘଟଣା ମୁଁ ଲେଖି ଯାଉଥାଏ। ବେଙ୍କକ୍‌ରେ ଅବତରଣ କଲା ଫ୍ଲାଇଟ୍। କିଛି ସମୟ ରହିଲା ସେଠାରେ। ତୃପିକର ରାତି ଭୋଜନ ପରଶା ହେଲା। ଫଳ ରସ ପିଇବାର ମଉକା ମିଳିଲା। ବେଙ୍କକ୍ ପାଖରେ ବଦଳିଥିବା ସମୟ ଘୋଷଣା କରାଗଲା। ଭାରତ ଓ ଜାପାନର ସମୟ ବ୍ୟବଧାନ ପ୍ରାୟ ୪ ଘଣ୍ଟା। ଭାରତୀୟ ସମୟ ଅନୁସାରେ ରାତି ୨ଟାରେ ଜାପାନର ନରିତା ବିମାନ ଘାଟିରେ ପହଞ୍ଚିବା କଥା। ହଠାତ୍ ଝରକାରେ ଦେଖିଲି ସକାଳ ହୋଇଯାଇଛି। ଝିପିଝିପି ବର୍ଷା। ଉଡ଼ାଜାହାଜଟି ଅବତରଣ କରୁଛି। ରାତି ସାରା ଅନିଦ୍ରା ହୋଇ ବସିଥାଏ। ଏୟାରପୋର୍ଟର କାର୍ଯ୍ୟକ୍ରମ ସରିଗଲା ଅଳ୍ପ ସମୟ ମଧ୍ୟରେ। କାରଣ ଶିକ୍ଷାବିତ୍‌ମାନଙ୍କ ପାଇଁ କଡ଼ା ଯାଞ୍ଚ ନଥାଏ। ଏୟାରପୋର୍ଟ ବାହାରକୁ ଆସିଲାକ୍ଷଣି ନଜର ପଡ଼ିଲା ଜଣେ ଡେଙ୍ଗା ଅଳ୍ପବୟସର ଜାପାନୀ ଲୋକ ଉପରେ। ହାତରେ ଗୋଟିଏ ଛତା ଥାଏ ତାଙ୍କର। ତାଙ୍କୁ ଚିହ୍ନିବାରେ ଅସୁବିଧା ହେଲା ନାହିଁ। ତାଙ୍କ ଫଟୋ ସେ ମୋ ପାଖକୁ ପଠାଇଥିଲେ। ମୋର ଅନୁରୋଧ ଥାଏ ସେ ମୋତେ ନେବା ପାଇଁ ଏୟାରପୋର୍ଟକୁ ଆସିବେ। ମୋ ଶାଢ଼ି ଦେଖି ସେ ଜାଣିଗଲେ ମୁଁ ଭାରତରୁ ଆସିଛି। ମୋ ନାଁ ଡକ୍ଟର ସୁବାସିନୀ ଲେଙ୍କା କି ? ବୋଲି ପାଚରିଲେ। ନାଁ ଜାଣି ସାଙ୍ଗେ ସାଙ୍ଗେ ପଚାରିଲେ ସୁଟ୍‌କେଶ ସାଙ୍ଗରେ ନେବି କି କମ୍ପାନୀ ଦ୍ୱାରା ପଠାଇଦେବି। ମୋର ସମସ୍ତ ଜିନିଷ ସୁଟ୍‌କେଶରେ ଥିଲା। ତେଣୁ ସାଙ୍ଗରେ ନେବାକୁ କହିଲି। ସୁଟ୍‌କେଶଟି ବେଶ୍ ଓଜନିଆ ଥିଲା। ଘୋସାରି ଘୋସାରି ନେଇ ହେଉଥିଲେ ବି over bridge ରେ ଟେକି ଟେକି ନେବାକୁ ପଡୁଥିଲା। ଡକ୍ଟର ଆଶାକୁରା ମୋତେ ନ ଦେଇ ନିଜେ ଟେକି ଟେକି ଟ୍ରେନ୍ ପାଖକୁ ନେଲେ। ବାଟରେ ଦୁଇଟି ଟ୍ରେନ୍ ବଦଳାଇବାକୁ ପଡ଼ିଲା। ସୁଟ୍‌କେଶ ଉଠାଇ ଉଠାଇ

ପ୍ରଫେସରଙ୍କ ହାତ ପାପୁଲି ଫାଟି ରକ୍ତ ବାହାରୁଥିଲା ବୋଲି ଏହା ବେଶ୍ ଅନେକ ଦିନ ପରେ ତାଙ୍କ ସ୍ତ୍ରୀ ମୋତେ କହିଥିଲେ। ଜାପାନର ଲୋକମାନେ କେମିତି ଅନ୍ୟର ସୁବିଧା ଅସୁବିଧା ବୁଝନ୍ତି ଓ ସାହାଯ୍ୟ କରନ୍ତି ଏଥିରୁ ଜାଣିଥିଲି ସେଦିନ। ଟ୍ରେନରେ ମୋ ପାଖରେ ବସିଥାନ୍ତି ପ୍ରଫେସର। ଆରମ୍ଭରୁ ଅନେକ ପ୍ରଶ୍ନ ପଚାରୁଥାଆନ୍ତି ଇଂରାଜୀରେ। ପାଟିରୁ ଏକ ପ୍ରକାର ସାମାନ୍ୟ ଗନ୍ଧ ବାହାରୁଥାଏ। ମୁଁ ସହି ପାରୁନଥାଏ। ମୁହଁ ଏପଟ ସେପଟ କରି ତାଙ୍କ କଥାର ଉତ୍ତର ଦେଉଥାଏ। କଥାବାର୍ତ୍ତାରୁ ଜାଣିଲି ସେ ମୋ ଠାରୁ ୫ ବର୍ଷ ସାନ। ଥଟ୍ଟାରେ କହି ପକାଇଲି "You are just like my student". "No", "No" କହି ହୋ ହୋ ହୋଇ ହସି ପକାଇଲେ ସେ। ମୁଁ ଆପଣଙ୍କୁ କେମିତି ଜାଣିଲି ? ବୋଲି ବାଟରେ ପଚାରିଲି ଏପ୍ରଶ୍ନର ଉତ୍ତରରେ କହିଲେ ମୋ ନାଁ ତଳେ ପେନ୍‌ସିଲ୍ ଗାର ଥିଲା। ତା'ପାରେ ଦୁଇଜଣ ହସିଲୁ।

ଆଉ ଗୋଟିଏ ଘଟଣା। ଗୋଟିଏ ଷ୍ଟେସନରେ ଟ୍ରେନକୁ ଅପେକ୍ଷା କରି ଠିଆ ହୋଇଥାଉ ଦୁଇଜଣ। ବୁଢ଼ୀଟିଏ ଆସି ପ୍ରଫେସରଙ୍କୁ ଜାପାନୀ ଭାଷାରେ କ'ଣ କହିଲେ ଓ ଶାଢ଼ି ଆଞ୍ଚଲରେ ମୋ ପିଠି ଘୋଡ଼ାଇ ଦେଲେ। ବର୍ଷା ଯୋଗୁଁ ସୁଲୁସୁଲୁ ପବନ ବୋହୁଥାଏ। କାଳେ ମୋତେ ଶୀତ ଲାଗୁଥିବ ଭାବି ସେ ମୋ ପିଠି ଘୋଡ଼ାଇ ଦେଲେ। ଏହା ମୁଁ ଜାଣିଲି କିଛିଦିନ ପରେ। କେତେ ସେମାନେ ଯତ୍ନବାନ ଏଥିରୁ ସ୍ପଷ୍ଟ ହୁଏ।

ମୋ ଗବେଷଣାଗାର ଥାଏ Tokyo University of Agriculture and Technology ରେ। ୟୁନିଭରସିଟ୍ ପାଖରେ ରେଲ୍ ଷ୍ଟେସନ କୋଗାନେଇ। ଟ୍ରେନରୁ ଓହ୍ଲାଇଲା କ୍ଷଣି ଜଣେ ସୁନ୍ଦରୀ ଜାପାନୀ ଭଦ୍ର ମହିଳାଙ୍କୁ ଦେଖିଲି। ହସ ହସ ମୁଖ। ଓଠରେ ଗାଢ଼ ଲାଲ ଲିପ୍‌ଷ୍ଟିକ୍। ଆମେରିକାନଙ୍କ ଭଳି ହାପ ପ୍ୟାଣ୍ଟ ଓ ସାର୍ଟ ପିନ୍ଧିଥାଆନ୍ତି। ସାଙ୍ଗରେ ଛୋଟ ଛୋଟ ଦୁଇ ଝିଅ ୟୋକୋ, ହୀରୋକୋ। ଚଟ୍‌ପଟ୍ ସୁଟ୍‌କେଶ କାର୍‌ରେ ରଖି କାର ଚଳାଇଲେ କ୍ୱାଟରସ୍ ଆଡ଼େ। ଜାପାନୀ ସ୍ତ୍ରୀ ଲୋକମାନେ କେତେ ଯେ କର୍ମଠ ତାହା ସେଦିନ ଦେଖିବାକୁ ପାଇଲି।



ୟୁନିଭରସିଟ୍‌ରେ ଆମ ଦୁଇଜଣଙ୍କୁ ଓହ୍ଲାଇ ଦେଇ କାର୍‌ନେଇ ଚାଲିଗଲେ ସେ କ୍ୱାଟରକୁ। ପ୍ରଫେସର ତାଙ୍କ ଛାତ୍ରମାନଙ୍କ ସହ ଓ ସହକର୍ମୀଙ୍କ ସହ ମୋତେ ପରିଚିତ କରାଇ ଦେଲାପରେ ଘରକୁ ଫେରିଲୁ ଦୁଇଜଣ। ଛୋଟ କ୍ୱାଟରଟିଏ ତାଙ୍କର। ୧ ଫୁଟ ଉଚ୍ଚ ୪-୫ ଫୁଟ ଲମ୍ବ ଓ ୩ ଫୁଟ ଚଉଡ଼ାର ଖାଇବା ଟେବୁଲ। ତଳେ ବସି ଖାଇବା ପାଇଁ କୁସନ ପଡ଼ିଥାଏ। ଜାପାନୀମାନଙ୍କର ଏହା ହେଉଛି ପାରମ୍ପରିକ ଖାଇବା ଟେବୁଲ ଓ ଖାଇବା ଶୈଳୀ। ସେତେବେଳକୁ ଦିନ ପ୍ରାୟ ଗୋଟାଏ, ଖାଇବା ଜିନିଷ ସୁନ୍ଦରଭାବରେ ରଙ୍ଗ ବେରଙ୍ଗ ଗିନା ଓ ପ୍ଲେଟରେ ସଜା ହୋଇ ଆଗରୁ ରଖାଯାଇଥାଏ। ଟେବୁଲ ଉପରେ ପ୍ରତ୍ୟେକଙ୍କ ପାଇଁ ଚପ୍‌ଷ୍ଟିକ୍ ଥାଏ ଯୋଡ଼ାଏ ଲେଖାଏଁ। କିଛିଟା ଖାଇପାରିବି ଏହା ଲାଗୁ ନଥାଏ ମୋତେ। ଭୋକ ବି ଲାଗୁଥାଏ। ସୋୟାସସ୍‌ରେ ବୁଡ଼ାଯାଇଥିବା ୨/୩ ଖଣ୍ଡ ଜାପାନୀ କଖାରୁ ଥାଏ ଗୋଟିଏ ଗିନାରେ। ତାକୁ ଲଗାଇ ଚାମଚରେ ୩-୪ ଥର ଖାଇଦେଲି। ୨-୩ ଖଣ୍ଡ କାକୁଡ଼ି ଥିଲା। ଅନ୍ୟ ଯାହା ଖାଇଲି ସବୁ ସ୍ୱାଦହୀନ ଲାଗିଲା। ସେମାନେ ଏଟା ଖାଅ ସେଟା ଖାଅ ବୋଲି କହୁଥାଆନ୍ତି। ମୁଁ ବୋକି ଭଳି ସମସ୍ତଙ୍କୁ ଚାହୁଁଥାଏ। ଖାଇସାରିଲା ପରେ ମୁହଁ ଧୋଇବା ତାଙ୍କର ନଥାଏ। ସେଥିପାଇଁ ସେମାନଙ୍କ ମୁହଁ ସାମାନ୍ୟ ଗନ୍ଧାଏ। ପାଣି ନପିଇ କୋକାକୋଲା ପିଇଲେ ସେମାନେ। ତା'ପରେ ମିସେସ୍ ଆଶାକୁରା ଗୋଟିଏ ମନିବ୍ୟାଗ ଧରି ମୋ ପାଖରେ ବସି ପଡ଼ିଲେ। JSPS ଅଫିସରୁ ଆସିଯାଇଥାଏ ମୋର contingency, travel money ଇତ୍ୟାଦି। ସବୁ ବୁଝାଇ ଦେଇ ମୋତେ କିଛି ଜାପାନୀ ଟଙ୍କା ଧରାଇଦେଲେ। ମନେ ମନେ ହିସାବ କଲି। ପ୍ରାୟ ୪୦/୪୫ ହଜାର ଟଙ୍କା। Fellowshipକୁ ଛାଡ଼ି ଏତେ ଟଙ୍କା ପାଇଯିବି ବୋଲି ମୁଁ ଆଗରୁ ଜାଣି ନଥିଲି। ଖୁବ୍ ଆନନ୍ଦ ଲାଗିଲା। ଚଳିବା ପାଇଁ କିଛି ଜିନିଷ ଓ ଆସବାସ ପତ୍ର କିଣିବାକୁ ପଡ଼ିବ। ତେଣୁ କିଛି ଜାପାନୀ ଟଙ୍କା (yen) ରଖି ସବୁ ମିସେସ୍ ଆଶାକୁରାଙ୍କୁ ରଖିବାକୁ ଦେଇଦେଲି। ତା'ପରଦିନ ବ୍ୟାଙ୍କରେ ପାସ୍‌ବୁକ୍ ଖୋଲି ରଖିଦେବି କହିଲି। ଜାପାନୀମାନେ ତାଙ୍କ ସ୍ତ୍ରୀମାନଙ୍କ ଉପରେ ଅନେକ ଆସ୍ଥା ରଖିଥାଆନ୍ତି। କାରଣ ପଇସା ପତ୍ର ହିସାବରେ ପ୍ରଫେସର ହସ୍ତକ୍ଷେପ କରୁନଥାଆନ୍ତି।

ଝିପ୍‌ଝିପ୍ ବର୍ଷା ଲାଗି ରହିଥାଏ । ଦୁଇ ଝିଅଙ୍କୁ ଧରି ସ୍ୱାମୀ ସ୍ତ୍ରୀ ମୋ ସହିତ ଗଲେ ମାର୍କେଟିଂ କରିବା ପାଇଁ । ପ୍ରଥମେ କିଣା ହେଲା ଛତା । ତା'ପରେ ଖଟ ଗଦି ଉପରେ ପକାଇବା ପାଇଁ କନ୍ଥାଭଳି ଗୋଟିଏ କଭର ଓ ବିଛଣା ଚଦର ତକିଆଟିଏ କିଣି ସାରି ସୁପର ମାର୍କେଟ ଭିତରେ ପଶିଲୁ । ଆଗରୁ ଏମିତି ମାର୍କେଟ ଦେଖିନଥିଲି । ପ୍ରତ୍ୟେକ ଜିନିଷ ଉପରେ ଓଜନ ଓ ଦାମ୍ ଲେଖାଥିଲା । ଜିନିଷ ଦେଖାଇବାକୁ ଲୋକ ନଥିଲେ । ଚାଉଳ, ତେଲ, ପରିବା କିଣିଲୁ । କିଛି ଫଳ ନେଲି । କାଉଣ୍ଟରରେ ଦୁଇଟି ମେସିନ ପାଖରେ ଦୁଇଟି ଜାପାନୀ ଝିଅ ଛିଡ଼ା ହୋଇ ହିସାବ କରୁଥାଆନ୍ତି । ଠିକ୍ ଆମର ଆଜି କାଲିକା ବିଗ୍ ବଜାର ଭଳି ସୁପର ମାର୍କେଟ । କଲରା, ଲାଉ, ମୂଳା ଠାରୁ ଆରମ୍ଭ କରି ଧୂଆଁପତ୍ର ପର୍ଯ୍ୟନ୍ତ ସବୁ ପରିବା ଓ ଅନ୍ୟାନ୍ୟ ଜିନିଷ ଥାଏ ସୁପର ମାର୍କେଟରେ । ଦାମ୍ ଦେଖି ଆଶ୍ଚର୍ଯ୍ୟ ହୋଇ ଯାଉଥାଏ । ଗୋଟିଏ ଆପଲ୍ ଆମର ଆଠଅଣା ଥିବାବେଳେ ସେଠାରେ ଥାଏ ୧୦ ଟଙ୍କା । ମନେ ହେଉଥାଏ ପଇସାକୁ ଖାଇଲା ଭଳି । ଏତେ ଟଙ୍କା ଖର୍ଚ୍ଚ କରିବାକୁ ଇଚ୍ଛା ହେଉନଥାଏ । କିଛି ହରଡ଼ ଡାଲି ସାଙ୍ଗରେ ନେଇଯାଇଥାଏ । ରାନ୍ଧିବା ବାସନପତ୍ର କିଛି କିଣିଲି । ଜିନିଷପତ୍ର କଣିଲା ପରେ ଯାଇ ରହିଲି ଇଣ୍ଟର ନ୍ୟାସନାଲ ହାଉସ୍‌ରେ । ଇଣ୍ଟର ନ୍ୟାସନାଲ ହାଉସର ନିୟମାନୁସାରେ ଜାପାନୀମାନେ ସେଠାରେ ରହିପାରିବେ ନାହିଁ । ଅନ୍ୟ ପ୍ରତ୍ୟେକ ଦେଶର ଲୋକେ ରହି ପାରିବେ । କେହି କେହି ସପରିବାରେ ଥାଆନ୍ତି ସେଠାରେ । ମୋତେ ଗୋଟିଏ ସିଙ୍ଗିଲ୍ ରୁମ୍ attached kitchen ଓ toilet ମିଳିଥାଏ । ଏଠାରେ ରହିବାର ବ୍ୟବସ୍ଥା ମୋ ପ୍ରଫେସର ଆଗରୁ କରିଥିଲେ । ସନ୍ଧ୍ୟା ହେବା ପୂର୍ବରୁ ସେମାନେ ମୋ ଜିନିଷ ପତ୍ର ନିଜ ହାତରେ ବୋହି ବୋହି ତିନି ମହଲାରେ ଥିବା ମୋ ରୁମ୍‌ରେ ରଖିଦେଲେ ଏବଂ ରୁମ୍‌ର ପାଣିକଳ ଓ ଗ୍ୟାସ୍ ଚୁଲିର ବ୍ୟବହାର ମୋତେ ଶିଖାଇ ଦେଇ ଚାଲିଗଲେ । ଛୋଟରୁ ବଡ଼ଯାଏ କେତେ ସେମାନେ କଠିନ ପରିଶ୍ରମୀ ଓ ସାହାଯ୍ୟକାରୀ ଖଟ ଉପରେ ବସି ବସି ଭାବିଲି କିଛି ସମୟ । ସୁନ୍ଦର ଟେବୁଲ, ଆଲମିରା, ଖଟ ଗଦି ସବୁ ପାଇଲି, ହେଲେ ଏତେ ଦୂରରେ ମୁଁ ଏକା । ମୋ ପିଲା ଛୁଆ କେତେ ଦୂରରେ ଭାବିବାର ସମୟ ମିଳିଲା । କାନ୍ଦ କାନ୍ଦ ଲାଗିଲା । ରୁମ୍‌ଟିର ଗୋଟିଏ ପାଖରେ କାଚ କାନ୍ଥ । କାନ୍ଥ ସେପଟେ ଛୋଟ



ବାଲ୍‌କୋନି । ବାଲକୋନିରେ ଠିଆ ହେଲେ ବିସ୍ତୀର୍ଣ୍ଣ ମକା କିଆରି ଦିଶୁଥାଏ । ଲୋକବାକ ଯେମିତି କେହି କୁଆଡ଼େ ନାହାନ୍ତି । ଚାରିଆଡ଼େ ଶୁନ୍‌ଶାନ୍ । ମା'ଙ୍କୁ ଡାକି ଡାକି ଶୋଇ ପଡ଼ିଲି । ରାତିରେ କିଛି ଖାଇଲି ନାହିଁ ।

ତା' ପରଦିନ ଥାଏ ରବିବାର । ନିଦ ଭାଙ୍ଗିଲା ବେଳେ କାନ୍ଥରେ ଥିବା ଘଣ୍ଟାରେ ନଜର ପଡ଼ିଲା । ବାଜିଛି ୧୦ଟା । ବ୍ୟତିବ୍ୟସ୍ତ ହୋଇପଡ଼ିଲି । ୧୦ଟା ଯାଏ କେମିତି ଶୋଇ ପଡ଼ିଲି । ବାଲ୍‌କୋନିରେ ସୂର୍ଯ୍ୟଙ୍କୁ ଚାହିଁଲି । ସୂର୍ଯ୍ୟ ଥିଲେ ବେଶ୍ ଉପରେ । ରାତି ପାହୁ ପାହୁ ସୂର୍ଯ୍ୟ କେମିତି ଏତେ ଉପରକୁ ଉଠି ଗଲେ ? ଆଶ୍ଚର୍ଯ୍ୟ ଲାଗୁଥାଏ । କିଛି ସମୟପରେ ମନେ ପଡ଼ିଲା ଭାରତ ଓ ଜାପାନର ସମୟ ବ୍ୟବଧାନ ୪ ଘଣ୍ଟା । ଜାପାନ ପୃଥିବୀର ପୂର୍ବ ଦିଗରେ ଅବସ୍ଥିତ ହୋଇଥିବାରୁ ସେଠାରେ ସୂର୍ଯ୍ୟ ଉଦୟ ହେବା କ୍ଷଣି ପ୍ରଥମେ ଦେଖାଯାଆନ୍ତି । ତେଣୁ ଜାପାନକୁ ସୂର୍ଯ୍ୟୋଦୟର ଦେଶ କୁହାଯାଏ । ଜାପାନରେ ୧୦ଟା ଅର୍ଥାତ ଭାରତରେ ହୋଇଥିବ ୬ଟା । ୬ଟାରେ ନିଦ ଭାଙ୍ଗିଛି । ବ୍ୟସ୍ତ ହେବାର କିଛି ନାହିଁ । ଦାନ୍ତ ଘସି କର୍ଣ୍ଣଫ୍ଲେକ୍ସ, ଦୁଧ, କଦଳୀ ଖାଇସାରିଲା ପରେ ରନ୍ଧାରନ୍ଧି କଲି । ମିସେସ୍ ଆଶାକୁରା ଦୁଇ ଝିଅଙ୍କୁ ଧରି ଆସିଲେ ମୋ ପାଖକୁ । କିଛି କମଳା ଆଣିଥିଲେ ମୋ ପାଇଁ । ମୋ ଭଲମନ୍ଦ ବୁଝିବା ପାଇଁ ଆସିଥିଲେ ସେମାନେ । ସେମାନଙ୍କୁ ଦେଖି ଖୁସି ହୋଇଗଲି । କେତେ ଯତ୍ନବାନ ସେମାନେ । ଏସିଆନ୍ ସଂସ୍କୃତି ସବୁଆଡ଼େ ସମାନ । କାହା ଘରକୁ ଗଲେ କିଛି ଟିକିଏ ନେଇ ଆମେ ଗଲାଭଳି ଜାପାନୀମାନେ କିଛି ଟିକିଏ ହେଉ ପଛେ ସାଙ୍ଗରେ ଖାଇବା ଜିନିଷ ନେଇ ଯାଆନ୍ତି ।

ତା' ପରଦିନ ଆଶାକୁରାଙ୍କର ଗୋଟିଏ ଛାତ୍ର କୋମୁରା ଆସି ମୋତେ ସାଙ୍ଗରେ ନେଇ ୟୁନିଭରସିଟ୍ ଗଲା । ଟେଲିଗ୍ରାମ କରି ଘରକୁ ଜଣାଇବାର ଥାଏ ଯେ ମୁଁ ଭଲରେ ପହଞ୍ଚିଛି । ଦୁଇ ତିନିଟା ପୋଷ୍ଟ ଅଫିସ ପ୍ରାୟ ଦୁଇଘଣ୍ଟା କୋମୁରା ସାଙ୍ଗରେ ବୁଲି ବୁଲି ଟେଲିଗ୍ରାମ୍ କଲି । ତାହା ପୁଣି ପଡ଼ିଲା ଦୁଇ ହଜାର ଟଙ୍କା । ଫୋନ୍ କରି ସାଙ୍ଗେ ସାଙ୍ଗେ ପ୍ରାୟ ଶହେ ଟଙ୍କାରେ ଘରକୁ ଜଣାଇ ପାରିଥାନ୍ତି । ଏହି ସୁବିଧା ମୋତେ ଜଣା ନଥିଲା । ଯେହେତୁ ଟେଲିଗ୍ରାମ୍ କରିବାକୁ କହିଛି ସେମାନେ ଅନ୍ୟ ସୁବିଧା କଥା ଭାବିବେନି । ଏହା ହେଉଛି ଜାପାନୀ ସଂସ୍କୃତି ।

ସେମାନେ one track ବା ଗୋଟିଏ ଗତି ପଥର ଲୋକ। ଯେହେତୁ ମୁଁ ଚାହିଁଥିଲି ଟେଲିଗ୍ରାମ୍ ସେମାନେ ଟେଲିଫୋନ କଥା ଭାବିଲେ ନାହିଁ।

କଲିକତାରୁ ନୂଆ ବାଟା ଚପଲ କିଣି ନେଇଥାଏ। ସେଦିନ ବହୁତ ବାଟ ଚାଲି ଚାଲି ଗୋଡ଼ରୁ ରକ୍ତ ବାହାରିଲା। ଟେଲିଗ୍ରାମ କରିସାରି ଡିପାର୍ଟମେଣ୍ଟ ରୁମ୍‌ରେ ପହଞ୍ଚିଲି ପ୍ରାୟ ଗୋଟାଏରେ। ପ୍ରଫେସର ଆଶାକୁରାଙ୍କ ଟେବୁଲ ସାମ୍ନାରେ ମୋ ଚେୟାର ଓ ଟେବୁଲ ବ୍ୟବସ୍ଥା କରାଯାଇଥାଏ। ରୁମ୍‌ରେ ଦେଖିଲି ଅନ୍ୟ ଜଣେ ପ୍ରଫେସର ବସି ଗପସପ ହେଉଛନ୍ତି। International House ରୁ ବସ୍‌ରେ ଆସିଥିଲି। ବସ୍‌ରୁ ଓହ୍ଲାଇ କିଛି ବାଟ ଚାଲି ଚାଲି ଆସିଲି। ବେଶୀବାଟ ଚାଲିବ ଯୋଗୁଁ ଗୋଡ଼ ଖଣ୍ଡିଆ ହୋଇଯାଇଛି। ତା'ପରଦିନ କେମିତି ଚାଲି ଚାଲି ଆସିବି ? ପ୍ରଫେସରଙ୍କୁ କହିଲି ୟୁନିଭରସିଟ୍ ପାଖାପାଖି ମୋ ପାଇଁ ଘର ଠିକ୍ କରିବା ପାଇଁ। ପାଖରେ American styleର ମିଳିବନି, ଯାହା ମିଳିବ ତାହା ଜାପାନ ପରମ୍ପରା ଅନୁଯାୟୀ ଅର୍ଥାତ ତଳେ ଶୋଇବାକୁ ପଡ଼ିବ। ତଳେ ବସି ଖାଇବାକୁ ପଡ଼ିବ ଏବଂ ଭଡ଼ା ମଧ୍ୟ ଅଧିକ ବୋଲି ସେ କହିଲେ। ପାଖରେ ରହିବା ଆଶା ମଉଳି ଗଲା। ତା'ପର ଆଶକୁରାଙ୍କ ରୁମ୍‌ରେ ଦୁଇ ପ୍ରଫେସରଙ୍କର ଥିଲା ଅନେକ ପ୍ରଶ୍ନ। ତୁମେ କଲେଜକୁ କେମିତି ଯାଅ ? କାର୍‌ରେ ଯାଏ ବୋଲି କହିଲି। କାର୍ କିଏ ଚଲାଏ ? ଡ୍ରାଇଭର ମୋର ଅଛି। ଡ୍ରାଇଭର ତୁମକୁ ଛାଡ଼ିଲା ପରେ କ'ଣ କରେ ? ଗାଡ଼ିରେ ବସିଥାଏ। ବସି ବସି ସମୟ ନଷ୍ଟକରେ ଏ କଥାରେ ସେମାନେ ଆଶ୍ଚର୍ଯ୍ୟ ହୋଇଗଲେ। ତା'ପରେ ପ୍ରଶ୍ନ – ଏତେ ପ୍ରବନ୍ଧ ପ୍ରକାଶ କଲ କିପରି ? ଘରେ ତ ମୋର କାମ ନଥାଏ, ଲାବୋରେଟୋରୀରେ ବେଶୀ ସମୟ ଦେଇ ଗବେଷଣା କରେ। ତେଣୁ ଏତେ ପ୍ରବନ୍ଧ ପ୍ରକାଶ କରିବାକୁ ସକ୍ଷମ ହୋଇଛି। ଘରେ କିଏ ରାନ୍ଧେ ? ଘରେ ରାନ୍ଧିବା ପାଇଁ ମୋର ଲୋକ ଅଛି। ଆହୁରି ଆଶ୍ଚର୍ଯ୍ୟ କରିଦେଲା ଏକଥା ସେମାନଙ୍କୁ। ମୋ ସ୍ୱାମୀ Govt. servant। ତାଙ୍କର ଜଣେ ପିଅନ ଥାଏ। ବିସ୍ମିତ ହୋଇଗଲେ ସେମାନେ। ଅନୁମାନ କଲେ ମୁଁ ଜଣେ ଧନୀ ଭାରତୀୟ ମହିଳା। ଜାପାନୀମାନଙ୍କର ଫୁସ୍ ଫୁସ୍ କଥା ଅଳ୍ପ ସମୟରେ ଅନେକ ଦୂର



ବ୍ୟାପିଯାଏ। ସେଦିନ ୟୁନିଭରସିଟ୍ ସାରା ଗୋଟିଏ ପ୍ରଚାର – ଶାଢ଼ିପିନ୍ଧା ଜଣେ ଭାରତୀୟ ମହିଳା ଆସିଛନ୍ତି ଯାହାଙ୍କର ଗୋଟିଏ ଡ୍ରାଇଭର ଏବଂ ଗୋଟିଏ ରୋଷେୟା ଓ ଗୋଟିଏ ପିଅନ ଅଛି। ଏକଥା ମୁଁ ପରବର୍ତ୍ତୀ ସମୟରେ ତାଞ୍ଜେନିଆ ଅଧିବାସୀ ମୋର ବନ୍ଧୁ ଥବିତା ଓଇଟି ଠାରୁ ଶୁଣିଲି। ଓଇଟି ଇଂରାଜୀ ଭଲକରି କହିପାରେ, ଜାପାନୀ ଭାଷା ପଢ଼ିପାରେ ଓ କହିପାରେ। ତେଣୁ ତାହା ସହିତ ମୋର ବନ୍ଧୁତା ବଢ଼ିଯାଇଥିଲା। ରୋଟାରୀ ପୃଷ୍ଠ ପୋଷକତାରେ ଆୟୁବ ନାମକ ବଙ୍ଗଳା ଦେଶୀ ପିଲାଟିଏ ପଢ଼ିବା ପାଇଁ ଯାଇଥାଏ ସେ ୟୁନିଭରସିଟ୍‌କୁ। ସେ ଓଇଟି International Houseରେ ରହୁଥାନ୍ତି। ଆୟୁବ ବଙ୍ଗଳା ଓ ଇଂରାଜୀରେ କହିପାରେ। ସେମାନଙ୍କ ସହିତ ମିଶିବା ପରେ ମୋତେ ଏକୁଟିଆ ଲାଗୁ ନଥାଏ। ଆୟୁବ ସାଙ୍ଗରେ ଆକିହାବାରା ଯାଇ Indian Restaurantରୁ 210 voltର VCR କିଣିଲି। ସନ୍ଧ୍ୟାବେଳେ ସେମାନେ ଆସନ୍ତି ମୋ ରୁମ୍‌କୁ। ସେମାନଙ୍କ ଦେଶର ଚାଲିଚଳନ ଓ ଭାରତର ଚାଲିଚଳନ ବିଷୟରେ ଗପସପ, ଯୁକ୍ତିତର୍କ ହୁଏ। ଶନିବାର ଓ ରବିବାର ଛୁଟି ଥାଏ। ଜଣେ ବେଲ୍‌ଜିୟମର ଝିଅ ସାଙ୍ଗରେ ବାହାରକୁ ବୁଲିଯାଏ ରବିବାର ଦିନ।

ଘରୁ ପ୍ରାୟ ୨/୩ ଦିନରେ ଥରେ ଫୋନ୍ ପାଉଥିଲି। ମୋ ପ୍ରଫେସର ମୋର International Call ଆସିବା ଶୁଣି ଭାବୁଥାଆନ୍ତି ମୁଁ ଭାରତରେ ଜଣେ ବିରାଟ ଧନୀ ଲୋକ। ଏହା ମଧ୍ୟ ୟୁନିଭରସିଟ୍ ସାରା ପ୍ରଚାର ହୋଇଯାଇଥାଏ। ବାଟରେ ଅନେକ ବୃଦ୍ଧାଙ୍କ ସହିତ ଦେଖା ହୁଏ। ସେମାନେ ଜାପାନୀ ଡ୍ରେସ୍ କିମୋନୋ ପିନ୍ଧିଥାଆନ୍ତି। ଅଳ୍ପ ବୟସର ସ୍ତ୍ରୀ ଲୋକମାନେ ଆମେରିକାନ୍ ଷ୍ଟାଇଲ୍‌ରେ ସ୍କର୍ଟ, ସାର୍ଟ ପିନ୍ଧି ଥାଆନ୍ତି। ମୋ ଶାଢ଼ୀ ପିନ୍ଧାକୁ ଖୁବ୍ ପ୍ରଶଂସା କରନ୍ତି ଜାପାନୀମାନେ। କେମିତି ଏତେ ଲମ୍ବା ଶାଢ଼ୀ ପିନ୍ଧିଛି ବୋଲି ପଚାରି ବୁଝନ୍ତି। ଛୋଟ ଛୋଟ ଝିଅମାନେ କିମୋନୋ ପିନ୍ଧି କଣ୍ଢେଇ ଭଳି ଦିଶୁଥାଆନ୍ତି।

ୟୁନିଭରସିଟ୍‌ରେ ମୋତେ ଜଣେ ଅନୁବାଦକ ଦିଆଯାଇଥିଲା ସେ ମୋ କଥାକୁ ଜାପାନୀ ଭାଷାରେ ଅନୁବାଦ କରି ଅନ୍ୟମାନଙ୍କୁ କହୁଥିଲା। ପ୍ରତିଦିନ ମୁଁ

୩ / ୪ ଘଣ୍ଟା ଲାଇବ୍ରେରୀରେ କଟାଉଥିଲା । ଏତେ ଜର୍ଣ୍ଣାଲ ପାଇଲି ଯେ ମନ ପୂରିଗଲା । ସବୁ ଯେମିତି ପଢ଼ି ରିଭ୍ୟୁ କରି ପକାଇବି । କିଛି ଦିନ ପରେ ସିଙ୍କର ଗ୍ରାଫ୍‌ଟିଂ କାମ ଆରମ୍ଭ କଲି । ତା'ପରେ NMR study କଲି । ଏହା ପୂର୍ବରୁ NMR ମେସିନ ମୁଁ ଦେଖି ନଥିଲି । ଗବେଷଣା ସହିତ flower arrangement ଓ origami ଶିଖିଲି ଗୋଟିଏ ଝିଅ ପାଖରୁ । ଆସ୍ତେ ଆସ୍ତେ ମୁଁ ସମସ୍ତଙ୍କ ସହିତ ମିଶିଗଲି । ଥରେ lunch hourରେ କାଫିଟେରିଆକୁ ଗଲି ଖାଇବା ପାଇଁ । ସ୍ପିମ୍ ସନ୍ଦେଶ ଭଳି ଦିଶୁଥାଏ ଟଫୁ ନାମକ ଏକ କେକ୍ ପିସ୍ । ତାକୁ ଖାଇ ପାରିବି ଭାବି ୩-୪ ଖଣ୍ଡ ଆଣିଲି । ସୋୟାସସ୍‌ରେ ବୁଡ଼ାଇ ଥରେ ମାତ୍ର ପାଟିକୁ ନେଇଛି ଭକ୍ କରି ବାନ୍ତି ହୋଇଗଲା । ବୁଝିଲି ତା'ଉପରେ କଞ୍ଚା ଚିଙ୍ଗୁଡ଼ି ଶୁଖୁଆ ଗୁଣ୍ଡ ଛିଞ୍ଚା ଯାଇଛି । ଜାପାନୀମାନେ ମାଛ ଶୁଖୁଆ ପ୍ରିୟ । ଆମିଷ ଓ ନିରାମିଷ କ'ଣ ସେମାନଙ୍କର ଧାରଣା ନଥାଏ । ସେମାନେ ଇଂରାଜୀରେ ବା ଅନ୍ୟ ଭାଷାରେ କଥାବାର୍ତ୍ତା କରନ୍ତି ନାହିଁ । ତାଙ୍କ ଭାଷା ନିପୋନୋରେ ସବୁବେଳେ ସମସ୍ତେ କଥାବାର୍ତ୍ତା ହୁଅନ୍ତି । ମୋ ରହଣୀ ସମୟରେ କେତୋଟି ଜିନିଷ ମୁଁ ଜାଣିଲି । ସାରାଦେଶରେ ଗୋଟିଏ ଜାପାନୀ ଭାଷା ପ୍ରଚଳିତ । ବହୁତ ସମୟରେ ଜୋର କରି ସେମାନେ ହସିବା ମୁଁ ଦେଖେ । ସବୁବେଳେ କର୍ମରତ ଥାଆନ୍ତି ସେମାନେ । ମୋର ଆଠ ମାସର ରହଣୀ ଭିତରେ ଦୁଇଜଣ ବାରଣ୍ଡାରେ ଠିଆହୋଇ କଥାବାର୍ତ୍ତା ହେଉଥିବାର ମୁଁ ଦେଖି ନାହିଁ । ସେମାନେ ଏତେ ମନଦେଇ କାମ କରନ୍ତି ଯେ ତାଙ୍କ ପାଖ ଟେବୁଲରେ କ'ଣ ଅଛି କହି ପାରନ୍ତି ନାହିଁ । ସଙ୍କୋଚ ପଣିଆରେ ସେମାନେ ଶ୍ରେଷ୍ଠ ସ୍ଥାନ ଅଧିକାର କରିଥାଆନ୍ତି ।

ପ୍ରତ୍ୟେକ ଜାପାନୀ ସୌନ୍ଦର୍ଯ୍ୟ ପ୍ରିୟ । କାଠରେ ତିଆରି ଛୋଟ ଛୋଟ ଘରେ ରହନ୍ତି । ଘର ଆଗରେ ଛୋଟ ଛୋଟ ଫୁଲ ବଗିଚା । କୌଣସି ଗଛ ମନଇଚ୍ଛା ବଢ଼ି ଯାଇ ନଥାଏ । ପ୍ରତ୍ୟେକ ଗଛ କଟା ହୋଇ ସଜା ହେଲାଭଳି ଦିଶୁଥାଆନ୍ତି । ଘର ଭିତର ଫୁଲରେ ସଜାଇ ଥାଆନ୍ତି ସେମାନେ । ତାଙ୍କ ସାମାଜିକ ଜୀବନ ଅନେକଟା ଆମଭଳି । ପ୍ୟାରେଣ୍ଟ ଡେ ରେ ନିଜ ଘରକୁ ଯାଇ ବାପା ମା'ଙ୍କୁ ଦେଖା କରନ୍ତି । ମୋତେ ମୋ ପ୍ରଫେସର ପ୍ୟାରେଣ୍ଟ ଡେ ରେ ତାଙ୍କ ବାପା ମା'ଙ୍କ ପାଖକୁ ନେଇଥିଲେ । ପ୍ରାୟ ୭୫ ବର୍ଷର ବୁଢ଼ୀମା' କାର୍ ଡ୍ରାଇଭ୍



କରୁଥାଆନ୍ତି । ବେଶ ଭୂଷା ଖୁବ୍ ମାର୍ଜିତ । ଆମ ଭଳି ବିଭିନ୍ନ ପିଠାପଣା କରି ଆମ ପାଇଁ ରଖିଥିଲେ । ବାଡ଼ି ବଗିଚା ବୁଲାଇ ଦେଖାଇଲେ । ଟମାଟୋ, ପିଆଜ, ମକା ଇତ୍ୟାଦି ମୁଁ ଆସିଲାବେଳେ ମୋତେ ବନ୍ଧାବନ୍ଧି କରି ଦେଲେ । ଗାଁକୁ ଗଲେ ମୋ ବୋଉ ଯେମିତି ଦିଏ ସେମିତି ମୋତେ ଲାଗିଲା । ଜାପାନୀମାନେ ବୁଢ଼ାବୁଢ଼ୀଙ୍କୁ ଖୁବ୍ ସମ୍ମାନ ଦିଅନ୍ତି । ବସ୍ କିମ୍ବା ଟ୍ରେନ୍‌ରେ ବୁଢ଼ାବୁଢ଼ୀଙ୍କୁ ସିଟ୍ ଛାଡ଼ିଦିଅନ୍ତି ଏବଂ ଯତ୍ନକରି ବସାନ୍ତି ।

ପ୍ରତ୍ୟେକ ଲୋକ ଯୁବପିଢ଼ିମାନଙ୍କର କଥାର ଓଜନ ବୁଝନ୍ତି । ମନେକରାଯାଉ କୌଣସି ଦୋକାନରେ କିଣା, ବିକା, ସାଜ ସଜା ଇତ୍ୟାଦି ବିଷୟରେ କୌଣସି ପିଲା ମତାମତ ଦେଲେ ତା'ପରଦିନ ସେହି ପିଲାର କଥା ଅନୁସାରେ ଅଦଳ ବଦଳ ହୋଇଯାଇଥାଏ । ମୋତେ ଲାଗିଲା ଜାପାନ ଯେମିତି ପରିଷ୍କାରର ପ୍ରତୀକ । ଚକୋଲେଟ ଗୁଡ଼ା ଯାଇଥିବା କାଗଜଟିକୁ ପିଲାମାନେ ହାତରେ ଧରିଧରି ଅନେକ ଦୂରରେ ଡଷ୍ଟବିନ୍ ଥିଲେ ମଧ୍ୟ ସେଠାରେ ପକାନ୍ତି । ଗୋଟିଏ ମ୍ୟୁଜିୟମ ଦେଖିବାର ସୁଯୋଗ ପାଇଥିଲି ମୁଁ । ଜାପାନର ପୁରୁଣା ପାରମ୍ପରିକ ଜିନିଷ ଯଥା ଡିଙ୍ଗି, ମାଛଧରା ଜାଲ, ମାଛ ରଖା ଖଳେଇ, ବେଲା, ତାଟିଆ ଇତ୍ୟାଦି ଦେଖି ମୁଁ ଯେମିତି ଭାରତରେ ଅଛି ସେମିତି ଅନୁଭବ କଲି । ଚିଡ଼ିଆଖାନାଟିଏ ମଧ୍ୟ ଦେଖିଥିଲି । ଭାରତର ହାତୀଟିଏ ସେଠାରେ ଥିଲା । ଭାରତକୁ ଝୁରିଝୁରି ବୋଧହୁଏ ଝଡ଼ିଯାଇଥାଏ ।

ଭାତ ଓ ମାଛ ଜାପାନୀଙ୍କର ପ୍ରଧାନ ଖାଦ୍ୟ । ସେମାନଙ୍କ ଭାତ ଟିକିଏ ଅଠାଳିଆ । ଭାତରେ ମୁଢ଼ି ଚୁଡ଼ା ମୁଆଁ ଭଳି ସେମାନେ କରି ଦିଅନ୍ତି ଓ ସକାଳ ଜଳଖିଆରେ ତାକୁ ଖାଆନ୍ତି । ଚପ୍‌ଷ୍ଟିକ୍‌ରେ ଏତେ ସୁନ୍ଦର ଭାବରେ ଶୁଖୁଆ ଖାଇପାରନ୍ତି ଯେ ମେରୁଦଣ୍ଡଟି ନ ଭାଙ୍ଗି ରହିଯାଇଥାଏ । କଞ୍ଚା ମାଛ, ଗେଣ୍ଡା, ଶାମୁକା ଇତ୍ୟାଦି ଖାଇବାକୁ ଭଲ ପାଆନ୍ତି ସେମାନେ । ରଙ୍ଗ ବେରଙ୍ଗର ପୋଷାକ ପିନ୍ଧିବା ସେମାନଙ୍କର ସଉକି । ଗୁଡ଼ି ଉଡ଼ାଇବାକୁ ପିଲାମନେ ଖୁବ୍ ଭଲ ପାଆନ୍ତି । ସେମାନେ ସମୟକୁ ଖୁବ୍ ଜଗନ୍ତି । ମୋ ପ୍ରଫେସର ମାସର ପ୍ରଥମ ଦିନ ଗୋଟିଏ ରୁଟିନ୍ କରି ମୋତେ ଦେଇଦିଅନ୍ତି । ଘରକୁ ଫେରିବା ବେଳେ ମୁଁ କେଉଁଦିନ

କେତେଟାବେଳେ ତାଙ୍କ ଘରକୁ ଯିବି ତା'ର ଗୋଟିଏ ଲିଷ୍ଟ କରିଥାଆନ୍ତି । ଆମ ପିଲାଙ୍କ ଭଳି ତାଙ୍କ ଦୁଇଝିଅ କାଦୁଅ ଚକଟି ସିଢ଼ି ପାହାଚରେ ଛୋଟ ଛୋଟ କଣ୍ଢେଇ କରୁଥିବାର ମୁଁ ଦେଖେ । ସେମାନେ ଯେ ଆମ ପିଲାଙ୍କ ଭଳି ମାଟି କାଦୁଅରେ ଖେଳନ୍ତି ଏ ଧାରଣା ମୋର ନଥିଲା । ଗେଷ୍ଟ ହାଉସରେ ଏକା ହୋଇଗଲେ ଘରକଥା ମନେ ପଡ଼ିବ ବୋଲି ତାଙ୍କ ଘରେ ବେଶୀ ସମୟ ରହିବାକୁ ଇଚ୍ଛା କରେ । କିନ୍ତୁ ଠିକ୍ ସମୟ ହୋଇଗଲେ ମିସେସ୍ ଆଶାକୁରା କହନ୍ତି "ବର୍ତ୍ତମାନ ସମୟ ହୋଇଗଲା ଯାଆନ୍ତୁ" । ଇଚ୍ଛା ନଥିଲେ ବି ମୁଁ ଚାଲିଆସେ । ମୋ ଜନ୍ମଦିନ ପଡ଼ିଲା ଜୁଲାଇ ୧୦ରେ । ସେମାନେ ଘରେ ଏହାକୁ ପାଳନ କରିଥିଲେ । କେକ୍ କାଟିଲେ । ସେ ଦିନର ଅନୁଭୂତି ମୁଁ ଭୁଲି ନାହିଁ । ଗୋଟିଏ ବଡ଼ କଙ୍କଡ଼ା ପ୍ଲେଟରେ ଥୋଇଲେ । ତାହା ଦରସିଝା ହୋଇଥିଲା । ଦୋକାନରୁ କିଣା ହୋଇ ଆସିଥିଲା । ତା' ସହିତ ଥିବା ଲିଟେରଚର ଅନୁସାରେ ପ୍ରଫେସର ତାକୁ ଭଙ୍ଗାଭଙ୍ଗି କରି ମୋତେ ଖଣ୍ଡେ ଦେଲେ । କଙ୍କଡ଼ା ମୁଁ ଖାଏ । ହେଲେ ତାହା ଏତେ କଞ୍ଚା ଥିଲା ଯେ ମୋତେ ବାନ୍ତି ହୋଇଗଲା । ସେମାନେ ଖୁସିରେ ଖାଇଲେ । ମୋତେ କେକ୍ ଭଲ ଲାଗୁଥିବାରୁ ଘରେ ଖାଇବା ପାଇଁ କାଗଜରେ ଗୁଡ଼ାଗୁଡ଼ି କରି ଦେଲେ । ମୋତେ ନିଜ ଘର ଭଳି ଲାଗିଲା ସେଦିନ ।

ଥରେ ଫୁକୁଇ ୟୁନିଭରସିଟ୍‌କୁ ସେମିନାର ଟକ୍ ଦେବା ପାଇଁ ନିମନ୍ତ୍ରିତ ହୋଇ ଗଲି । ଫୁକୁଇ ଟୋକିଓ ଠାରୁ ଅନେକ ଦୂର । ସମୁଦ୍ର ଭିତରେ ଟ୍ରେନରେ ଯିବା ମୋର ପ୍ରଥମ ଅନୁଭୂତି ଥିଲା ସେଦିନ । ମନେ ମନେ ଭାବୁଥିଲି କେଉଁଠୁ ଆସି ମୁଁ କେଉଁଠି ପହଞ୍ଚିଛି । ଗୁଣକୁ ଚିହ୍ନନ୍ତି ଜାପାନୀମାନେ । ସେମିନାର ଟକ୍ ପରେ ଅନେକ ଅଭିନନ୍ଦନ । ରେଭେନ୍ସା କଲେଜରେ ଦୀନହୀନ ଭାବରେ କାମକରି ଏଠାରେ ଏତେ ପ୍ରଶଂସା ମୋ ଜୀବନର ସାର୍ଥକତା ଆଣିଦେଲା । ସବୁବେଳେ ଜାପାନୀଙ୍କର ଥାଏ ଅନେକ ପ୍ରଶ୍ନ । ଥରକରେ ସେମାନେ ବୁଝନ୍ତିନି କଥା । ବାରମ୍ବାର କହି ଠିକ୍ ଭାବରେ ବୁଝାଇବାକୁ ପଡ଼େ । ସେମାନେ ଖୁବ୍ ଯତ୍ନବାନ । ଆସିଲାବେଳେ ଟ୍ୟାକ୍ସିରେ ମୋତେ ପଠାଇଲେ । ଅନେକ ବାଟ ଆସିବାକୁ ହେବ ଏକା । ପୁଣି ଟ୍ୟାକ୍ସି ଡ୍ରାଇଭର ସାଙ୍ଗରେ । ନିଜର ଡର ଓ ଦୁର୍ବଳତାକୁ ସେମାନଙ୍କୁ



ଜଣାଇବାକୁ ସଂକୋଚ ଅନୁଭବ କଲି । ସେମାନଙ୍କ କହିବା ଅନୁସାରେ ସବୁଠାରୁ ବଡ଼ ବିଶ୍ୱାସୀ ଟ୍ୟାକ୍ସି ଡ୍ରାଇଭର । ଯଦି ସେ ପାସେଞ୍ଜରକୁ ଠିକ୍ ଜାଗାରେ ଠିକ୍ ଭାବରେ ପହଞ୍ଚାଇ ନପାରି ହଇରାଣ କଲା ତେବେ ଅଭିଯୋଗ କଲେ ତା'ର ଡ୍ରାଇଭିଂ ଲାଇସେନ୍ସ ରଦ୍ଦ ହୋଇ ଯାଏ । ତା' ପରିବାର ଚଳାଇବା ତା' ପକ୍ଷେ କଷ୍ଟ ସାଧ୍ୟ ହୁଏ । ତେଣୁ ସେ ବହୁତ ଯତ୍ନବାନ ଥାଏ । ଏସବୁ ଶୁଣିସାରିଲା ପରେ ସାହାସ ବାନ୍ଧି ଟ୍ୟାକ୍ସିରେ ବସିଲି । କିଛି ସମୟପରେ ଡ୍ରାଇଭର ଓ୍ୟାରଲେସ୍‌ରେ କ'ଣ ସବୁ କହୁଥାଏ । "ଇକୁରା ଦେସ୍‌କା" ଅର୍ଥ ଏହାର ଦାମ୍ କେତେ ବ୍ୟତୀତ ଅନ୍ୟ ଜାପାନୀ ଭାଷା ମୁଁ ବୁଝିପାରୁ ନଥାଏ । ମନେ ମନେ ଭାବୁଥାଏ ବୋଧହୁଏ ମୋତେ କେଉଁଠିକୁ ନେଇଯିବା ପାଇଁ ତା' ସାଙ୍ଗମାନଙ୍କ ସହ କଥାବାର୍ତ୍ତା କରୁଛି । ଡରରେ ମୁଁ ଗୋଟାପଣେ ଥରୁଥାଏ ଓ ଦିଅଁ ଦେବତାଙ୍କୁ ଡାକୁଥାଏ । ଏହାଥିଲା ମୋର ଏକ ଅଭୁଲା ସମୟ । ଫ୍ଲାଏଓଭର ଦେଇଗଲାବେଳେ ୨୦ ରୁ ୩୦ଟି ରାସ୍ତା ଦେଖି ମୁଁ ଡରି ଯାଉଥାଏ । ଠିକ୍ ରାସ୍ତାରେ ନେଉଛି ତ ? ରାତି ପ୍ରାୟ ୯ଟାରେ ମୋ ଚିହ୍ନାଜଣା ସହର ଭିତରେ ପ୍ରବେଶ କଲା ଟ୍ୟାକ୍ସି । ବାଟରେ କାହାକୁ ନପଚାରି ଫୁକୁଇ ପ୍ରଫେସର ଦେଇଥିବା ମ୍ୟାପ୍ ଅନୁସାରେ ଠିକ୍ ମୋ ଗେଷ୍ଟ ହାଉସ୍ ଗେଟ ପାଖରେ ରାତି ୯.୩୦ରେ ଛାଡ଼ି ଜାପାନୀ ପ୍ରଣାଳୀରେ ନମସ୍କାର କରି "ଦୋମୋ ଆରିଗାତୋ ଗୋଜାଇ ମାସ୍ତା" କହି ଚାଲିଗଲା । ମନେ ମନେ ଭାବିଲି ଏମାନେ ବାରମ୍ବାର ଗୋଟାଏ କଥାକୁ ପଚାରି ବୁଝନ୍ତି ସିନା, ଥରେ ବୁଝିଗଲେ ଆଉ କାହାକୁ ପଚାରିବା ଦରକାର ମନେ କରନ୍ତି ନାହିଁ ।

ଆଉ ଥରେ ଏକା ଏକା ଯିବାକୁ ଠିକ୍ କଲି ସୁକୁବା । ସୁକୁବା ୟୁନିଭରସିଟ୍‌ରୁ ନିମନ୍ତ୍ରଣ ଆସି ଥାଏ ସିଲ୍କ ଉପରେ ସେମିନାର ଟକ୍ ଦେବା ପାଇଁ ଓ ମୋ ପ୍ରଫେସରଙ୍କ ସାଙ୍ଗ ଡକ୍ଟର ମାସୁସିରୋ ସୁକାଦାଙ୍କ ଲାବୋରେଟୋରୀ ଦେଖିବା ପାଇଁ । ଜାପାନରେ ପ୍ରଚୁର ମଲ୍‌ବରିଟ୍ରି ଗଛ ଚାଷ କରାଯାଏ । ଏହି ଗଛରୁ ଏଣ୍ଡି ପୋକମାନଙ୍କ ଦ୍ୱାରା ପ୍ରଚୁର ସିଲ୍କ ଉତ୍ପାଦନ କରାଯାଏ । ତେଣୁ ଜାପାନରେ ଅଧିକାଂଶ ଇନ୍‌ଷ୍ଟିଚ୍ୟୁଟ୍‌ରେ ସିଲ୍କର ଗୁଣ ବଢ଼ାଇବା ପାଇଁ ଗବେଷଣା ହୁଏ । ତେଣୁ ମୋର ସେଠାରେ ସିଲ୍କକାମ ଅନୁଧ୍ୟାନ କରିବାର ଥାଏ । ସେତେବେଳେ କୌଣସି ଷ୍ଟେସନର ନାମ ଇଂରାଜୀରେ

ଲେଖା ନଥିଲା । ସବୁ ଲେଖା ହୋଇଥିଲା ଜାପାନୀ ଭାଷାରେ । ଇଂରାଜୀରେ ପଚାରି ବୁଝିବା ମଧ୍ୟ ମୁସ୍କିଲ । କେହି ଇଂରାଜୀ ବୁଝୁ ନଥାନ୍ତି । ଟୋକିଓରୁ ଓ୍ୟାମାନେଟୋ ଟ୍ରେନରେ ବାହାରିଲି । ଓ୍ୟାମାନେଟୋ ଟ୍ରେନର ବିଶେଷତ୍ୱ ହେଉଛି ଏହା ଯେଉଁଠୁ ବାହାରି ଥାଏ ବିଭିନ୍ନ ଷ୍ଟେସନ ଦେଇ ପୁଣି ସେହି ଷ୍ଟେସନରେ ପହଞ୍ଚେ । ଟ୍ରେନରେ ବସି ବାରମ୍ବାର ଭାବୁଥାଏ ନିଶ୍ଚୟ ସୁକୁବାରେ ନ ପହଞ୍ଚି ପୁଣି ଟୋକିଓରେ ପହଞ୍ଚିବି । କେତେ ଠାକୁରଙ୍କୁ ଡାକିଛି ଠିକ୍ ଜାଗାରେ ପହଞ୍ଚାଅ ପ୍ରଭୁ । ଗୋଟିଏ ଷ୍ଟେସନରେ ଦେଖିଲି ଜାପାନୀ ଭାଷାରେ 'ସୁ' ଆମ ଓଡ଼ିଆ 'ସୁ' ଭଳି ଲାଗିଲା । ଏ ଥିଲା ପ୍ରଭୁଙ୍କର କରୁଣା । ଭୁଲ ହେଉ ବା ଠିକ୍ ହେଉ କିଛି ନଭାବି ସେଠାରେ ଓହ୍ଲାଇ ପଡ଼ି ଦେଖିଲି ଗୋଟିଏ ପିଲା ମୋ ନାଁ ଲେଖା ପ୍ଲାକାର୍ଡ଼ ଧରି ଠିଆ ହୋଇଛି । ଏହା ହେଉଛି ଠାକୁରଙ୍କର ଅଲୌକିକତା ।

ଜାପାନୀମାନେ କିପରି ଅନ୍ୟର ଭାବପ୍ରବଣତା ବୁଝନ୍ତି ତାହାର ଏକ ଅନୁଭୂତି ମୋର ଅଛି । ସେପ୍ଟେମ୍ବର ୧୫ ଆଡ଼କୁ ମୋର ଗୋଟିଏ ପେପରର କାମ ସରିଲା । ସିଲ୍କରମାନ କିପରି ବଢ଼ାଯାଇ ପାରିବ, ଏହା କିପରି ଉଚ୍ଚ ତାପମାତ୍ରା ସହି ପାରିବ ଏବଂ ବହୁତ ଦିନ ରଖିଲେ ମଧ୍ୟ ଏହାର ପ୍ରାକୃତିକ ରଙ୍ଗ କିପରି ଅକ୍ଷୁର୍ଣ୍ଣ ରହିବ ଇତ୍ୟାଦି ଉପରେ NMR, TG, IR ଇତ୍ୟାଡି ଉନ୍ନତମାନର ବୈଜ୍ଞାନିକ ଯନ୍ତ୍ରପାତି ବ୍ୟବହାର କରି ଉଚ୍ଚତର ଗବେଷଣା କରି ତାର ଫଳାଫଳ ଏହି ପେପରରେ ଅନ୍ତର୍ଭୁକ୍ତ କରିଥିଲି । ସେମାନେ ଇଂରାଜୀରେ ଭଲ କହି ପାରନ୍ତି ନାହିଁ କି ଭଲ ଲେଖିପାରନ୍ତି ନାହିଁ । ତେଣୁ ଛାତ୍ରମାନଙ୍କର କାମ ପ୍ରୋଜେକ୍ଟରରେ ମୋତେ ଦେଖାନ୍ତି । ମୁଁ ଭୁଲ ଭାଲ ବାହାର କରି ଠିକ୍ କରିଦିଏ । ସେମାନେ ଭାରି ଖୁସି ହୁଅନ୍ତି । ମୋ ଗବେଷଣାର ଫଳାଫଳ ଉପରେ ଗୋଟିଏ ପେପର୍ ମୁଁ ନିଜେ ଲେଖିଲି । ମୋ ଗବେଷଣା କାମରେ ଡଃ ଡେମୁରା ନାମକ ଆସିଷ୍ଟାଣ୍ଟ ପ୍ରଫେସର ସାହାଯ୍ୟ କରୁଥାଆନ୍ତି । ମୋ ପ୍ରଫେସର ଆମେରିକା ଯାଇ ପ୍ରାୟ ବର୍ଷେ ରହି ଆସିଥାଆନ୍ତି । ତେଣୁ ସେ ଇଂରାଜୀ କହିପାରନ୍ତି ଓ ଲେଖିପାରନ୍ତି । ଏକଥା ମୁଁ ଆଗରୁ ଜାଣି ନଥିଲି । ଏହା ଥିଲା ମୋ ପାଇଁ ସୌଭାଗ୍ୟର କଥା । କାରଣ ସେ ୟୁନିଭରସିଟ୍‌ରେ କେହି ଇଂରାଜୀ ବୁଝୁ ନଥିଲେ କି କହିପାରୁ ନଥିଲେ । ଏକଥା ଜାଣିଥିଲେ ହୁଏତ



ମୁଁ ଜାପାନ ଯାଇ ନଥାନ୍ତି । ପେପରଟି ପ୍ରଫେସର ଦେଖିସାରି ମୋତେ ସେପ୍ଟେମ୍ବର ୨୬ ତାରିଖ ସକାଳେ ଦେଲେ । ମୁଁ ପୁଙ୍ଖାନୁପୁଙ୍ଖ ଭାବରେ ଦେଖିସାରି ଡଃ ଡେମୁରାଙ୍କୁ ଦେବାବେଳେ ହଠାତ୍ କହି ପକାଇଲି, "ଡଃ ଡେମୁରା, କାଲି ଅର୍ଥାତ୍ ସେପ୍ଟେମ୍ବର ୨୭ ତାରିଖ ମୋ ଝିଅର ଜନ୍ମଦିନ । ଏହା ମୋ ପାଇଁ ଏକ ଲକି ଡେଟ୍ । ଆସନ୍ତା କାଲି ଏ ପେପର ଆମେରିକାନ ଜର୍ଣ୍ଣାଲକୁ ପଠାଯାଇଥିଲେ ମୋତେ ଖୁସି ଲାଗିଥାଆନ୍ତା । ଡେରି ତ ହୋଇଗଲାଣି । ଏହା ସମ୍ଭବ ହେବନି ।" ୨୭ ତାରିଖ ସକାଳ ୯ଟାରେ ରୁମ୍‌ରେ ପଶିଲାକ୍ଷଣି ପ୍ରଫେସର ଆଶାକୁରା ଗୋଟିଏ ହଳଦିଆ ବଡ଼ ଲଫାପା ମୋ ହାତକୁ ବଢ଼ାଇ ଦେଲେ । ଲଫାପା ଭିତରେ ଦେଖିଲି ଟାଇପ୍ ହୋଇ ପେପର ଅଛି । ଫରଓ୍ୱାଡ଼ିଂ ଚିଠି ମଧ୍ୟ ଦସ୍ତଖତ ହୋଇ ସାରିଛି । ଚିଠିର ଡାହାଣ ପଟରେ ତାରିଖ ଉପରେ ଆଙ୍ଗୁଳି ବୁଲାଇ ପ୍ରଫେସର ଏତିକି ମାତ୍ର କହିଲେ "Is it ok ?" ମୋ ଆଖି ଛଳ ଛଳ ହୋଇ ଆସିଲା । ମୋ ଦେଶର ଲୋକ ଓ ଏ ଦେଶର ଲୋକ, କେତେ ତଫାତ୍ । ମୁଁ ୨୬ ତାରିଖ ଲାବୋରେଟୋରୀ ଛାଡ଼ିଲା ପରେ ମୋ ଇଚ୍ଛାକୁ ପ୍ରଫେସରଙ୍କୁ କହିଛନ୍ତି ଡକ୍ଟର ଡେମୁରା । ସେମାନେ ରାତି ଦୁଇଟା ଯାଏ ବସି ଟାଇପ୍ କରିଛନ୍ତି । କାରଣ ସେ ଦେଶରେ ଚାକର, ପିଅନ, ଷ୍ଟେନୋ ଟାଇପିଷ୍ଟର ଧାରଣା ନାହିଁ କହିଲେ ଚଳେ । ସବୁ ନିଜେ ନିଜେ କରିବାକୁ ପଡ଼େ । ମୁଁ ଜାପାନ ଛାଡ଼ିବା ପୂର୍ବରୁ ମୋ ପେପର ଗ୍ରହଣ ହୋଇ ପ୍ରକାଶିତ ହୋଇଗଲା । ଏତେ ଅଳ୍ପଦିନ ରହଣୀ ଭିତରେ ଗୋଟାଏ ପ୍ରବନ୍ଧ ପ୍ରକାଶ କରିବା ବିରଳ ।

ଥରେ ସିଙ୍କାନ୍‌ସେନ୍ ଟ୍ରେନ୍‌ରେ ବସିବାର ଭାଗ୍ୟ ମୋତେ ମିଳିଥିଲା । ଏ ଟ୍ରେନ୍ ସବୁଠାରୁ ଦ୍ରୁତଗାମୀ ଟ୍ରେନ । ଟ୍ରେନ କମ୍ପାର୍ଟମେଣ୍ଟରେ ଚାରିପଟେ ଘୂର୍ଣ୍ଣମାନ ସିଟ୍ ଥାଏ । ଆଗକୁ କିମ୍ବା ପଛକୁ ମୁହଁ କରି ବସି ହେବ । ଟ୍ରେନଟି ଚାଲୁଥିବା ବେଳେ ଜଣା ପଡୁନଥାଏ ଏହା ଚାଲୁଛି କି ସ୍ଥିର ଅଛି । ଠିକ୍ ଏରୋପ୍ଳେନ୍ ଭଳି ମୋତେ ଲାଗୁଥାଏ । ଟ୍ରେନରେ ବସିଲା ଠାରୁ ମୁଁ ଫେରି ଯାଇଥିଲି କାହିଁ କେତେ ପଛକୁ । ୧୯୬୨ ମସିହାର କଥା । ମ୍ୟାଟ୍ରିକ୍ ପରେ ବାପା ଫର୍ମ ପୁରଣକରି ଭଦ୍ରକ କଲେଜରେ ଦେଇ ଆସିଲେ । ମୋତେ ଯିବାକୁ ପଡ଼ି ନଥିଲା । ମୋର

ଜନ୍ମ ସ୍ୱାଧୀନତା ପୂର୍ବରୁ ଅର୍ଥାତ ୧୯୪୪ ମସିହା ଜୁଲାଇ ୧୦ ତାରିଖରେ ଏକ ନିପଟ ମଫସଲରେ। ପଞ୍ଚମ ଶ୍ରେଣୀରୁ ମୋର ଥିଲା ଶାଢ଼ୀ ପିନ୍ଧା। କାରଣ ୨ ମାଇଲ ବାଟ ଚାଲି ଚାଲି ଯିବାକୁ ହୁଏ ସ୍କୁଲକୁ। ଆମ ଗାଁରୁ ମୋ ବ୍ୟତୀତ କୌଣସି ଝିଅ ହାଇସ୍କୁଲରେ ପଢୁନଥିଲେ ସେତେବେଳେ। ସେତେବେଳକାର ଡ୍ରେସ୍ ଥାଏ ଫ୍ରକ। ଆଣ୍ଠୁ ତଳ ବେଶୀ ଲୁଚୁ ନଥିଲା। ବୋଉର ସବୁବେଳେ ତାଗଦା ଥାଏ ପୁଅମାନଙ୍କ ସହ ସ୍କୁଲକୁ ଯାଉଛୁ, ଗୋଡ଼ ଲୁଚିବା ଦରକାର। ନିଜ ନାଁ ସେ ଲେଖିପାରେନି। ମୋ ଜେଜେମା' ସେତେବେଳେ ସବାରିରେ ବସି ବୃତ୍ତି ପରୀକ୍ଷା ଦେବାକୁ ଯାଇଥିଲେ ଓ ମୋ ବାପା ଜନ୍ମ ହେବାଯାଏ ମାସକୁ ଦୁଇ ଟଙ୍କା ବୃତ୍ତି ପାଉଥିଲେ। ପାଠର ମର୍ଯ୍ୟାଦା ସେ ବୁଝି ଥିଲେ। ଜେଜେମା'ଙ୍କ ପ୍ରେରଣାରୁ ମୋର ପାଠ ପଢ଼ା ହୋଇଥିଲା ଭଦ୍ରକ କଲେଜରେ। ଆମ ଗାଁ ଦେଇ ବର୍ଷା ଋତୁରେ ବସ୍ ଚଳାଚଳ ବନ୍ଦ। କାରଣ ରାସ୍ତା ଥିଲା ସମ୍ପୂର୍ଣ୍ଣ କଚା କାଦୁଅ ମାଟିର ରାସ୍ତା। ପ୍ରାୟ ୨୦ କି.ମି. ଚାଲି ଚାଲି ଆସିଲେ ବସ୍ ଧରିବାକୁ ହୁଏ। ଟିଣ ବାକ୍ସ, ସତରଞ୍ଜି ଗୁଡ଼ା ବେଡ଼ିଂ - ଏସବୁ ଧରି ଚାଲି ଚାଲି ଯିବା ସମ୍ଭବ ନୁହଁ। ତେଣୁ ଶଗଡ଼ଟିଏ ଠିକ୍ ହେଲା। ଶଗଡ଼ରେ ବସି ମୁଁ ଯାଇଥିଲି ଭଦ୍ରକ କଲେଜ। ମନେ ଅଛି ହଷ୍ଟେଲକୁ ନଯାଇ ଗାଡ଼ି ପହଞ୍ଚିଲା କେମେଷ୍ଟ୍ରି ଡିପାର୍ଟମେଣ୍ଟର ଗ୍ୟାସ ଟାଙ୍କି ପାଖରେ। ପ୍ରଭୁ କରୁଣାମୟଙ୍କ ଆଶୀର୍ବାଦରୁ ଆଜି ଜାପାନରେ ସିଙ୍କାନ୍‌ସେନ୍ ଟ୍ରେନରେ ବସି ପାରିଛି। ଜେଜେମା'ଙ୍କ ପାଖରେ କନ୍ଥାରେ ଶୋଇ ଶୋଇ ତାଙ୍କ ପାଖରୁ ସ୍ୱାଧୀନତା ସମୟରେ ଗାନ୍ଧିଜୀଙ୍କର ଆହ୍ୱାନ, ଅଗଷ୍ଟ ପନ୍ଦର ଦିନ ପିଢ଼ା ଉପରେ ଚଢ଼ି ଶଙ୍ଖ ଫୁଙ୍କିବା କଥା ଶୁଣିଛି। ଆଜି ରାଜକୀୟ ପ୍ରାସାଦ ଭଳି ଗେଷ୍ଟ ହାଉସ୍, ସୁନ୍ଦର ଗଦି ଇତ୍ୟାଦି ମିଳିଲା ଏହା ମୋ ଜେଜେମା'ଙ୍କ ଆଶୀର୍ବାଦ ଓ ମୋ କର୍ମନିଷ୍ଠାତାର ଫଳ ନୁହଁତ ଆଉ କ'ଣ ?

ଆମର ଖରାଦିନ ବେଳକୁ ଜାପାନରେ ବର୍ଷାଦିନ। ତା'ପରେ ଆସେ ଶରତ। ଚାରିଆଡ଼େ ଫୁଲର ସମ୍ଭାର। ଅକ୍ଟୋବରରେ ଲମ୍ବା ଛୁଟି ଥାଏ। ମୋ ପ୍ରଫେସରର ସପରିବାର ଓ ମୁଁ ବାହାରିଲୁ outingରେ। ୬-୭ ଦିନ ବାହାରେ ବୁଲାବୁଲି କରିବାର ଥାଏ। ବିଭିନ୍ନ ପ୍ରକାର ହୋଟେଲ ବିଭିନ୍ନ ଜାଗାରେ ବୁକ୍



କରାଯାଇଥାଏ, କେଉଁଠି ଟ୍ରାଡ଼ିସନାଲ୍, କେଉଁଠି ଆମେରିକାନ୍ ଷ୍ଟାଇଲ୍‌ର ହୋଟେଲ ଇତ୍ୟାଦି। ଲାବୋରେଟୋରୀରେ ଅନେକଥର ପ୍ରଫେସର ପଚାରିଛନ୍ତି ମୁଁ "hot spring" ଭଲ ପାଏ କି ନାଁ? ଉଷୁମ ପାଣି ମୋତେ ଭଲ ନ ଲାଗିବ ବା କାହିଁକି ? ସବୁବେଳେ ସେଠାରେ ମୋତେ ଅଳ୍ପ ବହୁତେ ଶୀତ ଲାଗୁଥାଏ। ମୁଁ ହଁ କହିଲି। ବିଭିନ୍ନ ପ୍ରକାର ହୋଟେଲର ଢଙ୍ଗ ଢାଙ୍ଗ ଭିନ୍ନ। ଗୋଟିଏ ହୋଟେଲରେ ସକାଳ ଜଳଖିଆ ମୁଁ ଆଜିଯାଏ ଭୁଲିନି। ତଳେ ଧାଡ଼ି ହୋଇ ବସିଲୁ। ଛଟ ଛଟ ହେଉଥିବା ପ୍ରାୟ ଏକ ଇଞ୍ଚିଆ ଚିଙ୍ଗୁଡ଼ି, କୁନି କୁନି ଗେଣ୍ଡା ପ୍ରଥମେ ପରଶା ଗଲା। ତାକୁ ଦେଖି ମୁଁ ଛାନିଆ। ଖାଇବି କ'ଣ ? ସେମାନେ କାଠି ସାହାଯ୍ୟରେ କୁନି କୁନି ଗେଣ୍ଡା ଭିତରୁ ମାଂସ ଟାଣି ଆଣି ସୋୟାସସ୍‌ରେ ବୁଡ଼ାଇ ଖାଇଦେଲେ। କଞ୍ଚା ଲଙ୍କା ଚୋବାଇଲା ଭଳି ଚିଙ୍ଗୁଡ଼ି କଡ଼ କଡ଼ କରି ଚୋବାଇଲେ। ମୁଁ ଏହା ଖାଇବାକୁ ମନା କଲାରୁ ରକ୍ତଲଗା କଞ୍ଚା ସାଲ୍‌ମନ୍ ମାଛ ଖଣ୍ଡ କେତେଟା ପ୍ଲେଟରେ ଥୋଇଲେ। କ'ଣ ଖାଇବି ? ଏମାନେ କେମିତି ଏତେ କଞ୍ଚା ଜିନିଷ ଖାଉଛନ୍ତି ? ଏସବୁ ଭାବି ମୋ ମୁଣ୍ଡ ଘୁରିଗଲା। ପାଉଁରୁଟି ଖଣ୍ଡିଏ ଚୋବାଇ ସେଦିନ ସକାଳଟା କଟାଇଲି। ସେମାନେ କଞ୍ଚାମାଛ, ଗେଣ୍ଡା, କଞ୍ଚା ଶୁଖୁଆ ଇତ୍ୟାଦି ଖୁସିରେ ଖାଇଲେ। ଏମିତି ପ୍ରତ୍ୟେକ ହୋଟେଲରେ ଅଧା ଖିଆ ହେଲି। ଶେଷରେ ଗୋଟିଏ ହୋଟେଲରେ ପହଞ୍ଚିଲୁ ଦିନ ପ୍ରାୟ ୧୨ଟାରେ। ସେ ହୋଟେଲରେ ସମସ୍ତଙ୍କ ପାଇଁ ହୋଟେଲ ଡ୍ରେସ୍ ରଖା ଯାଇଥିଲା। ଟିକିଏ ଉଚ୍ଚମାନର ହୋଟେଲ ଭଳି ଲାଗିଲା। ଗୋଧୋଇବା ପାଇଁ ବାହାରିଲୁ। ମିସେସ୍ ଆଶାକୁରା ମୋ ରୁମ୍‌ରୁ ମୋତେ ଡାକି ନେଇ ଗାଧୁଆ ଘର ପାଖରେ ଛାଡ଼ି ଆସିଲେ। ହୋଟେଲର ମଝାମଝିରେ ଗାଧୁଆ ଘର। ଗାଧୁଆ ଘରକୁ ପଶିବା ପୂର୍ବରୁ ଆଉ ଗୋଟିଏ ରୁମ୍ ଦେଇ ଯିବାକୁ ହୁଏ। ସେ ରୁମ୍‌ରେ ଅନେକ କପ୍‌ବୋର୍ଡ଼ ଥାଏ। ଦୁଇ ଜଣ ସ୍ତ୍ରୀ ଲୋକ ସେଠାରେ ବସିଥାଆନ୍ତି। ମୁଁ ଲୁଗାପଟା ଧରି ବସିଲି। କିଛି ସମୟ ପରେ ବସିଥିବା ଦୁଇଜଣଙ୍କ ମଧ୍ୟରୁ ଜଣେ ସମ୍ପୂର୍ଣ୍ଣ ଉଲଗ୍ନ ହୋଇ କପ୍‌ବୋର୍ଡ଼ରେ ଲୁଗାପଟା ରଖିଦେଇ କବାଟ ଖୋଲି ଗାଧୁଆ ରୁମ୍ ଭିତରକୁ ପଶିଲେ। ମୁଁ ତା'ର ଏ ଅବସ୍ଥା ଦେଖି ଆଖିବୁଜି ପକାଇଲି। ବହୁତ ସମୟ ଚାଲିଗଲା। ଗାଧୁଆ ଘରୁ କେହି ବାହାରିଲେ ନାହିଁ। ବହୁତ ବାଟ ଯାତ୍ରା କରିଥିବାରୁ ଦେହ ଝାଳୁଆ ଝାଳୁଆ ଲାଗୁଥାଏ। କେମିତି ଗାଧୋଇ ପଡ଼ିବି ସେ

କଥା ଭାବୁଥାଏ । ଡେରି ହେବା ଦେଖି ମନରେ କୌତୂହଳ ସୃଷ୍ଟି ହେଲା । ଗାଧୁଆ ଘର କବାଟ ଭିତର ପଟୁ ବନ୍ଦ ହୋଇନଥାଏ । ଏହା ଆଉଜା ହୋଇଥାଏ । ଏତେ ସମୟ କ'ଣ କରୁଛନ୍ତି ଭାବି ଟିକିଏ ଖୋଲିଦେଇ ଚାହିଁଲି ଭିତରକୁ । ଗାଧୁଆ ଘର ଭିତରେ ଛୋଟ ପୋଖରୀଟିଏ । ପାଣି ଉପରେ ଧୂଆଁ ଉଠୁଥାଏ । ପାଣି ଭିତରେ ୬-୭ ଜଣ ସମ୍ପୂର୍ଣ୍ଣ ଉଲଗ୍ନ ସ୍ତ୍ରୀ ଲୋକ ଗାଧୋଉଥାନ୍ତି । ପୋଖରୀର ଚାରିପଟେ ପଥରରେ ଚାରିଟି ତୁଠ ହୋଇଥାଏ । ପୋଖରୀ ହୁଡ଼ା ପଥରରେ ତିଆରି । ପୋଖରୀ ତୁଠରେ କେତେଜଣ ଉଲଗ୍ନ ସ୍ତ୍ରୀ ଲୋକ ବସି ଗପସପ କରୁଥାନ୍ତି । ଏ ସବୁ ଦୃଶ୍ୟ ମୋ ପାଇଁ ପ୍ରଥମ ଥିଲା । ସେମାନଙ୍କୁ ଏ ଅବସ୍ଥାରେ ଦେଖି ମୋ ଆଖି ବୁଜି ପଡ଼ିଲା । ମୁଁ ଫେରିଆସିଲି ଦୁଆର ପାଖରୁ । ମୁଣ୍ଡ ମୋର ଚକର ଖାଇଲା । ବସି ପଡ଼ିଲି ଚେୟାରରେ । ମୋର ଡେରି ହେବା ଦେଖି ମିସେସ ଆଶାକୁରା ଆସିଲେ ଗାଧୁଆ ଘର ପାଖକୁ । ମୋ କଥା ଶୁଣି ସେ ହସି ପକାଇଲେ । ମୋ ରୁମ ସାମନାରେ ଥିବା ବେସିନ୍‌ରେ ପାଣି ଭର୍ତ୍ତି କରି ମୁଁ ଧୁଆ ଧୋଇ ହେଲି ସେଦିନ । ତା'ପରେ ସମସ୍ତେ ହୋଟେଲ ଡ୍ରେସ୍ ପିନ୍ଧି ଛୋଟ ଛୋଟ ଟୁଲ୍ ଉପରେ ପ୍ଲେଟ ରଖି ଖାଇଲୁ । ସେଦିନର ଅନୁଭୂତି ଥିଲା ମୋ ପାଇଁ ବିଚିତ୍ର । ପଚାରି ବୁଝିଲି, ସଂମ୍ଭାନ୍ତ ଘରର ସ୍ତ୍ରୀ ଲୋକମାନେ ପୋଖରୀରେ ଗାଧୋଇବାର ସୁବିଧା ପାଆନ୍ତି ନାହିଁ । ତେଣୁ ଏମିତି ବଡ଼ ବଡ଼ ହୋଟେଲରେ ଥିବା ପୋଖରୀରେ ଉଷୁମ ପାଣିରେ ଗାଧୋଇବାର ସୁବିଧା ଥିବାରୁ ଏବଂ ପୋଖରୀ ତୁଠରେ ବସି ନିଜ ଘର, ପିଲାଛୁଆ, ବନ୍ଧୁ ବାନ୍ଧବଙ୍କ କଥା ଗପସପ କରିବାର ସୁଯୋଗ ମିଳୁଥିବାରୁ ସେମାନେ ଏଭଳି ହୋଟେଲରେ ରହନ୍ତି । ପୁରୁଷମାନଙ୍କ ପାଇଁ ସେହିଭଳି ଅଲଗା ଗାଧୁଆ ଘର ଥାଏ ।

ଜାପାନୀ ପିଲାମାନଙ୍କୁ ପଢ଼ାଇବାର ସୁଯୋଗ ମିଳିଥିଲା ମୋତେ । ବ୍ଲାକବୋର୍ଡ଼ରେ ଚକ୍‌ରେ ଲେଖିବା ଆମର ଅଭ୍ୟାସ । ଚକ୍ ଗୁଣ୍ଡ ଉପରେ ପଡ଼ିଲେ ବ୍ୟତିବ୍ୟସ୍ତ ହୋଇ ଯାଉଥିଲେ ସେମାନେ । ମୋର ଇଂରାଜୀରେ କହିବାର ସ୍ପିଡ୍ ଅଧିକ ଥିବାରୁ ସେମାନେ ଧରି ପାରୁନଥିଲେ । ଗୋଟିଏ ଦୁଇଟି କ୍ଲାସ ପରେ ରହି ରହି ବୁଝାଇବାରୁ ସେମାନେ ଖୁବ୍ ଭଲରେ ବୁଝି ପାରିଲେ । ପଲିମରର ମୂଳ ପାଠ



ସେମାନଙ୍କୁ ପଢ଼ାଉଥିଲି । ସେମାନେ ଖୁବ୍ ଖୁସି ହେଉଥିଲେ । ଆମ ଗୁରୁ ଦିବସର ମାହାତ୍ମ୍ୟ ତାଙ୍କୁ ଥରେ କହିଥିଲି । ସେମାନେ ସେପ୍ଟେମ୍ବର ୫ ତାରିଖ ଦିନ ଗୋଟିଏ ଭୋଜିର ଆୟୋଜନ କରି ମୋତେ ବହୁତ ସମ୍ମାନ ଦେଖାଇଥିଲେ ।

ଟୋକିଓରେ ଥିବା ସମୟରେ ଅନେକ ବୁଦ୍ଧ ମୂର୍ତ୍ତି ଦେଖିଛି, ବଡ଼ ବଡ଼ ସ୍ରାଇନ୍ ଦେଖିଛି । ସ୍ରାଇନ୍‌ରେ ପତଳା ଗଦି ଆସନରେ ଜାପାନୀମାନେ ଆଣ୍ଠେଇ ବୁଦ୍ଧଙ୍କୁ ପୂଜା କରନ୍ତି । ଧୂପକାଠି କେବଳ ମୃତ ବ୍ୟକ୍ତି ପାଖରେ ଦିଆଯାଏ । ଦିଅଁଙ୍କ ପାଖରେ ଦିଆଯାଏ ନାହିଁ । ବଡ଼ ବଡ଼ ଡ୍ରମରେ ଡ୍ରମଷ୍ଟିକ୍ ବାଡ଼େଇ ଢାଏଁ ଢାଏଁ ଶବ୍ଦ ସୃଷ୍ଟି କରନ୍ତି । ଅନେକ ପାର୍ଟିରେ ଯୋଗ ଦେଇଛି । ଡ୍ୟାନ୍ସ କରିବାର ସୁଯୋଗ ପାଇଥିଲେ ମଧ୍ୟ ଡ୍ୟାନ୍ସ କରିପାରିନି । ଭାରତରେ ଜାପାନ ଶାଢ଼ୀର ଖୁବ୍ ଆଦର ଅଛି । ଜାପାନୀଙ୍କ ଘରେ କିମୋନୋ ପିନ୍ଧିଛି ଓ ଅନେକ ଫଟୋ ଉଠାଇଛି । ମୋର ଶାଢ଼ୀ ସଉକ । ତେଣୁ ଶାଢ଼ୀ କିଣିବା ପାଇଁ ବେଶ୍ ଦୂର ଦୂର ସ୍ଥାନକୁ ଯାଇଛି । ଜାପାନରେ ଶାଢ଼ୀ ତିଆରି କରାଯାଏ ନାହିଁ । ଭାରତର ଅନେକ ଉତ୍କୃଷ୍ଟ ଧରଣର ଶାଢ଼ୀ ଜାପାନକୁ ରପ୍ତାନୀ କରାଯାଏ । ଆମେ ସେହି ଶାଢ଼ୀ କିଣି ଭାବୁ ଏହା ଜାପାନୀ ଶାଢ଼ୀ ।

ଆଠ ମାସ ପୁରିବା ଆଉ ୧୫ ଦିନ ଥାଏ । ଯାହା ଫେଲୋସିପ୍, କଣ୍ଟିଜେନ୍‌ସି, ଇନ୍‌ସୁରାନ୍ସ, ଟ୍ରାଭେଲ ମନି ଇତ୍ୟାଦି ପାଇବା କଥା ପାଇଯାଇଥାଏ । ହିସାବ କରି ଦେଖିଲି ଯେତେ କାଟ୍‌ଛାଟ୍ କରି ଚଳିଲେ ବି ଦିନକୁ ଦଶ ହଜାର ଟଙ୍କା ଖର୍ଚ୍ଚ ହେଉଛି । ଗବେଷଣା କାମ ମଧ୍ୟ ସରି ଯାଇଥାଏ । ପ୍ରବନ୍ଧ ତ ପ୍ରକାଶ ହୋଇସାରିଥାଏ । କିଛି ଦର୍ଶନୀୟ ସ୍ଥାନ ଦେଖିଲା ପରେ ଫେରିଆସିଥିଲି ଭାରତ । କହିଲେ "ଏତେ କଥା ଲେଖିବା କ'ଣ ଦରକାର ?" ମନରେ ଡର ଥାଏ କାଳେ ଛାଡ଼ିବେ କି ନାଁ । ଗୋଟିଏ ମୁହୂର୍ତ୍ତରେ ସେ ସବୁ ଉଭେଇ ଗଲା । JSPS ଅଫିସକୁ ଫୋନ କରି ଅନୁମତି ନେଇଗଲେ ପ୍ରଫେସର । ଜାପାନ ଟ୍ରାଭେଲ ବ୍ୟୁରୋକୁ ଫୋନ୍ କରି ଫ୍ଲାଇଟ୍ ଟିକେଟ ପାଇଁ କହିଦେଲେ । ମୁଁ ଲଞ୍ଚ ଖାଇ ଫେରିଲା ବେଳକୁ ମୋ ଟେବୁଲ ଉପରେ ଜାପାନ ଛାଡ଼ିବା ପାଇଁ ଅନୁମତି ଚିଠି ଓ ଟିକେଟ ଥୁଆ ହୋଇଛି । ସେଦିନ କେତେ ଯେ ମୋତେ ଖୁସି ଲାଗିଛି ପ୍ରକାଶ

କରିବା କଷ୍ଟକର। ଏଇଥି ପାଇଁ ସେ ଦେଶର ଲୋକମାନେ ରିଲାକ୍ସ ମୁଡ୍‌ରେ କାମ କରନ୍ତି। କୌଣସି କାମରେ ଟେନ୍‌ସନ୍ ନେବାକୁ ପଡ଼େନି। ଦିନ ରାତି ଲାବୋରେଟୋରୀରେ ରାନ୍ଧିବାଢ଼ି ଖାଇ ଆରାମରେ କାମ କରନ୍ତି ପିଲାମାନେ।

ଗବେଷଣା ସମୟରେ କେତେକ ସ୍ଥାନ ବୁଲିବା ପରେ ଜାପାନ ଛାଡ଼ିବାକୁ ଅଳ୍ପଦିନ ଅଛି ଭାବି ଅନ୍ୟ କିଛି ସ୍ଥାନ ବୁଲାବୁଲି କରିବାକୁ ମନସ୍ଥ କଲି। ବିଚ୍ଛିନ୍ନ ଭାବରେ ଥିବା କେତୋଟି ଛୋଟ ଛୋଟ ଦ୍ୱୀପ ଓ ତା'ର ଦର୍ଶନୀୟ ସ୍ଥାନ ବୁଲି ଦେଖିବାର ସୌଭାଗ୍ୟ ମୋତେ ମିଳିଥିଲା।

ଜାପାନ ଦେଶଟି କେତେଗୋଟି ଛୋଟ ଛୋଟ ଦ୍ୱୀପକୁ ନେଇ ଗଠିତ। ସେଗୁଡ଼ିକ ହେଲା ହୋକାଇଦୋ, ହନ୍‌ସୁ, ତୋହକୁ, କାଣ୍ଟୋ, ଚ୍ୟୁବୁ, ଚୋଗାକୁ, କିଙ୍କି, ସିକୋକୁ, କ୍ୟୁସୁ ଓ କିନାୱା। ଜାପାନର ରାଜଧାନୀ ଟୋକିଓ କାଣ୍ଟୋ ଦ୍ୱୀପରେ ଅବସ୍ଥିତ। ହୋକାଇଦୋ ଓ କ୍ୟୁସୁ ଅନ୍ୟ ଦ୍ୱୀପମାନଙ୍କଠାରୁ ବିଚ୍ଛିନ୍ନ। ଏହି ଦେଶଟି ଜାପାନ ସାଗର ଓ ପେସିଫିକ୍ ମହାସାଗରଦ୍ୱାରା ବେଷ୍ଟିତ। ଏଠାରେ ବୌଦ୍ଧଧର୍ମାବଲମ୍ବୀ ଲୋକମାନେ ରହନ୍ତି। ସେମାନଙ୍କୁ ସିନ୍‌ତୋ କୁହାଯାଏ। ଏଠାରେ ଅନେକ ପାହାଡ଼ ଥିବାରୁ ଅନେକ ସ୍ଥାନରେ ସୁଡ଼ଙ୍ଗ ଭିତରେ କାର୍, ବସ୍, ଟ୍ରେନ୍ ଚଳାଚଳ କରେ। ମାଇଲ ମାଇଲ ସୁଡ଼ଙ୍ଗ ଭିତରେ କାର ଯିବା ଦେଖି ପ୍ରଥମେ ପ୍ରଥମେ ମୁଁ ଡରି ଯାଉଥିଲି। ତାହାପରେ ଏହା ଦେହସୁହା ହୋଇଗଲା।

କିଓଟୋରେ ସିବୁୟା, ସିଞ୍ଜୁକୁ, ହାରାଜିକୁ, ଗିଞ୍ଜା, ଆଶାକୁସା, ଆକିହାବାରା, ୱେନୋ ଇତ୍ୟାଦି ପ୍ରସିଦ୍ଧ ସହର। ଆକିହାବାରାରେ ଅନେକ ଭାରତୀୟ ସାମଗ୍ରୀ ମିଳୁଥିବାରୁ ଏହି ସହରରେ ଭାରତୀୟମାନଙ୍କର ଭିଡ଼ ଜମିଥାଏ। ମୋ ରହଣି ଭିତରେ କିଛି ଇଲେକ୍ଟ୍ରୋନିକ ଜିନିଷ ଏଠାରୁ କିଣିଥିଲି। ବେଶଭୂଷା ଓ ଆଚରଣ ଭଙ୍ଗୀରେ ପ୍ରଚଳିତ ପଦ୍ଧତି, ଏହାର ଐତିହାସିକ ପ୍ରାରମ୍ଭ, ପୁରାତନ ରାଜମହଲର ସଂରକ୍ଷଣ, ଫୁଲ ବଗିଚା, ଦ୍ରୁତଗାମୀ ଟ୍ରେନ ସିଙ୍କାନ୍‌ସେନ୍ ଇତ୍ୟାଦି ପାଇଁ ଜାପାନ ପୃଥିବୀରେ ପ୍ରସିଦ୍ଧି ଲାଭ କରିଛି। ଟୋକିଓରେ ଅବସ୍ଥିତ ସେନ୍‌ସୋଜି ମନ୍ଦିର ଓ ଆଶାକୁସା ସ୍ରାଇନ। ପ୍ରସିଦ୍ଧ ଐତିହାସିକ ଟୋକିଓ ଦୃଶ୍ୟ ଦେଖି ଯାତ୍ରୀମାନେ



ବିମୋହିତ ହୋଇଯାଆନ୍ତି। ଏଠାରେ ଥିବା ଟୋକିଓ ଟାୱାର ପୃଥିବୀ ବିଖ୍ୟାତ। ଏସବୁ ଦେଖିବାର ସୁଯୋଗ ମୁଁ ପାଇଥିଲି। ସିବୁୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ, ମ୍ୟୁଜିକ୍, ଗେମ୍ ଆକର୍ଷଣୀୟ। ୱେନରେ ମ୍ୟୁଜିୟମ, ଗ୍ୟାଲେରୀ, ପୁରାତନ ପଦ୍ଧତିରେ ପ୍ରଚଳିତ ସାମଗ୍ରୀର ବଜାର ଇତ୍ୟାଦି ଦେଖିବାକୁ ମିଳେ। ଥରେ ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖିବାକୁ ସିବୁୟା ଯାଇଥିଲି। ହାରାଜୁକୁ ଲୋକମାନେ ଅମିତବ୍ୟୟୀ ଏବଂ ଅଯଥାରେ ଖାଦ୍ୟ ନଷ୍ଟ କରନ୍ତି। ଏଠାକାର ସୌଖୀନ ପୋଷାକ ଓ ପଦାର୍ଥ ପୃଥିବୀ ବିଖ୍ୟାତ। ସୁମିଦା ନଦୀ କୂଳରେ ଆଶାକୁସା ସହର ଗଢ଼ି ଉଠିଛି। ପର୍ବ ପର୍ବାଣୀ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ଏହି ସହରଟି ଜାପାନ ବିଖ୍ୟାତ।

ପୃଥିବୀ ବିଖ୍ୟାତ ଐତିହାସିକ କୀର୍ତ୍ତି ସମ୍ପର୍ଣ୍ଣ ବୁଦ୍ଧ ମନ୍ଦିର, ସିନ୍‌ତୋ ଧର୍ମାବଲମ୍ବୀମାନଙ୍କର ଦେବାଳୟ, ନିକୋ ଜାତୀୟ ପାର୍କ, ପର୍ବତ ଦୃଶ୍ୟ ଇତ୍ୟାଦି ପାଇଁ କାଣ୍ଟୋ ଦ୍ୱୀପ ପ୍ରସିଦ୍ଧି ଲାଭ କରିଛି। କାନ୍‌ସାଇ ଦ୍ୱୀପରେ ପୃଥିବୀ ବିଖ୍ୟାତ ଓସାକା ସହର ଅବସ୍ଥିତ। ଏଠାରେ ସବୁ ଦେଶର ଉତ୍ତମ ଖାଦ୍ୟ ସାମଗ୍ରୀ ବିକ୍ରୟ ହୁଏ। ତେଣୁ ଅନେକ ଭାରତୀୟ ଖାଦ୍ୟ ସାମଗ୍ରୀ କିଣିବା ପାଇଁ ଓସାକା ଯାଆନ୍ତି। ମୁଁ ମଧ୍ୟ ଏହି ସହରରୁ କିଛି ଖାଦ୍ୟ ସାମଗ୍ରୀ କିଣିଥିଲି। ଏହି ଦ୍ୱୀପରେ କିଓଟୋ ସହର ଅବସ୍ଥିତ। ଏହା ପୂର୍ବରୁ ଜାପାନର ରାଜଧାନୀ ଥିଲା। ଏଠାରେ ଅନେକ ବୁଦ୍ଧମନ୍ଦିର, ବାଉଁଶରେ ତିଆରି ପଦାର୍ଥ, ସିନ୍‌ତୋ ଧର୍ମାବଲମ୍ବୀମାନଙ୍କ ଦେବାଳୟ, ପାହାଡ଼ ପାଖ ବଗିଚା, ସ୍ୱର୍ଣ୍ଣ ମନ୍ଦିର ଦେଖିବାକୁ ମିଳେ। ନାରାରେ କାଠରେ ନିର୍ମିତ ବଡ଼ ବଡ଼ ଘର ଦୃଶ୍ୟମାନ ହୁଏ। କିଓଟୋ ଦେଖିବାର ସୌଭାଗ୍ୟ ମୋତେ ମିଳିନଥିଲା ପ୍ରଥମ ଥର। ଦ୍ୱିତୀୟଥର ମୁଁ ଯାଇଥିଲି କିଓଟୋ।

ହିମୋଜିରେ The White Heron ନାମକ ସୁନ୍ଦର ରାଜପ୍ରାସାଦ ଅଛି। ମିୟାଜିମାରେ ଭାଷମାନ ଟୋରି ଦେଖାଯାଏ। ନିକୋରେ ଟୋସୋଗୁ ସ୍ରାଇନ ଅବସ୍ଥିତ। ହୋକାଇଦୋ ଦ୍ୱୀପରେ ଭୁସୁଡ଼ି ପଡ଼ିଥିବା ସ୍ଥଳଭାଗ ଦୃଷ୍ଟିଗୋଚର ହୁଏ। ସକ୍ରିୟ ଆଗ୍ନେୟଗିରି ଥିବା ପାହାଡ଼ ହିୟୋରିୟାମା ଏଠାରେ ଅଛି। ଏହି ଦ୍ୱୀପକୁ

ନିକଟସ୍ଥ ଉଷ୍ଣପ୍ରସବଣର ନିର୍ଝରରୁ ଜଳ ଯୋଗାଇ ଦିଆଯାଏ । କ୍ୟୁସୁ ଦ୍ୱୀପରେ ନାଗାସାକି ଓ ଚ୍ୟୁଗୋକୁ ଦ୍ୱୀପରେ ହିରୋସିମା ସହର ଅବସ୍ଥିତ । ହିରୋସିମାରେ ବମ୍‌ଡୋମ୍ ଅବସ୍ଥିତ । ନାଗାସାକିରେ ପରମାଣୁ ବିସ୍ଫୋରଣ ହୋଇଥିଲା ୧୯୪୫ ମସିହା ଅଗଷ୍ଟ ୯ ତାରିଖରେ । ଏହି ସବୁ ସହର ଅଳ୍ପ ଦିନରେ ବୁଲି ଦେଖିବାର ସୁବିଧା ମୋତ ମିଳିଥିଲା ।

କାମାକୁରାରେ ଚିତ୍ରକଳା ସମ୍ପର୍କିତ ମନୁମେଣ୍ଟ ଦେଖିବାକୁ ଦିନେ ଯାଇଥିଲି । ମାଉଣ୍ଟ ଫୁଜି ଜାପାନର ଏକ ଦର୍ଶନୀୟ ପର୍ବତ । ଏହାର ଉଚ୍ଚତା ୩୭୭୬ ମିଟର । ଏହା ଜାପାନର ସୌନ୍ଦର୍ଯ୍ୟଭରା ପ୍ରାକୃତିକ ମାଇଲ ଖୁଣ୍ଟିଭଳି ଦଣ୍ଡାୟମାନ । ହଜାର ହଜାର ଲୋକ ଜୁଲାଇ ଏବଂ ଅଗଷ୍ଟମାସରେ ଏହା ଉପରକୁ ଚଢ଼ନ୍ତି । ଟୋକିଓ ଏବଂ କାଣ୍ଟୋରୁ ଏହି ପର୍ବତ ସୁନ୍ଦର ଭାବରେ ଦୃଶ୍ୟମାନ ହୁଏ । ଶୀତ ଋତୁରେ ଏହା ସ୍ପଷ୍ଟ ଦେଖାଯାଏ । ଏହି ପର୍ବତ ଉପରକୁ ଚଢ଼ିବା ପାଇଁ ସବୁ ପ୍ରକାର ସୁବିଧା କରାଯାଇଛି । ଲୋକମାନେ ପ୍ରାୟ ପୁଂଜିନୋମିୟା ଆଡୁ ପାହାଡ଼ ଉପରକୁ ଚଢ଼ନ୍ତି । ଏହା ଉପରକୁ ଚଢ଼ିବା ପାଇଁ ଟ୍ରେନର ସୁବିଧା ନାହିଁ । ଜୁଲାଇ ଓ ଅଗଷ୍ଟ ମାସରେ ସିଞ୍ଜୁକୁ ଷ୍ଟେସନରୁ ଲୋକମାନେ ବସରେ ଯାଆନ୍ତି । ପୁଂଜିରେ ଗୋଟିଏ ଯୌଗିକ ଆଗ୍ନେୟଗିରି ଅଛି । ୧୭୦୮ ମସିହାରେ ଏଠାରେ ଉଦ୍‌ଗିରଣ ହେବାପରେ ଏହା ନିଷ୍କ୍ରିୟ ହୋଇ ଯାଇଛି । ଏହି ପାହାଡ଼ ତଳେ ଛିଡ଼ା ହୋଇ ଏହାର ପ୍ରାକୃତିକ ସୌନ୍ଦର୍ଯ୍ୟ ଉପଲବ୍ଧି କରିଥିଲି ମୁଁ ।

ଗିଞ୍ଜା ଜାପାନର ଏକ ଦର୍ଶନୀୟ ସ୍ଥାନ । ଏଠାରେ ଗିଞ୍ଜା ଆପିଟୋମାଇଜେସ ଅଛି । ମାଟିତଳେ ରାସ୍ତା ମଧ୍ୟ ଏଠାରେ ପରିଲକ୍ଷିତ ହୁଏ । ଜାପାନ ସରକାରଙ୍କର କେନ୍ଦ୍ରୀୟ ଜାତୀୟ ବ୍ୟବସ୍ଥାପକ ସଭାଗୃହ ଏବଂ ଏମ୍ପିରିଆଲ ପ୍ୟାଲେସ ଏଠାରେ ଅବସ୍ଥିତ । ଏଠାରେ ବୈଦ୍ୟୁତିକ ଆତସବାଜି ଉପଭୋଗ କରାଯାଏ । ପ୍ରଦେଶର ମୁଖ୍ୟ, ଜାପାନର ଏମ୍ପରର ଏବଂ ପ୍ରଶାସନିକ ଲୋକମାନେ ରହିବା ପାଇଁ ବଡ଼ ବଡ଼ କୋଠାଘର ଏଠାରେ ପ୍ରତିଷ୍ଠା କରାଯାଇଛି । ଗୋଟିଏ ଦିନରେ ଏ ସବୁ ବୁଲି ବୁଲି ଦେଖିବା ମୋ ପକ୍ଷେ କଷ୍ଟକର ହୋଇ ପଡ଼ିଥିଲା ।



ପୁରାତନ ୧୨ଟି ରାଜପ୍ରାସାଦ ମଧ୍ୟରେ ହିମେଜି ରାଜପ୍ରାସାଦ ଅନ୍ୟତମ । ଏହାର ନାମ ହ୍ୱାଇଟ୍ ହେରୋନ କ୍ୟାସଲ । ଏହି ରାଜପ୍ରାସାଦ ପାଇନ୍ ଓ ଚେରି ଗଛ ଦ୍ୱାରା ପରିବେଷ୍ଟିତ । ଏହା ୧୩୩୩ ମସିହାରୁ ୧୩୪୬ ମସିହା ମଧ୍ୟରେ ନିର୍ମିତ ହୋଇଥିଲା । ଏହାର ସଂପ୍ରସାରଣ କରାଯାଇଥିଲା ୧୬୦୧ ମସିହାରୁ ୧୬୦୮ ମସିହା ମଧ୍ୟରେ । ଏହି ରାଜପ୍ରାସାଦ ଦେଖି ମୁଁ ସ୍ତମ୍ଭୀଭୂତ ହୋଇଯାଇଥିଲି ।

ହିରୋସିମା ଉପରେ ପରମାଣୁ ବୋମା ପ୍ରଚଣ୍ଡ ଶବ୍ଦ କରି ଫୁଟିଥିଲା ୧୯୪୫ ମସିହା ଅଗଷ୍ଟ ୬ ତାରିଖରେ । ଏହାର ଧ୍ୱଂସ ପରେ ଯେଉଁ ଅବଶେଷ ରହିଯାଇଥିଲା ତାହା "ବମ୍‌ଡ଼ୋମ" ନାମରେ ନାମିତ । ଏହା ବର୍ତ୍ତମାନ "ହିରୋସିମା ପିସ୍ ମୋମୋରିଆଲ ପାର୍କ"ର କେନ୍ଦ୍ରରେ ଅବସ୍ଥିତ । ଏଠାକୁ ହଜାର ହଜାର ଦର୍ଶକ ଆସନ୍ତି । ୟୁନାଇଟେଡ୍ ଷ୍ଟେଟ ଏବଂ ଚୀନର ବିରୋଧ ସତ୍ତ୍ୱେ ଏହା ପୃଥିବୀର ପ୍ରସିଦ୍ଧ ଐତିହାସିକ କୀର୍ତ୍ତି ଭାବରେ ଗ୍ରହଣ କରାଯାଇଛି । ପରମାଣୁ ବୋମା ବିସ୍ଫୋରଣର ପରବର୍ତ୍ତୀ ପରିଣାମ ଏବଂ ବିସ୍ଫୋରଣରେ ପ୍ରାୟ ୭୦ ହଜାର ଲୋକଙ୍କର ମୃତ୍ୟୁ ଘଟଣାକୁ ନେଇ ଉଠିଥିବା ଫଟୋ ଚିତ୍ର ଏଠାରେ ଦେଖିବାକୁ ମିଳେ । ଏହି ପ୍ରଳୟଙ୍କରୀ ବୋମାର ଆବଶ୍ୟକତା ଉପରେ ଆଜି ବହୁତ ତର୍କ କରାଯାଉଛି ।

କାମାକୁରା ଜାପାନର ଅନ୍ୟ ଏକ ମନୁମେଣ୍ଟ । ଏହା ଟୋକିଓ ଏବଂ ୟୋକୋହାମାର ନିକଟବର୍ତ୍ତୀ ସହର । ତେଣୁ ଲୋକମାନେ କାଣ୍ଟୋରୁ ଏଠାକୁ ଯାଆନ୍ତି । ଏଠାରେ ଏକ ବୃହତ୍ତ ବୁଦ୍ଧ ମୂର୍ତ୍ତି ସ୍ଥାପନ କରାଯାଇଛି । ଏହି ମୂର୍ତ୍ତି ପ୍ରଥମେ ଗୋଟିଏ କୋଠାଘରେ ରଖାଯାଇଥିଲା । ପଞ୍ଚଦଶ ଶତାବ୍ଦୀରେ ଟାଇଫୋନ୍‌ରେ ଏହି ଘର ନଷ୍ଟ ହୋଇଗଲା । ଏହାର ଉଚ୍ଚତା ୪୪ ଫୁଟ ଏବଂ ଓଜନ ୯୩ ଟନ୍ । ୧୨୯୨ ମସିହାରେ ଏହି ବ୍ରଞ୍ଜ ମୂର୍ତ୍ତିଟି ତିଆରି ହୋଇଥିଲା । ଏହି ମୂର୍ତ୍ତି ପାଖରେ ଛିଡ଼ାହୋଇ ମୁଁ ଫଟୋ ଉଠାଇଥିଲି ।

ମାସୁମୁଟୋ ରାଜପ୍ରାସାଦ ୧୫୦୪ ମସିହାରେ ସ୍ଥାପନ କରାଯାଇଥିଲା । ଏହାର ଆକୃତି କାଉ ସଦୃଶ ହୋଇଥିବାରୁ ଏହାର ଡାକ ନାମ "କ୍ରୋ କ୍ୟାସଲ୍" ।

ଜାପାନରେ ରାଜପ୍ରାସାଦଗୁଡ଼ିକ ସେ ଦେଶର ଜାତୀୟ ସମ୍ପତ୍ତି । ଏଠାରେ ପାଞ୍ଚ ମହଲା ପାଗୋଡ଼ା ଦେଖିବାକୁ ମିଳେ ।

ନିକୋରେ ଅନେକ ଝରଣା, ହ୍ରଦ ଓ ସ୍ରାଇନ ଅଛି । ଏହାକୁ ଦେଖିବା ପାଇଁ ଅନେକ ଯାତ୍ରୀ ନିକୋ ଯାଆନ୍ତି । ନାରା ଜାପାନର ପୁରାତନ ରାଜଧାନୀ ଏବଂ ପ୍ରଥମ ସହର । ଏହି ସହର ଆଠଶହ ମସିହାରେ ସ୍ଥାପିତ ହୋଇଥିଲା । କାଠରେ ନିର୍ମିତ ପୃଥିବୀର ବୃହତ୍ତ ଟୁଡ଼ାଇ-ଜି ହଲ ପାଇଁ ଏହି ସହର ପ୍ରସିଦ୍ଧ । ଏହି ହଲ୍‌ରେ ଏକ ବିରାଟ ବୁଦ୍ଧ ମୂର୍ତ୍ତି ଅଛି ।

ଏହି ସବୁ ସ୍ଥାନ ଦେଖିବା ପାଇଁ ଟ୍ରେନ ଓ ବସ୍‌ରେ ଏବଂ ସ୍ଥାନେ ସ୍ଥାନେ ପାଦରେ ଚାଲି ଚାଲି ଯିବା ଦ୍ୱାରା ରାସ୍ତାଘାଟ ଓ ଗାଡ଼ି ମଟର ଚଳାଚଳ ବିଷୟରେ ମୋର ଅନେକ ଧାରଣା ହୋଇଗଲା । ଏଠାରେ ରାସ୍ତାରେ ଚାଲିଚାଲି ଯାତାୟତ କରିବା ଖୁବ୍ ସୁବିଧାଜନକ । ଗାଡ଼ି ଚାଳକମାନେ ପାଦଚଲା ଲୋକମାନଙ୍କ ପ୍ରତି ଖୁବ୍ ସାବଧାନ । ଟିକିଏ ବ୍ୟତିକ୍ରମ ହେଲେ ସଙ୍ଗେ ସଙ୍ଗେ ଡ୍ରାଇଭିଂ ଲାଇସେନ୍ସ ରଦ୍ଦ ହୋଇଯାଏ । ତେଣୁ ରାସ୍ତାରେ ଯାଉଥିବା ଲୋକଙ୍କ ପାଖରେ ସେମାନେ ଧୀରେ ଧୀରେ ଗାଡ଼ି ଚଲାଇ ଲୋକଙ୍କର ଅସୁବିଧା ନକରି ଚାଲି ଯାଆନ୍ତି । ରାସ୍ତା ଉପରେ ପାଣି ଥିଲେ ସେମାନେ ଏମିତି କାଇଦାରେ ଗାଡ଼ି ଚଲାନ୍ତି ଯେ ପାଖରେ ଯାଉଥିବା ଲୋକ ଉପରେ ଟୋପାଏବି ପାଣି ପଡ଼େନି ।

ଅନେକ ସ୍ଥାନରେ ବୁଲିଲି । ସେମାନଙ୍କର ଚାଲି ଚଳଣ, ଖାଦ୍ୟପେୟ ଇତ୍ୟାଦି ଅନୁଧ୍ୟାନ କଲି । ବହୁତ ଲକ୍ଷ୍ୟ କରି ମଧ୍ୟ ଗୋଟିଏ ଭିକାରି କେଉଁଠାରେ ଦେଖିବାକୁ ପାଇଲିନି । ସେ ଦେଶ ଆର୍ଥିକ ଦୃଷ୍ଟିକୋଣରୁ କେତେ ଯେ ସମୃଦ୍ଧ ଏହା ଏଥିରୁ ପ୍ରତୀୟମାନ ହୁଏ । ଲୋକମାନଙ୍କ ମଧ୍ୟରେ ଥିବା ଆର୍ଥିକ ଅବସ୍ଥାର ବ୍ୟବଧାନ ଖୁବ୍ କମ୍ ।

ଜାପାନୀମାନେ ଅନେକ କ୍ଷେତ୍ରରେ ଭାରତୀୟଙ୍କ ଭଳି । ମୋ ଲାବୋରେଟୋରୀ ପାଖରେ ଲୋବୋରେଟୋରୀ ଥାଏ ପ୍ରଫେସର ଓନୋଙ୍କର । ତାଙ୍କ ସହିତ ମୋର ବନ୍ଧୁତା ହୋଇଯାଇଥାଏ । ମୁଁ ଜାପାନ ଛାଡ଼ିବାର ଦୁଇଦିନ



ପୂର୍ବରୁ ସେ ମୋତେ ଟୋକିଓରେ ଥିବା ଭାରତୀୟ ରେଷ୍ଟୁରାଣ୍ଟ "ମହାରାଜା"କୁ ରାତ୍ରୀଭୋଜନ ପାଇଁ ଡାକିଲେ । ଇଂରାଜୀ କହି ପାରୁଥିବା ଜର୍ମାନୀ ଝିଅଟିଏ ଆମ ସାଙ୍ଗରେ ଗଲା । ଖାଇବା ଆଇଟମ୍ ମୁଁ ବାଛିବାକୁ ସେମାନେ କହିଲେ । ପ୍ରଥମେ ସିଙ୍ଗଡ଼ା ଓ ପୁରି ଦେଖି ମୁଁ ଖୁସି ହୋଇଗଲି । ଚିକେନ ତନ୍ଦୁରି ଇତ୍ୟାଦି ଖାଇଲୁ । ଭାରତୀୟ ରନ୍ଧା ଖାଦ୍ୟ ଖୁବ୍ ଖୁସିରେ ସେମାନେ ଖାଇଲେ । ସାମାନ୍ୟ ୱାଇନ୍ ନେବା ପାଇଁ ପ୍ରଫେସର ଓନୋ ମୋତେ ବହୁତ ଅନୁରୋଧ କଲେ । ମୁଁ ମନା କଲି । କାରଣ ଡରଥାଏ କାଳେ ବେହୋସ ହୋଇଯିବି । ମୁଁ ଲସି ପିଇଲି । ସେମାନେ ୱାଇନ୍ ପିଇଲେ ।

ଲାବୋରେଟୋରୀରେ ମୋର ଶେଷ ଦିନର ଅନୁଭୂତି ଥିଲା ଖୁବ୍ ଦୁଃଖ ଦାୟକ । ରାତି ପାହିଲେ ମୁଁ ଜାପାନ ଛାଡ଼ିବାର ଥାଏ । ଶେଷଦିନ ପାଇଁ ଲାବୋରେଟୋରୀରେ ପଶିଲି । ସବୁ ସହକର୍ମୀ ଦୁଃଖରେ ଚୁପ୍‌ଚାପ୍ ଥାଆନ୍ତି । ଯେଉଁ ସ୍ଥାନ କେଉଁଦିନ ଛାଡ଼ିବି ଦିନ ଗଣୁଥିଲି ସେହି ସ୍ଥାନରେ ଏମିତି ମାୟା ଲାଗି ଯାଇଥିଲା ଯେ ଛାଡ଼ିବା ଖୁବ୍ କଷ୍ଟକର ହୋଇ ପଡ଼ିଲା । ରୁମ୍‌ରେ ଶେଷଦିନ ଚେୟାରରେ ବସିଲା ଠାରୁ ଆସିବା ଯାଏ ଆଖିରୁ ଅବାରିତ ଲୁହ ବୋହିବାକୁ ଲାଗିଲା । ଏହି ରୁମ୍, ଏହି ୟୁନିଭରସିଟି, ଲାଇବ୍ରେରୀ, ଏହି ଲାବୋରେଟୋରୀ, ଏହି ସାଙ୍ଗମାନେ ଇତ୍ୟାଦି ସବୁ ରହିଯିବେ ଏଠାରେ । ମୁଁ ଚାଲିଯିବି ଭାରତ । ଆଉ ଦେଖିବାର ସୁଯୋଗ ମିଳିବନି । ବାରମ୍ବାର ଏହି କଥା ମୁଁ ମନେ ମନେ ଦୋହରାଉଥାଏ । ୪ଟା ବାଜିଲା । ପ୍ରଫେସର ଶେଷ ମୁହୂର୍ତ୍ତ ଦେଖିନପାରିବା ପାଇଁ ବାଏ କରି ଚାଲିଗଲେ । ସବୁଦିନେ ସବୁ ପ୍ରଫେସର ପ୍ରତ୍ୟେକ ରୁମରେ ତାଙ୍କ ପିଲାଙ୍କୁ ବାଏ କହି ଯାଆନ୍ତି । ନିଜ ଛାତ୍ରମାନଙ୍କ ପ୍ରତି ତାଙ୍କର କେତେ ମମତା ଏଥିରୁ ସ୍ପଷ୍ଟ ହୁଏ । ଦୁଃଖର ସହିତ ୟୁନିଭରସିଟି ଛାଡ଼ିଲି । ସେଦିନ ରାତିରେ ଶୋଇ ପାରିଲିନି । ଓଇଟି ସହିତ ମୋର ବନ୍ଧୁତା ବଢ଼ି ଯାଇଥାଏ । ଏକା ଯିଦ୍ ଧରିଲା ମୋତେ ଏୟାରପୋର୍ଟରେ ଛାଡ଼ିବା ପାଇଁ । ପ୍ରଫେସର ଘର ପାଖ ରେଲୱେ ଷ୍ଟେସନକୁ ଆସିଲୁ ତା'ପରଦିନ ସକାଳେ । ପ୍ରଫେସର ଆଶାକୁରାଙ୍କ ସହିତ ସେଠାରେ ଦେଖାହେଲା । ମିସେସ୍ ଆଶାକୁରା, କୋମୁରା ଓ ଓଇଟି ସହିତ ନରିତା ଅଭିମୁଖେ ଯାତ୍ରା କଲି । ସେଦିନର ବେଦନା ସମ୍ବଳିତ ସକାଳ ଏବେ ମନେ

ପଡ଼ିଲେ ଆଖିରେ ଲୁହ ଭରିଯାଏ ।

ଜାପାନକୁ ମୁଁ ବହୁତ ଭଲପାଏ ଶ୍ରଦ୍ଧା କରେ । ଜୀବନ ସାରା ଜାପାନ ସ୍ମୃତିକୁ ଧରି ରଖିଥିବି । ଜାପାନୀ ସାଙ୍ଗମାନେ କହନ୍ତି "ତୁ କେଉଁ ଜନ୍ମରେ ଜନ୍ମ ହୋଇଥିଲୁ ଜାପାନରେ" । ଭଗବାନ ମୋତେ ପରଜନ୍ମରେ ଜାପାନୀ କରନ୍ତୁ ଏହା ତାଙ୍କ ପାଖରେ ପ୍ରାର୍ଥନା ।

ବେଳେବେଳେ ସୌଭାଗ୍ୟ ମନକୁ ଆସେ ବୋଲି ଆମର ଧାରଣା । କିନ୍ତୁ କର୍ମ ହିଁ ମଣିଷର ଭାଗ୍ୟ ନିର୍ଦ୍ଧାରଣ କରେ । ମଣିଷ କର୍ତ୍ତବ୍ୟରୁ ବିଚ୍ୟୁତ ନହେଲେ, କର୍ମରେ ମନପ୍ରାଣକୁ ଢାଳିଦେଲେ ଭାଗ୍ୟ ତା'ର ବାଟ ଖୋଜି ଖୋଜି ପହଞ୍ଚିଯାଏ । ଏହା ଥିଲା ମୋ ବାପାଙ୍କର ଉକ୍ତି । ବାପାଙ୍କର ଅନେକ ଉପଦେଶ ମୁଁ ଚେଷ୍ଟା କରିଛି ପାଳନ କରିବା ପାଇଁ । ବାପା ମା' ମୋତେ ଜୀବନ୍ତ ଦେବତା ଭଳି ଲାଗନ୍ତି । ତାଙ୍କ ମୁଖରୁ ନିଃସୃତ ବାଣୀ ଦେବତାଙ୍କ ବାଣୀ ବୋଲି ମୋ ଜୀବନରେ ମୁଁ ଭାବିଛି । ବାପା କହନ୍ତି "କାମ କରିଯିବୁ ଫଳକୁ ଆଶା ରଖିବୁ ନାହିଁ ।" ୧୯୮୯ରେ ଥିଲା ମୋର ପ୍ରଥମ ଜାପାନ ଯାତ୍ରା । ସେତେବେଳେ କେବେ ଭାବିନଥିଲି ମୁଁ ଏତେ ବଡ଼ ଫେଲୋସିପ୍ ପାଇ ଜାପାନ ଯାଇ ପାରିବି । ସବୁ ଯେମିତି ବିଧିର ବିଧାନ ଭଳି ମୋତେ ଲାଗିଥିଲା ସେତେବେଳେ । ଜାପାନରୁ ଫେରିଲାପରେ ମୋର ପୋଷ୍ଟିଂ ହେଲା ରେଭେନ୍ସା କଲେଜରେ । ମୋ ଗବେଷଣାର କୌଣସି ବ୍ୟାଘାତ ଉପୁଜିଲା ନାହିଁ । ଜାପାନରେ ଭଲ କାମ କରି ଆସିଥିବାରୁ ମୋ ମନରେ ପ୍ରେରଣା ଜାଗ୍ରତ ହେଉଥାଏ । ଅନେକ ପିଲା ମୋ ପାଖକୁ ଗବେଷଣା କରିବା ପାଇଁ ଆସିଲେ । ପୁଣି ରେଭେନ୍ସା କେମିଷ୍ଟ୍ରି ଡିପାର୍ଟମେଣ୍ଟ ୧୪ ନମ୍ବର ରୁମ୍‌ରେ ଧୁମ୍ ଧାମରେ ଗବେଷଣା ଚାଲିଲା । ମୋର ପୂଜ୍ୟଗୁରୁ ପ୍ରଫେସର ପଦ୍ମଲୋଚନ ନାୟକଙ୍କର ପ୍ରେରଣା ମୋତେ ଆଗକୁ ଆଗେଇ ନେବାରେ ସାହାଯ୍ୟ କଲା । ମୋ ଜୀବନରେ ଯାହାକିଛି ପାଇଛି ସବୁ ତାଙ୍କରି ପାଇଁ । ମୋତେ ସମାଜରେ ପ୍ରତିଷ୍ଠିତ କରିବାରେ ତାଙ୍କର ଅବଦାନ ମୋର ଚୀର ସ୍ମରଣୀୟ । ରେଭେନ୍ସାରେ ଯୋଗଦେବାପରେ ପୂର୍ଣ୍ଣ ପ୍ରାଣରେ ଲାଗି ପଡ଼ିଲି ଗବେଷଣାରେ । କଠିନ ପରିଶ୍ରମ କେବେ ବିଫଳ ହୁଏନି । ମୋ ସହିତ ଗବେଷଣା କରି ପରବର୍ତ୍ତୀ ସମୟରେ ୩୪



ଜଣ ଛାତ୍ର ପାଇଲେ ପିଏଚ୍.ଡ଼ି. ଡିଗ୍ରୀ ଓ ନିଜ ନିଜର ଅଧ୍ୟବସାୟ ଯୋଗୁଁ ଦେଶ ବିଦେଶରେ ଉଚ୍ଚ ପଦପଦବୀରେ ହେଲେ ଅଧିଷ୍ଠିତ । ସେମାନଙ୍କୁ ସ୍ନେହ ଶ୍ରଦ୍ଧାରେ ବାନ୍ଧି ରଖିଥିଲି ମୁଁ । ସେମାନେ ହିଁ ମୋ ପାଇଁ ଈଶ୍ୱରଙ୍କର ମୂଲ୍ୟବାନ ଅବଦାନ ବୋଲି ଧରି ନେଇଛି ମୋ ଜୀବନରେ । ସୁଖରେ ଦୁଃଖରେ ମୋ ଘରେ ପାଦ ପଡୁଛି ସେମାନଙ୍କର । ଏତକ ହିଁ ମୋ ପାଇଁ ଯଥେଷ୍ଟ ଓ ବଞ୍ଚିବାର ଖୋରାକ ।

ହଠାତ୍ ଦିନେ ଚିଠି ପାଇଲି ଜାପାନରୁ । ମୋର ପ୍ରଥମ ରହଣିବେଳେ ମୁଁ ସୁକୁବା ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସେରିକଲ୍‌ଚରାଲ ଏଣ୍ଡ ଏଣ୍ଟୋମୋଲୋଜିକାଲ ଟେକ୍‌ନୋଲୋଜିକୁ ସେମିନାର ଟକ୍ ଦେବା ପାଇଁ ଯାଇଥିଲି । ସେହି ଇନ୍‌ଷ୍ଟିଚ୍ୟୁଟ୍‌ରୁ ନିମନ୍ତ୍ରଣ ପାଇଲି ଭିଜିଟିଂ ପ୍ରଫେସର ହୋଇ ଯିବା ପାଇଁ । କିଛି ଦିନ ସେଠାରେ ରହି ଡକ୍ଟର ମାସୁସିରୋ ସୁକାଦାଙ୍କ ସହିତ ମିଳିତ ଭାବରେ କାମ କରିବାର ସୁଯୋଗ ମିଳିବ ଜାଣି ହଁ କରିଦେଲି । ପୂର୍ବଭଳି ସୁବିଧାରେ ଭିସା ମିଳିଗଲା । ଏଥର ସହଜରେ ଛୁଟି ମିଳିଗଲା । କାରଣ ଜାପାନରେ ରହଣି ମାତ୍ର ଏକମାସ ପାଇଁ ଥିଲା । ଜାପାନ ଯିବା ପାଇଁ ମନରେ ତିଳେମାତ୍ର ଡର ନଥିଲା । ତାହା ଥିଲା ମୋର ପୁରୁଣା ସ୍ଥାନ । ପ୍ରଫେସରଙ୍କୁ ଥରେ ଦେଖିବାର ସୁଯୋଗ ପାଇଥିଲି । ଏଥର ମୋ ସ୍ୱାମୀଙ୍କ ବ୍ୟତୀତ କେହି କଲିକତା ଯାଇନଥିଲେ ମୋତେ ବିଦାୟ ସମ୍ବର୍ଦ୍ଧନା ଜଣାଇବା ପାଇଁ । ସବୁକଥା ଓ ସବୁକାମରେ ନୂଆ ନୂଆ ଆଗ୍ରହ ଥାଏ । କଲିକତା ଛାଡ଼ିଲି ୧୯୯୭ ମସିହା ମାର୍ଚ୍ଚମାସ ୧ ତାରିଖ ସକାଳ ୮ଟାରେ । ବେଙ୍କକରେ ହଲ୍‌ଟିଂ ଥାଏ । ବେଙ୍କକ୍ ଏୟାରପୋର୍ଟରେ ସକାଳରୁ ରାତି ୧୦ଟା ଯାଏ ଅପେକ୍ଷା କରିବାକୁ ପଡ଼ିଲା । ଏକା ଏକା ଖୁବ୍ ବୋର୍ ଲାଗୁଥାଏ । ଦୁଇଟି ବଡ଼ ବଡ଼ ବ୍ୟାଗ ଥାଏ ସାଙ୍ଗରେ । ତାକୁ ଟାଣି ଟାଣି ଏପଟ ସେପଟ ଯିବା ସହଜ ନଥିଲା । ରାତି ୧୦ଟାରେ ହାତରେ ନେଉଥିବା ବ୍ୟାଗ୍ ଏକ୍ସରେରେ ଯାଞ୍ଚ କରାଗଲା । ମୋତେ ଜଣା ନଥିଲା ଯେ ହାତ ବ୍ୟାଗରେ ଛୁରୀ ନେବା ନିଷେଧ । ପରିବା କାଟିବା ପାଇଁ ପୂର୍ବଥର ଆଣିଥିବା ଜାପାନ ଛୁରୀଟିଏ ବ୍ୟାଗରେ ରଖିଥିଲି । ଏକ୍ସରେ ଛବିରେ ଛୁରୀ ଦେଖି ସେମାନେ ମୋତେ ଡାକିଲେ । କାହିଁକି ଛୁରୀ ନେଉଛି ପଚରା ଉଚରା କଲେ । ବ୍ୟାଗରୁ ଛୁରୀଟି କାଢ଼ି ଦେବାପାଇଁ କହିଲେ । ଛୁରୀଟି ଦେଇ ଦେଲି ସିନା

ତାପରବର୍ତ୍ତୀ ଫଳାଫଳ କ'ଣ ହେବ ଭାବି ଦେହହାତ ଥରୁଥାଏ । ଫ୍ଲାଇଟ୍ ଛାଡ଼ିଲା ୧୧ଟାରେ । ରାତିସାରା କେତେ କଥା ଭାବୁଥାଏ । ପହଞ୍ଚିଲାପରେ କିଛି ଅସୁବିଧା ହେବକି ? ଆଖିକୁ ନିଦ ଆସୁନଥାଏ । ସକାଳେ ପହଞ୍ଚିଲି ଏୟାରପୋର୍ଟରେ । ମୋ ବାକ୍ସ ସହଜରେ ଚେକିଂ ହୋଇଗଲା । ଭାବିଲି ଛୁରୀ କଥା ପଚାରିବି କି ? ମନରେ ଥାଏ ଦ୍ୱନ୍ଦ୍ୱ । ଯଦି ଜାପାନ ଏୟାରପୋର୍ଟର ଲୋକମାନେ ଛୁରୀ କଥା ଜାଣିନଥିବେ ତାଙ୍କୁ ଜାଣିବାକୁ ଦେବି କାହିଁକି ? ଯଦି ଛୁରୀ କଥା ନ ପଚାରି ଏୟାରପୋର୍ଟ ଛାଡ଼ିଦିଏ ତେବେ ମୋ ଠିକଣାତ ସେଠାରେ ଥିବ । ପରେ ଖୋଳତାଳ କରି ମୋତେ ଧରିବେ । ଏମିତି ବିଭିନ୍ନ କଥା ଭାବି ଭାବି ଆସ୍ତେ ଆସ୍ତେ ବାହାରକୁ ଆସିବା ପାଇଁ ଗେଟ୍ ପାଖକୁ ଆସିଲି ।

ଗେଟ୍‌କୁ ଲାଗି ଗୋଟିଏ ସୁନ୍ଦରୀ ଜାପାନୀ ଝିଅ ଠିଆ ହୋଇଥିବାର ଦେଖିଲି । ହାତରେ ଥାଏ ଗୋଟିଏ ମୁଦଦିଆ ହଳଦିଆ ବଡ଼ ଲଫାପା । ମୁଁ ଡରି ଡରି ଗେଟ୍ ପାର ହେଲାବେଳେ ମୋତେ ସେ ପଚାରିଲେ, "Are you Dr. Subasini Lenka ?" ଡରରେ ମୋ ଛାତି ଧଡ଼୍‌କିନା ହୋଇଗଲା । 'ହଁ', କହିଲାରୁ ଲଫାପାଟି ମୋ ହାତକୁ ବଢ଼ାଇଦେଲେ ସେ । ସେଥିରେ ଛୁରୀ ଅଛି ବୋଲି କହିଲେ । ଠାକୁରଙ୍କୁ କୋଟି କୋଟି ପ୍ରଣାମ କଲି । ମୋ ଛୁରୀଟିକୁ ଲଫାପାରେ ରଖି ଭଲ ଭାବରେ ମୁହଁ ବନ୍ଦ କରି ବ୍ୟାଙ୍କକରୁ ଲଗେଜ କ୍ୟାବିନ୍‌ରେ ପଠାଯାଇଥିଲା । ବୋଧହୁଏ ମୋର ଚେହେରା ଓ ପୋଷାକର ବର୍ଣ୍ଣନା ଦିଆଯାଇଥିଲା । ମୋ ଶାଢ଼ୀ ପିନ୍ଧା ଥିଲା ମୋର ପ୍ରଥମ ପରିଚୟ । ମୁଁ ଜାପାନରୁ ଫେରିଲା ପରେ ଶୁଣିଲି ମୋ ସ୍ୱାମୀଙ୍କର ଜଣେ ବନ୍ଧୁ ଛୁରୀ ସାଙ୍ଗରେ ନେଇଥିଲେ ବୋଲି ବ୍ୟାଙ୍କକ୍ ଏୟାରପୋର୍ଟରେ ଗୋଟାଏ ଦିନ ଅଟକାଇ ଦେଲେ । ପ୍ରଭୁଙ୍କ କୃପାରୁ ମୋର ସେମିତି ପରିସ୍ଥିତି ଉପୁଜି ନାହିଁ । ଗେଟ୍ ବାହାରକୁ ଆସି ଏପଟ ସେପଟ ଚାହିଁଲି । ଡକ୍ଟର ସୁକୁବାଙ୍କ ଚିଠି ଅନୁସାରେ ଟ୍ୟାକ୍ସିଟିଏ ଆସିବାର ଥାଏ ମୋତେ ନେବାପାଇଁ । ନଜର ପଡ଼ିଲା ଗୋଟିଏ ଟ୍ୟାକ୍ସି ଉପରେ । ପଛରେ ବଡ଼ ବଡ଼ ଅକ୍ଷରରେ ମୋ ନାଁ ଓ ଇଣ୍ଡିଆ ଲେଖା ଥିଲା । ଟ୍ୟାକ୍ସି ଡ୍ରାଇଭର ସବୁଠାରୁ ବିଶ୍ୱାସୀ ବୋଲି ପୂର୍ବଥର ରହଣିରୁ ଜାଣିଥିଲି । ନିର୍ଦ୍ୱୋନ୍ଦ୍ୱରେ ଟ୍ୟାକ୍ସିରେ ବସି ପଡ଼ିଲି । ପ୍ରାୟ ଦିନ ୧୨ଟା ବେଳେ ସୁକୁବାରେ ମୋ ରହିବା ପାଇଁ ଠିକ୍ କରାଯାଇଥିବା ଘର ଗେଟ୍ ସାମନାରେ



କାର ପହଞ୍ଚାଇ ଦେଲା ଡ୍ରାଇଭର ।

ପାଗ ଥାଏ ଶୀତୁଆ ଶୀତୁଆ । ମାର୍ଚ୍ଚ ମାସର କଥା । ଦେହ ଥରି ଯାଉଥାଏ । ଏଥର ଟ୍ରାଡ଼ିସନାଲ ଘର । ତଳେ ଛ' ଇଞ୍ଚ ଉଚ୍ଚର ଗଦି । ରୁମ ହିଟର ଓ ଟି.ଭି.ର ବ୍ୟବସ୍ଥା ଥାଏ । ପାଞ୍ଚମିନିଟ୍ ଭିତରେ ଦୁଇଜଣ ସ୍ତ୍ରୀଲୋକ ମୋ ରୁମ୍‌କୁ ପଶିଆସିଲେ । ଜଣେ ପ୍ରାୟ ୭୦/୭୫ ବର୍ଷୀୟା ମହିଳା । ସେ ହେଉଛନ୍ତି ଘରର ମାଲିକ । ତାଙ୍କ ନାଁ ଓଗାଓ୍ୱାଁ । ଦ୍ୱିତୀୟ ଜଣଙ୍କ ୪୦/୫୦ ବର୍ଷର ସ୍ତ୍ରୀ ଲୋକ । ସେ ମୋ ଇନ୍‌ଷ୍ଟିଚ୍ୟୁଟ୍‌ରେ କାମ କରନ୍ତି । ତାଙ୍କ ନାଁ ମଧ୍ୟ ଓଗାଓ୍ୱାଁ । ହାତରେ ଧରିଥାନ୍ତି ଛୋଟ ଛୋଟ ପ୍ୟାକେଟ । ଶୀତ ଯୋଗୁଁ ମୁଁ ଥର ଥର ହେବା ଦେଖି ମୋ ଅଣ୍ଟାରେ ସାୟାର ପଛ ପଟେ ଗୋଞ୍ଜି ଦେଲେ ଦୁଇଟି ପ୍ୟାକେଟ । ମୋତେ ବେଶ୍ ଉଷୁମ୍ ଲାଗିଲା । କେଡ଼େ ପରୋପକାରୀ ଏମାନେ । ମୋତେ ଶୀତ ଲାଗୁଥିବ ଭାବି ଉଷ୍ମତା ଦେଉଥିବା ପ୍ୟାକେଟ ସାଙ୍ଗରେ ଆଣିଛନ୍ତି । ଜଣେ ଗୋଟିଏ କୋର୍ଟ ଓ ଆଉ ଜଣେ ଇନର୍ ଟାଇଟ୍ ପ୍ୟାଣ୍ଟଟିଏ ଆଣିଦେଲେ । ଅନ୍ୟ ଦେଶର ସ୍ତ୍ରୀ ଲୋକଟି ଅସୁବିଧାରେ ନପଡୁ ଏଥିପାଇଁ ସେମାନେ କେତେ ତତ୍ପର ଓ ଯତ୍ନବାନ ଥିଲେ । ତେଣୁ ପୂର୍ବଥର ଭଳି ମୁଁ ଏକୁଟିଆ ଅନୁଭବ କଲି ନାହିଁ । ତା'ପରେ ଦୁଇଟି ଫୁଲ ଗଛ ଛୋଟଛୋଟ ପ୍ଲାଷ୍ଟିକ କୁଣ୍ଡରେ ରଖି ମୋ ଟେବୁଲ ଉପରେ ଥୋଇଦେଲେ । ଫୁଲକୁ ମୋର ଖୁବ୍ ଶ୍ରଦ୍ଧା । ଯେମିତି ଭଗବାନ ତାଙ୍କୁ ଏକଥା ଜଣାଇ ଦେଲେ । ପ୍ରଥମେ ଫୁଲର ଫଟୋ ଉଠାଇ ଦେଲି । ଘର ମାଲିକ ଓଗାଓ୍ୱାଁ ମୋ ଘରକୁ ଲାଗି ଏକ ସୁନ୍ଦର ସୁସଜ୍ଜିତ ଘରେ ରହେ । ତାଙ୍କ ଘରେ ଲଞ୍ଚ ଖାଇ ମୋ ରୁମ୍‌କୁ ଫେରିଲି । କିଚେନଟି ଛୋଟଟିଏ । ହାତ ପୋଛା ତଉଲିଆ ଠାରୁ ଆରମ୍ଭ କରି ବାସନ, ପ୍ଲେଟ୍, ଇତ୍ୟାଦି ସବୁ ଥାଏ କିଚେନରେ । ଓଗାଓ୍ୱାଁ ସବୁ ଦେଖାଇ ଦେଲେ । ଚାରିଟା ବେଳକୁ ମୋ କବାଟ ଖଟ୍ ଖଟ୍ ହେଲା । ଖୋଲି ଦେଇ ଦେଖିଲି ଡଃ ସୁକାଦା ଠିଆ ହୋଇ ହସୁଛନ୍ତି । ତାଙ୍କୁ ଦେଖିଥିଲି ୧୯୮୯ ମସିହାରେ । ୧୯୯୭ ମସିହାରେ ତାଙ୍କ ଚେହେରାର କୌଣସି ଫରକ ନଥିଲା । ଜାପାନୀ ଝିଅ ଓ ପୁଅ କାହାରି ପେଟରେ ମେଧ ବସି ନଥାଏ । କାରଣ ସେମାନେ ଦରସିଝା ପରିବା ଓ ମାଛ ମାଂସ ଖାଆନ୍ତି । ତେଲ ମସଲା ପ୍ରାୟ ଖାଆନ୍ତି ନାହିଁ । ଏବଂ ସେମାନେ କଠିନ ପରିଶ୍ରମୀ । ଦୁଇଜଣ ତାଙ୍କ କାର୍‌ରେ ବସି ସାରା ସୁକୁବା

ସହର ବୁଲି ଆସିଲୁ । ଇନ୍‌ଷ୍ଟିଚ୍ୟୁଟ୍‌କୁ ବାଟ ଦେଖାଇ ଦେଲେ ସେ ମୋତେ ।

ଏଥର ରହଣି ଥାଏ ଗୋଟିଏ ମାସ । ତେଣୁ ଗବେଷଣା କାମ ସହିତ ବିଭିନ୍ନ ସ୍ଥାନ ବୁଲିବାକୁ ସ୍ଥିର କଲି । ତା'ପରଦିନ ସକାଳ ୭.୩୦ରେ ବାହାରିଲି ଇନ୍‌ଷ୍ଟିଚ୍ୟୁଟ୍‌କୁ । ପ୍ରାୟ ଅଧକିଲୋମିଟର ଚାଲିବାକୁ ପଡ଼ିଲା । ମୂଳା ଅମଳ ସରି ସରି ଆସିଥାଏ । କ୍ଷେତରେ ସ୍ଥାନେ ସ୍ଥାନେ ଗୋଟେ ଅଧେ ପଡ଼ିଥାଏ । ସେଠାକାର ମୂଳାର ରଂଗ ଧଳା, ପ୍ରାୟ ୧ ଫୁଟ ଲମ୍ବ ଓ ଦେଢ଼ ଇଞ୍ଚ ଡାଇମିଟର । କୃଷକମାନେ ମୂଳା କିଆରିରେ କାମ କରୁଥାନ୍ତି । ଗାଁ ହିଡ଼ରେ ଚାଲିଲା ଭଳି ମୋତେ ଲାଗୁଥାଏ । ୟୁନିଭରସିଟ୍‌ଟି ଭଲ ଲାଗିଲା ।

ତା'ପରଦିନ ଠାରୁ ମୋ ଇନ୍‌ଷ୍ଟିଚ୍ୟୁଟରେ କାମ କରୁଥିବା ଓଗାୱାଁ ମୋର ଘନିଷ୍ଟ ସାଙ୍ଗ ହୋଇଗଲା । ମୁଁ ପହଞ୍ଚିବାର ଦୁଇଦିନ ପରେ ଜାପାନ ପ୍ରସିଦ୍ଧ ସାକୁରା ଫୁଲ ଫୁଟିବାକୁ ଆରମ୍ଭ କଲା । ଟିକିଏ ଖରା ହେଲେ ଏହି ଫୁଲ ଫୁଟେ । ଜାପାନୀମାନଙ୍କର ଖୁବ୍ ପ୍ରିୟ ଏହି ଫୁଲ । ଓଗାୱାଁ ଓ ତା'ର ସାଙ୍ଗସହ ପାଖରେ ଥିବା ଏକ ପାହାଡ଼ିଆ ଜଙ୍ଗଲକୁ ଗଲି । ଠାଏଠାଏ ସାକୁରା ଫୁଲ ଗଛରେ ପତ୍ର ନଥାଏ । ଡାଳ ସାରା ଧଳା ଧଳା ହାଲକା ହାଲକା ଫୁଲ ଖୁନ୍ଦି ହୋଇଥାଏ । ଅନେକ ଫଟୋ ଉଠାଇଲି ମନେହେଉଥାଏ ସତେ ଯେମିତି ସହର ସାରା ଲୋକ ଚାଲି ଆସିଥାଆନ୍ତି ଏ ଜଙ୍ଗଲକୁ ସାକୁରାକୁ ସ୍ୱାଗତ କରିବା ପାଇଁ ।

ସବୁଦିନ ଠିକ୍ ୮ଟାରେ ପହଞ୍ଚିବାକୁ ପଡ଼ିଥାଏ ଇନ୍‌ଷ୍ଟିଚ୍ୟୁଟରେ । ଗୋଟାଏ ମିନିଟ୍ ଡେରି ହେଲେ ଗେଟ୍ ବନ୍ଦ ହୋଇଯାଏ । ଜାପାନୀମାନେ ସମୟର ମୂଲ୍ୟ ବୁଝନ୍ତି । ସେମିନାରରେ ସିଲ୍କ ଉପରେ ଟକ୍ ଦେଲି । ଅନେକ ପ୍ରଶ୍ନ ହେଲା । ଜାପାନୀମାନଙ୍କର ଜାଣିବାର ଇଚ୍ଛା ପ୍ରବଳ । ଓଗାୱାଁ ସହିତ ଏକ ବିରାଟ ବୁଦ୍ଧ ମୂର୍ତ୍ତି ଦେଖିବାକୁ ଯାଇଥିଲି । ଉପରକୁ ଚାହିଁଲେ ବୁଦ୍ଧଙ୍କର ମୁଣ୍ଡକୁ ଆଖି ପାଉ ନଥାଏ । ବୁଦ୍ଧଦେବ ଭାରତରେ ଜନ୍ମ ହେଲେ, କିନ୍ତୁ ଜାପାନରେ ସେ ବିଭିନ୍ନ ସ୍ଥାନରେ ସ୍ଥାନିତ । ତାଙ୍କର ସୌମ୍ୟକାନ୍ତ ମୁଖ ମଣ୍ଡଳରେ ଆଖି ଲାଖିଯାଏ । ଫଟୋ ଉଠାଇ ଫେରିଲି ।

ଡଃ ସୁକାଦା ପରିବାର ସହ ରାତ୍ରୀଭୋଜନ ଖୁବ୍ ଆମୋଦ ଦାୟକ ଥିଲା । କାରଣ ସେଠାରେ ତନ୍ଦୁରି ଚିକେନ୍ ଖାଇବାକୁ ମିଳିଥିଲା । ଓଗାୱାଁ ଘରେ ସାଙ୍ଗମାନଙ୍କ ସହ ଚିଙ୍ଗୁଡ଼ି ପକୁଡ଼ି (ଟେମ୍ପୁରା) ଥରେ ତିଆରି କରିବାର ମୋତେ ସୁଯୋଗ ମିଳିଥିଲା । ବାଲିରେ ଗାଜର, ମୂଳା, ପିଆଜ ସେ ପୋତି ରଖିଥାଏ । ବେଳେବେଳେ ମୋତେ ଦିଏ । ତା'ଘର ଠିକ୍ ମୋ ଘରର ବାମ ପଟକୁ ଲାଗିଥାଏ । ତା' ଗେଟ୍ ସାମନାରେ ନାଲି ଫୁଲର ବିରାଟ ଗଛଟିଏ । ସ୍ୱାମୀ ତା'ର ବେଶ୍ ହସଖୁସିଆ ମଣିଷଟିଏ । ଥରେ ତା' ବଡ଼ ଭଉଣୀ ଘରକୁ ମୋତେ ନେଇଥିଲା । ଠିକ୍ ଆମ ପରିବାର ଭଳି ନାତି, ନାତୁଣୀ, ପୁଅ ବୋହୂ ସହିତ ବଡ଼ ଭଉଣୀ ତା'ର ରହନ୍ତି ।

ଦଶ ପନ୍ଦର ଦିନ ପରେ ଗଲି ଟୋକିଓକୁ ମୋର ପୁରୁଣା ପ୍ରଫେସର ଆଶାକୁରାଙ୍କୁ ଦେଖା କରିବା ପାଇଁ । ଏଥର ଦେଖିଲି ସବୁ ଷ୍ଟେସନର ନାମ ଇଂରାଜୀ ଓ ଜାପାନୀ ଉଭୟ ଭାଷାରେ ଲେଖା ହୋଇଛି । ତେଣୁ ଟୋକିଓ ଯିବାରେ ଅସୁବିଧା ହେଲା ନାହିଁ । ୟୋକୋ, ହୀରୋକୋ ବେଶ୍ ବଡ଼ ହୋଇଯାଇଥିଲେ । ତା' ଭିତରେ ତୟୋହାସି ୟୁନିଭରସିଟ୍‌ରୁ ପ୍ରଫେସର ଇଟୋ ନିମନ୍ତ୍ରଣ କଲେ ସେମିନାର ଟକ୍ ଦେବା ପାଇଁ । ସେଠାରେ ଗୋଟିଏ ଫୁଲ ପ୍ରଦର୍ଶନୀ ଦେଖି ମୁଁ ଭାବି ପାରିଲିନି ଯେ ଏତେ ପ୍ରକାର ଫୁଲ ପୃଥିବୀରେ ଥାଏ ବୋଲି । ଗବେଷଣା କାମ ଚାଲିଥାଏ, ବୁଲାବୁଲି ହେଉଥାଏ । ବହୁତ ସମୟରେ ଭୂମିକମ୍ପ ମୁଁ ସେଠାରେ ଅନୁଭବ କରିଛି ।

ଥରେ ଯାଇଥିଲି କିଓଟୋ ବୁଲିବା ପାଇଁ । କିଓଟୋ ଥିଲା ଜାପାନର ରାଜଧାନୀ । ଏହା ଜାପାନର ପୁରୁଣା ସହର । କିଓଟୋ ମ୍ୟୁଜିୟମ ଏବଂ ସ୍ୱର୍ଣ୍ଣ ମନ୍ଦିର ପ୍ରସିଦ୍ଧ । ଏଠାକୁ ବହୁତ ଲୋକ ଆସନ୍ତି ଦେଖିବାପାଇଁ । ମୋର ମନେ ହେଲା ଓଡ଼ିଶାରେ ଏଭଳି ମନୋରମ ସ୍ଥାନ ଅଛି ଯାହା କିଓଟୋର ମ୍ୟୁଜିୟମ୍ ଓ ସ୍ୱର୍ଣ୍ଣମନ୍ଦିର ଠାରୁ ଅନେକ ମାତ୍ରାରେ ସୌନ୍ଦର୍ଯ୍ୟମୟ । ଆମର ଅଧିକାଂଶ ଲୋକ ସୌନ୍ଦର୍ଯ୍ୟ ପିପାସୁ ନୁହଁ ବୋଲି ଆମେ ଆମର ମନୋରମ ସ୍ଥାନର ମହାତ୍ମ୍ୟ ବୁଝି ପାରୁ ନାହୁଁ ।

ଅଳ୍ପ ରହଣି ଭିତରେ ମୋ ଇନ୍‌ଷ୍ଟିଚ୍ୟୁଟ୍ ପାଖରେ ଥିବା ଗୋଟିଏ ରୋଟାରୀ କ୍ଲବକୁ ବକ୍ତା ହୋଇ ଯାଇଥିଲି । ଆମ ରୋଟାରୀ ପତାକା ବଦଳାଇଲି । ଇଂରାଜୀରେ

ମୋ କ୍ଲବ, ରୋଟାରୀ କ୍ଲବ ଅଫ୍ କଟକ ବିଷୟରେ, ଓଡ଼ିଶା ଓ ଭାରତ ବିଷୟରେ କିଛି କହିଲି । ଡଃ ସୁକାଦା ମୋର ପ୍ରତ୍ୟେକ ଇଂରାଜୀ ବାକ୍ୟ ଜାପାନୀ ଭାଷାରେ ଅନୁବାଦ କରି କହୁଥାଆନ୍ତି । ଜାପାନୀମାନେ ଅନେକ କଥା ଜାଣିବାକୁ ଚାହାନ୍ତି । ତେଣୁ ସେମାନେ ବହୁତ ପ୍ରଶ୍ନ ପଚାରନ୍ତି । ସେଦିନ ସେମାନେ ମୋତେ ଚିଙ୍ଗୁଡ଼ି ତରକାରି ଖୁଆଇଥିଲେ । କିଛି ଦିନ ପରେ ଭାତ ମାଛ ତରକାରି ଖାଇବାକୁ ପାଇଥିବାରୁ ଖୁବ୍ ଖୁସି ହେଲି । ଅନ୍ୟ ଦେଶରୁ ଆସିଥିବା ଲୋକର କିଛି ଅସୁବିଧା ନହେଉ ସେଥିପ୍ରତି ସେମାନେ ସଚେତନ । ମଝିରେ ମଝିରେ ମିସେସ୍ ସୁକାଦା, ହାରୁମି ଓ ତାଙ୍କର ଦୁଇ ଝିଅ ଏରି, ସାଉରି ମୋର ବେଶ୍ ନିଜର ହୋଇଗଲେ । ମାର୍କେଟିଂ, ବ୍ୟାଙ୍କ, ପୋଷ୍ଟ ଅଫିସ କାମରେ ମୋତେ ବେଶ୍ ସାହାଯ୍ୟ କଲେ । ଛୋଟ ଛୋଟ ଚାକିରିକୁ ସେମାନେ ଘୃଣା କରନ୍ତି ନାହିଁ । ମିସେସ୍ ସୁକାଦା ଜଣେ ଜାପାନୀ ବଗିଚାରେ ପ୍ରତିଦିନ ପାଣି ଦେଇ କିଛି ରୋଜଗାର କରୁଥିଲେ ।

ଗବେଷଣା କାମରେ ଜଣେ ଜାପାନୀ ଝିଅ ମୋତେ ସାହାଯ୍ୟ କରୁଥାଏ । ଜୀବନରେ ଯାହା ମୁଖ୍ୟ ମୁଁ ତାକୁ ପ୍ରାଧାନ୍ୟ ଦିଏ । ବୁଲାବୁଲି ଭିତରେ ମୁଁ ଗବେଷଣା କାମକୁ ଗୌଣ ମନେ କରୁନଥିଲି । ସିଲ୍କ କିଛି ଦିନ ରହିଗଲେ ହଳଦିଆ କାହିଁକି ହୋଇଯାଏ ଏବଂ ବିଭିନ୍ନ ପ୍ରକାର ସିଲ୍କ ବିଭିନ୍ନ ମାତ୍ରାରେ କିପରି ଓ କାହିଁକି ହଳଦିଆ ହୋଇ ଯାଆନ୍ତି ତାହା ଉପରେ ଗବେଷଣା କରି ଓ ତାହାର କାରଣ ଦର୍ଶାଇ ଗୋଟିଏ ମାସ ଭିତରେ ଗୋଟିଏ ପ୍ରବନ୍ଧ ଆମେରିକାର ଗୋଟିଏ ଜର୍ଣ୍ଣାଲକୁ ପଠାଇ ଆସିଲି । ଅଳ୍ପଦିନ ଭିତରେ ତାହା ପ୍ରକାଶିତ ହୋଇଗଲା ।

ଜାପାନୀମାନେ ସୁସି ଖାଇବାକୁ ଭଲ ପାଆନ୍ତି । ପ୍ରଥମ ଥର ରହଣି ସମୟରେ ଗ୍ରିନ୍ ଚା' ମୁଁ ପିଇ ପାରୁନଥିଲି । କାରଣ ଏହା ମୋତେ ଆଇଁସିଆ ଲାଗୁଥିଲା । କିନ୍ତୁ ଏଥର ମୁଁ ଗ୍ରୀନ୍ ଚା' ପିଇବାରେ ଅଭ୍ୟସ୍ତ ହୋଇଗଲି । ଜାପାନୀମାନେ ଭାରତୀୟ ଖାଦ୍ୟ ମଧ୍ୟ ଭଲ ପାଆନ୍ତି । ଥରେ ମସଲା ଦିଆ ବନ୍ଧା କୋବି ରାନ୍ଧି ଡଃ ସୁକାଦାଙ୍କ ଘରକୁ ନେଇଥିଲି । ଖୁବ୍ ସୁଆଦିଆ ଲାଗୁଛି ବୋଲି ସେମାନେ କହିଥିଲେ । ମୋ ରହଣି ଭିତରେ ଥରେ ମାତ୍ର ତୁଷାର ପାତ ମୁଁ ଦେଖିବାକୁ ପାଇଥିଲି ।

ମାସଟିଏ କେମିତି ଚାଲିଗଲା ମୁଁ ଜାଣି ପାରିଲିନି । ଗୋଟିଏ ମାସରେ



ଜାପାନ ପ୍ରତି ମୋର ମମତା ବେଶ୍ ବଢ଼ି ଯାଇଥିଲା । କାରଣ ପ୍ରତ୍ୟେକ ଜାପାନୀ ସଚ୍ଚୋଟ, ପରିଶ୍ରମୀ, ସାହାଯ୍ୟକାରୀ ଓ ସୌନ୍ଦର୍ଯ୍ୟ ପିପାସୁ ଥିବାରୁ ସେମାନଙ୍କ ପ୍ରତି ମୋର ଆକର୍ଷଣ ବଢ଼ି ଯାଇଥିଲା । ଜାପାନ ଛାଡ଼ିବାର ପୂର୍ବଦିନ ଓଗାଓ୍ୱାଁର କାର୍ ଖରାପ ହୋଇ ଯାଇଥାଏ । ଗୋଟିଏ ମିନିଟ୍ରକରେ ସେ ଆସିଥାଏ ଇନ୍‌ଷ୍ଟିଚ୍ୟୁଟକୁ । ଚାରିଟାବେଳେ ଲାବୋରେଟୋରୀ ଛାଡ଼ିଲି ଓଗାଓ୍ୱାଁ ସହିତ । ସେତେବେଳକୁ ଟିକିଏ ଗରମ ପଡ଼ିଯାଇଥାଏ । ଗରମ ହେଲେ ପ୍ରଚୁର ସାକୁରା ଫୁଟେ । ଟ୍ରକ୍‌ରେ ବସାଇ ଓଗାଓ୍ୱାଁ ମୋତେ ରାସ୍ତାର ଦୁଇ ପଟରେ ଥିବା ସାକୁରା ଗଛ ଦେଖାଇବାକୁ ନେଲା । ସତେ ଯେମିତି ରାସ୍ତାର ଦୁଇ ପଟରେ ଫୁଲ ଝାଡ଼ ପୋତା ହୋଇଛି । ମୁଁ ଫୁଲ ଭଲ ପାଏ ବୋଲି ଓଗାଓ୍ୱାଁର କେତେ ଯତ୍ନ ନେଇଛି ଏକଥା ସେ ମିନିଟ୍ରକରେ ବସି ଭାବୁ ଥାଏ । ରାତିରେ ଦୁଇ ଓଗାଓ୍ୱାଁ ମୋ ରୁମ୍‌କୁ ଆସିଲେ । ପେକିଂ ପଦାର୍ଥ ନିଜ ଘରୁ ଆଣି ମୋର ସବୁ ଜିନିଷ ପତ୍ର ପେକିଂ କରିଦେଲେ । ନିଜ ସହରରେ ମୁଁ ଏମିତି ଆତ୍ମୀୟତା କାହାଠାରୁ ପାଇନାହିଁ । ଆଜି ପର୍ଯ୍ୟନ୍ତ ନୂଆବର୍ଷରେ ସେ ମୋ ପାଇଁ ଉପହାର ପଠାଇ ଆସୁଛି । ତା'ପରଦିନ ସକାଳେ ଦୁଇ ଓଗାଓ୍ୱାଁ ବାହାରିଲେ ଏୟାରପୋର୍ଟ ମୋ ସହିତ ଯିବାପାଇଁ । ଗାଡ଼ିରେ ସ୍ଥାନ ଅଭାବ ଯୋଗୁଁ ମୋ ସାଙ୍ଗ ଓଗାଓ୍ୱାଁ, ଡଃ ସୁକାଦା, ହାରୁମି ଓ ମୁଁ ଏୟାରପୋର୍ଟ ଆଡ଼େ ମୁହାଁଇଲୁ । ଆଖିରୁ ମୋର ଧାର ଧାର ଲୁହ ବୋହି ଯାଉଥାଏ । ଏୟାରପୋର୍ଟରେ ଡଃ ସୁକାଦାଙ୍କ କଥା ମୁଁ ଭୁଲି ପାରିବିନି । "ଆଉ କେଉଁ ଦିନ ପୁଣି ଦେଖା ହେବ କେଜାଣି ?" ମୋର ଏହି କଥାର ଉତ୍ତରରେ ଡଃ ସୁକାଦା କହିଥିଲେ, "This is just beginning" । ସମସ୍ତଙ୍କ ମୁହଁ ଶୁଖି ଯାଇଥାଏ । ମୋ ସାଙ୍ଗ ଓଗାଓ୍ୱାଁକୁ ମୁଁ ଚାହିଁ ପାରୁନଥାଏ । ଏକ ମୁହାଁ ହୋଇ ଚେକିଂ କାଉଣ୍ଟରକୁ ଚାଲିଯାଇଥିଲି ।

# ଆମେରିକାରେ କିଛିଦିନ

ମଣିଷର ଆଶା ଅନେକ। ଭଗବାନ ବିଚାର କରି ଆଶା ପୂରଣ କରନ୍ତି। ସେ ହେଉଛନ୍ତି ନ୍ୟାୟବାନ। କିଛି ପାଇବାର ଆଶା ନରଖି ନିଜ କାମ ଠିକ୍‌ଭାବରେ କଲେ ସେ ନିଶ୍ଚୟ ଫଳ ଦେବେ। ସେ ଖାଲି ଦୟାଳୁ ନୁହଁନ୍ତି ସେ ମଧ୍ୟ ନ୍ୟାୟାଳୁ। ଜାପାନରୁ ୧୯୮୯ ମସିହାରେ ଫେରିଲା ପରେ ଗବେଷଣାରେ ପୂରାପୂରି ଭାବରେ ଲାଗିଗଲି। ରାତି ପର୍ଯ୍ୟନ୍ତ ମୋ ଗବେଷଣା ପିଲାମାନେ କାମ କଲେ। ମୋ ପ୍ରେରଣା ଓ ସାହାଯ୍ୟ ତାଙ୍କୁ ଦେଲା ଅଦମ୍ୟ ଉତ୍ସାହ। ହଠାତ୍ ଦିନେ ଆମେରିକାରୁ ଫୋନ ପାଇଲି। ସେ ଫୋନ ଥିଲା ମୋ ଛାତ୍ରୀ ଡଃ ବିଦ୍ୟୁଲତା ସର ମିଶ୍ର ଓ ତା'ର ସ୍ୱାମୀ ଡଃ ମୁନ୍ମୟ କୁମାର ମିଶ୍ରଙ୍କର। ମୁନ୍ମୟ ମୋର ଛାତ୍ର ନଥିଲା। ସେ ଡଃ ପଦ୍ମଲୋଚନ ନାୟକଙ୍କ ପାଖରେ ପିଏଚ୍.ଡି. କରିଥିଲା ଓ ବରହମପୁର ୟୁନିଭରସିଟ୍‌ରୁ ପ୍ରଥମ ଶ୍ରେଣୀରେ ପ୍ରଥମ ହୋଇ ସ୍ନାତକତ୍ତୋର ଡିଗ୍ରୀ ହାସଲ କରିଥିଲା। ରେଭେନ୍ସା କଲେଜରେ ମୁଁ ତା'ର ପିଏଚ୍.ଡି. କାମ ଦେଖାଶୁଣା କରୁଥିଲି। ତା' ସହିତ ମୋର ଅନେକ ପ୍ରବନ୍ଧ ଆନ୍ତର୍ଜାତିକ ଜର୍ଣ୍ଣାଲରେ ପ୍ରକାଶିତ ହୋଇଥିଲା। ସେ ଆମେରିକାରେ ଗୋଟିଏ ବଡ଼ କମ୍ପାନୀରେ କାର୍ଯ୍ୟରତ ଥାଇ ଦୁଇଟି ବୈଜ୍ଞାନିକ ଜର୍ଣ୍ଣାଲ ନିଜେ ପ୍ରକାଶ କରୁଥିଲା। ପ୍ରତିବର୍ଷ ସେ ଗୋଟିଏ ବଡ଼ ଧରଣର ଆନ୍ତର୍ଜାତିକ ସେମିନାରର ଆୟୋଜନ କରିଥାଏ। ୧୯୯୫ ମସିହାରେ ସେ ସେମିନାର କରୁଥାଏ। ସେହି ସେମିନାରକୁ ପ୍ରବନ୍ଧ ପଠାଇବା ପାଇଁ ଓ ସେମିନାରରେ ଗୋଟିଏ ସେସନ୍‌ରେ ଚେୟାରମ୍ୟାନ ହେବା ପାଇଁ ଅନୁରୋଧ କରିଥିଲା ଫୋନରେ। ମୁଁ ଖୁବ୍ ଆଶାୟୀ ହୋଇଗଲି। ନିଶ୍ଚୟ ମୋ ପ୍ରବନ୍ଧ ଗୃହିତ ହୋଇଯିବ ବୋଲି ଭାବିଲି। ଠିକ୍ ସମୟରେ ପ୍ରବନ୍ଧ ପଠାଇଲି ଓ ଠିକ୍ ସମୟରେ ଏହା ଗୃହିତ ହୋଇଗଲା।



ଜାପାନ ଯାତ୍ରାପରେ ଭାବୁଥିଲି ଭଗବାନଙ୍କ ପାଖରେ ମୋ ବିଦେଶ ଯିବା କୋଟା ସରିଗଲା। ପୁଣିଥରେ ଏତେ ବଡ଼ ଦେଶରୁ ଡାକରା ଆସିବ ଏହା ମୁଁ କେବେ ଭାବି ନଥିଲି। ମଣିଷର କର୍ମନିଷ୍ଠତା କେବେ ବିଫଳ ହୁଏନି। ଖାଲି କଲେଜରେ ନୁହଁ, ସ୍କୁଲ ଜୀବନରୁ କର୍ମନିଷ୍ଠ ହେବା ମୁଁ ଶିଖିଥିଲି। ଏହା ମୋ ବାପାଙ୍କର ମୂଳମନ୍ତ୍ର ଥିଲା। ବେଶୀ ପାଠ ସେ ପଢ଼ି ନଥିଲେ। ସ୍ୱାଧୀନତା ସଂଗ୍ରାମୀ ଥିଲେ ସେ। ମୃତ୍ୟୁ ପର୍ଯ୍ୟନ୍ତ ଖଦଡ଼ ବସ୍ତ୍ର ପିନ୍ଧୁଥିଲେ ଓ ସ୍ୱାଧୀନତା ସଂଗ୍ରାମୀ ଭତ୍ତା ନେଉ ନଥିଲେ। ପରୀକ୍ଷାରେ ଭଲ ନମ୍ବର ରଖିଲିକି ନାହିଁ ସେଥିପ୍ରତି ସେ ନଜର ଦେଉ ନଥିଲେ। ପାଠକୁ ମନ ଦେଇ ପଢୁଛିକି ନାଁ ତାହା ସବୁବେଳେ ତଦାରଖ କରୁଥିଲେ। ମ୍ୟାଟ୍ରିକ୍‌ରେ ମୋ ସ୍କୁଲରେ ମୁଁ ପ୍ରଥମ ହୋଇଥିଲେ ମଧ୍ୟ ଦୁଇନମ୍ବର ପାଇଁ ପ୍ରଥମ ଶ୍ରେଣୀରୁ ବଞ୍ଚିତ ହୋଇଥିଲି। ମନଟା ମୋର ଦବି ଗଲା। ହେଲେ ସେ ଦୁଃଖ ପ୍ରକାଶ କରି ନାହାନ୍ତି। ସେ ଜାଣିଥିଲେ ମୁଁ ୧୯୬୧ ମସିହା ମହାବାତ୍ୟା ଦିନ ମଧ୍ୟ ସ୍କୁଲକୁ ଯାଇଥିଲି। ସ୍କୁଲ ଘର ଟିଣ ଛାତ ଥାଏ ଉଡ଼ିଯିବା ଉପରେ। ବାତ୍ୟାକୁ ଖାତିର ନକରି ୨ ମାଇଲ ଦୂରରୁ ଚାଲି ଚାଲି ଯାଇ ମୁଁ ଏକାଦଶ ଶ୍ରେଣୀ ଗୃହରେ ବସିଥିଲି। ସେ ମଧ୍ୟ ଜାଣି ଥିଲେ ଥରେ ରାତିସାରା ଅନିଦ୍ରା ହୋଇ ଡିବି ଆଲୁଅରେ ୧୨୦ ଖଣ୍ଡ ପରିମିତି ଅଙ୍କ କରି ତା' ପରଦିନ ସ୍କୁଲରେ ଅଚେତ ହୋଇ ଯାଇଥିଲି। ପାଠ ପଢ଼ାରେ ମୋ ନିଷ୍ଠାପରତା ପାଇଁ ମୋ ଶିକ୍ଷକଙ୍କର ପ୍ରିୟଛାତ୍ରୀ ଥିଲି ମୁଁ। ଏ ସବୁର ଫଳ ମୁଁ ପରବର୍ତ୍ତୀ ଜୀବନରେ ପାଇଛି।

ଆମେରିକା ଯିବା ପ୍ରସ୍ତୁତିରେ ଲାଗି ପଡ଼ିଲି। ଏକାଏକା ଏତେ ଦୂର ଏତେ ବଡ଼ ଦେଶକୁ ଯିବାକୁ ଡର ଲାଗୁନଥାଏ। ବିଦେଶର କାଇଦା କଟକଣା ଜଣାଥାଏ ଏବଂ ବିଦ୍ୟୁ ଓ ମୁନ୍ମୟ ମୋ ନିଜ ଲୋକ। ସେମାନଙ୍କଠାରୁ ସାହାଯ୍ୟ ପାଇବି ଏ ଭରସା ମୋର ଥାଏ। କଲିକତା ଗଲି ଭିସା ପାଇଁ। ଠିକ୍ ତାହା ପୂର୍ବରୁ ଆମେରିକା ଯିବାପାଇଁ ଖୁବ୍ କଡ଼ା କଡ଼ିରେ ଭିସା ମିଳୁଥାଏ। ଭିସା ଅଫିସରେ ଆମେରିକାନ୍ ମହିଳା ଜଣେ ଇଣ୍ଟରଭ୍ୟୁ କଲେ। ଅନେକ ପ୍ରଶ୍ନ ମୋତେ ପଚାରିଲେ। ତାଙ୍କ କଥାରୁ ବୁଝିଲି ମୋତେ ସେ ଆମେରିକା ଯିବାକୁ ଦେବେ ନାହିଁ। କାରଣ ମୋର ଶିକ୍ଷାଗତ ଯୋଗ୍ୟତା ଯାହା ଥିଲା, ମୁଁ ଆମେରିକାରେ ରହିଯିବାର ସମ୍ଭାବନା ଅଛି

ବୋଲି ଭାବିଲେ । ସେ ବାଛି ବାଛି ଲୋକମାନଙ୍କୁ ଅନୁମତି ଦେଉଥିଲେ । ଏଥିରେ ମୋର ମୁଣ୍ଡ ଘୁରିଗଲା । ହତୋତ୍ସାହ ହୋଇପଡ଼ିଲି । ସବୁ ଆଶା ଓ ପ୍ରସ୍ତୁତି ମୋର ବୃଥା ହୋଇଗଲା ବୋଲି ଭାବିଲି । "ପ୍ରଭୁ ତୁମରି ଇଚ୍ଛା" କହି ଇଣ୍ଟର୍ଭ୍ୟୁ ରୁମରୁ ବାହାରକୁ ଆସି ବସି ପଡ଼ିଲି । ସାଙ୍ଗେ ସାଙ୍ଗେ ମୋ ନାଁ ଡକାହେଲା । ଭିସା ପାଇଁ ଟଙ୍କା ଦାଖଲ କରିବାକୁ ଅନୁମତି ମିଳିଲା । ସେଦିନର ଖୁସି ମୋର କହିଲେ ନସରେ । ଭିସା ନେଇ କଟକ ଫେରିଲି । University Grants Commission (UGC), New Delhi, Council of Scientific and Industrial Research (CSIR), New Delhi ଓ Department of Science and Technology (DST), Orissa ରୁ ମୋର ଅନେକ ଗବେଷଣାତ୍ମକ ପ୍ରୋଜେକ୍ଟ ଆର୍ଥିକ ଅନୁଦାନ ମଞ୍ଜୁର ପ୍ରାପ୍ତ ହୋଇ ରେଭେନ୍ସା କଲେଜରେ ପରିଚାଳିତ ହୋଇଥିବାରୁ ସେମିନାରରେ ଯୋଗ ଦେବାକୁ ଆମେରିକା ଗସ୍ତ ଖର୍ଚ୍ଚ ଓ ରହଣି ଖର୍ଚ୍ଚ ଏହିସବୁ ଏଜେନ୍ସିରୁ ମଞ୍ଜୁର ହୋଇଗଲା । ମଞ୍ଜୁର ହୋଇଥିବା ଟଙ୍କା ଖର୍ଚ୍ଚ କରିଥିବା ଟଙ୍କାରୁ ଅଧିକ ହେବାରୁ ଆମେରିକାରୁ ଫେରିଲା ପରେ ମଞ୍ଜୁର ଟଙ୍କାରୁ କିଛି ଟଙ୍କା ନନେବା ପାଇଁ ଜଣାଇ ଦେଲି ।

ମେ ମାସ ଦୁଇ ତାରିଖରେ ଥିଲା ମୋର ଆମେରିକା ଯାତ୍ରା । ପୁଣି ଭାଗ୍ୟର ବିଡ଼ମ୍ବନା । ସେ ଦିନ ଥାଏ ଗ୍ରୀଷ୍ମାବକାଶ ପାଇଁ କଲେଜର ଶେଷ ଦିନ । ଓଡ଼ିଶା ସରକାରଙ୍କ ନିୟମ ଅନୁସାରେ ବଡ଼ ବଡ଼ ଛୁଟିର ପୂର୍ବ ଦିନ କଲେଜରେ ଉପସ୍ଥିତ ରହି କାମ ନକଲେ ଛୁଟିଯାକର ଦରମା ମିଳିନଥାଏ । ଜୀବନରେ ଅର୍ଥକୁ ପ୍ରାଧାନ୍ୟ ମୋର ଖୁବ୍ କମ । ପ୍ରକୃତ ଜୀବନର ପ୍ରାଧାନ୍ୟ ମୋ ପାଖରେ ଅଧିକ । ବେଳେବେଳେ ପ୍ରଚୁର ଅର୍ଥ ପାଇ ମଧ୍ୟ ମଣିଷ ଜୀବନ ଭଳି ଜୀବନ ପାଇ ପାରେନି । କମ ଅର୍ଥରେ ଚଳି ପ୍ରକୃତ ଜୀବନ ଜାପନ କରିବାରେ ଥାଏ ପ୍ରକୃତ ଆନନ୍ଦ । ସମ୍ପୂର୍ଣ୍ଣ ଗ୍ରୀଷ୍ମାବକାଶ ମୋ ଅର୍ଜିତ ଛୁଟିରୁ କଟି ଯାଇଥିଲା । ଛୁଟି ଆଉ ଦରମା ଏହାକୁ ଉପେକ୍ଷା କରି ଆମେରିକା ଅଭିମୁଖେ କଟକ ଛାଡ଼ିଲି ୧୯୯୫ ମସିହା ମେ ମାସ ୧ ତାରିଖ ଦିନ ରାତି ଟ୍ରେନ୍‌ରେ । ଦିଲ୍ଲୀରେ ମୋ ଛାତ୍ର ଡଃ ଅନିଲ ପ୍ରସାଦ ଦାସ ଘରେ ରହିଲି । ଏଥର ବିରାଟ ପଟୁଆର ମୋ ସହିତ ନଥିଲା । ସବୁ କାମ ଓ ସବୁ



କଥାରେ ଉତ୍କଣ୍ଠା ସବୁଦିନ ନଥାଏ । ମୋ ସ୍ୱାମୀ ଓ ମୁଁ ଯାଇଥାଉ ଦିଲ୍ଲୀ । ମୋ ପୁଅ ପୁପୁ ଆସିଥାଏ ଅହମଦାବାଦରୁ ବିଦାୟ ଦେବା ପାଇଁ । ସକାଳେ ଥାଏ ଫ୍ଲାଇଟ୍ । ଦିଲ୍ଲୀ ଇଣ୍ଟରନ୍ୟାସନାଲ ଏୟାରପୋର୍ଟ ଛାଡ଼ିଲି ସକାଳ ୮ଟାରେ Air India ରେ । ଦିନ ପ୍ରାୟ ୧୨ଟା ବେଳେ ପହଞ୍ଚିଲି ଲଣ୍ଡନରେ । ଲଣ୍ଡନରେ ଫ୍ଲାଇଟ୍ ବଦଳ ହେଲା । ସବୁ ଲଗେଜ ଅନ୍ୟ ଫ୍ଲାଇଟ୍‌କୁ ନିଆ ହୋଇଗଲା । ହାତ ବ୍ୟାଗ ଧରି ଆମେ ବାହାରକୁ ଆସିଲୁ । ହାତ ବ୍ୟାଗ୍ ଚେକ୍ କରାଗଲା । ମୋର ଜଣେ ସମ୍ପର୍କୀୟ ଗୋଟିଏ ବଡ଼ ମାର୍ବଲର ତାଜମହଲ ତାଙ୍କ ଝିଅ ପାଖକୁ ମୋ ହାତରେ ପଠାଇ ଥାଆନ୍ତି । ଟିକିଏ ଡର ଡର ଲାଗୁଥାଏ ଚେକିଂ ସମୟରେ । ଖୋଲା ଖୋଲି କରି ଚେକିଂ କଲେ ମୋ ହାତ ବ୍ୟାଗ । ପୁଣି ଥରେ ସଜାଡ଼ିବାକୁ ମୋତେ କଷ୍ଟ ହେଲା । ପ୍ରାୟ ୩ ଘଣ୍ଟା ଏୟାରପୋର୍ଟରେ ବୁଲାବୁଲି କରିବାର ସୁବିଧା ମିଳିଲା । କିନ୍ତୁ ବାହାରକୁ ଯିବାର ଅନୁମତି ନଥାଏ । ବାହାରେ ଲଣ୍ଡନ ଦେଖିବାକୁ ଇଚ୍ଛା ହେଉଥାଏ । ସବୁବେଳେ ତ ଇଚ୍ଛା ପୁରଣ ହୁଏନି । ଏୟାରପୋର୍ଟରୁ ବିଦୁକୁ ଫୋନ କଲି ଏବଂ ଭଲରେ ଲଣ୍ଡନରେ ପହଞ୍ଚି ଯାଇଛି ବୋଲି କହିଲି ।

ଲଣ୍ଡନ ଏୟାରପୋର୍ଟ Heathrow ଛାଡ଼ିଲି ଭାରତ ସମୟ ଦିନ ୩ଟା ବେଳେ । ଆମେରିକା ଅଭିମୁଖେ ଯାତ୍ରା ଆରମ୍ଭ ହେଲା । ଦୀର୍ଘ ସମୟ ବସି ବସି କଷ୍ଟ ଲାଗୁଥାଏ । ଟିଭିରେ ଏରୋପ୍ଲେନ୍‌ର ଗତି ପଥକୁ ଦେଖି ଦେଖି ସମୟ କଟାଉଥାଏ । ଇଣ୍ଡିଆନ୍ ଖାଦ୍ୟ ମଧ୍ୟ ମିଳୁଥାଏ । କେନେଡ଼ି ଏୟାରପୋର୍ଟରେ ଆମେରିକା ସମୟ ଦିନ ୧୧ରେ ପହଞ୍ଚିଲି । ବିଦୁ, ମୁନ୍ମୟ ଓ ତାଙ୍କ ପୁଅ ସୁରଜ ଓ ଝିଅ ସ୍ୱାତୀ ଅପେକ୍ଷା କରିଥିଲେ ଗେଟ୍ ବାହାରେ । ମାଡ଼ାମ୍ ତାଙ୍କର ଏକାଏକା ଆସିଛନ୍ତି – କ୍ଲାନ୍ତ ହୋଇପଡ଼ିଥିବେ ଦୀର୍ଘ ସମୟ ଯାତ୍ରା ପରେ, ଏମିତି କେତେ କଥା ଭାବୁ ଥାଆନ୍ତି । ପ୍ରାୟ ଦୀର୍ଘ କୋଡ଼ିଏ ଘଣ୍ଟା ଯାତ୍ରା କରି ମୁଁ କ୍ଲାନ୍ତ ଦିଶୁନଥିଲି ବୋଲି ସେମାନେଙ୍କର ଥିଲା ମନ୍ତବ୍ୟ । ମଣିଷ କ୍ଲାନ୍ତ ହୋଇପଡ଼େ ମନରେ ଅବସାଦ ଆସିଲେ । ମୁଁ ଭାବେ କ୍ଲାନ୍ତ ହେବାଟା ମାନସିକ ପରିସ୍ଥିତି ଉପରେ ନିର୍ଭର କରେ । କେଉଁ ମାଟି କାଦୁଅ ଗାଁରେ ଗୋଟିଏ ଅର୍ଦ୍ଧ ଶିକ୍ଷିତ ପରିବାରରେ ଜନ୍ମ ହୋଇ, କୌଣସି ଉଚ୍ଚ ପଦସ୍ଥ ସମ୍ପର୍କୀୟମାନଙ୍କ ଠାରୁ ପ୍ରେରଣା ନପାଇ ଓ ପାଠ ପଢ଼ା

ବିଷୟରେ ଅବଗତ ନହୋଇ ମୁଁ ଯେ ଜାପାନ ଓ ଆମେରିକା ଭଳି ଦେଶ ଦେଖିପାରିଛି ଏହା ହିଁ ଥିଲା ମୋ ପାଇଁ ପ୍ରେରଣା। ମଣିଷ ହୃଦୟର ପରିସ୍ଥିତି ଜଣାପଡ଼େ ତା'ର ମୁଖ ମଣ୍ଡଳରୁ। ହୃଦୟଟା ଯେତେବେଳେ ଆନନ୍ଦରେ ଉଦ୍‌ବେଳିତ ମୁହଁ ବା କ୍ଳାନ୍ତ ଦିଶିବ କେମିତି ? ବାଟସାରା ଗପି ଗପି କେନେଡ଼ି ଏୟାରପୋର୍ଟରୁ ଗଲୁ ନ୍ୟୁୟର୍କର ଓ୍ୱାପିଞ୍ଜରଫଲ୍‌କୁ। ସେମିନାର ଡେଲିଗେଟ୍‌ମାନଙ୍କୁ ଦେବାପାଇଁ କିଛି ପିପିଲି ବ୍ୟାଗ ମୁନ୍ମୟର ବରାଦ୍ ଅନୁସାରେ ନେଇଥିଲି। ତା'ଘରେ ପହଞ୍ଚିଲୁ ସନ୍ଧ୍ୟା ପୂର୍ବରୁ। ମେ ମାସରେ ମଧ୍ୟ ଶୀତ ବେଶ୍ ଲାଗୁଥାଏ। ମୁନ୍ମୟର ବେଶ୍ ସୁନ୍ଦର ଘରଟିଏ। ବିଦୁ ଆମେରିକାରେ ଥାଏ ସିନା, ହେଲେ ପକ୍କା ଓଡ଼ିଶାର ସଂସ୍କୃତିକୁ ଜାବୁଡ଼ି ଧରିଥାଏ ସେ। କେତେ ପିଠାପଣା କରିଥିଲା ମୋ ପାଇଁ। ଘରର ପଛ ପଟେ ଡେକ୍। ଡେକ୍‌ଠାରୁ ଅଳ୍ପ ଦୂରରେ ମୁନ୍ମୟ ନିଜ ହାତରେ ମାଟି ହାଣି ପରିବା ବଗିଚାଟିଏ କରିଥାଏ। ତା'ର କହିବା ଅନୁସାରେ ଶାଗ ଓ ଅନ୍ୟାନ୍ୟ ମଞ୍ଜିମଧ୍ୟ ମୁଁ ନେଇଥିଲି କଟକରୁ। ରୁମ୍, କିଚେନ୍ ସବୁ ସଫା ସୁତରା, ସୁସଜ୍ଜିତ। ବିଦୁର ସୌନ୍ଦର୍ଯ୍ୟ ଜ୍ଞାନ ଓ ଘର ସଜାରୁ ତା'ର ଉନ୍ନତ ରୁଚିର ପ୍ରମାଣ ମିଳୁଥାଏ। ଆମେ ଓ୍ୱାପିଞ୍ଜରଫଲ୍‌ରେ ପହଞ୍ଚିଲା ବେଳକୁ ଭାରତରେ ଦିନ ହୋଇଥିବ। ତେଣୁ ମୋତେ ଜେଟ୍‌ଲାକ୍ ହୋଇପାରେ ଭାବି ଶୋଇବା ପାଇଁ ମୋତେ ତରତର କଲେ ସେମାନେ। ତାହା ପୂର୍ବରୁ ମୁନ୍ମୟ ତା' ତଳମହଲାରେ ଘରର ପ୍ରବେଶ ଦ୍ୱାରରେ ଥିବା ସାଇରନ୍ ମେସିନ୍ ବିଷୟରେ ବୁଝାଇଥିଲା। ରାତିରେ ଯଦି କେହି ଦୁର୍ବୃତ୍ତ ଘରକୁ ପଶେ ସାଇରନ୍ ଆପେଆପେ ବାଜି ଉଠିବ। ଘର ଲୋକମାନେ ଉଠି ପଡ଼ିବେ ଓ ପୋଲିସ ସେଠାରେ ପହଞ୍ଚିଯିବ। ସେ ଦେଶରେ କି ସୁନ୍ଦର ସୁରକ୍ଷା ବ୍ୟବସ୍ଥା। ସବୁ ବୁଝାବୁଝି କରି ଶୋଇପଡ଼ିଲି। କୌଣସି ଦୁଶ୍ଚିନ୍ତା ତ ମନରେ ନଥାଏ। ଆରାମରେ ନିଦ ହୋଇଗଲା। ଭୋର ହେଲାରୁ ନିଦ ଭାଙ୍ଗିଗଲା। ଆମେରିକାର ସକାଳ ଦେଖିବାକୁ ଇଚ୍ଛା। ଉପର ମହଲାରୁ ତଳକୁ ଆସିଲି। ସାରା ବିଲ୍‌ଡିଂଟା ଶୂନ୍‌ଶାନ। ସାଇରନ୍ କଥା ମନେ ନଥାଏ। ଦୁଆର ପାଖରେ ପହଞ୍ଚିଲା କ୍ଷଣି ଜୋର କରି ସାଇରନ୍‌ଟା ବାଜି ଉଠିଲା। ମୁନ୍ମୟ ଉପର ମହଲାରୁ ଦଉଡ଼ି ଆସିଲା। କାରଣ ସାଇରନ୍ ବନ୍ଦ ନକଲେ କିଛି ଅସୁବିଧା ହୋଇଯାଇଛି ଭାବି ପୋଲିସ୍ ଚାଲି ଆସିବ। ଆମେରିକାରେ ଏହାଥିଲା ମୋର ପ୍ରଥମ ଅନୁଭୂତି।



ଆମେରିକାର ଘରଗୁଡ଼ିକ ଛାଡ଼ି ଛାଡ଼ି। ରାସ୍ତାରେ କେହି କେଉଁଠି ଦିଶୁ ନଥାଆନ୍ତି। କାଁ ଭାଁ କାର୍‌ଟିଏ ଯାଉଥାଏ। ଚାରିଆଡ଼େ ଖୁବ୍ ନିଛାଟିଆ ଲାଗୁଥାଏ। ପ୍ରତ୍ୟେକଙ୍କର ଘର ସାମନାରେ ସୁନ୍ଦର ଘାସର ଲନ୍। ସତେ ଯେମିତି ସବୁଜ ଗାଲିଚା ପରାଯାଇଛି। ପରେ ବୁଝିଲି ସପ୍ତାହର ଶେଷ ଦିନ ଆଡ଼କୁ ସମସ୍ତେ ଘାସ କାଟି ଲନ୍‌କୁ ସୁସଜ୍ଜିତ କରି ଥାଆନ୍ତି। ଘାସକଟା ଯନ୍ତ୍ର ହାତରେ ଧରି ଘାସ କଟା ଯାଏ, କେହି କେହି ଟ୍ରାକ୍‌ଟରରେ ବସି ଯନ୍ତ୍ରସାହାଯ୍ୟରେ କାଟନ୍ତି। ବେଳେ ବେଳେ ମୁନ୍ମୟ ଥଟ୍ଟାରେ କହେ, "ମାଡ଼ମ୍, ମୁନ୍ମୟ ଘାସ କଟାଳିକୁ ଦେଖନ୍ତୁ।" ସେ ଦେଶରେ ଚାକର, ମୂଳିଆର ଧାରଣା ନାହିଁ। ଅଧିକାଂଶ ଲୋକ ନିଜ ହାତରେ ସବୁକାମ କରନ୍ତି। ଇଲେକ୍ଟ୍ରିକ୍ ସଜାଡ଼ିବାଠାରୁ ଆରମ୍ଭ କରି ସୁଇମିଂପୁଲ୍ ସଫା କରିବା ପର୍ଯ୍ୟନ୍ତ କାମ ଘର ଲୋକେ କରନ୍ତି। ପ୍ରଥମେ ପ୍ରଥମେ ଜାଣିବାକୁ ସବୁ ଇଚ୍ଛା ହେଉଥାଏ।

ମୁଁ ଭାରତରେ ଥିବା ସମୟରେ ମୋ ଶୁଭେଚ୍ଛୁ ଖଟାଉ ସୁନ୍ଦର ଦାସ (ଖଟୁଭାଇ)ଙ୍କ ଅନୁରୋଧରେ ଆମ ରୋଟାରୀ କ୍ଲବର ଗଭର୍ଣ୍ଣର ବାଦଲ ସେନ୍ ନ୍ୟୁୟୋର୍କର ଗଭର୍ଣ୍ଣରଙ୍କ ପାଖକୁ ମୋ ଆମେରିକା ରହଣି ବିଷୟରେ ଚଠିଟିଏ ଲେଖିଥିଲେ ଓ ମୁଁ ତାଙ୍କ କ୍ଲବ ମିଟିଂରେ ଯୋଗ ଦେବାକୁ ଅନୁମତି ଦେବାପାଇଁ ଅନୁରୋଧ କରିଥିଲେ। ମୁଁ ପହଞ୍ଚିବା ପୂର୍ବରୁ କେଉଁଦିନ, କେତେବେଳେ ମିଟିଂକୁ ଯିବି କେତେବେଳେ କିଏ ମୋତେ ମୁନ୍ମୟ ଘରୁ ନେବେ ଇତ୍ୟାଦି ଫ୍ୟାକ୍ସ ସାହାଯ୍ୟରେ ମୁନ୍ମୟକୁ ଜଣାଇ ଦେଇଥିଲେ ଆମେରିକା ଗଭର୍ଣ୍ଣର। ସବୁ କାମରେ କେତେ ନିୟମିତ ସେ ଦେଶର ଲୋକେ। ଏ ସବୁରେ ଆମେ କେତେ ପଛରେ ଭାବିଲେ ଆମକୁ ସଂକୋଚ ଲାଗେ। ତାଙ୍କ ଫ୍ୟାକ୍ସ ଅନୁସାରେ ଗୋଟିଏ କାର୍‌ରେ ଜଣେ ଭଦ୍ରଲୋକ ପହଞ୍ଚିଲେ ନିର୍ଦ୍ଧାରିତ ଦିନ ନିର୍ଦ୍ଧାରିତ ସମୟରେ। ତାଙ୍କ ସହିତ ରୋଟାରୀ ମିଟିଂକୁ ଗଲି। ମୋ କ୍ଲବ କେତେ ଦିନର, ଏହାର ସଭ୍ୟ ସଂଖ୍ୟା କେତେ, ଏହାର କାର୍ଯ୍ୟକ୍ରମ ଓ ପ୍ରୋଜେକ୍ଟ ଇତ୍ୟାଦି ଉପରେ ସେଠାରେ ବକ୍ତୃତା ଦେଲି। ପ୍ରଥମେ ପ୍ରଥମେ ତାଙ୍କ ଉଚ୍ଚାରଣ ଧରି ପାରୁନଥିଲି। କ୍ରମଶଃ ବୁଝିବାରେ ସକ୍ଷମ ହେଲି। ଆମ କ୍ଲବର ପତାକା ଦେଇ ତାଙ୍କ କ୍ଲବର ପତାକା ଗ୍ରହଣ କଲି।

ଏମିତି ଗୋଟିଏ ସେବାକରୀ ଆନ୍ତର୍ଜାତିକ ସଂସ୍ଥାରେ ମୁଁ ସଭ୍ୟ ହୋଇପାରିଥିବାରୁ ପୃଥିବୀର ପ୍ରତ୍ୟେକ ଦେଶରେ ନିଜ ଦେଶର ପରିଚୟ ଦେବାକୁ ସକ୍ଷମ ହୋଇପାରିଛି, ଏଥିପାଇଁ ଖୁବ୍ ଗର୍ବ ଅନୁଭବ କରିଥିଲି ସେଦିନ। ଉତ୍ସର୍ଗୀକୃତ ସେବାମୂଳକ କାର୍ଯ୍ୟ ପାଇଁ ମୁଁ ପରବର୍ତ୍ତୀ କାଳରେ ରୋଟାରୀ ଇଣ୍ଟରନ୍ୟାସନାଲ୍ ଠାରୁ Four Avenues of Service Award, Paul Harris Fellow Award, Multiple Paul Harris Fellow Award ଏବଂ କ୍ଲବରେ ଉନ୍ନତମାନର କାର୍ଯ୍ୟକ୍ରମ ପାଇଁ ରୋଟାରୀ ଜିଲ୍ଲା ୩୨୬୦ ରୁ Best President Award ଏବଂ Best Secretary Award ପାଇଥିଲି ତଥା ଜିଲ୍ଲାସ୍ତରରେ Asst. Governer ଭଳି ଉଚ୍ଚ ପଦବୀ ମଧ୍ୟ ପାଇଥିଲି।

ଆମେରିକା ପହଞ୍ଚିବା ପରେ ପ୍ରଥମେ ଥିଲା ମୋର ମିଚିଗାନ୍ ଯାତ୍ରା। କଟକର ଜଣେ ଓଡ଼ିଆ ପ୍ରଫେସର ଡଃ ଦିଲିପ୍ କୁମାର ମହାନ୍ତି ଅଧ୍ୟାପନା କରୁଥାଆନ୍ତି ସେଣ୍ଟ୍ରାଲ ମିଚିଗାନ୍ ୟୁନିଭର୍‌ସିଟ୍‌ରେ। ସେ ସେମିନାର ଉପଦେଷ୍ଟା ଥାଆନ୍ତି। ଓଡ଼ିଶାରେ ଥିବା ସମୟରେ ତାଙ୍କ ସହ ମୋର ପତ୍ର ବିନିମୟ ହୋଇଥାଏ। ସେ ତାଙ୍କ ୟୁନିଭର୍‌ସିଟ୍‌କୁ ମୋତେ ନିମନ୍ତ୍ରଣ କଲେ। ଏୟାର ଟିକେଟ୍ ମଧ୍ୟ ପଠାଇଥିଲେ। ମୁଁ ନିର୍ଦ୍ଦିଷ୍ଟ ଦିନରେ ମିଚିଗାନ୍ ଏୟାରପୋର୍ଟରେ ପହଞ୍ଚିଲି। ଦିଲ୍ଲୀପ ବାବୁ ଏୟାରପୋର୍ଟରୁ ମୋତେ ପାଛୋଟି ନେଲେ। ସେଠାରେ ମୁଁ ମେପଲ୍ ଗଛ ପ୍ରଥମ ଥର ପାଇଁ ଦେଖିଲି। ଧାଡ଼ି ଧାଡ଼ି ମେପଲ ଗଛ ଯେମିତି ସଜ୍ଜା ହୋଇ ଠିଆ ହୋଇଥାନ୍ତି। ମେପଲ୍ ରସ ମହୁଭଳି ଲାଗେ। ଦିଲ୍ଲୀପ ବାବୁଙ୍କର ଦୁଇଟି ଛୋଟ ଛୋଟ ଝିଅ ନୁପୁର ଓ ପାୟଲ୍। ସ୍ତ୍ରୀ ନାଁ ରୀତା। ଘରେ ତାଙ୍କର ଓଡ଼ିଆ ଭଳି ଚଳଣି। ଭାତ ଡାଲମା, ଚିଙ୍ଗୁଡ଼ି ଝୋଳ ଖାଇ ଓଡ଼ିଶାରେ ଘରେ ଖାଇଲାଭଳି ଲାଗିଲା। ପ୍ରତ୍ୟେକ କଥାରେ ସେ ରୀତାକୁ ଡାକନ୍ତି। ଶାଳୀ ତାଙ୍କର ଥଟ୍ଟାରେ କହନ୍ତି "ତୁମ ସ୍ତ୍ରୀ ନାଁ ରୀତା ନହୋଇ ରାଧା ହୋଇଥିଲେ ଅନ୍ତତଃ ଦିନକୁ ୧୫-୨୦ ଥର ରାଧା ଦେବୀଙ୍କ ନାଁ ଉଚ୍ଚାରଣ କରନ୍ତ"। ସେମିନାର ଟକ୍ ଦେବାକୁ ତା' ପରଦିନ ୟୁନିଭରସିଟକୁ ଗଲି। ସେମିନାର ଆରମ୍ଭ ହେବା ପୂର୍ବରୁ ପ୍ରତ୍ୟେକ ପ୍ରଫେସରଙ୍କୁ ତାଙ୍କ ରୁମ୍‌ରେ ଦେଖାକଲି। ଭାରତରେ କରିଥିବା ମୋ ଗବେଷଣା



ବିଷୟରେ ଆଲୋଚନା କଲି। ଏହା ସେ ୟୁନିଭରସିଟ୍‌ର ଚଳଣି। ସେମାନେଙ୍କ ସହ ଫଟୋ ଉଠାଇଲି। ସେଦିନ ଅନୁଭବ କରୁଥାଏ ମୁଁ କେତେ ଉଚ୍ଚସ୍ଥାନ ପାଇ ପାରିଛି ସେହି କରୁଣାମୟଙ୍କ କୃପାରୁ। ଦୁଇଘଣ୍ଟା ବକ୍ତୃତା ଓ ପ୍ରଶ୍ନୋତ୍ତର ଚାଲିଲା। ଶହେ ଡଲାର ମୋତେ ଉପହାର ଦେଲେ ସେମାନେ। ସନ୍ଧ୍ୟାରେ ଦିଲ୍ଲୀପ ବାବୁଙ୍କ ସହ କିଛି ବାଟ କାରରେ ଯାଇ ଫେରି ଆସିଲି ତାଙ୍କ ଘରକୁ।

ତା'ପରଦିନ ସକାଳ ୮ଟା - ରୀତା ରୀତା ଡାକ ଶୁଭୁନଥାଏ। କୌତୂହଳ ବସତଃ ଘର ବାହାରକୁ ଆସି ଦେଖେତ ଦିଲ୍ଲୀପ ବାବୁ ହାତରେ ଫାଉଡ଼ା ଧରି ଖତ ଖେଳାଉଛନ୍ତି। ମୋତେ ଦେଖି ହସି ପକାଇଲେ। ଆମକୁ ଏଠାରେ ସବୁ ପ୍ରକାର କାମ କରିବାକୁ ପଡ଼େ ବୋଲି କହିଲେ। ଆମ ଦେଶରେ ତାଙ୍କ ନାଁ କେତେ ଉଚ୍ଚରେ। ସେଠାରେ ଫାଉଡ଼ା, ଖତ ଇତ୍ୟାଦି ଦେଖି ଭାବିଲି ସତରେ ଆମ ଲୋକମାନେ କେତେ ଆରାମରେ ରହନ୍ତି। ଜଣେ ପ୍ରଫେସର ଖତ ଗଦାରେ ପଶି ଫାଉଡ଼ାରେ ଖତ ଖେଳାଇବା କଥା ଆମେ ଭାବି ପାରୁ ନାହିଁ। ସ୍କୁଲ ପିଲାମାନେ ରାସ୍ତାରେ ଲାଇନ୍ କରି ଯାଉଥିବାର ଦେଖିଲି। ନିୟମ ହିଁ ନିୟମ। ଲ ଏବଂ ଅଡ଼ର ସେଠାରେ ଖୁବ୍ କଡ଼ା। ଟିକିଏ ବିଚ୍ୟୁତ ହେଲେ ସାଏଁ କରି ପୋଲିସ୍ ଗାଡ଼ି ପହଞ୍ଚି ଯାଏ ଓ ଫାଇନ୍ ଟିକେଟ ଧରାଇ ଦିଏ। ତେଣୁ ସମସ୍ତେ ନିୟମ କାନୁନ୍‌ରେ ବନ୍ଧା। ସେଠାରେ ଗୋଟିଏ ରୋଟାରୀ କ୍ଲବରେ ଯୋଗଦେଇ ପତାକା ବିନିମୟ କଲି। ମିଚିଗାନ୍‌ରେ ତିନିଦିନ ରହି ଫେରି ଆସିଲି ନ୍ୟୁୟୋର୍କର ଓ୍ୱାପିଞ୍ଜରଫଲ୍‌କୁ।

ଆମେରିକାରେ ପହଞ୍ଚିବାପରେ ପ୍ରଥମେ ନିମନ୍ତ୍ରଣ ଆସିଥିଲା ଉମାଭାଇଙ୍କ ଠାରୁ। ମୋ ସ୍ୱାମୀଙ୍କର ବନ୍ଧୁ ଇଞ୍ଜିନିୟର ସରୋଜ କୁମାର ପଟ୍ଟନାୟକଙ୍କର ବଡ଼ଭାଇ ଚିଫ୍ ଇଞ୍ଜିନିୟର ଡକ୍ଟର ଉମେଶ ଚନ୍ଦ୍ର ପଟ୍ଟନାୟକ। ସେ ରହୁଥିଲେ Delaware stateର Doverରେ। ଟ୍ରେନ୍ ଟିକେଟ କରି ସେ ପଠାଇ ଥାଆନ୍ତି। କଟକରୁ ସରୋଜ ବାବୁଙ୍କର ବଡ଼ଭାଇଙ୍କୁ ଥାଏ ଅନୁରୋଧ, "ମୋ ବନ୍ଧୁ ପତ୍ନୀ ସୁବାସିନୀର ଯତ୍ନ ନେବ"। କାଳେ ଷ୍ଟେସନ ମିସ୍ କରିଯିବି ଭୟ ଥାଏ। ସବୁ ଷ୍ଟେସନରେ ଟ୍ରେନ୍ ଭିତରେ ଷ୍ଟେସନ ନାଁ ଘୋଷଣା କରାଯାଉଥାଏ। ଟ୍ରେନ ଠିକ୍

ସମୟରେ ଷ୍ଟେସନରେ ପହଞ୍ଚିଲା । କମ୍ପାର୍ଟମେଣ୍ଟ ଦୁଆର ମୁହଁରେ ପ୍ଲାଟଫର୍ମକୁ ଚାହିଁଲି । ନୀଳ ରଙ୍ଗର ପ୍ୟାଣ୍ଟ ପିନ୍ଧି ଇସତ୍ ଶ୍ୟାମଳ ରଙ୍ଗର ଭଦ୍ରଲୋକ ଜଣକ ମୋ ଡବା ଦୁଆର ମୁହଁରେ ଆସି ଠିଆ ହୋଇଗଲେ । "ଉମା ଭାଇ" ବୋଲି ମୋ ସମ୍ବୋଧନ ଶୁଣି ସେ ଆଶ୍ଚର୍ଯ୍ୟ ହେଲେ । ତାଙ୍କର ପ୍ରଥମ ପ୍ରଶ୍ନ ହେଲା "ମୁଁ ଉମାଭାଇ ବୋଲି କେମିତି ଜାଣିଲ ?" ନିଜ ଦେଶର ଲୋକଙ୍କୁ ଚିହ୍ନିବାରେ କିଛି କଷ୍ଟ ହୁଏନି ବୋଲି କହିଲି । ଅଧଘଣ୍ଟାରେ ପହଞ୍ଚିଲି ତାଙ୍କ ଘରେ । ତାଙ୍କ ସ୍ତ୍ରୀ ସାବିତ୍ରୀ ଭାଉଜ ଖୁବ୍ ସ୍ନେହୀ । ସମ୍ବଲପୁରୀ ଧଳା ଶାଢ଼ୀଟିଏ ପିନ୍ଧି ଥାଆନ୍ତି ।ଅନେକ ପ୍ରକାର ଖାଇବା ସେ ରାନ୍ଧି ରଖି ଥାଆନ୍ତି ମୋ ପାଇଁ । ମୋତେ ଖୁବ୍ ଘରୁଆ ଘରୁଆ ଲାଗିଲା । ତାଙ୍କ ବଗିଚାରେ ଗୋଲାପ ଫୁଲ ଦେଖି ମୁଁ ଆତ୍ମବିଭୋର ହୋଇଗଲି । ପ୍ଲମ୍ ଗଛର ଫଳ ତୋଳିବାକୁ ମଜା ଲାଗୁଥାଏ ତାଙ୍କ ବଗିଚାରେ ।

ତା'ପରଦିନ ବାହାରିଲୁ ୱାସିଂଟନ୍ ଡିସି ଅଭିମୁଖେ । ସେଠାରେ କ'ଣ କ'ଣ ଦେଖିବି ଲିଷ୍ଟ କରିଥାଏ କଟକରେ । ଉମାଭାଇ ସାହାଯ୍ୟ କଲେ ବୁଲିବାରେ । ପ୍ରଥମେ ଦେଖିଲୁ ଲିଙ୍କନ୍ ମେମୋରିଆଲ । ଆବ୍ରାହାମ ଲିଙ୍କନ୍‌ଙ୍କ ବିରାଟ ମୂର୍ତ୍ତି ଥାଏ ସେଠାରେ । ଆବ୍ରାହମ୍ ଲିଙ୍କ୍‌ନଙ୍କ ସ୍ମୃତିକୁ ଧାରଣ କରିଛି ଲିଙ୍କନ ମୋମୋରିଆଲ୍ । ସେ ଥିଲେ ଆମେରିକାର ଷୋଳତମ ପ୍ରେସିଡେଣ୍ଟ । ତାଙ୍କ ପୂର୍ବରୁ ଆମେରିକାରେ ଗୃହ ଯୁଦ୍ଧ ଲାଗି ଥିଲେ ମଧ୍ୟ ଏହା ତେଜି ଉଠିଥିଲା ତାଙ୍କ ସମୟରେ ଓ ଶେଷ ମଧ୍ୟ ହୋଇଥିଲା ତାଙ୍କ ସମୟରେ । ଆମେରିକାର ସ୍ୱାଧୀନତା ପାଇଁ ତାଙ୍କର ପ୍ରଚେଷ୍ଟା ଚୀର ସ୍ମରଣୀୟ । ଘୃଣ୍ୟ କ୍ରୀତଦାସ ପ୍ରଥା ବିରୁଦ୍ଧରେ ତାଙ୍କର ଅଭିଯାନ କୌଣସି ଆମେରିକାବାସୀ ଭୁଲି ପାରିବେ ନାହିଁ । ଦେଶବାସୀଙ୍କ ପାଇଁ ତାଙ୍କର ପ୍ରେରଣା ଓ ଆଶା ପିଢ଼ି ପିଢ଼ି ଧରି ଲୋକମାନଙ୍କ ମନରେ ଉଜ୍ଜୀବିତ ରହିଛି ଓ ରହିବ । ତା'ପରେ ଗଲୁ ଆମେରିକା ପ୍ରେସିଡେଣ୍ଟଙ୍କର ବାସସ୍ଥାନ ହ୍ୱାଇଟ୍ ହାଉସ୍ ପାଖକୁ । ଗେଟ୍ ପାଖରେ ବସି ଫଟୋ ଉଠାଇଲି । ଭିତରକୁ ପଶିବାକୁ ଅନୁମତି ମିଳିଲା ନାହିଁ । Arlington Cementery ଦେଖିବାକୁ ଯାଇଥିଲୁ ଏହାପରେ । ଶ୍ମଶାନ ନୁହଁ ସେ । ପାର୍କଭଳି ଲାଗିଲା । କେନେଡ଼ିଙ୍କ ଜୁଇ ଦିନରାତି ସେଠାରେ



ଜଳୁଥାଏ । ତା'ପରେ ଆସିଲୁ ନ୍ୟାସନାଲ ଲାଇବ୍ରେରୀ ପାଖକୁ । ଗେଟ୍‌ର ଦୁଇ ପାଖରେ ଅର୍ଦ୍ଧ ଉଲଗ୍ନ ସ୍ତ୍ରୀ ଲୋକମାନଙ୍କର ମୂର୍ତ୍ତି ଦେଖି ଟିକିଏ ଲାଜେଇ ଗଲି । ହ୍ୱାଇଟ୍ ହାଉସର ଦକ୍ଷିଣରେ ଜେଫରସନ୍‌ର ମେମୋରିଆଲ୍ ଅବସ୍ଥିତ । ଥୋମାସ୍ ଜେଫରସନ୍ ଥିଲେ ଆମେରିକାର ତୃତୀୟ ପ୍ରେସିଡ଼େଣ୍ଟ । ଆମେରିକା ଗଠନରେ ତାଙ୍କର ଥିଲା ଅନେକ ଅବଦାନ । ସେ ଥିଲେ ଜଣେ ଦାର୍ଶନିକ, ଡିପ୍ଲୋମେଟ୍ ଓ ଆବିଷ୍କାରକ । ଆମେରିକାର ସ୍ୱାଧୀନତା ପାଇଁ ସେ ପ୍ରାଣପଣେ ଲଢ଼ିଥିଲେ । ତେଣୁ ଆମେରିକାର ପ୍ରତ୍ୟେକ ଦେଶ ପ୍ରେମୀଙ୍କ ହୃଦୟରେ ସେ ସ୍ଥାନିତ । ଆମେରିକା ଇତିହାସରେ ତାଙ୍କ ନାଁ ସବୁଦିନ ପାଇଁ ସ୍ୱର୍ଣ୍ଣାକ୍ଷରରେ ଲିଖିତ । ତାଙ୍କ ସ୍ମୃତି ପାଇଁ ଏହି ମେମୋରିଆଲଟି ତିଆରି କରାଯାଇଛି । ୱାସିଂଟନ୍ ମନୁମେଣ୍ଟ ଦେଖିଲି ଏହାପରେ । ଏହା ୧୮୪୮ ମସିହାରେ ନିର୍ମିତ ହୋଇଥିଲା । ଏହି ଚତୁଷ୍କୋଣୀ ସ୍ମୃତି ସ୍ତମ୍ଭର ଉଚ୍ଚତା ୫୫୫ ଫୁଟ । ଏହା ଉପରୁ ୱାସିଂଟନ୍‌ର ଦୃଶ୍ୟ ପ୍ରତୀୟମାନ ହୁଏ । ବେଟେରୀ ପାର୍କ ନ୍ୟୁୟୋର୍କରେ ୨୫ ଏକର ଜମି ଉପରେ ତିଆରି କରାଯାଇଛି । ବନ୍ଦର ସୁରକ୍ଷା ପାଇଁ ସେଠାରେ ବିରାଟ କମାଣ ଅଛି ବୋଲି ଜାଣିବାକୁ ପାଇଲି । ଶେଷରେ ଗୋଟିଏ ମ୍ୟୁଜିୟମ୍‌ରେ ଅନେକ ବୈଜ୍ଞାନିକ ଯନ୍ତ୍ରପାତି ଓ ଘଟଣାବଳୀର ପୋଷ୍ଟର ଇତ୍ୟାଦି ଦେଖି ଫେରିଲୁ ସନ୍ଧ୍ୟାରେ । ଚାଲି ଚାଲି ଏସବୁ ସ୍ଥାନ ଦେଖିବାକୁ ପଡ଼ିଲା । ତେଣୁ ଖୁବ୍ କ୍ଳାନ୍ତ ହୋଇ ପଡ଼ିଥିଲି ।

ତା'ପରିଦିନ ଗଲି ଜଗନ୍ନାଥଙ୍କ ଦର୍ଶନ ପାଇଁ । ଆମେରିକାନ୍ ସ୍ତ୍ରୀ ଓ ପୁରୁଷମାନେ ଧୋତି ଓ ଗେରୁଆ ଫତେଇ ପିନ୍ଧି ଓ ଶାଢ଼ି ପିନ୍ଧି ଝାଞ୍ଜ ମୃଦଙ୍ଗ ବଜାଇ ଜୟଦେବଙ୍କ ଗୀତଗୋବିନ୍ଦ ଗାଇ ଗାଇ ନାଚୁଥିବାର ଦେଖି ମୁଁ ବିସ୍ମିତ ହୋଇଗଲି । ପ୍ରଭୁ ! ତୁମର ଲୀଳା ସବୁଠାରେ । ତିନି ଭାଇ ଭଉଣୀ ମନ୍ଦିରରେ ପୂଜା ପାଉ ଥାଆନ୍ତି । ବହୁତ ଭାରତୀୟ ସେଠାରେ ଦେଖାହେଲେ । ମୋର ପ୍ରିୟ ଅବଢ଼ା ଖାଇବାକୁ ମିଳିଲା ସେଠାରେ । ସାଙ୍ଗରେ ଉମାଭାଇ, ଭାଉଜ ଓ ତାଙ୍କ ସାନ ପୁଅ ଡେଭିଡ୍ ଥାଆନ୍ତି । "ପ୍ରଭୁ ସବୁ ତୁମ ଇଚ୍ଛା" କହି ଫେରିଲି ଘରକୁ । ଉମାଭାଇ ମୋତେ ଗୋଟିଏ ଇସ୍‌କନ୍ ମନ୍ଦିର ଦେଖାଇଥିଲେ । ପ୍ରଭୁପାଦଙ୍କ ମୂର୍ତ୍ତି ଦେଖିଲେ ମନେ ହେଉଥିଲା ସତେ ଯେମିତି ସେ ଜୀବନ୍ତ ମଣିଷ । ମନ୍ଦିରଟି ଥିଲା ଖୁବ୍ ବଡ଼

ଓ ସୁସଜ୍ଜିତ। ସଫା ସୁତରା ଥିଲା ବେଢ଼ା। ଉମାଭାଇଙ୍କ ଘରେ ଆଉ ଦୁଇଦିନ ରହି ଫେରିଲି ଓ୍ୟାପିଞ୍ଜିରଫଲ୍। ଉମାଭାଇ ଦେଇଥିବା ଅନେକ ଉପହାର ଥିଲା ସାଙ୍ଗରେ।

ଏହାପରେ ଥିଲା ସେମିନାର "ଆଡଭାନ୍ସ ପଲିମରସ୍ ଇନ୍ ମାକ୍ରୋମଲିକୁଲାର ଇଞ୍ଜିନିୟରିଂ"। ଏହାଥିଲା ମୋ ଆମେରିକା ଯାତ୍ରାର ବଡ଼ ପୋଗ୍ରାମ। ମୁନ୍ମୟ ଓ ବିନ୍ଦୁ ଲାଗି ପଡ଼ିଥାନ୍ତି କାମରେ। ଆଶ୍ଚର୍ଯ୍ୟ ଲାଗିଲା, ଆମ ଦେଶ ଭଳି ସେଠାରେ ଏହି ଦୁଇଜଣଙ୍କୁ ସାହାଯ୍ୟ କରିବାପାଇଁ କେହି ନଥିଲେ। ବହୁତ ପୂର୍ବରୁ ମେଲ୍‌ରେ ସେମାନେ ସେମିନାର, ରେଜିଷ୍ଟ୍ରେସନ, ଯାତାୟତ, ରହିବାର ବ୍ୟବସ୍ଥା ଇତ୍ୟାଦି ଜଣାଇ ଦେଇଥାଆନ୍ତି ଡେଲିଗେଟ୍‌ମାନଙ୍କୁ। ୨୬ଟି ଦେଶରୁ ବୈଜ୍ଞାନିକମାନେ ଏହି କନ୍‌ଫେରେନ୍ସରେ ଯୋଗ ଦେଇଥିଲେ। କନ୍‌ଫେରେନ୍ସ ପୂର୍ବଦିନ ସନ୍ଧ୍ୟାରେ ମୁନ୍ମୟ ତା' ବାସଭବନରେ ଏକ ରାତ୍ରି ଭୋଜନର ବ୍ୟବସ୍ଥା କରିଥାଏ। ଗୋଟିଏ ଘଟଣାରେ ଭାରତ ଓ ଆମେରିକା ଭିତରେ ତଫାତ୍ ଲକ୍ଷ୍ୟ କଲି ମୁଁ ସେଦିନ। ଅତିଥିମାନେ ଘରକୁ ଆସିଲେ ବାପା ମା'ଙ୍କୁ ଓ ଅତିଥିମାନଙ୍କୁ ଛୋଟ ପିଲାମାନେ ହଇରାଣ କରିବେ ବୋଲି ସେମାନେ ପିଲାମାନଙ୍କୁ ବେବିସିଟର ଘରେ ଛାଡ଼ି ଆସନ୍ତି ଏବଂ ଘଣ୍ଟା ଅନୁସାରେ ଟଙ୍କା ଦିଅନ୍ତି। ଏହା ହେଉଛି ଆମେରିକାର ଚଳଣି। ମୁନ୍ମୟର ପୁଅ ସୁରଜ ଛୋଟ ଥାଏ। ତେଣୁ ତାକୁ ବେବିସିଟର ପାଖରେ ଦୁଇଘଣ୍ଟା ପାଇଁ ସେମାନେ ଛାଡ଼ି ଆସିଥିଲେ। ରାତ୍ରି ଭୋଜନରେ ସେଦିନ ଯୋଗ ଦେଇଥିଲେ ଆକ୍ରନ୍ ୟୁନିଭରସିଟିରୁ ଆସିଥିବା ବୈଜ୍ଞାନିକ ଡକ୍ଟର କେନେଡ଼ି ଓ ତାଙ୍କ ସ୍ତ୍ରୀ, ଅଷ୍ଟ୍ରେଲିଆରୁ ଆସିଥିବା ବିଖ୍ୟାତ ବୈଜ୍ଞାନିକ ଡକ୍ଟର ନାପର୍ ଓ ତାଙ୍କ ସ୍ତ୍ରୀ, ଯାହାଙ୍କ ନାମରେ ନାମିତ ସମୀକରଣ ଆମେ ଆମ ବୈଜ୍ଞାନିକ ପ୍ରବନ୍ଧରେ ଦର୍ଶାଇ ଥାଉ ପ୍ରଫେସର ଟ୍ୟୁଡ୍‌ସ୍, ଜୁନିୟର ଜେ.ଇ. ମାର୍କ, ମାକ୍ରୋମଲିକ୍ୟୁଲାର ସାଇନ୍ସ ଜର୍ଣ୍ଣାଲର ଏଡ଼ିଟର ଜର୍ଜ ବି. ବଟ୍‌ଲର, ଜାପାନସ୍ଥ ଗୁନ୍‌ମା ୟୁନିଭରସିଟିର ବୈଜ୍ଞାନିକ ଡକ୍ଟର କାଜୋ ଆରାଇ ଇତ୍ୟାଦି। ଏମାନଙ୍କ ନାଁ ଶୁଣିଥିଲି ଭାରତରେ। କେତେଜଣଙ୍କ ସହିତ ପତ୍ର ବିନିମୟ କରିଥିଲି। ଏମାନଙ୍କୁ ଦେଖିବାର ଭାଗ୍ୟ ମିଳିଲା। ସେଦିନ ମୁଁ ନିଜକୁ ଭାଗ୍ୟବାନ ମନେ କରିଥିଲି। ମୁନ୍ମୟ ମୋତେ ସେମାନଙ୍କ ସହ ପରିଚୟ କରାଇ ଦେଲା। ଗର୍ବରେ ମୋ ଛାତି କୁଣ୍ଢେମୋଟ



ହୋଇ ଯାଉଥାଏ। ଖିଆପିଆ ଧୁମ୍‌ଧାମ୍‌ରେ ହେଲା। ଗବେଷଣା ବିଷୟରେ ଅନେକ ଆଲୋଚନା ଚାଲିଥିଲା। ସେମାନେ ଯିବା ପୂର୍ବରୁ ସୁରଜ ଫେରିଲା ଘରକୁ। ଏସବୁରେ ସେଠାକାର ପିଲାମାନେ ଅଭ୍ୟସ୍ତ।

ତା'ପର ଦିନ ସକାଳେ ଆମେ ଭାସାର କ୍ୟାମ୍ପସକୁ କନ୍‌ଫେରେନ୍ସ ପାଇଁ ଗଲୁ। ରେଜିଷ୍ଟ୍ରେସନରେ ମୁନ୍ମୟକୁ ଟିକିଏ ସାହାଯ୍ୟ କଲି। କନ୍‌ଫେରେନ୍ସ ହେଉଥାଏ ଏହି ବିରାଟ ପୁରାତନ କଲେଜରେ। କିଛି ଜାକଜମକ ବା ସାଜସଜା ନଥାଏ। ଆମ କନ୍‌ଫେରେନ୍ସଠାରୁ ଏହା ଥିଲା ଭିନ୍ନ। ଲୋକମାନଙ୍କର ହୋ ହା ନଥାଏ। ଆମ ଦେଶ ଓ ସେ ଦେଶ ଭିତରେ ଥିଲା ଅନେକ ପାର୍ଥକ୍ୟ। ଆମର ଉଦ୍‌ଘାଟନ ଉତ୍ସବଟି ଖୁବ୍ ଜମିଥାଏ। ସେଠାରେ ସେମିତି କିଛି ଥିବାର ମୁଁ ଲକ୍ଷ୍ୟ କଲି ନାହିଁ। ଫୁଲରେ ଷ୍ଟେଜ ସଜା ନଥିଲା ସେଠାରେ। ମୁନ୍ମୟ ଷ୍ଟେଜ ଉପରକୁ ଗଲା ଏବଂ ଗୋଟିଏ ବାକ୍ୟରେ ସମସ୍ତଙ୍କୁ ସ୍ୱାଗତ କରି ପଏଣ୍ଟର କାଢ଼ିଲା ଓ ତା' ପ୍ରବନ୍ଧ ଉପସ୍ଥାପନ କଲା। ଏହା ଦ୍ୱାରା ସେ ସମୟ ଅନେକ ବଞ୍ଚାଇ ପାରିଲା। ସମୟର ମୂଲ୍ୟ ସେମାନେ ବୁଝନ୍ତି। ଫୁଲତୋଡ଼ା ଦିଆନିଆ, ଧନ୍ୟବାଦ ଦେବା, ଅଯଥା ପ୍ରଶଂସା କରିବାରେ ଆମର ଚାଲିଯାଏ ଅନେକ ସମୟ। ସେ ଦେଶରେ ଲୋକମାନେ ଏଭଳି କାର୍ଯ୍ୟକ୍ରମକୁ ଭଲ ପାଆନ୍ତି ନାହିଁ। କନ୍‌ଫେରେନ୍ସର ମୂଳ ଲକ୍ଷ୍ୟ ଉପରେ ଧ୍ୟାନ ଦିଅନ୍ତି ସେମାନେ।

ତା' ବିସ୍କୁଟରେ ଚଳିଯାଉଥାଏ ବ୍ରେକ୍ ସମୟ। ମଧ୍ୟାହ୍ନ ଭୋଜନ ମଧ୍ୟମ ଧରଣର। ରାତ୍ରି ଭୋଜନ ଖୁବ୍ ଜାକ ଜମକରେ ହେଉଥାଏ। ପରସ୍ପର ଚିହ୍ନାଜଣା, ନିଜ ନିଜର ଗବେଷଣା ଉପରେ ଆଲୋଚନା, ଦେଶ ବିଦେଶ କଥାରେ ରାତ୍ରୀଭୋଜନ ଶେଷ ହେଉଥାଏ। ଅନେକ ଫଟୋ ଉଠାଇଲି ସବୁ ବୈଜ୍ଞାନିକଙ୍କ ସହିତ। ଭାରତରୁ NCL ପୁନାର ଡାଇରେକ୍ଟର ଡକ୍ଟର ଏସ୍ ଶିବରାମ୍, ମାଡ୍ରାସ ଲେଦର ଇନ୍‌ଷ୍ଟିଚ୍ୟୁଟରୁ ଡକ୍ଟର ମିସେସ ଗଙ୍ଗା ରାଧାକୃଷ୍ଣନ୍ ଯୋଗଦେଇଥାନ୍ତି କନ୍‌ଫେରେନ୍ସରେ। ସେଦିନ ମୋ ଆନନ୍ଦ କହିଲେ ନସରେ। କନ୍‌ଫେରେନ୍ସର ଦ୍ୱିତୀୟ ଦିନ ଥାଏ ମୋର ଟକ୍। ଏମିତି ସୁଯୋଗ ମୋତେ ମିଳିବ ମୁଁ କେବେ

କଳ୍ପନା କରିନଥିଲି । ମୋର ପୂଜ୍ୟଗୁରୁ ଡକ୍ଟର ପଦ୍ମଲୋଚନ ନାୟକ ସବୁବେଳେ କହନ୍ତି "ସିଂହର ପିଲାଭଳି କନ୍‌ଫେରେନ୍ସରେ ସାହସ ସହିତ ତୁମର କାମ ଉପସ୍ଥାପନ କରିବ । ତୁମେ ଭାବିବ ତୁମେ ଯାହା କହୁଛ ତାକୁ ତୁମଛଡ଼ା କେହି ଜାଣି ନାହାନ୍ତି ।" ସେହି ଭାବ ନେଇ ପେଣ୍ଡାଲ୍ ଉପରକୁ ଉଠିଲି । ଆଜି ମୁଁ କଠିନ ପରିଶ୍ରମର ଫଳ ପାଇଛି । ଏତେ ବଡ଼ ବଡ଼ ବୈଜ୍ଞାନିକ ବସିଛନ୍ତି । କେତେ ବଡ଼ ବଡ଼ ଗବେଷଣାଗାରରେ ସେମାନେ କାମ କରିଛନ୍ତି । ନିପଟ ମଫସଲରୁ ଆସି ଛୋଟିଆ ଗବେଷଣାଗାରରେ କାମ କରିଛି ମୁଁ ଯେଉଁଠି ପରୀକ୍ଷା କରିବାକୁ ଉନ୍ନତ ଯନ୍ତ୍ରପାତି ନାହିଁ କି ବିଶେଷ ରାସାୟନିକ ପଦାର୍ଥ ଆବଶ୍ୟକ ଅନୁଯାୟୀ ମିଳେନି ଓ ଗୋଟିଏ ବି ବୈଜ୍ଞାନିକ ଜର୍ଣ୍ଣାଲ ଆସେନି ଲାଇବ୍ରେରୀକୁ । ସେ ପରିବେଶରେ ଜଡ଼ା ତେଲ ଉପରେ ଗବେଷଣା କରି ମୋ କାମକୁ ଏଠାରେ ଉପସ୍ଥାପନ କରୁଛି । ତଥାପି ମନରେ ତିଳେମାତ୍ର ଡର ନଥାଏ । ନିର୍ଭୀକ ଭାବରେ ଉପସ୍ଥାପନ କଲି ମୋ ଗବେଷଣାର ଫଳାଫଳ । ତା'ପରେ ପ୍ରଶ୍ନ ପରେ ପ୍ରଶ୍ନ । ମନେ ଅଛି, ପେଣ୍ଡାଲ୍‌ରୁ ଆସି ମୋ ସିଟ୍‌ରେ ବସିଥାଏ । ଗୋଟିଏ ସାଇଡ୍‌ରେ ମୋ ପାଖରେ ତଳେ ବସିପଡ଼ି ପ୍ରଫେସର ଜେ.ଇ. ମାର୍କ ମୋତେ ଭୂୟସୀ ପ୍ରଂଶସା କଲେ । ମୋ କାମ ଉପରେ ବହୁତ ପଚରା ଉଚରା କଲେ । ମୁଁ ଖୁବ୍ ଉତ୍ସାହିତ ହୋଇଥିଲି ସେଦିନ । ମୋର ଉପସ୍ଥାପନାର ଢଙ୍ଗ ତାଙ୍କ ମନକୁ ଖୁବ୍ ପାଇଥିଲା ବୋଲି କହିଲେ । ତା'ପରେ ଯେଉଁ କାର୍ଯ୍ୟକ୍ରମ ଚାଲିଥିଲା ସେ ଆଡ଼କୁ ମୋର ଲକ୍ଷ୍ୟ ନଥିଲା । ମୁଁ ଫେରି ଯାଇଥିଲି ଅଠେଇଶି ବର୍ଷ ତଳକୁ । ଆଡ଼କ ଆପଏଣ୍ଟମେଣ୍ଟ ହୋଇଥାଏ ରେଭେନ୍ସାରେ । ଟ୍ରଙ୍କ ଓ ବେଡ଼ିଂଧରି ଓହ୍ଲାଇଲି ଓଏମ୍.ପି. ଛକରେ । ମୋର ଶୁଭେଚ୍ଛୁ ଡକ୍ଟର ନାୟକ ଅପେକ୍ଷା କରିଥାନ୍ତି ମୋତେ ସେଠାରେ । କେଉଁଠି ରହିବି, କେମିତି ଏତେ ବଡ଼ କଲେଜରେ ପାଠ ପଢ଼ାଇବି ଏସବୁ ଭାବି ଭାବି ମୁଁ ବ୍ୟସ୍ତ ହୋଇ ପଡୁଥାଏ । ମା'ଙ୍କ ଆଶୀର୍ବାଦ ସବୁ ସମସ୍ୟାର ସମାଧାନ କରିଦେଲା । ଏସି.ସି.ବି. ମେଡ଼ିକାଲ ଲେଡ଼ିଜ୍ ହଷ୍ଟେଲରେ ଜଣେ ସାଙ୍ଗ ପାଖରେ ରହିଲି । ବଡ଼ କଲେଜ ହେଲେ ମଧ୍ୟ ପାଠ ପଢ଼ାଇବାରେ କିଛି ଅସୁବିଧା ହେଲାନି । ସବୁଥିରେ ଭରସା ପାଇଛି ଦିଅଁ ଦେବତାଙ୍କଠାରୁ । ଆଜି ଏତେ ବଡ଼ କନ୍‌ଫେରେନ୍ସରେ ସମସ୍ତଙ୍କଠାରୁ



ପ୍ରଂଶସା ଶୁଣିଲି କେବଳ ଈଶ୍ୱରଙ୍କ ଆଶୀର୍ବାଦ ପାଇଁ । ତା'ପରଦିନ ଗୋଟିଏ ସେସନ୍‌ରେ ଚେୟାରମ୍ୟାନ ହେବାର ସୁଯୋଗ ପାଇଲି । ଏ ଥିଲା ମୋର ପରମ ସୌଭାଗ୍ୟର କଥା । ତା'ପରଦିନ ଥାଏ ହଡ୍‌ସନ୍ ନଦୀରେ ନୌକାରେ ଭ୍ରମଣ ଏବଂ ରାତ୍ରିଭୋଜନ । ଡଃ ଗଙ୍ଗା ରାଧାକୃଷ୍ଣନ୍ ମୋର ପରିଚିତ । ତାଙ୍କ ସହିତ ନୌକା ଭ୍ରମଣ ଓ ରାତ୍ରିଭୋଜନ ଉପଭୋଗ କଲି । ଆମେରିକା ଆସିବାର ପ୍ରଧାନ କାର୍ଯ୍ୟଟି ସରିଗଲା, ମୁଣ୍ଡ ହୋଇଗଲା ହାଲକା । କନ୍‌ଫେରେନ୍ସ ପରଦିନ ମୋତେ ଓ ଜଣେ ଜାପାନୀ ପ୍ରଫେସରଙ୍କୁ ମୁନ୍ମୟ ବୁଲାଇବାକୁ ନେଇଗଲା ଷ୍ଟାଚ୍ୟୁ ଅଫ୍ ଲିବର୍ଟି ପାଖକୁ । ନ୍ୟୁଜର୍ସି ଓ ନ୍ୟୁୟର୍କ ମଧ୍ୟରେ ଥିବା ସୀମାରେ ଏଲିସ୍ ଦ୍ୱୀପ ଏବଂ ଲିବର୍ଟି ଦ୍ୱୀପ ଅବସ୍ଥିତ । ଏହି ଦ୍ୱୀପକୁ ଲୋକମାନେ ଫେରିରେ ଯାତାୟତ କରନ୍ତି । ନ୍ୟୁଜର୍ସିରେ ଲିବର୍ଟି ଦ୍ୱୀପ ଓ ନ୍ୟୁର୍କରେ ଏଲିସ୍ ଦ୍ୱୀପ ଅବସ୍ଥିତ । ଲୋକମାନେ ବନ୍ଦର ଦେଇ ଏଲିସ୍ ଦ୍ୱୀପକୁ ଗଲାବେଳେ ତାଙ୍କ ଆଖି ପଡ଼େ ଷ୍ଟାଚ୍ୟୁ ଅଫ୍ ଲିବର୍ଟି ଉପରେ । ସେମାନେ ପ୍ରାଣ ଦେଇଥିବା କୋଟି କୋଟି ଲୋକମାନଙ୍କର ଅବଦାନ ପାଇଁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରନ୍ତି ସେଠାରେ । ଷ୍ଟାଚ୍ୟୁ ଅଫ୍ ଲିବର୍ଟି ମୂର୍ତ୍ତି ଆମେରିକାନମାନେ ପ୍ରଥମ ମହାସମର ପୂର୍ବରୁ ଆଣିଥିଲେ ଫ୍ରାନ୍ସ ଦେଶରୁ । ଏହି ମୂର୍ତ୍ତି ହାତରେ ଗୋଟିଏ ମସାଲ ଧରି ଉପରକୁ ଉତ୍ତୋଳନ କରିଛି । ଏହି ମସାଲଟି ମୁକ୍ତି (Liberty)ର ସଂକେତ । ଏହି ଦୁଇଟି ଦ୍ୱୀପର ଇତିହାସ ଆଜି ପର୍ଯ୍ୟନ୍ତ ଅମର । ତା'ପରେ ଗଲୁ ୱାର୍ଲଡ୍ ଟ୍ରେଡ୍ ସେଣ୍ଟର ଦେଖିବା ପାଇଁ । ୱାର୍ଲଡ୍ ଟ୍ରେଡ୍‌ସେଣ୍ଟର ବିଲ୍‌ଡ଼ିଂକୁ ଚାହିଁଲେ ଆଖି ପାଉନଥାଏ । ସତେ ଯେମିତି ଏହା ଆକାଶକୁ ଛୁଇଁଥାଏ, ସେମିତି ଲାଗୁଥାଏ । ୨-୩ ମହଲା ପର୍ଯ୍ୟନ୍ତ ଚଢ଼ି ପୃଥିବୀର ବ୍ୟବସାୟ କେନ୍ଦ୍ରସ୍ଥଳୀ ଦେଖିଲାପରେ ଆମେ ଫେରି ଆସିଥିଲୁ ଘରକୁ ।

କିଛି ଦିନ ମୁନ୍ମୟ ଘରେ ରହିଲା ପରେ ମନିଆପଲିସିରେ ହେଉଥିବା OSA (Orissa Society of the Americas) କନ୍‌ଫେରେନ୍ସରେ ଯୋଗ ଦେବାପାଇଁ ନିମନ୍ତ୍ରଣ ଆସିଲା ମୋର ବନ୍ଧୁ ଡଃ କାଜଲ ମୁଖାର୍ଜୀଙ୍କଠାରୁ । ସେ ମୋ ଉପର ଶ୍ରେଣୀର ଛାତ୍ରୀ ଥିଲେ ରେଭେନ୍ସାରେ । ଲେଡ଼ିଜ୍ ହଷ୍ଟେଲରେ ଏକା ରୁମ୍‌ରେ ସ୍ନାତକୋତ୍ତର ଶ୍ରେଣୀରେ ପଢ଼ିଲାବେଳେ ରହୁଥିଲୁ । ଡଃ ସୁନିତି ମିଶ୍ର କାଲିଫର୍ଣ୍ଣିଆର

ସାନ୍‌ହୋଜେରୁ ଆସି OSA କନ୍‌ଫେରେନ୍ସରେ ଯୋଗ ଦେବାର ଥାଏ। ସେ ମଧ୍ୟ ମୋ ସହିତ ଏକା ରୁମ୍‌ରେ ରହୁଥିଲେ। ସେ ଦୁଇଜଣଙ୍କ ସହିତ ମୋର ଥିଲା ଘନିଷ୍ଠତା। ମିନିଆପଲିସ୍ ଯିବା ବାଟରେ ସେଣ୍ଟ୍‌ଲୁଇସ୍ ଏୟାରପୋର୍ଟରେ କିଛି ସମୟ ରହି ଫ୍ଲାଇଟ୍ ବଦଳାଇଲି। ବିରାଟ ଏୟାରପୋର୍ଟ। ଯାହାହେଉ ସନ୍ଧ୍ୟାରେ ପହଞ୍ଚିଲି ମିନିଆପଲିସ୍ ଏୟାରପୋର୍ଟରେ। କାଜଲ ଅପାଙ୍କ ସ୍ୱାମୀ ପ୍ରଣବ ଦାଦା ଓ ସୁନିତି ଅପାଙ୍କ ସ୍ୱାମୀ ସରୋଜ ବାବୁ ମୋତେ ପାଛୋଟି ନେଲେ ଏୟାରପୋର୍ଟରୁ। କାଜଲ ଅପାଙ୍କ ଘରେ ତିନିଜଣ ରେଭେନ୍ସା କଲେଜ ଓ ଲେଡ଼ିଜ ହଷ୍ଟେଲ ସ୍ମୃତି ରୋମନ୍ଥନ କରି ବିଳମ୍ବିତ ରାତିରେ ଶୋଇଲୁ। ତା'ପରଦିନ ଥାଏ କନ୍‌ଫେରେନ୍ସ। କଟକରୁ ଡଃ ପ୍ରତିଭା ରାୟ ଓ ଶ୍ରୀଯୁକ୍ତ ଦେବେନ୍ଦ୍ର ମିଶ୍ର ନିମନ୍ତ୍ରିତ ହୋଇଥାଆନ୍ତି OSAକୁ। ଅନେକ ଓଡ଼ିଆ ଲୋକମାନଙ୍କ ସହ ଦେଖା ହେଲା। ଜଗନ୍ନାଥଙ୍କ ଉପରେ ଅନେକ ଆଲୋଚନା ହେଲା ଏବଂ ଓଡ଼ିଆ ଘରର ସଂସ୍କୃତି ଓ ଚାଲି ଚଳନ ବିଷୟରେ ଯୁବପିଢ଼ିମାନଙ୍କୁ ଅବଗତ କରାଗଲା। ଓଡ଼ିଶୀ ଓ ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମର ବ୍ୟବସ୍ଥା ଥିଲା। ଖାଦ୍ୟ ଥିଲା ପୁରା ଓଡ଼ିଶା ଖାଦ୍ୟ। କିଏ ଭଙ୍ଗା ପାନ ବିକ୍ରି କରୁଥିଲା ତ କିଏ କାକରା। ସତେ ଯେମିତି ଓଡ଼ିଶା ଚାଲି ଆସିଛି ଆମେରିକାକୁ। ଆମେରିକା ଢାଞ୍ଚାରେ ରହି ରହି ଓଡ଼ିଆ ଲୋକମାନେ ଅତିଷ୍ଠ ହୋଇଗଲା ପରେ କିଛି ସମୟ କଟାନ୍ତି ଓଡ଼ିଶା ବାତାବରଣ ଭିତରେ। ଅନ୍ତତଃ ନିଜ ମାତୃଭୂମିକୁ ନଭୁଲିବା ପାଇଁ ଏହା ଏକ ସୁନ୍ଦର ଆୟୋଜନ। ସେହି କନ୍‌ଫେରେନ୍ସରେ ଦେଖା ହେଲା ଭଦ୍ରକ କଲେଜରେ ମୋତେ ପଢ଼ାଉଥିବା ଶିକ୍ଷକ ଡକ୍ଟର ସୁବାସ ମହାପାତ୍ରଙ୍କ ସହିତ। ଓଡ଼ିଶାର ଲୋକମାନେ ଟଙ୍କା ପଇସା ଖାଇ ଯାଆନ୍ତି ବୋଲି ତାଙ୍କର ଥିଲା ମନ୍ତବ୍ୟ। ତେଣୁ ରେଭେନ୍ସା କଲେଜର ଉନ୍ନତି ପାଇଁ ଆମେରିକାରେ ରହୁଥିବା ଓଡ଼ିଆମାନେ କିଛି ଆର୍ଥିକ ସାହାଯ୍ୟ ଦେବାକୁ ଚାହୁଁ ନାହାନ୍ତି ବୋଲି ତାଙ୍କଠାରୁ ଶୁଣି ମନଟା ଖୁବ୍ ଖରାପ ହେଲା। ବେଳେ ବେଳେ ଆମେ ଏମିତି ଭୁଲ ଧାରଣା ମନରେ ପୋଷଣ କରିଥାଉ। ମିନିଆପଲିସରେ ଅନେକ ଛୋଟ ଛୋଟ ହ୍ରଦ ଦେଖିଲି। ରାତିରେ ଆତସବାଜିର ବ୍ୟବସ୍ଥା ଥିଲା। ସ୍ଥାନଟି ମୋତେ ଖୁବ୍ ଭଲ ଲାଗିଲା। ତାପମାତ୍ରା ମଧ୍ୟ ଉତ୍ତମ ଥିଲା। ସେଠାରେ



ଗୋଟିଏ ମ୍ୟୁଜିୟମ୍ ଦେଖିବାକୁ ଗଲି ତା'ପରଦିନ।

ମିନିଆପଲିସ ଛାଡ଼ିଲାପରେ ମୋ ଯାତ୍ରା ଥିଲା ଲସ୍‌ଏଞ୍ଜିଲକୁ। ସେଠାରେ ମୋ ସମ୍ପର୍କୀୟ ମଦନ ବାବୁ ରହୁଥାଆନ୍ତି। ସୁନିତି ଅପା ମୋତେ ସତର୍କ କରି ଦେଇଥାଆନ୍ତି ଲସ୍‌ଏଞ୍ଜିଲ ଏୟାରପୋର୍ଟ ବିଷୟରେ। ସେଠାରେ ବହୁତ ନିଗ୍ରୋ ଥାଆନ୍ତି। ସେମାନେ କଳା ଲୋକମାନଙ୍କ ପ୍ରତି ଖୁବ୍ ଆକୃଷ୍ଟ। ଟିକିଏ ସାବଧାନରେ ଯିବାପାଇଁ ଉପଦେଶ ଦେଇଥା'ନ୍ତି ସେ। ଏୟାରପୋର୍ଟରେ ମଦନ ବାବୁଙ୍କ ସହ ମୋର ଦେଖା ହେବାର ଥାଏ। ସେ ମୋତେ ନେଇ ଯିବାର ଥିଲା ତାଙ୍କ ଘରକୁ। ତାଙ୍କ ପାଇଁ ଆଣିଥିବା ତାଜମହଲ ଧରି ମୁଁ ମିନିଆପଲିସ ଦେଇ ଲସ୍‌ଏଞ୍ଜିଲରେ ପହଞ୍ଚିଥିଲି। ସବୁଥର ଠାରୁ ଏଥର ଥିଲା ଭିନ୍ନ ଅଭିଜ୍ଞତା। ଏୟାରପୋର୍ଟରେ ମଦନବାବୁଙ୍କୁ ଦେଖିଲି ନାହିଁ। ତାଙ୍କ ସହିତ ପୂର୍ବରୁ ମୋର ଦେଖାସାକ୍ଷାତ ଓ ପରିଚୟ ହୋଇ ନଥିଲା। ଓଡ଼ିଆ ଲୋକଙ୍କୁ ଦେଖି ଜାଣି ପାରିବି ବୋଲି ଭରସା ଥାଏ। ଅପେକ୍ଷା କରି କରି ଏୟାରପୋର୍ଟ ବାହାରକୁ ଆସିବାକୁ ଲାଗିଲି। ଦୁଇଜଣ ନିଗ୍ରୋ ମୋ ଦୁଇ ପାଖରେ ଚାଲିବାକୁ ଲାଗିଲେ। ମୋର କିଛି ସାହାଯ୍ୟ ଦରକାର କି ବୋଲି ପଚାରିଲେ। ମୁଁ ଭୀଷଣ ଡରିଗଲି। ସାହାସ ବାନ୍ଧି ଏୟାରପୋର୍ଟ ଗେଟ୍‌ରୁ ବାହାରି ରାସ୍ତାକୁ ଆସିଲି। ମଦନ ବାବୁଙ୍କର ପରିବାର ଥାଆନ୍ତି କାଲିଫର୍ଣ୍ଣିଆରେ। ଫୋନ୍ କରିବାକୁ ଚେଷ୍ଟା କଲି ତାଙ୍କ ସ୍ତ୍ରୀ ମିନୁକୁ। ମୋ ପାଖରେ ଥିବା କଏନ୍ ଯଥେଷ୍ଟ ନହେବାରୁ ଫୋନ୍ କରି ହେଲାନି। କାରଣ ଲସ୍‌ଏଞ୍ଜିଲରୁ କାଲିଫର୍ଣ୍ଣିଆ ଦୂରବାଟ। ବ୍ୟସ୍ତ ହୋଇ ଜଣେ ଝିଅର ସାହାଯ୍ୟ ନେଲି। ସେ କିଛି କଏନ୍ ଦେଲେ। ଫୋନ୍ କରି ବୁଝିଲି ମଦନ ବାବୁଙ୍କ ସ୍ତ୍ରୀ ମିନୁ ଘରେ ନାହିଁ, ବାହାରକୁ ଯାଇଛି। ମୁଁ ଏତେ ଡରିଗଲି ଯେ ବରଡ଼ା ପତ୍ର ଭଳି ଥରିବାକୁ ଆରମ୍ଭ କଲି। କାରଣ କାହାଠାରୁ ବୁଝିବି ମଦନବାବୁ କେତେବେଳେ ଆସିବେ ? ମୁଁ ଏଠାରେ ଏକା କ'ଣ କରିବି ? ଏମିତି ଭୟାଳୁ ଅବସ୍ଥାରେ ପଛକୁ ଚାହିଁ ଦେଖିଲି ଜଣେ ଶ୍ୟାମଳ ବର୍ଣ୍ଣର ଡେଙ୍ଗା ଲୋକ ଯୋରରେ ମୋ ଆଡ଼କୁ ଆସୁଛନ୍ତି। "ମିଟିଂ ଥିବାରୁ ଟିକିଏ ଡେରି ହୋଇଗଲା" ବୋଲି କହି କ୍ଷମା ମାଗିଲେ। ଓଡ଼ିଆ କଥା

ଶୁଣି ଜାଣିନେଲି ଏହି ଭଦ୍ରଲୋକ ମଦନବାବୁ। ଆସ୍ତେ ଆସ୍ତେ ପ୍ରକୃତିସ୍ଥ ହୋଇ ତାଙ୍କ ଘରକୁ ଆସିଲି। ଏୟାରପୋର୍ଟରୁ ତାଙ୍କ ଘର ୧୦୦ ମାଇଲ୍‌ରୁ ଅଧିକ। ଏତେ ଦୂରରେ ସେ ରହନ୍ତି ଆଗରୁ ଜାଣିଥିଲେ ହୁଏ ତ ମୁଁ ଆସିବାକୁ ସାହସ କରି ନଥାଆନ୍ତି। ସପ୍ତାହରେ ଥରେ ମିନୁ ରାନ୍ଧି ତାଙ୍କୁ ଦେଇଦିଏ। ସେ ମାଇକ୍ରୋ ଓଭେନ୍‌ରେ ଗରମ କରି ଖାଆନ୍ତି। ଏମିତି ଖାଇ, ପରିବାରଠାରୁ ଦୂରରେ ରହି ଚାକିରି କରନ୍ତି ଆମ ଦେଶର ଲୋକମାନେ ସେ ଦେଶରେ। ଏହି ମନବୃତ୍ତି ମୋତେ ଟିକିଏ ବାଧିଲା। ଆମ ଦେଶରେ କ'ଣ ଚାକିରିର ଅଭାବ ? ଅବଶ୍ୟ ଦରମା କମ୍। କିନ୍ତୁ ଆମ ଦେଶର ବ୍ରେନ୍ ସବୁ ଅନ୍ୟଦେଶ ଶୋଷଣ କରୁଛି ଏହା ବୁଝିବାକୁ ଆମେ ପ୍ରସ୍ତୁତ ନୁହଁ। ସେଦିନ ରାତିରେ ଏମିତି କେତେକ କଥା ମୋତେ ବ୍ୟଥିତ କଲା।

ତାଙ୍କ ସହିତ ମୁଁ ଯାଇଥିଲି ଲସ୍‌ଏଞ୍ଜଲର ଏକ ବଡ଼ ଡିଜ୍‌ନିଲାଣ୍ଡ ଦେଖିବାକୁ। ସେଠାରେ ପହଞ୍ଚିଲାଠାରୁ ଆସିବା ଯାଏ ଯାହା ସବୁ ଦେଖିଲି ତାହା ବର୍ଣ୍ଣନା କରିବା କଷ୍ଟକର, କେବଳ ଅନୁଭବ କରିହେବ। ହଲିଉଡ୍ ଦେଖି ମୁଁ ତାଜୁବ୍ ହୋଇଗଲି। ଯାହା ସବୁ ସିନେମାରେ ଆମେ ଦେଖୁଁ ତାହା କେମିତି ଛୋଟ ଜିନିଷରୁ ବଡ଼ କରାଯାଉଛି ତା'ର ନମୁନା ସେଠାରେ ଅଛି। ଗୋଟିଏ ଖୋଲା ଟ୍ରେନରେ ବସି ବୁଲିବୁଲି ସବୁ ଦେଖିଲି। ପାହାଡ଼ ଉପରୁ କ୍ଷୀପ୍ର ଗତିରେ ଝରଣା ବୋହି ଆସି ଠିକ୍ ଆମ ଟ୍ରେନ୍ ପାଖରେ ଅଟକି ଯାଉଥାଏ। ମନେ ହେଉଥାଏ ଝରଣାଟି ଟ୍ରେନକୁ ଭସେଇ ନେବ। ଗାଁ ଦାଣ୍ଡ, ପୋଷ୍ଟ ଅଫିସ, ଗାଁର ଦୃଶ୍ୟ ସେଠାରେ ଛୋଟ ଛୋଟ କରି ରଖାଯାଇଛି। ଜୋରାସିକ୍ ପାର୍କ ସିନେମାର ସୁଟିଂ ଜାଗା ଇତ୍ୟାଦି ଅନେକ ଦୃଶ୍ୟ ହଲିଉଡ୍‌ରେ ଦେଖିଲି। ତା'ପରେ ଅନେକ ଆଡ୍‌ଭାଞ୍ଚରସ୍ ସୋ ଟିକେଟ କରି ଦେଖିଲୁ। ଅନ୍ଧାର ହଲରେ ଖୋଲା ଗାଡ଼ିରେ ଆମେ ଯାଉଥାଉ, ହଠାତ୍ ଏକ ବିରାଟ ବଲ୍ ଖୁବ୍ କ୍ଷୀପ୍ର ଗତିରେ ଆସି ଠିକ୍ ଆମ ସାମନାରେ ରହିଗଲା। ମନେ ହେଉଥାଏ ଯେମିତି ସେହି ବଲ୍‌ଟି ଆମ ଉପରେ ଖୁବ୍ ଜୋରରେ ବାଜି ଆମକୁ ଶେଷ କରିଦେବ। ବହୁତ ସ୍ଥାନରେ ଏମିତି ସଜା ହୋଇଥାଏ ଯେ ଆମେ ବିଭୋର ହୋଇ ଯାଉଥାଉ। ଦିନସାରା ବୁଲି ବୁଲି ଦେଖି ହାଲିଆ ହୋଇ ପଡ଼ିଲୁ। ସନ୍ଧ୍ୟାରେ



ବିଭିନ୍ନ ପ୍ରକାର ରଥ ସୁସଜ୍ଜିତ ହୋଇ ଧାଡ଼ି ଧାଡ଼ି ବାହାରିଲେ ପ୍ରସେସନରେ। ପ୍ରତ୍ୟେକ ରଥରେ ବିଭିନ୍ନ ରୂପରେ ସଜା ହୋଇ ପିଲାମାନେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟ ପ୍ରଦର୍ଶନ କରୁଥାଆନ୍ତି। ହଜାର ହଜାର ଲୋକ ଛିଡ଼ା ହୋଇ ଏହି ମନୋରମ ଦୃଶ୍ୟ ଉପଭୋଗ କରୁଥାଆନ୍ତି।

ତା'ପରଦିନ ମଦନ ବାବୁଙ୍କ ସହତ ଫେରିଲି କାଲିଫର୍ଣ୍ଣିଆର ମିନୁ ଘରକୁ। ମିନୁର ବିରାଟ ବିଲ୍‌ଡ଼ିଂ। ଝିଅ ପୁଅକୁ ନେଇ ରହିଥାଏ ସେ ସେଠାରେ। ତା'ପାଖରେ ତିନିଦିନ ରହି ବଡ଼ ବଡ଼ ସପିଙ୍ଗ୍ ସେଣ୍ଟର ବୁଲି ବୁଲି ଦେଖିସାରି ଫେରିଲି ସାନହୋଜେ ମିନୁ କାର୍‌ରେ। ସାନହୋଜେରେ ସୁନିତି ଅପା ଓ ସରୋଜ ବାବୁ ରହନ୍ତି। ସୁନିତି ଅପା ଓ ସରୋଜ ବାବୁ ମୋତେ ଗୋଟିଏ ମମି ମ୍ୟୁଜିୟମ ଦେଖାଇବାକୁ ନେଲେ। ଶହ ଶହ ବର୍ଷର କଙ୍କାଳମୟ ଶରୀର କାଚ ବାକ୍ସ ଭିତରେ ରଖାଯାଇଥିଲା ସେ ମ୍ୟୁଜିୟମରେ। ସେମାନଙ୍କୁ ଦେଖିବା ହେଉଛି ମୋର ପ୍ରଥମ ଅନୁଭୂତି। ଲାଗୁଥାଏ ସତେ ଯେମିତି ଦୀର୍ଘ ଅତୀତର କାହାଣୀ ଶୁଣାଉଛନ୍ତି ସେମାନେ। ଗୋଟିଏ ଅଧଘଣ୍ଟିଆ ସୋ ସେଠାରେ ଦେଖି ଘରକୁ ଫେରିଲୁ। ତା'ପର ଦିନ ଗଲୁ ଷ୍ଟାନ୍‌ଫୋର୍ଡ଼ ୟୁନିଭରସିଟ୍‌କୁ। ଗେଟ୍ ପାଖରେ ତାଳଗଛ ଦେଖି ଜାଣିଲି ସେଠାକାର ଜଳବାୟୁ ସହିତ ଭାରତୀୟ ଜଳବାୟୁର କିଛି ଅଂଶରେ ସାମଞ୍ଜସ୍ୟ ଅଛି। ତା'ପରେ ଆସିଲୁ ଗୋଲ୍‌ଡ଼େନ୍ ବ୍ରିଜ୍ ଦେଖିବାକୁ। ଫଟୋ ନେଲି ବ୍ରିଜ୍‌ର। ହାଓଡ଼ା ବ୍ରିଜ୍‌ଭଳି ଲାଗିଲା। ସତେ ଯେମିତି ସୁନାରେ ତିଆରି ସେ ବ୍ରିଜ୍। କ୍ରୁକେଡ୍ ରୋଡ୍ ଦେଖି ଭାବିଲି ଏ ରାସ୍ତାର ଯିଏ ପରିକଳ୍ପନା କରିଥିଲେ ସେ ନାଁ ବି ଦେଇଛନ୍ତି ତା'ର ଆକୃତି ଅନୁସାରେ। ଅଙ୍କାବଙ୍କା ରାସ୍ତାଟିଏ ଲମ୍ବିଯାଇଛି ପାହାଡ଼ ଉପର ସହର ଆଡ଼କୁ। ତଳୁ ଚାହିଁଲେ ପ୍ରକୃତରେ ରାସ୍ତାଟି ଦୁଷ୍ଟ ପ୍ରକୃତିର ବୋଲି ମନେ ହେଉଛି। ତା'ପରେ ଆସିଲୁ ପେସିଫିକ୍ ଓସନ୍ କୂଳକୁ। ଆଟ୍‌ଲାଣ୍ଟିକ ମହାସାଗର ପାଖରୁ ଯାଇ ପେସିଫିକ୍ ମହାସମୁଦ୍ର କୂଳରେ ପହଞ୍ଚି ପାରିଛି – ଏହା ଥିଲା ମୋର କେଉଁ ଜନ୍ମର ତପସ୍ୟା। ସେ ମହାସମୁଦ୍ର କୂଳରେ ଛିଡ଼ା ହେଲେ ଲାଗୁଥିଲା ଯେମିତି ଶୀତଳ ପବନରେ ଦେହ ବରଫ ପାଲଟି ଯିବ। ସନ୍ଧ୍ୟା ହୋଇ ଆସୁଥାଏ। ପକ୍ଷୀମାନଙ୍କର ଘର ବାହୁଡ଼ା ଦୃଶ୍ୟ ଥିଲା ମନୋରମ। ସୁସଜ୍ଜିତ ଡଙ୍ଗା, ସମୁଦ୍ର କୂଳରେ ଅର୍ଦ୍ଧ ଉଲଗ୍ନ

ମଣିଷମାନଙ୍କର ଭିଡ଼, ରଙ୍ଗ ବେରଙ୍ଗ ପୋଷାକ ପରିଧାନ କରିଥିବା ବାଳକ ବାଳିକା ଏମାନଙ୍କୁ ଦେଖି ମୁଁ ଆତ୍ମବିଭୋର ହୋଇ ପଡୁଥିଲି । ସେ ସ୍ଥାନ ଛାଡ଼ିବାକୁ ତିଳେମାତ୍ର ଇଚ୍ଛା ହେଉନଥାଏ । ସମୟର ଡାକ -ସନ୍ଧ୍ୟା ହୋଇ ଆସୁଥାଏ । ଆମେ ଫେରି ଆସିଲୁ ଘରକୁ । ସୁନିତି ଅପାଙ୍କ ଘରେ ୩-୪ ଦିନ ରହି ତାଙ୍କ ଆତ୍ମୀୟତାରେ ନିଜକୁ ହଜାଇ ଦେଲି । ମୋ ଶିକ୍ଷକ ପ୍ରଫେସର ଡକ୍ଟର ଗୋପବନ୍ଧୁ ବେହେରାଙ୍କର ସାନଭାଇ ସରୋଜ ବାବୁ । ଗୋପବାବୁଙ୍କର ଭାରତରୁ ଆଦେଶ ଥାଏ "ସୁବାସିନୀ ଆମେରିକା ଯାଉଛି, ତାକୁ ସବୁଆଡ଼େ ବୁଲାଇ ଦେଖାଇବ" । ପ୍ରଥମତଃ ଭାଇର କଥା, ଦ୍ୱିତୀୟଟି ହେଲା ସେମାନେ ମଣିଷକୁ ଆତିଥ୍ୟ ଦେବାରେ ଧୂରନ୍ଧର । ସାନହୋଜେ ଛାଡ଼ି ଆସିବାକୁ ଇଚ୍ଛା ହେଉନଥାଏ । ନିର୍ଦ୍ଧାରିତ ଦିନ Coloradoରେ Denverରେ ମୋତେ ପହଞ୍ଚିବାକୁ ଥାଏ । ତେଣୁ ସାନହୋଜେ ଛାଡ଼ି ଡେନ୍‌ଭର ଅଭିମୁଖେ ଯାତ୍ରା କଲି ।

ଥରେ ଡେନ୍‌ଭର ଏୟାରପୋର୍ଟରୁ ମୋ ସହିତ ଏମ୍.ଏସ୍‌ସି. କ୍ଲାସରେ ପଢୁଥିବା ବନ୍ଧୁ ପ୍ରଫେସର ସୁରେନ୍ଦ୍ର ମହାପାତ୍ର ଓ ତା'ର ସ୍ତ୍ରୀ ସ୍ୱର୍ଣ୍ଣ ମୋତେ ପାଛୋଟି ନେଲେ ତାଙ୍କ ଘରକୁ । ଛୋଟ ଘରଟିଏ । ପୁଅ ଝିଅକୁ ନେଇ ଖୁସିରେ ରହିଥାନ୍ତି ସେମାନେ ।ମୋତେ ସମ୍ପୂର୍ଣ୍ଣ ଓଡ଼ିଶାରେ ରିହଲା ଭଳି ଲାଗିଲା । ସୁବାସିନୀକୁ ଦୋସା, ଇଡ୍‌ଲି ଖୁଆଇବା ପାଇଁ ସୁରେନ୍ଦ୍ରର ତାଗିଦା ଥାଏ । ସୁରେନ୍ଦ୍ରର ଘର ବରହମ୍‌ପୁରରେ । ତେଣୁ ସେ ସାଉଥ ଇଣ୍ଡିଆନ୍ ଜଳଖିଆ ଖାଇବାକୁ ଭଲ ପାଏ । କେତେଦିନ ଧରି କିଛି ପରିମାଣରେ ଆମ ଖାଦ୍ୟଠାରୁ ଦୂରରେ ଥିଲି । ସମ୍ବର, ଦୋସା ଖାଇ ଆତ୍ମତୃପ୍ତି ଲାଭ କଲି । ସ୍ୱର୍ଣ୍ଣ ମଧ୍ୟ ଖୁବ୍ ଆପଣାର ଲାଗିଲା । ଘରୁଆ ଘରୁଆ ଚଳଣି ସେମାନଙ୍କର । ସବୁ ଦେଶରେ କମ୍ପାନୀ ଚାକିରିଆଙ୍କର ମୋଟା ଦରମା । ଶିକ୍ଷା ବିଭାଗର ଲୋକମାନେ ଅଳ୍ପ ବେତନଭୋଗୀ ଆମେରିକାରେ । ସୁରେନ୍ଦ୍ର ଥାଏ ରିଜିସ୍ ୟୁନିଭରସିଟିରେ ପ୍ରଫେସର । ନିମନ୍ତ୍ରଣ କରିଥିଲା ସେମିନାର ଟକ୍ ଦେବା ପାଇଁ । ସେମିନାର ପରେ ୟୁନିଭରସିଟ୍ ବୁଲାଇ ଦେଖାଇଲା । ମଧ୍ୟାହ୍ନ ଭୋଜନ ମଧ୍ୟ ଅନ୍ୟ ପ୍ରଫେସରମାନଙ୍କ ସହିତ କଲି । ଅନେକ ପ୍ରଶ୍ନ ଉତ୍ତର ଚାଲିଲା । ୟୁନିଭରସିଟିରେ ସେମିନାର ସରିଗଲା ପରେ ମୁଁ ଫ୍ରି ହୋଇଗଲି ।



ଡେନ୍‌ଭରରେ ପହଞ୍ଚିଲାପରେ ଦିନେ ରକି ମାଉଣ୍ଟେନ୍ ଉପରକୁ ଯିବାର ଯୋଜନା ରହିଲା ଆମର । ମୁଁ ସୁରେନ୍ଦ୍ର, ସ୍ୱର୍ଣ୍ଣ ଓ ସୁରେନ୍ଦ୍ରର ଓଡ଼ିଆ ସାଙ୍ଗ ମିଷ୍ଟର ମହାପାତ୍ର ପରିବାର ମିଶି ଦୁଇଟି ଗାଡ଼ି ନେଇ ବାହାରିଲୁ ରକି ମାଉଣ୍ଟେନ ଆଡ଼େ । ବିରାଟ ପାହାଡ଼ - ଗଛ ଲତାରେ ପରିପୂର୍ଣ୍ଣ । ମନେ ହେଉଥାଏ ସତେ ଯେମିତି ଆମେ ହଜିଯିବୁ ସେ ଜଙ୍ଗଲ ଭିତରେ । ବାଟରେ ଗୋଟିଏ ଗହଳିଆ ସ୍ଥାନରେ ଘରୁ ନେଇଥିବା ରନ୍ଧା ଖାଦ୍ୟ ଖାଇ ଉପରକୁ ଉଠିଲୁ । ବାଟରେ ଠାଏ ଠାଏ ବରଫ ପଡ଼ିଥିବାର ଦେଖିଲି । ତାହା ଥିଲା ମୋ ଜୀବନରେ ଗୋଟିଏ ସ୍ଥାନରେ ଅନେକ ବରଫ ପଡ଼ିବା ଦେଖା । ଉପର ଉପରକୁ ବରଫ କଟାଯାଇ ରାସ୍ତା ହୋଇଥାଏ । ଏ ଦୃଶ୍ୟ ଦେଖିବା ପାଇଁ ଖୁବ୍ କୌତୂହଳ ସୃଷ୍ଟି ହେଉଥାଏ । ଶେଷରେ ପହଞ୍ଚିଲୁ ଗୋଟିଏ ସମତଳ ସ୍ଥାନରେ । ସେ ସ୍ଥାନଟି ବରଫରେ ପରିପୂର୍ଣ୍ଣ । ଯେଉଁଆଡ଼େ ଚାହିଁଲେ ଖାଲି ବରଫ ଦିଶୁଥାଏ । ସପିଙ୍ଗ୍ ସେଣ୍ଟରଟିଏ ସେଠାରେ ଥିଲା । ସେଠାକୁ ଯାଉଥିବା ଯାତ୍ରୀମାନଙ୍କର ଭିଡ଼ ଜମିଥାଏ ସେଠାରେ । ସତେ ଯେମିତି ଆକାଶ ଓ ବାଦଲ ମଝିରେ ଆମେ ଛିଡ଼ା ହୋଇଛୁ । ବାଦଲ ରହିଯାଇଥାଏ ବହୁତ ତଳେ । ସେଠାରେ ମୁଁ ବହୁତ ଉପଭୋଗ କରି ଫେରିଲି ତଳକୁ । କୋଲୋରାଡ଼ୋ ପାହାଡ଼ିଆ ଜାଗାଟିଏ ଏବଂ ସେଠାରେ ପ୍ରଚୁର ବରଫ ପଡ଼େ । ତେଣୁ ଆମେରିକାର ବିଭିନ୍ନ ସ୍ଥାନରୁ ଲୋକମାନେ ସ୍କେଟିଂ କରିବା ପାଇଁ ଏଠାକୁ ଆସନ୍ତି । ଡେନ୍‌ଭରରେ ରହଣି ସମୟରେ ଅନେକ ଛୋଟ ଛୋଟ ସ୍ଥାନ ଦେଖିବାର ସୁଯୋଗ ପାଇଲି । ଗୋଟିଏ ରୋଟାରୀ କ୍ଲବରେ ଯୋଗ ଦେଇ ପତାକା ବିନିମୟ କଲି ।

କୋଲୋରାଡ଼ୋରୁ ଫେରି ଆସିବାର ଥାଏ ଓ୍ୱାପିଞ୍ଜରଫଲ୍‌କୁ । ଫୋନରେ ଉମାଭାଇଙ୍କର ପୁନର୍ବାର ନିମନ୍ତ୍ରଣ ହେଲା ଡେଲାଓ୍ୱେର ଫେରିଯିବା ପାଇଁ । କାରଣ ସେ କେବଳ ଓ୍ୱାସିନ୍‌ଟନ୍ ଡିସିରେ କିଛି ଦେଖାଇଛନ୍ତି । Baltimoreରେ ଏକ୍ୱାରିୟମ୍ ଓ ଡଲ୍‌ଫିନ୍ ସୋ ଖୁବ୍ ମନମୁଗ୍ଧକର । ଅନେକ ଲୋକ ସେଠାକୁ ଯାଆନ୍ତି ଉପଭୋଗ କରିବା ପାଇଁ । ଏ ଦୁଇଟି ମୋତେ ଦେଖାଇବାକୁ ସେ ଚାହୁଁଥାଆନ୍ତି । ତେଣୁ ମୁଁ ଟିକେଟ ବଦଳାଇ ପୁଣିଥରେ ଡେଲାଓ୍ୱେର ଗଲି । ସେଠାରୁ ଗଲୁ Baltimore ।

ସେଠାରେ ଏକ୍ୱାରିୟମ୍ ଦେଖି ମୁଁ ବିସ୍ମିତ ହୋଇଗଲି । ଏକ ଲମ୍ବା ସୁଡ଼ଙ୍ଗ ଭିତରେ ଆମେ ଚାଲିଥାଉଁ । ମୁଣ୍ଡ ଉପରେ ଲମ୍ବା କାଚ ଘର । ତା' ଭିତରେ ଥାଆନ୍ତି ବିଚିତ୍ର ଧରଣର ମାଛ, ସାମୁଦ୍ରିକ ଛୋଟ ଛୋଟ ଜୀବ । ସତେ ଯେମିତି ଚିତ୍ରକର ତାଙ୍କ ଦେହରେ ଆଙ୍କିଛି ବିଭିନ୍ନ ଚିତ୍ର । ଭଳି ଭଳି କିସମର ମାଛ ଦେହରେ ରଙ୍ଗ ବେରଙ୍ଗ ଛିଟା – ଏ ସବୁ ପିଲାମାନେ ଦେଖି ଖୁବ୍ ଆନନ୍ଦିତ ହେଉଥାଆନ୍ତି । ପାର୍ଶ୍ୱରେ ଲମ୍ବା ଲମ୍ବା କାଚ ଘର ଭିତରେ ବିଭିନ୍ନ ପ୍ରକାର ସାମୁଦ୍ରିକ ମାଛ ଦେଖି ଭାବିଲି ଆଉଥରେ ଡେଲାଓ୍ୱେର ଫେରି ଖୁବ୍ ଭଲ କରିଛି । କାରଣ ସମୁଦ୍ର ଭିତରେ ଏତେ ପ୍ରକାର ମାଛ ଅଛନ୍ତି ତାହା ମୋର କଳ୍ପନାର ବାହାରେ ଥିଲା । ତାହାଛଡ଼ା ଅତଳ ସମୁଦ୍ର ଭିତରେ ଭଗବାନଙ୍କର କି ସୁନ୍ଦର ସୃଷ୍ଟି ରହିଛି ମୁଁ କେମିତି ବା ଦେଖିପାରି ଥାଆନ୍ତି ? ଉମାଭାଇ ବହୁତ ଫଟୋ ଉଠାଇଲେ Baltimoreରେ ।

ପ୍ରତ୍ୟେକ ସ୍ଥାନରେ ମୋର ଅନେକ ଫଟୋ ଉଠାଇଥିଲେ ଉମାଭାଇ । ପ୍ରଥମ ଚିହ୍ନାରେ ସେ ମୋର ଏତେ ଯତ୍ନ ନେବା ଓ ମୋ ମନ କଥା ବୁଝିବା ଦେଖି ତାଙ୍କ ପ୍ରତି ସମ୍ମାନରେ ମୋ ମୁଣ୍ଡ ନଇଁ ଯାଉଥାଏ । ମନେ ହେଉଥାଏ ସତେଯେମିତି ମୋ ମନର ସବୁ ଅଭାବ ପୁରଣ କରିବା ପାଇଁ ଏମିତି ଏକ ସଦିଚ୍ଛୁକଙ୍କ ସଂସ୍ପର୍ଶରେ ଆଣିଛନ୍ତି ଈଶ୍ୱର । ପିଲାଦିନ କଟିଥିଲା ନିପଟ ମଫସଲରେ । ସ୍କୁଲରେ ଥରେ ଅଧେ ଗ୍ରୁପ୍‌ରେ ଫଟୋ ଉଠାଯାଇଥିଲା ମୋର । ଗାଁରେ କ୍ୟାମେରାରେ ଫଟୋ ଉଠାଇବା ଥିଲା ସ୍ୱପ୍ନ । ପିଲାଦିନୁ ମୋର ଫଟୋ କେବେ ଉଠାଯାଇନଥିଲା । ବାହାବେଦିରେ ପ୍ରତ୍ୟେକ ଝିଅ ଆଶା କରେ ଜୀବନସାଥୀ ସହିତ ତା'ର ପ୍ରଥମ ଫଟୋ ଉଠାଯାଉ । ମୋ ବାପାଙ୍କ ଘରେ ତାହା ମଧ୍ୟ ହୋଇପାରି ନଥିଲା । ଶ୍ୱଶୁର ଘର ମୋର କଟକ ସହରର ଉପକଣ୍ଠରେ । ସ୍ୱାମୀ ଥିଲେ ଇଞ୍ଜିନିୟର । କଲିକତା ଓ ନେଟାଇରେ ପାଠ ପଢ଼ିଥିଲେ ସେ । ତେଣୁ ଆଧୁନିକ ସହରର ଚାଲିଚଳନ ଓ ରୀତିନୀତି ତାଙ୍କୁ ଜଣାଥିଲା । କଲିକତାରେ ବାପା ତାଙ୍କର ବ୍ୟବସାୟ କରୁଥିଲେ । ଏତେସବୁ ଆଧୁନିକତା ଭିତରେ ସ୍ୱାମୀ ମୋର ଫଟୋଟିଏ ଉଠାଇବାକୁ ବ୍ୟବସ୍ଥା କରିନଥିଲେ । ଫଟୋ ଉଠାଇବା ପ୍ରତି ମୋର ଥିଲା ଖୁବ୍ ଆକର୍ଷଣ, ହେଲେ ସୁଯୋଗରୁ ମୁଁ ଥିଲି ବଞ୍ଚିତ । ପରବର୍ତ୍ତୀ ସମୟରେ ମୋ ପିଲାମାନେ ଜନ୍ମ ହେବା



ଠାରୁ ପ୍ରତି ସ୍ତରରେ ମୁଁ ସେମାନଙ୍କର ଫଟୋ ଷ୍ଟୁଡ଼ିଓରେ ଉଠାଇଥିଲି । ଉମାଭାଇ ଶହ ଶହ ଫଟୋ ଉଠାଇ ମୋର ଆଶା ପୁରଣ କରିଦେଇଥିଲେ । ପ୍ରତି ସ୍ଥାନ ଦର୍ଶନ ପରେ ଏକ ଘଣ୍ଟାରେ ଫଟୋ ଧୋଇ ମୋତେ ଦେଖାଉଥିଲେ । ଶେଷରେ ଉପହାର ଦେଇଥିଲେ ଗୋଟିଏ ବଡ଼ ଆଲ୍‌ବମ୍ ।

ତା'ପରେ ଆସିଲୁ ଡଲ୍‌ଫିନ୍ ସୋ ଦେଖିବାକୁ । ତାହା ମଧ୍ୟ ଥିଲା ଚିତ୍ତାକର୍ଷକ ଦୃଶ୍ୟ । ଡଲ୍‌ଫିନ୍‌ମାନେ ମଣିଷଭଳି ମା' କ୍ଷୀର ଖାଆନ୍ତି । କିନ୍ତୁ ସେମାନଙ୍କର ପ୍ରକୃତି ଯେ ଅନେକାଂଶରେ ମଣିଷଙ୍କ ଭଳି ତାହା ମୋର ଚିନ୍ତାର ବାହାରେ ଥିଲା । ଛୋଟ ଛୋଟ ପୋଖରୀ ଭିତରେ ଈଷତ୍ ନୀଳ ରଙ୍ଗର ପାଣି ଥାଏ । ସେମାନେ ଥାଆନ୍ତି ତାହା ଭିତରେ । ସୋ ଆରମ୍ଭ ହେଲା । ଘଣ୍ଟି ବାଜି ଉଠିଲା । ୭-୮ ଜଣ ସୁନ୍ଦର ସୁନ୍ଦର ଝିଅ ପ୍ରତ୍ୟେକ ପୋଖରୀର ଧାରକୁ ବାଣ୍ଟି ହୋଇ ଗଲେ । ପ୍ରତ୍ୟେକ ପୋଖରୀ ପାଖରେ ଦର୍ଶକମାନେ ଟିକେଟ କାଟି ଛିଡ଼ା ହୋଇ ଥାଆନ୍ତି । ତା'ପରେ ବାଜିଲା ମ୍ୟୁଜିକ୍ । ସେହି ସୁନ୍ଦରୀ ତରୁଣୀମାନେ ହାତରେ ଇସାରା ଦେଲେ । ଅଦୃଶ୍ୟ ଡଲ୍‌ଫିନ୍‌ମାନେ ମୁଣ୍ଡ ଟେକିଲେ ପାଣି ଉପରକୁ । ତା'ପରେ ପ୍ରାୟ ତିନି ଚତୁର୍ଥାଂଶ ଶରୀର ପାଣି ଉପରେ ରଖି ମଣିଷମାନଙ୍କ ଭଳି ନାଚିବାକୁ ଆରମ୍ଭ କଲେ । ମ୍ୟୁଜିକ୍‌ର ତାଳେ ତାଳେ ସେମାନଙ୍କର ଅଙ୍ଗଭଙ୍ଗୀ ଯିଏ ନଦେଖିଛି ସେ ଜାଣି ପାରିବନି ଯେ ତାହା କେତେ ଆମୋଦ ଦାୟକ । ମନେ ମନେ ଭାବିଲି ଏହା ନଦେଖିଥିଲେ ଆମେରିକା ଯିବାଟା ମୋର ଅଧୁରା ରହି ଯାଇଥାଆନ୍ତା ।

ଉମାଭାଇ ମୋତେ ଦେଖାଇଥିଲେ ଲିବର୍ଟିବେଲ୍ ଓ ଇଣ୍ଡିପେଣ୍ଡେନ୍ସ ହଲ । ଲିବର୍ଟିବେଲ୍ ପେନ୍‌ସିଲ୍‌ଭାନିଆର ଫିଲାଡ଼େଲ୍‌ଫିଆଠାରେ ସଂରକ୍ଷିତ । ଏହା ପ୍ରଥମେ ଇଣ୍ଡିପେଣ୍ଡେନ୍ସ ହଲରେ ରଖାଯାଇଥିଲା । ବର୍ତ୍ତମାନ ଇଣ୍ଡିପେଣ୍ଡେନ୍ସ ହଲର ପାଖରେ ଥିବା ଏକ ବିଲଡ଼ିଂରେ ରଖାଯାଇଛି । ଦର୍ଶକମାନଙ୍କୁ ସିକ୍ୟୁରିଟି ଚେକ୍ କଲାପରେ ସେ ବିଲଡ଼ିଂକୁ ପ୍ରବେଶ କରିବାକୁ ଅନୁମତି ଦିଆଯାଏ । ଇଣ୍ଡିପେଣ୍ଡେନ୍ସ ହଲ ଫିଲାଡ଼େଲ୍‌ଫିଆରେ ନିର୍ମିତ ହୋଇଛି । ଆମେରିକାର ସ୍ୱାଧୀନତା ଓ ସଂବିଧାନ ଏଠାରେ ପ୍ରଥମେ ଘୋଷିତ ହୋଇଥିଲା । ସ୍ୱାଧୀନତା ଘୋଷଣାନାମାରେ ଦସ୍ତଖତ

କରିବା ପାଇଁ ୧୩ଟି ଷ୍ଟେଟ୍ ଯୋଗଦେଇଥିଲେ। କିନ୍ତୁ ପ୍ରଥମେ ଦସ୍ତଖତ କରିଥିଲେ ଡେଲାୱେର୍‌ର ପ୍ରତିନିଧି ସିଜର ଏବଂ ରୋଡ୍‌ଲେ। ଫିଲାଡ଼େଲ୍‌ଫିଆର ପୁରୁଣା ସହର କେନ୍ଦ୍ରରେ ଏହି ହଲ୍ ଅବସ୍ଥିତ। ଏହି ସହରରେ ଘୋଡ଼ାଗାଡ଼ି ଦେଖିବାକୁ ମିଳିଥିଲା। ରାସ୍ତାରେ ଅନେକ ବଡ଼ ବଡ଼ ମାଗ୍‌ନୋଲିଆ ଗଛ ଦେଖିଲି। ଏହି ଗଛରେ ସୁନ୍ଦର ସୁନ୍ଦର ବଡ଼ ବଡ଼ ଧଳା ଫୁଲ ଫୁଟି ପାରିଜାତ ଫୁଲ ଭଳି ଦିଶୁଥାଏ।

ଡେଲାୱେର ଛାଡ଼ି ମୋ ଯାତ୍ରା ଆରମ୍ଭ ହେଲା ନ୍ୟୁୟର୍କ ଅଭିମୁଖେ। ରାତି ପ୍ରାୟ ୮ଟାରେ ପହଞ୍ଚିଲି ସେଣ୍ଟ୍‌ଲୁଇସ୍ ଏୟାରପୋର୍ଟରେ। ଗଲାବେଳେ ଦିନରେ ସେ ଏୟାରପୋର୍ଟରେ କିଛି ସମୟ କଟାଇଥିଲି। ଫେରିଲାବେଳେ ସେଠାରେ ହେଲା ମୋର ଏକ ଭିନ୍ନ ଅନୁଭୂତି। ଠିକ୍ ସମୟରେ ଫ୍ଲାଇଟ୍ ଛାଡ଼ିଲା। ଦୀର୍ଘ ଦିନର ଯାତ୍ରା ପରେ ପୁଣି ଫେରିଆସିବି ମୁନ୍ମୟ ଘରକୁ। ଘରକୁ ଫେରିବା ପାଇଁ ଆଉ ଅଳ୍ପଦିନ ରହିଲା। ତିନିମାସ ପାଇଁ ଭିସା ମିଳିଥିଲା। ତିନିମାସ ସରିଆସିଲାଣି। ଏମିତି ସବୁ ଅନେକ କଥା ଭିତରେ ମୁଁ ଫ୍ଲାଇଟ୍ ଭିତରେ ହଜି ଯାଇଛି, ଘୋଷଣା କରାଗଲା – ଉଡ଼ାନ୍‌ର ଯାନ୍ତ୍ରିକ ତ୍ରୁଟି ହୋଇଛି। ତେଣୁ ଏହା ଆଗକୁ ନଯାଇ ଫେରିଆସିବ ସେଣ୍ଟଲୁଇସ୍ ଏୟାରପୋର୍ଟକୁ। ମନେ ମନେ କେତେକଥା ଭାବିଲି। ଏଠାରେ ଯଦି ଏରୋପ୍ଲେନ୍ ଖସି ପଡ଼ିବ କ'ଣ ହେବ। ମନରେ ଅନେକ ପାପ ଛୁଉଁଥାଏ। ଜୟ ଜଗନ୍ନାଥ କହି ସେହି ବିଭୁଙ୍କୁ ସ୍ମରଣା କରି ଚୁପ୍‌ଚାପ୍ ବସିଥାଏ ଫ୍ଲାଇଟ୍ ଭିତରେ। ସେତେବେଳେ ମୁଁ ଭାବି ପାରୁନଥାଏ ଯେ ସେ ଦେଶ କେତେ ଉନ୍ନତ। ଯାନ୍ତ୍ରିକ ତ୍ରୁଟି ଜାଣିବାରେ ସେମାନେ ଦକ୍ଷ। ତାହାଛଡ଼ା ସାମାନ୍ୟ ଅସୁବିଧାକୁ ସେମାନେ ଖାମ୍‌ଖିଆଲ ଭାବେ ନିଅନ୍ତି ନାହିଁ। ପ୍ରାୟ ୨୦-୨୫ ମିନିଟ୍ ଭିତରେ ଫ୍ଲାଇଟ୍ ପହଞ୍ଚିଲା ସେଣ୍ଟଲୁଇସ୍ ଏୟାରପୋର୍ଟରେ। ଯାତ୍ରୀମାନେ ଏୟାରପୋର୍ଟ ଭିତରେ ପଶି ବିଭିନ୍ନ ଫ୍ଲାଇଟ୍‌ରେ ଯିବାର ବ୍ୟବସ୍ଥା କଲେ। ମୋତେ ତ କିଛି ଜଣା ନଥାଏ। ମନରେ ଅନେକ ଡର – ରାତିରେ କ'ଣ କରିବି ? ଅନେକ ଜିନିଷ ଥାଏ ମୋ ସହିତ। ତାକୁ ଧରି ଏପଟ ସେପଟ ହେବା ମଧ୍ୟ କଷ୍ଟକର। ତେଣୁ କେତେ ଜଣ ଯାତ୍ରୀଙ୍କ ସହ ବସି ରହିଲି। କେତେଜଣଙ୍କ ନାଁ ଡକା ହେବାରୁ



ସେମାନେ ଯାଇ ଲାଇନ୍‌ରେ ଛିଡ଼ା ହେଲେ ଏବଂ କିଛି ସମୟ ପରେ ଗୋଟିଏ ଫ୍ଲାଇଟ୍‌ରେ ଚାଲିଗଲେ। ମୁଁ କ'ଣ କରିବି ? ପ୍ରଭୁ ତୁମେ ଏତେ ସ୍ଥାନ ସୁରଖୁରରେ ବୁଲାଇ ଆଣିଲ। ଆଜି ମୋତେ ଉଦ୍ଧାର କର ପ୍ରଭୁ। ଏମିତି ମୋ ଠାକୁରଙ୍କୁ ମୁଁ ଡାକୁଥାଏ। ଅଳ୍ପସମୟ ପରେ ମୋ ନାଁ ଡକା ଗଲା ମାଇକ୍‌ରେ। ମୋର ଯେମିତି ଜୀବନ ପସିଲା। ଏତେ ଲୋକ ବସିଛନ୍ତି, ମୋତେ କେମିତି ଖୁବ୍ ଶୀଘ୍ର ଡକାଗଲା ଭାବୁଥିଲି। ଯାହାହେଉ ଗୋଟିଏ ଫ୍ଲାଇଟ୍‌ରେ ଆସି ମୋର ନିର୍ଦ୍ଧିଷ୍ଟ ଏୟାରପୋର୍ଟରେ ପହଞ୍ଚିଲି। ଭାବୁଥିଲି ଡେରି ହୋଇଗଲାଣି। କାଳେ ମୁନ୍ମୟ ଏୟାରପୋର୍ଟରେ ନଥିବ। ମୁନ୍ମୟକୁ ଦେଖି ମୋର ସବୁ ଡର ଚାଲିଗଲା। ମୁଁ ଅସୁବିଧା ବର୍ଣ୍ଣନା କରିବା ପୂର୍ବରୁ ମୁନ୍ମୟ ସବୁ କହିଲା ଏବଂ ଶୀଘ୍ର ପ୍ରଥମ ଫ୍ଲାଇଟ୍‌ରେ ମୋତେ ପଠାଇଦେବାର ବ୍ୟବସ୍ଥା କରିବା ପାଇଁ ସେଣ୍ଟ୍‌ଲୁଇସ୍ ଏୟାରପୋର୍ଟକୁ ସେ ମେସେଜ ପଠାଇଥିଲା। ସେମାନେ କେତେ ଯେ ଯାତ୍ରୀମାନଙ୍କୁ ସାହାଯ୍ୟ କରନ୍ତି ତାହା ଶିଖିବା କଥା। ରାତି ପ୍ରାୟ ୧୨ଟାରେ ଆମେ ପହଞ୍ଚିଲୁ ଓ୍ୱାପିଞ୍ଜରର ଫଲ୍‌ରେ।

କିଛିଦିନ ମୁନ୍ମୟ ଘରେ ରହିଲି। ବିଦୁର ଆତିଥ୍ୟ ମୁଁ ଭୁଲିବିନି। ମା' ବାପାଙ୍କର ସଂସ୍କାରର ଛାପ ପଡ଼ିଛି ତା' ଉପରେ। ପିଠା ପଣା କରିବା ଓ ଓଡ଼ିଆ ଘରର ରନ୍ଧାରେ ସେ ଅଭ୍ୟସ୍ତ। ମାଟିଆଳୁ ଠାରୁ ଆରମ୍ଭ କରି ଛୁଇଁ ପର୍ଯ୍ୟନ୍ତ ରାନ୍ଧି ସେ ଖୁଆଉ ଥାଏ। ମାଡ଼ାମ୍ ତା'ର ଘରୋଇ ଘରୋଇ ଅନୁଭବ କରନ୍ତୁ ଏହା ତା'ର ଥାଏ ଇଚ୍ଛା। ତା'ପର ଟ୍ରିପ୍‌ଥାଏ ନାଇଗ୍ରାଫଲ୍ ଦେଖିବାର। ଯାହା ସବୁ ପଢ଼ିଥିଲି ଯେଉଁ ଛବି ଦେଖିଥିଲି ତାକୁ ଆଖିରେ ଦେଖିବାକୁ ମିଳିବ – ମନେ ମନେ ଖୁବ୍ ଖୁସି ହେଉଥାଏ। ଦିନେ ନାଇଗ୍ରାଫଲ ଦେଖିବାପାଇଁ କାର୍‌ରେ ଭୋରୁ ବାହାରିଲି ମୁନ୍ମୟ ସହିତ। ଯାତ୍ରାଟା ଖୁବ୍ ଉପଭୋଗ୍ୟ ଥିଲା। ୧୪ ନମ୍ବର ଲମ୍ବା ରାସ୍ତାରେ ଗତି କରୁଥାଏ ଶୀତତାପନିୟନ୍ତ୍ରଣ ଆମ କାର। ଦୁଇପଟେ ପାହାଡ଼। ସବୁଜ ଗଛରେ ଭରପୁର ଦୁଇ ପାର୍ଶ୍ୱ। କାରର୍ କାଚ ବନ୍ଦ ଥିବାରୁ ବାହାରର ଶବ୍ଦ ଶୁଭୁନଥାଏ। ଆମେ ଦୁଇଜଣ ଗପସପ କରୁଥାଉ। ଗାଡ଼ି ଚାଲୁଛିକି ନାଁ ମୁଁ ଜାଣିପାରୁ ନଥାଏ। ଆମ ଦେଶ ଭଳି ସେଠାରେ ଗାଡ଼ି ଚଲାଇବା ପାଇଁ ଅନ୍ୟ ଡ୍ରାଇଭର ନଥାଏ। ପ୍ରତ୍ୟେକ ଲୋକ ନିଜେ ନିଜେ ଡ୍ରାଇଭିଂକରି ଯାଆନ୍ତି। ବେଳେବେଳେ

ଫ୍ଲାଇଟ୍‌ରୁ ଓହ୍ଲାଇ ରେଣ୍ଟେଡ୍ କାର୍ ନେଇ ଗନ୍ତବ୍ୟ ସ୍ଥଳରେ ପହଞ୍ଚନ୍ତି ଓ ଫେରିଲା ପରେ ଏୟାରପୋର୍ଟରେ କାର୍ ରଖିଥାଆନ୍ତି। ଲମ୍ବାବାଟ ଯିବାକୁ ଥାଏ ବୋଲି ମୁନ୍ମୟ ଗାଡ଼ିରେ ଅନେକ ସଫଟ୍‌ଡ୍ରିଙ୍କସ୍ ରଖିଥାଏ। ମଝିରେ ମଝିରେ ପିଇ ପିଇ ଆମେ ଗପସପ କରୁଥାଉଁ। ସେ ମୁହୂର୍ତ୍ତ ମୋ ପାଇଁ ଚୀର ଅପାସୋରା। କାରଣ ରେଭେନ୍ସା କଲେଜରେ ପଢୁଥିବା ସମୟରେ ମୁନ୍ମୟ କିପରି ଆର୍ଥିକ ସଙ୍କଟର ସମ୍ମୁଖୀନ ହେଉଥିଲା, ଗବେଷଣା କାମ ସରିବା ପରେ ଟ୍ୟୁସନ କରିବାକୁ ସାଇକେଲରେ ୫-୭ କି.ମି. ଯାଉଥିଲା ଓ ମୋର ସାମାନ୍ୟତମ ସାହାଯ୍ୟ ପାଇଁ କେମିତି କୃତଜ୍ଞ ଇତ୍ୟାଦି କହି କହି କାର୍ ଚଲାଉଥାଏ ସେ। ଅନେକ କଥା ଆମ ଆଖିରେ ପଡ଼େ ହେଲେ କେତେ ଘଟଣା ଘଟି ଯାଏ ଆମେ ଜାଣିପାରୁନାହିଁ। ତା'ର ଏତେ ଅସୁବିଧା ହେଉଥିଲା ବୋଲି ଜାଣିବାର ମୋର ଅବକାଶ ନଥିଲା। ଘରୁ ଭଜା ସୁଜି ଆଣି ଲାବୋରେଟୋରୀରେ ସସ୍‌ପେନରେ ବର୍ଣ୍ଣଲ ଦ୍ୱାରା ରାନ୍ଧି ସେ ପାଞ୍ଚଟା ବେଳେ ଖାଇ ଗବେଷଣା କରୁଥିଲା। ଏହା ଥିଲା ମୋର କଳ୍ପନାର ବାହାରେ। ଏହା ସବୁ ଗପଭଳି ମୋତେ ଲାଗୁଥାଏ। କାରର୍ ଯାତ୍ରା ମୋତେ ବାଧୁନଥାଏ। "କଷ୍ଟକଲେ କୃଷ୍ଣମିଳେ।" - ଏହା ପ୍ରକୃତରେ ସତ, ଏହି କଥା ମୁଁ ମନେ ମନେ ଦୋହରାଉଥାଏ। ଏମିତି ଜୀବନ କଟାଇଥିଲା ବ୍ୟକ୍ତି ଆଜି କେଉଁଠି। ଆମେରିକାରେ ସେମିନାର କରି ୨୬ଟି ଦେଶରୁ ବିଶିଷ୍ଟ ବୈଜ୍ଞାନିକଙ୍କୁ ଆଣିପାରିଛି, ଦୁଇଟି ଜର୍ଣ୍ଣାଲ ସେ ପ୍ରକାଶ କରିପାରିଛି। ବଡ଼ କମ୍ପାନୀରେ ଚାକିରି କରି ନାଁ କମାଇ ପାରିଛି ଓ ସ୍ତ୍ରୀ ପୁଅ ଝିଅକୁ ନେଇ ଆନନ୍ଦରେ ରହି ପାରିଛି। ଏସବୁ ତା'ର ଅଧ୍ୟବସାୟ, କର୍ମନିଷ୍ଠତାର ଫଳ ଛଡ଼ା କ'ଣ ହୋଇ ପାରେ। ଖାଲି ସେତକ ନୁହଁ, ବାପା ମା'ଙ୍କର ପ୍ରଥମ ସନ୍ତାନ ହୋଇଥିବାରୁ ରାଜକନିକାସ୍ଥ ସମସ୍ତ ଭାଇଭଉଣୀଙ୍କ ଖବର ଅନ୍ତର ବୁଝେ ସେ। ଓଡ଼ିଆ ଘରର ଦିଅଁଘର ଭଳି ତା'ର ଦିଅଁ ଘର। ପୂଜାପାଠରେ ମନଥାଏ ସ୍ୱାମୀ ସ୍ତ୍ରୀଙ୍କର। ପ୍ରଭୁଙ୍କର କରୁଣାରୁ ବଞ୍ଚିତ ହେବ କିପରି। ଯାହା ହେଉ ଯାତ୍ରା ମୋର ଫଳପ୍ରଦ ଥିଲା। ଅନେକ କଥା ଶୁଣିଲି, ଜୀବନକୁ ତର୍ଜମା କରିବାର ସୁଯୋଗ ମିଳିଲା।

କାର୍ ପହଞ୍ଚିଲା ନାଇଗ୍ରାଫଲ୍ ପାଖରେ। ନାଇଗ୍ରାଫଲ୍ ଦେଖିବାର ଉତ୍କଣ୍ଠା ଥାଏ ମନରେ। ଟିକେଟ କରି ଗୋଟିଏ ଲେଖାଏଁ ପ୍ଲାଷ୍ଟିକର କୋଟ୍ ପିନ୍ଧି ଗୋଟିଏ



ଲଞ୍ଚରେ ବସି ପାଣି ଭିତରେ ଯାତ୍ରାକଲୁ ପାଣି ପଡୁଥିବା ସ୍ଥାନକୁ। ଭୀମ ଗର୍ଜନ କରି ଅନେକ ଉଚ୍ଚରୁ ପାଣି ପଡୁଥାଏ। ଏ ପାର୍ଶ୍ୱରେ ଆମେରିକା, ସେ ପାର୍ଶ୍ୱରେ କାନାଡ଼ା। ମାତ୍ର ଛୋଟ ବ୍ରିଜ୍‌ଟିଏ ସଂଯୁକ୍ତ କରୁଥାଏ ଦୁଇ ଦେଶକୁ। କାନାଡ଼ା ପଟର ଲୋକମାନେ ଆମେରିକା ପଟକୁ ଦିଶୁଥାଆନ୍ତି। ଏହି ଦୁଇଦେଶକୁ ସଂଯୁକ୍ତ କରୁଥିବା ପାହାଡ଼ ଦେଇ ଜଳ ଧାର ପଡୁଥାଏ କ୍ଷୀପ୍ର ଗତିରେ। ସେ ଜଳପ୍ରପାତର ଚଉଡ଼ା ଖୁବ୍ ବେଶୀ। ଲଞ୍ଚ ଭିତରକୁ ପାଣି ଛିଟିକୁଥାଏ। ଆମ ମୁଣ୍ଡ, ମୁହଁ ସବୁ ଓଦା ହୋଇଯାଉଥାଏ ବୁନ୍ଦା ବୁନ୍ଦା ଜଳ କଣାରେ। ଏହା ଥିଲା ଏକ ନିଆରା ଅନୁଭୂତି। ସବୁ ଜଳଧାର ଯେପରି ମୁଣ୍ଡ ଉପରେ ଅଜାଡ଼ି ପଡ଼ିବ ସେମିତି ଲାଗୁଥାଏ। ଜଳ ପତନର ଗର୍ଜନରେ କାନର ପରଦା ଥରି ଉଠୁଥାଏ। ନାଇଗ୍ରାଫଲ୍‌ର ଅନୁଭୂତି ନେଇ କୂଳକୁ ଆସିଲି। ଜଳ ଯେଉଁଠାରେ ପଡୁଥାଏ ସେଠାରେ ସୃଷ୍ଟି ହୋଇଥାଏ ସୁନ୍ଦର ଏକ ଇନ୍ଦ୍ରଧନୁ। କାହ୍ନୁକୁ ସାତ ରଙ୍ଗରେ ରଙ୍ଗେଇ ହୁଏ। କିନ୍ତୁ ସେଠାରେ ମିଳେନି ଇନ୍ଦ୍ରଧନୁର ସୌନ୍ଦର୍ଯ୍ୟ। ଫଟୋ ଉଠାଇ ଆଣିଲି ହେଲେ ସେ ଦୃଶ୍ୟର ଫଟୋ ମୋ ମାନସ ପଟରେ ଏବେ ବି ରହିଛି। ମଧ୍ୟାହ୍ନ ଭୋଜନ ପରେ ଗୋଟିଏ ଥ୍ରିଡ଼ି ସୋ ଦେଖିଲୁ। ତାହା ଥିଲା ମୋର ଥ୍ରିଡ଼ି ସୋ ଦେଖାର ପ୍ରଥମ ଅନୁଭୂତି। ମଣିଷ, ପଶୁ ପକ୍ଷୀ, ନାଇଗ୍ରା ଫଲ୍ ଇତ୍ୟାଦି ସବୁ ଯେମିତି ଖୁବ୍ ପାଖକୁ ଚାଲି ଆସୁଥାନ୍ତି, ସେମିତି ମନେ ହେଉଥାଏ। ଅଳ୍ପ ସମୟ ବୁଲାବୁଲି କରି ବାହାରିଲୁ Ohio ଅଭିମୁଖେ।

ଦିନେ ଯାଇଥିଲି ମୁନ୍ମୟ ସାଥୀରେ Ohioର ପୃଥିବୀ ବିଖ୍ୟାତ ପଲିମର ଗବେଷଣା କେନ୍ଦ୍ର Acron ୟୁନିଭରସିଟ୍‌କୁ। ପାଖରେ ହିଲ୍‌ଟନ୍ ହୋଟେଲ। ସେଠାରେ ଆମର ରହିବାର ବ୍ୟବସ୍ଥା କରାଯାଇଥାଏ। ଏହି ନାମରେ ହୋଟେଲ ପୃଥିବୀ ସାରା ଅଛି। ଏହାର ନିର୍ମାଣ ଭିନ୍ନ ରକମର। ହୋଟେଲଟି ବାହାରକୁ ଗୋଲାକାର। ତା'ର ବାରଣ୍ଡା ଓ ସିଡ଼ି ସବୁ ଗୋଲାକାର। ପ୍ରଥମେ ଧାନ ରଖିବା ପାଇଁ ଏଭଳି ଗୋଟିଏ ବିଲଡ଼ିଂ କରାଯାଇଥିଲା ବୋଲି ଶୁଣିଲି। ତା'ପରେ ହିଲ୍‌ଟନ୍ ହୋଟେଲ ହୋଇ ସାରା ପୃଥିବୀରେ ଏହା କାର୍ଯ୍ୟକାରୀ ହେଉଛି। ରାତିରେ ସେ ହୋଟେଲରେ ରହି ତା' ପରଦିନ ମୁନ୍ମୟ ତା'ର କମ୍ପାନୀ କାମରେ ବାହାରକୁ ଚାଲିଗଲା। ଏକା ରହିଲି ମୁଁ ସେ ହୋଟେଲରେ। ପ୍ରତ୍ୟେକ ଦିନର ଡାଇରି

ଲେଖିସାରି ଆକ୍ରନ ୟୁନିଭରସିଟି ଦେଖିବାକୁ ବାହାରିଲି । ବିଦ୍ୟୁ ମୋତେ ଆମେରିକାନ୍ ଡ୍ରେସ୍ ଦେଇଥାଏ । ମୁଣ୍ଡରେ ବିନ୍ଦି ପିନ୍ଧିବାକୁ ମନା କରିଥାଏ । ବିନ୍ଦି ଓ ଶାଢ଼ୀ ପିନ୍ଧା ସ୍ତ୍ରୀ ଲୋକଟିଏ ଦେଖିଲେ ସେମାନେ ଜାଣିନେବେ ଏ ସ୍ତ୍ରୀ ଲୋକ ଅନ୍ୟ ଦେଶରୁ ଆସିଛି । କୌଣସି ଅଘଟନ ମଧ୍ୟ ଘଟିପାରେ । ତେଣୁ ତା' ଡ୍ରେସ୍ ପିନ୍ଧି ଭ୍ୟାନିଟ୍ ବ୍ୟାଗ୍ଧରି ଚାଲି ଚାଲି ଯାଇ ୟୁନିଭରସିଟିରେ ପହଞ୍ଚିଲି । ଆକ୍ରନ ୟିନିଭରସିଟିରେ ପ୍ରତ୍ୟେକ ପ୍ରଫେସରଙ୍କ ରୁମରେ ଅନୁମତି ନେଇ ପ୍ରବେଶ କଲି ଓ ତାଙ୍କ ସହିତ ଗବେଷଣା ବିଷୟରେ ଆଲୋଚନା କଲି । ନିଜେ ମୁଁ ଗର୍ବ ଅନୁଭବ କରୁଥାଏ ୧୯୪୪ ମସିହା ଜୁଲାଇ ୧୦ ତାରିଖରେ ଭଦ୍ରକ ଜିଲ୍ଲାର ଛୋଟିଆ ଗାଁ ଉରଣିଆର କେଉଁ ଏକ ଅନ୍ଧାରିଆ କୋଠରିରେ ଜନ୍ମ ହୋଇ ଯେଉଁ ଝିଅ କାଁ କାଁ ଶବ୍ଦ କରି ସାରା ପରିବାରକୁ ଖୁସି ଦେଇଥିଲା ସେହି ଝିଅ ଆଜି ପୃଥିବୀର ଶ୍ରେଷ୍ଠ ପଲିମର ବିଜ୍ଞାନୀମାନେ କାମ କରୁଥିବା ଏକ ପ୍ରସିଦ୍ଧ ୟୁନିଭରସିଟିରେ ଏକା ଏକା ବୁଲି ଗବେଷଣା ଉପରେ ଆଲୋଚନା କରି ପାରୁଛି । ଏହା କେବଳ ମୋ ପାଇଁ ଗର୍ବର ବିଷୟ ନୁହଁ, ମୋ ଇନ୍ଷ୍ଟିଚ୍ୟୁଟ୍, ମୋ ବଂଶ ପାଇଁ ଗର୍ବର ବିଷୟ । ଗୋଟିଏ ଫୁଆରା ପାଖରେ ଠିଆ ହୋଇ ଫଟୋ ଉଠାଇଲି । ତା'ପରଦିନ ଆମେ ଫେରି ଆସିଲୁ ଓ୍ୱାପିଙ୍ଗରଫଲ୍ ।

ଆମେରିକା ଛାଡ଼ିବାକୁ ଅଳ୍ପଦିନ ଥାଏ । ମୃନ୍ମୟ କମ୍ପାନୀକୁ ଗଲି ତା' ସହିତ । ଗେଟ୍ ପାଖରେ ସିକ୍ୟୁରିଟି ଚେକ୍ଅପ୍ ପରେ ଭିତରକୁ ଯିବାବେଳେ ନିରାପଦ ଚଷମା ବ୍ୟବହାର କରିବାକୁ ପଡ଼ିଲା । ଗବେଷଣାଗାରରେ ରାସାୟନିକ ପଦାର୍ଥର କୁପ୍ରଭାବ ଆଖିରେ ପଡ଼ିପାରେ ସେଥିପାଇଁ ସେଠାରେ କଡ଼ା ନିୟମ ରକ୍ଷା କରାଯାଏ । ସେଠାରେ ବୈଜ୍ଞାନିକମାନଙ୍କ ସହିତ ଆଲୋଚନା କରି ଆମେ ଘରକୁ ଫେରିଥିଲୁ । ମୃନ୍ମୟ ସହ ମିଳିତ ଭାବରେ ଗବେଷଣା କରି ଗୋଟିଏ ପ୍ରବନ୍ଧ ଆନ୍ତର୍ଜାତିକ ଜର୍ଣ୍ଣାଲରେ ଛପାଇଥିଲି ।

ପରବର୍ତ୍ତୀ ଯାତ୍ରା ଥାଏ କ୍ୟାପ୍‌କର୍ଡ଼ ସି ବିଚ୍ ଦେଖିଯିବାର । ବାଟରେ ବୋଷ୍ଟନରେ ରାତ୍ରିଜାପନ କରିବାର ଥାଏ ଡଃ ପ୍ରଦୀପ କୁମାର ଧଳଙ୍କ ଘରେ । ଏହା ଥିଲା ଲମ୍ବା ରାସ୍ତାର ଯାତ୍ରା । ମୃନ୍ମୟ, ବିଦ୍ୟୁ, ସ୍ୱାତୀ, ସୁରଜ ଓ ମୁଁ ବାହାରିଲୁ ସକାଳେ କାର ଯୋଗେ । ଦିନ ପ୍ରାୟ ୧୨ଟା ବେଳେ ପହଞ୍ଚିଲୁ ସି ବିଚ୍‌ରେ ।



ସମୁଦ୍ର କୂଳେ କୂଳେ ଆମେରିକାର ସ୍ତ୍ରୀ ପୁରୁଷ ଓ ପିଲାମାନଙ୍କ ଭିଡ଼ । ଅର୍ଦ୍ଧ ଉଲଗ୍ନ ଅବସ୍ଥାରେ ବାଲି ଉପରେ ଅଧିକାଂଶ ଲୋକ ଶୋଇ ଥାଆନ୍ତି । ଏହା ହେଉଛି ସେମାନଙ୍କର ସନ୍‌ବାଥ୍ । ଆମେ ସିନା ପ୍ରଚଣ୍ଡ ଖରାକୁ ଭଲ ପାଉନାହିଁ, ହେଲେ ଶୀତଳ ତାପମାତ୍ରାରେ ରହି ରହି ସେମାନେ ଖୋଜୁଥାଆନ୍ତି ଉଷ୍ଣତାକୁ । ସମୁଦ୍ର କୂଳ ବାଲି ତାତି ଯାଇଥାଏ । ସୂର୍ଯ୍ୟରଶ୍ମୀ ପଡୁଥାଏ ଦେହରେ । ସେମାନେ ଖୁବ୍ ଆନନ୍ଦ ଅନୁଭବ କରୁଥାଆନ୍ତି । ତା'ଛଡ଼ା ଖରାରେ ରଙ୍ଗ ଟିକିଏ ମଳିନ ହୋଇଯାଏ । ସେମାନେ ଟିକିଏ ଶ୍ୟାମଳ ଚମକୁ ଖୁବ୍ ଭଲ ପାଆନ୍ତି । ତେଣୁ ଖରାରେ ଶୋଇ ଦେହକୁ ଟିକିଏ କଳା କରିବା ସପକ୍ଷରେ ସେମାନେ । କେତେଜଣ ସ୍ତ୍ରୀ, ପୁରୁଷ ଓ ପିଲାମାନେ ସମୁଦ୍ର ଗାଧୁଆକୁ ଉପଭୋଗ କରୁଥାଆନ୍ତି । ସମୁଦ୍ର କୂଳର ବାଲିରେ ଓ ସମୁଦ୍ର ଜଳରେ ରଙ୍ଗ ବେରଙ୍ଗର ପୋଷାକ ପିନ୍ଧା ଲୋକମାନଙ୍କର ଭିଡ଼ ବେଶ୍ ଜମିଥାଏ । ଦେଖିବାକୁ ଭଲ ଲାଗିଲା ତ ନିଶ୍ଚୟ, ହେଲେ ଆମ ପୁରୀ ସମୁଦ୍ର କୂଳ ନିଶ୍ଚିତ ଭାବରେ ତାହାଠାରୁ ଭଲ ଏଥିରେ ମୁଁ ଦ୍ୱିମତ ହୋଇ ପାରିଲିନି । ତା'ପରେ ଫେରିଲୁ ବୋଷ୍ଟନ୍ । ଡଃ ଧଳଙ୍କ ଘରେ ରାତିଟି କଟିଲା । ଓଡ଼ିଆ ଘରର ଖାଦ୍ୟ ମିଳିଲା । ତା'ପର ଦିନ ଗଲି ଗୋଟିଏ ଦିନ ବୋଷ୍ଟନ ଯାଇଥିଲି Harvard University ଦେଖିବାକୁ । କେତେ ବଡ଼ ବଡ଼ ବୈଜ୍ଞାନିକ ସୃଷ୍ଟି କରିଛି ଏ ୟୁନିଭରସିଟି । ଓଡ଼ିଶାର ଅନେକ ପ୍ରଫେସରଙ୍କର ପାଦ ପଡ଼ିଛି ଏଠାରେ ଉଚ୍ଚମାନର ଗବେଷଣା ପାଇଁ । ନାଁ ଶୁଣିଥିଲି, ହେଲେ ଦେଖିବାର ସୌଭାଗ୍ୟ ମିଳିଲା । କେଡ଼େ ଭାଗ୍ୟବାନ ମୁଁ ବୋଲି ଭାବିଲି । ତା'ପରେ Massachusetts Institute of Technology (MIT)କୁ ଗଲି । ବିଶିଷ୍ଟ ବୈଜ୍ଞାନିକ ଉଡ୍ ଓ୍ୱାର୍ଡ଼ଙ୍କର ଗବେଷଣା ସ୍ଥଳୀ ଥିଲା ଏ ଇନ୍ଷ୍ଟିଚ୍ୟୁଟ୍, ଯେଉଁଠି ସେ କୋଲେଷ୍ଟିରଲ୍ ସିନ୍ଥେସିସ୍ କରିଥିଲେ ବୋଲି ଏମ୍.ଏସ୍‌ସି. କ୍ଲାସରେ ପଢ଼ିଥିଲି । ଟିକିଏ ବୁଲାବୁଲି କରି ଲଞ୍ଚଖାଇ ବୋଷ୍ଟନ ଛାଡ଼ିଲୁ ।

ଫେରିବା ବାଟରେ ଶ୍ରୀମନ୍ତ କୁମାର ରାଉତ୍‌ରାୟ ଘରକୁ ଗଲୁ । ସେ ହେଉଛି ଆମର ବନ୍ଧୁ ପୂର୍ବତନ କୁଳପତି ପ୍ରଫେସର ଡକ୍ଟର ବିରଞ୍ଚି ନାରାୟଣ ପୁହାଣଙ୍କର ସଢ଼ୁ । ସେ ଚେସିର୍‌ରେ ରହୁଥାଏ । ତା'ଘରକୁ ଯିବାରେ ମୋର ଅନ୍ୟ ଏକ

ଆକର୍ଷଣ ଥିଲା । ମୁଁ ଭଦ୍ରକ କଲେଜରେ କେମିଷ୍ଟ୍ରି ଅନର୍ସ ପଢୁଥିଲାବେଳେ କ୍ଲାସ୍ ରୁମ୍ ପାଖରେ ମୋତେ ଛିଡ଼ା ହୋଇଥିବାର ଦେଖି ପ୍ରିୟୁନିଭରସିଟି କ୍ଲାସରେ ପଢୁଥିବା ପିଲାଟିଏ ମୋ ସହିତ କଥାବାର୍ତ୍ତା କରିବାକୁ ଚାହୁଁଥିଲା । ମୋତେ ଦେଖି ସେ ଭଉଣୀ କରିବ ବୋଲି ଭାବୁଥିଲା । ସାହସ ହେଉନଥିବାରୁ ମୋ ସହିତ କଥା ହୋଇ ପାରୁନଥିଲା । ଦିନେ ଟ୍ରେନରେ ଗୋଟିଏ କମ୍ପାଟମେଣ୍ଟରେ ଦୁଇଜଣ ଯାତ୍ରା କରୁଥିଲୁ । ସେ ଇଚ୍ଛା କରୁଥିଲେ ବି ଡରରେ ମୋ ସହିତ କଥାବାର୍ତ୍ତା କରିପାରିନଥିଲା । ଏସବୁ ଘଟଣା ମୋତେ ଚିଠି ଦ୍ୱାରା ଜଣାଇଥିଲା । କିଏ ସେ ପିଲା ଯିଏ ମୋତେ ବଡ଼ ଭଉଣୀର ସ୍ଥାନ ଦେଉଛି, ମୋତେ ଦେଖୁଛି ଅଥଚ ମୁଁ ତାକୁ ଦେଖିପାରୁନି ଏକଥା ମୁଁ ବହୁତ ଥର ଭାବିଛି । ପାଠ ପଢ଼ା ସାରି ଅଧ୍ୟାପିକା ହେବାପରେ ମୁଁ ବାହା ହେଲି । ମୋ ସ୍ୱାମୀଙ୍କର ସ୍କୁଲର ସହପାଠୀ ଥିଲେ ପ୍ରଫେସର ବିରଞ୍ଚି ନାରାୟଣ ପୁହାଣ । ଦିନେ କଥାବାର୍ତ୍ତା ହେଉ ହେଉ ଜାଣିଲି ଶ୍ରୀମନ୍ତ ହେଉଛି ତାଙ୍କ ସଢୁ । ପୃଥିବୀଟା ସତରେ କେତେ ଛୋଟ । ଶ୍ରୀମନ୍ତର ନିମନ୍ତ୍ରଣ ଥାଏ ତାହା ଘରେ କିଛି ସମୟ ରହିବା ପାଇଁ । ଶ୍ରୀମନ୍ତ ଘରେ ସନ୍ଧ୍ୟାରେ ପହଞ୍ଚି ଡିନର୍ ଖାଇଲୁ । ଗପସପ କରି ଫେରିଲୁ ଓ୍ୱାପିଞ୍ଜରଫଲ୍ । ସବୁ ଭ୍ରମଣ ପ୍ରାୟ ସରି ସରି ଆସିଲା ।

କିଛି କିଛି ଜିନିଷ କିଣିବାର ଥାଏ । ଦିନେ ସମସ୍ତେ ମିଶି ବାହାରିଲୁ ନ୍ୟୁଜର୍ସି । ସେଠାରେ ଭାରତୀୟ ଜିନିଷ ମିଳେ । ଉମାଭାଇ ସେଠାରେ ଆମ ସହିତ ଦେଖା କରିବାର ଓ ମୁନ୍ମୟ ପରିବାରକୁ ଭେଟିବାର ପ୍ରୋଗ୍ରାମ ଥାଏ । ନ୍ୟୁଜର୍ସି କଟକର ଚୌଧୁରୀ ବଜାର ଭଳି ଲାଗିଲା । ଦୋକାନ ଆଗରେ ଶାଢ଼ି ଝୁଲୁଥାଏ, ସାଲୁଓ୍ୱାର କମିଜ୍ ପିନ୍ଧି ଲୋକମାନେ ବୁଲୁଥାନ୍ତି । କେତେକ ସ୍ତ୍ରୀ ଲୋକ ଶାଢ଼ି ପିନ୍ଧି ବୁଲୁ ଥାଆନ୍ତି । ଏମାନଙ୍କୁ ଦେଖିଲାବେଳେ କଟକରେ ଥିବା ଭଳି ମୋତେ ଲାଗିଲା । ଭାରତର ବିଭିନ୍ନ ଭାଷାଭାଷୀ ଲୋକମାନଙ୍କୁ ଦେଖିଲି । ୨୧୦ ଭୋଲ୍ଟର ଲେକ୍ଟ୍ରୋନିକ ଜିନିଷ ସେଠାରେ ମିଳେ ଯାହା ଭାରତରେ ପ୍ରଚଳିତ । ତେଣୁ ଭାରତୀୟମାନେ ନ୍ୟୁଜର୍ସିରୁ ଇଲେକ୍ଟ୍ରୋନିକ ଜିନିଷ କିଣନ୍ତି । ଦୋକାନୀମାନେ ଅଧିକାଂଶ ଭାରତୀୟ । ଏଠାରେ ଜିନିଷ ବିକା କିଣାର ପଦ୍ଧତି ଭିନ୍ନ । ଦାମ ମୂଲେଇ ହୁଏ ଏଠାରେ । ବହୁତ ସମୟ ପରେ ଜିନିଷ କିଣା ଯାଇପାରେ ଦୋକାନରୁ । ଆମେରିକାର ଯେକୌଣସି ଦୋକାନରେ ମୂଲାମୂଲି ବା ଅପେକ୍ଷା ନଥାଏ । ଯାହା ହେଉ ନିଜ ଚଳଣି, ନିଜ ଲୋକମାନଙ୍କୁ ଦେଖି ଭଲ ଲାଗିଲା । ଉମାଭାଇ ଆସି ପହଞ୍ଚିଲେ । ଚଉପାଟୀ ଦୋକାନରେ ଦୁଇ ଫୁଟିଆ ଦୋସା ଖୁଆଇଲେ । ତାଙ୍କଠାରୁ



ମେଲାଣି ନେଲୁ ପ୍ରାୟ ୪ଟା ବେଳେ । ପ୍ରାୟ ଦୁଇଘଣ୍ଟାର ବାଟ ଅତିକ୍ରମ କରି ୬ଟାରେ ପହଞ୍ଚିଲୁ ଓ୍ୱାପିଞ୍ଜରଫଲ୍‌ରେ ।

ତିନିମାସର ରହଣି ସରି ସରି ଆସିଲା । ମୁଁ ଆମେରିକା ଛାଡ଼ିବାର ପୂର୍ବଦିନ ରାତିରେ ମୁନ୍ମୟ କେତେଜଣ ଓଡ଼ିଆ ପରିବାରକୁ ଡାକିଥାଏ ଡିନର୍ ପାଇଁ । ଅନେକ ଲୋକ ଆସିଥିଲେ । ସିଙ୍ଗଡ଼ା ଅଣାଯାଇଥିଲା ଇଣ୍ଡିଆନ୍ ରେଷ୍ଟୁରାଣ୍ଟରୁ । ଗୋଟିଏ ସିଙ୍ଗଡ଼ାର ଦାମ୍ ଥାଏ ଦୁଇ ଡଲାର । ଡିନର୍ ସରିଲା । ଗୋଟିଏ ପରିବାର ରାତିରେ ରହିଲେ ସେଠାରେ । ଅନ୍ୟମାନେ ଶୁଭେଚ୍ଛା ଜଣାଇ ଚାଲିଗଲେ । ମାତ୍ର ତିନିମାସ ଭିତରେ ଏତେ ଜାଗା ବୁଲି ପାରିଲି ଶୁଣି ସେମାନେ ଆଶ୍ଚର୍ଯ୍ୟ ହେଲେ । ସମସ୍ତଙ୍କ ମୁହଁରେ ଗୋଟିଏ କଥା, "ଆମେ ଏତେ ବର୍ଷ ରହିଲୁଣି, କିନ୍ତୁ କାର୍ଯ୍ୟ ଭାର ଯୋଗୁଁ ଏତେ ଯାଗା ଦେଖି ନାହୁଁ ।" ସବୁ ସେହି କରୁଣାମୟଙ୍କ ଇଚ୍ଛା ।

ତା'ପରଦିନ ଥାଏ ମୋର ଶେଷଦିନ ଆମେରିକାରେ । ଖୁବ୍ କାନ୍ଦ କାନ୍ଦ ଲାଗୁଥାଏ । ମୁନ୍ମୟ ଓ ବିନ୍ଦୁ ପାଖରେ କୃତଜ୍ଞତାରେ ମୁଣ୍ଡ ନଇଁ ଯାଉ ଥାଏ । ସେମାନଙ୍କ ପାଇଁ ଏବଂ ଈଶ୍ୱରଙ୍କ କରୁଣାରୁ ଏକା ଏକା ଏତେ ଜାଗା ଦେଖି ଫେରିଯିବି ପୁଣି ମୋ ଦେଶକୁ । ସ୍ୱାତୀ ସୁରଜଙ୍କୁ କେମିତି ଛାଡ଼ି ଚାଲି ଯିବି । ପ୍ରତିଦିନ ସ୍ୱାତୀର ଇଚ୍ଛା ମୋ ଶାଢ଼ୀ ସେ ପିନ୍ଧିବ ଓ ଫଟୋ ଉଠାଇବ । ମାତ୍ର ୭/୮ ବର୍ଷର ଝିଅ । ଭାରତୀୟ ନିଶା ତା'ର ଥିଲା । ଏବେ ବାହାହୋଇ ସଂସାରୀ ହେଲାଣି ସେ । ସୁରଜ ତ ମାତ୍ର ୨-୩ ବର୍ଷର ହୋଇଥାଏ । ଛୋଟ ଛୋଟ ଟୟେ କାର୍ ଲାଇନ୍ କରିବା ଥିଲା ତା'ଣ ପ୍ରତିଦିନର କାମ । ଏବେ ସେ ଚାକିରି କଲାଣି । ହୁଏତ ସେ ଦିନର ଅନୁଭୂତି ସେମାନଙ୍କର ମନେ ନଥିବ । କିନ୍ତୁ ଏସବୁ କଥା ମୋତେ କାଲିଭଳି ଲାଗୁଛି । ସେଦିନର ଅନୁଭୂତି ମୋର ସଦା ଜୀବିତ । ନିଜ ଲୋକଙ୍କୁ ସେମାନେ ଦେଖିବାକୁ ପାଉ ନାହାନ୍ତି । ଏତେ ଦୂରରେ ନିଜ ଲୋକଙ୍କୁ ଦେଖିଲେ ଖୁସିରେ ଫାଟି ପଡ଼ନ୍ତି । ଆଜି ମାଟିଆଲୁ ଭଜା ଖାଆନ୍ତୁ, କାଲି ବାଇଗଣ ଛୁଇଁ ତରକାରି ଖାଆନ୍ତୁ ଏମିତି କେତେକ'ଣ କରି ବିନ୍ଦୁ ଖୁଆଉଥିଲା । ମୁଁ ତାଙ୍କ ଘର ଛାଡ଼ିବାଟା ନିଶ୍ଚୟ ତାଙ୍କୁ କଷ୍ଟ ଦେଉଛି ମୁଁ ଅନୁଭବ କରୁଥିଲି । "ସେମାନଙ୍କୁ ପ୍ରଭୁ କୁଶଳରେ ରଖନ୍ତୁ" ଈଶ୍ୱରଙ୍କ ପାଖରେ ମୋର ଗୁହାରି ଲେଖି ଛୋଟିଆ ଚିଠିଟିଏ ଠାକୁରଙ୍କ ବିଭାନରେ ରଖି ଆସିଲି । ରାତିରେ ମୁନ୍ମୟ ମୋର

ସବୁ ଜିନିଷ ପେକିଂ କରି ଦେଇଥିଲା। ପ୍ରାୟ ଦିନ ୧୧ଟାରେ ବାହାରିଲୁ କେନେଡ଼ି ଏୟାରପୋର୍ଟ ଅଭିମୁଖେ। ତା'ର ସେହି ସୁନ୍ଦର ଘର, ସୁନ୍ଦର ଲନ୍ ଛାଡ଼ିବାକୁ ପଡ଼ିଲା। ପ୍ରତ୍ୟେକ ଲୋକ ଘର ସାମନା ଲନ୍‌ରୁ ସପ୍ତାହର ଶେଷ ଦୁଇଦିନରେ ଘାସ କାଟି ସାଇଜ୍ କରିଥାନ୍ତି। ନିଜ ଲନ୍‌ର ଅନାବନା ଘାସ ପଡ଼ୋଶୀଙ୍କୁ ଦେଖିବାକୁ ଭଲ ଲାଗିବନି, ତେଣୁ ଏହାକୁ ପରିଷ୍କାର କରିବା ଉଚିତ। ଏହା ତାଙ୍କର ସଂସ୍କୃତି। ସେହି ସୁନ୍ଦର ଲନ୍‌କୁ ଛାଡ଼ିଲି। ଅଳ୍ପବାଟରେ ଗୋଟିଏ ଛୋଟ ଠାକୁରାଣୀ ମନ୍ଦିର। ମନ୍ଦିରରେ ପୂଜା କରି ଗଲୁ ଏୟାରପୋର୍ଟକୁ। କାହା ମୁହଁରେ ବେଶୀ କଥା ନଥାଏ। ପିଲାମାନେ ମୋତେ ଆଉ ପାଇବେନି, ତେଣୁ ସେମାନେ ପ୍ରକାଶ ନକଲେବି ମୁହଁର ଆଭାସରୁ ମୁଁ ଜାଣି ପାରୁଥାଏ। ମୁନ୍ନାୟର ମୁଁ ମା' ବା ବଡ଼ ଭଉଣୀ ଭଳି। କାଲିଠାରୁ ମୁଁ ଥିବି ଅନେକ ଦୂରରେ। ପହଞ୍ଚିବା ବେଳର ହସ ହସ ମୁହଁ ନଥିଲା ଫେରିବା ଦିନ। ଫ୍ଲାଇଟ୍ ପହଞ୍ଚିଲା ଏୟାରପୋର୍ଟରେ। ଜିନିଷ ପତ୍ର ଦିଆଯାଇ ସାରିଥାଏ ଲଗେଜ୍ କ୍ୟାବିନ୍‌ରେ। ଭ୍ୟାନିଟ୍ ବ୍ୟାଗ୍‌ଟିକୁ କାନ୍ଧରେ ଝୁଲାଇ ସେମାନଙ୍କଠାରୁ ବିଦାୟ ନେଲି। ଶରୀରଟି ଚାଲି ଆସିଲା, ହେଲେ ଆତ୍ମା ରହିଗଲା ଓ୍ୱାପିଞ୍ଜୀରଫଲ୍‌ରେ।

ଆମେରିକାର ରହଣି ସମୟରେ ଅନେକ ଓଡ଼ିଆ ପରିବାରରେ ରହିବାର ସୁଯୋଗ ପାଇଲି। ସେମାନେ ପ୍ରାଚୁର୍ଯ୍ୟ ଭିତରେ ଥାଇ ମଧ୍ୟ ଯନ୍ତ୍ରଚାଳିତ ଜୀବନ ଯାପନ କରୁଥିବାରୁ ମାନସିକ ସ୍ତରରେ କିଛି ଅଭାବ ଅନୁଭବ କରୁଛନ୍ତି ବୋଲି ମୁଁ ଉପଲବ୍ଧି କଲି।

ବାଟରେ ଲଣ୍ଡନର ହିଥ୍ରୋ ଏୟାରପୋର୍ଟରେ କିଛି ସମୟ ରହି ଦିଲ୍ଲୀରେ ପହଞ୍ଚିଲି। ଅନିଲ, ପୁପୁ ଓ ମୋ ସ୍ୱାମୀ ଥିଲେ ଏୟାରପୋର୍ଟରେ। ଅନିଲ ଘରେ ରହିଲି ରାତିରେ। ତା'ପରଦିନ ରାଜଧାନୀରେ ଆସି କଟକରେ ପହଞ୍ଚିଲି। ପୁଣି ଆରମ୍ଭ ହେଲା ମୋର ନିତିଦିନିଆ କାମ। ଆମେରିକାର ପ୍ରତ୍ୟେକ ସ୍ଥାନ, ପ୍ରତ୍ୟେକ ଅନୁଭୂତି ମୋର ପ୍ରତି ମୁହୂର୍ତ୍ତରେ ଆଜି ମଧ୍ୟ ଜୀବିତ।



# କାଠମାଣ୍ଡୁ ଯାତ୍ରା

ଈଶ୍ୱରଙ୍କ କୃପାର ଅବାରିତ ଧାରା ମୋତେ ନେଇଯାଇଥିଲା ଜାପାନ ଓ ଆମେରିକା ଦେଶକୁ। ଶିକ୍ଷାଗତ ଯୋଗ୍ୟତା ଏହାର ସହାୟକ ହୋଇଥିଲା। ଜାପାନର ପ୍ରତ୍ୟେକ ଜିନିଷ ଖୁବ୍ ମହଙ୍ଗା, ତା'ଛଡ଼ା ମୁଁ ଥିଲି ଗବେଷଣାରତ। କର୍ମରେ ଢିଲା ନକରିବା ଥିଲା ମୋ ବାପାଙ୍କର ଉପଦେଶ। ତେଣୁ ମୋ ସ୍ୱାମୀଙ୍କୁ ଜାପାନ ଓ ଆମେରିକା ନେଇ ପାରିନଥିଲି। ତାହା ଛଡ଼ା ସେ ଓଡ଼ିଶା ସରକାରଙ୍କ ଅଧୀନରେ ଚାକିରିରେ ବ୍ୟସ୍ତ ଥିଲେ। ଆମେରିକା ଯାଇଥିଲି ମୁଁ ଅଳ୍ପଦିନ ପାଇଁ। ମନେ ମନେ ଭାବୁଥିଲି କେମିତି ବିଦେଶରେ ତାଙ୍କ ସହିତ ବୁଲିବି। ପ୍ରଥମେ ନେପାଳସ୍ଥ କାଠମାଣ୍ଡୁ ଯିବା ପାଇଁ ମନସ୍ଥ କଲୁ ସେ ଚାକିରିରୁ ଅବସର ନେଲା ପରେ। ଆମେ ସାଙ୍ଗହୋଇ ଯାତ୍ରାକଲୁ କାଠମାଣ୍ଡୁ। କଟକରୁ ଯାଇ କଲିକତାରେ ଉତ୍କଳ ଭବନରେ ରହିଲୁ। କାଠମାଣ୍ଡୁ ଯାତ୍ରାର ପୂର୍ବଦିନ ଦର୍ଶନ କଲୁ ହୁଗୁଳୀ ନଦୀ ତୀରରେ ମା' ଦକ୍ଷିଣ କାଳୀଙ୍କୁ। ମା'ଙ୍କ ମୂର୍ତ୍ତୀ ଛୋଟ ହେଲେ ବି ଥିଲା ଖୁବ୍ ସୁନ୍ଦର। ପ୍ରଶସ୍ଥ ବେଢ଼ା। ବେଢ଼ା ଭିତରେ ଅନେକ ଶିବ ମନ୍ଦିର। ବାବା ଶଙ୍କର ବିଭିନ୍ନ ସ୍ଥାନରେ ବିଭିନ୍ନ ନାମରେ ପୂଜିତ। ତାଙ୍କର ଛୋଟ ଛୋଟ ବିଭିନ୍ନ ପ୍ରସ୍ତର ନିର୍ମିତ ଲିଙ୍ଗ ଏଠାରେ ପୂଜା ପାଉଛନ୍ତି। ମା' ଦକ୍ଷିଣ କାଳୀଙ୍କୁ ଦର୍ଶନ ହେଲା ଧାଡ଼ିରେ। କିଛିଦିନ ପରେ ପୁଣିଥରେ ପୁଅ ବୋହୁ ସହିତ ଦର୍ଶନ ଓ ପୂଜା ଅର୍ଚ୍ଚନା କରିଥିଲି ମା'ଙ୍କୁ। ମା'ଙ୍କୁ ଯେତେଥର ଦର୍ଶନ କଲେ ମଧ୍ୟ ତୃଷା ମେଣ୍ଟେନି ମନରୁ।

ତା'ପର ଦିନଥିଲା ଆମର କାଠମାଣ୍ଡୁ ଯାତ୍ରା ଦମ୍‌ଦମ୍ ଏୟାର ପୋର୍ଟରୁ। କାଠମାଣ୍ଡୁ ହିମାଳୟର ପାଦଦେଶରେ ଅବସ୍ଥିତ। ଦମ୍‌ଦମ୍‌ରୁ ବାହାରି ଅଳ୍ପ ସମୟ ମଧ୍ୟରେ ପହଞ୍ଚିଗଲୁ କାଠମାଣ୍ଡୁରେ। କାଠମାଣ୍ଡୁ ହେଉଛି ନେପାଳର ରାଜଧାନୀ।

ସେଠାରେ ଆମର ହୋଟେଲ ଆଗରୁ ବୁକ୍ ହୋଇଥିଲା । ହୋଟେଲ କାର୍ ଆମକୁ ଏୟାର ପୋର୍ଟରୁ ନେଇଗଲା ହୋଟେଲକୁ । ସ୍ୱାଗତ ପାନୀୟରେ ହୋଟେଲ ମାଲିକ ଆମକୁ ଆପ୍ୟାୟିତ କରିଥିଲେ । ଉପରଓଳି ପାଖ ବଜାରରେ ବୁଲାବୁଲି କଲୁ । ଅଧିକାଂଶ ଯାତ୍ରୀ ଥିଲେ ବିଦେଶୀ । ସେମାନଙ୍କର ଚାହିଦା ମୁତାବକ ଅନେକ ସାମଗ୍ରୀ ସେଠାରେ ବିକ୍ରି ହେଉଥାଏ । ଲୋକମାନେ ଦଳ ଦଳ ହୋଇ ବୁଲୁଥାଆନ୍ତି । ପାଗ ମଧ୍ୟ ଥାଏ ଅନୁକୂଳ । ହୋଟେଲ ବାହାରେ ଥିବା ରେଷ୍ଟୁରାଣ୍ଟରେ ଆମେ ଖାଉଥିଲୁ । ସେହି ହୋଟେଲରେ ପରଶୁଥିବା ପିଲା "ମହେନ୍ଦ୍ର" ଥିଲା ଖୁବ୍ କୌତୁକିଆ । ତା' କଥା ଆମେ ଆଜିଯାଏ ଭୁଲି ନାହୁଁ । ପ୍ରତିଦିନ ଚକୋମିଶା ସ୍ୱାଦିଷ୍ଟ ଦହି ସେ ଆମକୁ ଖାଇବାକୁ ଦେଉଥିଲା । ପ୍ରତି ପ୍ରଶ୍ନର ଉତ୍ତରରେ ସେ କହେ "I do'nt know", ତା' ଉତ୍ତର ଦେବାର ଶୈଳୀ ଆମେ ଖୁବ୍ ଉପଭୋଗ କରୁଥିଲୁ ।

କାଠମାଣ୍ଡୁରେ ପ୍ରଥମେ ଦର୍ଶନ କଲୁ ନେପାଳର ପ୍ରସିଦ୍ଧ ହିନ୍ଦୁ ଦେବତା ପଶୁପତିନାଥଙ୍କୁ । ସେଠାରେ ଶିବଙ୍କୁ ଜ୍ୟୋତିର୍ଲିଙ୍ଗ ଭାବରେ ହିନ୍ଦୁମାନେ ପୂଜା କରନ୍ତି । ଏହା ବାଗ୍‌ମତୀ ନଦୀ କୂଳରେ ଅବସ୍ଥିତ । ଅନେକ ମନ୍ଦିର, ଆଶ୍ରମ, ଦେବା ଦେବୀଙ୍କ ମୂର୍ତ୍ତି ଏହି ନଦୀ କୂଳେ କୂଳେ ସ୍ଥାପିତ ହୋଇଛି । ସୁନ୍ଦର କାରୁକାର୍ଯ୍ୟ ଖଚିତ ପାଗୋଡ଼ା ମଧ୍ୟରେ ପଶୁପତିନାଥଙ୍କ ଲିଙ୍ଗ ସ୍ଥାପନା କରାଯାଇଛି । ଖ୍ରୀଷ୍ଟପୂର୍ବ ୪୦୦ ଏ.ଡ଼ି. ପୂର୍ବରୁ ଏହି ଲିଙ୍ଗ ସ୍ଥାପନା କରାଯାଇଥିଲା ବୋଲି କାଳାନୁକ୍ରମିକ ଲିଖିତ ବିବରଣୀରୁ ଜଣାଯାଏ । କିନ୍ତୁ ଗୋଟିଏ ମନ୍ଦିର ଏହାର ୧୦୦୦ ବର୍ଷ ପୂର୍ବରୁ ନିର୍ମାଣ କରାଯାଇଥିଲା । କିମ୍ବଦନ୍ତୀ ଅଛି ଥରେ ଶିବ କୃଷ୍ଣସାର ମୃଗ ରୂପ ଧାରଣ କରି ବାଗ୍‌ମତୀ ନଦୀର ପଶ୍ଚିମ ତଟରେ ଥିବା ଜଙ୍ଗଲରେ ଅଜ୍ଞାତଭାବରେ ଖେଳକୁଦ କରୁଥିଲେ । ସେଠାରେ ଜଣେ ଦେବତା ପହଞ୍ଚି ମୃଗର ଶିଙ୍ଘକୁ ଜୋରକରି ଧରିଲେ ଏବଂ ନିଜର ପ୍ରକୃତ ରୂପ ପ୍ରକଟ କରିବା ପାଇଁ ତାଙ୍କୁ ବାଧ୍ୟ କଲେ । ଇତ୍ୟବସରରେ ମୃଗର ସିଙ୍ଘ ଭାଙ୍ଗିଗଲା । ତା'ପରଠାରୁ ସେଠାରେ ଭଙ୍ଗା ସିଙ୍ଘ ଏକ ଲିଙ୍ଗ ଭାବରେ ପୂଜା ପାଉଥିଲେ । କାଳକ୍ରମେ ଏହା ମାଟି ଭିତରେ ରହିଗଲା ଏବଂ ବିଲୁପ୍ତ ହୋଇଗଲା । ଶତାବ୍ଦୀ



ଶତାବ୍ଦୀ ପରେ ଆଶ୍ଚର୍ଯ୍ୟଭାବରେ ଦିନେ ଜଣେ ପଶୁପାଳକର ଗାଈ ପନ୍ହାରୁ କ୍ଷୀର ଆପେ ଆପେ ନିର୍ଗତ ହୋଇ ଗୋଟିଏ କ୍ଷେତକୁ ଓଦା କରି ଦେବାର ଦେଖି ପଶୁପାଳକ ସେହି କ୍ଷେତକୁ ଖୋଳିବାରୁ ସେଠାରେ ପଶୁପତିନାଥଙ୍କ ଲିଙ୍ଗ ପାଇଥିଲା । ସେହିଦିନଠାରୁ ସେହି ଲିଙ୍ଗ ଏହି ମନ୍ଦିରରେ ରଖି ପୂଜା କରାଯାଉଛି । ସମୟକ୍ରମେ ମନ୍ଦିରର ପୁନଃନିର୍ମାଣ କରାଯାଇଛି । ଏହି ମନ୍ଦିରକୁ କେବଳ ହିନ୍ଦୁ ଧର୍ମାବଲମ୍ବୀମାନେ ଅବାଧରେ ପ୍ରବେଶ କରନ୍ତି । ବାଗ୍‌ମତୀ ନଦୀର ଅପର ପାର୍ଶ୍ୱରେ ଭଲଭାବରେ ଦିଶୁଥିବା ସ୍ଥାନରୁ ମନ୍ଦିରର ଦୃଶ୍ୟ ଖୁବ୍ ମନୋହର । ନଦୀର ଅପର ପାର୍ଶ୍ୱରେ ଗୁହ୍ୟେଶ୍ୱରୀ ମନ୍ଦିର ଏବଂ ଷଷ୍ଠ ଶତାବ୍ଦୀର "ଏକମୁଖୀ ଶିବଲିଙ୍ଗ" ମନ୍ଦିର ଅବସ୍ଥିତ ।

ନେପାଳ ହିନ୍ଦୁ ରାଜାଙ୍କ ଦ୍ୱାରା ବଂଶାନୁକ୍ରମେ ଶାସିତ ହୋଇ ଆସୁଛି । ଏଠାକାର ରାଜା ପ୍ରତିବର୍ଷ ଜଗନ୍ନାଥଙ୍କ ପୂଜା ଅର୍ଚ୍ଚନା ପାଇଁ ଶ୍ରୀମନ୍ଦିରକୁ କସ୍ତୁରି ପ୍ରଦାନ କରିଥାଆନ୍ତି । ରାଜାଙ୍କ ବାସସ୍ଥଳୀ ଏକ ସୁରମ୍ୟ ଅଟ୍ଟାଳିକା ଓ ଦର୍ଶନୀୟ ପ୍ରାସାଦ । ପଶୁପତିଙ୍କ ଦର୍ଶନ ପରଦିନ ଆମେ ରାଜପ୍ରାସାଦ ଦେଖିବାକୁ ଯାଇଥିଲୁ । କାଠମାଣ୍ଡୁରୁ ଫେରିବାର ଅଳ୍ପଦିନ ପରେ ତତ୍‌କାଳୀନ ରାଜା ଓ ତାଙ୍କ ପରିବାରବର୍ଗଙ୍କୁ ଆତତାୟୀମାନେ ହତ୍ୟା କରିଥିଲେ ।

କାଠମାଣ୍ଡୁ କାସିନୋ ଖେଳ ପାଇଁ ପ୍ରସିଦ୍ଧ । ବହୁତ ଲୋକଙ୍କର ଏହି ଖେଳ ଖେଳିବାର ନିଶା ଥାଏ । ଆମ ବନ୍ଧୁମାନଙ୍କ ମଧ୍ୟରୁ କେତେଜଣ ପ୍ରତିବର୍ଷ କାଠମାଣ୍ଡୁ ଯାଆନ୍ତି ଏହି ଖେଳ ଖେଳିବା ପାଇଁ । ବେଳେବେଳେ ଜିତିଲେ ଅନେକ ଧନ ଅର୍ଜନ କରନ୍ତି, ଆଉ ବେଳେବେଳେ ମଧ୍ୟ ହାରନ୍ତି । ଆମେ ଦିନେ ଏହି ଖେଳ ଦେଖିବାକୁ ଯାଇଥିଲୁ । ଶହ ଶହ ଖେଳାଳି ଦଳଦଳ ହୋଇ ଖେଳୁଥାଆନ୍ତି । ହାରିଯିବା ଭୟରେ ଆମେ ନଖେଳି ଦେଖି ଦେଖି ଚାଲି ଆସିଲୁ ।

ପଶୁପତିନାଥଙ୍କ ବ୍ୟତୀତ ଆମ ରହଣି ସମୟରେ ଅନେକ ପ୍ରସିଦ୍ଧ ସ୍ଥାନ ଓ ମନ୍ଦିର ଦେଖିବାର ସୁଯୋଗ ପାଇଥିଲୁ । ହନୁମାନ ଧୋକା (ଦରବାର ସ୍କୋୟାର)ରେ ମନ୍ଦିର, ପ୍ରାଙ୍ଗଣ ଇତ୍ୟାଦି ଦ୍ୱାଦଶ ଏବଂ ଅଷ୍ଟାଦଶ ଶତାବ୍ଦୀରେ ନେପାଳର ମଲ୍ଲ ରାଜାଙ୍କ ଦ୍ୱାରା ନିର୍ମିତ ହୋଇଥିଲା । ଏହି ସ୍କୋୟାର ସହରର ସାମାଜିକ, ଧାର୍ମିକ ଭାବର ନିଦର୍ଶକ ତଥା ସହରର କେନ୍ଦ୍ର ବିନ୍ଦୁ । କାଳ ଭୈରବ ମନ୍ଦିର, ରାଜା

ପ୍ରତାପ ମଲ୍ଲଙ୍କର ପ୍ରତିମୂର୍ତ୍ତି, ବିଗ୍ ବେଲ, ବିଗ୍ ଡ୍ରମ୍ ଏବଂ ଜଗନ୍ନାଥ ମନ୍ଦିର ଏହି ସ୍କୋରୟାରରେ ପ୍ରତିଷ୍ଠିତ। ଏଠାରେ ୧୫ଟି ଭାଷାରେ ଲିଖିତ ସପ୍ତଦଶ ଶତାବ୍ଦୀର ପ୍ରସ୍ତର କାନ୍ଥରେ ଖଞ୍ଜା ଯାଇଛି। ଲୋକମାନେ ବିଶ୍ୱାସ କରନ୍ତି ଯେ ଯଦି କେହି ସମସ୍ତ ଶିଳାଲିପିର ଅର୍ଥ ବାହାର କରିପାରିବ ତେବେ ପଥର କାନ୍ଥରେ ଶିଳାଲିପି ତଳେ ଥିବା ନଳମୁଖରୁ ଦୁଗ୍ଧ କ୍ଷର ହେବ। କେହି କେହି କହନ୍ତି ଦରବାର ସ୍କୋୟାରର ମୋହନ ଚୌକ ତଳେ ରାଜା ପ୍ରତାପ ମଲ୍ଲ ପୋତିଥିବା ଧନର ସାଂକେତିକ ମାର୍ଗ ଦର୍ଶା ଯାଇଛି।

ପ୍ରଧାନ ବଜାର ରାଜପଥକୁ ଇନ୍ଦ୍ର ଚୌକ କୁହାଯାଏ। ଏଠାରେ ଆକାଶ ଭୈରଭ ମନ୍ଦିର ଅବସ୍ଥିତ। ଇନ୍ଦ୍ର ଦେବତାଙ୍କ ଉତ୍ସବ ସମୟରେ ଏହି ମୂର୍ତ୍ତି ଏକ ସପ୍ତାହ ପାଇଁ ବାହାରେ ରଖାଯାଏ। ନେପାଳରେ ମୌସୁମୀ ବାୟୁ ପ୍ରଭାହିତ ସମୟରେ ଏହି ପର୍ବ ପଡ଼ିଥାଏ।

କୁମାରୀ ଘର (କୁମାରୀ ମନ୍ଦିର) ହେଉଛି ଦେବୀ କୁମାରୀରଙ୍କର ବାସସ୍ଥଳ। ଏହା ହନୁମାନ ଧୋକା ରାଜପ୍ରାସାଦ ନିକଟରେ ଅବସ୍ଥିତ। ଏହି ପ୍ରାସାଦର କାଠ ବାଲକୋନି ଏବଂ ଝରକାରେ ସୁନ୍ଦର ଖୋଦେଇ କାମ ଦେଖିବାକୁ ମିଳେ। ଦେବୀକୁମାରୀ ଏହି ବାଲ୍‌କୋନି ଝରକାରୁ ଶୁଭେଚ୍ଛା ଜଣାନ୍ତି।

ରାଜା ନରସିଂହ ମଲ୍ଲ ଷୋଡ଼ଶ ଶତାବ୍ଦରେ କାଷ୍ଠ ମଣ୍ଡପ ନିର୍ମାଣ କରିଥିଲେ। କୁହାଯାଏ ଗୋଟିଏ ଗଛର କାଠରୁ ଏହା ନିର୍ମିତ। କାଠମାଣ୍ଡୁ ଗଣେଶ ଅଶୋକ ବିନାୟକ ମଣ୍ଡପରେ ଅଧିଷ୍ଠିତ। ଏହି ମଣ୍ଡପ କାଷ୍ଠ ମଣ୍ଡପ ପଛପଟେ ଅବସ୍ଥିତ।

ଜୈଶି ଦିଓ୍ୱାଲରେ ଶିବ ମନ୍ଦିର ଅଛି। ଏଠାରେ ଶୃଙ୍ଗାର ବିଳାସୀଙ୍କ ଚିତ୍ର ଖୋଦେଇ ହୋଇଛି। ଇନ୍ଦ୍ରଦେବଙ୍କର ରଥଯାତ୍ରା ପର୍ବ ଦେଖିବାକୁ ଅନେକ ଯାତ୍ରୀ ଏଠାକୁ ଆସନ୍ତି। ବିଷ୍ଣୁମତୀ ନଦୀର ଅପର ପାର୍ଶ୍ୱରେ ଏବଂ କାଠମାଣ୍ଡୁ ସହରର ପଶ୍ଚିମରେ ଦୁଇ କି.ମି. ଦୂରରେ ପବିତ୍ର ମନ୍ଦିରମାନଙ୍କ ମଧ୍ୟରେ ପୁରାତନ ଏବଂ ରହସ୍ୟମୟ ମନ୍ଦିର ପ୍ରତିଷ୍ଠିତ। ସ୍ୱୟମ୍ଭୁନାଥ ସ୍ତୁପର ସ୍ୱର୍ଣ୍ଣ ସୂକ୍ଷ୍ମାଗ୍ର ଚୂଡ଼ା କାଠ ନିର୍ମିତ ମୁକୁଟରେ ମଣ୍ଡିତ। ବାୟୁମଣ୍ଡଳ ପରିଷ୍କାର ଥିଲେ ହିମାଳୟର ଶିଖର



ଦୃଶ୍ୟମାନ ହୁଏ ଏହି ସ୍ତୁପ ଉପରୁ। କାଠମାଣ୍ଡୁ ଉପତ୍ୟକାର ପ୍ରାରମ୍ଭରୁ ଏହି ସ୍ତୁପ ରହିଛି। ଏହି ସ୍ତୁପ ହେଉଛି ପୃଥିବୀର ପ୍ରସିଦ୍ଧ କଳା ସ୍ଥାପତ୍ୟ।

ବୌଦ୍ଧନାଥ ସ୍ତୁପ କାଠମାଣ୍ଡୁ ଉପତ୍ୟକାର ବୃହତ୍ତମ ସ୍ତୁପ। ଏହାର ଉଚ୍ଚତା ୩୬ ମିଟର। ଏହି ସ୍ତୁପର ଡିଜାଇନ ଖୁବ୍ ସୁନ୍ଦର। କାଠମାଣ୍ଡୁ ସହରର ଉତ୍ତର ପଶ୍ଚିମ କୋଣରେ ପାଞ୍ଚ କି.ମି. ଦୂରରେ ନାଗାର୍ଜ୍ଜୁନ ପାହାଡ଼ ପାଦ ଦେଶରେ ବାଲାଜୁ ଓ୍ୱାଟର୍ ଗାର୍ଡ଼େନ ଅଛି। ଏଠାରେ ୨୨ଟି ପଥର ଥିବା ଜଳ ନିର୍ଗତ ମୁଖା ଥିବା ଗୁମ୍ଫା ଅଛି। ଏହାର ଆକାର ଜଳ ଡ୍ରାଗନ ଭଳି। ଏଠାରେ ମନ୍ଦିର, ମାଛ ପୋଖରୀ ଏବଂ ବୁଦ୍ଧ ନୀଳକଣ୍ଠଙ୍କର ପ୍ରତିମୂର୍ତ୍ତି ଅଛି। ପାର୍କରେ ଗୋଟିଏ ଗାଧୁଆ କୁଣ୍ଡ ମଧ୍ୟ ଅଛି।

ଉପତ୍ୟାକାର ଉତ୍ତର ପ୍ରାନ୍ତରେ ଶିବପୁରୀ ପାହାଡ଼ର ପାଦ ଦେଶରେ ବୁଦ୍ଧ ନୀଳକଣ୍ଠଙ୍କ ମୂର୍ତ୍ତୀ ମନ୍ଦିରରେ ରହିଛି। ଏହି ମନ୍ଦିର କାଠମାଣ୍ଡୁ ସହରଠାରୁ ୯ କି.ମି. ଦୂରରେ ଅବସ୍ଥିତ। ଏହି ମନ୍ଦିର ନିକଟରେ ଥିବା ଏକ ପୁଷ୍କରିଣୀ ମଧ୍ୟଭାଗରେ ସର୍ପ ଶଯ୍ୟାରେ ହିନ୍ଦୁ ଧର୍ମର ଦେବତା ବିଷ୍ଣୁ ଶୟନ କରିଛନ୍ତି। ଗୋଟିଏ ମୁଗୁନି ପଥରରେ ଏହି ଶୟନରତ ବିଷ୍ଣୁ ତିଆରି ହୋଇଥିବାର ଦେଖିବାକୁ ମିଳେ। କିମ୍ବଦନ୍ତୀ ଅଛି ପୁରାତନ କାଳରେ ଜଣେ କୃଷକ ଓ ତା' ସ୍ତ୍ରୀ ଜମିରେ ହଳ କରୁଥିବା ସମୟରେ ଏହି ମୂର୍ତ୍ତି ପାଇଥିଲେ। ବୁଦ୍ଧ ନୀଳକଣ୍ଠଙ୍କ ଛଡ଼ା ଆଉ ଦୁଇଟି ଛୋଟ ଛୋଟ ଶୟନରତ ବିଷ୍ଣୁ ମୂର୍ତ୍ତି ମଧ୍ୟ କାଠମାଣ୍ଡୁରେ ଦେଖିବାକୁ ମିଳେ। ଗୋଟିଏ ବାଲାଜୁ ଗାର୍ଡ଼େନରେ ଅବସ୍ଥିତ। ଅନ୍ୟଟି ହନୁମାନ ଧୋକା ପ୍ରାସାଦରେ ଲୁକାୟିତ ଅବସ୍ଥାରେ ଅଛନ୍ତି। ଥରେ ନେପାଳର ରାଜା ସ୍ୱପ୍ନ ଦେଖିଥିଲେ, ଯଦି ସେ ବୁଦ୍ଧ ନୀଳକଣ୍ଠ ମନ୍ଦିର ଦର୍ଶନ କରିବେ ତେବେ ତାଙ୍କର ମୃତ୍ୟୁ ହୋଇଯିବ। ଏହି ଡରରେ ସେ ବୁଦ୍ଧ ନୀଳକଣ୍ଠ ପରି ଦୁଇଟି ମୂର୍ତ୍ତି ଅନ୍ୟତ୍ର ତିଆରି କରିଥିଲେ। କାଠମାଣ୍ଡୁ ଛୋଟିଆ ସ୍ଥାନଟିଏ ହେଲେ ମଧ୍ୟ ଏହା ଅନେକ ହିନ୍ଦୁ ଦେବାଦେବୀ ମନ୍ଦିରରେ ପୂର୍ଣ୍ଣ।

ନାଗରକଟ୍‌ଠାରେ ଗୋଟିଏ ପାହାଡ଼ ଉପରେ ଠିଆ ହୋଇ ସୂର୍ଯ୍ୟୋଦୟ ଏବଂ ସୂର୍ଯ୍ୟାସ୍ତ ସମୟର ଦୃଶ୍ୟ ଉପଭୋଗ କରିବା ପାଇଁ ଯାତ୍ରୀମାନେ ଭିଡ଼

ଜମାନ୍ତି । ଦେବାଦେବୀ ମନ୍ଦିର ଦର୍ଶନ କରି ସାରିବା ପରେ ଆମେ ଯାଇଥିଲୁ ସୂର୍ଯ୍ୟାସ୍ତ ଦେଖିବା ପାଇଁ ନାଗରକଟ୍‌କୁ । ସେଦିନର ପାଗ ଥିଲା ମେଘୁଆ । ଥଣ୍ଡା ପବନରେ ଆମେ ଶୀତେଇ ଯାଉଥିଲୁ । ଏକପ୍ରକାର ଛୋଟିଆ ଛୋଟିଆ କଞ୍ଚା ଗାଜର ଲୋକମାନେ ଖାଇ ଖାଇ ସେଠାରେ ବୁଲୁଥାଆନ୍ତି । ମେଘୁଆ ପାଗରେ ପାହାଡ଼ିଆ ରାସ୍ତା ପାଖରେ ପୋଡ଼ା ମକା ଖାଇବାର ଥାଏ ମଜା । ଅନେକ ଅନେକ ଆମେ ଉପଭୋଗ କଲୁ ସେଠାରେ, କିନ୍ତୁ ବାଦଲ ଲୁଚାଇ ରଖିଦେଲା ସୂର୍ଯ୍ୟଙ୍କୁ । ସନ୍ଧ୍ୟା ହୋଇ ଆସିଲା । ବୁଡ଼ିବା ବେଳର ସୂର୍ଯ୍ୟଙ୍କୁ ଦେଖିବାର ସୁଯୋଗ ଆମେ ହରାଇଲୁ । ତଥାପି ପାହାଡ଼ ଉପରକୁ ଉଠିବାର ଆନନ୍ଦ ଭୁଲିହେବନି ।

ତା'ପରଦିନ ଯାଇଥିଲୁ କାଠମାଣ୍ଡୁର ଆଉ ଏକ ସ୍ଥାନ ପୋଖରାକୁ । ସେଠାରେ ଥିବା ଗୋଟିଏ ହ୍ରଦରେ ନୌକା ବିହାର କରିଥିଲୁ ଓ କିଛି ସମୟ କଟାଇଥିଲୁ ହ୍ରଦ କୂଳରେ । ଖୁବ୍ ଭଲ ଲାଗିଥିଲା ହ୍ରଦ କୂଳର ପରିବେଶ ।

ତା'ପର ଦିନ ବଜାରରେ କିଛି କିଛି କିଣା ହେଲା । ଭାରତର ନିକଟ ହେଲେ ମଧ୍ୟ କାଠମାଣ୍ଡୁ ତ ବିଦେଶ । ସେଠାରୁ ଏକମୁଖୀ ରୁଦ୍ରାକ୍ଷ, ସ୍ଫଟିକ ଶିବଲିଙ୍ଗ, ସୁଟ୍‌କେଶ ଅନ୍ୟାନ୍ୟ ଛୋଟ ଛୋଟ ଜିନିଷ କିଣିଲୁ ଏକ ଭାରତୀୟଙ୍କ ଦୋକାନରୁ । ବିଦେଶ ଭ୍ରମଣ ସରିଲା ସିନା, ପୁନର୍ବାର ଲମ୍ବା ବିଦେଶ ଭ୍ରମଣର ଯୋଜନା କରି କରି ଫେରିଲୁ କଲିକତା । ପୁଅ ଘରେ ପହଞ୍ଚି ରାତିଟି କଟାଇଲୁ । ଚାରି ବନ୍ଧୁଙ୍କର ଏକତ୍ରିତ ପ୍ରଥମ ବିଦେଶ ଭ୍ରମଣ ଶେଷ ହେଲା ଖୁବ୍ ହସ ଖୁସିରେ ।



# ୟୁରୋପ ଓ ଏସିଆ ଭ୍ରମଣ

ଦେଶ ବିଦେଶରେ ଏକା ଏକା ବୁଲିବାର ଅନେକ ସୌଭାଗ୍ୟ ମିଳିଥିଲା ଚାକିରି କାଳରେ, ହେଲେ ନିଜ ସ୍ୱାମୀ ଓ ବନ୍ଧୁମାନଙ୍କ ଗହଣରେ ଆଉଥରେ ବିଦେଶ ଯାତ୍ରାର ସ୍ୱପ୍ନ ମୁଁ ବାରମ୍ବାର ଦେଖୁଥିଲି । ସରକାରୀ କଳ ମଧ୍ୟରେ ନିୟମ କାନୁନ ବସାବାନ୍ଧି ରହିଥାଏ । ତେଣୁ ଚାକିରିରୁ ଅବସର ନେବାପରେ ମୁକ୍ତ ବିହଙ୍ଗ ଭଳି ଉଡ଼ିବାର ସୁଯୋଗ ପାଇବି, ଛୁଟି ମଞ୍ଜୁର ପାଇଁ ସରକାରଙ୍କ ଅଫିସକୁ ଦଉଡ଼ି ଦଉଡ଼ି ଚପଲ ଛିଣ୍ଡିବନି । ତେଣୁ ଅବସର ନେବା ପରେ ବିଦେଶ ଭ୍ରମଣ କରିବି ବୋଲି ବହୁଦିନରୁ ଆଶା କରି ରହିଥିଲି । ଏଥର ଭ୍ରମଣ ହେବ ପୂର୍ବଠାରୁ ଭିନ୍ନ । ସରକାରୀ ଚାକିରିରୁ ଅବସର ନେଲି ୨୦୦୩ ମସିହା ଜାନୁୟାରି ୩୧ ତାରିଖରେ । ଅବସର ଦିନଟିକୁ ଅନେକ ଦୁଃଖର ଦିନ ବୋଲି ଗ୍ରହଣ କରିଥାନ୍ତି । କିନ୍ତୁ ସେଦିନ ଥିଲା ମୋ ପାଇଁ ଏକ ଆନନ୍ଦର ଦିନ । ପରିବାର, ବନ୍ଧୁବାନ୍ଧବ ଓ ଶୁଭେଚ୍ଛୁମାନଙ୍କ ଗହଣରେ ଗବେଷଣା ଛାତ୍ର ଛାତ୍ରୀମାନଙ୍କର ଏକ ବିରାଟ ଉତ୍ସବର ଆୟୋଜନ ଏବଂ ମୋ ଭବିଷ୍ୟତ ଗବେଷଣା ଚାଲୁ ରଖିବା ପାଇଁ ରେଭେନ୍‌ସା ମହାବିଦ୍ୟାଳୟର ତତ୍‌କାଳୀନ ଅଧ୍ୟକ୍ଷ ପ୍ରଫେସର ରାମକୃଷ୍ଣ କରଙ୍କର ଉତ୍ସାହ ଓ ପ୍ରେରଣା ମୋ ପାଇଁ ଥିଲା ସେଦିନର ଅଭୁଲା ମୁହୂର୍ତ୍ତ । ୨୦୦୩ ମସିହାରେ ଝିଅର ବାହାଘର ହେଲା । ତେଣୁ ସେହି ମସିହାରେ ମୋ ସ୍ୱପ୍ନ ଅଧୁରା ରହିଗଲା । ୨୦୦୪ ମସିହା ମେ ମାସରେ ଆମେ ୟୁରୋପ ଓ ଏସିଆ ଭ୍ରମଣ କରିବା ପାଇଁ ଠିକ୍ କଲୁ । ଚାରିମାସ ପୂର୍ବରୁ ଖବର କାଗଜରେ ପ୍ରକାଶିତ ବିଭିନ୍ନ କମ୍ପାନୀର ବିଦେଶ ଯାତ୍ରାର ବିଜ୍ଞାପନ ସଂଗ୍ରହ କରି ତା'ର ପୁଙ୍ଖାନୁପୁଙ୍ଖ ତର୍ଜମା କରି ସିଦ୍ଧାନ୍ତ କଲୁ "କକ୍ସ ଏଣ୍ଡ କିଙ୍ଗସ୍" ଟ୍ରାଭେଲ ଏଜେଣ୍ଟ ଜରିଆରେ ଆମେ ୟୁରୋପ, ମାଲଏସିଆ ଏବଂ ସିଙ୍ଗାପୁର

ବୁଲି ଯିବୁ । ୟୁ.କେ. ବ୍ୟତୀତ ସବୁ ଦେଶର ଭିସା ଦାୟିତ୍ୱ ନେଇଥାଏ କକ୍ସ ଏଣ୍ଡ କିଙ୍ଗ୍ । ପ୍ରତ୍ୟେକ ନିଜ ନିଜ ଫି ଦେଇ କଲିକତାରେ ୟୁ.କେ. ଭିସା କଲୁ ।

ଆମ ବିଦେଶ ଯାତ୍ରାର ଶୁଭାରମ୍ଭ ଥିଲା ମେ ୭ ତାରିଖ ରାତିରେ । ତେଣୁ ମେ ୫ ତାରିଖ ରାତି ୧୨ଟାରେ ଜଗନ୍ନାଥ ଏକ୍ସପ୍ରେସ୍‌ରେ ଯାଇ ୬ ତାରିଖ କଲିକତାରେ ମୋ ବଡ଼ ପୁଅ ଘରେ ବିଶ୍ରାମ ନେଲୁ । ସାଙ୍ଗରେ ଏକ ହଜାର ୟୁରୋ ପ୍ରତ୍ୟେକ ଯାତ୍ରୀ ନେବା କଥା । ତେଣୁ ସେଦିନ ସକାଳେ ଟ୍ରେଡ୍ ଉଇଙ୍ଗସ୍ ଅଫିସ ଯାଇ ଟ୍ରାଭେଲ ଏଜେଣ୍ଟ ମିସେସ୍ ସୋମା ଭଟ୍ଟାଚାର୍ଯ୍ୟ ଠାରୁ ପାସପୋର୍ଟ, ୟୁରୋ ଇତ୍ୟାଦି ସଂଗ୍ରହ କଲୁ ।

ରାତି ୧୧.୪୫ ମନିଟ୍‌ରେ ସିଙ୍ଗାପୁର ଏୟାର ଲାଇନ୍ସରେ ଆମ ଯାତ୍ରା ଆରମ୍ଭ ହେଲା ଦମ୍ ଦମ୍ ଏୟାରପୋର୍ଟରୁ । ଫ୍ଲାଇଟ୍ ଭିତରେ ୧୨ଟା ବାଜିଲା । ମେ ୮ ତାରିଖର ଶୁଭ ମୁହୂର୍ତ୍ତ ଆସିଲା । ସେ ତାରିଖଟି ଥିଲା ମୋ ପାଇଁ ବହୁ ପ୍ରତିକ୍ଷିତ । ତାହା ଥିଲା ମୋର ବିବାହ ଦିବସ । ବନ୍ଧୁମାନେ ଆମ ବିବାହ ବାର୍ଷିକୀ ପାଇଁ ଶୁଭେଚ୍ଛା ଜଣାଇଲେ । ଆକାଶରେ ଶୁଭ ମୁହୂର୍ତ୍ତ ପାଳନ କରିବାର ସୁଯୋଗ ମିଳିଲା । ଖୁସିର ଜୁଆର ମୋ ସାରା ଅଙ୍ଗପ୍ରତ୍ୟଙ୍ଗରେ ମାଡ଼ିଗଲା ଭଳି ଲାଗୁଥାଏ । ଝରକା ପାଖ ସିଟ୍‌ରେ ବସି ଘନବାଦଲ ସହିତ ଦୀର୍ଘ ବୈବାହିକ ଜୀବନର ଅନୁଭୂତିର ଲୁଚକାଳି ଅନୁଭବ କରି କରି ରାତିଟି ସରିଗଲା । କଲିକତା ଓ ସିଙ୍ଗାପୁରର ସମୟ ବ୍ୟବଧାନ +୨ ଘଣ୍ଟା । ଯାତ୍ରା ସମୟ ଲାଗିଲା ୪ ଘଣ୍ଟା ୩୦ ମିନିଟ୍ ।

ସିଙ୍ଗାପୁର ହୋଇ ଆସୁଥାଏ - ସମୁଦ୍ର ମଝିରେ ତାରକା ସଦୃଶ ଆଲୋକମାଳାରେ ସଜ୍ଜିତ ଜଳ ଜାହାଜଗୁଡ଼ିକ ଖୁବ୍ ଦେଖିବାକୁ ମନୋହର ଥିଲା । ସିଙ୍ଗାପୁର ସମୟ ଅନୁସାରେ ୬ଟା ୧୦ ମିନିଟ୍‌ରେ ସିଙ୍ଗାପୁର ଏୟାରପୋର୍ଟରେ ପହଞ୍ଚିଲୁ । ଏୟାରପୋର୍ଟଟି ଥିଲା ଖୁବ ପରିଷ୍କାର, ଚାରିଆଡ଼େ ଫୁଲ ଗଛ । ସିଙ୍ଗାପୁର ଛୋଟିଆ ଦ୍ୱୀପଟିଏ । ଏହାର ବ୍ୟାସ ହେବ ୧୫ କି.ମି. । ସହରଟି ଫୁଲ ବଗିଚା ଭଳି ଲାଗୁଥାଏ । କଡ଼ା ନିୟମ କାନୁନ ମାନିବାରେ ସାରା ବିଶ୍ୱରେ ବୋଧହୁଏ ଏ ଦେଶ ପ୍ରଥମ । ଖୁବ୍ କମ୍ ସମୟ ଲାଗିଲା ଏୟାରପୋର୍ଟର କାର୍ଯ୍ୟକ୍ରମ । ଏହାପରେ



ଗୋଟିଏ ବସ୍ ଆମକୁ ନେଇଗଲା ପାରାମାଉଣ୍ଟ ହୋଟେଲକୁ । ହୋଟେଲଟି ଥିଲା ଖୁବ୍ ବଡ଼ । ସିଙ୍ଗାପୁରରେ ହୋଇଥାଏ ମେ ୮ ତାରିଖ । ତେଣୁ ସେଠାରେ ବିବାହ ଦିବସ ପାଳନ କରିବାର ମଉକା ମିଳିଲା । ନୂଆ ଶାଢ଼ୀ ପିନ୍ଧି ଠାକୁରଙ୍କୁ ପ୍ରଣାମ କଲି । ଆଉ କେତୋଟି ଦିନ ଭଲରେ ଚାଲିଯାଉ ବୋଲି ଠାକୁରଙ୍କୁ ମିନତି ବାଢ଼ିଲି । ଦିନ ୧୧ଟାରେ ମୋ ଛାତ୍ରୀ ଡକ୍ଟର ଉଷାରାଣୀ ମିଶ୍ରର ସାନଭାଇ ଶୈଳେନ୍ଦ୍ର ତା'ର ଛୋଟ ଝିଅକୁ ଧରି ହୋଟେଲକୁ ଆସିଲା । ସେ ସେଠାରେ ବ୍ୟାଙ୍କରେ କାମ କରେ । ସିଙ୍ଗାପୁରରେ ଭାରତୀୟ ରେଷ୍ଟୁରାଣ୍ଟ ଅନ୍ନପୂର୍ଣ୍ଣାରେ ମଧ୍ୟାହ୍ନ ଭୋଜନ କରି ସେନ୍ତୋଷା ଦ୍ୱୀପ ଅଭିମୁଖେ ବାହାରିଲୁ । ଦିନସାରା ସେନ୍ତୋଷାରେ କଟିଲା । ସିଙ୍ଗାପୁରର ପ୍ରତୀକ ସିଂହର ଏକ ବିରାଟ ମୂର୍ତ୍ତୀ ସେଠାରେ ରଖାଯାଇଛି । ରାତିରେ ଲାଇଟ୍ ପଡ଼ି ତା' ଦେହ ଚକ୍ ଚକ୍ ମାରୁଥିଲା । ବିରାଟ ଆଁ କରି ଯାତ୍ରୀମାନଙ୍କୁ ସିଙ୍ଗାପୁରକୁ ସ୍ୱାଗତ କରିବା ପାଇଁ ସେ ଯେମିତି ଦଣ୍ଡାୟମାନ । ସେଠାରେ ରୋପ୍ ଓ୍ୱେ, ଟ୍ରେନ ଯାତ୍ରା, ଏକ୍ୱାରିୟମ୍, ଜଳ ଓ ଆଲୋକର ନୃତ୍ୟ ଥିଲା ଖୁବ୍ ଉପଭୋଗ୍ୟ । ସନ୍ଧ୍ୟାବେଳେ ପଇଡ଼ ପିଆଟା ଅବିସ୍ମରଣୀୟ । ପ୍ରବଳ ମିଠା ଓ ଯଥେଷ୍ଟ ପରିମାଣରେ ପାଣି ଥିବା ପଇଡ଼ ମୋ ଦେଖିବାରେ ଥିଲା ପ୍ରଥମ । ଶୀତତାପ ନିୟନ୍ତ୍ରିତ କାଚ ଘର ଭିତରେ ସେଠାରେ ପଇଡ଼ ରଖାଯାଇଥିଲା । ସେନ୍ତୋଷାରେ ସବୁ ଦେଖିସାରି ହୋଟେଲରେ ପହଞ୍ଚିଲୁ ରାତି ୯ଟାରେ । ୧୦.୩୦ରେ ଏୟାରପୋର୍ଟ ଅଭିମୁଖେ ଥିଲା ଆମ ଯାତ୍ରା । ସିଙ୍ଗାପୁର ସମୟ ରାତି ଗୋଟାଏରେ ସିଙ୍ଗାପୁର ଏୟାର ଲାଇନ୍ସରେ ଇଟାଲୀର ରାଜଧାନୀ ଏବଂ ଇଟାଲୀର ପ୍ରଧାନ ଐତିହାସିକ ସହର ରୋମ ଅଭିମୁଖେ ଆରମ୍ଭ ହେଲା ଆମର ଯାତ୍ରା ।

ସିଙ୍ଗାପୁର ସମୟ ରାତି ୧.୨୦ ମିନିଟ୍ ଓ ରୋମ୍ ସମୟ ସକାଳ ୭.୨୦ ମିନିଟ୍‌ରେ ରୋମ ଏୟାରପୋର୍ଟରେ ଅବତରଣ କଲା ଆମ ଏରୋପ୍ଲେନ୍ । କଟକରେ ଅନେକ ବନ୍ଧୁଙ୍କଠାରୁ ରୋମରେ ହେଉଥିବା ଚୋରି ବିଷୟରେ ଶୁଣିଥିଲୁ । ତେଣୁ ସତର୍କ ହେବାକୁ ପଡୁଥାଏ ଆମକୁ । ହୋଟେଲ ବସ୍‌ରେ ଏୟାରପୋର୍ଟରୁ ଆସି ରହିଲୁ ସୁମିତ୍-ରୋମା ହୋଟେଲରେ । ରୋମ୍‌ରୁ ଆରମ୍ଭ ହେଲା ଆମର ୟୁରୋପ ଭ୍ରମଣ । କଲିକତା, ମୁମ୍ବାଇ, ଦିଲ୍ଲୀ ଓ ଗୁଜରାଟରୁ ୪୦ ଜଣ ସହଯାତ୍ରୀ ଥିଲେ

ଆମ ସହିତ। ବୟସ୍କ ଲୋକମାନଙ୍କଠାରୁ ଆରମ୍ଭ କରି ଛୋଟ ପିଲା ପର୍ଯ୍ୟନ୍ତ ସମସ୍ତେ ଥିଲେ ଆମ ସାଙ୍ଗରେ। ଆମ ଟୁର୍ ଗାଇଡ଼ ମିସେସ୍ ଅଳକା ମେହେଟ୍ଟା ଆସିଥିଲେ ମୁମ୍ବାଇରୁ। ତାଙ୍କ ସହିତ କିଛି ଯାତ୍ରୀ ମୁମ୍ବାଇରୁ ଆସି ଆମ ସହିତ ମିଶିଥିଲେ। ହୋଟେଲରେ ରାତି ୧୦ଟା ଯାଏ ତାସ ଖେଳ ଜମିଲା। ତା'ପରେ ସମସ୍ତେ ମିଶି ୧୦ଟା ରାତିରେ ଗୋଟିଏ ଭାରତୀୟ ହୋଟେଲ "ଇଣ୍ଡିଆ ହାଉସ"କୁ ସ୍ୱାଗତ ରାତ୍ରିଭୋଜନ ପାଇଁ ଗଲୁ। ସେଠାରେ ଅନ୍ନ ଥିଲା ଅରୁଆ ଚାଉଳର। ଲୋକମାନେ ଥିଲେ ଭାରତୀୟ। ଭାରତୀୟ ପରିବେଶରେ ପରିପୂର୍ଣ୍ଣ ଥିଲା ସେ ହୋଟେଲ। ହୋଟେଲକୁ ଯିବା ପାଇଁ ଏକ ଗଳି ରାସ୍ତା ଅତିକ୍ରମ କରିବାକୁ ପଡ଼ିଲା। ହୋଟେଲ ପାଶ୍ୱରେ Tiber ନଦୀ ପ୍ରବାହିତ। ନଦୀର ଧାରେ ଧାରେ ରାସ୍ତା। ନିସ୍ତବ୍ଧ ରାତ୍ରିରେ ଶହ ଶହ କାର ରାସ୍ତା କଡ଼ରେ ନିସହାୟ ଅବସ୍ଥାରେ ଧାଡ଼ି ବାନ୍ଧି ଥାଆନ୍ତି। ସେଠାରେ ସ୍ଥାନର ଅଭାବ ଭଳି ମନେ ହେଲା। ରୋମ୍ ଖୁବ୍ ପୁରୁଣା ସହର ଭଳି ଲାଗିଲା। ଏହି ସହରରେ ଅନେକ ରାସ୍ତାଘାଟ ଇଟାରେ ତିଆରି।

୧୦ ତାରିଖ ଥିଲା ସାର୍ ଓ ଡଲିନାନୀଙ୍କର ବିବାହ ବାର୍ଷିକୀ।ଶୁଭେଚ୍ଛା ଜଣାଇଲୁ ସେମାନଙ୍କୁ। ସକାଳ ୮ଟାରେ ଖୁବ୍ ଭଲ ପ୍ରାତଃ ଭୋଜନ ମିଳିଲା। ଆମ ୟୁରୋପ ଭ୍ରମଣ ଆରମ୍ଭ ହେଲା ଠିକ୍ ଦିନ ୯ଟାରେ। ଖୁବ୍ ପ୍ରତ୍ୟୁତ୍ପନ୍ନମତି ଏବଂ ଅଳ୍ପଭାଷୀ ଜର୍ମାନୀ ଡ୍ରାଇଭର ମିଷ୍ଟର ରିଚାର୍ଡ଼ ଏବଂ ବମ୍ବେବାସୀ ମିସେସ୍ ଅଳକା ମେହେଟାଙ୍କ ସହ ୪୦ ଜଣ ଯାତ୍ରୀ ଆରମ୍ଭ କଲୁ ଆମର ୟୁରୋପ ଭ୍ରମଣ ଗୋଟିଏ ଶୀତତାପ ନିୟନ୍ତ୍ରକ RS501 ନମ୍ବର ହାଇଟେକ୍ ବସରେ। ବେଳେବେଳେ ଖାଦ୍ୟ ପଦାର୍ଥ ନେଇ ଆମ ପଛରେ ଯାଉଥାଏ ଗୋଟିଏ କାରଭାନ୍ ଗାଡ଼ି। ବାଟରେ କୌଣସି ଗାର୍ଡ଼େନ ବା ହ୍ରଦକୂଳରେ ଆମକୁ ମଧ୍ୟାହ୍ନ ଭୋଜନ ଦିଆଯାଉଥାଏ। ବେଳେବେଳେ କାରାଭାନ ଗାଡ଼ି ମଧ୍ୟରେ ମଧ୍ୟ ରୋଷେଇ କରାଯାଉଥାଏ।

୭ଟି ପାହାଡ଼ ଦ୍ୱାରା ରୋମ ସହର ପରିବେଷ୍ଟିତ। ରାସ୍ତାଘାଟରେ ବଡ଼ ବଡ଼ ମାର୍ବଲ ମୂର୍ତ୍ତି ଶୋଭା ପାଉଥାଏ। ସୁନ୍ଦର ସୁନ୍ଦର ଚର୍ଚ୍ଚ, ସୁନ୍ଦର ସୁନ୍ଦର ପେଣ୍ଟିଂରେ



ପରିପୂର୍ଣ୍ଣ ଏ ସହର। ଟନେଲ ଭିତରେ ଥାଏ ଅନେକ ରାସ୍ତା। ମାଇକେଲ୍ ଆଞ୍ଜେଲୋଙ୍କ ସ୍ମୃତି ଧରି ରଖିଛି ଅନେକ ମୂର୍ତ୍ତୀ ଓ ପେଣ୍ଟିଂ ଏ ସହରରେ। ସୂର୍ଯ୍ୟ ୯ଟା ୩୦ ମିନିଟ୍‌ରେ ଅସ୍ତ ହେଉଥିବାରୁ ଅନେକ ସମୟ ମିଳେ ବୁଲିବା ପାଇଁ ଭ୍ରମଣକାରୀମାନଙ୍କୁ। ଚାରିଆଡ଼େ ଝଇରିଆ, ନାଲି ପତ୍ର ବିଶିଷ୍ଟ ଛୋଟ ଛୋଟ ଗଛ ଓ ଖଜୁରି ଗଛ ସହର ସାରା ଦେଖିଲୁ। ଏଠାରେ ତାପମାତ୍ରା ଥିଲା ୨୦ ସେ.। ସମସ୍ତ ଘରର ଛାତ ତିଆରି ହୋଇଥିଲା ଟାଇଲରେ। ଏହି ସହରରେ ପ୍ରବାହିତ ଟିବର ନଦୀର ଲମ୍ବ ୩୨ କି.ମି.।

ପ୍ରଥମେ ଗଲୁ ଭାଟିକାନ୍ ସିଟି। ଏହା ତୃତୀୟ ଶତାବ୍ଦୀ ବି.ସି.ର ପୁରୁଣା ସହର। ଏହା ଏକ କ୍ଷୁଦ୍ର ସ୍ୱାଧୀନ ଦେଶ। ଏହା ପୂର୍ବରୁ ରୋମ୍‌ର ଏକ ଅଂଶ ଥିଲା। ଏହାର ଆକାର ମାତ୍ର ୮.୭ ଏକର। ଭାରତୀୟ ମିଷ୍ଟର ଡାନୀ ୨୦୦୨ ମସିହାରେ ଏହି ଦେଶର ମୁଖ୍ୟ ଥିଲେ। ଏହାର ଲୋକସଂଖ୍ୟା ଥିଲା ମାତ୍ର ୯୦୦। ଏହା କାଥେଡ୍ରାଲ୍ ପୋପଙ୍କ ଦ୍ୱାରା ଶାସିତ। ପୋପ୍‌ଙ୍କର ଏକଜିକ୍ୟୁଟିଭ ଏବଂ ଜୁଡ଼ିସିଆଲ୍ କ୍ଷମତା ରହିଛି। ରୋମ୍ ରାମଲୋଜଙ୍କ ଦ୍ୱାରା ସ୍ଥାପିତ ହୋଇଥିଲା। ରାମଲୋଜଙ୍କୁ ଅଧା ମଣିଷ ଓ ଅଧା ଦେବତା ବୋଲି ଲୋକମାନେ କହୁଥିଲେ। ଭାଟିକାନ୍ ସିଟିରେ ୧୮-୨୫ ବର୍ଷ ବୟସ୍କ ଅବିବାହିତ କାଥେଡ୍ରାଲ ସୈନ୍ୟମାନେ ରହନ୍ତି। ଧାଡ଼ିବାନ୍ଧି ଭାଟିକାନ୍ ମ୍ୟୁଜିୟମ୍ ଦେଖିବାକୁ ଗଲୁ। ଆମକୁ ଗାଇଡ୍ କରୁଥିଲେ ଜଣେ କୋରିଆନ୍ ମହିଳା ଗାଇଡ଼। ମ୍ୟୁଜିୟମର ଛାତର ଭିତର ପଟେ ସୁନ୍ଦର ସୁନ୍ଦର ଆର୍ଟ ହୋଇଥାଏ। ସାମନାରେ ଥାଏ ବିରାଟ ଏକ ସ୍କୋୟାର। ଏକ ସମୟରେ ପ୍ରାୟ ୨୦ ହଜାର ଲୋକ ସେଠାରେ ଛିଡ଼ା ହୋଇପାରିବେ। ୩୧୫ ଏ.ଡ଼ି.ରେ ଏହି ସହର ତିଆରି ହୋଇଥିଲା। ଏହି ସହରକୁ ତିଆରି କରିବା ପାଇଁ ୮୦ ବର୍ଷ ଲାଗିଥିଲା। ମୁସୋଲିନ୍ ଏଠାରେ ଦ୍ୱିତୀୟ ମହାସମର ଘୋଷଣା କରିଥିଲେ। ଷୋଳଶହ ଶତାବ୍ଦୀରେ ଥିଏଟର ହଲ ହେଲା। ଚର୍ଚ୍ଚ ତିଆରି ହେଲା ଅଷ୍ଟାଦଶ ଶତାବ୍ଦୀରେ। ଏହା ଥିଲା ଏକ ରକ୍ଷଣଶୀଳ ଚର୍ଚ୍ଚ। କିଛିଦିନ ପରେ ରେସିଂ ଫିଲ୍ଡ ହେଲା। ଏହି ଫିଲ୍ଡରେ ବେନୁହୁର ଚଳଚିତ୍ର ସୁଟିଂ ହୋଇଥିଲା।

ତା'ପରେ ପ୍ରସିଦ୍ଧ ସିସ୍ଟାଇନ୍ ଚାପେଲ ଦେଖିଲା ପରେ ଟିବର ନଦୀର ଅପର ପାର୍ଶ୍ୱରେ ଅବସ୍ଥିତ ଅର୍ଦ୍ଧଭଗ୍ନ colosseum ଦେଖିବାକୁ ଗଲୁ। ଏହା ୭୨ ଏ.ଡ଼ି.ରେ ଆରମ୍ଭ ହୋଇ ୮୧ ଏ.ଡ଼ି.ରେ ସମାପ୍ତ ହୋଇଥିଲା। ଏହା ଏଲିପ୍‌ଟିକାଲ ଆକାରର। ଏଥିରେ ପ୍ରାୟ ୮୦ ହଜାର ଲୋକ ରହିପାରିବେ। ସମ୍ରାଟଙ୍କ ପାଇଁ ଏଥିରେ ସ୍ୱର୍ଣ୍ଣ ଗୃହ ଥିଲା। ରାଜା ନିରୋ ତାହା ଭିତରେ ବଗିଚା, ଜଳ ଫୁଆରା ଇତ୍ୟାଦି କରିଥିଲେ ଏବଂ ଜୀବଜନ୍ତୁ ରଖିଥିଲେ। ଶାସନ ଥିଲା ତାଙ୍କର ଖୁବ୍ କଡ଼ା। ଦୋଷୀମାନଙ୍କୁ ବାଘ ସିଂହ ଜନ୍ତୁମାନେ ଆକ୍ରମଣ କରି ଦର୍ଶକମାନଙ୍କ ସମ୍ମୁଖରେ ଖାଉଥିଲେ। ପରବର୍ତ୍ତୀ ସମ୍ରାଟ ନିରୋଙ୍କଠାରୁ ନିଜକୁ ଭଲବୋଲି ଦର୍ଶାଇବା ପାଇଁ ଏହି କୋଲୋଜେୟମ୍‌କୁ ଥିଏଟର କରିବାରେ ବ୍ୟବହୃତ କଲେ। ଦୁଇଜଣ ମଣିଷ ବା ଦୁଇଟି ବାଘ ଭିତରେ ସେଠାରେ ଲଢ଼େଇ ହେଉଥିଲା। ସେମାନଙ୍କ ମଧ୍ୟରୁ ଜଣେ ମରିବା ପର୍ଯ୍ୟନ୍ତ ଲଢ଼େଇ ଚାଲୁ ରହୁଥିଲା। ୫୦,୦୦୦ ଲୋକ ବିଶିଷ୍ଟ ଗ୍ୟାଲେରୀରେ ଦର୍ଶକମାନେ ବସି ଏହା ଉପଭୋଗ କରୁଥିଲେ। ଏହାପରେ ଆମେ Piazza Venezia ସ୍କୋୟାର ଦେଖିବାକୁ ଗଲୁ। ଏହା ରୋମର ପ୍ରଧାନ ସ୍କୋୟାର। ତପ୍ରେ ପ୍ରସିଦ୍ଧ Trevi ଫାଉଣ୍ଟେନ୍ ପାଖରେ ପହଞ୍ଚିଲୁ। ଏହା ସବୁଠାରୁ ସେ ସହରର ବଡ଼ ଫାଉଣ୍ଟେନ୍। ଲୋକମାନେ କହନ୍ତି ଏଠାରେ କଏନ୍ ପକାଇ ରୋମ ଆଉ ଥରେ ଆସିବା ପାଇଁ ମାନସିକ କଲେ ତାହା ପୂରଣ ହୁଏ।

ରୋମ ଛାଡ଼ିଲୁ ଦିନ ୪.୩୦ ମିନିଟ୍‌ରେ। Venice ଅଭିମୁଖେ ଆରମ୍ଭ ହେଲା ଆମର ଯାତ୍ରା। ସେଠାରେ ରାତି ୯.୩୦ ମିନିଟରେ ପହଞ୍ଚି ଚାରି ତାରକା ବିଶିଷ୍ଟ ହୋଟେଲରେ ରହିଲୁ। ରାତ୍ରି ଭୋଜନରେ ଥିଲା ଭାରତୀୟ ଖାଦ୍ୟ। ୧୧ ତାରିଖ ସକାଳେ ଜଳଖିଆ ଖାଇସାରି ତା'ପରେ ଆମ ଯାତ୍ରା ଆରମ୍ଭ ହେଲା Pisa ଅଭିମୁଖେ। ପ୍ରଥମେ ପିସାରେ ଥିବା ଗାଲିଲିଓ ସିଟିରେ ଥିବା ଗୋଟିଏ ସ୍କୋୟାର ଦେଖିଲୁ। ତା'ପରେ ପହଞ୍ଚିଲୁ Leaning lower Pisa ପାଖରେ। ଏହା ଚତୁର୍ଦ୍ଦଶ ଶତାବ୍ଦୀରେ ନିର୍ମିତ ହୋଇଥିଲା। ଏହି ଟାୱାରଟି ଗୋଟିଏ ପାର୍ଶ୍ୱକୁ ଢଳିବା ଅବସ୍ଥାରେ ଅଛି। ଏହାର ଉଚ୍ଚତା ପ୍ରାୟ ୫୬ ମିଟର। ବର୍ତ୍ତମାନ ତା' ଭିତରେ ଚଢ଼ିବା ନିଷେଧ ହୋଇଛି। ଏହାକୁ ଗାଲିଲିଓ ନିର୍ମାଣ କରିଥିଲେ। ଏହାର ନିମ୍ନ ଅଂଶରେ



ଲାଇମ୍‌ଷ୍ଟୋନ୍ ଥିବାରୁ ଏହା ନମନୀୟ। ତେଣୁ ପରବର୍ତ୍ତୀ କାଳରେ ଗୋଟିଏ ପାର୍ଶ୍ୱକୁ ଢଳି ପଡ଼ିଛି। ଏହି ଟାୱାର ପାଖରେ ଦୁଇଟି ବଡ଼ ବଡ଼ ମନୁମେଣ୍ଟ ରହିଛି। ଏହା ଭିତରକୁ ପ୍ରବେଶ ନିଷେଧ ଥିବାରୁ ବାହାରେ ଦେଖିବାର ସୁଯୋଗ ପାଇଲୁ। ଏଠାରେ ନିଗ୍ରୋମାନେ କମ୍‌ଦାମର ସାମଗ୍ରୀ ବିକ୍ରି କରୁଥିବାର ଦେଖିଲୁ। ପିସା ଯିବା ବାଟରେ ଅନେକ ଫୁଲଚାରା ଉଦ୍ୟାନ ଓ ବିଭିନ୍ନ ଗଛ ଆମର ଦୃଷ୍ଟି ଗୋଚର ହେଉଥାଏ। ଏହି ଅଞ୍ଚଳଟି ଥିଲା କୃଷି ସମୃଦ୍ଧ। ରାସ୍ତାର ପାଖେ ପାଖେ ବୃକ୍ଷରାଜି ଭରା ପାହାଡ଼ ଦଣ୍ଡାୟମାନ। ଏହାପରେ ସବୁଠୁଁ ସୁନ୍ଦର ଇଟାଲୀୟ କଣ୍ଟ୍ରିସାଇଡ୍ Florence ଅଭିମୁଖେ ଯାତ୍ରା କଲୁ। ଫ୍ଲୋରେନ୍ସ ହେଉଛି ସିଟି ଅଫ ଆର୍ଟ। ଏହା Orno ନଦୀକୂଳରେ ଅବସ୍ଥିତ। ଏଠାରେ ଫ୍ଲୋରେନ୍ସ ନାଇଟିଙ୍ଗଲ୍ ଜନ୍ମ ହୋଇଥିଲେ। ଏଠାରେ ଥିବା ଚର୍ଚ୍ଚର ଉଚ୍ଚତା ୧୦୩ ମିଟର। ଏହି ଚର୍ଚ୍ଚରେ ୨୦୦୦ ଲୋକ ଏକସଙ୍ଗେ ପ୍ରାର୍ଥନା କରିପାରିବେ। ଏହି ଚର୍ଚ୍ଚ କାନ୍ଥରେ ଅନେକ ଐତିହାସିକ ଚିତ୍ର ଅଙ୍କା ଯାଇଛି। ଅର୍ଣ୍ଣୋ ନଦୀ ଉତ୍ତର ଓ ଦକ୍ଷିଣ ଫ୍ଲୋରେନ୍ସକୁ ଅଲଗା କରୁଛି। ଏହା ଏକ ସ୍ୱାଧୀନ ପ୍ରଦେଶ। ଏହାର ଲୋକସଂଖ୍ୟା ଥିଲା ୦.୫ ବିଲିଅନ୍। ସିଗ୍‌ନୋରିଆ ସ୍କୋୟାରରେ Michaelangelo ଦ୍ୱାରା ମାର୍ବଲରେ ନିର୍ମିତ ଅନେକ ମୂର୍ତ୍ତୀ ଓ ଜଳ ଫୁଆରା ଦେଖିଲୁ। ଏସବୁକୁ ନିର୍ମାଣ କରିବା ପାଇଁ ତାଙ୍କୁ ୪ ବର୍ଷ ଲାଗିଥିଲା। ପ୍ରାୟ ଦେଢ଼ ଘଣ୍ଟା ପାଦରେ ଚାଲି ଚାଲି ଏଗୁଡ଼ିକ ଆମେ ଦେଖିଲୁ। ବିଭିନ୍ନ ପ୍ରକାର ରଙ୍ଗିନ ସାମଗ୍ରୀ ବିକ୍ରି ହେଉଥିବାର ଆମ ଦୃଷ୍ଟି ଗୋଚର ହେଲା।

ଫ୍ଲୋରେନ୍ସ ସନ୍ଧ୍ୟା ୬.୨୦ ମିନିଟ୍‌ରେ ଛାଡ଼ି ଭେନିସ୍ ଆଡ଼େ ଆମେ ଅଗ୍ରସର ହେଲୁ। ଇଟାଲୀରେ ଥିବା ୧୭୦ଟି ଦ୍ୱୀପ ମଧ୍ୟରେ ଭେନିସ୍ ଅନ୍ୟତମ। ଏହା ଇଟାଲୀର ଉତ୍ତରପୂର୍ବ କୋଣରେ ଆଗ୍‌ନେଟିକ୍ ସମୁଦ୍ର କୂଳରେ ଅବସ୍ଥିତ। ସବୁଜ ଗଛ ଭରା ଆଲ୍‌ପେନାଇନ୍ ମାଉଣ୍ଟେନର ଦୃଶ୍ୟ ଥିଲା ଖୁବ୍ ମନୋହର। ରାତି ୧୦ଟାରେ ଭେନିସ୍‌ରେ ପହଞ୍ଚି ଡେଲ୍‌ଫିନୋ। ରେସିଡ଼େନ୍‌ଜା ହୋଟେଲରେ ରହିଲୁ। ୧୨ ତାରିଖ ସକାଳ ୮ଟାରେ ଆରମ୍ଭ ହେଲା ଭେନିସ୍ ଯାତ୍ରା। ଭେନିସ୍‌ର

ଲୋକସଂଖ୍ୟା ଥିଲା ୩.୫ ଲକ୍ଷ। ଏଠାରେ ୧୫୫ଟି କେନାଲ ଓ ୪୦୦ଟି ପୋଲ ଅଛି। ଭେନିସ୍‌କୁ ଲଞ୍ଚରେ ଯିବାକୁ ପଡ଼େ। ଲଞ୍ଚରେ ଯାଇ ପ୍ରଥମେ ପହଞ୍ଚିଲୁ ସେଣ୍ଟ୍ ମାର୍କସ୍ ସ୍କୋୟାରରେ। ବିଚିତ୍ର ସେ ସହରଟି। ସେଠାରେ ଗୋଟିଏ ମାତ୍ର କାର୍ ଦେଖିବାକୁ ମିଳିଲାନି। ଜଳ ଭିତରେ ସବୁ କୋଠାଘର। ଦୁଇଧାଡ଼ି କୋଠାଘର ମଝିରେ ଜଳଭରା କେନାଲ। ଲୋକମାନେ ଡଙ୍ଗାରେ ଘରକୁ ଯିବା ଆସିବା କରନ୍ତି ଓ ଜିନିଷ ପତ୍ର ବୁହାବୋହି କରନ୍ତି। ଡଙ୍ଗାରୁ ବାହାରି ଘରଭିତରେ ପଶନ୍ତି। ସେଠାରେ ଗୋଟିଏ ଜେଲ୍ ଆମ ଦୃଷ୍ଟିଗୋଚର ହେଲା। ଏଠାରେ ବୁଲାବୁଲି କରି ସାରିଲାପରେ ଅନ୍ୟ ଏକ ସ୍କୋୟାରରେ ଇମ୍ପେରିଆଲ ପ୍ୟାଲେସ, ଲାଇବ୍ରେରୀ, ଇମ୍ପେରିଆଲ୍ ଚର୍ଚ୍ଚ, ସ୍ୱର୍ଣ୍ଣ ଛାତ ବିଶିଷ୍ଟ ଗୋଲଡ଼େନ୍ ଡଚି ଓ ଗ୍ଲାସ୍ ବ୍ଲୋଇଂ କାରଖାନା ଦେଖିଲୁ। ଖୁବ୍ ସୁନ୍ଦର ଓ ରଙ୍ଗିନ କାଚ ନିର୍ମିତ ସାମଗ୍ରୀ ସେଠାରେ ଦେଖିବାକୁ ମିଳିଲା।

ଏହାପରେ ଆମ ଯାତ୍ରା ଆରମ୍ଭ ହେଲା ଅଷ୍ଟ୍ରିଆ ଆଡ଼େ। ଉତ୍ତରରୁ ଦକ୍ଷିଣକୁ ଅଷ୍ଟ୍ରିଆ ୫୯୦ କି.ମି. ପର୍ଯ୍ୟନ୍ତ ବିସ୍ତୃତ। ଏହା ଗ୍ରାନୁ ନଦୀକୂଳରେ ଅବସ୍ଥିତ। ଏବଂ ପୂର୍ବରୁ ପଶ୍ଚିମ ଦୂରତା ୨୩୦ କି.ମି.। ଅଷ୍ଟ୍ରିଆ ଦେଶରେ ୯ଟି ପ୍ରଦେଶ ଅଛି। ଏହାର ୪୦ ପ୍ରତିଶତ ଜଙ୍ଗଲରେ ପରିପୂର୍ଣ୍ଣ। ଏଠାରେ ମାଗ୍‌ନେସାଇଟ୍ ମିଳେ। ଓରା ନଦୀ ମଧ୍ୟ ଏହି ଦେଶରେ ପ୍ରବାହିତ। ପୃଥିବୀ ବିଖ୍ୟାତ ସଙ୍ଗୀତ ବିଦ୍ୟାଳୟ ଅଷ୍ଟ୍ରିଆରେ ଅଛି। ପିଆନୋ ପାଇଁ ଏହି ଦେଶ ପ୍ରସିଦ୍ଧ। ସୁନା ଛାତ ବିଶିଷ୍ଟ ଇମ୍ପେରିଆଲ ପ୍ୟାଲେସ ଏ ଦେଶର ଆକର୍ଷଣ। ଭେନିସ୍‌ରୁ ଅଷ୍ଟ୍ରିଆ ଯିବା ବାଟରେ ଦୁଇପଟେ ପାଇନ ଗଛରେ ଆଚ୍ଛାଦିତ ପର୍ବତମାଳା ଆମର ଦୃଷ୍ଟିଗୋଚର ହେଉଥାଏ। ସ୍ଥାନେ ସ୍ଥାନେ ବରଫାବୃତ୍ତ ପାହାଡ଼ ଉପରେ ସୂର୍ଯ୍ୟକିରଣ ପଡ଼ି ଚକ୍ ଚକ୍ ମାରୁଥାଏ। ବାଟରେ ଅନେକ ସୁଡ଼ଙ୍ଗ ଅତିକ୍ରମ କଲୁ। ପାହାଡ଼ର କିଛି ଉଚ୍ଚତା ପର୍ଯ୍ୟନ୍ତ ସ୍ଥାନେ ସ୍ଥାନେ ଗୋଟିକିଆ କୋଠାଘର ଦେଖିବାକୁ ମିଳୁଥାଏ। ରହି ରହି ବର୍ଷା ହୋଇ ଯାଉଥାଏ। ରାସ୍ତା ପାଖେ ପାଖେ ପ୍ରଚୁର ଅଙ୍ଗୁର ଛାଷ। ପାହାଡ଼ରେ ରାସ୍ତା ଖୁବ୍ ସୁନ୍ଦର, ସୁରକ୍ଷିତ ଏବଂ ନିରାପଦ। ଭେନିସ୍‌ରୁ ଦିନ ୨ଟାରେ ବାହାରି ବାଟରେ ବାହାରୁ ବାହାରୁ ଅଷ୍ଟ୍ରିଆ ଦେଖି ରାତି ୮ଟାରେ ପହଞ୍ଚିଲୁ



Innsbruckର ଆଲ୍‌ପାଇନ୍ ହୋଟେଲରେ। ହୋଟେଲଟି ଜାପାନୀ ହୋଟେଲ ଭଳି ମୋତେ ଲାଗିଲା। ପାହାଡ଼ ଉପରେ ବରଫ ପଡ଼ି ଖୁବ୍ ସୁନ୍ଦର ଦିଶୁଥିଲା। ଏଠାକୁ ସ୍କେଟିଂ କରିବା ପାଇଁ ଲୋକମାନେ ଆସନ୍ତି। ଝିପି ଝିପି ବର୍ଷା ସାଙ୍ଗକୁ ଆମର ତାସ ଖେଳ ଖୁବ୍ ଜମିଲା ସେଦିନ।

୧୩ ତାରିଖ ସକାଳେ ଝିପି ଝିପି ବର୍ଷା। ପାହାଡ଼ିଆ ଅଞ୍ଚଳରେ ବର୍ଷା ଖୁବ୍ ରୋମାଞ୍ଚକର। ଖୁବ୍ ଥଣ୍ଡା ଲାଗୁଥାଏ। ଶାଢ଼ି ବଦଳରେ ଡ୍ରେସ୍ ପିନ୍ଧି ଆମର ବହୁ ଇପ୍ସିତ ଯାତ୍ରା ଆରମ୍ଭ କଲୁ ସୁଇଜରଲାଣ୍ଡ ଅଭିମୁଖେ। ପ୍ରଥମେ ଆମ ବସ୍ ରହିଲା Swarovski Crystal World ପାଖରେ। କ୍ରିଷ୍ଟାଲ ୱାର୍ଲଡ଼କୁ ପଶିବା ପୂର୍ବରୁ ବାଟରେ ଗୋଟିଏ ବିରାଟ ମୂର୍ତ୍ତି ପାଖରେ ଆମ ବସ୍ ରହିଥିଲା। ଏହି ମୂର୍ତ୍ତିର ଦୁଇଟି ଆଖିର ଆକାର ଥିଲା ଖୁବ୍ ବଡ଼ ବଡ଼। ଆଖି ଦୁଇଟା କ୍ରିଷ୍ଟାଲ ଭଳି ଚକ୍ ଚକ୍ କରୁଥିଲା। ତାକୁ ଦେଖିଲା ପରେ ମନେ ହେଉଥିଲା ଏହାପରେ ଆସିବ କ୍ରିଷ୍ଟାଲ ୱାର୍ଲଡ଼। କ୍ରିଷ୍ଟାଲ ୱାର୍ଲଡ଼ ୱାଟେନ୍ସରେ ଅବସ୍ଥିତ। ସେଠାରେ ଆମେ ଚେମ୍ବର ଅଫ୍ ଓଣ୍ଡର ଦେଖିଲୁ। ୩-ଡ଼ି. ପ୍ରୋଜେକ୍‌ସନରେ କ୍ରିଷ୍ଟାଲ ପ୍ଲାନେଟସ୍ ଅନ୍ଧାର ଭିତରେ ଦେଖିବାକୁ ପାଇଲୁ। ଏହା କ୍ରିଷ୍ଟାଲାଇନ ମେଟାଫୋରସ୍‌ରେ ପୃଥିବୀକୁ ବର୍ଣ୍ଣନା କରୁଛି। କ୍ରିଷ୍ଟାଲ ନିର୍ମିତ ଅନେକ ସାମଗ୍ରୀ ସେଠାରେ ବିକ୍ରି ହେଉଥାଏ। ବିଭିନ୍ନ ପ୍ରକାର କ୍ରିଷ୍ଟାଲ ମଧ୍ୟ ସେଠାରେ ରଖା ଯାଇଥାଏ।

କ୍ରିଷ୍ଟାଲ ୱାର୍ଲଡ଼ରୁ ବାହାରି ଆମେ Liechtensteinର ରାଜଧାନୀ Vaduz ଆଡ଼କୁ ଆଗେଇଲୁ। ଏହା ଜର୍ମାନୀର ରାଇନ୍ ନଦୀ କୂଳରେ ଅବସ୍ଥିତ। ଲିଚେନ୍‌ଷ୍ଟାଇନ ୭ଟି ରଙ୍ଗ ବିଶିଷ୍ଟ ଟିକେଟ ପାଇଁ ପ୍ରସିଦ୍ଧ। ଏହାର କ୍ଷେତ୍ରଫଳ ୧୬୦ ବର୍ଗକି.ମି.। ଏଠାରେ କୃତ୍ରିମ ଦାନ୍ତ ତିଆରି କରାଯାଏ। ଏହାର ଏକ ତୃତୀୟାଂଶ ଲୋକ ରାଜଧାନୀରେ ରହନ୍ତି। ସେଠାରେ ଗୋଟିଏ ସ୍କୋୟାରରେ ଲଞ୍ଚ ପ୍ୟାକେଟ ଖାଇ ୫ ୟୁରୋ ଦେଇ ଗୋଟିଏ ଦୁଇ ଡବା ବିଶିଷ୍ଟ ଗାଡ଼ିରେ ସହର ଓ ମଫସଲ ଅଞ୍ଚଳ ବୁଲାବୁଲି କଲୁ। ୩ଟା ୨୦ ମିନିଟ୍‌ରେ ଭାଦୁଜ୍ ଛାଡ଼ି ଆମେ ଆଗେଇଲୁ ସୁଇଜରଲାଣ୍ଡର Zurich ଆଡ଼େ। ଜୁରିଚରେ ସେଣ୍ଟ ପିଟରଙ୍କ

ଚର୍ଚ୍ଚ ଦେଖିଲୁ ଗୋଟିଏ ସ୍କୋୟାରରେ । ଷୋଡ଼ଶ ଶତାବ୍ଦୀର ଘଣ୍ଟା ସେଠାରେ ଆମ ନଜରକୁ ଆସିଲା । ଜୁରିଚର ଲିମାଟ ନଦୀ ଆରପଟେ ସୁନ୍ଦର ଚର୍ଚ୍ଚଟିଏ ଅବସ୍ଥିତ । ଏସବୁକୁ ଦେଖି ସାରିଲାପରେ ଆମେ ଆଗେଇଲୁ ସୁଇଜରଲାଣ୍ଡ ଆଡ଼େ । ସୁଇଜରଲାଣ୍ଡରେ ପହଞ୍ଚିଲୁ ୪.୩୦ ମିନିଟ୍‌ରେ । ଏହାର ରାଜଧାନୀ ବନ୍ । ପ୍ରଥମେ ଗୋଟିଏ ହ୍ରଦ ପାଖରେ ବସ୍ ଆମକୁ ଛାଡ଼ିଲା । ଫୁଲରେ ସେ ଅଞ୍ଚଳ ଥିଲା ଭରପୁର । ଏହି ଦେଶର ଅନେକ ବିଚିତ୍ର ଇତିହାସ ରହିଛି । ପ୍ରଥମ ଓ ଦ୍ୱିତୀୟ ମହାସମରବେଳେ ସବୁଦେଶ ଯୁଦ୍ଧରତ ଥିବା ସମୟରେ ଏହି ଦେଶଟି ନିରପେକ୍ଷ ଥିଲା । ମଧ୍ୟାହ୍ନରେ ଆରାମରେ ଶୋଇବା ଏ ଦେଶର ଲୋକଙ୍କର ଅଭ୍ୟାସ । ତେଣୁ ମଧ୍ୟାହ୍ନରେ ଦୋକାନ, ବଜାର, ବ୍ୟାଙ୍କ, ଅଫିସ ବନ୍ଦ ରହେ । କିଛି ସମୟ ହ୍ରଦ କୂଳରେ ବୁଲାବୁଲି କରି ବନ୍ ଛାଡ଼ିଲୁ ୫.୩୦ ମିନିଟ୍‌ରେ । ସନ୍ଧ୍ୟା ୭ଟାରେ ସୁଇଜରଲାଣ୍ଡର ଜୁରିଚ ସହରରେ ଥିବା ଆଲ୍‌ପାଇନ ସେରପା ହୋଟେଲରେ ରହିଲୁ । ଜୁରିଚ ଏକ ବଡ଼ ହ୍ରଦ କୂଳରେ ଅବସ୍ଥିତ । ସାର୍ ଏଡ୍‌ମଣ୍ଡ ହୀଲାରିଙ୍କର ପ୍ରଖ୍ୟାତ ମାର୍ଗ ନିର୍ଦ୍ଦେଶକ ଏବଂ ସହଚର ଶେରପା ତେନ୍‌ଜିଂଙ୍କ ନାମ ଅନୁସାରେ ଏହି ହୋଟେଲର ନାମ କରଣ ହୋଇଛି । ଏହି ହୋଟେଲ ୧୯୮୦ ମସିହାରେ ପୃଥିବୀର ପ୍ରଥମ ମାଉଣ୍ଟେନିୟରିଂ ବିଦ୍ୟାଳୟର ପ୍ରତିଷ୍ଠାତା ଆର୍‌ନୋଲଡ୍ ଗ୍ଲାଥାର୍ଡ଼ଙ୍କ ଦ୍ୱାରା ନିର୍ମିତ ହୋଇଥିଲା ।

ତା'ପରଦିନ ସକାଳର ଯାତ୍ରା ଥିଲା ଆମ ପାଇଁ ଖୁବ୍ ରୋମାଞ୍ଚକର । ଏବଂ ବହୁ ପ୍ରତିକ୍ଷୀତ । ଆମେ ମାଉଣ୍ଟ ଟିଟ୍‌ଲିସ୍ (Titlis)କୁ ଆମ ଟୁର୍‌ରେ ଇଚ୍ଛାଧୀନ ଟୁର୍ ରୂପେ ନେଇଥିଲୁ । ସୁଇସ୍ ଆଲପ୍‌ସର ମାଉଣ୍ଟ ଟିଟଲିସ ଯାତ୍ରା ଥିଲା ସ୍ୱତନ୍ତ୍ର ଏବଂ ଉତ୍ତେଜନାପୂର୍ଣ୍ଣ । ଏହି ବରଫାବୃତ୍ତ ପାହାଡ଼ଟି ଉଚ୍ଚତମ ପାହାଡ଼ମାନଙ୍କ ମଧ୍ୟରେ ଥିଲା ଅନ୍ୟତମ । ଏଠାରେ ତାପମାତ୍ରା ପ୍ରାୟ ୦° ସେ. । ପ୍ରଥମେ ଟ୍ରେନ୍ ଯୋଗେ କିଛି ବାଟ ସମତଳ ରାସ୍ତାରେ ଗଲୁ । ତା'ପରେ ଆଞ୍ଜେଲବରିରୁ (Angelbery) ଘୂର୍ଣ୍ଣମାନ କେବଲ୍ କାରରେ ଉପରକୁ ଉଠିଲୁ । ପାହାଡ଼ ଉପରର ଦୃଶ୍ୟ ଆମର ଆଜୀବନ ଅଭୁଲା । ଚାରିଆଡ଼େ ବରଫ ବିଛୁରିତ । ମନେ ହେଉଥିଲା ଆମେ ଯେମିତି ସ୍ୱର୍ଗରେ ପହଞ୍ଚି ଯାଇଛୁ । ଖୁବ୍ ଉପଭୋଗ୍ୟ ଥିଲା ସେ ସ୍ଥାନଟି । ହଜିଗଲାଭଳି



ସେଠାରେ ମନେ ହେଲା । ଆବୋନ ଗ୍ଲେସିଅର ଆଇସ୍ ଫ୍ଲାୟରରେ ବସି ଗୋଟିଏ ପାହାଡ଼ରୁ ଯାଇ ଅନ୍ୟ ପାହାଡ଼ ଉପରେ ପହଞ୍ଚିବା ଏକ ବିଚିତ୍ର ଅନୁଭୂତି । ଖୁବ୍ ଡର ଲାଗୁଥାଏ । ଖୋଲା ସିଟ୍‌ରେ ବସି ରୋପ୍ ୱେରେ ଯିବାଟା ଖୁବ୍ ରୋମାଞ୍ଚକର ଥିଲା । ଗ୍ଲେସିଅର ପାର୍କରେ କଣ୍ଟା ଲଗା ବାଡ଼ି ଧରି ବୁଲାବୁଲି ଓ ଫଟୋ ଉତ୍ତୋଳନ ଚିର ସ୍ମରଣୀୟ । ଲୋକମାନଙ୍କର ସ୍କେଟିଂ ଟ୍ୟୁବରେ ବସି ତଳକୁ ତଳକୁ ଖସିବା ଦେଖିବାକୁ ମଜା ଲାଗୁଥାଏ । ବରଫର ଗୋଟିଏ ଗୁମ୍ଫା ଭିତରେ ପଶିଥିଲୁ । ଗୋଡ଼ ଖସି ଯିବାର ଭୟ ସେଠାରେ ଥିଲା ଅନେକ । ବରଫାବୃତ୍ତ ପାହାଡ଼ର ସୌନ୍ଦର୍ଯ୍ୟରେ ଆମେ ସମସ୍ତେ ଯେମିତି ପାଗଳ ହୋଇ ଯାଇଥିଲୁ । ପାହାଡ଼ ଅତିକ୍ରମ କରି ସମତଳ ଅଞ୍ଚଳରେ ପହଞ୍ଚିଲୁ ୪ଟାରେ । ତା' ପରବର୍ତ୍ତୀ ଯାତ୍ରା ଥିଲା ଲ୍ୟୁକ୍ରେନ୍ ସିଟିକୁ । ଫରାସୀ ବିପ୍ଳବବେଳେ ଯେଉଁ ସୁଇସ୍ ଗାଇଡ୍‌ମାନେ ମୃତ୍ୟୁବରଣ କରିଥିଲେ ସେମାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ନିର୍ମିତ ଲାୟନ ମନୁମେଣ୍ଟ ଦେଖିଲୁ । ସୁଇସ୍‌ମାନଙ୍କ ମତରେ ସିଂହ ହେଉଛି ଶକ୍ତିର ପ୍ରତୀକ । ରାତିରେ ଥିଲା ଲେକ୍ ଲ୍ୟୁକ୍ରେନରେ ନୌକାରେ ରାତ୍ରିଭୋଜନ । ସେ ରାତିରେ ଗୀତ, ନାଚ ଥିଲା ଖୁବ୍ ଉପଭୋଗ୍ୟ । ଆମ ସହଯାତ୍ରୀ ସିନେମା ତାରକା ମିସେସ୍ କୁଲ୍‌କର୍ଣ୍ଣି ଓ ତା' ପରିବାର ସହିତ ନୌକା ଭିତରେ ଫଟୋ ଉଠାଇବାର ମଉକା ମିଳିଲା ।

ତା'ପରଦିନ ଯାତ୍ରା ଆମର ଥିଲା ୟୁରୋପର ଉଚ୍ଚତମ ପାହାଡ଼ ଉପରକୁ । କଗ୍ ହୁଇଲ୍ ଟ୍ରେନରେ ତିଖ ପାହାଡ଼ ଉପରକୁ ଗଲାବେଳେ ଆମେ ଭୟଭୀତ ହୋଇ ଯାଇଥିଲୁ । ଜଙ୍ଗ୍ ଫ୍ରାଗଚ୍ (Jungfraugch) ପର୍ବତ ୟୁରୋପର ସବୁଠାରୁ ଉଚ୍ଚତମ ଏବଂ ସୁନ୍ଦର ମାଉଣ୍ଟେନ ଗ୍ଲେସିଅର । ଏଠାକାର ତାପମାତ୍ରା ୦° ସେ. । ୩୪୫୪ ମିଟର ଉଚ୍ଚରେ । ୟୁରୋପର ସବୁଠାରୁ ଉଚ୍ଚ ରେଲୱେ ଷ୍ଟେସନ ଏହି ପାହାଡ଼ ଉପରେ ଅବସ୍ଥିତ । ଏହି ପାହାଡ଼ ବର୍ଷଯାକ ବରଫାଚ୍ଛନ୍ନ ରହେ । ଏଠାରେ ସବୁଠାରୁ ବଡ଼ ବରଫ ସ୍ଲିମ୍ ଦେଖିବାକୁ ମିଳେ ଯାହାର ଲମ୍ବ ପ୍ରାୟ ୨୨ କି.ମି. ଓ ମୋଟେଇ ୩୦୦ ମିଟର । ଏଠାରେ ଆଇସ ପ୍ୟାଲେସ, ବରଫରେ ରହୁଥିବା ଜନ୍ତୁ ଏବଂ ପକ୍ଷୀ, ବରଫ ଗୁମ୍ଫା, ୩୫୭୧ ମିଟର ଉଚ୍ଚରେ ଥିବା Sphinx ଭ୍ୟୁ ପଏଣ୍ଟ ଇତ୍ୟାଦି ଦେଖିଲୁ । ବରଫ ଉପରକୁ ନଯାଇ ଗୋଟିଏ କାଚ ଘର ଭିତରେ

ସବୁ ଦୃଶ୍ୟ ଦେଖିବାକୁ ମିଳିଲା। ତା'ପରେ କଗ୍‌ହୁଇଲ ଟ୍ରେନରେ ତଳକୁ ଆସିଲୁ। ପାହାଡ଼ ତଳେ ଜଙ୍ଗଫ୍ରା ଟାଉନରେ ବୁଲାବୁଲି କଲା ସମୟରେ ଘୋଡ଼ାଗାଡ଼ି ଦେଖିବାକୁ ମିଳିଥିଲା। ଆକାଶ ଛତାରେ ଲୋକମାନେ ଉଡୁଥାଆନ୍ତି। ଏହି ଦୃଶ୍ୟ ଖୁବ୍ ଉପଭୋଗ୍ୟ ଥିଲା।

ୟୁରୋପରେ ପହଞ୍ଚିବାଠାରୁ ଛାଡ଼ିବା ପର୍ଯ୍ୟନ୍ତ ସୂର୍ଯ୍ୟାସ୍ତ ପ୍ରାୟ ୯.୩୦ ମିନିଟରେ ହେଉଥିଲା। କେବଳ ଏହି ଦୁଇଟି ବରଫାବୃତ ପାହାଡ଼କୁ ଛାଡ଼ି ଦେଲେ ଅନ୍ୟ ସବୁ ସ୍ଥାନରେ ତାପମାତ୍ରା ଥିଲା ୧୮-୨୨° ସେ.। ୧୬ ତାରିଖ ଆମ ଯାତ୍ରା ଥିଲା ସାଫ୍‌ହସେନକୁ। ଏଠାରେ ରାଇନ୍ (Rhine) ନଦୀରେ ରାଇନ୍ ଫଲ୍ ଦେଖିବା ପାଇଁ ଗୋଟିଏ ନୌକାରେ ଯିବାକୁ ପଡ଼ିଥିଲା। ଏହା ୟୁରୋପର ସବୁଠାରୁ ବଡ଼ ଜଳପ୍ରପାତ। ଏହାର ଗଭୀରତା ୧୩ ମିଟର। ଏଠାରେ ଅନେକ ଫଟୋ ଉଠାଇଲୁ। ଏହାପରେ ଆମ ଯାତ୍ରା ଥିଲା ଜର୍ମାନୀର ବ୍ଲାକ୍ ଫରେଷ୍ଟ ଦିଗରେ। ରାସ୍ତାରେ ଆମ ଦୃଷ୍ଟିଗୋଚର ହେଉଥାଏ ହଳଦିଆ ଫୁଲ ଭରା ବିସ୍ତିର୍ଣ୍ଣ କ୍ଷେତ। ଏହି ଫୁଲରୁ ସେଠାକାର ଲୋକମାନେ ବାୟୋଡ଼ିଜେଲ ପ୍ରସ୍ତୁତ କରନ୍ତି। ସୁଇଜରଲାଣ୍ଡ ଛାଡ଼ି ଜର୍ମାନୀରେ ପ୍ରବେଶ କରିବା ସମୟରେ କୌଣସି ଚେକିଂ ହୋଇନଥିଲା। ଏହାପରେ ଆମ ବସ୍ ଚାଲିଲା ବ୍ଲାକ୍ ଫରେଷ୍ଟରେ। ଏଠାରେ ଲମ୍ବା ଲମ୍ବା ଗଛର ଘଞ୍ଚ ଜଙ୍ଗଲ ଦୃଷ୍ଟିକୁ ଆସିଲା। ଜର୍ମାନୀ ଓ ସୁଇଜରଲାଣ୍ଡରେ ହୃଷ୍ଟପୃଷ୍ଟ ଗାଈ ରାସ୍ତା କଡ଼ରେ ଚରୁଥାଆନ୍ତି। ସେମାନଙ୍କର ପହ୍ନା ଖୁବ୍ ବଡ଼। ଟିଟିସ୍ ହ୍ରଦ ଦେଖିସାରିଲା ତପ୍ରରେ ଯାଇଥିଲୁ ଜର୍ମାନୀର Drubbaରେ ଥିବା Cuckoo ଘଣ୍ଟାର ତିଆରି କାରଖାନାରେ ବୁଲାବୁଲି କରି ତା'ର ତିଆରି କୌଶଳ ଇତ୍ୟାଦି ବୁଝିଲୁ। ଏହି କାରଖାନା ୧୬୬୦ ମସିହାରେ ପ୍ରତିଷ୍ଠିତ ହୋଇଥିଲା। ତା'ପରେ କୁକୋ ଘଣ୍ଟା ଦୋକାନରେ ବୁଲାବୁଲି କରି ବିଭିନ୍ନ ପ୍ରକାରର ଘଣ୍ଟା ଦେଖାଦେଖି କଲୁ। ଠିକ୍ ୨ଟାରେ ଦୋକାନ କାନ୍ଥର ଉପର ଭାଗରେ ସୁନ୍ଦର କଣ୍ଢେଇଟିଏ ଭିତର କୋଠରିରୁ ବାହାରିବାର ଦୃଶ୍ୟ ଦେଖିବାକୁ ଅନେକ ଯାତ୍ରୀ ସେଠାରେ ରୁଣ୍ଡ ହୋଇଥାଆନ୍ତି।

ବରଲିନ୍ ହେଉଛି ଜର୍ମାନୀର ରାଜଧାନୀ। ଲୋକସଂଖ୍ୟା ପ୍ରାୟ ୮୫ ମିଲିଅନ୍ ଥିଲା ସେତେବେଳେ। ଏହି ଦେଶରେ ଘଞ୍ଚ ଜଙ୍ଗଲ ଥିବାରୁ ଅନେକ କରତ କଳ ଓ କାଠ କାରଖାନା ଦେଖାଯାଏ। ଏଠାକାର ଘରର ଛପର ଟାଇଲ୍‌ରେ ହୋଇଥାଏ। ହିଡ଼େଲ୍ ବର୍ଗ (Heidelberg) ଜର୍ମାନୀର ଗୋଟିଏ ବଡ଼ ସହର। ଏହାକୁ ସିଟି ଅଫ୍ ୟୁନିଭରସିଟି କୁହାଯାଏ। Necker ନଦୀ ପାଖରେ ଥିବା ଏକ ଭାରତୀୟ ହୋଟେଲ, "ଇଣ୍ଡିଆନ୍ ପ୍ୟାଲେସ୍"ରେ ରାତିରେ ଖାଇସାରିଲାପରେ ୮ଟା ୪୦ ମିନିଟ୍‌ରେ ବାହାରି ୯ଟା ୧୦ ମିନିଟରେ ପହଞ୍ଚିଲୁ ହୋଟେଲ nH Weinheim ରେ। ଏଠାରେ ମଧ୍ୟ ସୂର୍ଯ୍ୟାସ୍ତ ହେଲା ୯.୩୦ ମିନିଟ୍‌ରେ।



୧୭ ତାରିଖ ସକାଳେ ସୂର୍ଯ୍ୟୋଦୟ ହେଲା ୫.୪୫ ମିନିଟରେ। ୮ଟାରେ ତପ୍ରରେ ଫ୍ରାନ୍ସର ରାଜଧାନୀ ପ୍ୟାରିସ ଅଭିମୁଖେ ଆମର ଯାତ୍ରା ଆରମ୍ଭ ହେଲା। ହିଡ଼େଲ ବର୍ଗରୁ ପ୍ୟାରିସ୍ ୫୭୦ କି.ମି.। ୩୮୬ କି.ମି. ଯାତ୍ରା କଲାପରେ ଆମ ବସ୍ ବଡ଼ର୍ ଅତିକ୍ରମ କରି ଫ୍ରାନ୍ସରେ ପ୍ରବେଶ କଲା। ଯିବାବାଟରେ କୋବି, ଆଳୁ, ବିଲାତି ବାଇଗଣର କ୍ଷେତ ଦୃଶ୍ୟମାନ ହେଉଥାଏ। ପ୍ୟାରିସ ଦେଖିବାର ଉତ୍କଣ୍ଠା ବଢ଼ି ଚାଲିଥାଏ ଆମର। ଦୀର୍ଘ ସମୟ ବସ୍ ଯାତ୍ରାପରେ ଦିନ ୩ଟା ୫୫ ମିନିଟ୍‌ରେ ପହଞ୍ଚିଲୁ ପ୍ୟାରିସ୍‌ରେ। ପ୍ୟାରିସ୍‌କୁ "ସିଟି ଅଫ୍ ଲାଇଟ୍" କୁହାଯାଏ। ଏଠାରେ ନଷ୍ଟରଡାମ୍ କାଥେଡ୍ରାଲ ଚର୍ଚ୍ଚ ପ୍ରସିଦ୍ଧ। ପ୍ରଥମେ Lafayette ସପିଙ୍ଗ୍ ସେଣ୍ଟର ବୁଲିବାର ସୌଭାଗ୍ୟ ମିଳିଥିଲା। ବ୍ରାଣ୍ଡେଡ୍ ବ୍ୟାଗ, ସୌଖୀନ ଜୋତା, ଏକ୍ସୋଟିକ୍ ପରଫ୍ୟୁମ୍ ଏବଂ ଆଧୁନିକ ଡ୍ରେସ୍ ପାଇଁ ଏହି ସପିଙ୍ଗସେଣ୍ଟର ବହୁତ ନାଁ କରିଛି। ଏଠାରେ ଆମେ ଉତ୍କଣ୍ଠାର ସହିତ ଅପେକ୍ଷା କରିଥିବା ପ୍ୟାରୀସର ଏଇଫେଲ୍ ଟାୱାର (Eiffel Tower)ର ତିନି ମହଲା ପର୍ଯ୍ୟନ୍ତ ଚଢ଼ିଲୁ। ଏହି ଟାୱାର ପ୍ୟାରିସର ପ୍ରତୀକ ଅଟେ। ତୃତୀୟ ମହଲାରୁ ପ୍ୟାରିସ ସହରର ଦୃଶ୍ୟ ଖୁବ୍ ଉପଭୋଗ୍ୟ ଥିଲା। Louvre ମ୍ୟୁଜିୟମ ଦେଖିବାର ପ୍ରବଳ ଇଚ୍ଛା ଥିଲା। ଏଠାରେ ମୋନାଲିସା ଫଟୋ ଏବଂ ମାଇକେଲ୍ ଆଞ୍ଜେଲୋର ମାର୍ବଲରେ ଖୋଦିତ ମୂର୍ତ୍ତି ଓ କାରୁକାର୍ଯ୍ୟ ନଦେଖି ପ୍ୟାରିସ୍ ଛାଡ଼ିବାଟା ଦୁର୍ଭାଗ୍ୟ ବୋଲି ଭାବିବା କଥା ମ୍ୟୁଜିୟମଟି ଏତେ ବଡ଼ ଯେ ବୁଲିବୁଲି ଦେଖିଲେ ୪-୫ ଦିନରୁ କମ ଲାଗିବ ନାହିଁ। ଅଳ୍ପ ସମୟ ମଧ୍ୟରେ ସୁନ୍ଦର କାରୁକାର୍ଯ୍ୟ, ମାର୍ବଲର ନିଖୁଣ ମୂର୍ତ୍ତୀ ଦେଖି ଆମେ ଆନନ୍ଦରେ ବିଭୋର ହୋଇଗଲୁ। ମୋନାଲିସା ପେଣ୍ଟିଂଟି ଥିଲା ଖୁବ୍ ଛୋଟ। ତା' ମୁହଁରେ

ହସ ଫୁଟାଇବା ପାଇଁ ଅନେକ ଶିଳ୍ପୀ ଚେଷ୍ଟା କରି ବିଫଳ ହୋଇଥିଲେ । ମଣିଷର ହସରେ ତା' ଜୀବନର ସବୁ କିଛି ପ୍ରସ୍ଫୁଟିତ ହୁଏ । ମ୍ୟୁଜିୟମଟି ପୁରା ଦେଖି ପାରିଲୁନି ବୋଲି ମନଟା ବୁଝୁ ନଥାଏ । କିଛି କିଛି ଦେଖି ଫେରିଆସିଲୁ ହୋଟେଲକୁ । ପ୍ୟାରିସ୍‌ରେ ଗଣତନ୍ତ୍ର ଶାସନ ପ୍ରଚଳିତ । ଭାତୃଭାବ, ବନ୍ଧୁତା ଓ ସମାନତା ଉପରେ ପ୍ୟାରିସ ପର୍ଯ୍ୟବସିତ ।

୧୮ ତାରିଖ ଥାଏ ସାବିତ୍ରୀ ଅମାବାସ୍ୟା । ଓଡ଼ିଆ ଘରର ପରମ୍ପରା ଅନୁସାରେ ନୂଆ ଶାଢ଼ୀ, ଶଙ୍ଖା, ସିନ୍ଦୁର ପିନ୍ଧି ମା'ଙ୍କୁ ପ୍ରଣତି ବାଢ଼ିଲି । ଦିନେ ଗଲୁ ୟୁରୋ ଡିଜ୍‌ନିଲାଣ୍ଡ ଦେଖିବାକୁ । ଲସ୍‌ଏଞ୍ଜେଲରେ ପୃଥିବୀ ପ୍ରସିଦ୍ଧ ଡିଜ୍‌ନିଲାଣ୍ଡ ଦେଖିଥିଲି ଓ ସେଠାକାର ରୋମାଞ୍ଚକର ଖେଳଗୁଡ଼ିକର ସ୍ୱାଦ ଚାଖିଥିଲି । ପ୍ୟାରିସ୍‌ରେ କେମିତି ହୋଇଥିବ ବୋଲି ଜାଣିବାକୁ ଆଗ୍ରହ ଥାଏ । ଡିଜ୍‌ନିରେ ଥଣ୍ଡର ୱାର୍ଲଡ୍, ଟ୍ରେନ ଚଢ଼ା, ଛୋଟ ଗାଁ ଓ ଅନେକ ଛୋଟ ବଡ଼ ସୋ ଇତ୍ୟାଦି ଦେଖିସାରି ଇମାଜିନେସନ ୱାର୍ଲଡ୍ ଦେଖିଲୁ । ଏହା ଖୁବ୍ ରେମାଞ୍ଚକର ଥିଲା । ସେଠାରେ ସାଂସ୍କୃତିକ ଶୋଭାଯାତ୍ରା ଥିଲା ଚିତାକର୍ଷକ ।

ଡିଜିନିରୁ ସବୁ ଯାତ୍ରୀ ହୋଟେଲକୁ ଫେରିଲୁ ବସରେ । ଦିନସାରା ଡିଜିନିରେ ବିଭିନ୍ନ ସୋ ଉପଭୋଗ କରି ଆମେ ଏତେ ମଜଗୁଲ ହୋଇଯାଇଥିଲୁ ଯେ ମୋ ସ୍ୱାମୀଙ୍କ ବ୍ୟାଗ ଓ ପାସପୋର୍ଟ ତଳେ ପଡ଼ିଯିବାର ସେ ଲକ୍ଷ୍ୟ କରିପାରିଲେନି । ବିଦେଶରେ ପାସପୋର୍ଟ ନଥିଲେ କେତେ ଯେ ହଇରାଣ ହେବାକୁ ପଡ଼େ ତାହା ମୁଁ ଜାଣିଥିଲି । ଭାଗ୍ୟକୁ ମୋ ଲକ୍ଷ୍ୟ ପଡ଼ିଥିଲା ବ୍ୟାଗ ଉପରେ । ତାଙ୍କର ଏ ଅସାବଧାନତା ମୋତେ ବ୍ୟଥିତ କରୁଥିଲା । ପ୍ରଭୁ ତୁମେ କେଡ଼େ ଦୟାଳୁ । ସନ୍ଧ୍ୟାରେ ପ୍ୟାରିସ୍ ସହର ଆଲୋକମାଳାରେ ସଜ୍ଜିତ ହେଲାଭଳି ଲାଗୁଥାଏ । Seine ନଦୀରେ ଥାଏ ଆମର ଲଞ୍ଚ ବିହାର । ନଦୀର କୂଳେ କୂଳେ ପ୍ୟାରିସ୍ ଲୋକମାନଙ୍କର ରାତ୍ରି ଜୀବନ ଥିଲା ଖୁବ୍ ଉପଭୋଗ୍ୟ । ସ୍ଥାନେ ସ୍ଥାନେ ମ୍ୟୁଜିକ ବାଜୁଥାଏ । ଝିଅ ଓ ପୁଅମାନେ ଥାଆନ୍ତି ନୃତ୍ୟରତ । ଅନେକ ପୋଲ ପାରହୋଇ ଆମ ଲଞ୍ଚ ଆଗେଇ ଥାଏ । ପୋଲ ଉପରେ ଅନେକ ଲୋକଙ୍କର ଭିଡ଼ ଜମିଥାଏ । ରାତିରେ ୧୦



ମିନିଟ୍ ପାଇଁ ଏଫିଲ୍ ଟାୱାର ଉଜ୍ଜ୍ୱଳ ଆଲୋକରେ ଆଲୋକିତ ହୋଇ ଉଠିଲା । ଟାୱାରର ଦୃଶ୍ୟ ଥିଲା ଖୁବ୍ ଚମତ୍କାର । ସନ୍ଧ୍ୟା ସମୟଟା ଖୁବ୍ ମଉଜମଜଲିସ୍‌ରେ କଟିଲା । ତା'ପରେ ରାତି ୧୦ଟାରେ ବାହାରିଲୁ ବେନୁର ଲିଡ଼ୋ ସୋ ଦେଖିବା ପାଇଁ । ରାତି ୧୨ରୁ ୧ଟା ୩୦ ମିନିଟ ଯାଏ ଚାଲିଲା ସୋ । ସାମ୍ପେନ୍, ମୃଦୁ ପାନୀୟ ଦିଆଯାଉଥାଏ ଦର୍ଶକମାନଙ୍କୁ । ସୁମଧୁର ମ୍ୟୁଜିକ, ସୁନ୍ଦରୀ ପ୍ୟାରିସିଆନ୍ ତରୁଣୀ, ସେମାନଙ୍କର ବିଳାସପୂର୍ଣ୍ଣ ଧଳାଡ୍ରେସ, ଶୀଘ୍ର ଶୀଘ୍ର ବଦଳୁଥିବା ଘୂର୍ଣ୍ଣମାନ ଷ୍ଟେଜ ଇତ୍ୟାଦି ଥିଲା ଖୁବ୍ ଉପଭୋଗ୍ୟ ।

ସକାଳେ ଆରମ୍ଭ ହେଲା ଆମର ସହର ଭ୍ରମଣ । ପ୍ୟାରିସର ବ୍ଲୁନ୍ସ ଦ୍ୱୀପରେ ଆମେ ରହିଥିଲୁ । ପ୍ୟାରିସର ଲୋକସଂଖ୍ୟା ସେତେବେଳେ ଥିଲା ୨.୨ ମିଲିୟନ । ପ୍ୟାରିସର ଲମ୍ବ ୧୧/୧୨ କି.ମି. । ଏଠାରେ ପ୍ରବାହିତ ନଦୀ ଉପରେ ଥିଲା ୧୬ଟି ବଡ଼ ବଡ଼ ପୋଲ । ପ୍ୟାରିସ ଜଳସଂପଦରେ ପୂର୍ଣ୍ଣ । ପ୍ରତ୍ୟେକ ସହରରେ ମେୟର ଥାଆନ୍ତି । କାଚ ଓ କାଗଜରୁ ସେମାନେ ଶକ୍ତି ଉତ୍ପାଦନ କରନ୍ତି । ଶକ୍ତିର ଅପଚୟ ସେମାନେ କରନ୍ତି ନାହିଁ । ବଳକା ଶକ୍ତି ପଡ଼ୋଶୀ ଦେଶକୁ ବିକ୍ରୟ କରନ୍ତି । ସମୁଦ୍ର ଜୁଆରରୁ ମଧ୍ୟ ଶକ୍ତି ଉତ୍ପାଦନ କରନ୍ତି ।। ପ୍ୟାରିସରେ ପ୍ରାୟ ୨୦୦ଟି ମ୍ୟୁଜିୟମ ଅଛି । ଏଠାକାର ତାପମାତ୍ରା ଥିଲା ୨୦ – ୨୨° ସେ. ।

ପ୍ୟାରିଷ ଗାଲିଚା ପାଇଁ ପ୍ରସିଦ୍ଧି ଲାଭ କରିଛି । ଏଠାରେ ବିନା ଦରମାରେ ଛାତ୍ର ଛାତ୍ରୀମାନଙ୍କୁ ଶିକ୍ଷାଦାନ କରାଯାଏ । ଯିଏ ଯେଉଁ ଅଞ୍ଚଳରେ ଅବସ୍ଥାନ କରେ ସେ ସେହି ଅଞ୍ଚଳରେ ପଢ଼ିବାର ସୁଯୋଗ ପାଏ । କାରଣ ଯାତାୟତ ପାଇଁ ତାକୁ ପେଟ୍ରୋଲ ଅପଚୟ କରିବାକୁ ପଡ଼େ ନାହିଁ । ଏଠାରେ ସାଧାରଣ ବିବାହ ସ୍ୱୀକୃତି ପ୍ରାପ୍ତ ହୁଏ ନାହିଁ । ବିବାହ ପାଇଁ କୋର୍ଟର ଆଶ୍ରୟ ନେବାକୁ ପଡ଼େ । ଏଠାକାର ଅଧିବାସୀମାନେ ମାଛ ଧରି ଏବଂ ତାକୁ ବିକ୍ରି କରି ଜୀବନ ଜାପନ କରନ୍ତି । ପାର୍ଲାମେଣ୍ଟ ହାଉସ୍, ସୁନାରେ ଆଚ୍ଛାଦିନ ବ୍ରୋଞ୍ଜ ଆଲେକ୍‌ଜାଣ୍ଡାର ମୂର୍ତ୍ତୀ, ୨୦ କି.ଗ୍ରା ସୁନାର ଡୋମ୍, ମିଲିଟାରି ଏକାଡ଼େମୀ, ଷ୍ଟାଚ୍ୟୁ ଅଫ୍ ଲିବର୍ଟି ଇତ୍ୟାଦି ଦେଖିସାରି ଆମ ଯାତ୍ରା ଆରମ୍ଭ ହେଲା ବେଲ୍‌ଜିୟମ ଅଭିମୁଖେ ।

ବେଲ୍‌ଜିୟର ଭୂମି ସମତଳ ଅଟେ । ସ୍ଥାନେ ସ୍ଥାନେ କୃଷି କ୍ଷେତ ଆମକୁ ଦୃଶୁଥାଏ । ବାଟରେ ଗଡ଼ାଣିଆ ଟାଇଲ ଛପରର ଘର । ଏଠାକାର ତାପମାତ୍ରା ୨୦ - ୨୫° ସେ. ଥିଲା । ଦିନ ପ୍ରାୟ ୩.୩୦ ମିନିଟରେ ବେଲ୍‌ଜିୟମରେ ପ୍ରବେଶ କଲୁ । ବେଲ୍‌ଜିୟମର ଲମ୍ବ ୩୪୦ କି.ମି. ଏହାର ଲୋକସଂଖ୍ୟା ଥିଲା ପ୍ରାୟ ୧୧ ମିଲିୟନ୍ । ବେଲ୍‌ଜିୟର ରାଜଧାନୀ ବ୍ରସେଲ୍ (Brussel)କୁ ଗଲୁ ଏହାପରେ । ବ୍ରସେଲ୍ ରାସ୍ତାର ଦୁଇ ପାର୍ଶ୍ୱରେ ଘଞ୍ଚ ଲମ୍ବା ଲମ୍ବା ଗଛ । ବାଟରେ ଆଟୋନିୟମ୍ ଦେଖିଲୁ । ଏହା ଉପରକୁ ଗୋଲାକାର ଏସ୍କାଲେଟରରେ ଯିବାକୁ ପଡ଼େ । ଉପରକୁ ଯିବାକୁ ଲାଗେ ୨୪ ମିନିଟ୍ । ଏଠାରେ ବିଜ୍ଞାନ ମେଳା ହୁଏ । ଏହି ଆଟୋନିୟମରେ ୯ଟି ଗ୍ଲୋବ ଅଛି । ସେଣ୍ଟ ମାଇକେଲଙ୍କର କାଥେଡ୍ରାଲ, କାଚଦିଆ ସୁନ୍ଦର ସୁନ୍ଦର କୋଠା ଦେଖିବାକୁ ସେଠାରେ ପାଇଲୁ । ବ୍ରାସେଲ୍ ଚକୋଲେଟ ଓ ଏମ୍ବ୍ରୋଡ଼େରି ପାଇଁ ପିସିଦ୍ଧି ଲାଭ କରିଛି । ଆମ ଦେଶରେ କେତେକ ଚକ୍ଷୁହୀନ ବ୍ୟକ୍ତି ଟ୍ରେନରେ ଗୀତ ଗାଇଗାଇ ଭିକ୍ଷା କରିବାର ମୁଁ ଜାଣିଥିଲି । ଏଠାରେ ରାସ୍ତା କଡ଼ରେ ଭାଓଲିନ୍ ବଜାଉଥିବାର ଗୋଟିଏ ଲୋକ ଉପରେ ନଜର ପଡ଼ିଲା । ତା'ର ବାଦ୍ୟ ଶେଷରେ ସେଠାରେ ପଡ଼ିଥିବା କପଡ଼ା ଉପରେ ଶ୍ରୋତାମାନେ ଟଙ୍କା ପକାଇବାକୁ ଲାଗିଲେ । ବାବୁ ପଇସା ଦିଅ ମା ପାଇସା ଦିଅ ବୋଲି ତା'ର ଅନୁରୋଧ ନଥିଲା । ସେ ଦେଶର ଭିକାରିର ମଧ୍ୟ ଆତ୍ମସମାନ ଅଛି । ନିଜ କଳାରେ ସେ ଲୋକଙ୍କୁ ଆକୃଷ୍ଟ କରେ । ଲୋକମାନେ ଖୁସିରେ କିଛି ଦେବାପାଇଁ କୁଣ୍ଠାବୋଧ କରନ୍ତି ନାହିଁ ।

ବେଲଜିୟମ ୬ଟା ୩୦ ମିନିଟରେ ଛାଡ଼ି ଆମେ ନେଦରଲାଣ୍ଡ ଅଭିମୁଖେ ଯାତ୍ରା କଲୁ । ବେଲ୍‌ଜିୟମରୁ ନେଦରଲାଣ୍ଡ ଯିବା ପାଇଁ ଲାଗିଲା ୨ ଘଣ୍ଟା ୩୦ ମିନିଟ୍ । ବାଟସାରା ପବନ କଳ ଦୃଷ୍ଟିଗୋଚର ହେଉଥାଏ । ଶବ୍ଦ ପ୍ରଦୂଷଣ ପାଇଁ ସେମାନେ ରାସ୍ତାସାରା ଶବ୍ଦ ପ୍ରତିରୋଧକ କାଚ ଲଗାଇଥାନ୍ତି । ଏହା ସେଠାକାର ଏକ ନୂତନ ପଦ୍ଧତି । ନେଦରଲାଣ୍ଡ ଭୂମି ବିଶିଷ୍ଟ ନୁହଁକି ସମୁଦ୍ର ବିଶିଷ୍ଟ ନୁହଁ । ଏହା ସମୁଦ୍ର ପତନ ତଳେ ଅବସ୍ଥିତ । ଏହାର ରାଜଧାନୀ ଆମ୍‌ଷ୍ଟରଡ଼ାମ (Amsterdam) ।



ରାତି ୯.୩୦ ରେ ପହଞ୍ଚି ଆମେ ରହିଲୁ nH Leeuwenhost ହୋଟେଲରେ ।

ହଲାଣ୍ଡ ହେଉଛି ନେଦରଲାଣ୍ଡରେ ଥିବା ୧୧ଟି ପ୍ରଦେଶ ମଧ୍ୟରୁ ଗୋଟିଏ । ଏହା ଦୁଇଟି ନଦୀ ଯଥା ଇଗ୍ ଓ ଆମଷ୍ଟିଲ୍‌ର ସଂଯୋଗସ୍ଥଳରେ ଅବସ୍ଥିତ । ଏହାର ଦୁଇପାର୍ଶ୍ୱକୁ ଉତ୍ତର ସାଗର ଘେରି ରହିଛି । ଏହାର ଦୁଇଟି ଅଂଶ ସମୁଦ୍ର ପତନ ତଳେ ଅବସ୍ଥିତ । ସକାଳେ ଆମେ Keukenhof ଗାର୍ଡ଼େନ ଦେଖିବାକୁ ଯାଇଥିଲୁ । ଏହି ଗାର୍ଡ଼େନ ମାର୍ଚ୍ଚ ୨୫ ତାରିଖରୁ ମେ ୨୦ ତାରିଖ ପର୍ଯ୍ୟନ୍ତ ଖୋଲା ରହେ । ତା'ର ସୌନ୍ଦର୍ଯ୍ୟ ଉପଭୋଗ କରିବା ପାଇଁ ସତେ ଯେମିତି ଶେଷ ଦିନରେ ସେ ଆମକୁ ଅପେକ୍ଷା କରି ରହିଥିଲା । ନାଲି, ଧଳା, ଗୋଲାପି, ବାଇଗଣିଆ ଇତ୍ୟାଦି ରଙ୍ଗର ଟ୍ୟୁଲିପ୍ (Tulip) ଫୁଲରେ ଭରା ଗାର୍ଡ଼େନରେ ଆମେ ସମସ୍ତେ ବିଭୋର ହୋଇଗଲୁ । ଫଟୋ ଉଠାଇବାରେ ପ୍ରତ୍ୟେକ ଯାତ୍ରୀ ଥିଲେ ବ୍ୟସ୍ତ । ଏହାପରେ ଆମେ ରିମ୍ବେଣ୍ଡ ଚିଜ୍ ଫ୍ୟାକ୍ଟ୍ରି ଦେଖିବାକୁ ଗଲୁ । କାଠରେ ତିଆରି ହେଉଥିବା ଜୋତା କାରଖାନା ମଧ୍ୟ ଦେଖିଲୁ । ଏହି କାଠ ଜୋତାକୁ ସେଠାକାର ଅଧିବାସୀମାନେ ବିବାହବେଳେ ବ୍ୟବହାର କରନ୍ତି । ଲଞ୍ଚ ଖାଇସାରି Dassan ଡାଇମଣ୍ଡ ଫ୍ୟାକ୍ଟ୍ରି ଦେଖିବାକୁ ଗଲୁ । ସେଠାରେ କାଚ ଛାତ ଥିବା ନୌକାରେ କେନାଲ ଭିତରେ କିଛି ସମୟ ବୁଲାବୁଲି କଲୁ । ଆମ୍‌ଷ୍ଟରଡ଼ାମ୍ ସହର ଭିତରେ ଏହି କେନାଲ ପ୍ରବାହିତ । ଦ୍ୱିତୀୟ ମହାସମର ସମୟରେ ଘରଦ୍ୱାର ଧ୍ୱଂସ ହୋଇ ଯାଇଥିଲା । କିଛି ଲୋକ ଘର ଅଭାବରୁ ନୌକାରେ ଘର କରି ରହୁଥିଲେ । ବର୍ତ୍ତମାନ ସେଠାରେ ୨୫୦୦ରୁ ଊର୍ଦ୍ଧ୍ୱ ବୋଟ୍ ହାଉସ ଦେଖିବାକୁ ମିଳେ । ଏଠାରେ ଲୋକମାନେ ବେଶୀ ମାତ୍ରାରେ ସାଇକେଲ ବ୍ୟବହାର କରନ୍ତି । ହଲାଣ୍ଡରେ ଅନେକ ଗ୍ରୀନ୍ ହାଉସ ଆମର ଦୃଷ୍ଟିକୁ ଆସିଥିଲା ।

ତା'ପରେ ଆମେ ପହଞ୍ଚିଲୁ ରୋଟେରଡାମ୍ ବନ୍ଦରରେ । ଏଥର ଯାତ୍ରା ଥିଲା ନୂଆ ମୋଡ଼ର । ଜଳ ଜାହାଜରେ ସମୁଦ୍ରରେ ଆରମ୍ଭ ହେବାର ଥାଏ ଆମର ଯାତ୍ରା । ସବୁ ଯାତ୍ରୀଙ୍କୁ P & O ଜାହାଜରେ ରୁମ୍ ଦିଆଯାଇଥାଏ । ସମସ୍ତେ ବୁଫେରେ ଜାହାଜ ଭିତରେ ଥିବା ଡାଇନିଂରେ ଖାଇଲୁ । ଜଳ ଜାହାଜ ଯାତ୍ରା ଆରମ୍ଭ ହେଲା ଉତ୍ତର ସାଗରରେ । ଆମ ବସ୍ ମଧ୍ୟ ଗଲା ଜାହାଜରେ । ଜାହାଜଟି

ଗୋଟିଏ ସହରଭଳି ମୋତେ ଲାଗିଲା । ଖୁବ୍ ଉନ୍ନତ ସପିଂସେଣ୍ଟର, ଟଙ୍କା ବିନିମୟ କାଉଣ୍ଟର, ଅନବରତ ସାଂସ୍କୃତିକ କାର୍ଯ୍ୟକ୍ରମ, ଫନ୍, ନୃତ୍ୟ, ମ୍ୟୁଜିକ, ପିଲା ଓ ବଡ଼ ଲୋକଙ୍କ ପାଇଁ ଖେଳ, ଭିଡ଼ିଓ ଗେମ୍, କାସିନୋ ଇତ୍ୟାଦି ରାତିସାରା ଚାଲିଥାଏ ଜାହାଜ ଭିତରେ । ରାତ୍ରିଭୋଜନ ପରେ ଆମେ କିଛି ସମୟ ଡେକ୍‌ରେ ବୁଲାବୁଲି କଲୁ । ସମୁଦ୍ରରୁ ବୋହି ଆସୁଥାଏ ପ୍ରବଳ ଥଣ୍ଡା ପବନ । ତେଣୁ ଅଳ୍ପ ସମୟ ଡେକ୍‌ରେ କଟାଇ ବିଶାଳ ସମୁଦ୍ରର ରାତ୍ରିଶୋଭା ଅନୁଭବ କଲୁ । ଉପରେ ଆକାଶ ଚାହିଁଥାଏ ଆମକୁ । ଡେକ୍‌ରୁ ଚାଲିଆସିବାକୁ ଇଚ୍ଛା ହେଉନଥାଏ । ଅଳ୍ପ ସମୟ ରହି ଫେରି ଆସିଲୁ ରୁମକୁ । ଆମ ରୁମ ଥାଏ ଦଶମ ମହଲାରେ । ଖାଇବା ହଲ୍ ଥାଏ ଅଷ୍ଟମ ମହଲାରେ । ଶହ ଶହ ରୁମ ଭିତରେ ନିଜ ରୁମ୍ ପାଇବା କଷ୍ଟକର ହୋଇ ପଡୁଥାଏ । ସୁନ୍ଦର ଗାଲିଚାରେ ଆଚ୍ଛାଦିତ ଥାଏ ଜାହାଜର ସମଗ୍ର ଚଟାଣ ଓ ପାହାଚ । ରୋଟେରଡାମ ପର୍ଯ୍ୟନ୍ତ ୪୭୦୦ କି.ମି. ବସରେ ଯାତ୍ରା କରି ଆମେ ସମସ୍ତେ ହାଲିଆ ହୋଇ ପଡ଼ିଥିଲୁ । ତେଣୁ ଜାହାଜ ଭିତରେ ସୁଖକର ନିଦ୍ରା ହୋଇଥିଲା । ଜଳ ଯାତ୍ରା ଆମର ଶେଷ ହେଲା ପ୍ରଭାତରେ । କିନ୍ତୁ ସ୍ମୃତିର ପୂର୍ଣ୍ଣଚ୍ଛେଦ ପଡ଼ିଲାନି । କି ରୋମାଞ୍ଚକର ଥିଲା ସେ ଅନୁଭୂତି ।

ଜାହାଜରୁ ଓହ୍ଲାଇଲୁ ଲଣ୍ଡନସ୍ଥ ହଲ୍ ପୋର୍ଟରେ । ତା'ପରେ ଆରମ୍ଭ ହେଲା ଆମର ବସ୍ ଯାତ୍ରା । ସକାଳ ୮ଟାରୁ ଦିନ ୨ଟା ୩୦ ପର୍ଯ୍ୟନ୍ତ ବସ୍ ଯାତ୍ରା କରି ଆମେ ପହଞ୍ଚିଲୁ ଟେମ୍‌ସ ନଦୀ କୂଳରେ ଥିବା ନେସ୍‌ନାଲ୍ ବ୍ରିଟାନିଆ ହୋଟେଲରେ । ରାସ୍ତାରେ କେଉଁଠି ପାହାଡ଼ ଆମ ଦୃଷ୍ଟିଗୋଚର ହେଲା ନାହିଁ । ସମତଳ ରାସ୍ତାରେ ଦୀର୍ଘ ସମୟ ଧରି ବସ୍ ଯାତ୍ରା ଆମକୁ କଷ୍ଟ ଦେଉନଥିଲା । ଲଣ୍ଡନରେ ଦିନରେ ଗାଡ଼ିର ହେଡ୍ ଲାଇଟ ଜଳିବା ନିଷେଧ । କିନ୍ତୁ ୟୁରୋପର ସମସ୍ତ ରାସ୍ତାରେ ଯିବା ସମୟରେ ଗାଡ଼ିର ହେଡ୍ ଲାଇଟ୍ ଜଳୁଥାଏ । ଦୁଇ ପାର୍ଶ୍ୱରେ ଏକର ଏକର କୃଷି କ୍ଷେତ । ଆମ ହୋଟେଲ ନିକଟସ୍ଥ ସପିଙ୍ଗ୍ ସେଣ୍ଟର ଥିଲା ଯାତ୍ରୀମାନଙ୍କ ପାଇଁ ଆକର୍ଷଣୀୟ ସ୍ଥାନ । କିଛି ସମୟ ଏହି ସପିଙ୍ଗ୍ ସେଣ୍ଟରରେ । ବୁଲା ବୁଲି କଲେ ଲଣ୍ଡନ ବିଷୟରେ ଅନେକ ଜିନିଷ ଜାଣି ହୁଏ । ଏଠାରେ ପ୍ରତ୍ୟେକ ଜିନିଷ ଖୁବ୍ ମହଙ୍ଗା । ଖାଦ୍ୟର ଦାମ୍ ଶୁଣି ଯାତ୍ରୀମାନେ ଡରି ଯାଉଥାଆନ୍ତି । ଖଣ୍ଡିଏ ସାଣ୍ଡଉଇଚ ଓ ଗୋଟିଏ ଗ୍ଲାସ୍ କୋକାକୋଲା ପ୍ରତ୍ୟେକର ଦାମ ପ୍ରାୟ ଶହେ ଟଙ୍କା ଥିଲା ।



ତା'ପରେ ଲଣ୍ଡନ ସିଟି ଟୁର୍ ଆମର ଆରମ୍ଭ ହେଲା । ୧୯୬୦ ମସିହା ପରେ ଏହି ସିଟିର ଗୋଟିଏ ଅଂଶ ନିର୍ମିତ ହୋଇଛି । ଦେଖିଲେ ନୂଆ ଓ ପୁରୁଣା ଲଣ୍ଡନ ବାରି ହୁଏ । ଏହି ସହରରେ ଅଛି ୨୨ଟି ଟାୱାର । ଲଣ୍ଡନରେ ଲଣ୍ଡନ ଟାୱାର ପ୍ରସିଦ୍ଧ । ପୃଥିବୀରେ ପ୍ରସିଦ୍ଧ ଟାୱାର ମଧ୍ୟରେ ଏହା ଅନ୍ୟତମ । ୯୦୦ ବର୍ଷର ରାଜକୀୟ ପ୍ରାସାଦ ଏବଂ ଲଣ୍ଡନର ଇତିହାସ, ଅସ୍ତ୍ରାଗାର, ଜେଲ୍, ଚିଡ଼ିଆଖାନା ଇତ୍ୟାଦି ଏଠାରୁ ଦୃଶ୍ୟମାନ ହୁଏ । ଟେମ୍‌ସ ନଦୀ ଉପରେ ଥିବା ଲଣ୍ଡନ ବ୍ରିଜ୍ ଦେଖିବା ପାଇଁ କୌତୂହଳ ସୃଷ୍ଟି ହେଉଥାଏ । ଜାହାଜ ଆସିଲେ ଆପେ ଆପେ ଏହି ବ୍ରିଜ୍ ଖୋଲିଯାଏ । ଜାହାଜ ବ୍ରିଜ୍ ପାର ହୋଇଗଲେ ଏହା ପୁଣି ବନ୍ଦ ହୋଇଯାଏ । ଏହା ପାଖାପାଖି ଦେଖିବାଲୁ ଲଣ୍ଡନ ଆଇ । ଏହା ଲଣ୍ଡନର ଅନ୍ୟତମ ଆକର୍ଷଣ । ପୃଥିବୀର ସବୁଠାରୁ ଏହା ଉଚ୍ଚତମ ଚକ । ଏଥିରେ ୩୨ଟି ଶଗଡ଼ ଗାଡ଼ିର ଅଖ ଭଳି ଅଖ ଅଛି । ପ୍ରତ୍ୟେକ ଅଖର ଓଜନ ପ୍ରାୟ ୧୦ ଟନ । ଏହା ୨୫ ଜଣ ଲୋକଙ୍କୁ ବସିବା ପାଇଁ ସ୍ଥାନ ଦେଇପାରେ । ଏଥିରେ ବସିଲେ ଲଣ୍ଡନର ୫୫ଟି ପ୍ରସିଦ୍ଧ ଜିନିଷ ଦେଖିହୁଏ । ଅନେକ ଯାତ୍ରୀ ଉତ୍ତେଜନାପୂର୍ଣ୍ଣ ସ୍ମୃତି ନେଇ ଏହି ଚକରେ ବସି ପ୍ରାୟ ୩୦ ମିନିଟ୍ ଘୁରନ୍ତି ଏବଂ ଲଣ୍ଡନର ଅପୂର୍ବ ଦୃଶ୍ୟକୁ ଉପଭୋଗ କରନ୍ତି । ତା'ପରେ ପଡ଼େ ସେଣ୍ଟପଲ୍ କାଥେଡ୍ରାଲ । ଏହି ଚର୍ଚ୍ଚରେ ଲେଡ଼ି ଡାଏନାଙ୍କର ବିବାହ ସମ୍ପର୍ଣ୍ଣ ହୋଇଥିଲା । ସେକ୍ସପିୟର ଥିଏଟର ମଧ୍ୟ ଅନ୍ୟଗୋଟିଏ ଦେଖିବାର ସ୍ଥାନ । ରାଣୀ ତାଙ୍କ ଜନ୍ମଦିନରେ ଏଠାକୁ ଆସନ୍ତି । ଏହାକୁ ନିର୍ମାଣ କରିବା ପାଇଁ ଲାଗିଥିଲା ୩୫ ବର୍ଷ । ଏହାର ଉଚ୍ଚତା ୩୬୫ ଫୁଟ୍ । ଏତଦ୍ ବ୍ୟତୀତ National gallery, Downing street, Parliament, Tower Clock tower, (BigBen), St. Thomas Hospital, Statue of Winghster Chourchil, Statue of King Albert, Westminister Palace ଦେଖିବାର ସୁଯୋଗ ମିଳିଲା । ବକିଂମ୍‌ହାମ୍ ପ୍ୟାଲେସରେ ଠିକ୍ ଦିନ ୧୨ଟା ସମୟରେ ପୁରୁଣା ଗାର୍ଡ଼ମାନଙ୍କୁ ବଦଳାଇ ନୂଆ ଗାର୍ଡ଼ମାନେ ଡ୍ୟୁଟିକୁ ଆସିବାର ଉତ୍ସବ ଖୁବ୍ ଚମତ୍କାର ଥିଲା । ମ୍ୟୁଜିକ୍ ବାଜୁଥାଏ । ହୃଷ୍ଟପୁଷ୍ଟ ଘୋଡ଼ାରେ

ଗାର୍ଡ଼ମାନେ ବସିଥାଆନ୍ତି । ଡ୍ୟୁଟିରେ ଥିବା ଗାର୍ଡ଼ମାନେ ନାଲି ଡ୍ରେସ୍ ଓ ଲମ୍ବା କଳା ଟୋପି ପିନ୍ଧି ମାର୍ଚ୍ଚକରି କରି ଡ୍ୟୁଟିରୁ ବିଦାୟ ନିଅନ୍ତି । ହଜାର ହଜାର ଦର୍ଶକ ଏ ମନୋରମ ଦୃଶ୍ୟ ଦେଖିବା ପାଇଁ ଧାଡ଼ି ବାନ୍ଧି ଠିଆ ହୋଇଥାଆନ୍ତି । ତା'ପରେ ଆମେ ଗଲୁ Madam Tussade Wax Museum ଦେଖିବାକୁ । ଶିଳ୍ପୀର ପ୍ରତିଭା ସେଠାରେ ପ୍ରସ୍ଫୁଟିତ । ମହମରେ ତିଆରି ଆଇନ୍‌ଷ୍ଟାଇନ୍, ପ୍ରେସିଡ଼େଣ୍ଟ ବୁସ୍, କେତେକ ମଡ଼େଲ ଇତ୍ୟାଦି ଦେଖିଲେ କୌଣସି ବ୍ୟକ୍ତି ଭାବି ପାରିବନି ଯେ ଏମାନେ ପ୍ରକୃତ ମଣିଷ ନୁହନ୍ତି । ଅନେକ ସମୟ ଲାଗିଲା ଏହି ମ୍ୟୁଜିୟମ୍‌ଟି ଦେଖିବାପାଇଁ କାରଣ ପ୍ରେତ୍ୟକ ଷ୍ଟାଚ୍ୟୁ ପାଖରେ କୌତୂହଳ ସୃଷ୍ଟି ହେଉଥାଏ ଏବଂ ଫଟୋ ଉଠା ଚାଲିଥାଏ ଯାତ୍ରୀମାନଙ୍କର । ତା'ପରେ ଆମେ ଗଲୁ ହାଇଡ୍ ପାର୍କକୁ । ଏହି ପାର୍କରେ ସ୍ଥାନେ ସ୍ଥାନେ ଲୋକମାନେ ଛିଡ଼ା ହୋଇ ବକ୍ତୃତା ଦିଅନ୍ତି । ତତ୍ପରେ ଲୋକମାନଙ୍କଠାରୁ ଶୁଣିଲୁ ଟେନ୍ ଲାଇନ ଷ୍ଟ୍ରିଟ୍‌ରେ ପୁରୁଣା ପ୍ରଧାନ ମନ୍ତ୍ରୀ ଶାସନରୁ ବିଚ୍ୟୁତ ହେବା ପରେ ଯେତେବେଳେ ନୂଆ ପ୍ରଧାନ ମନ୍ତ୍ରୀ ଶାସନ ଭାର ନିଅନ୍ତି ସେତେବେଳେ ପୁରୁଣା ପ୍ରଧାନ ମନ୍ତ୍ରୀ ପଛ ପଟେ ଚାଲି ଯାଆନ୍ତି ଓ ନୂଆ ପ୍ରଧାନ ମନ୍ତ୍ରୀ ସାମନା ପଟେ ପ୍ରବେଶ କରନ୍ତି ।

ଏହାପରେ ଆମେ ଆଗେଇଲୁ ସ୍ୱାମୀ ନାରାୟଣ ମନ୍ଦିର ଅଭିମୁଖେ । ଏହି ମନ୍ଦିର ଦେଖିଥିଲି ଗୁଜରାଟର ଗାନ୍ଧିନଗରରେ ଓ ଦିଲ୍ଲୀରେ । ଲଣ୍ଡନରେ ଭାରତୀୟମାନେ ଏହି ମନ୍ଦିର ପ୍ରତିଷ୍ଠା କରିଛନ୍ତି । କଡ଼ା ନିରାପତ୍ତା ସେଠାରେ ରକ୍ଷା କରାଯାଉଥାଏ ।

କିଛି ସହଯାତ୍ରୀ ଲଣ୍ଡନରେ ରହିଗଲେ, କିଛି ମୁମ୍ବାଇ ଓ ଦିଲ୍ଲୀ ଚାଲିଗଲେ । ବସ୍ ଡ୍ରାଇଭର ରିଚାର୍ଡ଼ ଇଟାଲୀରୁ ଆସିଥିବା ବସ୍ ନେଇ ଚାଲିଯିବା ସମୟର ଦୃଶ୍ୟ ଥିଲା ଦୁଃଖ ଦାୟକ । ଗାଇଡ୍ ଅଳକା ମଧ୍ୟ ଆମ ସାଙ୍ଗ ଛାଡ଼ିଲା । ଆମ ଯାତ୍ରା ସଂସାରଟି ଭାଙ୍ଗି ଭାଙ୍ଗି ଆସିଲା । ଅନ୍ୟ ଗୋଟିଏ ବସ୍ ଅନ୍ୟ ଗୋଟିଏ ମହିଳା ଗାଇଡ୍ ଡିଙ୍କି ସହ ଆମେ ଲଣ୍ଡନର ଆନ୍ତର୍ଜାତିକ ଏୟାରପୋର୍ଟ ହିଥ୍ରୋକୁ ଆସିଲୁ । ଫ୍ଲାଇଟ୍ ଛାଡ଼ିଲା ୧୨ଟା ୨୦ ମିନିଟ୍‌ରେ । ସିଙ୍ଗାପୁର ଓ ଲଣ୍ଡନର ସମୟ ବ୍ୟବଧାନ ଥିଲା ୭ ଘଣ୍ଟା । ପୁନର୍ବାର ସିଙ୍ଗାପୁର ଅଭିମୁଖେ ଆମେ ଆଗେଇଲୁ । ବ୍ଲାକ୍



ସମୁଦ୍ର, ଆରବ ମହାସାଗର, ଭାରତର ଦିଲ୍ଲୀ, କାନପୁର, ବନାରସ, କଲିକତା ଦେଇ ଆମ ଏରୋପ୍ଲେନ ଉଡୁଥାଏ ସିଙ୍ଗାପୁର ଅଭିମୁଖେ । ସିଙ୍ଗାପୁରରେ ପହଞ୍ଚିବାକୁ ୧୨ଘଣ୍ଟା ୩୦ ମିନିଟ୍ ଲାଗିଲା । ସିଙ୍ଗାପୁର ସମୟ ସକାଳ ୭ଟା ୩୬ ମିନିଟରେ ସିଙ୍ଗାପୁରରେ ପହଞ୍ଚିଲୁ । ବିରାଟ ହୋଟେଲ Penisula Excelsior ରେ ରହିବାର ଥାଏ । ବିଭିନ୍ନ ଅଫିସିଆଲ କାର୍ଯ୍ୟପରେ ରୁମ୍ ନମ୍ବର ୧୧୨୮ ମିଳିଲା ଆମକୁ । ଏହା ଏକ ନଭଶ୍ଚୁମ୍ବୀ ହୋଟେଲ । ଭାରତୀୟ ହୋଟଲ ଗାୟତ୍ରୀରେ ସମ୍ବର, ଭାତ ଓ ଅନ୍ୟାନ୍ୟ ଭାରତୀୟ ଖାଦ୍ୟ ଖାଇ ସିଙ୍ଗାପୁର ବିଖ୍ୟାତ ମୁସ୍ତାଫା ସପିଙ୍ଗ୍ ସେଣ୍ଟରରେ ପଶିଲୁ । ଏହି ସେଣ୍ଟରଟି ବର୍ଷତମାମ ଦିନକୁ ୨୪ ଘଣ୍ଟା ଖୋଲାଥାଏ । କିଛି କିଛି ଜିନିଷ କିଣା ହେଲା । ଏଠାରେ ଭିଡ଼ ହୁଏ ଅନେକ ଭାରତୀୟଙ୍କର । ରାତିରେ ଗଲୁ ନାଇଟ୍ ସଫାରି । ଖୋଲା ଗାଡ଼ିରେ ବସି ଜଙ୍ଗଲ ସାରା ବୁଲିଲୁ । ଗାଡ଼ି ପାଖରେ ବାଘ, ସିଂହ, ହାତୀ, ଗୟଳ, ବାର୍ହା, ଜିରାଫ, ଜଳହସ୍ତୀ, ବିଲୁଆ ଇତ୍ୟାଦି ଖୋଲାରେ ବୁଲୁଥାଆନ୍ତି । ଏ ସବୁ ଦେଖିଲା ପରେ ଟିକିଏ ରୋମାଞ୍ଚ ସୃଷ୍ଟି ହେଉଥାଏ । ସାପ ଓ ଅନ୍ୟ ଜନ୍ତୁମାନଙ୍କର ଏକ ସୋ ମଧ୍ୟ ସେଠାରେ ଦେଖି ହୋଟେଲକୁ ଫେରିଲୁ ।

ସକାଳେ ପେନିସୁଲା ହୋଟେଲ ଛାଡ଼ି ଶୈଳେନ୍ଦ୍ର ଘରେ ପହଞ୍ଚିଲୁ । ମୁସ୍ତାଫାର ନିଶା ଘାରିଥାଏ ସମସ୍ତଙ୍କୁ । ମଧ୍ୟାହ୍ନ ଭୋଜନ ପରେ ଶୈଳେନ୍ଦ୍ର ସହିତ ପୁଣି ଗଲୁ ମୁସ୍ତାଫାକୁ । ମୁସ୍ତାଫା ହେଉଛନ୍ତି ଜଣେ ଭାରତୀୟ ମୁସଲମାନ । ଭାଗ୍ୟ ତାଙ୍କର ତେଜ୍ । ସିଙ୍ଗାପୁରରେ ଏକ ବିରାଟ ସପିଙ୍ଗ୍ ସେଣ୍ଟରର ସେ ମାଲିକ ।

ଏହାପରେ ରାତିରେ ବାହାରିଲୁ ମାଲୟେସିଆ ଯିବା ପାଇଁ । ଏଥର ଯାତ୍ରା ଥିଲା ଟ୍ରେନରେ । କକ୍ସ ଏଣ୍ଡ କିଙ୍ଗ୍‌ସ୍ ଆମକୁ ଟ୍ରେନ୍ ଟିକେଟ ଦେଇଥିଲା । ଷ୍ଟେସନରେ ଆମ ଟିକେଟ ଓ ପାସ୍‌ପୋର୍ଟ ଇତ୍ୟାଦି ଚେକଅପ୍ ହେଲା । ବାଟରେ ଗୋଟିଏ ଷ୍ଟେସନରେ ଟ୍ରେନ୍ ରହିଲା । ସବୁ ଯାତ୍ରୀ ନିଜ ନିଜର ଲଗେଜ ଧରି ବାହାରକୁ ଆସିଲେ ଚେକିଂ ପାଇଁ । ମୋ ବ୍ୟାଗର ଚାବିକାଠିଟି ନପାଇବାରୁ ମୁଁ ବିବ୍ରତ ହୋଇ ପଡ଼ିଲି । କିନ୍ତୁ ଚେକିଂ ଅଫିସର ମୋ ପାସ୍‌ପୋର୍ଟ ଦେଖି ମୋତେ ଛାଡ଼ି

ଦେଲେ। ମନେ ହେଲା ମାଲୟେସିଆରେ ବୋଧହୁଏ କଡ଼ା କଟକଣା ନାହିଁ। ଛୋଟ ଛୋଟ ପରିଷ୍କାର ବଗି। ପ୍ରତ୍ୟେକ ବଗିରେ ଦୁଇଟି ବର୍ଥ ଥାଏ।

ମାଲୟେସିଆରେ ପହଞ୍ଚିଲୁ ୨୬ ତାରିଖ ସକାଳେ। କକ୍ସ ଏଣ୍ଡ କିଙ୍ଗସ୍ ଆମ ପାଇଁ ମାଲୟେସିଆର ରାଜଧାନୀ କୁଲାଲାମ୍ପୁରରେ ରୟାଲ ବିଟାଙ୍ଗ୍ ହୋଟେଲ ରିଜର୍ଭ କରିଥିଲେ। ସେହି ହୋଟେଲ ମାଲିକ ଆମ ପାଇଁ ଷ୍ଟେସନକୁ ଟ୍ୟାକ୍ସି ପଠାଇଥିଲେ। ମାଲୟେସିଆରେ ବଡ଼ ବଡ଼ ବିଲ୍ଡିଂ। ଆମ ରହଣି ଥିଲା ଗୋଟିଏ ବଡ଼ ହୋଟେଲର ୧୧୧୪ ନମ୍ବର ରୁମ୍‌ରେ। ଦିନସାରା ସହର ବୁଲାବୁଲି କଲୁ। ପ୍ରଥମ କରି କାଣ୍ଟେକ ଫ୍ରାଏଡ୍ ଚିକେନ (କେ.ଏଫ୍.ସି.) ସେଠାରେ ଖାଇଲି। ବଡ଼ ବଡ଼ ହୋଟେଲରେ ସକାଳ ଜଳଖିଆ ମାଗଣା ଥାଏ। ଜଳଖିଆ ନୁହଁ ତ ସେ ଲଞ୍ଚ ସହିତ ସମାନ। ବିଭିନ୍ନ ପ୍ରକାର ଫଳ, ଫଳରସ, କେକ୍, ଫ୍ରାଏଡ୍ ରାଇସ୍, ଅଣ୍ଡା, ଚିକେନ୍ ସକାଳ ଜଳଖିଆରେ ଦିଆଯାଏ। ଚାଇନା ବଜାରରେ ବୁଲାବୁଲି କଲୁ ସେଦିନ। ଝିପି ଝିପି ବର୍ଷା ହେଉଥାଏ। ସନ୍ଧ୍ୟାରେ ବଡ଼ ବଡ଼ ସପିଙ୍ଗ୍ ସେଣ୍ଟର ବୁଲି ବୁଲି ଦେଖିଲୁ। ଗରାଖମାନଙ୍କୁ ଆକୃଷ୍ଟ କରିବା ପାଇଁ ମାଲୟେସିଆର ଝିଅମାନେ ଡାନ୍ସ କରୁଥାନ୍ତି ସପିଙ୍ଗ୍ ସେଣ୍ଟରରେ। ଲୋକମାନେ ଛିଡ଼ାହୋଇ ଡ୍ୟାନ୍ସ ଉପଭୋଗ କରୁଥାଆନ୍ତି। ମାଲୟେସିଆରେ ବହୁତ ସାଉଥଇଣ୍ଡିଆନ୍ ରହନ୍ତି। ତେଣୁ ଦୋସା, ସମ୍ବର, ବରା ଏଠାରେ ମିଳେ। ସେଦିନ ରାତିରେ ଦୋସା ଖାଇ ତୃପ୍ତିଲାଭ କଲୁ।

ତା'ପର ଦିନ ଟ୍ୟାକ୍ସିରେ ଗଲୁ ସିଟି ଟୁର୍ ପାଇଁ। ଏହି ଦେଶରେ ୧୪ଟି ପ୍ରଦେଶ ଅଛି। ୯ଟି ପ୍ରଦେଶ ମନ୍ତ୍ରୀଙ୍କ ଦ୍ୱାରା ଶାସିତ। ସେ ଦେଶରେ ରାଜା ମଧ୍ୟ ଅଛନ୍ତି। ପ୍ରତି ୫ ବର୍ଷରେ ରାଜା ବଦଳନ୍ତି। ରାଜାଙ୍କର ପୁଅ ପୁଣି ରାଜଗାଦିରେ ବସନ୍ତି। ତିନି ଏକର ଜମି ଉପରେ ରାଜାଙ୍କ ଉଆସ। ହଳଦିଆ ରଙ୍ଗର ପତାକା ଉଆସ ଉପରେ ଉଡ଼ିଲେ ଜଣାଯାଏ ରାଜା ଉଆସ ଭିତରେ ଅଛନ୍ତି। ଯଦି ପତାକା ଅର୍ଦ୍ଧ ଉତ୍ତୋଳିତ ଅବସ୍ଥାରେ ରହିଥାଏ ତେବେ ରାଜା ବାହାରେ ଅଛନ୍ତି ବୋଲି ଜଣାଯାଏ। ରାଜା ପ୍ରଧାନମନ୍ତ୍ରୀ ଓ ପ୍ରେସିଡ଼େଣ୍ଟଙ୍କଠାରୁ କ୍ଷମତାର ଉଚ୍ଚରେ।



ମାଲୟେସିଆ ଛୋଟିଆ ଦେଶଟିଏ, କେତେ ପଛରେ ବ୍ରିଟିସରଙ୍କଠାରୁ ସ୍ୱାଧୀନ ହେଲା, କିନ୍ତୁ କେଡ଼େ ବିକାଶଶୀଳ ଦେଶ ନଦେଖିଲେ ଜାଣି ହେବ ନାହିଁ। ସେଠାରେ ନାସନାଲ ମ୍ୟୁଜିୟମ ଦେଖିଲୁ। ଏହି ମ୍ୟୁଜିୟମରେ ଭାରତ ଏବଂ ଚୀନ ଦେଶର ସଂସ୍କୃତି ଦେଖିବାକୁ ପାଇଲୁ। ପ୍ରବେଶ ପଥରେ ଅନେକ ବହୁ ପୁରାତନ ଗାଡ଼ି ରଖାଯାଇଥିଲା। ମାଲୟେସିଆର ନର୍ତ୍ତକୀ, ମ୍ୟୁଜିସିଆନଙ୍କ ମୂର୍ତ୍ତି, ବହୁ ପୁରାତନ ଗାଡ଼ି, ଜନ୍ତୁ, ପତଙ୍ଗ, ବିବାହ ପଦ୍ଧତିର ନମୁନା, କନ୍ୟାଘର, ଗିନା, ବାଜା ଇତ୍ୟାଦି ମ୍ୟୁଜିଅମ୍‌ରେ ସୁରକ୍ଷିତ।

ନାସନାଲ୍ ମନୁମେଣ୍ଟ ମାଲୟେସିଆର ଅନ୍ୟ ଏକ ଦର୍ଶନୀୟ ସ୍ଥାନ। ସହିଦ ହୋଇଥିବା ସୈନିକମାନଙ୍କ ଉଦ୍ଦେଶ୍ୟରେ ଏହା ନିର୍ମିତ। ସେଠାରେ ମୃତ ସୈନିକଙ୍କର ମୂର୍ତ୍ତି, ଜଳ ଫୁଆରା, ବିଭିନ୍ନ ପ୍ରକାର ରଙ୍ଗବେରଙ୍ଗର ଫୁଲ ଇତ୍ୟାଦି ଦେଖି ସାରିଲାପରେ Bird's Park ଦେଖିବାକୁ ଗଲୁ। ଏହି ପାର୍କ ପୃଥିବୀର ସବୁଠାରୁ ବୃହତ୍ତମ ପକ୍ଷୀ ପାର୍କ। ଆମେ ଦେଖିନଥିବା ଅନେକ ଚଢ଼େଇ ଆମ ଦୃଷ୍ଟିରେ ପଡ଼ିଲେ। ମୁକ୍ତ ଆକାଶରେ ବୁଲିବାର ସ୍ୱାଧୀନତା ଏମାନଙ୍କର ନାହିଁ, ହେଲେ ହଜାର ହଜାର ଦର୍ଶକଙ୍କୁ ଦେଖି ତାଙ୍କ ଦୁଃଖକୁ ଭୁଲି ଯାଉଛନ୍ତି। ବିଭିନ୍ନ ସ୍ୱରରେ ଚିଁ ଚାଁ କରି ସତେ ଯେମିତି ଦର୍ଶକମାନଙ୍କୁ ସ୍ୱାଗତ କରୁଥାଆନ୍ତି। ଏହି ପାର୍କଟି ଦେଖିସାରିବା ପରେ ପୃଥିବୀରେ ତୃତୀୟ ସ୍ଥାନ ଅଧିକାର କରିଥିବା ମୁସଲମାନଙ୍କର ଗୋଟିଏ ମସ୍‌ଜିଦ୍ ଦେଖିଲୁ। ମାଲୟେସିଆର ବାସିନ୍ଦାମାନେ ମୁଖ୍ୟତଃ ମୁସଲମାନ। ପ୍ରାୟ ଅଧିକାଂଶ ସ୍ତ୍ରୀଲୋକ ମୁହଁକୁ ବୁର୍ଖାରେ ଆଚ୍ଛାଦିତ କରିଥାଆନ୍ତି।

ଏଠାରେ ଏକ ବିରାଟ କ୍ରିକେଟ ଖେଳ ପଡ଼ିଆରେ ବହୁତ ସମୟରେ ପ୍ୟାରେଡ୍ ହୁଏ। କିଛି ସମୟ ସେ ପଡ଼ିଆ ପାଖରେ ବସି ପ୍ୟାରେଡ଼ ଦେଖି କ୍ଳାନ୍ତି ମେଣ୍ଟାଇଲୁ। ଏହାପର ଯାତ୍ରା ଆମର ଥିଲା ଟୁଇନ୍ ଟାୱାର ଆଡ଼େ। ଏହି ଟାୱାର ୮୮ ମହଲା ବିଶିଷ୍ଟ। ସତେଯେମିତି ଏହା ଆକାଶକୁ ଛୁଇଁଛି ସେମିତି ମନେ ହେଉଥାଏ। ଏହାର ଶୀର୍ଷ ଦେଶକୁ ଚାହିଁଲେ ଆଖି ପାଉ ନଥାଏ। ଏହାର ଭିତ୍ତିଭୂମିର

ମାଲିକ ଭାରତୀୟ ଆନନ୍ଦ କୃଷ୍ଣ। ଏହାର ଗୋଟିଏ ଟାୱାର ଜାପାନୀ କଣ୍ଟ୍ରାକ୍ଟର ଏବଂ ଅନ୍ୟ ଗୋଟିଏ ଟାୱାର କୋରିଆନ୍ କଣ୍ଟ୍ରାକ୍ଟର ନିର୍ମାଣ କରିଛନ୍ତି। ଏହି ଦୁଇ କଣ୍ଟ୍ରାକ୍ଟରଙ୍କ ମଧ୍ୟରେ ପ୍ରତିଯୋଗିତା ଥିଲା। ଯିଏ ଆଗ ଟାୱାର ନିର୍ମାଣ ସାରିପାରିବ ସେ ଦୁଇ ଟାୱାରକୁ ସଂଯୋଗ କରିବାର ସୁଯୋଗ ପାଇବ। କୋରିଆନ କଣ୍ଟ୍ରାକ୍ଟର ପ୍ରଥମେ ଟାୱାର ନିର୍ମାଣ ଶେଷ କରିପାରିଥିଲେ। ତେଣୁ ସେ ହିଁ ଦୁଇ ଟାୱାରକୁ ସଂଯୋଗ କରିଥିଲେ। ଚତୁର୍ଥ ମହଲା ପର୍ଯ୍ୟନ୍ତ ବୁଲି ବୁଲି ଅନେକ ଜିନିଷ ଦେଖିଲୁ। ସପିଙ୍ଗ୍ ସେଣ୍ଟର ଠାରୁ ଆରମ୍ଭ କରି ପିଲାମାନଙ୍କର ବିଭିନ୍ନ ପ୍ରକାର ଖେଳ ପର୍ଯ୍ୟନ୍ତ ସେଠାରେ ଥିଲା। ମାଲୟେସିଆର ଗୋଟିଏ ସିଙ୍ଗଲ୍ ଟାୱାର ମଧ୍ୟ ଅଛି। ଏହା ପୃଥିବୀର ଉଚ୍ଚତମ ଟାୱାର।

ଯେତେଦେଶ ଆମେ ୟୁରୋପରେ ବୁଲିଥିଲୁ ସବୁଠି ଆମ ହୋଟେଲ ସହରଠାରୁ ଦୂରରେ ଥିଲା। ମାଲୟେସିଆରେ ଆମ ହୋଟେଲ ଥିଲା ସହରର ମଧ୍ୟ ଭାଗରେ। ଆମ ଟ୍ୟାକ୍ସି ଡ୍ରାଇଭରଟି ସାଉଥଇଣ୍ଡିଆନ ଥିଲା। ତେଣୁ ଗାଇଡ଼ ଭଳି ସେ ଆମକୁ ଇଂରାଜୀ ଓ ହିନ୍ଦୀରେ ସବୁ ସ୍ଥାନର ପ୍ରାଧାନ୍ୟ ବିଷୟରେ ବୁଝାଇ ଦେଉଥିଲା। ମାଲୟେସିଆ ସହରଟି ଗୋଟିଏ ଦିନରେ ବୁଲାଇ ଦେଖାଇସାରି ସେ ଆମକୁ ଛାଡ଼ିଲା ଷ୍ଟେସନରେ। ରାତି ସାଢ଼େ ଦଶଟାରେ ଟ୍ରେନ ଯୋଗେ ଆମେ ସିଙ୍ଗାପୁରକୁ ଫେରି ଆସିଲୁ। ବାଟରେ ପାସପୋର୍ଟ ଚେକିଂ ହେଲା। ସକାଳ ଛ'ଟାରେ ପହଞ୍ଚିଲୁ ସିଙ୍ଗାପୁର ଷ୍ଟେସନରେ। ସିଙ୍ଗାପୁରରେ ରହିବା ଆମର ସୁବିଧାଜନକ ଥିଲା। ଶୈଳେନ୍ଦ୍ର ଘରେ ଭାରତୀୟ ସକାଳ ଜଳଖିଆ ପରଟା ଓ ଭଜା ମିଳିଲା। ମୁସ୍ତାଫାର ନିଶା ଘାରିଥାଏ ସମସ୍ତଙ୍କୁ। ସମୟ ଅତିବାହିତ କରିବା ପାଇଁ ଏହି ସପିଙ୍ଗ୍ ସେଣ୍ଟରଟି ପ୍ରକୃଷ୍ଟ ସ୍ଥାନ। ଏହି ସପିଙ୍ଗ୍ ସେଣ୍ଟରରେ ପ୍ରତ୍ୟେକ ଜିନିଷର ମୂଲ୍ୟ ଯଥାଯଥ ବୋଲି ମନେ ହେଉଥାଏ। ସବୁ ଜିନିଷ କିଣିବାକୁ ଇଚ୍ଛା ହେଉଥିଲେ ମଧ୍ୟ ଏୟାରପୋର୍ଟର କଟକଟା ଓ ୨୦ କେ.ଜି.ରୁ ଅଧିକ ଆଣିବାର ଅସୁବିଧା ଥିବାରୁ ବେଶୀ କିଣିବା ସମ୍ଭବ ହେଲା ନାହିଁ। ସକାଳ ଓଲିଟି ଭଲରେ କଟିଲା। ଦିନ ୩ଟାରେ ଥାଏ ଆମ ଫ୍ଲାଇଟ୍। ଶୈଳେନ୍ଦ୍ର ତା' ଝିଅ ସହିତ ଆମକୁ ଏୟାରପୋର୍ଟ



ନିକଟରେ ତା' କାରରେ ଛାଡ଼ିଲା। ତା' ଘରେ ରହଣି ସମୟରେ ତା'ର ଓ ତା' ସ୍ତ୍ରୀର ଆତିଥ୍ୟ ଭୁଲିବାର ନୁହଁ।

ଦୀର୍ଘ ଦିନର ଭ୍ରମଣର ଏକ ପୂର୍ଣ୍ଣଚ୍ଛେଦ ଖୁବ୍ ଶୀଘ୍ର ପଡ଼ିବାର ଥାଏ। ମନଟା ଥମି ଯାଇଥାଏ। ବିଭିନ୍ନ ସ୍ଥାନ ଦେଖିବା ଓ ଉପଭୋଗ କରିବାର ନିଶା ଆମକୁ କ୍ଳାନ୍ତ କରି ନଥାଏ। ସକାଳ ୬ରେ ବିଛଣା ଛାଡ଼ିବା, ୭ଟାରେ ପ୍ରାତଃ ଭୋଜନ, ୮ଟାରେ ବସରେ ବସିବା (୬-୭-୮) ଏହି ନିୟମରେ ଆମେ ଅଭ୍ୟସ୍ତ ହୋଇ ଯାଇଥିଲୁ। ଏ ସବୁ ଦେଶ ଆମ ସ୍ମୃତିରେ ରହିଯିବ। ପୁଣି ସେ ସ୍ମୃତି ଜୀବନ୍ତ ହେବ କି ନାଁ କିଏ ଜାଣେ ? ଏମିତି ସବୁ ଭାବନା ଥାଏ ମନରେ। ଅଳ୍ପ ସମୟ ଭିତରେ ପହଞ୍ଚିଗଲୁ ଏୟାରପୋର୍ଟରେ। ଏୟାରପୋର୍ଟକୁ ସଂଯୁକ୍ତ କରୁଥିବା ରାସ୍ତାର ଦୁଇପାର୍ଶ୍ୱରେ ଧାଡ଼ି ଧାଡ଼ି ଫୁଲଗଛ। ସତେ ଯେମିତି ସୁନ୍ଦରୀ ତରୁଣୀମାନେ ସୁସଜ୍ଜିତ ହୋଇ ଦୁଇ ପାର୍ଶ୍ୱରେ ଧାଡ଼ି ବାନ୍ଧି ଛିଡ଼ା ହୋଇ ଯାତ୍ରୀମାନଙ୍କୁ ଏୟାରପୋର୍ଟକୁ ସ୍ୱାଗତ କରୁଛନ୍ତି ବା ବିଦାୟ ସମ୍ବର୍ଦ୍ଧନା ଜଣାଉଛନ୍ତି।

ସିଙ୍ଗାପୁର ଛାଡ଼ିଲୁ ସନ୍ଧ୍ୟା ୭ଟା ୩୦ ମିନିଟ୍‌ରେ। ସିଙ୍ଗାପୁର ଏୟାରଲାଇନ୍ସର ଏରୋପ୍ଲେନ୍ ଆମକୁ ପୁଣି ଆମଦେଶକୁ ଉଡ଼ାଇ ନେବାପାଇଁ ସଜବାଜ ହୋଇ ଅପେକ୍ଷା କରି ରହିଥାଏ। ଭାରତୀୟ ସମୟ ରାତି ୯ଟାରେ ପହଞ୍ଚିଗଲୁ କଲିକତା ଏୟାରପୋର୍ଟରେ। ଆମକୁ ପ୍ରାୟ ୪ଘଣ୍ଟା ଲାଗିଥିଲା କଲିକତାରେ ପହଞ୍ଚିବାକୁ। କଲିକତା ପହଞ୍ଚିବା ପୂର୍ବରୁ ମନଟା ଡରୁଆ ହୋଇ ଯାଇଥିଲା। ବାର ହଜାର ଟଙ୍କା ମୂଲ୍ୟର ଜିନିଷ ବିନା ଟ୍ୟାକ୍ସରେ ଆଣିବାର ନିୟମ ଥାଏ। କଷ୍ଟମ ବାଲା ଚାହିଁଥାନ୍ତି ଯାତ୍ରୀଙ୍କୁ। କୋଟି କୋଟି ଟଙ୍କା ଯେଉଁଠି ହେର୍‌ଫେର୍ ହୋଇ ପାରୁଛି ଯାତ୍ରୀମାନେ ଅଧିକ ପାଞ୍ଚ ଶହ ବା ହଜାରେ ଟଙ୍କାର ଜିନିଷ ଆଣିଲେ ଟ୍ୟାକ୍ସ ନ ଦେଇ ଆସିପାରନ୍ତିନି ଏୟାରପୋର୍ଟରୁ।

ଏତେ ଦିନର ବିଚ୍ଛେଦ ପରେ ନିଜ ପିଲାମାନଙ୍କୁ ଦେଖିବା ପାଇଁ ମନ ଥାଏ ଖୁବ୍ ବ୍ୟସ୍ତ। ମୋ ପୁଅ ପୁପୁ, ବୋହୂ ପୂଜା ଓ ନାତି ସାର୍ଥକ ଅପେକ୍ଷା କରିଥିଲେ ଏୟାରପୋର୍ଟରେ। ଏଇତ ଜୀବନ – ଜୀବନଟା ଏହାହିଁ ଚାହେଁ। ମଣିଷ ଏଥିରେ

କେତେ ଯେ ଆନନ୍ଦ ପାଇଯାଏ ତା'ର ହିସାବ କରି ହେବନି। ଯୁଗ ଯୁଗ ପାଇଁ ବଞ୍ଚିବାର ଖୋରାକ ସେ ପାଇଯାଏ। ଆଖି ଖୋଜୁଥିଲା ପିଲାମାନଙ୍କୁ। ପୁଷ୍ପଗୁଚ୍ଛ ଦେଇ ସେମାନେ ସ୍ୱାଗତ କଲେ ଆମକୁ। ରାତିଟି କଟାଇଲୁ କଲିକତାରେ ପୁପୁ ଘରେ। ପ୍ରତ୍ୟେକ ମୁହୂର୍ତ୍ତର ସ୍ମୃତି ଥିଲା ସୁମଧୁର।

ପିଲାମାନଙ୍କୁ ଛାଡ଼ି ବାହାରିଲୁ କଟକ ଅଭିମୁଖେ ଦିନ ୨ଟାରେ କରମଣ୍ଡଳ ଟ୍ରେନରେ। କଟକରେ ପହଞ୍ଚିଲେ ଅନେକ କାମ ଅପେକ୍ଷା କରିଥିବେ ନିଶ୍ଚୟ। ପରୀ ରାଇଜସବୁ ରହିଗଲା ପଛରେ। ସଫା ସୁତରାର ପ୍ରତୀକ ଦେଶ ସବୁ ରହିଲେ କାହିଁ କେତେଦୂରେ। ସଫାତ ହୁଏ ସେ ଦେଶ ହେଲେ ଅପରିଷ୍କାର ନକରିବା ସେମାନଙ୍କର ସଂସ୍କୃତି। ମଣିଷ ଗହଣରେ ରହିଲେ ବ୍ୟାଘ୍ର ବି ଭୁଲିଯାଏ ତା'ର ହିଂସ୍ର ପଣିଆ। ସେମିତି ଆମେ ମଧ୍ୟ ସେଠାରେ ସେମାନଙ୍କ ସଂସ୍କୃତି ସହିତ ମିଶିଯାଇ ଅପରିଷ୍କାର ନକରିବା ପାଇଁ ସାବଧାନ ଥିଲୁ। ହାଓଡ଼ାର ପୁରୁଣା ଷ୍ଟେସନ – ସତେ ଯେମିତି ଅପରିଷ୍କାରର ଗନ୍ତାଘର। ସ୍ୱର୍ଗରୁ ଆସି ମର୍ତ୍ତ୍ୟରେ ପହଞ୍ଚିଲାଭଳି ଲାଗିଲା। ସେହି ଅପରିଷ୍କାର ସହିତ ଜୀବନସାରା ସାମିଲ ହେବାକୁ ପଡ଼ିବ। ନିର୍ମଳ ମନ କିଛି କିଛି ପରିଷ୍କାର ବାତାବରଣ ତ ମିଳୁଛି ଜୀବନରେ। ଈଶ୍ୱର ଆମ ପାଇଁ ନିଷ୍କରୁଣ ନୁହଁନ୍ତି ଏମିତି କେତେ କ'ଣ ଭାବୁଥାଏ ମୁଁ।

୪୦ ଜଣିଆ ଯାତ୍ରା ଆମର ସରି ସରି ଚାଲି ଆସିଲା ଆମର ନିତି ଦିନିଆ ସହର ନିକଟକୁ। କଟକରେ ପହଞ୍ଚିଲୁ ରାତି ୯ଟା ୩୦ରେ। ଆମକୁ ଦେଖି ଛୋଟିଆ ନାତି ଶୁଭମ୍ ନାଚି ନାଚି ଠାକୁର ଘରକୁ ଦୌଡ଼ିଗଲା – ପୁଣି ଦୌଡ଼ି ଆସିଲା ମୋ ପାଖକୁ। କଥା କହିବା ଭଲ କରି ଶିଖିନଥାଏ। ପୋଷା କୁକୁର ବି ତା' ମାଲିକଙ୍କୁ ଦେଖିଲେ ନାଚି ନାଚି ସ୍ୱାଗତ କରେ। ତା' ଖୁସି ଜଣାଏ। ଶୁଭମ୍ ତ ମଣିଷ ପିଲା। ସେ ବାଦ ପଡ଼ିବ କେମିତି ଈଶ୍ୱରଙ୍କର ଏ ବରଦାନରୁ। ସେ ଆମକୁ ଦେଖି ନାଚି ନାଚି ଦୌଡ଼ିବା ଓ ତା' ଖୁସି ଜଣାଇବା ସ୍ୱାଭାବିକ। ମନ ମୋର ପୁରି ଉଠିଥିଲା ସେଦିନ। ସାନ ବୋହୁ ସିଲୁର ହାତ ରନ୍ଧା ଚିଙ୍ଗୁଡ଼ି ତରକାରି ବେଶ୍ ସ୍ୱାଦିଷ୍ଟ ହୋଇଥିଲା ସେଦିନ। ନିଜ ଘର, ନିଜ ଖଟ, ନିଜ ବିଛଣା, ନିଜ



ଘର ରନ୍ଧା ଇତ୍ୟାଦିର ଏକ ବିଚିତ୍ର ଆକର୍ଷଣରେ ମୁଁ ବିମୋହିତ ହୋଇ ଯାଉଥିଲି।

ଏହି ଆମୋଦ ଦାୟକ ଭ୍ରମଣର ଅନୁଭୂତି ଲେଖିବା ପାଇଁ ମୋର ଅନେକ ବନ୍ଧୁ ତଥା ମୋ ପରିବାରର ସଦସ୍ୟମାନେ ପ୍ରେରଣା ଦେଲେ। କାମର ଜାଲରେ ମୁଁ ଛନ୍ଦି ହୋଇ ଯାଇଛି ଆସିବା ଦିନରୁ। ଶାରୀରିକ ଅସୁସ୍ଥତା, ପାରିପାର୍ଶ୍ୱିକ ଅବସ୍ଥା ମୋ କଲମକୁ ଶିଥିଳ କରି ଦେଇଛି। କିନ୍ତୁ ମନ ମୋର ଶିଥିଳ ହୋଇନି, ଭ୍ରମଣ ସମୟରେ କେତେ ଖଟା ମିଠାର ସ୍ୱାଦ ଖୁନ୍ଦି ହୋଇଛି ମୋ ହୃଦୟ ପେଡ଼ିରେ। ବାରମ୍ବାର ସେ ପେଡ଼ି ମୁଁ ଖୋଲୁଛି, ସେହି ସ୍ୱାଦ ମୁଁ ଚାଖୁଛି। ଅନେକ ପାଉଛି ଓ ଜୀବନସାରା ପାଉଥିବି ଏତକ ଦୟାମୟ ଈଶ୍ୱର ମୋତେ କରୁଣା କରନ୍ତୁ, ଏହାହିଁ ମୋର ବିନମ୍ର ପ୍ରାର୍ଥନା।